# ଓଡ଼ିଶାର ଇତିହାସ ।

৺ ପ୍ୟାରୀମୋହନ ଆଚାର୍ଯ୍ୟ ।

Digitized by srujanika@gmail.com



ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟ ।

Digitized by srujanika@gmail.com

# ଓଡ଼ିଶାର ଇତିହାସ ।

୰ପ୍ୟାରୀମୋହନ ଆଚାର୍ଯ୍ୟଙ୍କ

ପ୍ରଣୀତ ।


ଶ୍ରୀ ବିଶ୍ୱନାଥ କରଙ୍କ ଦ୍ୱାରା

ପ୍ରକାଶିତ ।

ଦ୍ୱିତୀୟ ସଂସ୍କରଣ ।

**Printed by V. Kar,**
THE UTKAL SAHITYA PRESS
**CUTTACK**
**1925.**

ମୂଲ୍ୟ ୧ ଟଙ୍କା ମାତ୍ର ।


Digitized by srujanika@gmail.com

# ଉତ୍ସର୍ଗପତ୍ର ।

କବିବର ବାବୁ ଶ୍ରୀ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟଙ୍କୁ

ଭକ୍ତିର ଉପହାରସ୍ୱରୂପ

ଏହି କ୍ଷୁଦ୍ରଗ୍ରନ୍ଥ

ଗ୍ରନ୍ଥପ୍ରଣେତାଙ୍କଦ୍ୱାରା

ଅର୍ପିତ ହେଲା ।

Digitized by srujanika@gmail.com

# ଭୂମିକା ।

ସନ ୧୮୭୫ ମସିହାରେ ଓଡ଼ିଶା ସ୍କୁଲସମୂହର ଜଏଣ୍ଟ ଇନ୍‌ସ୍ପେକ୍‌ଟରେ ବିଜ୍ଞାପନ ଦେଇଥିଲେ ଯେ ଉତ୍କଳଭାଷାରେ ଖଣ୍ଡେ ଓଡ଼ିଶାର ଇତିହାସ ରଚିତ ହେଲେ ଏବଂ ତାହା ଓଡ଼ିଶା ବିଦ୍ୟାଳୟସମୂହର ଜଏଣ୍ଟ ଇନ୍‌ସ୍ପେକ୍‌ଟରଙ୍କ ଅଫିସରେ ଗ୍ରାହ୍ୟ ହେଲେ ରଚକଙ୍କୁ ଗବର୍ଣ୍ଣମେଣ୍ଟ ତିନିଶତ ଟଙ୍କା ପୁରସ୍କାର ଦେବେ । ଉକ୍ତ ବିଜ୍ଞାପନ ପାଠ କରି ଅମ୍ଭେ ଏହି ପୁସ୍ତକ ରଚନା କରି ଜଏଣ୍ଟ ଇନ୍‌ସ୍ପେକ୍‌ଟରଙ୍କ ହସ୍ତରେ ଅର୍ପଣ କଲୁଁ । ଅବଶେଷରେ ଉକ୍ତ ମସିହାର ପର ମସିହାରେ ଥରେ ଉତ୍ତମରୂପେ ସଂଶୋଧନ କରି ଏହାକୁ ମୁଦ୍ରିତ ଓ ପ୍ରକାଶିତ କରିବାର ଆଦେଶ ଅମ୍ଭେ ପ୍ରାପ୍ତ ହେଲୁଁ । ସେହି ସମୟରେ କମିଶନରୀ କଚେରୀର କାଗଜପତ୍ରମାନ ଅନୁସନ୍ଧାନ କରି ଆବଶ୍ୟକୀୟ ଐତିହାସିକ ସତ୍ୟ ସମସ୍ତ ସଂକଳନ କରିବା ସକାଶେ କମିଶନର ରେଭେନ୍‌ସା ସାହେବଙ୍କଠାରୁ ମଧ୍ୟ ଅମ୍ଭଙ୍କୁ ଆଦେଶ ମିଳିଲା । ତଦନୁସାରେ ଯଥାସାଧ୍ୟ ଥରେ ସଂଶୋଧନ କରିବା ଯୋଗୁଁ ଏବଂ ଶାରୀରିକ ଅସୁସ୍ଥତା ହେତୁ ମୁଦ୍ରାଙ୍କନ କାର୍ଯ୍ୟ ବିଳମ୍ବରେ ସାଧିତ ହୋଇଅଛି ।

ଏହି ପୁସ୍ତକର ପରିଶିଷ୍ଟରେ କେବଳ ଖଣ୍ଡଗିରି ପାର୍ଶ୍ୱବର୍ତ୍ତୀ ଉଦୟଗିରି ଏବଂ ଧଉଳଗିରିସ୍ଥ ଅଙ୍କନଦ୍ୱୟର ଯଥୋଚିତ ଅନୁବାଦ ଏବଂ ସ୍ୱାଧୀନ ହିନ୍ଦୁ ରାଜାଙ୍କର ଏକ ନିର୍ଘଣ୍ଟ ପ୍ରକାଶିତ ହେଲା । ଗଞ୍ଜାମ ଓ ସମ୍ବଲପୁର ଉତ୍କଳଦେଶର ଅନ୍ତର୍ଗତ ଅଟେ । ସେଠା ଲୋକଙ୍କର ଓଡ଼ିଆ ମାତୃଭାଷା ଓ ସର୍ବାଂଶରେ ସେମାନେ ଓଡ଼ିଆ । ଏହି ଦୁଇ ଜିଲ୍ଲା ବର୍ତ୍ତମାନର ଓଡ଼ିଶାରୁ ଇଂରାଜଙ୍କଦ୍ୱାରା ବିଚ୍ଛିନ୍ନ ହୋଇଅଛି । ସମ୍ବଲପୁର ଇଂରାଜଙ୍କ ଶାସନାଧୀନରେ ସୁଦ୍ଧା କିଛିକାଳ ଓଡ଼ିଶାର ଅଙ୍ଗୀଭୂତ ଥିଲା । ଅବଶେଷକୁ ସନ ୧୮୬୨ ମସିହାରେ ଓଡ଼ିଶାରୁ ଛିନ୍ନ ହୋଇ ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇଅଛି । ଏ ଦୁଇ ଜିଲ୍ଲାର ଭୂଗୋଳ ଓ ଇତିହାସ ପରିଶିଷ୍ଟରେ ଦେବାର ଇଚ୍ଛା ଥିଲା; ମାତ୍ର ପୁସ୍ତକର ଅବୟବ ବୃଦ୍ଧି ସୁତରାଂ ମୂଲ୍ୟ ବୃଦ୍ଧି ଭୟରେ ସେ ଇଚ୍ଛା ସାଧନରୁ ବିରତ ହେଲୁଁ । ଉକ୍ତ ଦୁଇ ଜିଲ୍ଲାର ସ୍କୁଲମାନଙ୍କରେ ଏ ପୁସ୍ତକ ବ୍ୟବହୃତ ହେବାର ଆଶା ପ୍ରାପ୍ତ ହେଲେ ବାରାନ୍ତରରେ ଅମ୍ଭର ଏ ବାସନା ପୂର୍ଣ୍ଣ କରି ପାରୁଁ ।

ଓଡ଼ିଶାରେ ଜଗନ୍ନାଥ ପ୍ରଭୃତିଙ୍କ ଯୋଗୁଁ ଜାତିବନ୍ଧନର ଶିଥିଳତା ଯେପରି ତୀର୍ଥସ୍ଥଳମାନଙ୍କରେ ଦେଖାଯାଏ, ସେହିପରି ତୀର୍ଥ ଛଡ଼ା ଅନ୍ୟାନ୍ୟ ହିନ୍ଦୁସମାଜ

Digitized by srujanika@gmail.com

ମଧ୍ୟରେ ଜାତି ଓ ବର୍ଣ୍ଣ ବିଚାରର ପରାକାଷ୍ଠା ଓଡ଼ିଶାରେ ଦୃଷ୍ଟ ହୁଏ । ଏଥିର ଇତିବୃତ୍ତ ଅବଶ୍ୟ ପ୍ରୀତିକର, ମାତ୍ର ଅତି ସଂକ୍ଷେପରେ ସେଥିର ବର୍ଣ୍ଣନା କଲେ ଏକ ବୃହତ୍ ଗ୍ରନ୍ଥ ହୋଇ ଉଠିବ । ଏଠା ବ୍ରାହ୍ମଣମାନେ ବହୁ ଶ୍ରେଣୀରେ ବିଭକ୍ତ । ପୂର୍ବକଥିତ ଦଶଶ୍ରେଣୀୟ ବ୍ରାହ୍ମଣ ଛଡ଼ା ଅଠଗ(ଗୁ)ଡ଼ିୟା ପ୍ରଭୃତି ଆହୁରି କେତେକ ଶ୍ରେଣୀୟ ବ୍ରାହ୍ମଣ ଓଡ଼ିଶାରେ ଅଛନ୍ତି । କରଣଙ୍କର ମଧ୍ୟ ଓଡ଼ିଶାରେ ଉପନିବେଶ କୌତୁକାବହ । ଏହି କରଣଙ୍କର ଆଦିମ ଅବସ୍ଥା, ଉତ୍ପତ୍ତିସ୍ଥାନ ପ୍ରଭୃତି ଅନୁସନ୍ଧାନ କରି ସ୍ଥିର କରିବା ସକାଶେ ଉତ୍କଳହିତୈଷୀ ମୃତ ବାବୁ ବିଚିତ୍ରାନନ୍ଦ ଦାସ କରଣକୁଣ୍ଡଳ ନାମକ ଏକ ପୁସ୍ତକ ରଚନା କରିଥିଲେ । ତାହା ମୁଦ୍ରିତ ହୋଇ ନାହିଁ । ସେଥିର ହସ୍ତଲିପି ଆମ୍ଭର ହସ୍ତଗତ ହୋଇଥିଲା । ବାବୁ ମହାଶୟ ବହୁ ଶ୍ରମ ଓ ଯତ୍ନ କରି ଅନେକ ପୁରାଣରୁ କରଣଶବ୍ଦବୋଧକ ଅନେକ ଶ୍ଳୋକମାନ ସଂଗ୍ରହିତ କରିଅଛନ୍ତି । ସାହିତ୍ୟ ଚର୍ଚ୍ଚା ବିଷୟରେ ଏପରି ଅଧ୍ୟବସାୟ ଓ ଯତ୍ନ ଏ ପ୍ରଦେଶରେ ଅତି ଅଳ୍ପ ଦେଖାଯାଏ; ମାତ୍ର ଦୁଃଖର ବିଷୟ ଯେ, ବାବୁ ମହାଶୟ ଐତିହାସିକସୂତ୍ର କ୍ରମେ କରଣଙ୍କର ଇତିବୃତ୍ତ ସଂଗ୍ରହ କରିବାକୁ ଚେଷ୍ଟା କରି ନାହାନ୍ତି । ବର୍ତ୍ତମାନ କରଣମାନଙ୍କ ବିଷୟରେ ଯେତେଦୂର ଜଣା ଯାଇଅଛି, ସେଥିରୁ ବୋଧ ହୁଏ ଯେ, ଯଯାତିକେଶରୀ ଏମାନଙ୍କ ଆଦିପୁରୁଷଙ୍କୁ ମଗଧ ଦେଶରୁ ଗୁପ୍ତବଂଶୀୟ ରାଜାଙ୍କୁ କହି ଆଣାଇଥିଲେ । ଉତ୍ତରଭାରତବର୍ଷର କାୟସ୍ଥମାନେ ଦ୍ୱାଦଶ ଶ୍ରେଣୀରେ ବିଭକ୍ତ, ସେଥି ମଧ୍ୟରୁ ଏକଶ୍ରେଣୀ କରଣରୂପେ ଅଭିହିତ । ଅଧୁନା ବେହାରର (ମଗଧ) କରଣଶ୍ରେଣୀୟ କାୟସ୍ଥଙ୍କ ପୂର୍ବପୁରୁଷେ ଏଠା କରଣଙ୍କର ଗୋଷ୍ଠୀର ମୂଳ । ପ୍ରବାଦ ପ୍ରଚଳିତ ଅଛି, ସାର୍ଦ୍ଧ ଦୁଇ ଘର କରଣ ଓଡ଼ିଶା କରଣଙ୍କର ମୂଳ ଅଟନ୍ତି । ଅବଶ୍ୟ ସେଥିର ଅର୍ଥ ଯେ ଅତି ଅଳ୍ପ ସଂଖ୍ୟକ କରଣ, ଏହା ନିଃସନ୍ଦେହ କଥା । ଯଯାତିଙ୍କି ଯେତେବେଳେ ଗୁପ୍ତବଂଶୀୟ ରାଜା ଏ ଓଡ଼ିଶାରେ ଶାସନକର୍ତ୍ତା କରିଗଲେ, ଓଡ଼ିଶାରେ ତେତେବେଳେ ଲେଖକଶ୍ରେଣୀର ଅଭାବ ଥିବା ସ୍ଥଳେ ସେ ମଗଧରୁ ଲେଖକସ୍ୱରୂପ କଣକେତେ କରଣକାୟସ୍ଥଙ୍କୁ ମଧ୍ୟ ଆଣାଇଥିବାର କୌଣସିରୂପେ ଅସମ୍ଭବ ନୁହେ । ଏ ସମସ୍ତ ଜାତିବିଚାର ଈଶ୍ୱରଙ୍କର କୃପା ହେଲେ, ପୁସ୍ତକାନ୍ତରେ ପ୍ରକାଶିତ କରିବାକୁ ଇଚ୍ଛା ରହିଲା । ସୁତରାଂ ଏମାନଙ୍କର ସଂକ୍ଷିପ୍ତ ଇତିବୃତ୍ତ ପରିଶିଷ୍ଟରେ ଦେବାକୁ ଇଚ୍ଛା ଥିଲେ ସୁଦ୍ଧା ଦେବାରୁ କ୍ଷାନ୍ତ ହେଲୁଁ ।

ପୁସ୍ତକର ଅନେକ ଅଂଶରେ ବିଷୟଗତ ଓ ଲିପିଗତ ଅଶୁଦ୍ଧିମାନ ଅବଶ୍ୟ ଅଛି । ଅଜ୍ଞାନତା ବିଷୟଗତ ଅଶୁଦ୍ଧିର ମୂଳ ଏବଂ ପୀଡ଼ିତାବସ୍ଥାରେ ଅଧିକାଂଶ ପ୍ରୁଫ ଦେଖା ହୋଇଥିବାରୁ ଅସାବଧାନତା ଲିପିଗତ ଅଶୁଦ୍ଧିର ହେତୁ ଅଟଇ ।

Digitized by srujanika@gmail.com

ପାଠକେ ଏ ସମସ୍ତ ଦୋଷ ଅନୁଗ୍ରହପୂର୍ବକ କ୍ଷମା କରିବେ ଏବଂ ଦୋଷମାନ ବିଶେଷତଃ ବିଷୟଗତ ଭ୍ରମମାନ ଆମ୍ଭଙ୍କୁ ଦେଖାଇ ଦେଲେ ଆମ୍ଭେ ଅତ୍ୟନ୍ତ ବାଧିତ ଓ କୃତଜ୍ଞ ହେବୁଁ । ପୁନଶ୍ଚ କେତେକ ବିଷୟଗତ ଭ୍ରମ ମଧ୍ୟ ପୁସ୍ତକର କେତେକ ଅଂଶମାନ ମୁଦ୍ରିତ ହେଲା ଉତ୍ତାରୁ ଆମ୍ଭେ ଜାଣି ପାରିଅଛୁଁ । ଉପେନ୍ଦ୍ର ଭଞ୍ଜ ଘୁମୁସରର ରାଜା ଥିଲେ ବୋଲି ଆମ୍ଭର ଚିରନ୍ତନ ବିଶ୍ୱାସ ଥିଲା, ସେହିପରି ମଧ୍ୟ ଲିପିବଦ୍ଧ ଓ ମୁଦ୍ରିତ ହୋଇଅଛି, ମାତ୍ର ଅଳ୍ପଦିନ ହେଲା ଅନୁସନ୍ଧାନଦ୍ୱାରା ଜାଣିଅଛୁଁ ଯେ ଉପେନ୍ଦ୍ର ଘୁମୁସରର ରାଜା କୃଷ୍ଣ ଭଞ୍ଜଙ୍କର ଭାଇ ଓ ଶ୍ରୀକର ଭଞ୍ଜଙ୍କର ଖୁଡ଼ୁତା ଥିଲେ । ବାରନ୍ତରେ ଏ ସମସ୍ତ ସଂଶୋଧନ କରି ଦେବୁଁ ।

ଏଠାରେ କୃତଜ୍ଞତା ସହିତ ସ୍ୱୀକାର କରିବାର ଉଚିତ ଯେ, ଏହି ପୁସ୍ତକଗତ ବିଷୟମାନ ସଂକଳନ କରିବା ବିଷୟରେ ଅନେକ ଗ୍ରନ୍ଥ ଓ କାଗଜ-ପତ୍ରର ସାହାଯ୍ୟ ନେଇଅଛୁଁ । ହଣ୍ଟର, ଷ୍ଟର୍ଲିଂ, ପଟନ, ଟଏନବୀ ଓ ମିତ୍ର ଲିଖିତ ଓଡ଼ିଶାର ବିବରଣାବଳୀ; ଲୋକସଂଖ୍ୟା ବିଜ୍ଞାପନୀ; ଏଲଫିନ୍‌ଷ୍ଟୋନ୍; ମାର୍ସମାନ୍, ବ୍ଲଗମାନ ପ୍ରଭୃତି ଲିଖିତ ଭାରତଇତିବୃତ୍ତ ଓ ମୁସଲମାନ ବିବରଣୀ; ଏସିଆଟିକ ସୋସାଇଟିର କେତେକ ବିଜ୍ଞାପନୀ; ମନୁ, ଚୈତନ୍ୟଚରିତାମୃତ, ଦାର୍ଢ୍ୟତାଭକ୍ତି ପ୍ରଭୃତି କତିପୟ ସଂସ୍କୃତ, ବଙ୍ଗଳା ଓ ଓଡ଼ିଆ ଗ୍ରନ୍ଥ; କମିଶନର୍ସ କଚେରୀସ୍ଥ କେତେକ ପୁରାତନ ଓ ଆଧୁନିକ କାଗଜପତ୍ର; ସେସବୁ ମଧ୍ୟରୁ ପ୍ରଧାନ । ସମସ୍ତ ନାମ କହିବାର ଏଠାରେ ନିଷ୍ପ୍ରୟୋଜନ । ପୁରାବୃତ୍ତବିଦ୍ ବାବୁ ରଙ୍ଗଲାଲ ବାନର୍ଜ୍ୟାଙ୍କ ସାହାଯ୍ୟରେ ତାମ୍ରପଟ୍ଟ ପ୍ରଭୃତିରୁ ଯେତେକ ଐତିହାସିକ ସତ୍ୟ ମିଳି ପାରେ ଓ ସମଗ୍ର ଓଡ଼ିଶାର ଇତିହାସ ବିଷୟରେ ଯେତେକ ବିବରଣ ପ୍ରାପ୍ତବ୍ୟ, ତାହା କୃତଜ୍ଞତା ସହିତ ଗ୍ରହଣ କରିଅଛୁଁ ।

ଇଂରାଜ ଶାସନ ସମ୍ବନ୍ଧରେ ଲିଖିତବ୍ୟ ବିଷୟ ଅନେକ ଅଛି । ସେ ସମସ୍ତ ଇଂରାଜଶାସନ ଅଧ୍ୟାୟରେ ସଙ୍କଳିତ ହୋଇ ନାହିଁ । କେବଳ ସଂକ୍ଷେପରେ ଓଡ଼ିଶା ବିଦ୍ୟାଳୟ ଛାତ୍ରଙ୍କର ଜାଣିବା ଭଳି ଗୋଟିକେତେ ପ୍ରଧାନ ପ୍ରଧାନ ବିଷୟର ବିବରଣ ବର୍ଣ୍ଣନା କରିଅଛୁଁ ।

କଟକ
୧୩-୮-୭୯

ଶ୍ରୀ ପ୍ୟାରୀମୋହନ ଆଚାର୍ଯ୍ୟ ।

Digitized by srujanika@gmail.com

# ଦ୍ୱିତୀୟ ସଂସ୍କରଣର ଭୂମିକା ।

ଠିକ୍ ୫୬ ବର୍ଷ ବା ପ୍ରାୟ ଅର୍ଦ୍ଧଶତାବ୍ଦୀ ପୂର୍ବେ ସ୍ୱର୍ଗୀୟ ପ୍ୟାରୀମୋହନ ଆଚାର୍ଯ୍ୟଙ୍କ ପ୍ରଣୀତ "ଓଡ଼ିଶାର ଇତିହାସ" ପୁସ୍ତକ ପ୍ରକାଶିତ ହୋଇଥିଲା । ତାହାର ଦୁଇ ବର୍ଷ ପରେ ପ୍ୟାରୀମୋହନ ଇହଧାମ ପରିତ୍ୟାଗ କଲେ । ଏହି ସୁଦୀର୍ଘକାଳ ମଧ୍ୟରେ ଉକ୍ତ ପୁସ୍ତକର ପୁନର୍ମୁଦ୍ରଣପାଇଁ କୌଣସି ଚେଷ୍ଟା ହୋଇ ନାହିଁ । ଅଥଚ ପୁସ୍ତକଖଣ୍ଡିର ଉପାଦେୟତା ଓ ପ୍ରୟୋଜନୀୟତା ବିଜ୍ଞବ୍ୟକ୍ତିମାନେ ଏକବାକ୍ୟରେ ସ୍ୱୀକାର କରିଥାନ୍ତି ଏବଂ କରିବେ । ପ୍ରାଚୀନ ଉତ୍କଳର ନାନା ଐତିହାସିକ ତଥ୍ୟ ସଂଗ୍ରହରେ ଏବଂ ଆଧୁନିକ ନାନା ଜ୍ଞାତବ୍ୟ ବିଷୟ ସମାବେଶରେ ସ୍ୱର୍ଗୀୟ ଲେଖକ ମହାଶୟ କି ସୂକ୍ଷ୍ମଦୃଷ୍ଟି, ବିଚାରଶକ୍ତି ଓ ଅଧ୍ୟବସାୟ ପ୍ରୟୋଗ କରିଅଛନ୍ତି, ତାହା ଥରେ ପୁସ୍ତକଖଣ୍ଡି ପାଠ କଲେ ସମସ୍ତେ ବୁଝି ପାରିବେ । ଏହି ସୁଦୀର୍ଘକାଳ ମଧ୍ୟରେ ଉତ୍କଳୀୟମାନଙ୍କ ମଧ୍ୟରେ ଶିକ୍ଷାର ବହୁଳ ବିସ୍ତାର ଓ ଉନ୍ନତି ଘଟିଅଛି ଏବଂ ବହୁ ବିଚକ୍ଷଣ ବ୍ୟକ୍ତି ସାହିତ୍ୟ-କ୍ଷେତ୍ରରେ ଦେଖା ଦେଇଅଛନ୍ତି, କିନ୍ତୁ ଐତିହାସିକ ତଥ୍ୟାନୁସନ୍ଧାନରେ ପ୍ୟାରୀମୋହନଙ୍କୁ ବଳିଯିବା କଥା ଦୂରେ ଥାଉ, ତାଙ୍କର ସମକକ୍ଷ କେହି ହୋଇଅଛନ୍ତି ବୋଲି ଆମ୍ଭମାନଙ୍କର ମନେ ହେଉ ନାହିଁ । ପୁଣି ସମୟ ପ୍ରତି ଦୃଷ୍ଟିପାତ କଲେ ଲେଖକଙ୍କ ଅଧ୍ୟବସାୟର ପରିମାଣ ଓ ମୂଲ୍ୟ ସହଜରେ ଉପଲବ୍ଧ ହେବ । ଆଜି ଯେତେ ଯେତେ ଐତିହାସିକ ଉପକରଣ ଆବିଷ୍କୃତ ହୋଇଅଛି ଏବଂ ଅନୁସନ୍ଧାନର ପଥ ଯେପରି ସୁଗମ ହୋଇଅଛି, ପ୍ୟାରୀମୋହନଙ୍କ ସମୟରେ ତାହା ନ ଥିଲା । ସେ ଅବସ୍ଥାରେ ପ୍ୟାରୀମୋହନଙ୍କ ଭଳି ସତ୍ୟନିଷ୍ଠ ଯୁବକଙ୍କୁ କେତେ ସାବଧାନତା ଅବଲମ୍ବନ କରିବାକୁ ହୋଇଥିବ ଏବଂ କି କଠୋର ପରିଶ୍ରମ କରିବାକୁ ପଡ଼ିଥିବ, ତାହା ସହଜରେ ଅନୁମେୟ; ପୁସ୍ତକର ପ୍ରତି ପୃଷ୍ଠାରେ ତାହାର ଉଜ୍ଜ୍ୱଳ ପ୍ରମାଣ ମଧ୍ୟ ରହିଅଛି ।

ବିଗତ ଅର୍ଦ୍ଧଶତାବ୍ଦୀ ମଧ୍ୟରେ ଓଡ଼ିଶାର ସୀମା, ଅବସ୍ଥା ଇତ୍ୟାଦିରେ ବହୁ ପରିବର୍ତ୍ତନ ଘଟିଅଛି ଏବଂ କେତେ କେତେ ନୂତନ ତଥ୍ୟ ମଧ୍ୟ ଆବିଷ୍କୃତ ହୋଇଅଛି । ପୁସ୍ତକରେ ପରିଶିଷ୍ଟ ଆକାରରେ ସେଗୁଡ଼ିକର ସଂକ୍ଷିପ୍ତ ବିବରଣ ଦେବାର ଏକାନ୍ତ ଇଚ୍ଛା ଥିଲେ ମଧ୍ୟ ନାନା କାରଣରୁ ଏହି ସଂସ୍କରଣରେ ତାହା ଦେବାକୁ ଅକ୍ଷମ ହୋଇଅଛୁଁ । ଆପାତତଃ ବିଲୁପ୍ତପ୍ରାୟ ଏହି ଅମୂଲ୍ୟ ପୁସ୍ତକଖଣ୍ଡି ସାଧାରଣ ପାଠକମାନଙ୍କ ନିକଟରେ ଉପସ୍ଥାପିତ କରି ଆମ୍ଭମାନଙ୍କୁ ସନ୍ତୁଷ୍ଟ ରହିବାକୁ ହେଲା ।

Digitized by srujanika@gmail.com

ପ୍ୟାରୀମୋହନ ଯେଉଁ ସମୟରେ ଏହି ଇତିହାସ ପୁସ୍ତକ ରଚନାରେ ପ୍ରବୃତ୍ତ ହୋଇଥିଲେ, ତାହା ଆଧୁନିକ ଓଡ଼ିଆ ଭାଷାର ଗଠନକାଳ ଏବଂ ଯେଉଁ କେତେ ଜଣ କୃତୀ ପୁରୁଷ ଏହି ଗଠନ କାର୍ଯ୍ୟରେ ମନ ପ୍ରାଣ ଢ଼ାଳି ଦେଇଥିଲେ, ସ୍ୱୟଂ ପ୍ୟାରୀମୋହନ ସେମାନଙ୍କ ମଧ୍ୟରେ ଅନ୍ୟତମ ଏବଂ ପ୍ରଧାନ ଉଦ୍ୟୋଗୀ । ସୁତରାଂ ଅତ୍ୟନ୍ତ ସାବଧାନ ହୋଇ ତାଙ୍କୁ ଏ କ୍ଷେତ୍ରରେ ଅଗ୍ରସର ହେବାକୁ ହୋଇଅଛି । ଆମ୍ଭେମାନେ ତାଙ୍କର ଭାଷାପ୍ରୟୋଗର କୌଶଳ ଦେଖି ମୁଗ୍ଧ ହୋଇଅଛୁଁ । ଆଧୁନିକ ଓଡ଼ିଆ ଭାଷା ଅପେକ୍ଷାକୃତ ମାର୍ଜିତ ଓ ପୁଷ୍ଟ ହୋଇଥିଲେହେଁ କେତେକ ପରିମାଣରେ ବିକୃତ ମଧ୍ୟ ହୋଇ ପଡ଼ିଅଛି—ତାହାର ସେହି ଆଦିମ ଅକୃତ୍ରିମ ମାଧୁର୍ଯ୍ୟଟିକିକ ଯେପରି ହଜିଯାଇ ବସିଅଛି । ପୁସ୍ତକଖଣ୍ଡି ଇତିହାସ ହେଲେ ମଧ୍ୟ ତାହାର ଗୋଟିଏ ସାହିତ୍ୟିକ ମୂଲ୍ୟ ରହିଅଛି ଏବଂ ତାହା ମଧ୍ୟ ଏକପ୍ରକାର ଇତିହାସର ଅଙ୍ଗ । ଅବଶ୍ୟ ସ୍ଥାନେ ସ୍ଥାନେ ଯେ ସାମାନ୍ୟ ସାମାନ୍ୟ ତ୍ରୁଟି ନାହିଁ, ତାହା ନୁହେଁ; ମାତ୍ର ସେଥିରେ ହସ୍ତକ୍ଷେପ କରିବା ଆମ୍ଭେମାନେ ଆଦୌ ସଙ୍ଗତ ମନେ କରୁ ନାହୁଁ ।

ପ୍ୟାରୀମୋହନଙ୍କ ଅପୂର୍ବ ଜୀବନ କଥା ବର୍ତ୍ତମାନ ସାଧାରଣରେ ଯାହା ପ୍ରକାଶିତ ହୋଇଅଛି, ତାହା ଅତି ସାମାନ୍ୟ । ସ୍ୱର୍ଗୀୟ ମୃତ୍ୟୁଞ୍ଜୟ ରଥ କାବ୍ୟତୀର୍ଥ ତାଙ୍କର "ବ୍ରହ୍ମର୍ଷି ମଧୁସୂଦନ" ପ୍ରବନ୍ଧରେ ଯେଉଁ ବିବରଣଟି ଦେଇଅଛନ୍ତି, ତାହାହିଁ ସର୍ବାପେକ୍ଷା ଉତ୍କୃଷ୍ଟ ଓ ସୁନ୍ଦର ବିବେଚିତ ହେବାରୁ ଯତ୍‌ସାମାନ୍ୟ ପରିବର୍ତ୍ତନ ସହ ଏଥିରେ ସନ୍ନିବିଷ୍ଟ ହେଲା ।

ପ୍ରାୟ ୩୦ ବର୍ଷ ପୂର୍ବେ ଆମ୍ଭେମାନେ ବହୁ କଷ୍ଟରେ ପ୍ୟାରୀମୋହନଙ୍କର ଖଣ୍ଡିଏ ଅତି ଅସ୍ପଷ୍ଟ ପ୍ରତିକୃତି (ଫଟୋ) ଉଦ୍ଧାର କରିଥିଲୁଁ । ପରେ ତହିଁରୁ ବ୍ଲକ୍ ପ୍ରସ୍ତୁତ କରାଇ "ଉତ୍କଳ ସାହିତ୍ୟ"ର ଗ୍ରାହକମାନଙ୍କୁ ତାଙ୍କର ପ୍ରତିକୃତି ଉପହାର ଦେଇଥିଲୁଁ । ତାହାର ତୈଳଚିତ୍ର ବର୍ତ୍ତମାନ ପ୍ୟାରୀମୋହନ ଏକାଡେମିରେ ପ୍ରତିଷ୍ଠିତ ହୋଇଅଛି । ପୁସ୍ତକରେ ସେହି ପ୍ରତିକୃତି ଖଣ୍ଡି ପ୍ରଦତ୍ତ ହେଲା ।

ନିଜ ଗୁଣରେ ଏବଂ ଉତ୍କଳର ସୁପୁତ୍ର ପ୍ୟାରୀମୋହନଙ୍କ ଗୌରବାନ୍ୱିତ ନାମରେ ପୁସ୍ତକ ଖଣ୍ଡି ସାଧାରଣରେ ଆଦୃତ ହେଲେ ସୁଖୀ ହେବୁଁ । ଇତି ।

କଟକ ।
୧୦।୧୨।୧୯୨୫ ।

ଶ୍ରୀ ବିଶ୍ୱନାଥ କର ।

Digitized by srujanika@gmail.com

# ସଂକ୍ଷିପ୍ତ ଜୀବନଚରିତ ।

କଟକଜିଲ୍ଲାର ସାଲେପୁର ଥାନା ଅନ୍ତର୍ଗତ କୁଅଁପାଳ ଗ୍ରାମ ନିକଟରେ ପଣ୍ଡୁଲଣ୍ଡା ନାମରେ ଗୋଟିଏ କ୍ଷୁଦ୍ର ଗ୍ରାମ ଅଛି । ଏହାର ପାଦଦେଶରେ କୃଶୋଦରୀ ଗମ୍ଭୀରା ଗୋବରୀ କୁଟିଳଗତିରେ ବହମାନା । ଏହି ଗୋବରୀ ନୀରପାନରେ ପ୍ୟାରୀମୋହନଙ୍କ ବାଲ୍ୟଶରୀର ପୁଷ୍ଟ । ପିତା ଭୁବନମୋହନ ଆଚାର୍ଯ୍ୟ କଟକ ଅଦାଲତର ଜଣେ ଓକିଲ ଥିଲେ । ୧୮୫୧ ଖ୍ରୀଷ୍ଟାବ୍ଦର ଶ୍ରାବଣ ମାସରେ ପ୍ୟାରୀମୋହନ ତାହାଙ୍କ ଗୃହରେ ଭୂମିଷ୍ଠ ହୋଇ ସୂତିକାଗୃହ ଉଜ୍ଜ୍ୱଳ କରିଥିଲେ । ତାହାଙ୍କ ପରେ ଭୁବନମୋହନ ଆଉ ଦୁଇଟି ପୁତ୍ରସନ୍ତାନ ଲାଭ କରିଥିଲେ । ମଧ୍ୟମ ଦ୍ୱାରିକାନାଥ ଆଚାର୍ଯ୍ୟ ମୋକ୍ତାର ଥିଲେ ଏବଂ କନିଷ୍ଠ ଚନ୍ଦ୍ରମୋହନ ଆଚାର୍ଯ୍ୟ ଡାକ୍ତର ଥିଲେ । ପ୍ୟାରୀମୋହନ ସର୍ବପ୍ରଥମେ ନିକଟବର୍ତ୍ତୀ କୁଅଁପାଳ ପାଠଶାଳାରେ ଶିକ୍ଷାରମ୍ଭ କଲେ । ସେ କାଳର ପାଠଶାଳା ଆଜିକାଲିର ଉଚ୍ଚପ୍ରାଥମିକ ବା ନିମ୍ନ-ପ୍ରାଥମିକ ପାଠଶାଳା ପରି ନ ଥିଲା । ସେତେବେଳେ ଏପ୍ରକାର ମାନର ପାଠଶାଳା କାହାର କଳ୍ପନାକୁ ସ୍ପର୍ଶ କରିଥିଲା କି ନାହିଁ, ସନ୍ଦେହ । ସେ ସମସ୍ତ ପାଠଶାଳାରେ ପଠିତବ୍ୟ ବିଷୟ ଓ ପାଠର ଇୟତ୍ତା ସମାନ ନ ଥିଲା । ଅନେକ ବିଦ୍ୟାଳୟରେ ବଙ୍ଗଳା ଶିକ୍ଷା ଦିଆ ହେଉଥିଲା । ଓଡ଼ିଆ ଶିକ୍ଷାପାଇଁ ତଦାନୀନ୍ତନ ସ୍କୁଲ ଡେପୁଟି ଇନ୍‌ସ୍ପେକ୍ଟର ପଣ୍ଡିତ କୈଳାଶଚନ୍ଦ୍ର ତର୍କାଳଙ୍କାର ( ଓକିଲ ଶ୍ରୀଯୁକ୍ତ ପ୍ରିୟନାଥ ଚଟ୍ଟୁର୍ଯ୍ୟାଙ୍କ ପିତା ) ବିଦ୍ୟାସାଗରଙ୍କ ବଙ୍ଗଳା ବର୍ଣ୍ଣପରିଚୟର ଯେଉଁ ଉତ୍କଳାନୁବାଦ କରିଥିଲେ, ସେହି ଖଣ୍ଡି ସମ୍ବଳ ଥିଲା । ସ୍ଥାନେ ସ୍ଥାନେ ପାଠଶାଳାରେ ଇଂରାଜୀଶିକ୍ଷାର ମଧ୍ୟ ବ୍ୟବସ୍ଥା ଥିଲା । ପ୍ୟାରୀମୋହନ ଏ ପ୍ରକାର ଗୋଟିଏ ପାଠଶାଳାରେ ବାଲ୍ୟଶିକ୍ଷା ସାଙ୍ଗ କରି ବାର ବର୍ଷ ବୟସରେ କଟକ ଆସିଲେ ଏବଂ ଉଚ୍ଚ ଇଂରାଜୀ ଶିକ୍ଷାର ଏକମାତ୍ର ବିଦ୍ୟାଳୟ କଟକ ଜିଲ୍ଲା ସ୍କୁଲରେ ଅଧ୍ୟୟନ କଲେ ।

ଏହି ଜିଲ୍ଲା ସ୍କୁଲରେ ପଢୁଥିବା ସମୟରେ ତାହାଙ୍କ ଜୀବନର ବିଶିଷ୍ଟ ଲକ୍ଷଣଗୁଡିକ ଛାତ୍ରସମାଜରେ ବାରି ହୋଇ ପଡୁଥିଲା । ପଠଦ୍ଦଶାରୁ ଦେଖା ଯାଇଅଛି, ସେ ବଡ଼ ଚିନ୍ତାଶୀଳ ଥିଲେ । କି ଶ୍ରେଣୀରେ, କି ବାହାରେ, ସର୍ବଦା ମଧ୍ୟେ ମଧ୍ୟେ ସେ ଗୋଟାଏ କଣ ଭାବୁଥାନ୍ତି । ତେଣୁ ସହାଧ୍ୟାୟୀମାନଙ୍କ ମଧ୍ୟରେ ଏହି ଧାରଣା ଜନ୍ମିଥିଲା ଯେ, ପ୍ୟାରୀମୋହନ ଅନ୍ୟମନସ୍କ ବା 'ଖିଆଲବାଗୀ' ।

Digitized by srujanika@gmail.com

ସେଥିପାଇଁ ସେ ଉତ୍ତମରୂପେ ପଢ଼ା ପ୍ରସ୍ତୁତ କରି ପାରୁ ନ ଥିଲେହେଁ ବେଳେ ବେଳେ ଯାହା କାନରେ ପଡ଼ୁଥିଲା, ତାହାରିଦ୍ୱାରା ତୀକ୍ଷ୍ଣ ମେଧାଶକ୍ତି ବଳରେ ପ୍ରତିଯୋଗିତାରୁ ପାର ପାଇ ଯାଉଥିଲେ । ସେହି ବାଲ୍ୟ ବୟସରେ ମଧ୍ୟ ସେ ଭାବୁକଜନୋଚିତ ବହିକୁ ସ୍କୁଲକୁ ଅଧିକ ଭଲ ପାଉଥିଲେ । ତେଣୁ ଅବକାଶ ସମୟରେ ଛାତ୍ରସାଧାରଣଙ୍କ ପରି ଖେଳକୁ ନ ଯାଇ ନିର୍ଜନରେ ପ୍ରିୟତମ ବନ୍ଧୁ ସହିତ ପୁସ୍ତକ ଘେନି ପଢ଼ି ବସୁଥିଲେ ଅଥବା କୌଣସି ବିଷୟରେ ତର୍କ ବିତର୍କ କରୁଥିଲେ । ଯାହାଙ୍କ ସହିତ ହୃଦୟ ମିଳେ, ତାଙ୍କ ବ୍ୟତୀତ ଅନ୍ୟ କୌଣସି ସହପାଠିମାନଙ୍କ ସଙ୍ଗେ ସେ କଦାପି ମିଶୁ ନ ଥିଲେ । ଛାତ୍ରଙ୍କଠାରୁ ଶିକ୍ଷକଙ୍କ ପର୍ଯ୍ୟନ୍ତ ସମସ୍ତେ ତାହାଙ୍କୁ ସତ୍ୟପ୍ରିୟ ଏବଂ ସ୍ପଷ୍ଟବକ୍ତା ବୋଲି ଜାଣିଥିଲେ । କେବେ ଅନୁରୋଧ ଉପରୋଧରେ ମଧ୍ୟ ସେ ବାଳକଙ୍କୁ ସତ୍ୟ ତ୍ୟାଗ କରିଥିବାର ଦେଖା ଯାଇ ନାହିଁ । ବେଳେ ବେଳେ ଏପରି ମଧ୍ୟ ଘଟିଅଛି ଯେ, ସେ ବରଂ କଠୋର ଦଣ୍ଡ ସ୍ୱୀକାର କରିଅଛନ୍ତି, କିନ୍ତୁ ଶିକ୍ଷକଙ୍କ ଭୟରେ ଶ୍ରେଣୀରେ ଅନ୍ୟ ଛାତ୍ରମାନେ ସତ୍ୟଗୋପନ ବା ମୌନାବଲମ୍ବନ କରିଥିବା ସ୍ଥଳରେ ସେ ସ୍ପଷ୍ଟ କଥା କହିବାକୁ ଛାଡ଼ି ନାହାନ୍ତି । ୧୮୬୯ ଖ୍ରୀଷ୍ଟାବ୍ଦରେ ବିଶ୍ୱବିଦ୍ୟାଳୟର ପ୍ରବେଶିକା ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇ ସେ କଲେଜରେ ଅର୍ଥାତ୍ ଏଠା କଟକ ହାଇ ସ୍କୁଲର ପ୍ରଥମବର୍ଷୀୟ ଶ୍ରେଣୀରେ ଅଧ୍ୟୟନ କଲେ । ଏହିଠାରେ ତାଙ୍କର ପୂର୍ବରୁ ଅଗତ ମଧୁସୂଦନଙ୍କ ସହିତ ପ୍ରଥମ ପରିଚୟ ହୋଇଥିଲା ଏବଂ ସେହି ପରିଚୟ କ୍ରମଶଃ ଗାଢ଼ତର ହୋଇ ପରେ ପରମାତ୍ମୀୟତା ଆକାର ଧାରଣ କଲା । ବ୍ରାହ୍ମଧର୍ମାବଲମ୍ବୀ ଅଧ୍ୟାପକ ହରନାଥ ଭଟ୍ଟାଚାର୍ଯ୍ୟଙ୍କୁ ଉପଦେଶକ ପାଇ ଉଭୟେ ବ୍ରାହ୍ମଧର୍ମ ପ୍ରତି ଏକାନ୍ତ ଅସ୍ଥାବାନ୍ ହୋଇଥିଲେ । କଲେଜର ଅବକାଶ ସମୟରେ ଏ ଉଭୟେ ଅନ୍ୟ ଛାତ୍ରମାନଙ୍କ ସହିତ ଇତସ୍ତତଃ ନ ହୋଇ କୌଣସି ନିଭୃତ ସ୍ଥାନରେ ବସି ନାନା ପ୍ରସଙ୍ଗରେ ବିଶେଷତଃ ଆଧ୍ୟାତ୍ମିକ ବିଷୟରେ ତର୍କ ବିତର୍କ କରୁଥିଲେ । ମଧ୍ୟେ ମଧ୍ୟେ ଅବସରକ୍ରମେ ସେହିଠାରେ ମଧ୍ୟ ପ୍ରବନ୍ଧ ଲେଖା ଅଥବା ଇଂରାଜୀ ଭାଷାର କୌଣସି ଉତ୍କୃଷ୍ଟ ରଚନାର ଅନୁବାଦ ହୋଇ ଯାଉଥିଲା । ଅନେକେ 'ଉତ୍କଳପୁତ୍ର' ନାମକ ସମ୍ବାଦପତ୍ରର ନାମ ଶୁଣିଥିବେ । ଝିବ୍ର କଲେବର ଶିଶୁ ଉତ୍କଳଦୀପିକାରେ ତେତେବେଳେ ସମସ୍ତ ବିଷୟ ପ୍ରକାଶିତ ହୋଇ ପାରୁ ନ ଥିବାରୁ ପ୍ୟାରୀମୋହନପ୍ରମୁଖ ଯୁବକମାନେ ଏହି ସମୟରେ ( ୧୮୭୧ ) ଅଜ ଖଣ୍ଡି ଏ ପତ୍ରିକାର ଅବଶ୍ୟକତା ଅନୁଭବ କରି ହେଡା ଯନ୍ତ୍ରଦ୍ୱାରା ଛାପାବସ୍ଥାରେ ପ୍ରକାଶ କରିବାକୁ ସାହସୀ ହୋଇଥିଲେ । ଏ ଦୁଇ ଯୁବକଙ୍କ ବ୍ୟତୀତ ଅନ୍ୟାନ୍ୟ ଉଦ୍‌ଯୋକ୍ତାମାନଙ୍କ ମଧ୍ୟରେ ପଣ୍ଡିତ ଗୋବିନ୍ଦ ରଥ ଜଣେ ପ୍ରଧାନ ଥିଲେ ।

Digitized by srujanika@gmail.com

ପ୍ୟାରୀମୋହନ ଏ ପତ୍ରର ସମ୍ପାଦକ ଓ ପ୍ରଧାନ ଉଦ୍‌ଯୋକ୍ତାରୂପେ କାର୍ଯ୍ୟ ସଞ୍ଚାଳନ କରିବାକୁ ଲାଗିଲେ । ଏହି ପତ୍ରିକାରେ ପ୍ରକାଶିତ ଗୋଟିଏ ପ୍ରବନ୍ଧ ଲାଗି ତାହାଙ୍କୁ କଲେଜ ତ୍ୟାଗ କରିବାକୁ ହୋଇଥିଲା । ଘଟଣାଟି ଏଠାରେ ସଂକ୍ଷେପତଃ ପ୍ରକାଶ କରି ପାଠକମାନଙ୍କର ଉତ୍କଣ୍ଠା ଦୂର କରିବୁଁ ।

୧୮୮୫ ଖ୍ରୀଷ୍ଟାବ୍ଦର ସ୍ଥାନୀୟ ଆତ୍ମଶାସନପ୍ରଣାଳୀ (Local Self Government) ପ୍ରବର୍ତ୍ତିତ ହେବା ପୂର୍ବେ ଏ ନଗରର ସ୍ୱାସ୍ଥ୍ୟସଂରକ୍ଷଣ ବା ପରିଷ୍କରଣାଦିର ଭାର ଜିଲ୍ଲାର ମାଜିଷ୍ଟ୍ରେଟଙ୍କ ହାତରେ ଥିଲା । ସେ କାଳର ଫେରି ଫଣ୍ଡରୁ ଅର୍ଥାତ୍ ଘାଟ ଆଦିରୁ ଉତ୍ପନ୍ନ ଆୟରୁ ଉକ୍ତ ବ୍ୟୟ ଚଳୁଥିଲା । ବର୍ଣ୍ଣିତ ସମୟର କଲେକ୍ଟର ଏରଭିଙ୍ଗ୍ ସାହେବଙ୍କ ତତ୍ତ୍ୱାବଧାନର ଅଭାବରେ ଏ ସହର ନିତାନ୍ତ ଅପରିଷ୍କାରମୟ ହୋଇ ପଡ଼ିବାରୁ ତାହାର ପ୍ରତୀକାର ଲାଗି 'ଉତ୍କଳପୁତ୍ର'ରେ ପ୍ୟାରୀମୋହନଙ୍କର 'ଦରଖାସ୍ତ ଯୁଝିୟାନ୍' ଅର୍ଥାତ୍ 'ଯୋଦ୍ଧାମାନଙ୍କର ଆବେଦନ' ଶୀର୍ଷକ ଗୋଟିଏ ପ୍ରବନ୍ଧ ବାହାରିଲା । ଏକେ ତ ଅପ୍ରିୟ ସତ୍ୟକଥା—ଦ୍ୱିତୀୟରେ ପୁଣି ଅତି ତେଜସ୍ୱିନୀ ଭାଷା । ଏହି ଦୁଇ ଟୀବ୍ରତାରେ ସାହେବ ପ୍ରଚଣ୍ଡ ହୋଇ ହାଇ ସ୍କୁଲର ତତ୍କାଳୀନ ହେଡ଼ମାଷ୍ଟର ଚଣ୍ଡୀ ବାବୁଙ୍କୁ ଏ ପ୍ରବନ୍ଧଲେଖକ ଛାତ୍ରଙ୍କ ସ୍କୁଲରୁ ବହିଷ୍କୃତ କରି ଦେବାକୁ ଆଦେଶ ଦେଲେ । ଚଣ୍ଡୀ ବାବୁ ଏପରି ଛାତ୍ରକୁ ବହିଷ୍କୃତ କରିବା ପୂର୍ବରୁ ରକ୍ଷାର ଉପାୟ ଲାଗି ପ୍ୟାରୀମୋହନଙ୍କୁ ସାହେବଙ୍କ ନିକଟରେ କ୍ଷମା ପ୍ରାର୍ଥନା କରିବାକୁ ଅନୁରୋଧ କଲେ; ମାତ୍ର ଏ ସ୍ୱାଧୀନଚେତା ସତ୍ୟପ୍ରିୟ ଯୁବକ ସେଥିରେ ସମ୍ମତ ନ ହୋଇ ସ୍ପଷ୍ଟ ଭାଷାରେ କହିଲେ, "ଯାହା ଲେଖା ହୋଇଅଛି, ସେଥିରେ କିଛି ଅଯଥାର୍ଥ ଅଛି କି ? ମୁଁ କଦାପି କ୍ଷମା ପ୍ରାର୍ଥନା କରି ପାରିବି ନାହିଁ ।" ଏହାର ଫଳରେ ତାହାଙ୍କୁ ଦ୍ୱିତୀୟ ବର୍ଷୀୟ ଶ୍ରେଣୀରୁ ବିଦାୟ ନେବାକୁ ହେଲା ।

ସରକାରୀ ସ୍କୁଲରୁ ବାହାରି ଆସି ତାହାଙ୍କ ମନରେ ଏହି ଭାବ ଦୃଢ଼ୀଭୂତ ହେବାକୁ ଲାଗିଲା ଯେ, ଆଉ ଗୋଟାଏ ସ୍କୁଲ ଏ ସହରରେ ହେଲେ ଏମାନଙ୍କର ଆଉ ଏତେ ପ୍ରଭାବ ବା ଯଥେଚ୍ଛାଚାର ରହିବ ନାହିଁ । ତହୁଁ ସେ ଗୋଟିଏ ନୂତନ ବିଦ୍ୟାଳୟ ସ୍ଥାପନ କରିବାର ସଂକଳ୍ପ ଅନ୍ତରଙ୍ଗ ବନ୍ଧୁଗଣଙ୍କ ନିକଟରେ ପ୍ରକାଶ କଲେ । ସେମାନେ ଏହି କପର୍ଦ୍ଦକଶୂନ୍ୟ ଯୁବକର "ବାମନର ଚନ୍ଦ୍ର-ଧାରଣବତ୍" ପ୍ରୟାସରେ ଯେ ଉପହାସ କରିବେ, ଏହା ସ୍ୱତଃସିଦ୍ଧ କଥା । କିନ୍ତୁ ପ୍ୟାରୀମୋହନ "Where there is a will there is a way" ମନ୍ତ୍ରରେ ଦୀକ୍ଷିତ ହୋଇ ସଂକଳ୍ପିତ କର୍ମ ଅନୁଷ୍ଠାନରେ ଅଗ୍ରସର ହେଲେ । ପଣ୍ଡିତ

Digitized by srujanika@gmail.com

ଗୋବିନ୍ଦ ରଥ ଏହି କାର୍ଯ୍ୟରେ ତାଙ୍କର ଜଣେ ପ୍ରଧାନ ସହଯୋଗୀ । ବକ୍ସିବଜାର-ନିବାସୀ କୃପାନିଧି ସାହୁ ନାମକ ଜଣେ ଧନୀ ମହାଜନଙ୍କର ତେତେବେଳେ ଗୋଟିଏ ପାଠଶାଳା ଥିଲା । ଏହି ପାଠଶାଳାକୁ ପ୍ରଶସ୍ତତର ଭିତ୍ତିରେ ସ୍ଥାପନ କରିବା ଆଶୟରେ ପ୍ୟାରୀମୋହନ ପଣ୍ଡିତ ଗୋବିନ୍ଦ ରଥଙ୍କୁ ନେଇ କାର୍ଯ୍ୟାରମ୍ଭ କଲେ । ତାହାଙ୍କ ଶିକ୍ଷାଦାନପ୍ରଣାଳୀରେ ଆକୃଷ୍ଟ ହୋଇ ଅଭିଭାବକମାନେ ସ୍ୱ ସ୍ୱ ସନ୍ତାନମାନଙ୍କୁ ସେହିଠାକୁ ପଠାଇଲେ । ଛାତ୍ରଦତ୍ତ ବେତନରେ ବିଦ୍ୟାଳୟର ବ୍ୟୟ କଥଞ୍ଚିତ୍ ଚଳିବାର ଆଶା ଦେଖାଗଲା । ପ୍ୟାରୀ ବାବୁ ବହୁକାଳ ଅଳ୍ପ ଶିକ୍ଷକ କର୍ମରେ ଆବଦ୍ଧ ରହି ପାରିଲେ ନାହିଁ । ଅର୍ଥାଗମର କୌଣସି ଉପାୟ ନ ଥିଲା—ପ୍ରଥମେ ସେ କମିଶନର ଅଫିସରେ ୨୫ ଟଙ୍କା ବେତନର ଗୋଟିଏ କିରାଣୀ କର୍ମ ଗ୍ରହଣ କରି ତାହା ବଳରେ ସ୍କୁଲର ସାହାଯ୍ୟ ବା ତତ୍ତ୍ୱାବଧାନ କରିବାକୁ ସାହସୀ ହୋଇଥିଲେ । ୧୮୭୫ ଅବ୍ଦରେ ଏହି ସ୍କୁଲଟି ଗୋଟିଏ ମଧ୍ୟ-ଇଂରାଜୀ ବିଦ୍ୟାଳୟରେ ପରିଣତ ହେଲା ଏବଂ କ୍ରମଶଃ ଉନ୍ନୀତ ହୋଇ ଚାରି ବର୍ଷ ପରେ ଅର୍ଥାତ୍ ୧୮୭୯ ଶେଷରେ ଏହା ହାଇ ସ୍କୁଲ ଶ୍ରେଣୀଭୁକ୍ତ ହେଲା । ଏହି ସମୟରେ ବଙ୍ଗ ଦେଶରୁ ବାବୁ ବିପିନଚନ୍ଦ୍ର ପାଲ ( ବର୍ତ୍ତମାନ ଭାରତରେ ଯାହାଙ୍କ ନାମ ସୁପରିଚିତ ) ଏ ସ୍କୁଲର ହେଡ୍ ମାଷ୍ଟର ପଦରେ ନିଯୁକ୍ତ ହୋଇ ଆସିଲେ । ତେତେବେଳେ ତାଙ୍କଠାରେ ଏଡ଼େ ସମ୍ଭାବନା ଥିଲା ବୋଲି କାହାରି ହୃଦୟକୁ ସ୍ପର୍ଶ କରି ନ ଥିଲା । ଆଉ ଦୁଇଜଣ ବଙ୍ଗୀୟ ଯୁବକ ଶ୍ରୀଯୁକ୍ତ ରାଜଚନ୍ଦ୍ର ଚୌଧୁରୀ ଓ ବ୍ରଜେନ୍ଦ୍ର ନାଥ ସେନ ବିପିନ ବାବୁଙ୍କର ସହକାରୀ ହୋଇ ଆସିଥିଲେ । ଏହିପରି ଯେଉଁ ସୁପୁରୁଷମାନେ ଏ ବିଦ୍ୟାଳୟରେ କିଛି ଦିନ ହାତ ଦେଇଅଛନ୍ତି, ସମସ୍ତେ ବର୍ତ୍ତମାନ ଅନ୍ୟତ୍ର ଥିଲେହେଁ ସେମାନଙ୍କର ଶକ୍ତି ଏ ବିଦ୍ୟାଳୟର ଅଭ୍ୟନ୍ତରୀଣ ଜୀବନରେ ପ୍ରଚ୍ଛନ୍ନଭାବରେ କାର୍ଯ୍ୟ କରୁଅଛି । ଦେଖୁଁ ଦେଖୁଁ ହାଇ ସ୍କୁଲ ହୋଇଗଲା । କିନ୍ତୁ ପରିଚାଳନର ବ୍ୟବସ୍ଥା କିଛି ହୋଇ ନାହିଁ । ପ୍ୟାରୀମୋହନ ମଧୁସୂଦନପ୍ରମୁଖ କେତେକ ବନ୍ଧୁଙ୍କ ସାହାଯ୍ୟରେ ସ୍କୁଲର କେତେକ ଉପକରଣ ସଂଗ୍ରହ କରି ଅବଶିଷ୍ଟ ଉପକରଣ ଏବଂ ଶିକ୍ଷକଗଣଙ୍କ ବେତନ ଲାଗି ଉପଯୁକ୍ତ ଅର୍ଥ ସଂଗ୍ରହ କରିବାରେ ବ୍ୟାକୁଳ ହୋଇ ପଡ଼ିଲେ । ଅନ୍ୟ ଉପାୟ ନ ଦେଖି ପ୍ୟାରୀମୋହନ କେତେକ ରାଜାଙ୍କର ଜିନସ ଯୋଗାଇବାର ଏଜେଣ୍ଟ ହୋଇ ସେହି କମିଶନଲବ୍ଧ ଅର୍ଥ ବିଦ୍ୟାଳୟକୁ ପ୍ରଦାନ କରୁଥିଲେ । ନିଜର ମାସିକ ଆୟ ୩୦ ଟଙ୍କା ମାତ୍ର । ତହିଁରୁ ଆପଣାର ଅପରିହାର୍ଯ୍ୟ ବ୍ୟୟ ବ୍ୟତୀତ ଆଉ ସମସ୍ତ ସେଥିପାଇଁ ପ୍ରଦତ୍ତ ହେଉଥିଲା । ହାତକୁ କିଛି ଅର୍ଥ ଆସିଲେ ତାହା ଗୋଟିଏ ବ୍ୟୟର ବାଣ୍ଟ ନ

ଧାର ରହି ପାରୁ ନ ଥିଲା । ଯେ ଯାହା ଚାହିଁଲେ ସେ ତତ୍‌କ୍ଷଣାତ୍ ତାକୁ ପକାଇ ଦେଉଥିଲେ । ନିଜର ପରିଚ୍ଛଦ ଅତି ଜୀର୍ଣ୍ଣ ଥିଲା, କିନ୍ତୁ ପରର ନୂତନ ପରିଚ୍ଛଦପାଇଁ ତାଙ୍କର ଅର୍ଥର ଅଭାବ—ନିଜର ଆର୍ଥିକ ଅବସ୍ଥା ଅତି ହୀନ, କିନ୍ତୁ ପରର ହୀନତା ଦୂର କରିବାପାଇଁ ତାଙ୍କର ଅର୍ଥ ଯାଚିତ । ଏହିପରି ସଜ୍ଜନଙ୍କ ହସ୍ତରେ ଅର୍ଥର ସଦ୍‌ଗତି ହୋଇଥାଏ । ପ୍ୟାରୀମୋହନଙ୍କ ମୁକ୍ତହସ୍ତତା ଦେଖି ତଦାନୀନ୍ତନ ସାଧାରଣଙ୍କର ଧାରଣା ହୋଇଥିଲା ଯେ, ସେ ବଡ଼ ପାଗ୍‌ଳା ଲୋକ । କିନ୍ତୁ ପାଗ୍‌ଳା ନ ହୋଇଥିଲେ ମାସିକ ୨୫-୩୦ ଟଙ୍କା ଆୟରେ ଏତେ ବଡ଼ ବ୍ୟୟସାଧ୍ୟ କାର୍ଯ୍ୟରେ ହାତ ଦେବାକୁ ସାହସୀ ହୋଇଥାନ୍ତେ କି ? ତାଙ୍କର ଜୀବନ ମଧ୍ୟରେ ଏହି ଆୟ ବଢ଼ି ବଢ଼ି ୫୦ ଟଙ୍କା ପର୍ଯ୍ୟନ୍ତ ଯାଇଥିଲା । ଉତ୍କଳର ସୁପରିଚିତ ଫକୀରମୋହନ ସେନାପତି ମହାଶୟ ସେତେବେଳେ ଡମପଡ଼ା ରାଜ୍ୟର ମ୍ୟାନେଜର ଥିଲେ । ରାଜସ୍ୱ ବୃଦ୍ଧି ଯୋଗେ ରାଜା ଓ ପ୍ରଜାମାନଙ୍କ ମଧ୍ୟରେ ବିରୋଧ ଜନ୍ମିବାରୁ ସେ ଉକ୍ତ କାର୍ଯ୍ୟ ପରିତ୍ୟାଗ କରନ୍ତେ, ସେ ସ୍ଥଳରେ ଡମପଡ଼ା ରାଜକୁମାରଙ୍କ ଗୃହଶିକ୍ଷକ ପ୍ୟାରୀମୋହନ ଏହି କର୍ମରେ ମାସିକ ଅର୍ଦ୍ଧଶତ ମୁଦ୍ରା ବେତନରେ ନିଯୁକ୍ତ ହେଲେ ଏବଂ ତାଙ୍କର ଏକାସ୍ଥା ଆତ୍ମମାନଙ୍କ ମଧ୍ୟ ସୁହୃଦ ରାଜକୁମାର ବ୍ରଜେନ୍ଦ୍ରକୁମାର ମାନସିଂହଙ୍କ ଶିକ୍ଷକପଦରେ ନିଯୁକ୍ତ ହୋଇଥିଲେ । ଡୋମପଡ଼ାର ତଦାନୀନ୍ତନ ରାଜା ରଘୁନାଥ ମାନସିଂହ ଜଣେ ଯଥାର୍ଥ ଗୁଣଗ୍ରାହୀ ପୁରୁଷ ଥିଲେ । ତେଣୁ ସେ ଉତ୍କଳର ଦୁଇଗୋଟି ସୁପୁତ୍ରଙ୍କୁ ବରଣ କରି ପୁଣ୍ୟ ରାଜଶ୍ରୀ ଅର୍ଜନ କରିଥିଲେ । ୧୮୮୦ରେ ପ୍ୟାରୀମୋହନଙ୍କ ଏକ ହସ୍ତରେ ମ୍ୟାନେଜରୀ ପଦ ଲାଭ, ଅନ୍ୟ ହସ୍ତରେ କଟକ ଏକାଡେମୀ (ହାଇ ସ୍କୁଲ) । ଗୋଟିକରେ ପ୍ରାଣ ଅନ୍ୟଟିରେ ଅର୍ପଣ କରିବା ତାଙ୍କର ପ୍ରଧାନ କାର୍ଯ୍ୟ ହେଲା । ଡମପଡ଼ା ଏହି କଟକ ଏକାଡେମୀର ପ୍ରଥମ ପୃଷ୍ଠପୋଷକ ହୋଇଥିଲା । କିନ୍ତୁ ଅଧିକ କାଳ ନୁହେ—କେବଳ ପ୍ରଥମ ବର୍ଷରେ ଗୋଟିଏ ଛାତ୍ର ଏ ବିଦ୍ୟାଳୟରୁ ଉତ୍ତୀର୍ଣ୍ଣ ହୋଇଥିବା ସମ୍ବାଦରେ ପ୍ୟାରୀମୋହନ କୃତାର୍ଥଂମନ୍ୟ ହୋଇଥିଲେ ।

ଏଥିପୂର୍ବେ କୁହା ଯାଇଅଛି ଯେ, ପ୍ୟାରୀମୋହନ ବଡ଼ ସ୍ୱାଧୀନଚେତା ଥିଲେ । ତାହାଙ୍କର ଏହି ନିର୍ଭୀକ ସ୍ୱଭାବ ଓ ତେଜସ୍ୱିତା ଦେଖି ଅନେକ ପଦସ୍ଥ କର୍ମଚାରୀ ଅନ୍ତଃକରଣରେ ବଡ଼ ଭୟ ପୋଷିଥିଲେ । ତାଙ୍କର କୌଣସି ବନ୍ଧୁ ଯେବେ ପଦସ୍ଥ ହୋଇଥାନ୍ତି ପଛକେ ଅନୁରୋଧ ଉପରୋଧରେ କେବେ ତାଙ୍କୁ ସତ୍ୟ ପ୍ରତିଜ୍ଞାରୁ ବିଚଳିତ ହେବାର ଦେଖିଲେ ସେ ଅତ୍ୟନ୍ତ ଘୃଣା କରୁଥିଲେ । କୌଣସିଠାରେ କିଛି ଅତ୍ୟାଚାର ହେବାର ଦେଖିଲେ ତାହାର

Digitized by srujanika@gmail.com

ନବାରଣ ଲଗି ସେ ବଡ଼ ବ୍ୟାକୁଳ ହୋଇ ପଡ଼ୁଥିଲେ ଏବଂ ଅତ୍ୟାଚାରିତ ଲୋକଙ୍କୁ ଯଥାଶକ୍ତି ସାହାଯ୍ୟ କରି ଉତ୍ସାହିତ କରୁଥିଲେ । ଅନେକଙ୍କୁ ସ୍ମରଣ ସେ ସମୟରେ ବାଙ୍କୀ ତହସିଲଦାରଙ୍କ ଅତ୍ୟାଚାର ବିରୁଦ୍ଧରେ ପଣ୍ଡିତ ଗୋବିନ୍ଦ ରଥଙ୍କ ମକଦ୍ଦମାର ସମ୍ବାଦ ଜଣା ଥିବ । ଉତ୍କଳ ଦୀପିକାର ଅନେକ ସ୍ତମ୍ଭ ଏହି ସମ୍ବାଦରେ ପୂର୍ଣ୍ଣ ହୋଇଥିଲା । ସେତେବେଳେ ପ୍ୟାରୀମୋହନ ଏହି ଅତ୍ୟାଚାର ବିରୁଦ୍ଧରେ ଦଣ୍ଡାୟମାନ ହୋଇ ରଥଙ୍କ ପକ୍ଷ ସମର୍ଥନ କରି କପରି ଉତ୍ସାହିତ କରୁଥିଲେ, ତାହା ନିମ୍ନୋଦ୍ଧୃତ ପତ୍ର ଖଣ୍ଡିକରୁ ପାଠକମାନେ ଅନୁମାନ କରି ପାରିବେ ।

"ରଥେ, ଯେଉଁ କାର୍ଯ୍ୟରେ ପ୍ରବୃତ୍ତ ହୋଇଅଛ, ସେଥିରେ ସାବଧାନପୂର୍ବକ କାର୍ଯ୍ୟ କରିବ । ସାକ୍ଷିମାନେ ଯେମନ୍ତ ଯଥାର୍ଥ ବର୍ଣ୍ଣନା କରନ୍ତି, ସେଥିପ୍ରତି ଚେଷ୍ଟାର ତ୍ରୁଟି କରିବ ନାହିଁ । ସାକ୍ଷିମାନେ ସତ୍ୟ କହିବେ କି ନାହିଁ, ବଡ଼ ସନ୍ଦେହର ବିଷୟ । କମିଶନର ସାହେବ ଯେ କଟକଠାରୁ ସଦାର୍ଦ୍ଧେ ସ୍ଥାନାନ୍ତରିତ କରିବାକୁ ଅସ୍ୱୀକୃତ ହୋଇଅଛନ୍ତି, ଏହା ଶୁଣି ମୁଁ ଟିକିଏ ଶଙ୍କିତ ହୋଇଅଛି । ସାବଧାନ ! ସାବଧାନ ! 'ଯତୋଧର୍ମସ୍ତତୋଜୟଃ' ଏହି କଥା ସ୍ଥିର ଜାଣି ଯଥାସାଧ୍ୟ ଚେଷ୍ଟା କର । ଭଗବାନ୍ ଯାହା କରିବେ । ବଙ୍ଗୀୟ ଓ ଉତ୍କଳୀୟ ସମସ୍ତ ସମ୍ବାଦପତ୍ରମାନଙ୍କୁ ଏ ସମ୍ବାଦ ପଠାଅ । ମିରର ଓ କଲିକତାର States-man ଏହି ଦୁଇ ପତ୍ରକୁ ଟେଲିଗ୍ରାମଦ୍ୱାରା ସମ୍ବାଦ ଦିଅ ଯେ ବାଙ୍କୀ ଡେପୁଟୀ ମେଜେଷ୍ଟର ଏପରି ଅତ୍ୟାଚାର କରୁଥିବାର କେତେକ ବାଙ୍କୀବାସିମାନେ କମିଶନର ସାହେବଙ୍କଠାରେ ଦରଖାସ୍ତ କରିଅଛନ୍ତି । ଦରଖାସ୍ତକାରମାନେ ସ୍ଥାନାନ୍ତରିତ କରି ମକଦ୍ଦମା ବିଚାର କରିବାକୁ ପ୍ରାର୍ଥନା କରନ୍ତି, ମାତ୍ର କମିଶନର ତାହା ନ କରି ପୁଣି ତଲବ କରିଅଛନ୍ତି । ଇତ୍ୟାଦି । ଏହିପରି ମଧ୍ୟ ପ୍ରଭୃତିଙ୍କି ବିଚାର ଓ ସାବଧାନ ହୋଇ ତାର ଡାକରେ ଖବର ଦିଅ । ସନ୍ଧ୍ୟା ଉତ୍ତାରୁ ଖବର ଦେଲେ ଟଙ୍କାକେ ୩୬ କଥା ଯିବ । ସମସ୍ତ ସମ୍ବାଦ ଲେଖିବ ।

ତା ୨୦ । ୮ । ୧୮୮୦ — ତୁମ୍ଭର ପ୍ୟାରୀମୋହନ ।"

(ଏ ପତ୍ର ହୋମମଡ଼ାରୁ କଟକ ଏକାଡେମୀର ପଣ୍ଡିତ ରଥଙ୍କ ନାମରେ ଆସିଥିଲା ।)

କଟକରେ ଥିବା କାଳରେ ସେ ଅନେକ ସମୟରେ ଶିକ୍ଷା, ସମାଜସଂସ୍କାର ଓ ସତ୍ୟଧର୍ମାନୁରାଗ ସମ୍ବନ୍ଧରେ ବକ୍ତୃତାମାନ ଇଂରାଜୀ ଭାଷାରେ ପ୍ରଦାନ କରୁଥିଲେ । ରାଜନୈତିକ ବିଷୟର ଚର୍ଚ୍ଚା ସେତେବେଳେ ସାଧାରଣଙ୍କ କର୍ଣ୍ଣକୁ ଆସି ନ ଥିଲେହେଁ ସେ ଯେ ତାହାର ଜଣେ ମର୍ମଜ୍ଞ ଥିଲେ, ଏଥିର ପ୍ରମାଣ କେତେକ କାର୍ଯ୍ୟରୁ ଜଣାଯାଏ । ପରୋପକାର ବ୍ରତରେ ପ୍ୟାରୀମୋହନ ଯେ କେବଳ ସ୍ୱଳ୍ପ ଅର୍ଥର ସଦ୍‌ବ୍ୟୟ ବିଧାନ କରୁଥିଲେ ତାହା ନୁହେ, ଅନେକ

ସମୟରେ ଅର୍ଥ ଏବଂ ରୋଗାତୁର ଜନଙ୍କ ସେବାରେ ଶରୀରକୁ ନିଯୁକ୍ତ କରୁଥିଲେ । ଏଠାରେ ଗୋଟିଏ ଦୃଷ୍ଟାନ୍ତ ପ୍ରକାଶ କଲେ ଏ ବିଷୟରେ ଯଥେଷ୍ଟ ହେବ । ମୃତ୍ୟୁର କିଛିକାଳ ପୂର୍ବେ ପୁରୀରେ ବିସୂଚିକାର ପ୍ରାଦୁର୍ଭାବ ହେବାରୁ ଅନେକ ଜଗନ୍ନାଥଯାତ୍ରୀ ଧରଣୀଶାୟୀ ହେବାକୁ ଲାଗିଲେ । ପ୍ୟାରୀମୋହନ ଶୁଣି ପାରିଲେ ଯେ ଜଗନ୍ନାଥ ସଡ଼କରେ ଶତ ଶତ ଯାତ୍ରୀ ଅଚିକିତ୍ସିତ ଓ ଅସହାୟ ଅବସ୍ଥାରେ ପ୍ରାଣ ହରାଉଅଛନ୍ତି । ତାହା ଶୁଣି ସେ ଅପୂର୍ବ ସାହସରେ କିଛି ସାଗୁ ଏବଂ କେତେ ଔଷଧ ଶିଶି ଘେନି କଟକରୁ ଜଗନ୍ନାଥ ସଡ଼କରେ ପୁରୀ ଅଭିମୁଖରେ ବାହାରିଲେ । ଉଦ୍ଦେଶ୍ୟ ଏହି ଥିଲା ଯେ, ସଡ଼କର ଯେଉଁଠାରେ ବିସୂଚିକାଗ୍ରସ୍ତ ଲୋକ ଦେଖିବେ, ତାକୁ ଉପଯୁକ୍ତ ଔଷଧ ସେବନ କରାଇବେ ଏବଂ ତାହାର ଆତ୍ମୀୟାଦିଙ୍କୁ ସାଗୁରେ ପଥ୍ୟ ପ୍ରସ୍ତୁତ କରିବାକୁ ଉପଦେଶ ଦେବେ । କି ହୃଦୟ ! ମନୁଷ୍ୟ ହୃଦୟରେ ସ୍ୱର୍ଗ ପାତାଳ ପ୍ରଭେଦ ଏହିପରି କାର୍ଯ୍ୟରେ ଏକା ଜଣା ପଡ଼େ ।

ସ୍ୱଦେଶର ଭାଷା ଓ ସାହିତ୍ୟର ଉନ୍ନତିକଳ୍ପେ ପ୍ୟାରୀମୋହନ ବିଶେଷରେ ଯତ୍ନବାନ୍ ଥିଲେ । ପ୍ରାୟ ଚୃର ବର୍ଷକାଳ 'ଉତ୍କଳପୁତ୍ର' (ପାକ୍ଷିକ ପତ୍ର) ସମ୍ପାଦନ-ଦ୍ୱାରା ସେ ଏହି ଉଦ୍ଦେଶ୍ୟ କିୟତ୍‌ପରିମାଣରେ ସାଧନ କରିଥିଲେ । ଉତ୍କଳପୁତ୍ରର ଓଜସ୍ୱିନୀ ଲେଖା ସେତେବେଳେ ଅନେକଙ୍କୁ ଉତ୍ତେଜିତ ଏବଂ ଉତ୍ସାହିତ କରିଥିଲା । କିନ୍ତୁ ଗ୍ରାହକମାନଙ୍କର ଅଗ୍ରାହ ଅଭାବରେ ତାହା ଆଉ ଅଧିକ କାଳ ଚଳି ପାରିଲା ନାହିଁ । ଏହା ପରେ ଓଡ଼ିଶାର ଇତିହାସ ଲେଖା ତାହାଙ୍କର ଦ୍ୱିତୀୟ କାର୍ଯ୍ୟ । ଉତ୍କଳବନ୍ଧୁ ରେଭେନ୍ସା ସାହେବଙ୍କ ଅମଳରେ ୧୮୭୦ ରେ ଯେତେବେଳେ ଓଡ଼ିଆ ଭାଷାରେ ପାଠ୍ୟପୁସ୍ତକମାନ ରଚନା କରିବାପାଇଁ ସରକାରଙ୍କ ପକ୍ଷରୁ ପୁରସ୍କାର ଘୋଷିତ ହେଲା, ସେତେବେଳେ ଲେଖକମାନେ ଗୋଟିଏ ଗୋଟିଏ ବିଷୟ ଘେନି ପୁସ୍ତକ ପ୍ରଣୟନ କରିଥିଲେ । ପ୍ୟାରୀମୋହନ ଓଡ଼ିଶାର ଗୋଟିଏ ସର୍ବାଙ୍ଗସୁନ୍ଦର ଇତିହାସ ଲେଖିବାପାଇଁ କୃତପ୍ରତିଜ୍ଞ ହୋଇ ଅଧ୍ୟବସାୟସହକାରେ ତାହା ସମ୍ପାଦନ କଲେ ଏବଂ ତିନି ଶତ ଟଙ୍କା ପୁରସ୍କାର ପ୍ରାପ୍ତ ହୋଇଥିଲେ । ଐତିହାସିକ ଉପକରଣ ସଂଗ୍ରହ ଓ ସାହିତ୍ୟିକ ମର୍ଯ୍ୟାଦାର [illegible] ଏପ୍ରକାର ପୁସ୍ତକ ପର୍ଯ୍ୟନ୍ତ ଓଡ଼ିଆରେ ଆଉ ବାହାରି ନାହିଁ ବୋଲିବାକୁ ହେବ । କିନ୍ତୁ ଦୁଃଖର କଥା ଯେ, ଏ ପୁସ୍ତକର ପ୍ରଚଳନ ଅଳ୍ପ କାଳ ପରେ ବିଦ୍ୟାଳୟମାନଙ୍କରେ ସ୍ଥଗିତ ହୋଇଗଲା । ସ୍ୱର୍ଗୀୟ କାଳୀପଦ ବନ୍ଦ୍ୟୋପାଧ୍ୟାୟ ଏହି ଇତିହାସଲିଖିତ କେତେକ ପ୍ରସଙ୍ଗର ପ୍ରତିକୂଳରେ ଆପତ୍ତି ଉତ୍ଥାପନ କଲେ । ଉତ୍କଳହିତୈଷିଣୀ ପତ୍ରିକାରେ ଏହାର ଦୀର୍ଘ ପ୍ରତିବାଦମାନ ବାହାରିଲା ଏବଂ ତାହା ଏତେ ଦୀର୍ଘ ଓ ତୀବ୍ରତର ହେବାକୁ ଲାଗିଲା ଯେ, ତାହାର ଫଳରେ ଏ ପୁସ୍ତକ ଆଉ ବିଦ୍ୟାଳୟ ଛାତ୍ରମାନଙ୍କ [illegible] ଶୋଭା ପାଇ

Digitized by srujanika@gmail.com

ପାରେଲ ନାହିଁ । ସେ ଯାହାହେଉ ଏହା କେବଳ ଇତିହାସରୂପେ ନୁହେ, ସାହିତ୍ୟିକ ସାରବାନ୍ ପୁସ୍ତକରୂପେ ପାଠକସମାଜରେ ଆଦର ଲାଭ କରି ପାରିବ ।

ପ୍ୟାରୀମୋହନଙ୍କର ପାରିବାରିକ ଜୀବନ ସୁଖମୟ ନ ଥିଲା । କନିଷ୍ଠ ଭ୍ରାତାମାନେ ତାଙ୍କ ପରି ଚରିତ୍ରବାନ୍ ନ ଥିଲେ, ବରଂ ତାଙ୍କର ବିପରୀତଧର୍ମା ଥିଲେ । ତେଣୁ ସୌଭ୍ରାତ୍ରର ସୁଖ ଶାନ୍ତି ତାଙ୍କ ପକ୍ଷରେ ସ୍ୱପ୍ନ ଥିଲା । ତାହାଙ୍କ ହୃଦୟର ଭାବ ସହିତ ଯେ ପରିବାର ମଧ୍ୟରେ କାହାରି ମେଳ ଖାଉ ନ ଥିଲା, ଏହା ସହଜରେ ଅନୁମେୟ । ତହିଁ ଉପରେ ପୁଣି ଦ୍ୱିତୀୟ ଦୁଃଖ—ଯୌବନ ଅବସ୍ଥାରେ ସହଧର୍ମିଣୀଙ୍କର ବିୟୋଗ । ଦ୍ୱିତୀୟ ଦାର ଗ୍ରହଣ କରିବାକୁ ସେ ଆଉ ସମ୍ମତ ନ ଥିଲେ, ଅନ୍ତରଙ୍ଗ ବନ୍ଧୁଗଣଙ୍କ ଉପଦେଶ ଓ ପ୍ରବର୍ତ୍ତନାରେ ପୁଣି ବାଷିତପଡ଼ାର ଚକ୍ରବର୍ତ୍ତୀ ପରିବାରରୁ କନ୍ୟା ଗ୍ରହଣ କଲେ । ମୃତ୍ୟୁର କେତେକ ମାସ ପୂର୍ବରୁ ଏହି ପତ୍ନୀ ଗର୍ଭରୁ ଗୋଟିଏ ସନ୍ତାନ ଜନ୍ମିଥିବାରୁ ତାହାଙ୍କର ଏକ ପ୍ରକାର କୁଳରକ୍ଷା ହୋଇଅଛି । ନୋହିଲେ ସେ ଇନ୍ଦ୍ରଦ୍ୟୁମ୍ନଙ୍କ ପରି କୁଳରେ କେହି ନ ଥିଲେ ସୁଦ୍ଧା ଏକାଡେମୀରୂପ ବଡ଼ ଦେଉଳଦ୍ୱାରା ଶ୍ରାଦ୍ଧାଞ୍ଜଳି ପାଇ ଆସୁଥାନ୍ତେ ।

ଅନେକ ଦୃଷ୍ଟାନ୍ତରୁ ଦେଖାଯାଏ, ମହାତ୍ମାମାନେ ଗୌରବରେ ଅକସ୍ମାତ୍ ଦେହ ତ୍ୟାଗ କରନ୍ତି । ପ୍ୟାରୀମୋହନଙ୍କ ମୃତ୍ୟୁରେ ମଧ୍ୟ ତାହା ଦେଖାଯାଏ । ମୃତ୍ୟୁର କିଛିଦିନ ପୂର୍ବେ ସେ ଜମପଡ଼ାର ରାଜାଙ୍କ ସହିତ ପାରିଧିକୁ ଯାଇଥିଲେ । ଜଙ୍ଗଲ ମଧ୍ୟରେ ଗୋଟିଏ ଝରଜଳପୂର୍ଣ୍ଣ କୁଣ୍ଡ ଦେଖି ମହୋଲ୍ଲାସରେ ନିଷେଧ ସତ୍ତ୍ୱେ ସେଥିରେ ହଠାତ୍ ଅବଗାହନ କରି ପକାଇଲେ । ତହିଁ ଆରଦିନ ଅର୍ଥାତ୍ ୧୮୮୧ ଡିସେମ୍ବର ମାସ ୨୩ ତାରିଖ ଶନିବାର ଦିନ ସେ ଘୋର ଜ୍ୱରାକ୍ରାନ୍ତ ହେଲେ ଏବଂ ସେହିଦିନ କଟକରେ ଆସି ଉପସ୍ଥିତ ହେଲେ । ଜ୍ୱର କ୍ରମଶଃ ଉଗ୍ରମୂର୍ତ୍ତି ଧାରଣ କଲା, ଚିକିତ୍ସାରେ କୌଣସି ଫଳ ଦେଖାଗଲା ନାହିଁ । କଟକବାସାରେ ଉପସ୍ଥିତ ହେଲାକ୍ଷଣି ସମ୍ବାଦ ପାଇ ସର୍ବପ୍ରଥମେ ଏକାତ୍ମା ମଧୁସୂଦନ ଉପସ୍ଥିତ ହୋଇଥିଲେ । ତାଙ୍କୁ ଦେଖିଲାକ୍ଷଣି "ତୁମେ ଆସିଛ ?" କହି ମସ୍ତକରେ ହସ୍ତ ବୁଲାଇ ତତ୍‌କ୍ଷଣାତ୍ ଗମ୍ଭୀର ମୂର୍ତ୍ତି ଧାରଣ କଲେ ଏବଂ ମଝେ ମଝେ କେତୋଟି ଅଶ୍ରୁବିନ୍ଦୁ ତାଙ୍କ ଚକ୍ଷୁଦ୍ୱୟରେ ଦେଖା ଦେଲା । ମଧୁସୂଦନ ଅହର୍ନିଶ ସେହିଠାରେ ରହି ତାଙ୍କର ସେବା ଶୁଶ୍ରୂଷା କରିବାକୁ ଲାଗିଲେ । କିନ୍ତୁ ଯାହାଙ୍କର ଚିକିତ୍ସା ପ୍ରତି ନିତାନ୍ତ ଅନାସ୍ଥା ଏବଂ ଔଷଧ ପ୍ରତି ନିଷେଧ, ତାଙ୍କ ଦେହରେ ଏସବୁ ଚିକିତ୍ସାଦ୍ୱାରା କି ଫଳ ହେବ ? ବୋଧ ହୁଏ, ସେ ପୁଣ୍ୟଧାମକୁ ଯିବାକୁ ପ୍ରସ୍ତୁତ ହେଉଥିବାରୁ ଆଉ ଇହଧାମରେ ଆବଦ୍ଧ ହୋଇ ରହିବାକୁ ଇଚ୍ଛା କରୁ ନ ଥିଲେ । ମୃତ୍ୟୁର ପୂର୍ବମୁହୂର୍ତ୍ତ ପର୍ଯ୍ୟନ୍ତ ପ୍ୟାରୀମୋହନ ସମସ୍ତ ବନ୍ଧୁଙ୍କ ସହିତ କଥାବାର୍ତ୍ତା କରୁଥିଲେ, ମଝେ ମଝେ କାହାର ମସ୍ତକରେ ହସ୍ତ ଅର୍ପଣ—କାହାର ବା ମୁଖ ସ୍ପର୍ଶ କରି ଅଞ୍ଜଳି ପ୍ରାୟ

Digitized by srujanika@gmail.com

ଆପଣା ହସ୍ତରେ ଧରି କାଞ୍ଚନ ନୀରବ ଅବସ୍ଥାନ —ତାହାକୁ ଧରି ତା ଊର୍ଦ୍ଧ୍ୱ ମୁଖରେ ପ୍ରାର୍ଥନା—ବନ୍ଧୁମାନଙ୍କ ହୃଦୟକୁ ଅଧିକ ବିଚଳିତ କରି ଦେଉଥିଲା । ମୃତ୍ୟୁର ଅବ୍ୟବହିତ ପୂର୍ବ କ୍ଷଣରେ ତାଙ୍କ ମୁଖରେ ଅପୂର୍ବ ଜ୍ୟୋତି ଦେଖାଗଲା ଏବଂ ତତ୍ସହ ସେ ବୈଦ୍ୟୁତିକ ଆଲୋକ ପରି ହଠାତ୍ ଚତୁର୍ଦ୍ଦିଗ ଅନ୍ଧକାର କରି ଚାଲିଗଲେ । ଡିସେମ୍ବର ୨୮ ତାରିଖ ଗୁରୁବାର ପୂର୍ବାହ୍ନ ୯ ଘଣ୍ଟା ସମୟରେ ୩୦ ବର୍ଷ ବୟସରେ ପୁଣ୍ୟାତ୍ମା ପ୍ୟାରୀମୋହନ ତାଙ୍କର ଆରବ୍ଧ ଏବଂ ସଙ୍କଳିତ ବହୁ ଜନହିତକର କାର୍ଯ୍ୟ ଅସମାପ୍ତ ରଖି ଅମରଧାମକୁ ପ୍ରସ୍ଥାନ କଲେ ।

Digitized by srujanika@gmail.com

# ସୂଚିପତ୍ର ।


## ପ୍ରଥମ ଅଧ୍ୟାୟ ।

### ଓଡ଼ିଶାର ଭୂଗୋଳ ।

ବିଷୟ — ପୃଷ୍ଠା

ସୀମା ଓ ଅବସ୍ଥାନ— ପରିମାଣ ଫଳ ଓ ଲୋକସଂଖ୍ୟା — ୧

ବିଭାଗ—ପ୍ରଧାନନଗର ଓ ଗ୍ରାମ — ୨

ନଦୀ ଓ ଜଳ — ୬

ହ୍ରଦ — ୧୦

ପର୍ବତ — ୧୧

ଅନ୍ତରୀପ — ୧୨

ବନ୍ଦର—ଉତ୍ପନ୍ନ ଦ୍ରବ୍ୟ — ୧୩

ଖଣିଜ ଦ୍ରବ୍ୟ – ଶିଳ୍ପଜାତ ଦ୍ରବ୍ୟ — ୧୪

ଭିନ୍ନ ଭିନ୍ନ ଜାତି, ଭାଷା ଓ ଧର୍ମ — ୧୫

ଜଳବାୟୁ — ୧୬

ଓଡ଼ିଶାର ଭୂତତ୍ତ୍ୱ — ୧୭

## ଦ୍ୱିତୀୟ ଅଧ୍ୟାୟ ।

### ଓଡ଼ିଶାର ଆଦିମ ଇତିହାସ ।

ଆଦିମ ଅଧିବାସୀ — ୨୧

ଓଡ୍ର — ୧୯

ଏ ଦେଶର ନାମ — ୨୨

ଆର୍ଯ୍ୟ ଆଗମନ — ୨୩

ମାଦଳାପାଞ୍ଜି ଓ ଓଡ଼ିଶାର ଔପନ୍ୟାସିକ ରାଜଗଣ — ୨୪

ଓଡ଼ିଶାର ଧର୍ମ ସଙ୍ଗେ ଇତିହାସର ସମ୍ବନ୍ଧ—ବୌଦ୍ଧଧର୍ମ — ୨୫

ବିଷୟ — ପୃଷ୍ଠା

ଐର ରାଜା — ୨୭

ଅଶୋକ ରାଜା — ୨୯

ଖଣ୍ଡଗିରି ଓ ଉଦୟଗିରି — ୩୨

ନୀଳଗିରି ଓ ଧଉଳଗିରି — ୩୫

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ପ୍ରଥମ ଶତାବ୍ଦୀ — ୩୬

ଯାବା ଉପନିବେଶ — ୩୭

ବୌଦ୍ଧଙ୍କ ସମୟର ପ୍ରସ୍ତରଶିଳ୍ପ — ୩୮

ଯବନ — ୪୦

ପୂର୍ବକାଳୀନ ଓଡ଼ିଶା ରାଜାଙ୍କର ବଙ୍ଗଦେଶରେ ସାମୟିକ ଅଧିକାର — ୪୫

ଇନ୍ଦ୍ରଜୟଦେବ — ୪୬

ଗୁପ୍ତବଂଶୀୟ ରାଜଗଣ — ୪୭

ବୌଦ୍ଧଧର୍ମର ହ୍ରାସ — ୪୯

ଜଗନ୍ନାଥ — ୫୦

## ତୃତୀୟ ଅଧ୍ୟାୟ ।

### କେଶରୀବଂଶୀୟ ରାଜଗଣ ।

ଯଯାତିକେଶରୀ — ୫୨

ଲଲାଟେନ୍ଦ୍ରକେଶରୀ — ୫୫

ଭୁବନେଶ୍ୱର — ୫୬

ଭୁବନେଶ୍ୱର ଶିବୋପାସନା—ଚୀନପର୍ଯ୍ୟଟକ — ୫୮

କେଶରୀବଂଶୀୟ ଶେଷ ଗୃହଶକଣ ରାଜା — ୫୯

କେଶରୀବଂଶ ଲୋପ - ଦେଶ ଶାସନ — ୬୦

ଲୋକଙ୍କର ଅବସ୍ଥା — ୬୨


Digitized by srujanika@gmail.com

| ବିଷୟ | ପୃଷ୍ଠା |
|---|---|


| | |
|---|---|
| ଶିଳ୍ପକାର୍ଯ୍ୟ | ୬୫ |
| ବାଣିଜ୍ୟ ଓ ପୋତଯାତ୍ରା | ୬୬ |
| ଶାରୀରିକ ଶକ୍ତି- ଅସ୍ତ୍ରର ବ୍ୟବହାର | ୬୮ |
| ଧର୍ମବିପ୍ଳବ | ୬୯ |


## ଚତୁର୍ଥ ଅଧ୍ୟାୟ ।

### ଗଙ୍ଗାବଂଶୀୟ ରାଜଗଣ ।


| | |
|---|---|
| ଗଙ୍ଗାବଂଶୀୟ ରାଜାଙ୍କର ଉତ୍ପତ୍ତି | ୬୯ |
| ଚୋରଗଙ୍ଗ ବା ଚୂଡ଼ଗଙ୍ଗଦେବ— | ୭୦ |
| ଗଙ୍ଗେଶ୍ୱରଦେବ—ଅନଙ୍ଗଭୀମଦେବ | ୭୧ |
| ରାଜେଶ୍ୱର ଦେବ | ୭୫ |
| ଲାଙ୍ଗୁଲା ନରସିଂହ ଦେବ | ୭୬ |
| କେଶରୀ ନରସିଂହ ଓ ଅନ୍ୟାନ୍ୟ ନରସିଂହ, ଭାନୁର ଓ ବାସୁଦେବ | |
| ଉପାଧିଧାରୀ ରାଜଗଣ | ୭୭ |
| କପିଳେନ୍ଦ୍ର ଦେବ | ୭୮ |
| ପୁରୁଷୋତ୍ତମ ଦେବ | ୮୦ |
| ପ୍ରତାପରୁଦ୍ର ଦେବ | ୮୩ |
| ଗଙ୍ଗାବଂଶୀୟ ଶାସନ ଲୋପ | ୮୭ |
| ଦେଶର ଅବସ୍ଥା | ୮୮ |
| ରାଜ୍ୟଶାସନ | ୮୯ |
| ସମାଜ ବନ୍ଧନ—ସାମନ୍ତ ରାଜା | ୯୦ |
| ଶିଳ୍ପକାର୍ଯ୍ୟ ଓ ସାଧାରଣ କାର୍ଯ୍ୟ | ୯୩ |
| ଦେଉଳ ଗଠନ—ଧର୍ମଆନ୍ଦୋଳନ | ୯୪ |
| ବଙ୍ଗାଳିଙ୍କର ଉପନିବେଶ ସ୍ଥାପନ | ୯୫ |
| ଉତ୍କଳଭାଷା, ଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା | ୯୬ |
| ବୈଦେଶିକ ଶକ୍ତି ଓ ମୁସଲମାନ ଆକ୍ରମଣ | ୯୭ |
| ଆମୋଦ ପ୍ରମୋଦ—ଦୁର୍ଭିକ୍ଷ | ୯୮ |


| ବିଷୟ | ପୃଷ୍ଠା |
|---|---|

## ପଞ୍ଚମ ଅଧ୍ୟାୟ ।

### ଓଡ଼ିଶାର ସ୍ୱାଧୀନତା ଲୋପ ।


| | |
|---|---|
| ଗୋବିନ୍ଦବିଦ୍ୟାଧର ଓ ନାନାବିଧ ଗୋଲମାଲ ଏବଂ ରାଜ୍ୟ ପରିବର୍ତ୍ତନ | ୯୮ |
| ଓଡ଼ିଶାର ଶେଷ ସ୍ୱାଧୀନ ରାଜା ମୁକୁନ୍ଦ ଦେବ | ୯୯ |
| ଜଗନ୍ନାଥ ଦେବଙ୍କର ଦୁର୍ଦ୍ଦଶା | ୧୦୧ |
| ଓଡ଼ିଶାର ଅବସ୍ଥା | ୧୦୨ |


## ଷଷ୍ଠ ଅଧ୍ୟାୟ ।

### ମୁସଲମାନ ଶାସନ ।


| | |
|---|---|
| ମୁସଲମାନମାନଙ୍କ ଉତ୍ପତ୍ତି | ୧୦୩ |
| ମୁସଲମାନମାନଙ୍କର ଭାରତ ଆଗମନ | ୧୦୩ |
| ମୁସଲମାନମାନଙ୍କର ଓଡ଼ିଶା ସମ୍ପର୍କ | ୧୦୩ |
| ପଠାଣଙ୍କଦ୍ୱାରା ଓଡ଼ିଶା ଜୟ | ୧୦୬ |
| ଓଡ଼ିଶାରେ ମୋଗଲ ଅଧିକାର | ୧୦୭ |
| ଅଫଗାନ ଜାଏଗିରଦାରଙ୍କର ବିଦ୍ରୋହ | ୧୦୮ |
| ତୋଡରମଲଙ୍କର ବନ୍ଦୋବସ୍ତ | ୧୦୯ |
| ଭୋଇବଂଶୀୟ ରାଜଗଣ | ୧୧୦ |
| କୁତ୍‌ଲୁଖାଁଙ୍କ ନେତୃତ୍ୱରେ ଅଫଗାନ ବିଦ୍ରୋହ | ୧୧୧ |
| ରାଜା ମାନସିଂହ, ବିଦ୍ରୋହ ଓ ସମାନ | ୧୧୨ |
| ସମ୍ରାଟ୍ ଜାହାଙ୍ଗିର -- | ୧୧୩ |
| ଓଡ଼ିଶାର ପ୍ରଥମ ସ୍ୱତନ୍ତ୍ର ଶାସନକର୍ତ୍ତା ହାସିମ ଖାଁ ଓ ଅଫଗାନ ବିଦ୍ରୋହ | ୧୧୪ |
| ସାଜାହାନ | ୧୧୫ |


Digitized by srujanika@gmail.com

| ବିଷୟ | ପୃଷ୍ଠା |
|---|---|
| ବାଣିଜ୍ୟାର୍ଥ ଇଉରୋପୀୟଙ୍କର ଓଡ଼ିଶା କୁ ଆଗମନ | ୧୧୫ |
| ଜାଫରଖାଁ ନାସିର | ୧୧୬ |
| ସମ୍ରାଟ୍ ଅରଙ୍ଗଜେବ—ବାଲେଶ୍ୱର ନଗର ଲୁଣ୍ଠନ—ପୁଣି ଅଫଗାନ ବିଦ୍ରୋହ | ୧୧୬ |
| ସୁଜାଉଦ୍ଦୀନ | ୧୧୭ |
| ମହମ୍ମଦ ତକି | ୧୧୭ |
| ମୁର୍ସିଦ କୁଲିଖାଁ—ଅଲିବର୍ଦ୍ଦିଖାଁ | ୧୧୮ |
| ମହାରାଷ୍ଟ୍ରା ଆକ୍ରମଣ ଓ ମହାରାଷ୍ଟ୍ରାଙ୍କର ଓଡ଼ିଶା ଲାଭ | ୧୧୯ |
| ଦେଶର ଅବସ୍ଥା | ୧୨୦ |
| ବାଣିଜ୍ୟ—ଅଫଗାନ ଉପନିବେଶ | ୧୨୧ |
| ବଙ୍ଗାଳୀ ଓ ଅନ୍ୟାନ୍ୟ ଜାତିଙ୍କର ଉପନିବେଶ | ୧୨୨ |
| ସାଧାରଣ କାର୍ଯ୍ୟ | ୧୨୨ |
| ଉତ୍କଳଭାଷା, ଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା | ୧୨୩ |
| କୃଷି ବିଧାନ | ୧୨୪ |

—o—

ସପ୍ତମ ଅଧ୍ୟାୟ ।

ମହାରାଷ୍ଟ୍ରା ଶାସନ ।

| | |
|---|---|
| ମହାରାଷ୍ଟ୍ରୀୟ ଭୋଁସଲାବଂଶର ଅଭ୍ୟୁଦୟ | ୧୨୪ |
| ଶିବଭଟ୍ଟ ସାନ୍ତ୍ରା | ୧୨୫ |
| ଚିମନା ସାହୁ ଓ ସଦାପୁର ଗୋସ୍ୱାମୀ—ରାମଜୀ ଗଣେଶ | ୧୨୬ |
| ବାବାଜୀ ଓ ମାଧୋଜୀ ହର—ରଜାରାମ | ୧୨୭ |
| ମହାରାଷ୍ଟ୍ରା କ୍ଷମତା ଓ ଇଂରାଜଙ୍କର ଓଡ଼ିଶା ଲାଭ | ୧୨୮ |
| ମହାରାଷ୍ଟ୍ରା ଅତ୍ୟାଚାର—ରାଜସ୍ୱପ୍ରଣାଳୀ ଓ ଫଉଜଦାରୀ ଶାସନ | ୧୨୯ |
| ସାଧାରଣ କାର୍ଯ୍ୟ— ବାଣିଜ୍ୟ—ଉପନିବେଶ—ଉତ୍କଳଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା | ୧୩୧ |
| ଦେଶର ଦୁରବସ୍ଥା ଓ ଦୁର୍ଭିକ୍ଷ | ୧୩୨ |

—o—

ଅଷ୍ଟମ ଅଧ୍ୟାୟ ।

ଇଂରାଜ ଶାସନ ।

| | |
|---|---|
| ଇଂରାଜଙ୍କ ଦ୍ୱାରା ଓଡ଼ିଶା ଅଧିକାର | ୧୩୩ |
| ଖୋର୍ଦ୍ଧା ରାଜବିଦ୍ରୋହ | ୧୩୫ |
| ଦେଶ ଶାସନ | ୧୩୬ |
| ଓଡ଼ିଶା ବନ୍ଦୋବସ୍ତ | ୧୩୮ |
| ଜଗବନ୍ଧୁ ବିଦ୍ୟାଧରଙ୍କର ଖୋର୍ଦ୍ଧା ବିଦ୍ରୋହ | ୧୪୦ |
| ଅନାଦାୟ ଓଡ଼ିଶା ରାଜସ୍ୱ | ୧୪୪ |
| ଗବର୍ଣ୍ଣର ଜେନେରଲ | ୧୪୪ |
| ଓଡ଼ିଶାରେ କମିଶନରୀ ପଦର ସୃଷ୍ଟି ଓ ଶାସନର କେତେକ ପରିବର୍ତ୍ତନ | ୧୪୫ |
| ଓଡ଼ିଶା ଜରିପ ଓ ବନ୍ଦୋବସ୍ତ | ୧୪୫ |
| ଓଡ଼ିଆ ଭୂମ୍ୟଧିକାରୀଙ୍କର ସଂଖ୍ୟାହ୍ରାସ | ୧୪୫ |
| ଓଡ଼ିଶାକୁ ଖ୍ରୀଷ୍ଟୀୟାନ ମିଶନରୀଙ୍କ ଆଗମନ | ୧୪୬ |
| ଗବର୍ଣ୍ଣର ଜେନେରଲ ଓ ଲେଫ୍ଟନେଣ୍ଟ ଗବର୍ଣ୍ଣର | ୧୪୬ |


Digitized by srujanika@gmail.com

| ବିଷୟ | ପୃଷ୍ଠା | ବିଷୟ | ପୃଷ୍ଠା |
|---|---|---|---|
| ପ୍ରଶ୍ନରାଜା—ଓଡ଼ିଶା ଶାସନର | | ଉତ୍କଳଭାଷା ଓ ସାମୟିକ ପତ୍ର | ୧୫୨ |
| ନୂତନ ପ୍ରକାର ବନ୍ଦୋବସ୍ତ | ୧୪୮ | ବାଣିଜ୍ୟ | ୧୫୩ |
| ଦେଶର ଅବସ୍ଥା | ୧୫୧ | ସାଧାରଣ କାର୍ଯ୍ୟ | ୧୫୪ |
| ବିଦ୍ୟାଶିକ୍ଷା ଓ ଜ୍ଞାନଚର୍ଚ୍ଚା | ୧୫୨ | ଦୁର୍ଭିକ୍ଷ—ଉପସଂହାର | ୧୫୫ |


ପରିଶିଷ୍ଟ ।


| ବିଷୟ | ପୃଷ୍ଠା |
|---|---|
| ଖଣ୍ଡଗିରିର ଅନ୍ତର୍ଗତ ଉଦୟଗିରିସ୍ଥ ହାତୀଗୁମ୍ଫା ଗହ୍ୱରରେ ଖୋଦିତ ହୋଇଥିବା ଲିପିର ଅନୁବାଦ | ୧—୨ |
| ଧଉଳପର୍ବତସ୍ଥ ଅଶୋକଙ୍କର ଏକାଦଶ ଆଦେଶର ସାର ମର୍ମ | ୨—୩ |
| ଉତ୍କଳଦେଶୀୟ ସ୍ୱାଧୀନ ରାଜାଙ୍କ ନିର୍ଘଣ୍ଟ | ୩—୪ |


Digitized by srujanika@gmail.com

# ଓଡ଼ିଶାର ଇତିହାସ ।

## ପ୍ରଥମ ଅଧ୍ୟାୟ ।

### ଓଡ଼ିଶାର ଭୂଗୋଳ ।

ସୀମା ଓ ଅବସ୍ଥାନ—ଏକ ସମୟରେ ଓଡ଼ିଶାର ସୀମା ଉତ୍ତରରେ କାଁଶବାଁଶନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ସମୟାନ୍ତରରେ ଏହା ବର୍ଦ୍ଧିତ ହୋଇ ଉତ୍ତରରେ ହୁଗୁଳୀନଦୀ, ଦକ୍ଷିଣରେ ଗୋଦାବରୀନଦୀ ଓ କର୍ଣ୍ଣାଟଦେଶ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ କଲାହାଣ୍ଡିବସ୍ତର ମଧ୍ୟରେ ନିର୍ଦ୍ଦିଷ୍ଟ ହୋଇଥିଲା । ବର୍ତ୍ତମାନ ଉତ୍ତରରେ ମେଦନୀପୁରଜିଲ୍ଲା ଓ ଢ଼ାଲଭୂମ, ଦକ୍ଷିଣରେ ଗଞ୍ଜାମ, ଘୁମୁସର ଓ ଖିମିଡ଼ୀ, ପୂର୍ବରେ ବଙ୍ଗୋପସାଗର ଓ ପଶ୍ଚିମରେ ସମ୍ବଲପୁରର ଅନ୍ତର୍ଗତ ପାଟଣା, ସୁନପୁର, ରେଢ଼ାଖୋଲ, ବାମଡ଼ା, ବଣେଇ, ସାରଣ୍ଡା ଏବଂ ସିଂହଭୂମ ଓଡ଼ିଶାର ସୀମା ଗଣ୍ଡିତ କରୁଅଛି । ବଙ୍ଗଲା ଲେଫ୍ଟନାଣ୍ଟ ଗବର୍ଣ୍ଣରଙ୍କର ଅଧୀନସ୍ଥ ଜଣେ କମିଶନରଙ୍କଦ୍ୱାରା ଏ ପ୍ରଦେଶ ଅଧୂନା ଶାସିତ ହେଉଅଛି । ମାନ୍ଦ୍ରାଜ ଓ ସମ୍ବଲପୁର ସୁଦ୍ଧା ଓଡ଼ୟାଭାଷା କଥିତ ଦେଶ, ମାତ୍ର ଗଞ୍ଜାମ ମାନ୍ଦ୍ରାଜ ପ୍ରେସିଡେନ୍ସି ଓ ସମ୍ବଲପୁର ମଧ୍ୟପ୍ରଦେଶର ଅନ୍ତର୍ଭୁକ୍ତ ହୋଇଅଛି । ଇତିହାସର ସ୍ଥଳେ ସ୍ଥଳେ ଏ ଦୁଇ ସ୍ଥାନର ବିବରଣ ଉଲ୍ଲିଖିତ ହେବ ବୋଲି ଏହି ଦୁଇ ଜିଲ୍ଲାର ଏଠାରେ ଅମ୍ଭେମାନେ ନାମୋଲ୍ଲେଖ କଲୁଁ । ଯାହାହେଉ ଗଡ଼ଜାତକୁ ଘେନି ଅଧୂନା ଯାହା ପ୍ରକୃତ ଓଡ଼ିଶା ନାମରେ ପରିଚିତ, ସେହି ଦେଶଖଣ୍ଡ ନିରକ୍ଷାନ୍ତର ୧୯°୨୦' ଉତ୍ତର ଓ ୨୨°୨୯' ଉତ୍ତର ମଧ୍ୟରେ ଏବଂ ଦ୍ରାଘିମାନ୍ତର ୮୩°୪୧' ପୂର୍ବ ଓ ୮୭°୫୦' ପୂର୍ବ ମଧ୍ୟରେ ଅବସ୍ଥିତ । ଉତ୍ତରଦକ୍ଷିଣରେ ଏହା ପ୍ରାୟ ୪୦୦ ମାଇଲ ବିସ୍ତୃତ ଓ ପୂର୍ବପଶ୍ଚିମରେ ଏଥିର ଦୀର୍ଘତମ ବିସ୍ତୃତି ପ୍ରାୟ ୨୦୦ ମାଇଲ ହେବ ।

ପରିମାଣଫଳ ଓ ଲୋକସଂଖ୍ୟା — ଓଡ଼ିଶାର ପରିମାଣଫଳ ୨୪୦୦୦ ମାଇଲ । ଏଥିମଧ୍ୟରୁ ମୋଗଲବନ୍ଦୀର ୮୦୦୦ ଓ ଗଡ଼ଜାତର ୧୬୦୦୦ ମାଇଲ ପରିମାଣଫଳ ଅଟଇ । ଏ ପ୍ରଦେଶର ଲୋକସଂଖ୍ୟା ୪୫ ଲକ୍ଷ; ସେଥିମଧ୍ୟରୁ ୩୦ ଲକ୍ଷ ମୋଗଲବନ୍ଦୀର ଓ ୧୫ ଲକ୍ଷ ଗଡ଼ଜାତର ଅଧିବାସୀ ।

Digitized by srujanika@gmail.com

ବିଭାଗ—ସ୍ୱଭାବତଃ ଓଡ଼ିଶା ତିନି ଭାଗରେ ବିଭକ୍ତ ହୋଇଅଛି । ଏକ ଭାଗ ଶୈଳସମାକୀର୍ଣ୍ଣ ଅରଣ୍ୟମୟ ଉଚ୍ଚଭୂମି, ଦ୍ୱିତୀୟ ସମତଳଭୂମି ଏବଂ ତୃତୀୟ ଅରଣ୍ୟ ଓ କର୍ଦ୍ଦମମୟ ନିମ୍ନଭୂମି; କିନ୍ତୁ ଶାସନର ସୁବିଧାର୍ଥ ଏହା ଦୁଇ ଭାଗରେ ବିଭକ୍ତ ହୋଇ, ପ୍ରଥମୋକ୍ତ ଉଚ୍ଚଭୂମି ଗଡ଼ଜାତ ଓ ସମତଳ ଏବଂ ନିମ୍ନଭୂମି ମୋଗଲବନ୍ଦୀ ନାମରେ ଆଖ୍ୟାତ ହୋଇଅଛି ।

ଗଡ଼ଜାତ ୧୯ ଭାଗରେ ବିଭକ୍ତ * । ପ୍ରତ୍ୟେକ ଭାଗ ଏକ ଏକ କରଦ-ରାଜାଙ୍କଦ୍ୱାରା ଶାସିତ; କିନ୍ତୁ ଏଥି ମଧ୍ୟରୁ ଦୁଇ ଗଡ଼ ଖାସ ହୋଇ ବର୍ତ୍ତମାନ ଇଂରାଜଙ୍କ ଶାସନାଧୀନରେ ଅଛି † ।

ମୋଗଲବନ୍ଦୀ ତିନି ଜିଲ୍ଲାରେ ବିଭକ୍ତ, ଯଥାଃ—କଟକ, ପୁରୀ ଓ ବାଲେଶ୍ୱର । ପୁଣି ଏ ଜିଲ୍ଲାତ୍ରୟ ମଧ୍ୟରୁ କଟକ ୭୨, ପୁରୀ ୩୬, ବାଲେଶ୍ୱର ୫୮ ପରଗଣାରେ ବିଭକ୍ତ ହୋଇଅଛି । ଏହି ତିନିଜିଲ୍ଲା ଇଂରାଜଙ୍କର ସାକ୍ଷାତ୍‌ଶାସନ ଭୋଗ କରଇ ।

ପ୍ରଧାନ ନଗର ଓ ଗ୍ରାମ—ଗଡ଼ଜାତମାନଙ୍କରେ ପ୍ରକୃତ ସହର ଥିବାର କୌଣସିଠାରେ ଦୃଷ୍ଟିଗୋଚର ହୁଅଇ ନାହିଁ । ଢେଙ୍କାନାଳ ଗଡ଼ ସେଠା ଭୂତପୂର୍ବ ମହାରାଜାଙ୍କ ଯତ୍ନରେ ଅନ୍ୟାନ୍ୟ ଗଡ଼ମାନଙ୍କ ଅପେକ୍ଷା ଅଧିକ ଶୋଭନୀୟ ଓ ମଣ୍ଡିତ ନଗର ପରି ଦୃଶ୍ୟମାନ ହୁଅଇ । ଓଡ଼ିଶା ମୋଗଲବନ୍ଦୀ ମଧ୍ୟରେ ତିନି ଗୋଟି ପ୍ରଧାନ ନଗର ଅଛି, ଯଥାଃ-କଟକ, ପୁରୀ ଓ ବାଲେଶ୍ୱର । ପ୍ରଧାନ ପ୍ରଧାନ ଗ୍ରାମ ମଧ୍ୟ ଅଧିକ ନାହିଁ ।

କଟକ ଦଶମଶତାବ୍ଦୀରେ ନୃପକେଶରୀ ନାମକ ଏକ ରାଜାଙ୍କଦ୍ୱାରା ନିର୍ମିତ ହୋଇଥିଲା, ସେହି ସମୟରୁ ଆଜିପର୍ଯ୍ୟନ୍ତ ଏହା ଓଡ଼ିଶାର ରାଜଧାନୀ ହୋଇ ଆସୁଅଛି । ଅନଙ୍ଗଭୀମଦେବଙ୍କ ସମୟ ନିର୍ମିତ ବାରବାଟୀ ଦୁର୍ଗର ଭଗ୍ନାବଶେଷ ଏଠାରେ ଅଦ୍ୟାପି ଦୃଷ୍ଟିଗୋଚର ହୁଅଇ । ଅରଙ୍ଗଜୀବଙ୍କ ସମୟରେ ଗଠିତ ହୋଇଥିବା ଏକ ମସଜିଦ୍ ଆଜିପର୍ଯ୍ୟନ୍ତ ଏହି ନଗରର ମଧ୍ୟଭାଗର ଶୋଭା ବର୍ଦ୍ଧନ କରୁଅଛି । ଏଠା ମୁସଲମାନମାନଙ୍କ ସମୟ ନିର୍ମିତ ଅନ୍ୟତର ଧର୍ମାଳୟ କଦମରସୁଲ ଅଟଇ । ଏଠାରେ ଜୈନଙ୍କର ଏକ ଭଜନାଳୟ ସୁଦ୍ଧା ଏପର୍ଯ୍ୟନ୍ତ ବିଦ୍ୟମାନ ଅଛି । ରଘୁନାଥଜୀଉଙ୍କ ମନ୍ଦିର ଏସ୍ଥାନୀୟ ସମସ୍ତ କ୍ଷୁଦ୍ର ଦେବାଳୟ ମଧ୍ୟରେ ପ୍ରଧାନ । ସ୍ୱାଧୀନ ଓଡ଼ିଶା ହିନ୍ଦୁରାଜାଙ୍କ ସମୟରେ ବାରବାଟୀ

---

* (୧) ମୟୂରଭଞ୍ଜ, (୨) ନୀଳଗିରି, (୩) କେନ୍ଦୁଝର, (୪) ପାଲଲହଡ଼ା, (୫) ଢେଙ୍କାନାଳ, (୬) ଆଠମଲ୍ଲିକ, (୭) ଅନୁଗୁଳ, (୮) ଦଶପଲ୍ଲା, (୯) ନରସିଂହପୁର, (୧୦) ତିଗିରିଆ, (୧୧) ବୌଦ (୧୨) ନୂଆଗଡ଼, (୧୩) ରଣପୁର, (୧୪) ବାଙ୍କୀ, (୧୫) ତାଳଚେର, (୧୬) ହିନ୍ଦୋଳ, (୧୭) ଖଣ୍ଡପଡ଼ା, (୧୮) ବଡ଼ମ୍ବା, (୧୯) ଆଠଗଡ଼ ।    † ବାଙ୍କୀ ଓ ଅନୁଗୁଳ ।

Digitized by srujanika@gmail.com

ରାଜାଙ୍କର ଆବାସ ଓ ଦରବାରସ୍ଥାନ ଥିଲା । ମୁସଲମାନମାନଙ୍କ ସମୟରୁ ଏପର୍ଯ୍ୟନ୍ତ ନଗରର ଦକ୍ଷିଣବର୍ତ୍ତୀ ଲାଲବାଗ ପ୍ରଧାନ ଦରବାର ଓ ପ୍ରଧାନତମ ରାଜପ୍ରତିନିଧିଙ୍କର ଆବାସଭୂମି ହୋଇଅଛି ଓ କାରବାଟୀ ସୈନ୍ୟଙ୍କ ଆବାସ ଓ ସୌକର୍ଯ୍ୟାର୍ଥ ନିଯୋଜିତ ରହିଅଛି । ଗୌଟିକେଟିଏ ଇଂରାଜଙ୍କ ନିର୍ମିତ ସରକାରୀ ଗୃହ ଛଡ଼ା ଏଠାରେ ସୁରମ୍ୟ ଅଟ୍ଟାଳିକା ଦୃଷ୍ଟିଗୋଚର ହୁଅଇ ନାହିଁ । ଦେଶୀୟଲୋକଙ୍କ ଘରର ଅତିଅଳ୍ପ ସଂଖ୍ୟକ ଇଷ୍ଟକ ବା ପ୍ରସ୍ତର ନିର୍ମିତ । ଅଧିକାଂଶ ମୃତ୍ତିକାଗ୍ରଥିତ କୁଟୀରରେ ନଗର ପୂର୍ଣ୍ଣ ରହିଅଛି । ଇଂରାଜଙ୍କ ଯତ୍ନରୁ ନହର ଓ ଯୋବରା ବନ୍ଧଦ୍ୱୟ ନିର୍ମିତ ହୋଇ ବର୍ତ୍ତମାନ ଏ ସ୍ଥାନର ବାଣିଜ୍ୟ କ୍ରମଶଃ ବୃଦ୍ଧି କି ଲଭିବାର ଲକ୍ଷଣ ଦେଖାଯାଉଅଛି । ତିନିଦିଗରେ ନଦୀଦ୍ୱାରା ବେଷ୍ଟିତ ହୋଇ ଯେପରି ନଗରର ପ୍ରାକୃତିକ ଶୋଭା ବର୍ଦ୍ଧିତ ହୋଇଅଛି ସେହିପରି ଏହା ଏକ ଭୟାବହ ଅବସ୍ଥାରେ ଅବସ୍ଥିତ ରହିଅଛି । ମର୍କଟକେଶରୀକୃତ ବନ୍ଧ ମରହଟ୍ଟାଙ୍କଦ୍ୱାରା ପୁନଃସଂସ୍କୃତ ହୋଇ ଏଥିର ତିନି ଦିଗରେ ରହି ନ ଥିଲେ ଏହା ଅଦ୍ୟାବଧି ନଦୀଦ୍ୱାରା ଧୌତ ନ ହୋଇ ରହିଥାନ୍ତା କି ନାହିଁ ସନ୍ଦେହ । ଏଥିର ଆୟତନ ବର୍ତ୍ତମାନ ୪ ବର୍ଗମାଇଲ ଓ ଲୋକସଂଖ୍ୟା ପ୍ରାୟ ୫୦ ସହସ୍ର ଅଟଇ । ଅଧିକାଂଶ ଅଧିବାସୀ ନିମ୍ନଶ୍ରେଣୀୟ ନିର୍ଦ୍ଧନୀ ଲୋକ ଅଟନ୍ତି ।

ପୁରୀ ଓଡ଼ିଶାର ଏକ ପୁରାତନ ନଗର ଅଟଇ । ବୌଦ୍ଧମାନଙ୍କ ସମୟରୁ ଏଥିର ଅସ୍ତିତ୍ୱ ଲକ୍ଷିତ ହୁଅଇ, କିନ୍ତୁ ଗଙ୍ଗବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ ଏଥିର ପ୍ରକୃତ ନଗରତ୍ୱ ସଞ୍ଜାତ ଓ ଗୌରବ ବର୍ଦ୍ଧିତ ହୋଇଅଛି । ସେଥି ପୂର୍ବେ ପୁରୀ କଦାପି ରାଜଧାନୀ କି ରାଜବାସୋପଯୋଗୀ ସ୍ଥାନରୂପେ ବ୍ୟବହୃତ ହୋଇ ନ ଥିଲା । ବର୍ତ୍ତମାନ ପୁରୀର ପ୍ରାଧାନ୍ୟ ଓ ମାହାତ୍ମ୍ୟ ଜଗନ୍ନାଥଙ୍କ ମନ୍ଦିର ଯୋଗୁଁ । ଏ ଦେବାଳୟ ୧୧୯୮ ମସିହାରେ ଗଙ୍ଗବଂଶୀୟ ରାଜା ଅନଙ୍ଗଭୀମଦେବଙ୍କଦ୍ୱାରା ନିର୍ମିତ ହୋଇଥିଲା । ଏଠାରେ ଖୋର୍ଦ୍ଧା ରାଜବଂଶୀୟ ରାଜାମାନେ ବର୍ତ୍ତମାନ ରାଜବନ୍ଦୀରୂପେ ଅବସ୍ଥିତ କରନ୍ତି । କଲେକ୍ଟର ସାହେବଙ୍କର ଏଠାରେ ଏକ କଚେରୀ ଅଛି, ଏଥିର ଅଧିବାସୀ ସଂଖ୍ୟା ୨୨ ସହସ୍ର ।

ବାଲେଶ୍ୱର ଓଡ଼ିଶାର ସମସ୍ତ ପ୍ରଧାନ ପ୍ରଧାନ ନଗରମାନ ସଂସ୍ଥାପିତ ହେବାର ଉତ୍ତାରୁ ସ୍ଥାପିତ ହୋଇଅଛି । ଇଂରାଜ, ଫରାସିସ, ଦିନେମାର ଓ ଡଚମାନେ ଇଉରୋପରୁ ଓଡ଼ିଶାକୁ ବାଣିଜ୍ୟ କରିବାନିମନ୍ତେ ଆସି ସପ୍ତଦଶ ଶତାବ୍ଦୀରେ ବାଣିଜ୍ୟ କୋଠି-ମାନ ଏହି ନଗରରେ ସଂସ୍ଥାପିତ କଲା ସମୟରୁ ଏ ନଗରର ପ୍ରୟୋଜନ-ଶୀଳତା ବର୍ଦ୍ଧିତ ହୋଇଅଛି । ସେହି ସପ୍ତଦଶ ଶତାବ୍ଦୀରୁ ଅଦ୍ୟପର୍ଯ୍ୟନ୍ତ ଏହି ନଗର

Digitized by srujanika@gmail.com

ଓଡ଼ିଶାର ପ୍ରଧାନ ବନ୍ଦରମାନଙ୍କ ମଧ୍ୟରେ ପରିଗଣିତ । ବାଲେଶ୍ବରବାସିମାନେ ବିଶେଷ ବ୍ୟବସାୟଶୀଳ । ଅଦ୍ୟାପି ଏଠାରେ ଜାହାଜ ଯୋଗେ ବ୍ୟବସାୟ କରୁଥିବା ବହୁ ଲୋକେ ବାସ କରନ୍ତି । ବାଲେଶ୍ବର ଓ ତନ୍ନିକଟବର୍ତ୍ତୀ ସ୍ଥାନମାନଙ୍କର ଅନେକ ଅଧିବାସିଏ ଆଜିପର୍ଯ୍ୟନ୍ତ ଏକପ୍ରକାର ପୋତ ନିର୍ମାଣ କରି ଆପେ ଆପେ ସେହି ପୋତମାନ ଚଳାଇ ମାନ୍ଦ୍ରାଜ ପର୍ଯ୍ୟନ୍ତ ପ୍ରାୟ ବ୍ୟବସାୟ କରନ୍ତି । ଆଜିକାଲି ବାଲେଶ୍ବରଠାରେ ଉତ୍ତମ ବାସନମାନ ନିର୍ମିତ ହୁଅଇ । ଧାନ ଚାଉଳ ବିଶେଷ ପରିମାଣରେ ବିଦେଶକୁ ରପ୍ତାନୀ ହୁଅଇ । ପୂର୍ବେ ଯେଉଁ ସୂକ୍ଷ୍ମବସ୍ତ୍ର ସକାଶେ ବାଲେଶ୍ବର ପ୍ରସିଦ୍ଧ ଥିଲା ଓ ଯାହା ଲଭିବାପାଇଁ ଇଉରୋପୀୟ ବଣିକମାନେ ଦଳ ଦଳ ହୋଇ ଆସୁଥିଲେ, ବର୍ତ୍ତମାନ ସେହି ସୂକ୍ଷ୍ମବସ୍ତ୍ରର ଚଳନ ଲୁପ୍ତପ୍ରାୟ ହୋଇଅଛି । ଆଜିକାଲି ଏଠାରେ ସୂକ୍ଷ୍ମବସ୍ତ୍ରବୁଣିବା ତନ୍ତୀଙ୍କର ସଂଖ୍ୟା ନିତାନ୍ତ ଅଳ୍ପ; ଆନୁମାନିକ ୨୦୦ କି କିଛି ଅଧିକ ହେବ । ଉତ୍ସାହପୋଷକତା ଓ ସହାୟତା ଅଭାବରୁ ସେମାନେ ହୀନବଳ ହୋଇ ପଡ଼ିଅଛନ୍ତି । ବାଲେଶ୍ବରର ଜଳବାୟୁ କିଞ୍ଚିତ୍ ଲବଣାକ୍ତ ଓ ଅଧିବାସୀ ସଂଖ୍ୟା ୧୮ ସହସ୍ର । ଏଠାରେ ଜଣେ କଲେକ୍ଟର ଅଛନ୍ତି ।

ଯାଜପୁର ( ଯଜନ-ପୁର ) କେଶରୀବଂଶୀୟ ରାଜଶ୍ରେଣୀର ଆଦିରାଜା ଯଯାତିକେଶରୀଙ୍କଦ୍ୱାରା ନିର୍ମିତ ହୋଇଥିଲା, ସେସମୟରେ ଏହି ନଗରର ସୀମା ଅତି ବିସ୍ତୃତ ଥିବାର ଜଣାଯାଏ । ବର୍ତ୍ତମାନ ସୁଦ୍ଧା ଯାଜପୁର ନଗର ଯେଉଁ ସୀମାରେ ଆବଦ୍ଧ ହୋଇଅଛି ତାହା ନିତାନ୍ତ ଅଳ୍ପ ନୁହେ । ବୈତରଣୀନଦୀ ତୀରରେ ଏ ନଗର ଅବସ୍ଥିତ ହୋଇଅଛି । ବହୁକାଳ ଯାଜପୁର ଓଡ଼ିଶା ସ୍ୱାଧୀନ-ରାଜାଙ୍କର ଏକ ରାଜଧାନୀ ଥିଲା । କଳାପାହାଡ଼ ଏହିଠାରେ ଓଡ଼ିଶାର ଶେଷ ସ୍ୱାଧୀନରାଜା ମୁକୁନ୍ଦଦେବଙ୍କୁ ପରାଜୟ କରିଥିଲା । ତଦନନ୍ତର ମୁସଲମାନ ଓ ମରହଟ୍ଟା କର୍ମଚାରୀ ଜଣେ ଜଣେ ପ୍ରାୟ ସେ ନଗରରେ ଅବସ୍ଥିତି କରୁଥିଲେ । ମୁସଲମାନ ଓ ମରହଟ୍ଟା କର୍ମଚାରୀଙ୍କର ମଧ୍ୟ ପୂର୍ବ ସ୍ୱାଧୀନରାଜାଙ୍କର ରାଜପ୍ରାସାଦ ଓ ଅଟ୍ଟାଳିକାଦିର ଭଗ୍ନାବଶେଷ ନଗରର କୌଣସି କୌଣସି ସ୍ଥାନରେ ଅଦ୍ୟାପି ଦୃଷ୍ଟିଗୋଚର ହୁଅଇ । ଅବୁହସେନଖାଁଙ୍କ ନିର୍ମିତ ଗୋଟିଏ ମସଜିଦ୍ ଏହି ନଗରରେ ବିଦ୍ୟମାନ ଅଛି । ଇଂରାଜଙ୍କର ଏକ ସବ୍‌ଡିବିଜନ କଚେରୀ ଏହିଠାରେ ବର୍ତ୍ତମାନ ସ୍ଥାପିତ ରହିଅଛି । ହିନ୍ଦୁମାନେ ଯାଜପୁରକୁ ପାର୍ବତୀକ୍ଷେତ୍ର ବୋଲି କହନ୍ତି । ଏଠାରେ ବିରଜାଙ୍କର ଏକ ଦେଉଳ ଅଛି । ସେ ଦେଉଳ ଅତି ପ୍ରାଚୀନକାଳର ନୁହେ କିନ୍ତୁ ସେଥି ମଧ୍ୟରେ ପ୍ରତିଷ୍ଠିତ ଠାକୁରାଣୀ ଅତି ପୂର୍ବକାଳର ପ୍ରସିଦ୍ଧ ଦେବତା ବୋଲି ଲୋକେ ବିଶ୍ୱାସ କରନ୍ତି । ରାଜା ପ୍ରତାପରୁଦ୍ରଙ୍କ ନିର୍ମିତ ବରାହନାଥଙ୍କ

Digitized by srujanika@gmail.com

ମନ୍ଦର ଯାଜପୁରର ଅନ୍ୟତର ଏକ ପ୍ରଧାନ ଦେବାଳୟ । ଯାଜପୁରର ବୈତରଣୀ ଘାଟ ହିନ୍ଦୁଙ୍କର ଗୋଟିଏ ପ୍ରଧାନ ତୀର୍ଥ । ଏଠା ଜଳବାୟୁ ଅତି ଉତ୍କୃଷ୍ଟ । ସେଠା ଲୋକସଂଖ୍ୟା ଦଶ ସହସ୍ରରୁ ଅଧିକ ହେବ ।

କେନ୍ଦ୍ରାପଡ଼ା (କଣ୍ଡ୍ରାପଡ଼ା ବା କେନ୍ଦାଶ୍ରୀପଡ଼ା) ପୂର୍ବେ ବିଖ୍ୟାତ ସ୍ଥାନ ନ ଥିଲା । ବର୍ତ୍ତମାନ ଏଠାରେ ଗୋଟିଏ ସବ୍‌ଡିଭିଜନ କଚେରୀ ହୋଇଅଛି । ବଳଦେବଜୀଉଙ୍କର ଏଠାରେ ଏକ ମନ୍ଦିର ଅଛି । ସେଥିଯୋଗୁଁ କେନ୍ଦ୍ରାପଡ଼ା ତୁଳସୀକ୍ଷେତ୍ର ବୋଲି ଖ୍ୟାତ ହୋଇଅଛି । ଏଠା ଜଳବାୟୁ ଅସ୍ୱାସ୍ଥ୍ୟକର ନୁହେ । ଅଧିବାସୀସଂଖ୍ୟା ପ୍ରାୟ ଦଶ ସହସ୍ର ହେବ ।

ଜଗତ୍‌ସିଂହପୁର ଏକ ବସତିପୂର୍ଣ୍ଣ ଗ୍ରାମ ଅଟେ । ୧୮୬୬ ସାଲର ଦୁର୍ଭିକ୍ଷ ଠାରୁ ଇଂରାଜଙ୍କର ଏକ ସବ୍‌ଡିଭିଜନ କଚେରୀ ଏଠାରେ ସ୍ଥାପିତ ହୋଇଥିଲା । ୧୮୭୪ ଖ୍ରୀଷ୍ଟାବ୍ଦରେ ସେ କଚେରୀ ପୁଣି ଉଠିଗଲା । ପ୍ରକୃତ ଓଡ଼ିଆ ଛଡ଼ା ଉପନିବାସୀ ଖୋରଠା ଓ ବଙ୍ଗାଳୀ ଅନେକ ଏ ଅଞ୍ଚଳରେ ବାସ କରନ୍ତି ।

ଚୌଦୁଆର (ଚତୁର୍ଦ୍ୱାର) ଓଡ଼ିଶାର ପ୍ରଥମ ପୁରାତନ ପ୍ରଧାନନଗର ଅଟଇ । ଗୁପ୍ତବଂଶୀୟ ରାଜାଙ୍କ ସମୟରେ ସୁଦ୍ଧା ଏହା ରାଜଧାନୀରୂପେ ବ୍ୟବହୃତ ହେଉଥିଲା । ବର୍ତ୍ତମାନ ଏଥିର ଭଗ୍ନାବଶେଷ ବିରୂପାକୂଳରେ ଦୃଷ୍ଟିଗୋଚର ହୁଏ ।

ଭୁବନେଶ୍ୱର ଲଲାଟେନ୍ଦୁକେଶରୀଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ପୂର୍ବେ ଏଥିର ଆୟତନ ପଞ୍ଚବର୍ଗକ୍ରୋଶ ଥିଲା । ପୂର୍ବେ ଏ ନଗରର ସ୍ଥାନ ସ୍ଥାନରେ ଯେପରି ପ୍ରାସାଦ ଓ ଅଟ୍ଟାଳିକାମାନ ଥିବାର ଭଗ୍ନାବଶେଷ ଲକ୍ଷିତ ହୁଏ ସେଥିରୁ ସ୍ପଷ୍ଟ ଜଣାଯାଏ ଯେ ଭୁବନେଶ୍ୱର ପରି ପ୍ରକାଣ୍ଡ ଓ ଶୋଭାଯୁକ୍ତ ନଗରର ସଂଖ୍ୟା ସମଗ୍ର ଭାରତବର୍ଷରେ ସୁଦ୍ଧା ପୂର୍ବକାଳରେ ଅଧିକ ନ ଥିଲା । ବର୍ତ୍ତମାନ ଭୁବନେଶ୍ୱର ଦେଉଳ ଥିବାଯୋଗୁଁ ଶିବକ୍ଷେତ୍ର ବୋଲି ସେ ନଗରର ଖ୍ୟାତି ଓଡ଼ିଶାରେ ରହିଅଛି । ବର୍ତ୍ତମାନ ସେଠାରେ ଗୋଟିଏ ଥାନ୍ତି ଛଡ଼ା ଇଂରାଜଙ୍କର ଆଉ କୌଣସି କଚେରୀ କି କେହି କର୍ମଚାରୀ ନାହାନ୍ତି । କ୍ଷେତ୍ର ଥିବା ହେତୁରୁ ଅନବରତ ଯାତ୍ରି-ମାନେ ସେଠାକୁ ଗମନାଗମନ କରନ୍ତି । ସେଠା ଅଧିବାସିଙ୍କ ମଧ୍ୟରେ ଅଧୁନା ବ୍ରାହ୍ମଣ ଓ ବଡ଼ୁ ପ୍ରଧାନ ଏବଂ ଅଧିକସଂଖ୍ୟକ ।

ଖୋର୍ଦ୍ଧା ଭୋଇବଂଶୀୟ ରାଜାଙ୍କର ରାଜଧାନୀ ଥିଲା । ପୂର୍ବେ ଓ ଇଂରାଜଙ୍କ ରାଜତ୍ୱ ସମୟରେ ଖୋର୍ଦ୍ଧା ଅଞ୍ଚଳୀୟ ଲୋକେ ବାରମ୍ବାର ବିଦ୍ରୋହାନଳ ପ୍ରଜ୍ୱଳିତ କରିଥିଲେ । ବର୍ତ୍ତମାନ ଏଠାରେ ଇଂରାଜଙ୍କର ସବ୍‌ଡିଭିଜନ କଚେରୀ ଅଛି । ୧୮୦୪ ସାଲରେ ଖୋର୍ଦ୍ଧାଗଡ଼କୁ ଇଂରାଜମାନେ ଖାସ କରି ଏଠାରେ ସୈନ୍ୟ

Digitized by srujanika@gmail.com

ସମୟରୁ କଚେରୀ ଓ ଥାନା ବସାଇଅଛନ୍ତି । ଖୋର୍ଦ୍ଧା ନିକଟରେ ଓ ଗଡ଼ର ଭିନ୍ନ ଭିନ୍ନ ଅଂଶରେ ଓଡ଼ିଶାରାଜାଙ୍କ ନିର୍ମିତ ଅନେକ ପ୍ରାସାଦ ଓ ଦୁର୍ଗର ଭଗ୍ନାବଶେଷ ଆଜିକାଲି ସୁଦ୍ଧା ନେତ୍ରଗୋଚର ହୁଅଇ । ସେ ସବୁ ମଧ୍ୟରେ ବରୁଣାଇ ଗଡ଼ ପ୍ରଧାନ ଓ ଦୃଢ଼ତମ ଥିବାର ପ୍ରତୀୟମାନ ହୁଅଇ ।

ପିପିଲି ଏକସମୟରେ ଭୋଇବଂଶୀୟ ରାଜାଙ୍କର ଦୁର୍ଗ ଓ ଆବାସସ୍ଥାନ ଥିଲା । ଏଠାରେ ପୂର୍ବ ରାଜାଙ୍କର ଦୁର୍ଗ ଓ ପୁଷ୍କରଣୀତ୍ରୟର ବର୍ତ୍ତମାନ ଭଗ୍ନାବଶେଷ ରହିଅଛି । ଇଂରାଜଙ୍କର ଗୋଟିଏ ଥାନା ଓ ଖ୍ରୀଷ୍ଟିୟାନଙ୍କର ଗିର୍ଜା ଓ ବିଦ୍ୟାଳୟ ପ୍ରଭୃତି ବର୍ତ୍ତମାନ ଏଠାରେ ସ୍ଥାପିତ ହୋଇଅଛି । ବ୍ୟାପ୍‌ଟିଷ୍ଟ ଖ୍ରୀଷ୍ଟିୟାନଙ୍କର ପୁରୀ ଜିଲାର ଧର୍ମପ୍ରଚାର କାର୍ଯ୍ୟର ପିପିଲି କେନ୍ଦ୍ରସ୍ଥଳୀ ଅଟଇ । ସୁଦକ୍ଷ ଓଡ଼ିଆ ଦରଜି ଅନେକ ପିପିଲିଠାରେ ବାସ କରନ୍ତି । ବୋଧହୁଏ ଓ ପ୍ରବାଦଦ୍ୱାରା ଜଣାଯାଏ ଯେ ସେମାନଙ୍କ ପୂର୍ବପୁରୁଷେ ପୁରୁଷାନୁକ୍ରମେ ଓଡ଼ିଶା ହିନ୍ଦୁ ରାଜପରିବାରମାନଙ୍କର ବସ୍ତ୍ର ସୀବନ କରି ଆଶ୍ରିତ ଓ ଅନୁଗ୍ରହିତ ବ୍ୟକ୍ତି ହୋଇଥିଲେ ।

ଭଦ୍ରକ ପୂର୍ବେ ମୋଗଲମାନଙ୍କ ସମୟରେ ସେହି ନାମଧାରୀ ସରକାର ବା ଜିଲାର ପ୍ରଧାନ ନଗର ଥିଲା । ବର୍ତ୍ତମାନ ଏଠାରେ ଇଂରାଜଙ୍କର ଏକ ସବ୍‌ଡ଼ିବିଜନ କଚେରୀ ଅଛି । ଏସ୍ଥାନରେ ବର୍ତ୍ତମାନ ଉତ୍ତମ ଲୁଗା ଓ ଗାମୁଛା ପ୍ରସ୍ତୁତ ହୁଅଇ । ସାଳନ୍ଦୀନଦୀତୀରରେ ଏ ନଗର ଅବସ୍ଥିତ । ଏଠା ଜଳବାୟୁ ମଧ୍ୟ ସ୍ୱାସ୍ଥ୍ୟକର ।

ଜଳେଶ୍ୱର ବାଲେଶ୍ୱର ଜିଲାର ଉତ୍ତରବର୍ତ୍ତୀ ଗ୍ରାମମାନଙ୍କ ମଧ୍ୟରେ ଏକ ପ୍ରଧାନ ସ୍ଥାନ ଅଟଇ । ଏଠାରେ ଅନେକ ସମ୍ଭ୍ରାନ୍ତବ୍ୟକ୍ତି ବାସ କରନ୍ତି, ମଧ୍ୟ ଇଂରାଜଙ୍କର ଏକ ଥାନା ଏଠାରେ ସ୍ଥାପିତ ହୋଇଅଛି ।

ନଦୀ ଓ ଉତ୍ସ—ବର୍ଷାପାଣି, ଗଳିତବରଫ, ପ୍ରାକୃତିକ ଜଳପ୍ରସ୍ରବଣ ନଦୀ ଉତ୍ପତ୍ତିର ମୂଳହେତୁ । ଓଡ଼ିଶା ନଦୀମାନଙ୍କ ସଙ୍ଗେ ଗଳିତବରଫର କୌଣସି ସମ୍ବନ୍ଧ ନାହିଁ । ବର୍ଷା ଓ ଝରଣାପାଣି ଏଠା ସ୍ରୋତସ୍ୱତୀଚୟର ପ୍ରଧାନ ଉପାଦେୟ । ଗ୍ରୀଷ୍ମ ଓ ଶୀତକାଳରେ ଏମାନ ସୂକ୍ଷ୍ମସୂତ୍ର ପ୍ରାୟ ସୁବିସ୍ତୀର୍ଣ୍ଣ ବାଲୁକାଶଯ୍ୟା ମଧ୍ୟ ଦେଇ ଧୀରେ ଧୀରେ ସମୁଦ୍ରଦିଗକୁ ଗତି ବିସ୍ତାର କରଇ । ବର୍ଷାକାଳ ଉପସ୍ଥିତ ହେଲେ ଏମାନଙ୍କ ଆକାର ଏକାବେଳକେ ପରିବର୍ତ୍ତିତ ହୋଇଯାଏ । ସୂକ୍ଷ୍ମସୂତ୍ର ପ୍ରକାଣ୍ଡ ଗଣ୍ଡିରେ ପରିଣତ ହୁଏ । ଆରବସାଗରରୁ ପଶ୍ଚିମବାୟୁ ଉତ୍ଥିତ ହୋଇ ଅଧିକାଂଶ ଓଡ଼ିଶା ନଦୀ ଯେଉଁ ଯେଉଁ ପର୍ବତରୁ ଉତ୍ପନ୍ନ ହୋଇଅଛି, ସେହି ସେହି ପର୍ବତ ପାହାଡ଼ର ଶିରୋଭାଗରେ କିଧୂମ ବର୍ଷାପାଣି ବର୍ଷଣ କରଇ । ଭୀଷଣ ବେଗ ଧାରଣ କରି ସ୍ରୋତ ପ୍ରବାହିତ ହୁଏ । ସ୍ରୋତ ସଙ୍ଗେ ସଙ୍ଗେ ପର୍ବତ ପାହାଡ଼ ଓ

Digitized by srujanika@gmail.com

ଉଚ୍ଚଭୂମିମାନଙ୍କରୁ ଅନେକ କର୍ଦ୍ଦମ ଭାସି ଆସେ । ଏହି କର୍ଦ୍ଦମ କ୍ରମେ ସମତଳଭୂମିରେ ପଙ୍କରୂପେ ଜମା ହୋଇ ବର୍ଷକୁ ବର୍ଷ ଓଡ଼ିଶାରେ ନୂତନଭୂମି ଉତ୍ପାଦିତ ହେଉଅଛି ଓ ନଦୀଗର୍ଭମାନ କ୍ରମଶଃ ଉଚ୍ଚ ହୋଇ ଉଠୁଅଛି । ୧୭୦୮ ମସିହାରେ ବୁଢ଼ାବଳଙ୍ଗ-କୂଳସ୍ଥିତ ବାଲେଶ୍ୱର ନଗର ଚାରି ମାଇଲ ଅନ୍ତରରେ ଅବସ୍ଥିତ ଥିଲା, ବର୍ତ୍ତମାନ ସାତ ମାଇଲ ଅନ୍ତରରେ ସ୍ଥିତ ହୋଇଅଛି । ବର୍ତ୍ତମାନ ଓଡ଼ିଶା ନଦୀମାନଙ୍କର ଗର୍ଭ ସାଧାରଣତଃ ଏତେ ଉଚ୍ଚ ହୋଇଅଛି ଯେ ନଦୀ ମଧ୍ୟ ଦେଇ ବହିଯିବା ପାଣି କୂଳ ଉଛୁଳି ଦେଶ ମଧ୍ୟରେ ପ୍ରବେଶ କରି ଗୃହବାସ ଓ ଶସ୍ୟାଦି ନଷ୍ଟ କରିବା ଭୟରେ ବହୁବ୍ୟୟସିଦ୍ଧ ବନ୍ଧମାନ ଅଧିକାଂଶ ନଦୀର ଦୁଇପାର୍ଶ୍ୱରେ ଦିଆ ହୋଇଅଛି । ସମୟ ସମୟରେ ଅତି ବଢ଼ି ହେଲେ ନଦୀଗର୍ଭ ଦେଇ ଯେତେ ପାଣି ବହି ଯାଇ ପାରେ ତଦପେକ୍ଷା ଦ୍ୱିଗୁଣ ବା ତତୋଽଧିକ ପାଣି ବହି ଆସଇ ଓ ଏଥିଦ୍ୱାରା ଦେଶର କିରୂପ ଅନିଷ୍ଟ ହୁଏ, ହାତୀ ଘୋଡ଼ା ପର୍ଯ୍ୟନ୍ତ କି ପ୍ରକାରେ ଭାସିଯାଏ, ଗତ ୧୮୭୨ ମସିହା ଜୁନମାସ ମହାନଦୀ ବଢ଼ିରେ ତାହା ଅନେକେ ନେତ୍ରଗୋଚର କରିଅଛନ୍ତି । ଏକାବେଳକେ ଭୀଷଣବେଗରେ ଘଣି ଘଣି ପାଣି ବହିବାରୁ ଓଡ଼ିଶା ନଦୀମାନଙ୍କରେ ଅନେକ ଅଣ୍ଡିରା ପଡ଼ି ବର୍ଷକୁ ବର୍ଷ ଉଭୟକୂଳ ସ୍ଥାନ ସ୍ଥାନରେ ବିସ୍ତୃତ ହେଉଅଛି । ପ୍ରବାଦ ଅଛି ଯେ ଏକସମୟରେ କାଠଯୋଡ଼ୀ ନଦୀକି ଲୋକେ ଦୁଇଖଣ୍ଡ କାଠ ପକାଇ ପାରି ହେଉଥିଲେ । ବର୍ତ୍ତମାନ ଏହା ଅର୍ଦ୍ଧକୋଶାଧିକ ବିସ୍ତୃତ ହୋଇଅଛି । ଓଡ଼ିଶା ନଦୀମୁହାଣମାନଙ୍କରେ ପ୍ରାକୃତିକ ବାଲିବନ୍ଧମାନ ଉଦ୍ଧିତ ହେବାରୁ କ୍ରମଶଃ ଏମାନ ଦିନକୁଦିନ ଅନାବ୍ୟ ହୋଇ ଉଠୁଅଛି ।

ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସାଲନ୍ଦୀ, କାଁଶବାଁଶ, ବୁଢ଼ାବଳଙ୍ଗ ଓ ସୁବର୍ଣ୍ଣରେଖା ଓଡ଼ିଶା ମଧ୍ୟରେ ପ୍ରଧାନ ନଦୀ ଅଟଇ ।

ସମସ୍ତ ନଦୀ ମଧ୍ୟରେ ମହାନଦୀ ଶ୍ରେଷ୍ଠତମ । ଏ ନଦୀ ଗଣ୍ଡୁଆନା ପ୍ରଦେଶରୁ ଉତ୍ପନ୍ନ ଓ ରଙ୍ଗତେଲ ପ୍ରଭୃତି ଗୋଟିକେତେ ଉପନଦୀଦ୍ୱାରା ବର୍ଦ୍ଧିତକାୟ ହୋଇ ବୌଦଠାରେ ଗଡ଼ଜାତ ମଧ୍ୟରେ ପ୍ରବେଶ କରିଅଛି । ତଦନନ୍ତର ସାଲକୀ, କୁସୁମୀ, ସାପୁଅ ଓ ଆଉ ଅନେକ ଉପନଦୀମାନଙ୍କଦ୍ୱାରା ସମ୍ମିଳିତ ହୋଇ ନରାଜ-ଠାରେ ମୋଗଲବନ୍ଦୀ ମଧ୍ୟରେ ପ୍ରବିଷ୍ଟ ହୋଇଅଛି । କାଠଯୋଡ଼ୀ, ବିରୂପା, ଚିତ୍ରତୋଳା, ପାଇକା ଏହି କେତୋଟି ମୋଗଲବନ୍ଦୀ ମଧ୍ୟରେ ମହାନଦୀର ପ୍ରଧାନ ଶାଖାନଦୀ ଅଟଇ । କାଠଯୋଡ଼ୀରୁ ପୁଣି କୁଆଖାଇ ଓ କୁଆଖାଇରୁ ଭାର୍ଗବୀ କୁଶଭଦ୍ରା ପ୍ରଭୃତି କେତୋଟି ଶାଖା ବାହାରି ପୁରୀଜିଲାରେ ଜଳ ଯୋଗାଉଅଛି । ସମ୍ବଲପୁର ଓ କଟକ ମହାନଦୀତୀରରେ ଅବସ୍ଥିତ । କଣ୍ଟିଲୋ, ପଦ୍ମାବତୀ,

Digitized by srujanika@gmail.com

ବୈଦ୍ୟେଶ୍ୱର, ଚର୍ଚ୍ଚିକା ପ୍ରଭୃତି ଗୋଟିକେତେ ଭଗ୍ନଗଡ଼ ଆମ୍ଭ ପଶୁ ମଧ୍ୟ ମହାନଦୀ-କୂଳରେ ସ୍ଥିତ ହୋଇଅଛି । ମହାନଦୀ ମୁହାଣଠାରେ ନାବ୍ୟ । ନରାଜ ଓ ଯୋବ-ରାଠାରେ ଯୋଡ଼ାଏ ପଥରବନ୍ଧ ପଡ଼ ଓ ଗୋଟିକେତେ ନାଳ କଟା ହୋଇ ବର୍ତ୍ତମାନ କଟକ ଓ ନରାଜ ପର୍ଯ୍ୟନ୍ତ ବଡ଼ ବଡ଼ ନୌକା ଓ କ୍ଷୁଦ୍ର କ୍ଷୁଦ୍ର ଧୂଆଁକଳମାନ ଯାତାୟାତ କରୁଅଛି । କଟକଠାରୁ ସମ୍ବଲପୁର ପର୍ଯ୍ୟନ୍ତ ଦେଶୀୟ ନୌକା ସଞ୍ଚାରର ଯାତାୟାତ କରଇ । ପୂର୍ବେ ମହାନଦୀ ଓ କାଠଯୋଡ଼ୀ ଶଯ୍ୟା ଆଜକାଲି ପରି ବିସ୍ତୃତ ନ ଥିଲା । ବର୍ଷକୁ ବର୍ଷ ନଈକୂଳମାନ ଅଡ଼ଡ଼ା ଖାଇ ଶଯ୍ୟା ବିସ୍ତାରିତ ହେଉଅଛି ।

ବ୍ରାହ୍ମଣୀନଦୀ ଛୋଟନାଗପୁର ପ୍ରଦେଶରୁ ବହିର୍ଗତ ହୋଇ ତାଳଚେରର ଉତ୍ତରପୂର୍ବ ସୀମାରେ ଗଡ଼ଜାତ ସ୍ପର୍ଶ କରି, ସାମକୋଇ, ନିଗ୍ରା ପ୍ରଭୃତି ଗୋଟିକେତେ ଉପନଦୀଦ୍ୱାରା ପୁଷ୍ଟକଳେବର ହୋଇ ଧୁକୁଦା ଓ ବଳରାମପୁର ଗଡ଼ଠାରେ ମୋଗଲବନ୍ଦୀ ମଧ୍ୟକୁ ପ୍ରବେଶ କରିଅଛି । ଏଥିରୁ ଖରସୁଆ ଓ କହ୍ନିରିଆ ନାମକ ଯୋଡ଼ାଏ ଶାଖାନଦୀ ବାହାରି ପୁଣି ଏଥି ସଙ୍ଗେ ମିଳିତ ହୋଇଅଛି । ବିରୂପା ମହାନଦୀରୁ ବାହାରି ଓ ବୁଢ଼ା ବୈତରଣୀରୁ ବାହାରି ଏଥି ସଙ୍ଗେ ମିଳିଅଛି । ବ୍ରାହ୍ମଣୀରୁ ମାଇପଡ଼ା ନାମକ ଗୋଟିଏ ଶାଖା ବାହାରି ସାଗରରେ ପଡ଼ିଅଛି । ଅଉ ଗୋଟିଏ ଶାଖା ଗୋବରୀନଦୀ ସଙ୍ଗେ ମିଳିତ ହୋଇ ଗଣ୍ଡାଖିଆ ନାମ ଧେନି ଯମୁନାଦୀ ସଙ୍ଗେ ମିଶିଅଛି । ଅବଶେଷରେ ବ୍ରାହ୍ମଣୀ ବୈତରଣୀ ସଙ୍ଗେ ସମ୍ମିଳିତ ହୋଇ ସାଗରରେ ପତିତ ହୋଇଅଛି; ଏହି ସମ୍ମିଳିତ ନଦୀର ନାମ ଧାମରା, ଏହି ଧାମରା ସୁନ୍ଦର ନାବ୍ୟ ଅଟେ । ପ୍ରତିସପ୍ତାହରେ ବଡ଼ ବଡ଼ ଜାହାଜମାନ ଏଥି ମଧ୍ୟକୁ ଯାତାୟାତ କରୁଅଛି । ଧାମରାନାମକ ଏକ ବନ୍ଦର ଏହି ଧାମରାନଦୀର ଉତ୍ତର ତୀରରେ ଅବସ୍ଥିତ । ପଟାମୁଣ୍ଡେଇ ଓ ଧର୍ମଶାଳା ବ୍ରାହ୍ମଣୀ ତୀରରେ ସ୍ଥିତ ହୋଇଅଛି । ତାଳଚେରଗଡ଼ ବ୍ରାହ୍ମଣୀନଦୀ ଉପରେ ଓ ଢେଙ୍କାନାଳ ପ୍ରାୟ ଗୃହ କୋଣ ଅନ୍ତରରେ ଅବସ୍ଥିତ ।

ବୈତରଣୀ ଓଡ଼ିଶାର ଏକ ପୁଣ୍ୟା ପଯସ୍ୱିନୀ ଅଟଇ । କେନ୍ଦୁଝରର ପୂର୍ବଦିଗସ୍ଥିତ ଗନ୍ଧମାଦନ ପର୍ବତ ନିକଟରୁ ଉତ୍ଥିତ ହୋଇଅଛି । ଓରାଡ଼ିଆ, କଇରୋ, ଚଣ୍ଡୋର ପ୍ରଭୃତି ଗୋଟିକେତେ ଉପନଦୀଦ୍ୱାରା ପୁଷ୍ଟକାୟ ହୋଇ କଟକ ଜିଲ୍ଲାକୁ ବାଲେଶ୍ୱର ଜିଲ୍ଲାରୁ ବିଚ୍ଛିନ୍ନ କରିବା ସକାଶେ ବାଲିପୁର ଗ୍ରାମଠାରେ ବୈତରଣୀ ମୋଗଲବନ୍ଦୀରେ ପ୍ରଥମ ଉଦିତ ହୋଇଅଛି । ବୁଢ଼ାନଦୀ ଏହାର ଏକମାତ୍ର ଶାଖା । ସାଲନ୍ଦୀନଦୀ ବୈତରଣୀ ସଙ୍ଗେ ମିଳିତ ହୋଇଅଛି । ଅବଶେଷରେ ବୈତରଣୀ ବ୍ରାହ୍ମଣୀ ମିଳିତ ହୋଇ ସମୁଦ୍ର ଦିଗକୁ ବହିଯାଉଅଛି । ବୈତରଣୀ ଦୁଇ ପାହାଡ଼ ଗହ୍ୱର ମଧ୍ୟରୁ ବାହାରିଅଛି ବୋଲି ଲୋକେ ଏହାକୁ ଗୋମୁଖୀ

Digitized by srujanika@gmail.com

ପର୍ବତରୁ ବାହାରିଥିବାର କହି ଯମଦ୍ୱାର ପର୍ଯ୍ୟନ୍ତ ଏହାର ବିସ୍ତୃତ ଅନୁମାନ କରିଅଛନ୍ତି । ଏହି ନଦୀ ଉପରେ ଯାଜପୁର ନଗର ଅବସ୍ଥିତ । ଏହି ଯାଜପୁରଠାରେ ବୈତରଣୀ ନଦୀର ଏକପାର୍ଶ୍ୱରେ ବିରଜାନାଥଙ୍କ ମନ୍ଦିର ଓ ଅପର ପାର୍ଶ୍ୱରେ ସପ୍ତମାତାଙ୍କ ପୁରୀ ପ୍ରଭୃତି ବିରାଜମାନ ରହିଅଛି । ଆନନ୍ଦପୁର ନାମକ କେନ୍ଦୁଝରର ଅନ୍ତର୍ଗତ ଏକ ବୃହତ୍ ପେଣ୍ଠ ଓ ଆଖୁଆପଦା ଏହି ନଦୀକୂଳରେ ଦଣ୍ଡାୟମାନ । ଓଲଖଗ୍ରାମ ପର୍ଯ୍ୟନ୍ତ ବୈତରଣୀ ନାବ୍ୟ । ଏଥି ତଟରେ ପ୍ରସିଦ୍ଧ ଗୃନ୍ଦବାଲି ବନ୍ଦର ଅବସ୍ଥିତ ।

ସାଲନ୍ଦୀ ମୟୂରଭଞ୍ଜସ୍ଥ ମେଘାସନୀ ପାହାଡ଼ରୁ ନିର୍ଗତ ହୋଇ, ଅଗରପଡ଼ା ନିକଟରେ ମୋଗଲବନ୍ଦୀକୁ ସ୍ପର୍ଶ କରି, ଧାମରାର କିଛି ଉପରେ ବୈତରଣୀ ସଙ୍ଗେ ମିଳିତ ହୋଇଅଛି । ସାଲନ୍ଦୀ ଏକ ଶାଖାନଦୀଦ୍ୱାରା ମତେଇ ନାମକ ଅନ୍ୟ ଏକ ନଦୀ ସଙ୍ଗେ ସଂଯୁକ୍ତ ହୋଇଅଛି । ସାଲନ୍ଦୀ ଏକ ସୁନ୍ଦର ବକ୍ରଗମନଶୀଳା ନିମ୍ନଗା । ଏହାର ବାରି ଅତି ସୁସ୍ୱାଦୁ, ବାଲୁକାଶଯ୍ୟା ସାତିଶୟ ଚିତ୍ତବିନୋଦକ; ଅଧିକନ୍ତୁ ଏହା ପାଣି ପରି ନିର୍ମଳ ପାଣି ଓଡ଼ିଶାର କୌଣସି ନଦୀରେ ଦୃଷ୍ଟ ହୁଅଇ ନାହିଁ । ଭଦ୍ରଖ ନଗର ଏହି ନଦୀକୂଳରେ ଅବସ୍ଥିତ ।

କାଁଶବାଁଶ (କାଇଁଶବାଇଁଶ) ନୀଳଗିରି ପାହାଡ଼ରୁ ନିର୍ଗତ ହୋଇ ସମୁଦ୍ରରେ ପଡ଼ିଅଛି । ଏହା ଅତି କ୍ଷୁଦ୍ର ଓ ଅନାବ୍ୟ ନଦୀ । ସୋରୋ ଗ୍ରାମ ଏଥିର ପ୍ରାୟ ଦୁଇକୋଶ ଉତ୍ତରରେ ଅବସ୍ଥିତ । କେଶରୀବଂଶୀୟ ରାଜାଙ୍କର ଉତ୍ତରରେ ଏହି ନଦୀକୂଳ ପର୍ଯ୍ୟନ୍ତ ରାଜ୍ୟ ବିସ୍ତୃତ ଥିଲା । ଏଥି ଉପରେ ଓଡ଼ିଶାର ହିନ୍ଦୁରାଜାମାନେ ( ସମ୍ଭବତଃ ଗଙ୍ଗବଂଶୀୟ ରାଜାମାନେ ) ଗୋଟିଏ ସୁନ୍ଦର ପ୍ରସ୍ତରସେତୁ ନିର୍ମାଣ କରିଥିଲେ; ଇଂରାଜମାନେ ତାକୁ ଭାଙ୍ଗି ଆଉ ଗୋଟିଏ ସେତୁ ନିର୍ମାଣ କରିଅଛନ୍ତି ।

ବୁଢ଼ାବଳଙ୍ଗ ମୟୂରଭଞ୍ଜର ଉତ୍ତରପୂର୍ବ ପାର୍ଶ୍ୱସ୍ଥ ପର୍ବତରୁ ବହିର୍ଗତ ହୋଇ, ବାଲେଶ୍ୱର ଜିଲା ମଧ୍ୟ ଦେଇ ସମୁଦ୍ରବକ୍ଷକୁ ପ୍ରବାହିତ ହେଉଅଛି । ବାଲେଶ୍ୱର ନଗର ଏଥି ତୀରରେ ଅବସ୍ଥିତ, ମଧ୍ୟ ଏହି ବାଲେଶ୍ୱର ନଗର ପର୍ଯ୍ୟନ୍ତ ବୁଢ଼ାବଳଙ୍ଗ ନଦୀ ନାବ୍ୟ । ନଦୀ ମଧ୍ୟରେ ଓ ମୁହାଣରେ କ୍ରମଶଃ ଚଡ଼ା ପଡ଼ୁଅଛି । ରାଜପୁରୁଷମାନେ କୌଣସି ଉପାୟ ଅବଲମ୍ବନ ନ କଲେ ଓଡ଼ିଶାର ଅନ୍ୟାନ୍ୟ ନଦୀ ପରି ଏହା ମଧ୍ୟ ସମ୍ପୂର୍ଣ୍ଣରୂପେ ଅନାବ୍ୟ ହୋଇଯିବ । ଏଥିର ପାଣି ଲବଣାକ୍ତ ଓ ଶଯ୍ୟା କର୍ଦ୍ଦମମୟ । ପ୍ରବଳ ବାତ୍ୟା ଉପସ୍ଥିତ ହେଲେ ସମୁଦ୍ର ପାଣି ଏହି ନଈ ବାଟେ ଆସି କୂଳ ଉଚ୍ଛୁଳି ଅନେକ ଅନିଷ୍ଟ ସମ୍ପାଦନ କରେ ଓ ଏହି ପ୍ରକାର ଦୁର୍ଘଟଣା ୧୮୭୨ ମସିହା ଅକ୍ଟୋବର ମାସରେ ବାଲେଶ୍ୱରଠାରେ ଥରେ ଘଟିଥିଲା ।

Digitized by srujanika@gmail.com

ସୁବର୍ଣ୍ଣରେଖା ବେହାର ପ୍ରଦେଶରୁ ନିର୍ଗତ ହୋଇ ବାଲେଶ୍ୱର ଜିଲାର ଉତ୍ତରପୂର୍ବ ପାର୍ଶ୍ୱ ଦେଇ ଓଡ଼ିଶାରେ ପ୍ରବେଶ କରି ବଙ୍ଗୋପସାଗରରେ ପତିତ ହୋଇଅଛି । ଏହା ଅନାବ୍ୟ କିନ୍ତୁ ସୁପ୍ରଶସ୍ତ । ପିପିଲି ନାମକ ଏକ ଐଶ୍ୱର୍ଯ୍ୟଶାଳୀ ବନ୍ଦର ସପ୍ତଦଶ ଶତାବ୍ଦୀରେ ଏହି ମୁହାଣ ନିକଟରେ ଅବସ୍ଥିତ ଥିଲା । ପ୍ରଥମେ ପର୍ତ୍ତୁଗିଜମାନେ ୧୫୦୪ ଖ୍ରୀଷ୍ଟାବ୍ଦରୁ ସେଠାକୁ ଆସି ବାଣିଜ୍ୟ କରୁଥିଲେ । ଅନନ୍ତର ୧୬୩୪ ମସିହାରେ ସେଠାକୁ ବାଣିଜ୍ୟ କରିବାପାଇଁ ଇଂରାଜମାନେ ଆଇଲେ । ଏହାର ବାଲୁକାଶଯ୍ୟାରେ ସୁବର୍ଣ୍ଣରେଣୁ ମିଳଇ ବୋଲି ସୁବର୍ଣ୍ଣରେଖା ନାମରେ ଏ ନଦୀ ଆଖ୍ୟାତ ହୋଇଅଛି ।

ଉଲ୍ଲିଖିତ କେତୋଟି ନଦୀ ବ୍ୟତୀତ ଅନ୍ୟାନ୍ୟ କ୍ଷୁଦ୍ର ନଦୀ ମଧ୍ୟରେ ବାଲେଶ୍ୱର ଜିଲାରେ ବାଁସକୁଡ଼ା, ପାଞ୍ଚପଡ଼ା, ଯାମୁକା ଓ ଖୋର୍ଦ୍ଧାରେ ଦୟାନଦୀ ପ୍ରଧାନ ।

ଏ ସ୍ଥାନରେ ମଧ୍ୟ ଗୋଟିକେତେ ଉତ୍ସର ନାମୋଲ୍ଲେଖ କରିବା । ଓଡ଼ିଶା ମଧ୍ୟରେ ଗଡ଼ଜାତ ପାହାଡ଼ମୟ ସ୍ଥାନ ଥିବାରୁ ସେଠାରେ ଅନେକ ପ୍ରସ୍ରବଣ ଦେଖାଯାଏ । ଓଡ଼ିଶାର ନଦୀମାନ ଏହି ପ୍ରସ୍ରବଣମାନଙ୍କରୁ ବିଶେଷ ଉପାଦେୟ ଲାଭ କରେ । ସବୁ ପ୍ରସ୍ରବଣମାନଙ୍କର ଗୋଟି ଗୋଟି କରି ଏଠାରେ ନାମୋଲ୍ଲେଖ କଲେ ବହୁ ସ୍ଥାନ ଲାଗିବ, ସୁତରାଂ ଆମ୍ଭେମାନେ ଢେଙ୍କାନାଳର କପିଳାସ ଝରଣା, ନୟାଗଡ଼ର କଳାଶୁଣିଆ ପ୍ରସ୍ରବଣ ଓ ଖୋର୍ଦ୍ଧାର ବରୁଣାଇ ଝର ଏହି ତିନୋଟି ଉତ୍ସର ନାମମାତ୍ର ପ୍ରକାଶ କଲୁଁ । ଖୋର୍ଦ୍ଧାର ଅନ୍ତର୍ଗତ ଅଠଗଡ଼ ଗ୍ରାମ ନିକଟରେ ମଧ୍ୟ ଗୋଟିଏ ଉଷ୍ଣପ୍ରସ୍ରବଣ ଅଛି ।

ହ୍ରଦ—ପୃଥିବୀର ଉପରିଭାଗର ପ୍ରାକୃତିକ ତଡ଼ାଗମାନଙ୍କୁ ହ୍ରଦ କହି । ନଦୀମାନ ସାଧାରଣତଃ ଏହି ତଡ଼ାଗମାନଙ୍କରେ ପତିତ ହୋଇ ତଡ଼ାଗଦ୍ୱୟର ପୁଷ୍ଟତା ସମ୍ପାଦନ କରଇ । ମଧ୍ୟ ଅନେକ ହ୍ରଦର ପାଣି ଯେ ଲବଣାକ୍ତ, ନଦୀ ସ୍ରୋତରେ ଭାସି ଆସିଥିବା ଲୁଣିଆ ମାଟି ସେଥିର ପ୍ରଧାନ ହେତୁ । ଓଡ଼ିଶାରେ ଏ ଶ୍ରେଣୀର ହ୍ରଦ ଦୃଷ୍ଟିଗୋଚର ହୁଅଇ ନାହିଁ । କେବଳ ପୁରୀ ଜିଲାରେ ଚିଲ୍କା ଓ ସର ନାମକ ଯୋଡ଼ିଏ ବୃହତ୍ ଜଳାଶୟ ଅଛି, ସେ ଦୁଇଟିର ଉତ୍ପତ୍ତି ହେତୁ ପୁଣି ଭିନ୍ନ ପ୍ରକାର । ଚିଲ୍କା ବଙ୍ଗୋପସାଗରର ଅଂଶ ମାତ୍ର ଓ ସର ଭାର୍ଗବୀନଦୀର ପଶ୍ଚାତ୍‌ପ୍ରେରିତ ଜଳଦ୍ୱାରା ସମ୍ଭୂତ ।

ଚିଲ୍କାହ୍ରଦ ପୁରୀ ଜିଲାର ଦକ୍ଷିଣ-ପଶ୍ଚିମ କୋଣରେ ଅବସ୍ଥିତ । ଗ୍ରୀଷ୍ମ-କାଳରେ ଏହାର ପରିମାଣଫଳ ପ୍ରାୟ ୩୪୦ ବର୍ଗମାଇଲ । ବର୍ଷାକାଳରେ

Digitized by srujanika@gmail.com

ନଈପାଣିଦ୍ୱାରା ପରିପୂରିତ ହେଲେ ଏଥିର ପରିମାଣଫଳ ୪୫୦ ବର୍ଗମାଇଲ ହୁଅଇ ବୋଲି ନିର୍ଦ୍ଧାରିତ ହୋଇଅଛି । ଏକ ସମୟରେ ଏହା ସମୁଦ୍ରର ଏକ ଅଂଶ ଥିଲା, କାଳକ୍ରମେ ଏ ହ୍ରଦର ମୁହାଣରେ ବାଲୁକାରାଶି ଉତ୍ଥିତ ହୋଇ ସମୁଦ୍ରରୁ ଏହାକୁ ଭିନ୍ନ କରିଅଛି । ପୂର୍ବକାଳରେ ଖୋର୍ଦ୍ଧା ଉପକୂଳ ପର୍ଯ୍ୟନ୍ତ ଚିଲିକା ଦେଇ ଅର୍ଣ୍ଣବପୋତମାନ ଗତାୟାତ କରୁଥିଲା । ବର୍ତ୍ତମାନ ସୁଦ୍ଧା ଚିଲିକା ମୁହଁରୁ ବାଲି ଉଠି ଯାଇ ଚିଲିକା ସମୁଦ୍ର ସଙ୍ଗେ ନାବ୍ୟ ହୋଇପାରିଲେ ଏଥିର ଉପକୂଳ ପୃଥିବୀର ଉତ୍କୃଷ୍ଟ ବନ୍ଦରମାନଙ୍କ ସଙ୍ଗେ ପରିଗଣିତ ହେବ ସନ୍ଦେହ ନାହିଁ । ଦିନକୁଦିନ ଏଥି ବକ୍ଷରେ ବାଲି ଦ୍ୱୀପମାନ ଉତ୍ଥିତ ହୋଇ ନଦୀକର୍ଦ୍ଦମର ସାହାଯ୍ୟରେ ଅନେକ ଶୁଷ୍କଭୂମି ଜାତ ହେଉଅଛି । ଏହି ନବଜାତ ଭୂମିରେ ବର୍ତ୍ତମାନ କୃଷି ହେବାର ଆରମ୍ଭ ହେଲଣି । କୌଣସି କୌଣସି ଭୂତତ୍ତ୍ୱବେତ୍ତା ଲେଖିଅଛନ୍ତି ଯେ ସମୟରେ ଚିଲିକାହ୍ରଦ ସମ୍ପୂର୍ଣ୍ଣ ଭୂମିମୟ ହୋଇଯିବ । ଚିଲିକା ପାଣି ସାତିଶୟ ଲବଣାକ୍ତ । ଲକ୍ଷ ଲକ୍ଷ ମହଣ ଗୋଡ଼ିଆ ବା କର୍କଚ ଲୁଣ ପ୍ରତିବର୍ଷ ଏଥିରୁ ଉତ୍ପନ୍ନ ହୁଅଇ ।

ସାରହ୍ରଦ ପୁରୀ ନଗରର କିଞ୍ଚିତ୍ ଉତ୍ତର ପୂର୍ବଦିଗରେ ଅବସ୍ଥିତ । ଏହାର ଦୈର୍ଘ୍ୟ ପୂର୍ବ-ପଶ୍ଚିମରେ ଚାରି ମାଇଲ ଓ ବିସ୍ତୃତି ଉତ୍ତର-ଦକ୍ଷିଣରେ ଦୁଇ ମାଇଲ । ଏଥିର ଜଳ ଲବଣାକ୍ତ । ଅନାବୃଷ୍ଟି ସମୟରେ କୃଷିଏ ଏହି ଜଳାଶୟଦ୍ୱାରା ବହୁଳରୂପେ ଉପକୃତ ହୁଅନ୍ତି ।

ଚିଲିକା ଓ ସାରହ୍ରଦ ବ୍ୟତୀତ ଓଡ଼ିଶାର ସ୍ଥାନ ସ୍ଥାନରେ ଅନେକ ଝିଲ ଓ ଗଣ୍ଡ ଅଛି ।

ପର୍ବତ—ଭୂତତ୍ତ୍ୱବିତ୍‌ମାନେ କହନ୍ତି ପ୍ରଥମେ ପୃଥିବୀ ଗ୍ରାନାଇଟ (ମାକଡ଼ା) ପ୍ରସ୍ତରର ଅସମଗାତ୍ର ଅଣ୍ଡବିଶେଷ ଥିଲା । ସେଥି ଉପରେ କ୍ରମଶଃ ସ୍ତରମାନ ସ୍ଥାପିତ ହୋଇଅଛି । ସମୟ ସମୟରେ ଅଗ୍ନି, ଜଳ ବା ପାର୍ଥିବ ଅନ୍ୟ କୌଣସି ଶକ୍ତିଦ୍ୱାରା ଏହି ସ୍ତରମାନ ସ୍ଫୀତ ଓ ଉର୍ଦ୍ଧ୍ୱକୁ ନିକ୍ଷିପ୍ତ ହୋଇ ଉଚ୍ଚ ଉଚ୍ଚ ପର୍ବତ ଓ ପାହାଡ଼ମାନ ସୃଷ୍ଟ ହୋଇଅଛି । ଜଳସଂଯୋଗରେ ସ୍ତୂପୀଭୂତ ମୃତ୍ତିକାଦି ପ୍ରସ୍ତରରୂପେ ପରିଣତ ହୋଇଅଛି । ଆଧୁନିକ ପର୍ବତମାନ ନାନା ଶ୍ରେଣୀରେ ବିଭକ୍ତ । ସେଥି ମଧ୍ୟରୁ ଓଡ଼ିଶା ପର୍ବତପାହାଡ଼ମାନ ନିସେସ୍ ଶ୍ରେଣୀଭୁକ୍ତ ଅଟଇ । ପର୍ବତମାନଙ୍କ ଶିଖରଦେଶ ସୂଚ୍ୟାକୃତି, ଗୋଲାକାର ଏହିରୂପ କେତେକ ଆକାରରେ ଦୃଷ୍ଟ ହୁଅଇ । ଭାରତବର୍ଷର ପୂର୍ବଘାଟ ପର୍ବତଶ୍ରେଣୀର ଶିଖରଦେଶ ଗୋଲାକାର; ଓଡ଼ିଶା ପର୍ବତ ଓ ଗଣ୍ଡଶୈଳଶ୍ରେଣୀର ମସ୍ତକଭାଗ ମଧ୍ୟ ଗୋଲାକାର; ଏଣୁକରି ଏମାନ ପୂର୍ବଘାଟ ପର୍ବତ ଶ୍ରେଣୀଭୁକ୍ତ ବୋଲି ସ୍ଥିରୀକୃତ ହୋଇଅଛି ।

Digitized by srujanika@gmail.com

ଓଡ଼ିଶା ପାହାଡ଼ମାନଙ୍କରେ ମାକଡ଼ା, କଙ୍କା, ଅଳମିଶିଳା, ବଉଳମାଳା, ଖଡ଼, ମୁଗନୀ ପ୍ରଭୃତି ଭିନ୍ନ ଭିନ୍ନ ପ୍ରକାର ପ୍ରସ୍ତର ଦେଖାଯାଏ ।

ଓଡ଼ିଶାର ଗଡ଼ଜାତମାନଙ୍କରେ ପାହାଡ଼ପର୍ବତ ଅନେକ ଅଛି । ଗଡ଼ଜାତ ମାନଚିତ୍ର ପ୍ରତି ଦୃଷ୍ଟିପାତ କଲେ ସମସ୍ତ ରାଜ୍ୟ ପ୍ରାୟ ପର୍ବତମୟ ଦୃଷ୍ଟ ହୁଏ । ବିଶେଷତଃ ମୟୂରଭଞ୍ଜର ଉତ୍ତର-ପଶ୍ଚିମରୁ ଦକ୍ଷିଣ-ପୂର୍ବ କୋଣ ପର୍ଯ୍ୟନ୍ତ, କେନ୍ଦୁଝରର ଦକ୍ଷିଣ ଓ ପୂର୍ବାଂଶ, ପାଲଲହଡ଼ା, ନୀଳଗିରିର ପୂର୍ବାଂଶ, ତାଳଚେର ଓ ଢେଙ୍କାନାଳର ମଧ୍ୟସ୍ଥଳୀ, ଆଠଗଡ଼ର ଉତ୍ତରାଂଶ ଓ ତାଳଚେର, ଢେଙ୍କାନାଳ, ଆଠଗଡ଼ ଏହି ତିନି ଗଡ଼ଜାତର ଦକ୍ଷିଣଭାଗସ୍ଥିତ ସମସ୍ତ ଗଡ଼ଜାତ ଶସ୍ୟାବୃତ ଧାନ୍ୟକ୍ଷେତ୍ରର ନ୍ୟାୟ ପର୍ବତାକୀର୍ଣ୍ଣ । ସେ ସ୍ଥଳମାନଙ୍କରେ ମନୁଷ୍ୟର ବାସୋପଯୋଗୀ ସମତଳଭୂମି ଅଛି ବୋଲି ସ୍ଥୂଳଚକ୍ଷୁ ନିର୍ଦ୍ଧାରଣ କରି ପାରଇ ନାହିଁ । ଗଡ଼ଜାତ ପ୍ରଧାନ ପ୍ରଧାନ ପାହାଡ଼ମାନଙ୍କର ନାମ ଓ ଉଚ୍ଚତା ନିମ୍ନରେ ପ୍ରକଟିତ ହେଉଅଛି ।

| ପାହାଡ଼ର ନାମ । | କେଉଁଠାରେ ଅବସ୍ଥିତ । | ଉଚ୍ଚତା । |
|---|---|---|
| ୧ ମେଘାସନୀ | ମୟୂରଭଞ୍ଜ | ୩୮୨୪ ଫୁଟ |
| ୨ ଆମଜୋରୀ | ,, | ୩୫୧୩ ,, |
| ୩ ଠାକୁରାଣୀ | କେନ୍ଦୁଝର | ୩୦୦୩ ,, |
| ୪ ଗନ୍ଧମାଦନ | ,, | ୩୪୭୯ |
| ୫ ମଳୟଗିରି | ପାଲଲହଡ଼ା | ୩୮୯୫ ,, |
| ୬ କପିଳାସ | ଢେଙ୍କାନାଳ | ୨୦୯୮ ,, |
| ୭ ପଞ୍ଚଧାର | ଅନୁଗୁଳ | ୨୯୦୮ ,, |

ମୋଗଲବନ୍ଦୀରେ ପାହାଡ଼ପର୍ବତ ଦୃଷ୍ଟ ହୁଅଇ ନାହିଁ । ଗୋଟାକେତେ ଯାହା ଦେଖାଯାଏ ସେ ସବୁ ମୁଣ୍ଡିଆ ନାମର ଯୋଗ୍ୟ । ନେଉଳପୁର, ନଳଟିଗିରି, ଅଲଟିଗିରି, ଅଲମଗିରି ଏବଂ ଖୋର୍ଦ୍ଧା ଓ ବାଣ୍ଟିମାଳ ପାହାଡ଼ମାନ ସେମାନଙ୍କ ମଧ୍ୟରେ ପ୍ରଧାନ । ଏହି ସବୁ ପାହାଡ଼ ମଧ୍ୟରୁ ଅଧିକାଂଶ ପାହାଡ଼ ଦେହରେ ବୌଦ୍ଧଙ୍କର ଖୋଦିତ ଗହ୍ୱର ଓ ଅନ୍ୟାନ୍ୟ କୀର୍ତ୍ତିମାନ ସୁରକ୍ଷିତ ହୋଇଅଛି ।

ଅନ୍ତରୀପ—ଓଡ଼ିଶାର ଉପକୂଳରେ ଏକ ଏକ ସ୍ଥାନର ଭୂମି ସୂଚ୍ୟାକାର ହୋଇ ସମୁଦ୍ର ମଧ୍ୟକୁ ପ୍ରଧାବିତ ହୋଇଅଛି, ସୁତରାଂ ସେମାନ ଅନ୍ତରୀପ ନାମର ଯୋଗ୍ୟ । କଳୁମୁହାଣସ୍ଥ ଫଲ୍ସପଏଣ୍ଟ (ବଡ଼ଘର) ଓ ଧାମରାମୁହାଣସ୍ଥ ପାଲମିରା ଓଡ଼ିଶା ଉପକୂଳର ଅନ୍ତରୀପମାନଙ୍କ ମଧ୍ୟରେ ପ୍ରଧାନ ।

Digitized by srujanika@gmail.com

ବନ୍ଦର—ଓଡ଼ିଶାରେ ଅନେକଗୁଡ଼ିଏ ବନ୍ଦର ଅଛି । ସେଥି ମଧ୍ୟରେ କଟକର ବଡ଼ଘର ବା ଫଲ୍ସପଏଣ୍ଟ; ବାଲେଶ୍ୱରର ଚୂଡ଼ାମଣି ଓ ସାରଥା ଏବଂ ପୁରୀର ପୁରୀ ଓ ମାଛଗାଁ ବନ୍ଦରମାନ ସର୍ବପ୍ରଧାନ ।

ଇଂରାଜମାନେ ଏହି ସମସ୍ତ ବନ୍ଦରମାନଙ୍କ ମଧ୍ୟରୁ ବଡ଼ଘରବନ୍ଦରକୁ ଅଧିକ ମନୋନୀତ କରନ୍ତି । ୧୮୬୮ ସାଲରେ ଓଡ଼ିଶାର ଦୁର୍ଭିକ୍ଷକମିଶନରମାନେ ଏହି ବନ୍ଦରର ଉତ୍କୃଷ୍ଟତା ଓ ଉପଯୋଗିତା ବିଷୟରେ ଗବର୍ଣ୍ଣମେଣ୍ଟଙ୍କୁ ଜଣାଇଥିଲେ; ସେହି ସମୟରୁ ଇଂରାଜ ରାଜପୁରୁଷଙ୍କର ବିଶେଷ ଦୃଷ୍ଟି ଏଥିପ୍ରତି ନିପତିତ ହୋଇଅଛି ଓ ଏକ ଆଲୋକ ଘର ସମୁଦ୍ର ଉପକୂଳରେ ନିର୍ମିତ ହୋଇ ଦେଶ ମଧ୍ୟରେ ବଡ଼ଘର ନାମରେ ଆଖ୍ୟାତ ହୋଇଅଛି । ନିୟମିତରୂପେ ଏଠାକୁ ବର୍ତ୍ତମାନ ଜାହାଜ ଯାତାୟାତ କରୁଅଛି ।

ଫଲ୍ସପଏଣ୍ଟ ଉତ୍ତରୁ ବାଲେଶ୍ୱର ଓ ଚାନ୍ଦବାଲି ଦେଶ ମଧ୍ୟରେ ଦୁଇ ବିଶେଷ ଉପଯୋଗୀ ବନ୍ଦର ଅଟଇ । ବାଲେଶ୍ୱର ସପ୍ତଦଶ ଶତାବ୍ଦୀରୁ ବନ୍ଦର ମଧ୍ୟରେ ପରିଗଣିତ ହୋଇଅଛି । ୧୬୩୪ ଖ୍ରୀଷ୍ଟାବ୍ଦରେ ଇଂରାଜମାନେ ପ୍ରଥମ ଏଠାରେ ବାଣିଜ୍ୟକୋଠି ସଂସ୍ଥାପିତ କରିଥିଲେ । ପ୍ରାୟ ନିୟମିତରୂପେ ବାଲେଶ୍ୱରଠାକୁ ଜାହାଜ ଯାତାୟାତ କରୁଥିଲା । ବୁଢ଼ାବଳଙ୍ଗନଦୀର ଅଭ୍ୟନ୍ତର ଓ ମୁହାଣରେ ବାଲିବନ୍ଧ ଓ ଚଡ଼ାମାନ ବାହାରିବାରୁ ଓ ଗତ ଦୁଇ ତିନି ବର୍ଷ ମଧ୍ୟରେ ଖଣ୍ଡେ ଖଣ୍ଡେ ଜାହାଜ ସେହି ବାଲିଚଡ଼ାରେ ଲାଗି ନଷ୍ଟ ହେବାରୁ ନିୟମିତରୂପେ ଜାହାଜ ଯାତାୟାତ କରିବା ୧୮୭୫ ମସିହାରୁ ସ୍ଥଗିତ ହୋଇଅଛି । ୧୮୭୨ ଖ୍ରୀଷ୍ଟାବ୍ଦରୁ ଚାନ୍ଦବାଲି ବନ୍ଦର ଦିନକୁଦିନ ବର୍ଦ୍ଧିତପ୍ରଭ ହେଉଅଛି । ବାଲେଶ୍ୱର, ପୁରୀ ଓ କଟକଜିଲ୍ଲା ଲୋକଙ୍କର ଏହି ଚାନ୍ଦବାଲି ବନ୍ଦର ପ୍ରିୟ ହୋଇଥିବାର ଜଣାଯାଏ । ଲୋକଙ୍କର ଜାହାଜରେ ବିଦେଶ ଯାତାୟାତର ଆବଶ୍ୟକ ହେଲେ, ଏହି ଚାନ୍ଦବାଲି ବନ୍ଦରବାଟେ ସେମାନେ ଗମନାଗମନ କରୁଅଛନ୍ତି । ପ୍ରତି ସପ୍ତାହ ନିୟମିତରୂପେ ଜାହାଜ ଏଠାକୁ ଯାତାୟାତ କରୁଅଛି ।

ଉତ୍ପନ୍ନଦ୍ରବ୍ୟ—ଧାନ୍ୟ ଓଡ଼ିଶାର ପ୍ରଧାନ ଉତ୍ପନ୍ନଦ୍ରବ୍ୟ । ଏ ଦେଶରେ ଧାନର ତିନି ପ୍ରକାର ଫସଲ ହୁଅଇ :—ଡାଲୁଅ, ବିଆଳୀ ଓ ଶାରଦ । ଡାଲୁଅ ଚୈତ୍ର ବୈଶାଖରେ କଟାଯାଏ ଓ ଏଥିର ଫସଲ ଅଳ୍ପ ପରିମାଣରେ ହୁଅଇ । ବିଆଳୀ ଭାଦ୍ର ଆଶ୍ୱିନରେ ଓ ଶାରଦ ପୌଷ ମାଘରେ ଅମଳ ହୁଏ । ଶାରଦ କିଛି ଅଧିକ ପରିମାଣରେ ଉତ୍ପାଦିତ ହୁଅଇ ।

Digitized by srujanika@gmail.com

ମୋଗଲବନ୍ଦୀରେ ଓ ଗଡ଼ଜାତରେ ଧାନ୍ୟ ବ୍ୟତୀତ ମୁଗ, ବ୍ରୀହି, ହରଡ଼, କୋଲଥ, କଙ୍ଗୁ, ସୋରଷ, ଖସା, ରାଶି, ବୁଟ, ଗହମ, ଚଣା, ଖେସାରି, ମାଣ୍ଡିଆ, ମସୁର, ଧୂଆଁପତର, ଆଖୁ ପ୍ରଭୃତି ଫସଲମାନ ମଧ୍ୟ କେତେକ ପରିମାଣରେ ଜନ୍ମଇ । ଗଡ଼ଜାତ ଓ ସମୁଦ୍ରତଟସ୍ଥ ଜଙ୍ଗଲମାନ ଇନ୍ଧନ ଓ ବାସ ନିର୍ମାଣ ଉପଯୋଗୀ କାଷ୍ଠାଦି ପ୍ରଦାନ କରେ । ଗଡ଼ଜାତରେ ପାନ ହୁଅଇ ନାହିଁ । ମୋଗଲବନ୍ଦୀର ସ୍ଥାନ ସ୍ଥାନରେ ପାନ ବିଶେଷ ଜନ୍ମଇ । ପୁରୀଜିଲାର ନରସିଂହପୁର, କାକଟପୁର, ଲକ୍ଷ୍ମୀସାଗର; କଟକର ପରମହଂସ, କୁକଙ୍ଗ ପାନବରଜ ସକାଶେ ବିଶେଷ ପ୍ରସିଦ୍ଧ ।

ମୋଗଲବନ୍ଦୀରେ ନାରିକେଳ ଗୁବାକର ମଧ୍ୟ ଅନେକ ବୃକ୍ଷ ଦେଖାଯାଏ, କିନ୍ତୁ ଏମାନ ଗଡ଼ଜାତରେ ଦୁଷ୍ପ୍ରାପ୍ୟ । କଟକଜିଲ୍ଲାର ନଲଗିରି ପାହାଡ଼ରୁ ଚନ୍ଦନକାଷ୍ଠ ଉତ୍ପନ୍ନ ହୁଅଇ । ଓଡ଼ିଶାରେ ପୁନାଙ୍ଗ, ମହୁଲ, କରଞ୍ଜବୃକ୍ଷ ମଧ୍ୟ ଅନେକ ଅଛି । ଏ ବୃକ୍ଷମାନଙ୍କର ଫଳ ତୈଳୋତ୍ପାଦନ ବିଷୟରେ ବିଶେଷ ଉପଯୋଗୀ ।

ଓଡ଼ିଶାର ଉପକୂଳମାନଙ୍କରୁ ଓ ଚିଲ୍କାହ୍ରଦରୁ ବହୁପରିମାଣରେ ଲବଣ ଉତ୍ପନ୍ନ ହୁଅଇ । ଧାନ୍ୟ ବ୍ୟତୀତ ଲବଣ ଓଡ଼ିଶାର ଅନ୍ୟତର ପ୍ରଧାନ ବାଣିଜ୍ୟ-ଦ୍ରବ୍ୟ । ଗଡ଼ଜାତର ହୁଣା, ଲାଖ, ଖଇର, କୋଷା ( ପାଟୋତ୍ପାଦକ କୀଟ ), ହରଡ଼ା, ବାହାଡ଼ା ପ୍ରଭୃତି ବନ୍ୟପଦାର୍ଥମାନ ଓ ଶାଳ, ପିଆଶାଳ, ଶିଶୁ ପ୍ରଭୃତି ମୂଲ୍ୟବାନ୍ କାଷ୍ଠସମୂହ ଓଡ଼ିଶାର ବିଶେଷ ବିଶେଷ ବାଣିଜ୍ୟପଦାର୍ଥ ଅଟଇ ।

କପା, ନୀଳ ଓ ପୋଟର ଚାଷ ଅଦ୍ୟାପି ଓଡ଼ିଶାରେ ଲାଭଜନକ ହୋଇ ନାହିଁ । ଓଡ଼ିଶାରେ ସିଂହାରହାର ପୁଷ୍ପରେ ଏକପ୍ରକାର ରଙ୍ଗ ପ୍ରସ୍ତୁତ ହୁଏ, କିନ୍ତୁ ତାହା ଲାଭଜନକ ନୁହେ ।

ଖଣିଜଦ୍ରବ୍ୟ—ଓଡ଼ିଶା ଗଡ଼ଜାତ ମଧ୍ୟରେ ତାଲଚେରରେ ପଥର କୋଇଲା ଖଣି, କେନ୍ଦୁଝରରେ ସ୍ୱର୍ଣ୍ଣଖଣି ଓ ସ୍ଥାନ ସ୍ଥାନରେ ଲୌହଖଣିମାନ ଆବିଷ୍କୃତ ହୋଇଅଛି ।

ଶିଳ୍ପଜାତଦ୍ରବ୍ୟ—ଗଡ଼ଜାତ ମଧ୍ୟରେ କେନ୍ଦୁଝର ନିର୍ମିତ ପିତଳ ତାର ଓ ଗଡ଼ୁ ଅତି ପ୍ରସିଦ୍ଧ । ଢେଙ୍କାନାଳ ଅନ୍ତର୍ଗତ ମାଣିଆବନ୍ଦୀ ଲୁଗା ଅତି ଉତ୍କୃଷ୍ଟ ଓ ଓଡ଼ିଶାର ଭଦ୍ରମଣ୍ଡଳୀରେ ବିଶେଷ ସମାଦୃତ । ନୀଳଗିରିର ମୁଗୁନିବାସନ ଓଡ଼ିଶାର ଏକ ବିଖ୍ୟାତ ପଦାର୍ଥ ଅଟଇ । ଏମାନ ଛଡ଼ା ନୟାଗଡ଼, ଢେଙ୍କାନାଳ, ଢଗିରିଆ, ଖଣ୍ଡପଡ଼ା, ରଣପୁର ଏହି କେତେକ ଗଡ଼ଜାତର କଂସା ଓ ପିତ୍ତଳ ବାସନ, ବସ୍ତ୍ର, ଖଣ୍ଡୁଆ, ମଠା ଓ ତସର ଅସୁନ୍ଦର ନୁହଇ ।

Digitized by srujanika@gmail.com

ମୋଗଲବନ୍ଦୀ ଅନ୍ତର୍ଗତ କଟକଜିଲ୍ଲା ମଧ୍ୟରେ କଂସା ଓ ପିତ୍ତଳ ବାସନ, ନୋଥା, ଗଡ଼ୁ ଗୁଡ଼ଳଅଗଞ୍ଜ ଓ ଘଣ୍ଟିମୁଣ୍ଡାଠାରେ ଅଧିକ ପରିମାଣରେ ପ୍ରସ୍ତୁତ ହୁଏ । କେସରନଗର ଓ ଗୁଲ୍ଜନଗରର ତନ୍ତନିର୍ମିତ ଯୋଡ଼ ଏବଂ ସଂକୋଚ ତନ୍ତ୍ରପ୍ରସ୍ତୁତ ତଡ଼ପ କଟକଜିଲ୍ଲାର ସର୍ବତ୍ର ପ୍ରସିଦ୍ଧ । ପୁରୀଜିଲ୍ଲାର ଅନ୍ତର୍ଗତ ବାଳକାଟୀ ଓ ରଥିଳାମା ସୁନ୍ଦର ସୁନ୍ଦର ବାସନ, ନୋଥା, ଗଡ଼ୁ ପ୍ରଭୃତି ସକାଶେ ବିଖ୍ୟାତ । ଖୋର୍ଦ୍ଧା ଅନ୍ତର୍ଗତ ଓଡ଼ସିଙ୍ଗରେ ସୁନ୍ଦର ଖଣ୍ଡୁଆ ପ୍ରସ୍ତୁତ ହୁଏ । କଟକନଗର ସୁନା ରୁପା ତାରକସୀ କାର୍ଯ୍ୟ ସକାଶେ ଭାରତବର୍ଷରେ ପ୍ରସିଦ୍ଧ । ବାଲେଶ୍ୱର ସହରରେ ଓ ବାଲେଶ୍ୱରର ପାଞ୍ଚକୋଶ ଦକ୍ଷିଣବର୍ତ୍ତୀ ରେବଣା ଗ୍ରାମରେ ଅତି ଉତ୍କୃଷ୍ଟ ଉତ୍କୃଷ୍ଟ କଂସା ଓ ପିତ୍ତଳର ନାନାପ୍ରକାର ବାସନାଦି ନିର୍ମାଣ ହୁଅଇ । ଏ ବାସନମାନ ନିଜ ସୌନ୍ଦର୍ଯ୍ୟ ଓ ସୂକ୍ଷ୍ମତା ସକାଶେ ଯେ କେବଳ ଓଡ଼ିଶାରେ ଆଦରଣୀୟ ଏମନ୍ତ ନୁହେ, ବିଦେଶୀୟ ଲୋକଙ୍କ ଶତ୍ରୁ ସୁଦ୍ଧା ଏ ଦ୍ରବ୍ୟରେ ପ୍ରତି ଅନୁରକ୍ତ ହୋଇଅଛି । ଭଦ୍ରଖଠାରେ ଉତ୍ତମ ଯୋଡ଼ ଓ ଗାମୁଛା ପ୍ରସ୍ତୁତ ହୁଏ । ବାଲେଶ୍ୱର ଲୋକେ ସ୍ଲୁପ ନିର୍ମାଣ କରନ୍ତି ଓ ବାଲେଶ୍ୱରୀ କେଉଟମାନେ ସେହି ସ୍ଲୁପମାନଙ୍କୁ ସମୁଦ୍ରରେ ଚଳାନ୍ତି । ଦେଶର ଭିନ୍ନ ଭିନ୍ନ ସ୍ଥାନରେ କାଗଜ ମଧ୍ୟ ପ୍ରସ୍ତୁତ ହୁଅଇ । ଉତ୍ତମ ପଥର କାରିଗିରି ଅଦ୍ୟାପି ସୁଦ୍ଧା ଓଡ଼ିଶାରେ କାହାରି କାହାରିକୁ କରିବାର ଦେଖାଯାଏ । ପୁରାତନ ଓ ନୂତନ ସମ୍ପ୍ରଦାୟର ସୂତକାରମାନେ ବର୍ତ୍ତମାନ ଓଡ଼ିଶାରେ ଏକପ୍ରକାର ସୁନ୍ଦର ସଭ୍ୟତାସମ୍ମତ ସୂତବସ୍ତ୍ରମାନ ପ୍ରସ୍ତୁତ କରନ୍ତି ।

ଭିନ୍ନ ଭିନ୍ନ ଜାତି, ଭାଷା ଓ ଧର୍ମ—ଓଡ଼ିଶାରେ ଭିନ୍ନ ଭିନ୍ନ ଜାତି ଦୃଷ୍ଟି-ଗୋଚର ହୁଅନ୍ତି । ଗଡ଼ଜାତ ମଧ୍ୟରେ ଅଧିକାଂଶ ଆଦିମ ଅଧିବାସିମାନେ ବାସ କରନ୍ତି । ସାନ୍ତାଳ, କନ୍ଧ, କୋଲ, ଜୁଆଙ୍ଗ, ଶଅର, ଗଣ୍ଡ, ଭୂମିଜ, ସାନ୍ତ ଓ ତାଲ୍ମ ସେମାନଙ୍କ ମଧ୍ୟରେ ପ୍ରଧାନ । ସେମାନଙ୍କର ଭାଷା ଭିନ୍ନ ଭିନ୍ନ ଓ ଅସ୍ପଷ୍ଟ । ସେମାନଙ୍କର ଯେ କି ଧର୍ମ ତାହା ପରିଷ୍କାରରୂପେ ବୁଝାଯାଇ ନ ପାରେ । ସେମାନେ ଗ୍ରାମଦେବତୀଙ୍କ ପରି ଖଣ୍ଡେ କାଷ୍ଠ କି ପଥର କି ଭୂମି ପୂଜା କରନ୍ତି ଓ ଉପାସ୍ୟଦେବତାଙ୍କ ନିକଟରେ ଅସଂଖ୍ୟ ବଳି ପ୍ରଦାନ କରନ୍ତି ।

ଆର୍ଯ୍ୟମାନଙ୍କ ମଧ୍ୟରେ ବ୍ରାହ୍ମଣ, ଖଣ୍ଡାଇତ ବା ମହାନାୟକ ଓ କରଣମାନଙ୍କୁ ଓଡ଼ିଶାରେ ପ୍ରାଧାନ୍ୟ ଲଭିଥିବାର ଦେଖାଯାଏ; କିନ୍ତୁ ପ୍ରକୃତ କହିବାକୁ ଗଲେ ଓଡ଼ିଶା ସମାଜରେ କରଣଙ୍କ ପରି ଉନ୍ନତ ଆଉ କେହି ନୁହନ୍ତି । ସାମାଜିକ ଅନେକ ବିଷୟରେ ଏମାନେ ନେତୃତ୍ୱ ବହନ କରନ୍ତି । ଏଦେଶରେ କାଳକ୍ରମେ ବଙ୍ଗାଳୀ, ଖୋର୍ଠା ଓ ଅନ୍ୟାନ୍ୟ କେତେ ଜାତି ଆସି ଉପନିବେଶ ସ୍ଥାପନ କରି-ଅଛନ୍ତି । ସେମାନଙ୍କ ମଧ୍ୟରେ ବଙ୍ଗାଳୀ କାୟସ୍ଥ ଓ ବୈଦ୍ୟମାନେ ଏବଂ ଜନ୍ମ

Digitized by srujanika@gmail.com

ଖୋର୍ଦ୍ଧାଏ ଉତ୍ତମ ସାମାଜିକ ଅବସ୍ଥା ଉପଭୋଗ କରନ୍ତି । ଓଡ଼ିଆବ୍ରାହ୍ମଣଙ୍କ ପରି ଏ ଦେଶରେ ଉପନିବେଶ ସ୍ଥାପନ କରିଥିବା ବଙ୍ଗାଳୀବ୍ରାହ୍ମଣମାନେ ସୁଦ୍ଧା ଅନେକେ ଦରିଦ୍ର ଓ ଅନୁନ୍ନତ । ଏମାନେ ସମସ୍ତେ ହିନ୍ଦୁଧର୍ମାବଲମ୍ବୀ ଏବଂ ଓଡ଼ିଆଭାଷା ଲେଖି ପଢି ଓ ବୁଝିପାରନ୍ତି । ଓଡିଶାରେ ଅନେକ ବୈଷ୍ଣବ ଥିବାରୁ ଚୈତନ୍ୟଚରିତାମୃତ ଓ ଅନ୍ୟାନ୍ୟ ଗୋସ୍ୱାମୀକୃତ ଗ୍ରନ୍ଥମାନ ପାଠ କରିବାପାଇଁ ଓଡ଼ିଆ କେହି କେହି ମଧ୍ୟ ବଙ୍ଗଭାଷାର ଆଲୋଚନା କରନ୍ତି । ଉପନିବେଶୀ ଅଧିବାସିମାନେ ଚିଠିପତ୍ର ଲେଖା ଓ ଦଲିଲ ଦସ୍ତାବିଜ ପ୍ରଭୃତି ସମସ୍ତ ଓଡ଼ିଆଭାଷାରେ ଚଳାନ୍ତି । ପୁରୀଜିଲାର ବଙ୍ଗାଳୀ ଓ ସାଧାରଣ ମହାରାଷ୍ଟ୍ରୀୟ ଓ କେହି କେହି ଉତ୍ତର-ପଶ୍ଚିମାଞ୍ଚଳୀୟ ଉପନିବାସିଙ୍କର ମାତୃଭାଷା ସୁଦ୍ଧା ଓଡ଼ିଆ ହୋଇ ପଡିଅଛି ।

ଓଡ଼ିଶାରେ ମୁସଲମାନ ଅଛନ୍ତି । ସେମାନଙ୍କ ସଂଖ୍ୟା ପ୍ରାୟ ୭୫ ସହସ୍ର ହେବ । ଏକଦଳ ଦେଶୀୟ ଖ୍ରୀଷ୍ଟୀୟାନଙ୍କର ମଧ୍ୟ ସମାଜ ସ୍ଥାପିତ ହୋଇଅଛି କିନ୍ତୁ ସେମାନଙ୍କର ସଂଖ୍ୟା ୩୫୦୦ ରୁ ଊର୍ଦ୍ଧ୍ୱ ନୁହେ । ନବପ୍ରଚାରିତ ବ୍ରାହ୍ମଧର୍ମର ଆନ୍ଦୋଳନ ମଧ୍ୟ ଓଡିଶାରେ ଅତି ସୂକ୍ଷ୍ମଭାବରେ ଆରବ୍ଧ ହୋଇଅଛି । ଗଡ଼ଜାତ ଓ ମୋଗଲବନ୍ଦୀର ସ୍ଥାନ ସ୍ଥାନରେ ନୀଚଶ୍ରେଣୀ ଲୋକଙ୍କ ମଧ୍ୟରେ ମହିମାଧର୍ମ ବୋଲି ଏକ ଧର୍ମ ନୂତନ ପ୍ରଚାରିତ ହୋଇଅଛି । ଏହିପରି ଜନଶ୍ରୁତି ଯେ ଏ ଧର୍ମର ଆଶ୍ରିତ ଲୋକ ପ୍ରାୟ ଦଶ ସହସ୍ର ହେବ * । ମଧ୍ୟ ୩୦ ଜଣ ଭିତରେ ବୌଦ୍ଧ ଅଛନ୍ତି ।

---

* ନିରାକାର ଈଶ୍ୱର ଉପାସନା ଓ ଜାତିଭେଦ ଅସ୍ୱୀକାର କରିବା ମହିମାଧର୍ମାଶ୍ରିତଙ୍କ ଧର୍ମର ମୂଳତତ୍ତ୍ୱ । ମାତ୍ର ସେମାନେ ସାଧାରଣତଃ ଅକ୍ଷରଜ୍ଞାନଶୂନ୍ୟ ଓ ମୂର୍ଖ ହେବାରୁ, ସେମାନଙ୍କ ମଧ୍ୟରେ ନାନାପ୍ରକାର କୁସଂସ୍କାର କ୍ରମଶଃ ପ୍ରବେଶ କରୁଅଛି । ବର୍ତ୍ତମାନ ସେମାନଙ୍କ ମଧ୍ୟରେ ଏକପ୍ରକାର ଅଗ୍ନି ପୂଜା ପ୍ରବେଶ କଲାଣି । ଜାତିଭେଦ ଅସ୍ୱୀକାର କରି ସୁଦ୍ଧା ବ୍ରାହ୍ମଣ, ରାଜା, ବେଶ୍ୟା, ରଜକ ଓ ବିଧର୍ମିଙ୍କ ସଙ୍ଗେ କିମ୍ବା ସେମାନଙ୍କ ଘରେ ଆହାରାଦି କରିବା ପାପଯୁକ୍ତ ବୋଲି ସେମାନେ ପ୍ରଚାର କରନ୍ତି । ମୁସଲମାନମାନଙ୍କ ପରି ଧର୍ମଉନ୍ମାଦ କେତେକ ପରିମାଣରେ ସେମାନଙ୍କ ମଧ୍ୟରେ ପ୍ରବେଶ କରିଅଛି । ମାଦକଦ୍ରବ୍ୟ ମଧ୍ୟରେ ଗଞ୍ଜା ଦନିକୁନ୍ଦନ ସେମାନଙ୍କର ଅଧିକତର ପ୍ରିୟ ହେଉଅଛି । ଯୀଶୁ, ମହମ୍ମଦ, ଚୈତନ୍ୟ ପ୍ରଭୃତି ଧର୍ମପ୍ରଚାରକମାନଙ୍କଦ୍ୱାରା ଆଦୌ ଅଜ୍ଞାନଙ୍କ ମଧ୍ୟରେ ଈଶ୍ୱର ଆଧ୍ୟାତ୍ମିକ ଉପାସନା ପ୍ରଚାରିତ ହୋଇ ଶେଷକୁ ଯେମନ୍ତ ମୂର୍ଖତା ହେତୁରୁ ନାନା ପ୍ରକାର ଅଲୌକିକ ଘଟନାରେ ଓ ପ୍ରବର୍ତ୍ତକଙ୍କର ଅବତାରତ୍ୱରେ ଲୋକଙ୍କର ବିଶ୍ୱାସ ଜନ୍ମିଥିଲା, ସେହିପରି ଏହି ଅସଭ୍ୟତମ ଗଡ଼ଜାତବାସିଙ୍କ ମଧ୍ୟରେ କ୍ରମଶଃ ଘଟୁଅଛି ଏବଂ ଏଥିରୁ ସ୍ପଷ୍ଟ ପ୍ରମାଣ ମିଳଇ ଯେ ସବୁଦେଶରେ ସବୁକାଳରେ ମୂର୍ଖତା ଅନ୍ଧକାର ଘଟା

Digitized by srujanika@gmail.com

ଜଳବାୟୁ—ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଜଳବାୟୁର ଭିନ୍ନ ଭିନ୍ନ ପ୍ରକାର ପ୍ରାଦୁର୍ଭାବ । ଗଡ଼ଜାତର ଜଳବାୟୁ ସାଧାରଣତଃ ଅସ୍ୱାସ୍ଥ୍ୟକର । ଗଡ଼ଜାତବାସିମାନେ ପ୍ରାୟ ସବୁ ଋତୁର ଆଧିକ୍ୟ ଉପଭୋଗ କରନ୍ତି । ମୋଗଲବନ୍ଦୀର ଜଳବାୟୁ ସାଧାରଣତଃ ଉଷ୍ଣ; ତଥାପି ସମସ୍ତଙ୍କ ପ୍ରତି ଅସ୍ୱାସ୍ଥ୍ୟକର ନୁହେ । ପୁରୀର ଜଳବାୟୁ ସମଶୀତଳ । ବାଲେଶ୍ୱରର ଜଳବାୟୁ ଓଡ଼ିଶାର ସାଧାରଣ ଜଳବାୟୁ ପରି, ମାତ୍ର କିଛି ଲବଣାକ୍ତ । ଯାଜପୁରର ଜଳବାୟୁ କିଛି ବିଶେଷ ସ୍ୱାସ୍ଥ୍ୟକର ଓ କଟକର ଜଳବାୟୁ ମଧ୍ୟ ସାଧାରଣ ଲୋକଙ୍କ ପ୍ରତି ସହନୀୟ ପ୍ରାୟ ବୋଧ ହୁଅଇ । ଢେଙ୍କାନାଳସ୍ଥ କପିଳାସ ଓ ଖୋର୍ଦ୍ଧା ଅନ୍ତର୍ଗତ ବରୁଣାଇ ପାହାଡ଼ର ଜଳବାୟୁକୁ ଡାକ୍ତରମାନେ ଶୀତଳ ଓ ଅତି ସ୍ୱାସ୍ଥ୍ୟକର ବୋଲି କହିଅଛନ୍ତି । କାହାରି କାହାରି ଏପରି ମତ ଯେ କପିଳାସ ଝରଣାର ଜଳ ପାନ ଓ ସେଠା ବାୟୁ ସେବନ କଲେ କୁଷ୍ଠରୋଗୀ କେତେକ ପରିମାଣରେ ଆରୋଗ୍ୟ ଲାଭ କରିପାରେ ।

ଓଡ଼ିଶାର ଭୂତତ୍ତ୍ୱ—ଭୂତତ୍ତ୍ୱର ନିୟମାନୁସାରେ ଓଡ଼ିଶାକୁ ପରୀକ୍ଷା କରି ଦେଖିଲେ, ଓଡ଼ିଶାକୁ ଦୁଇ ଭାଗରେ ବିଭକ୍ତ କରିବାକୁ ହୁଏ । ସେଥି ମଧ୍ୟରୁ ଗଡ଼ଜାତ ଏକ ଅଂଶ ଓ ମୋଗଲବନ୍ଦୀ ଅନ୍ୟ ଅଂଶ । ଗଡ଼ଜାତର ଭୂମି ଅତି ପୁରାକାଳର ପର୍ବତମାନଙ୍କରେ ସଂଯୁକ୍ତ ହୋଇଥିବାର ଜଣାଯାଏ; ସେ ପର୍ବତମାନ ଏତେ ପୁରାତନ ଯେ ସେମାନଙ୍କର ପ୍ରଥମ ପ୍ରାକୃତିକ ଅବସ୍ଥାର ସମ୍ପୂର୍ଣ୍ଣ ପରିବର୍ତ୍ତନ ଘଟିଅଛି ଓ ସେମାନଙ୍କର ଆଦିମ ବିବରଣ ସ୍ଥିର କରାଯାଇ ନ ପାରେ । ତଦନନ୍ତର ଆଉ ପାଞ୍ଚ ଶ୍ରେଣୀର ପାହାଡ଼ରେ ଗଡ଼ଜାତ ଭୂମି ସଂଯୁକ୍ତ । ଯଥା :—(୧) ତାଲଚେର ବାଲିଆପଥର, ପଙ୍କ ଇତ୍ୟାଦି; (୨) ଦାମୋଦର ବାଲିଆପଥର, ପଥରକୋଇଲା ଇତ୍ୟାଦି; (୩) ମହାଦେବ ବାଲିଆପଥର ଓ ଗେଙ୍ଗୁଟି; (୪) ଅଠଗଡ଼ ବାଲିପଥର ଏବଂ (୫) ମାକଡ଼ାପଥର । ମୋଗଲବନ୍ଦୀ, ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀର ପଙ୍କ ଓ କେତେକ ସମୁଦ୍ର ପଙ୍କରେ ସଗଠିତ; ସ୍ଥାନ ସ୍ଥାନରେ ସମୁଦ୍ର-ଉତ୍କ୍ଷିପ୍ତ ବାଲି ମଧ୍ୟ ମୋଗଲବନ୍ଦୀରେ ଦୃଷ୍ଟିଗୋଚର ହୁଅଇ । ଏହାର ପଶ୍ଚିମଦିଗରେ ନିସିସ୍ ଶ୍ରେଣୀସ୍ଥ ଛୋଟ ଛୋଟ ପାହାଡ଼ମାନ ଉତ୍ଥିତ

---

ଆଧ୍ୟାତ୍ମିକ ଧର୍ମାଲୋକର ଭୟଙ୍କର ପ୍ରତିବାଦୀ । କ୍ରମେ କ୍ରମେ ଏହି ମହିମାର୍ଥିକମାନେ ସେମାନଙ୍କ ଉତ୍କୃଷ୍ଟ ନେତାଙ୍କୁ ଅବତାର ବୋଲି କହିବାକୁ ଉଦ୍ୟତ ହେଉଅଛନ୍ତି ଓ ସେ ଅଲୌକିକ କେତେ କାର୍ଯ୍ୟ କରିଥିଲେ ବୋଲି ବିଶ୍ୱାସ କରୁଅଛନ୍ତି । ଏ ଧର୍ମର ପ୍ରଚାରକ ପ୍ରାୟ ଦୁଇଶତାଧିକ ହେବେ । ସେମାନେ ବିବାହ କରନ୍ତି ନାହିଁ; ବସ୍ତ୍ର ନ ପିନ୍ଧି ବକ୍କଲ ପିନ୍ଧନ୍ତି । ଏହି ପ୍ରଚାରକମାନେ ଓ ଅନେକ ଆଶ୍ରିକେ ପୈତା, ମାଳ ଇତ୍ୟାଦି ପୌତ୍ତଳିକ ଚିହ୍ନମାନ ପରିତ୍ୟାଗ କରିଅଛନ୍ତି ।

Digitized by srujanika@gmail.com

ହୋଇଅଛି । ତାଲଚେରରେ ଆଧୁନିକ ଅନୁସନ୍ଧାନଦ୍ୱାରା କେତେକ ପଥର-କୋଇଲାର ଶଯ୍ୟାମାନ ଜଣା ପଡ଼ଅଛି । କିନ୍ତୁ ସେମାନେ ବିଶେଷ ଲାଭକର ଥିବାର ବୋଧ ହୁଆଇ ନାହିଁ ବୋଲି କେହି କେହି ଭୂତତ୍ତ୍ୱବେତ୍ତାଏ ମତ ପ୍ରକାଶ କଲେଣି ।

---

## ଦ୍ୱିତୀୟ ଅଧ୍ୟାୟ ।

### ଓଡ଼ଶାର ଆଦିମ ଇତିହାସ ।

ଆଦିମ ଅଧିବାସୀ—ଓଡ଼ିଶା ଅତି ପୂର୍ବକାଳରେ ଆଦିମ ଅସଭ୍ୟ ଜାତିଙ୍କର ଆବାସଭୂମି ଥିଲା । ଓଡ଼ଶାର ଉଭୟ ଗଡ଼ଜାତ ଓ ମୋଗଲବନ୍ଦୀର ଅନ୍ତର୍ଭୂତ ପାହାଡ଼ ଓ ଅରଣ୍ୟନିବାସୀ କୃଷ୍ଣବର୍ଣ୍ଣ ନରମାନେ* ଏବଂ ପାଣ (ପୌଣ୍ଡ୍ର), କଣ୍ଡ୍ରା

---

* ଓଡ଼ିଶାରେ ବର୍ତ୍ତମାନ ଏମାନଙ୍କର ସଂଖ୍ୟା ପ୍ରାୟ ଗୃର ଲକ୍ଷ । ଏଥି ମଧ୍ୟରୁ ମୋଗଲବନ୍ଦୀରେ ୪୦ ସହସ୍ର ଓ ଅବଶିଷ୍ଟାଂଶ ଗଡ଼ଜାତର ଅଧିବାସୀ । ଏମାନଙ୍କ ମଧ୍ୟରୁ କେତେକ (କୋଲ, ମୁଣ୍ଡାକୋଲ, ଖାରିଆ, ପୁରାଣ, ଭୂମିଜ, ସାଁତାଳ ପ୍ରଭୃତି) ଭାରତବର୍ଷର ଉତ୍ତରପୂର୍ବ କୋଣ ଦେଇ ଆର୍ଯ୍ୟ ଆଗମନ ପୂର୍ବରୁ ଭାରତକୁ ଆସିଥିବାର ଓ କେତେକ (କନ୍ଧ, ଗଣ୍ଡ, ଖୋଦ୍ରାଗଣ୍ଡ, ଧାରୁଆଗଣ୍ଡ, ଘାସିଆ, ଜୁଆଙ୍ଗ, ତାଲା ବା ତଅଁଲା, ମାଲ, ଶଅର, ଶଉରା, ସାଁତ ପ୍ରଭୃତି) ଅତି ପୁରାକାଳରୁ ଭାରତବର୍ଷର ଉତ୍ତରପଶ୍ଚିମ କୋଣ ଦେଇ ଭାରତରେ ପ୍ରବେଶ କରିଥିବାର ଅନୁମିତ ହୋଇଅଛି । ଏପରି ଅନୁମାନର ସମ୍ଭବତଃ ହେତୁ ଏହି ଯେ ପ୍ରଥମୋକ୍ତ କେତେକ ଅସଭ୍ୟଜାତିଏ କେବଳ ବଙ୍ଗଳାହତା ମଧ୍ୟରେ ଓ ଶେଷୋକ୍ତ ଜାତିଙ୍କର ଅଂଶ ରାଜପୁତାନାଠାରୁ ଦକ୍ଷିଣ ଭାରତବର୍ଷ ବ୍ୟାପି ଦୃଷ୍ଟିଗୋଚର ହୁଅନ୍ତି । ଓଡ଼ଶାର ଆଦିମବାସିଙ୍କ ମଧ୍ୟରେ ଜୁଆଙ୍ଗଜାତୀୟ ଅବଲାଏ ଢେଙ୍କାନାଳ, କେନ୍ଦୁଝର ଓ ହିନ୍ଦୋଳରେ ଅଦ୍ୟାପି ସୁଦ୍ଧା କେବଳ ପତ୍ର ପିନ୍ଧି ବୁଲି ମନୁଷ୍ୟଜାତିର ଆଦିମ ଅବସ୍ଥାର ପରିଚୟ ଦେଉଅଛନ୍ତି । ଆଜିର ୬୫ବର୍ଷ ତଳେ କନ୍ଧଜାତିଙ୍କର ମେରିଆ ନରବଳି ଦାନ ମେକଫର୍ସନ ସାହେବଙ୍କଦ୍ୱାରା କିରୂପେ ନିବାରିତ ହୋଇଅଛି, ତାହା ଅନେକେ ଜାଣନ୍ତି । ଏମାନଙ୍କ ମଧ୍ୟରୁ କେତେକ ଆଜିଯାଏ ଚେର, ମୂଳ ଓ ମୃଗୟାଲବ୍ଧ ମାଂସଦ୍ୱାରା ଶରୀର ରକ୍ଷା କରନ୍ତି ଏବଂ କେତେକ ମଧ୍ୟ କିଞ୍ଚିତ୍ ଉନ୍ନତ ଅବସ୍ଥାକୁ ଲଭି ପେଟ ପୋଷିବାପାଇଁ କୃଷି ଉପରେ ନିର୍ଭର କରନ୍ତି । ଧର୍ମରାଜ୍ୟର ଶୈଶବାବସ୍ଥାରେ ଏମାନେ ସ୍ଥିତ ଥିବାର ଜଣାଯାଏ । ହିନ୍ଦୁଙ୍କର ଜଗନ୍ନାଥ ଓ ଅନ୍ୟାନ୍ୟ ଶାସ୍ତ୍ରୀୟ ଦେବଦେବୀଙ୍କ ସଙ୍ଗେ ଏମାନଙ୍କର କୌଣସି ସମ୍ବନ୍ଧ ନାହିଁ ।

Digitized by srujanika@gmail.com

ପ୍ରଭୃତି ହିନ୍ଦୁସମାଜର ନିକୃଷ୍ଟ ଓ ଅସ୍ପୃଶ୍ୟ ସେବକବୃନ୍ଦ୍‌✠ ଏହି ଅଦମ ଅସଭ୍ୟ ଜାତିଙ୍କର ଗୋଷ୍ଠୀୋଦ୍ଭବ ଅଟନ୍ତି ।

ଓଡ୍ର—ଓଡ୍ରନାମକ ଏକ ଜାତି ମଧ୍ୟ ଆର୍ଯ୍ୟ ଆଗମନ ପୂର୍ବରୁ ଏ ପ୍ରଦେଶରେ ପ୍ରାଦୁର୍ଭୂତ ହୋଇଥିବାର ଜଣାଯାଏ । ଏ ଓଡ୍ରମାନେ କାଏ ଓ କେଉଁ ସମୟରେ ଏ ଦେଶକୁ ଆସିଲେ ସ୍ଥିର କରି କୁହାଯାଇ ନ ପାରେ । ଋକ୍‌ବେଦରେ କଳିଙ୍ଗ ଦେଶର ନାମ ଛଡ଼ା ଓଡ୍ରଦେଶର ବା ଜାତିର କୌଣସି ନିର୍ଦ୍ଦେଶ ନାହିଁ * । ମନୁସଂହିତାରେ ଆର୍ଯ୍ୟାବର୍ତ୍ତର ଯେଉଁ ସୀମା ନିର୍ଦ୍ଦିଷ୍ଟ ହୋଇଅଛି ତଦନ୍ତର୍ଗତ ଓଡ୍ରଦେଶ ନୁହଇ †; ମାତ୍ର ମନୁ ଓଡ୍ରଙ୍କୁ ସଂସ୍କାରହୀନ ପତିତ କ୍ଷତ୍ରିୟ ବୋଲି ବର୍ଣ୍ଣନା କରି ପୌଣ୍ଡ୍ର, ଦ୍ରାବିଡ଼, କାମ୍ବୋଜ (ଆଫଗାନ), ଚୀନ ପ୍ରଭୃତି ଅନାର୍ଯ୍ୟ

---

✠ ଏମାନଙ୍କ ମଧ୍ୟରେ କଣ୍ଡରା, କନ୍ଦରା, ଖଇରା, ଧୁଡ଼ୁରିଆ, ଚମାର, ଡ଼ମ, ପାଣ, ବାଉରି, ବାଘୁଡ଼ି, ଭୂଇଁଆ, ମେହେନ୍ତର ପ୍ରଧାନ । ଏମାନଙ୍କର ମୋଟସଂଖ୍ୟା ପ୍ରାୟ ଛଲକ୍ଷ । ତାଡ଼ିତ ଓ ପରାଭୂତ ଅନାର୍ଯ୍ୟଙ୍କ ମଧ୍ୟରୁ ଯେଉଁମାନେ ଆର୍ଯ୍ୟଙ୍କର ବଶବର୍ତ୍ତୀତ୍ୱ ଓ ଦାସତ୍ୱ ସ୍ୱୀକାର କରିଥିଲେ, ସେମାନଙ୍କର ଏମାନେ ଅଂଶ ଅଟନ୍ତି । ହିନ୍ଦୁଙ୍କ ଜଗନ୍ନାଥ ଓ ଅନ୍ୟାନ୍ୟ ଦେବଦେବୀଙ୍କ ମନ୍ଦିର ମଧ୍ୟକୁ ପ୍ରବେଶ କରିବାର ଅଧିକାର ନ ଥିଲେ ସୁଦ୍ଧା ଏମାନଙ୍କର ଏହି ଦେବଦେବୀଙ୍କଠାରେ ବିଶ୍ୱାସ ଓ ଭକ୍ତି ଅଛି । ହିନ୍ଦୁଙ୍କର ଅନୁକରଣରେ ଏମାନଙ୍କର କେତେକ ସାମାଜିକ କ୍ରିୟା ମଧ୍ୟ ଗଠିତ ହୋଇଅଛି । ପୌରହିତ୍ୟର ପ୍ରାଦୁର୍ଭାବ ଏମାନଙ୍କ ମଧ୍ୟରେ ପ୍ରବେଶ କରିଅଛି । ମେହେନ୍ତର ଜାତିଏ ଆପଣା ଆପଣା ମଧ୍ୟରେ ବ୍ରାହ୍ମଣ କଳ୍ପନା କରି, ତାଙ୍କୁ ପୈତା ପିନ୍ଧାଇ ପୌରହିତ୍ୟରେ ବରଣ କରିଅଛନ୍ତି । ପାଣ କଣ୍ଡରା ପ୍ରଭୃତି ନିଜ ନିଜ ଜାତୀୟ ବୈଷ୍ଣବଙ୍କ ମଧ୍ୟରେ ପୁରୋହିତ ସ୍ଥିର କରିଅଛନ୍ତି । କଣ୍ଡରା ଓ ପାଣ ଓଡ଼ିଶାର ଗ୍ରାମ୍ୟ ଚୌକିଦାର ଯୋଗାନ୍ତି । ଏହି ସବୁ ଜାତିଏ ପୁଣି ଯେ ଯାହାର ସେବା ଖଟନ୍ତି । ମଧ୍ୟ କୃଷି ଉପରେ କେତେକ ପରିମାଣରେ ସମସ୍ତେ ନିର୍ଭର କରନ୍ତି ।

* Babu Rajendralal Mittra's Antiquities of Orissa. Vol. I. P. 5

† ଆସମୁଦ୍ରାତ୍ତୁ, ବୈ ପୂର୍ବାଦାସମୁଦ୍ରାତ୍ତୁ ପଶ୍ଚିମାତ୍ ।

ତୟୋରେବାନ୍ତରଂ ଗିର୍ଯ୍ୟୋରାର୍ଯ୍ୟାବର୍ତ୍ତଂ ବିଦୁର୍ବୁଧାଃ ॥—ମନୁ । ୨ଅଃ । ୨୨ ।

ଜାତିଚ୍ୟୁତ ଶ୍ରେଣୀଭୁକ୍ତ କରିଅଛନ୍ତି ♣ । ରାମାୟଣ ଓ ମହାଭାରତରେ ଓଡ୍ରମାନେ କେତେକ ଅନାର୍ଯ୍ୟଜାତିଙ୍କ ମଧ୍ୟରେ ପରିଗଣିତ ହୋଇଅଛନ୍ତି § । ଏହିସବୁରୁ ଏପରି ଅନୁମିତ ହୁଏଇ ଯେ ଓଡ୍ରମାନେ ଅନାର୍ଯ୍ୟ ଜାତିଙ୍କର ଗୋଷ୍ଠି ଅନ୍ତର୍ଗତ ଅଟନ୍ତି । ମନୁ ଯେ ଓଡ୍ରଙ୍କୁ ପତିତ କ୍ଷତ୍ରିୟ ବୋଲି ଲେଖିଅଛନ୍ତି ସମ୍ଭବତଃ ସେମାନଙ୍କୁ ଅନ୍ୟାନ୍ୟ ଅନାର୍ଯ୍ୟ ଜାତିଙ୍କ ସଙ୍ଗେ ହିନ୍ଦୁସମାଜର ଅନ୍ତସ୍ଥିତ ବୋଲି ନିର୍ଦ୍ଦେଶ କରିବା ତାଙ୍କର ଉଦ୍ଦେଶ୍ୟ ଥିଲା ‡ । ଅବା ଓଡ୍ରମାନେ ଆଦିମ ଅବସ୍ଥାରେ ପ୍ରକୃତିତଃ କ୍ଷତ୍ରିୟ ଥିବାର ସତ୍ୟ ହେଲେ ଅନାର୍ଯ୍ୟଙ୍କ ସହବାସରେ ସେମାନଙ୍କର ଆର୍ଯ୍ୟତ୍ୱ ବହୁକାଳରୁ ନଷ୍ଟ ହୋଇଥିବାର ସହଜେ ଅନୁମାନ କରାଯାଇ ପାରେ । ଏମାନଙ୍କ ମଧ୍ୟରେ ଏକପ୍ରକାର ଶାସନପ୍ରଣାଳୀ ପ୍ରଚଳିତ ଥିଲା ଓ ଯାହାହେଉନ୍ତୁ ପୂର୍ବକାଳରେ ଓଡ଼ିଶାର ଅନ୍ୟାନ୍ୟ ଅନାର୍ଯ୍ୟଜାତିଙ୍କ ଅପେକ୍ଷା ଏମାନେ ଯେ ସମଧିକ ଉନ୍ନତ ଥିଲେ ଏଥିରେ ସନ୍ଦେହ ନାହିଁ । ଏମାନଙ୍କ ମଧ୍ୟରେ ରାଜା ଥିଲେ * । ମହାଭାରତର ସଭାପର୍ବରେ ଲିଖିତ ଅଛି ଯେ ଓଡ୍ରରାଜା ପାଣ୍ଡବଙ୍କୁ ହସ୍ତୀଦନ୍ତ ଉପଢୌକନ ଦେଇଥିଲେ, ଏମାନଙ୍କ ରାଜ୍ୟ ଖୋର୍ଦ୍ଧାଖଣ୍ଡକୁ অତିକ୍ରମ କରି ନ ଥିଲା ✦ । ବର୍ତ୍ତମାନ ଯେଉଁମାନେ ଓଡ଼ିଆ ବୋଲି ପରିଚିତ ସେମାନେ ଉଲ୍ଲିଖିତ ଓଡ୍ରଜାତିଙ୍କର ଅବଶିଷ୍ଟାଂଶ ବୋଲି ପ୍ରତୀୟମାନ ହୁଏଇ । ଓଡ଼ିଶାର ଅନ୍ୟାନ୍ୟ ସ୍ଥାନରୁ ଖୋର୍ଦ୍ଧା ଅଞ୍ଚଳରେ ଏହି ଓଡଙ୍କର ସଂଖ୍ୟା ବର୍ତ୍ତମାନ ଅଧିକ

---

♣ ଶନୈକସ୍ତୁ କ୍ରିୟାଲୋପାଦମାଃ କ୍ଷତ୍ରିୟଜାତୟଃ ।
ବୃଷଲତ୍ୱଂ ଗତା ଲୋକେ ବ୍ରାହ୍ମଣାଦର୍ଶନେ ନ ଚ ॥
ପୌଣ୍ଡ୍ରକାଶ୍ଚୌଡ୍ର ଦ୍ରବିଡ଼ାଃ କାମ୍ବୋଜା ଯବନାଃ ଶକାଃ ।
ପାରଦାପହ୍ଲବାଶ୍ଚୀନାଃ କିରାତା ଦରଦାଃ ଖଶାଃ ॥—ମନୁ ୧୦ମ ।୪୩, ୪୦

§ ଗାଣ୍ଡ୍ୟାଂଶ୍ଚ ଦ୍ରବିଡ଼ାଂଶ୍ଚୈବ ସହିତାଂ ଚୌଡ୍ରକେରଲୈଃ ।—ମହାଭାରତ ।
ତଥୌଡ୍ରାନ୍ ଦ୍ରାବିଡ଼ାନ୍ ପୁଣ୍ଡ୍ରାନ୍ ଚୈଲାଂଶ୍ଚୈବ ସକେରଲାନ୍ ।–ରାମାୟଣ ।

‡ ମହାଭାରତୀୟ ଯଯାତିଙ୍କର ଏକ ପୁତ୍ର ଯବନଜାତିର ସଂସ୍ଥାପକ ବୋଲି ହିନ୍ଦୁଶାସ୍ତ୍ରମାନଙ୍କରେ କଥିତ ଅଛି । କିନ୍ତୁ ଏହା କି ପ୍ରକୃତ କଥା ? ସମସ୍ତଙ୍କୁ ଆତ୍ମଗୋଷ୍ଠ ଅନ୍ତର୍ଗତ କରି ଆପଣାର ପ୍ରାଧାନ୍ୟ ଦେଖାଇବାସ୍ୱରୂପ ଯେଉଁ ଇଚ୍ଛା ମାନବପ୍ରକୃତିରେ ନିହିତ ଅଛି, ଏପରି ଶାସ୍ତ୍ରୀୟ ଉଲ୍ଲେଖମାନ, ସେଥିର ଫଳମାତ୍ର ।

* ସମ୍ଭବତଃ ଏ ରାଜା ପ୍ରାୟ କିଛି ଅଧିକ କ୍ଷମତାବିଶିଷ୍ଟ ଅଧୁନିକ ପଧାନଙ୍କ ପରି ଥିଲେ ।

✦ ଷ୍ଟର୍ଲିଂ ସାହେବ ଲେଖନ୍ତି ଖୋର୍ଦ୍ଧାର ଦକ୍ଷିଣସ୍ଥ ରସକୋଇଲା (ଋଷିକୁଲ୍ୟା) ନଦୀଠାରୁ ଉତ୍ତରରେ କାଁଶବାଁଶ ନଦୀ ପର୍ଯ୍ୟନ୍ତ ଓଡ୍ରଙ୍କର ରାଜ୍ୟ ବିସ୍ତୃତ ଥିଲା । କିନ୍ତୁ

Digitized by srujanika@gmail.com

ଥିବାର ଦେଖାଯାଏ; ଖୋର୍ଦ୍ଧାର ସମସ୍ତ ପାଇକମାନେ ପ୍ରାୟ ଏହି ଓଡ୍ରଜାତୀୟ ✝ । ଏମାନଙ୍କର ଆଧୁନିକ ନୀଚ ସାମାଜିକ ଅବସ୍ଥା ଓ ଶାରୀରିକ ପ୍ରତି ଦୃଷ୍ଟିପାତ କଲେ, ଏମାନଙ୍କ ଧମନୀରେ ଅନାର୍ଯ୍ୟ ରକ୍ତର ପ୍ରାବଲ୍ୟ ସପ୍ରମାଣ ହୁଅଇ * । ମାତ୍ର ଏ ଦେଶକୁ ଆର୍ଯ୍ୟମାନେ ଆସିବା ପୂର୍ବରୁ ଏଠାରେ ଏମାନଙ୍କର ବିଶେଷ ପ୍ରାଦୁର୍ଭାବ ଏତେଦୂର ବିସ୍ତୃତ ଥିବାର କୌଣସି ପ୍ରମାଣ ନାହିଁ । ବରଂ ଏକ ତାମ୍ରପଟ୍ଟରୁ ଦେଖାଯାଏ ଯେ ମହାନଦୀ ପାର୍ଶ୍ୱବର୍ତ୍ତୀ ଦେଶ ଯଯାତିକେଶରୀଙ୍କ ସମୟରେ କୋଶଳ ନାମରେ ପରିଚିତ ଥିଲା । ସେ ଓଡ୍ରଦେଶରୁ ବହିର୍ଗତ ଏକ ବ୍ରାହ୍ମଣକୁ କୋଶଳରେ ଭୂମି ଦାନ ଦେଇଥିଲେ । ସେଥିରେ ଓଡ୍ରଦେଶର ସୀମା ଆଧୁନିକ ଖୋର୍ଦ୍ଧାର ଅନ୍ତର୍ଭୂତ । ମଧ୍ୟ "ଓଡିଶା" ନାମ ଓଡ୍ରଦେଶରୁ ବାହାରିଅଛି ଓ ବର୍ତ୍ତମାନ "ଓଡିଶା" ନାମରେ ଏପ୍ରଦେଶୀୟ ସାଧାରଣ ଲୋକେ ଖୋର୍ଦ୍ଧାକୁ ନିର୍ଦ୍ଦେଶ କରନ୍ତି ।

✝ ପୁରୀଜିଲ୍ଲାରେ (ବିଶେଷତଃ ଖୋର୍ଦ୍ଧାରେ) ଓଡଙ୍କ ସଂଖ୍ୟା ୮୬ ସହସ୍ରରୁ ଅଧିକ; ଗଡ଼ଜାତରେ ୩୨ ସହସ୍ର; ବାଲେଶ୍ୱରରେ ନାହାନ୍ତି ପୁଣି କଟକଜିଲ୍ଲାରେ ମୁଦ୍ରା... ୨୦ ଜଣ ଓଡ ଅଛନ୍ତି ବୋଲି ବଙ୍ଗଲୋକସଂଖ୍ୟା ବିବରଣରେ ଲିଖିତ ଅଛି । ମାତ୍ର କଟକଜିଲ୍ଲାରେ ପ୍ରକୃତ ଓଡଙ୍କ ସଂଖ୍ୟା ଏତଦପେକ୍ଷା ଅଧିକ ଓ ସେମାନେ ଅଧିକାଂଶ ପ୍ରାୟ ବେଣାଟିଆ ଓଡ଼ଙ୍କ ଶ୍ରେଣୀଭୁକ୍ତ; କିନ୍ତୁ କୌଶଳକ୍ରମେ ସେମାନେ ହିନ୍ଦୁସମାଜର ଗଉଡ଼, ଭଣ୍ଡାରୀ ଓ ଅନ୍ୟାନ୍ୟ ନିକୃଷ୍ଟ ଜାତିଙ୍କ ଉପରେ କେତେକ ପରିମାଣରେ ପ୍ରଭାବ ଚଳାଇ ଓ ହିନ୍ଦୁଙ୍କ ସହବାସରେ ସ୍ୱ ସ୍ୱ ଆଚାର ନୀତିରେ କେତେକ ପରିବର୍ତ୍ତନ ଘଟାଇ, ମଧ୍ୟ ସ୍ଥଳେ ସ୍ଥଳେ ସମ୍ଭବତଃ ଶୂଦ୍ରଚଷାଙ୍କ ସଙ୍ଗେ ବିବାହ କରି, ଆପଣା ଆପଣାକୁ ବଡ ଜାତି ବୋଲି ମଣନ୍ତି ଓ ପେଣ୍ଡାକଳସା, ଦହିକଳସା ଓ ଶୂକରଲଞ୍ଚ ବୋଲି ଯେ ଆଉ ତିନିଜାତୀୟ ଓଡ ଅଛନ୍ତି ସେମାନଙ୍କୁ ଅସ୍ପୃଶ୍ୟ ଜ୍ଞାନ କରନ୍ତି, ଏମନ୍ତ କି ଶୂଦ୍ରଚଷାଙ୍କୁ ସେମାନଙ୍କ ହାଳିକ ହୀନ ବୋଲି କହନ୍ତି । ସୁତରାଂ ହୁଏ ତ ଲୋକସଂଖ୍ୟାର ଗଣନାକାରମାନେ ସେମାନଙ୍କ ସାଧାରଣ ଏକ ଚଷା (ଶୂଦ୍ରଚଷା) ଶ୍ରେଣୀରେ ଭୁକ୍ତ କରିଅଛନ୍ତି । ଖୋର୍ଦ୍ଧା ଓଡମାନେ ବିଶେଷରୂପେ ଓଡ ବୋଲି ନିର୍ଦ୍ଦିଷ୍ଟ ଓ ସେମାନଙ୍କ ମଧ୍ୟରେ ଭିନ୍ନଜାତିର ପରିଚ୍ଛନ୍ନରଙ୍କ ପ୍ରତି ଦେବାନେବା, ଝିଅଦିଆ କୌଣସି ବିଷୟରେ କିଛି କୁସଂସ୍କାର ନାହିଁ ।

* ଏମାନଙ୍କ ହସ୍ତର ପାଣି ଅସ୍ପୃଶ୍ୟ । ହିନ୍ଦୁଙ୍କ ପରି ଶବଦାହର ବିଶେଷ ବାଧ୍ୟ ନାହିଁ । ଧନସମ୍ପତ୍ତି ହେଲେ ସୁନ୍ଦା ହାତର ପିତଳଖଡୁ ପରିବର୍ତ୍ତରେ ସୁନା ରୁପାର ଖଡୁ ପ୍ରଭୃତି ପିନ୍ଧିବା ଅବାଧ୍ୟଯୁକ୍ତ ଇତ୍ୟାଦି । କଟକଜିଲ୍ଲାର ଚାଷିତ ଓଡମାନେ ସୁନ୍ଦା କଙ୍କଡା ଖାନ୍ତି । ଓଡ୍ରଙ୍କ ... ଭାଷାରେ ଏକ ଘୃଣ୍ୟ ତିରସ୍କାରବାଚକ ଶବ୍ଦ ଅଟେ ।

Digitized by srujanika@gmail.com

ଓ ତାତ୍କାଳିକ କେତେକ ଅସଭ୍ୟ ଅଧିବାସିଙ୍କ ଉପରେ ଯେ ଆଧିପତ୍ୟ ସଂସ୍ଥାପିତ ହୋଇଥିଲା ଏଥିରେ କୌଣସି ସନ୍ଦେହ ନାହିଁ ।

ଏ ଦେଶର ନାମ—ଗଙ୍ଗା ମୁହାଣର ଦକ୍ଷିଣବର୍ତ୍ତୀ ବଙ୍ଗସାଗରର ଉପକୂଳସ୍ଥିତ ଦେଶଖଣ୍ଡ କୃଷ୍ଣାନଦୀ ଯାଏ ଅତି ପୂର୍ବକାଳରୁ ଖ୍ରୀଷ୍ଟାବ୍ଦ ପଞ୍ଚମଶତାବ୍ଦୀ ପର୍ଯ୍ୟନ୍ତ ସାଧାରଣ କଳିଙ୍ଗ * ନାମରେ ଅଭିହିତ ଥିବାର ଜଣାଯାଏ । ଋକ୍‌ବେଦ, ଇତିହାସ ଓ ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀର ଅଶୋକ ମହାରାଜାଙ୍କ ସମୟରେ ଉକ୍ତ ଦେଶଖଣ୍ଡ କଳିଙ୍ଗ ନାମଦ୍ୱାରା ଅଖ୍ୟାତ ଥିଲା । ଖ୍ରୀଷ୍ଟାବ୍ଦ ଦ୍ୱିତୀୟଶତାବ୍ଦୀର ପ୍ଲିନି ନାମକ ଜନୈକ ରୋମକ ଗୋଦାବରୀ ନଦୀର ଉତ୍ତରବର୍ତ୍ତୀ ଉପକୂଳକୁ କଳିଙ୍ଗଉପକୂଳ ବୋଲି ନିର୍ଦ୍ଦେଶ କରିଅଛନ୍ତି । ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀର ଯେଉଁ ତାମ୍ରପଟ୍ଟମାନ ବର୍ତ୍ତମାନ ଓଡ଼ିଶାରେ ମିଳୁଅଛି, ସେଥିରେ ମଗଧର ଗୁପ୍ତବଂଶୀୟ ମହାରାଜା ଭବଦେବ ଗୁପ୍ତ ଆପଣାକୁ ତ୍ରିକଳିଙ୍ଗାଧିପତି ✠ ବୋଲି ପ୍ରକଟିତ କରିଅଛନ୍ତି । ତଦନନ୍ତର ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀର ଅନତିପୂର୍ବବର୍ତ୍ତୀ ଏକସମୟ ଲିଖିତ କୌଣସି ଏକ ତନ୍ତ୍ରରେ କଳିଙ୍ଗଦେଶର ସୀମା ଜଗନ୍ନାଥର ପୂର୍ବଭାଗରୁ କୃଷ୍ଣାନଦୀ ପର୍ଯ୍ୟନ୍ତ ବିସ୍ତୃତ ଥିବାର ବର୍ଣ୍ଣିତ ହୋଇଅଛି † । ଆଜିକାଲି ଗଞ୍ଜାମଜିଲ୍ଲାର ଦକ୍ଷିଣବର୍ତ୍ତୀ ଦେଶ (ଉତ୍ତରସରକାର ପ୍ରଭୃତି) କଳିଙ୍ଗ ନାମରେ ଆଖ୍ୟାତ ହେଉଅଛି । ବର୍ତ୍ତମାନ ଏ ଦେଶର ଉତ୍କଳ ଓ ଓଡ଼ିଶା ନାମକ ଦୁଇ ନାମ ପ୍ରଥମତଃ କଳିଙ୍ଗର ଅନ୍ତର୍ବର୍ତ୍ତୀ କୌଣସି କୌଣସି ଅଂଶରେ ସୀମାବଦ୍ଧ ଥିବା ପ୍ରାୟ ପ୍ରତୀୟମାନ ହୁଏ । ଖ୍ରୀଷ୍ଟପୂର୍ବ ପ୍ରଥମ ଶତାବ୍ଦୀର

---

* କଳିଂ+ଗଚ୍ଛତୀତି=କଳିଙ୍ଗ (ଧାତ୍ୱର୍ଥ) । ମହାଭାରତରେ କଳିଙ୍ଗବାସିମାନେ ଅନାର୍ଯ୍ୟଜାତିଙ୍କ ଶ୍ରେଣୀଭୁକ୍ତ ହୋଇଅଛନ୍ତି ।

✠ ତ୍ରିକଳିଙ୍ଗ=ସମ୍ଭବତଃ ଉତ୍ତରକଳିଙ୍ଗ (ଉତ୍କଳ) ମଧ୍ୟକଳିଙ୍ଗ (ଓଡ୍ରଦେଶ ବା ଖୋର୍ଦ୍ଧା ଓ ଗଞ୍ଜାମ) ତଲକଳିଙ୍ଗ (ତେଲିଙ୍ଗା) ଏହିରୂପେ ବାବୁ ରଙ୍ଗଲାଲ ବନ୍ଦ୍ୟୋପାଧ୍ୟାୟ, ଯାହାଙ୍କ ଶ୍ରମ ଓ ଯତ୍ନରେ ଏହି କୁଟିଳାକ୍ଷର ତାମ୍ରପଟ୍ଟାଦିର ପାଠୋଦ୍ଧାର ହେଉଅଛି, "ତ୍ରିକଳିଙ୍ଗ" ଶବ୍ଦର ଅର୍ଥ କରିଅଛନ୍ତି । ପ୍ଲିନି ମଧ୍ୟ କଳିଙ୍ଗକୁ କଳିଙ୍ଗ, ମଧ-କଳିଙ୍ଗ ( ମଧ୍ୟକଳିଙ୍ଗ ବା ଗଙ୍ଗାମୁହାଣ ) ମକ-କଳିଙ୍ଗ ( ମଗକଳିଙ୍ଗ ବା ଆରାକାନ ଦେଶ ) ଏହି ତିନି ଭାଗରେ ବିଭକ୍ତ କରିଅଛନ୍ତି । ସମ୍ଭବତଃ କଳିଙ୍ଗ ଶବ୍ଦ ପ୍ଲିନିଙ୍କଦ୍ୱାରା ଉପକୂଳ ଅର୍ଥରେ ବ୍ୟବହୃତ ହୋଇଅଛି ।

† ଜଗନ୍ନାଥପୂର୍ବଭାଗାତ୍ କୃଷ୍ଣାତୀରାନ୍ତରଂ ଶିବେ ।
କଳିଙ୍ଗଦେଶସଂପ୍ରୋକ୍ତ ବାମମାର୍ଗପରାୟଣଃ—ଶକ୍ତିସଙ୍ଗମ ତନ୍ତ୍ର ।

Digitized by srujanika@gmail.com

ପ୍ରସିଦ୍ଧ କବି କାଳିଦାସପ୍ରଣୀତ ରଘୁବଂଶ ନାମକ ଗ୍ରନ୍ଥରେ ଏବଂ ପଞ୍ଚମ ଓ ଦଶମ ଶତାବ୍ଦୀ ମଧ୍ୟ ଲିଖିତ କୌଣସି କୌଣସି ପୁରାଣରେ, ଓ ତଦପେକ୍ଷା ଅଧୁନିକ ଗ୍ରନ୍ଥମାନଙ୍କରେ ଉତ୍କଳନାମର ଅଭାବ ମିଳେ । କିନ୍ତୁ କାଳିଦାସଲିଖିତ ଉତ୍କଳ ଅଧୁନିକ ଓଡ଼ିଶାର ଉତ୍ତରବର୍ତ୍ତୀ ଓ ମେଦିନୀପୁରସ୍ଥ କଶାଇନଦୀର ଦକ୍ଷିଣବର୍ତ୍ତୀ କୌଣସି ସ୍ଥାନ ମଧ୍ୟରେ ନିର୍ଦ୍ଦିଷ୍ଟ ଥିବାର ବୋଧ ହୁଅଇ * । ପଞ୍ଚମ ଶତାବ୍ଦୀରେ ମହାନଦୀତୀରବର୍ତ୍ତୀ ଦେଶ କୋଶଳ ଓ ଖୋର୍ଦ୍ଧା ଅଞ୍ଚଳ ଉଡ୍ର ନାମରେ ଅଖ୍ୟାତ ଥିଲା । କେଶରୀବଂଶୀୟ ରାଜାଙ୍କଦ୍ୱାରା କ୍ଷେତ୍ରମାନ ସ୍ଥାପିତ ହେଲା ଉତ୍ତାରୁ ଏ ଦେଶ ଉତ୍କଳ ନାମରେ ପବିତ୍ର ଦେଶ ବୋଲି କୌଣସି କୌଣସି ପୁରାଣରେ ବିସ୍ତାରିତରୂପେ ବର୍ଣ୍ଣିତ ହୋଇଅଛି । ସମ୍ଭବତଃ ହସ୍ତ୍ୟ-ଲେଖକମାନେ ଉତ୍କଳଙ୍କର ସଂକ୍ଷିପ୍ତ ଉତ୍କଳ ନାମ ସମଗ୍ର ଦେଶଖଣ୍ଡ ପ୍ରତି ବ୍ୟବହାର କରିଥିଲେ । ମନୁସଂହିତାରୁ ଖ୍ରୀଷ୍ଟାବ୍ଦ ପଞ୍ଚମ ଶତାବ୍ଦୀ ପର୍ଯ୍ୟନ୍ତ ଓଡ୍ର ନାମର ନିର୍ଦ୍ଦେଶ ଯେରୂପେ ହୋଇଥିଲା, ତାହା ଇତିପୂର୍ବେ ଲିଖିତ ହୋଇଅଛି । ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀରେ ହୁଏଂଶାଂ ନାମକ ଚୀନପରିବ୍ରାଜକ ଆପଣା ଭ୍ରମଣବୃତ୍ତାନ୍ତରେ ଓଡ୍ରଦେଶର ନାମ ବର୍ଣ୍ଣନା କରି ଏଥିର ଯେଉଁ ପରିମାଣ ‡ ନିର୍ଦ୍ଦେଶ କରିଅଛନ୍ତି, ସେଥିରୁ ଏହା ଅଧୁନିକ ଖୋର୍ଦ୍ଧା ଅଞ୍ଚଳ ସଙ୍ଗେ ପ୍ରାୟ ସମାନ ଥିବାର ଜଣାଯାଏ । ତଦନନ୍ତର ଗଙ୍ଗବଂଶୀୟ ରାଜାଙ୍କ ସମକାଳୀନ କପିଳସଂହିତାରେ ଓଡ୍ରଦେଶ ( ଓଡ଼ିଶା ) ନାମ ଉତ୍କଳ ନାମ ସଙ୍ଗେ ଓ ତାତ୍କାଳିକ ସମସ୍ତ ଉତ୍କଳାଧୀଶ୍ୱରଙ୍କ ରାଜ୍ୟ ସଙ୍ଗେ ସମୀକୃତରୂପେ ବର୍ଣ୍ଣିତ ହୋଇଅଛି । ଏହି ସବୁରୁ ମଧ୍ୟ ସ୍ପଷ୍ଟ ଜଣାଯାଏ ଯେ ଓଡ୍ରଜାତିରୁ ଓଡ୍ରଦେଶ ଓ ଓଡ଼ିଶା ନାମର ଉଦ୍ଭବ ହୋଇଅଛି । ମୁସଲମାନମାନଙ୍କ ସମୟରୁ ଆଜି ପର୍ଯ୍ୟନ୍ତ ଆମ୍ଭେମାନେ ସ୍ପଷ୍ଟ ସମଗ୍ର ଦେଶ ପ୍ରତି ଓଡ଼ିଶା ଶବ୍ଦର ବ୍ୟବହାର ସରକାରୀ କାଗଜପତ୍ରରେ ଓ ଅନ୍ୟାନ୍ୟ ଲେଖାରେ ହୋଇଥିବାର ଦେଖିବାକୁ ପାଉଁ ।

ଆର୍ଯ୍ୟ ଆଗମନ—ଅବଶେଷରେ ହିନ୍ଦୁନାମଧାରୀ ଆର୍ଯ୍ୟମାନେ ଆଦିମ ଅସଭ୍ୟ ଓଡ୍ରଙ୍କୁ ପରାଭବ କରି ଓଡ଼ିଶାରେ ହିନ୍ଦୁରାଜତ୍ୱ ସ୍ଥାପନ କଲେ । ଆଦିମ ଅସଭ୍ୟମାନେ କେତେକ ଓଡ୍ରଙ୍କ ସମୟରୁ ସମ୍ଭବତଃ ଓଡ଼ିଶାର ବନ ପର୍ବତ

* ସନ୍ତୀର୍ଯ୍ୟ କପିଶାଂ ସୈନ୍ୟୈର୍ବଦ୍ଧଦ୍ୱିରଦସେତୁଭିଃ ।
ଉତ୍କଳାଦର୍ଶିତପଥଃ କଳିଙ୍ଗାଭିମୁଖୋ ଯଯୌ ।—ରଘୁବଂଶ ।

‡ ଖୋର୍ଦ୍ଧାର ବର୍ତ୍ତମାନ ପରିମାଣ ସଂଖ୍ୟା ୯୪୩ ମାଇଲ । ହୁଏଂଶାଂ ଓଡ୍ରର ପରିମାଣ ୧୧୬୦ ମାଇଲ ବୋଲି ଲେଖିଅଛନ୍ତି ।

Digitized by srujanika@gmail.com

ମଧ୍ୟରୁ ପଳାଇଥିଲେ । ଆଉ କେତେକ ଏହି ଆର୍ଯ୍ୟ ଆଗମନ ସମୟରେ ମଧ୍ୟ ପଳାୟନ କରିଥିବାର ଅନୁଭୂତ ହେଉଅଛି ✠ । କେହି କେହି ରହି ଯାଇ ହିନ୍ଦୁଙ୍କର ଦାସତ୍ୱ ସ୍ୱୀକାର କଲେ । ଓଡ଼ମାନେ ମୁଖ୍ୟ ଆର୍ଯ୍ୟଙ୍କର ବଶୀଭୂତ ଓ ଆଜ୍ଞାବହ ହେଲେ । କେଉଁ ସମୟରୁ ଯେ ଏ ଆର୍ଯ୍ୟସନ୍ତାନମାନଙ୍କର ଓଡ଼ିଶାରେ ଅଧିକାର ସଂସ୍ଥାପନ ଆରବ୍ଧ ହେଲା, ଏ କଥା ସ୍ଥିର କରି କହିବା ଦୁଃସାଧ୍ୟ । କେହି କେହି ଖ୍ରୀଷ୍ଟପୂର୍ବ ଆଠଶତ ବର୍ଷରୁ ଓଡ଼ିଶାକୁ ଆର୍ଯ୍ୟ ଆଗମନର ସମୟ ଅନୁମାନ କରିଅଛନ୍ତି । ସେ ଯାହାହେଉ, ରାମାୟଣ ଓ ମହାଭାରତ ଲିଖିତ ହେବା ପୂର୍ବରୁ ଯେ ଆର୍ଯ୍ୟମାନେ ଆସି ଓଡ଼ିଶାରେ ରାଜ୍ୟସଂସ୍ଥାପନ କରି ନ ଥିଲେ ଏ ବିଷୟରେ ଆପତ୍ତି ଉତ୍ଥାପିତ ହୋଇ ନ ପାରେ । ବୌଦ୍ଧଧର୍ମ ସଙ୍ଗେ ସଙ୍ଗେ କେତେକ ଆର୍ଯ୍ୟସନ୍ତାନମାନେ ଆସିଥିଲେ । ଗୁପ୍ତବଂଶୀୟ ରାଜାଙ୍କ ଓଡ଼ିଶାବିଜୟ ଉତ୍ତାରୁ ଆର୍ଯ୍ୟବଂଶୋଦ୍ଭବ ବ୍ରାହ୍ମଣ,ଓ ଅନ୍ୟାନ୍ୟ ଜାତିଏ ବହୁସଂଖ୍ୟାରେ ଆଗମନ କରିଥିଲେ । ଓଡ଼ିଶାର ଉଚ୍ଚଶ୍ରେଣୀସ୍ଥ ହିନ୍ଦୁମାନେ ଏହି ଆର୍ଯ୍ୟଙ୍କର ସନ୍ତାନ ଅଟନ୍ତି । ମଧ୍ୟଆସିଆ ଏମାନଙ୍କର ଆଦିମ ବାସଭୂମି । ଇଂରାଜ, ଜର୍ମାନ, ଫରାସିସ୍ , ରୋମକ, ଗ୍ରୀକ, ରୁଷ୍ , ପାରସିକ ପ୍ରଭୃତି କେତେକ ପାଶ୍ଚାତ୍ୟ ଜାତିଙ୍କର ଏମାନେ ପୂର୍ବପୁରୁଷ ଅଟନ୍ତି ।

ମାଦଳାପାଞ୍ଜି ଓ ଓଡ଼ିଶାର ଔପନ୍ୟାସିକ ରାଜାଗଣ—ଓଡ଼ିଶାର ପୂର୍ବତନ ଇତିହାସ ସଂଗ୍ରହ କରିବା ବିଷୟରେ ଜଗନ୍ନାଥମନ୍ଦିରରେ ରକ୍ଷିତ ହୋଇଥିବା ମାଦଳାପାଞ୍ଜି ନାମକ ପଞ୍ଜିକା ବିଶେଷ ସାହାଯ୍ୟକାରୀ ଅଟଇ । ଏଥିରେ ଓଡ଼ିଶା ରାଜାମାନଙ୍କର ଦୈନିକ ଇତିବୃତ୍ତ ସଂକଳିତ ହୋଇଅଛି । ପ୍ରାୟ ତ୍ରୟୋଦଶ ଶତାବ୍ଦୀରୁ (ଯେଉଁ ସମୟରେ କି ଗଙ୍ଗବଂଶୀୟ ରାଜାମାନେ ଓଡ଼ିଶାରେ ରାଜପଣ କରୁଥିଲେ) ଏ ପଞ୍ଜିକାଲିଖନ ଆରବ୍ଧ ହୋଇଥିବାର ଏଥିର ଭାଷା (ଓଡ଼ିଆ) ଓ ଲିଖନରୀତିରୁ ପ୍ରତୀୟମାନ ହେଉଅଛି । କିନ୍ତୁ ମାଦଳାପାଞ୍ଜିଲେଖକମାନେ କଳିଯୁଗ ଆରମ୍ଭରୁ ରାଜାମାନଙ୍କ ନାମ ନିର୍ଦ୍ଦେଶ କରିବା ବିଷୟରୁ ସଙ୍କୁଚିତ ହୋଇ ନାହାନ୍ତି । ଖ୍ରୀଷ୍ଟପୂର୍ବ ୩୧୦୨ ବର୍ଷରୁ ଖ୍ରୀଷ୍ଟାବ୍ଦ ୭୮ ବର୍ଷ ପର୍ଯ୍ୟନ୍ତ ୧୪ଜଣ ରାଜା ଓଡ଼ିଶାରେ ରାଜତ୍ୱ କରିଥିବାର ଲିଖିତ ହୋଇଅଛି । ତଦନନ୍ତର ଖ୍ରୀଷ୍ଟାବ୍ଦ ୭୮ ବର୍ଷରୁ ଖ୍ରୀଷ୍ଟାବ୍ଦ ୪୭୪ ବର୍ଷ ପର୍ଯ୍ୟନ୍ତ ସାତ ଜଣ ନରପତି ଓ ଯବନମାନେ ଓଡ଼ିଶା ରାଜ୍ୟ ଭୋଗ କରିଥିବାର ବର୍ଣ୍ଣନା ଦୃଷ୍ଟିଗୋଚର ହୁଏ । ଉଲ୍ଲିଖିତ ରାଜାଙ୍କ

---

✠ ଗଡ଼ଜାତର ମୋଟ ଅଧିବାସିସଂଖ୍ୟାର ଏମାନେ ପ୍ରାୟ ଏକ ଚତୁର୍ଥାଂଶ ହେବେ ।

Digitized by srujanika@gmail.com

ବିର୍ଘଣ୍ଟରୁ ବୋଧ ହୁଅଇ ଯେ କେତେକ ନାମ ମହାଭାରତରୁ ଓ କେତେକ ବଡ଼ ବଡ଼ ଲୋକଙ୍କ ନାମକୁ ଅବଲମ୍ବନ କରି ସଂଗୃହୀତ ହୋଇଅଛି । ପ୍ରତ୍ୟେକ ରାଜା ହାରାହାରିରେ ଏକବିଂଶ ବର୍ଷ ରାଜତ୍ୱ କରିଥିବାର ଜଣା ଯାଉଅଛି । ଏହି ରାଜାଙ୍କ ମଧ୍ୟରୁ କେହି କେହି ୫୦୦ । ୭୦୦ ବର୍ଷ କରି ରାଜତ୍ୱ କରିଥିବାର ମଧ୍ୟ ପଞ୍ଜିକାରେ ଲିଖିତ ଅଛି । ମାତ୍ର ଯେତେବେଳେ ଭାରତବର୍ଷରେ ବେଦ ସଂଗୀତ ହେଉଥିଲା ତେତେବେଳେ ଲୋକେ କାତରସ୍ୱରରେ "ଶତହିମ" (ଶତବର୍ଷ) ପରମାୟୁ ଦେବତାଙ୍କୁ ପ୍ରାର୍ଥନା କରୁଥିଲେ । ପଞ୍ଜିକାଲିଖିତ ରାଜାଏ କଳିକାଳର ନରପତି । ଏମାନଙ୍କର ଶତବର୍ଷ ପରମାୟୁରେ ମଧ୍ୟ ଅଧିକାର ନାହିଁ । ଏଣୁକରି ଏମାନଙ୍କର ଏତେ ଅଧିକ କାଳ ରାଜତ୍ୱ କରିଥିବାର ଯାହା ଲିଖିତ ଅଛି, ତାହା ସମ୍ପୂର୍ଣ୍ଣରୂପେ କାଳ୍ପନିକ ମାତ୍ର । ସୁତରାଂ ଆମ୍ଭେମାନେ ପଞ୍ଜିକାଲେଖକଙ୍କର ଏହି ଅତି ପୂର୍ବକାଳର ରାଜବିର୍ଘଣ୍ଟରେ ବିଶ୍ୱାସ ସ୍ଥାପନ କରି ନ ପାରି ତାହାକୁ ଏହି ପୃଷ୍ଠାମାନଙ୍କରୁ ବିସର୍ଜନ ଦେଲୁଁ ।

ଓଡ଼ିଶାରେ ଧର୍ମସଙ୍ଗେ ଇତିହାସର ସମ୍ବନ୍ଧ—ଓଡ଼ିଶାର ପୂର୍ବତନ ଇତିହାସର ସାମୟିକ ପରିବର୍ତ୍ତନମାନ ଧର୍ମମୂଳକ ଅଟଇ । ଆଦୌ ବୌଦ୍ଧଧର୍ମ ସହିତ ଏ ପ୍ରଦେଶକୁ ଆର୍ଯ୍ୟ ଆଗମନର ସ୍ରୋତ ବଳବତ୍ତର ହୋଇ ଏକସହସ୍ର ବର୍ଷ ପର୍ଯ୍ୟନ୍ତ ଏହି ଧର୍ମର ବିଶେଷ ଆନ୍ଦୋଳନ, କି ରାଜପରିବାର କି ସାଧାରଣ ଲୋକମଣ୍ଡଳୀ, ସର୍ବତ୍ର ପ୍ରଧାବିତ ରହିଲା । ତଦନନ୍ତର ଗୁପ୍ତବଂଶୀୟ ଓ କେଶରୀ-ବଂଶୀୟ ନୃପଗଣଙ୍କ ସହିତ ଶୈବ ଉପାସନାର ପ୍ରାଦୁର୍ଭାବ ପ୍ରାୟ ସାତଶବର୍ଷ କାଳ ଏଦେଶରେ ବିଶେଷରୂପେ ଚଳିଲା । ଅବଶେଷରେ ପୁଣି ଦୁଇଶବର୍ଷ କାଳ ପ୍ରାୟ ଗଙ୍ଗବଂଶୀୟ ରାଜାମାନେ ଏଠାରେ ବୈଷ୍ଣବଧର୍ମର ଟେକ ବଢାଇ ବହୁବିଧ ସଂସ୍କାରମାନ ସମାଜରେ ପ୍ରବର୍ତ୍ତିତ କରାଇଥିଲେ ।

ବୌଦ୍ଧଧର୍ମ—ଓଡ଼ିଶାର ପ୍ରକୃତ ପ୍ରାଚୀନଇତିହାସର ଆଭାଷ ସିଂହଳ-ଦ୍ୱୀପସ୍ଥ ବୌଦ୍ଧଧର୍ମସମ୍ବନ୍ଧୀୟ ପୁସ୍ତକମାନଙ୍କରେ ପ୍ରଥମ ଦୃଷ୍ଟିଗୋଚର ହୁଅଇ । ଖ୍ରୀଷ୍ଟପୂର୍ବ ୫୪୩ ଅବ୍ଦରେ ( କେହି ଅବା ବୋଲନ୍ତି ଖ୍ରୀଷ୍ଟପୂର୍ବ ୫୫୦ ବର୍ଷରେ ) ଶାକ୍ୟମୁନି* ଦେହତ୍ୟାଗ କଲେ ଏବଂ ସେହି ବର୍ଷ ଓଡ଼ିଶାକୁ ତାଙ୍କର ପବିତ୍ର ଦନ୍ତ ଆନୀତ ହୋଇ ପୁରୀନଗରରେ ସଂସ୍ଥାପିତ ହେଲା । ସିଂହଳପୁସ୍ତକରେ ଲିଖିତ ଅଛି ସେ ସମୟରେ ବ୍ରହ୍ମଦତ୍ତ ନାମକ ଜଣେ ବ୍ୟକ୍ତି ଓଡ଼ିଶାର ରାଜା ଥିଲେ ।

*ଶାକ୍ୟମୁନି କପିଳବାସ୍ତୁ ରାଜାଙ୍କର ପୁତ୍ର । ତାଙ୍କ ବାଲ୍ୟକାଳର ନାମ ସିଦ୍ଧାର୍ଥ । ସେ ଶାକ୍ୟବଂଶର ଗୌତମ ଶାଖାରୁ ଜାତ ହୋଇଥିଲେ ବୋଲି ଶାକ୍ୟ ଓ ଗୌତମ ନାମ ଧାରଣ କରିଥିଲେ । ଏକ କୁଷ୍ଠରୋଗୀ, ଏକ ବୃଦ୍ଧ ଓ ଏକ ଶବ

Digitized by srujanika@gmail.com

ସେ ସ୍ୱୟଂ ଜାତିବିଲୋପୀ ସୁନୀତିସଙ୍ଗତ ବୌଦ୍ଧଧର୍ମ✢ ଅବଲମ୍ବନ କରିଥିଲେ ଓ ଅନେକ ଲୋକ ମଧ୍ୟ ସେ ଧର୍ମର ଅନୁଗାମୀ ହୋଇଥିଲେ । ଏଥିରୁ ବୋଧ ହୁଏଇ ବୌଦ୍ଧଧର୍ମ ଓଡ଼ିଶା ସ୍ପର୍ଶ କଲା ସମୟରୁ ଆର୍ଯ୍ୟମାନଙ୍କର ଓଡ଼ିଶାରେ ରାଜ୍ୟଶାସନ ଆରମ୍ଭ ହୋଇଥିଲା । ବ୍ରହ୍ମଦତ୍ତଙ୍କ ଉତ୍ତରାଧିକାରୀମାନେ ମଧ୍ୟ ବୌଦ୍ଧଧର୍ମର ଉପାସକ ଥିଲେ । ତଦ୍ବଂଶୀୟ ଶେଷ ରାଜାଙ୍କ ସମୟରେ ଜନୈକ ବୌଦ୍ଧମତାବଲମ୍ବୀଙ୍କଦ୍ୱାରା ରାଜଧର୍ମ ସମସ୍ତ ପ୍ରଜାଙ୍କର ଅବଲମ୍ବନୀୟ ବୋଲି ଘୋଷିତ ହୋଇଥିଲା । ଏହି ସମୟରେ ଓଡ଼ିଶା ଯବନମାନଙ୍କଦ୍ୱାରା ଆକ୍ରାନ୍ତ ହୋଇଥିବାର ମାଦଳାପାଞ୍ଜି ଲେଖକମାନେ ଲେଖିଅଛନ୍ତି । ବୋଧହୁଏ ବୌଦ୍ଧମାନେ ଯବନ ବୋଲି ପଞ୍ଜିକାରେ ଉଲ୍ଲିଖିତ ହୋଇଅଛନ୍ତି । ମାଦଳାଲିଖିତ ଅତି ପୁରାକାଳର ବୃତ୍ତାନ୍ତମାନଙ୍କୁ ସତ୍ୟ ବୋଲି ବିଶ୍ୱାସ କରିବାପାଇଁ ଆମ୍ଭେମାନେ ତ କୌଣସି ଯୁକ୍ତି ଦେଖୁ ନାହୁଁ, ତଥାପି ସିଂହଳଦ୍ୱୀପରକ୍ଷିତ ବୌଦ୍ଧଧର୍ମପୁସ୍ତକ ସଙ୍ଗେ ପଞ୍ଜିକାର ସାମଞ୍ଜସ୍ୟ ରକ୍ଷା କରି ବିବେଚନା କଲେ ପ୍ରତୀୟମାନ ହୁଏଇ ଯେ ଖ୍ରୀଷ୍ଟପୂର୍ବ ଷଷ୍ଠ ଓ ପଞ୍ଚ ଶତାବ୍ଦୀ ଦ୍ୱୟରେ ଏ ଅଞ୍ଚଳୀୟ ନରପତିଚୟଙ୍କ ମଧ୍ୟରୁ କେହି ଅବା କେତେବେଳେ ବୌଦ୍ଧ କେହି ବା ହିନ୍ଦୁମତାବଲମ୍ବୀ ଥିଲେ ଏବଂ ଏହି ଶତାବ୍ଦୀ ଦ୍ୱୟରେ ବ୍ରାହ୍ମଣମାନଙ୍କର ପ୍ରାଦୁର୍ଭାବ ଓ ଔତ୍ତରୀୟ ରାଜାଙ୍କ ସହିତ ଓଡ଼ିଶା ରାଜାଙ୍କର ଯୋଗବିଗ୍ରହ ନିତାନ୍ତ ଲଘୁ ନ ଥିଲା ।

---

ଦେଖି ତାଙ୍କର ସଂସାର ପ୍ରତି ବୈରାଗ୍ୟ ଜନ୍ମିଥିଲା । ପୁଣି ଏକ ଯୋଗୀଙ୍କ ଦେଖି ଯୋଗକୁ ମାୟା ଓ ଦୁଃଖମୟ ସଂସାରର ଉଦ୍ଧାରର ଉପାୟ ବୋଲି ସ୍ଥିର କରିଥିଲେ । ତାଙ୍କର ବୈରାଗ୍ୟ ଦେଖି ପିତା ତାଙ୍କୁ ବିବାହ ଦେଇଥିଲେ । ମାତ୍ର ଅବଶେଷରେ ଘରୁ ବାହାରି ଯାଇ ବନେ ବନେ ବୁଲି, ବ୍ରାହ୍ମଣଙ୍କ ଶାସ୍ତ୍ର ଓ ଦର୍ଶନ ସମସ୍ତ ଆଲୋଚନା କରି, ସଂସାରର ମାୟାମୟ ଭାବ ବିଶେଷରୂପେ ହୃଦୟଙ୍ଗମ କରିଥିଲେ । ଅନନ୍ତର ଏ ସମସ୍ତ ତ୍ୟାଗ କରି ନିର୍ଜ୍ଜନ ଚିନ୍ତାଦ୍ୱାରା ସଂସାରଦୁଃଖରୁ ନିର୍ବାଣର ଉପାୟ ସ୍ଥିର କରି, ବୁଦ୍ଧ ( ଜ୍ଞାନୀ ) ପଦ ନେଇ ବୌଦ୍ଧଧର୍ମ ପ୍ରଚାର କଲେ । ଅନନ୍ତର ବେହାର ଓ ଉତ୍ତରପଶ୍ଚିମାଞ୍ଚଳରେ ବହୁକାଳ ଧର୍ମ ଘୋଷଣା କରି, ଅନେକ ରାଜା, ଧନୀ ଓ ସାଧାରଣ ଲୋକଙ୍କ ମତ ପରିବର୍ତ୍ତନ କରାଇ ୮୦ ବର୍ଷ ବୟସରେ କୁଶିନଗରରେ ଦେହତ୍ୟାଗ କଲେ ।

✢ବୌଦ୍ଧଧର୍ମର ମତ ବୁଝିବା କଠିନ । ବୁଦ୍ଧଦେବ ଯେଉଁ ଦଶ ଆଜ୍ଞା ଦେଇଥିଲେ ସେଥିରେ ଈଶ୍ୱରୋପାସନାର କୌଣସି ନିର୍ଦ୍ଦେଶ ନାହିଁ । ସେ ଆଜ୍ଞାମାନ ଏହି—(୧) ହତ୍ୟା ନ କର; (୨) ଚୋରି ନ କର; (୩) ବ୍ୟଭିଚାର ନ କର; (୪) ମିଥ୍ୟା ନ କୁହ; (୫) ମାଦକରେ ମତ୍ତ ନ ହୁଅ; (୬) ଅସଙ୍ଗତ

Digitized by srujanika@gmail.com

ଐରରାଜା—ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀ ସରେକ ବୌଦ୍ଧଧର୍ମର ପ୍ରାଦୁର୍ଭାବ ଓଡ଼ିଶାରେ ବର୍ଦ୍ଧିତ ହୋଇଥିଲା । କିନ୍ତୁ ବୌଦ୍ଧଧର୍ମର ପ୍ରାଦୁର୍ଭାବରେ ଓଡ଼ିଶାରୁ ଯେ ହିନ୍ଦୁଧର୍ମ ଏକାବେଳକେ ଓ ସମ୍ପୂର୍ଣ୍ଣରୂପେ ଉତ୍ପାଟିତ ହୋଇଥିଲା, ତାହା ନୁହେ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ମଧ୍ୟଭାଗରେ ଐର * ନାମକ ଏକ ରାଜା

---

ଭୋଜନରୁ ବିରତ ହୁଅ; (୭) ସାଧାରଣ ଖେଳ ପ୍ରଭୃତି ଦେଖିବାରୁ ବିରତ ହୁଅ; (୮) ବହୁମୂଲ୍ୟ ପରିଚ୍ଛଦ ପିନ୍ଧିବାରୁ ବିରତ ହୁଅ; (୯) ବଡ଼ ଶଯ୍ୟା ନ ଘେନ; (୧୦) ସୁନା ରୁପା ନ ନିଅ । ସଂସାରର ଅସାରତା ଚିନ୍ତା କରି ନିର୍ବାଣମୁକ୍ତି ଲଭିବା ବୌଦ୍ଧଧର୍ମର ମୂଳଭିତ୍ତି । ନିର୍ବାଣର ଅର୍ଥ ଆତ୍ମାର ଧ୍ୱଂସ ବୋଲି କେହି କେହି ସ୍ଥିର କରିଅଛନ୍ତି । ଅନ୍ତତଃ ବୌଦ୍ଧଦର୍ଶନ (ଯାହାକି ବୁଦ୍ଧଙ୍କର ମୃତ୍ୟୁ ଉତ୍ତାରୁ ସଂଗୃହୀତ ହୋଇଥିଲା) ଏପରି ମତ ବ୍ୟକ୍ତ କରିଅଛି । ବୌଦ୍ଧଦର୍ଶନ ନାସ୍ତିକ ଦର୍ଶନ ଅଟେ । ମାତ୍ର ବୌଦ୍ଧଙ୍କର ସୂତ୍ର ଓ ନୀତିଶାସ୍ତ୍ରରେ ଏପରି ମତ ନାହିଁ । ସାଧାରଣ ବୌଦ୍ଧମାନେ ପାପିଆତ୍ମାର ପୁନର୍ଜନ୍ମ ସ୍ୱୀକାର କରୁଥିଲେ । ମଧ୍ୟ ସେମାନେ ବୁଦ୍ଧଙ୍କ ମୃତ୍ୟୁ ଉତ୍ତାରୁ ତାଙ୍କର ପବିତ୍ର ଅସ୍ଥି, ଦନ୍ତ ପ୍ରଭୃତି ପୂଜା କରୁଥିଲେ । ଶାକ୍ୟବୁଦ୍ଧ ଓ ଅନ୍ୟାନ୍ୟ ଅନେକ ବୁଦ୍ଧ ସ୍ୱର୍ଗରେ ଅଛନ୍ତି ବୋଲି ମାନୁଥିଲେ ଓ ଐଶୀଶକ୍ତିସମ୍ପନ୍ନ ବୋଲି ପୂଜା କରୁଥିଲେ । ଦେବାନାମ୍ପ୍ରିୟ ନାମକ ଜଣେ କଳିଙ୍ଗର ବୌଦ୍ଧନୃପତି ଈଶ୍ୱରସ୍ୱୀକାର ଓ ତାଙ୍କଠାରେ ବିଶ୍ୱାସ ରଖ ବୋଲି ଏକ ଆଜ୍ଞାରେ ଧଉଳିପର୍ବତରେ ତାଙ୍କ କର୍ମଚାରୀ ଓ ପ୍ରଜାଙ୍କ ଜ୍ଞାତବାର୍ଥେ ଖୋଦାଇ ଥିବାର ପ୍ରମାଣ ମିଳିଅଛି । ବୁଦ୍ଧ ସ୍ୱୟଂ ଈଶ୍ୱର ଅସ୍ୱୀକାର କରୁଥିଲେ ବୋଲି କାହିଁ କହି ନାହାନ୍ତି । ମଧ୍ୟ ଏପରି ତାଙ୍କର ମତ ଥିଲେ ସାଧାରଣ ଲୋକେ ସେଥିରେ ଭୁଲି ନ ଥାନ୍ତେ । ସମ୍ଭବତଃ ମଧ୍ୟଭାଗର ବୌଦ୍ଧଦାର୍ଶନିକଙ୍କର ନାସ୍ତିକତା ଦାର୍ଶନିକମତ ମାତ୍ର ଥିଲା । ସୁତରାଂ କେହି କେହି ନିର୍ବାଣର ଅର୍ଥ ସଂସାରର ଦୁଃଖ ଓ ମାୟାରୁ ନିର୍ବାଣ ଅର୍ଥାତ୍ ମୁକ୍ତି ଲଭିବାର ବୋଲି କହନ୍ତି । କେହି କେହି ବୌଦ୍ଧଧର୍ମର ନିର୍ବାଣକୁ ଅନନ୍ତ-ଲାଭରେ ( ଈଶ୍ୱରଲାଭ ) ପରିଣତ କରିଅଛନ୍ତି ।

* ଇଳ (ପୃଥିବୀ)ର ପୁତ୍ର=ଐର ।—(ଧାତ୍ୱର୍ଥ) । ତାଙ୍କର ହିନ୍ଦୁ ଦେବ-ଦେବୀ ଓ ବୌଦ୍ଧଧର୍ମର ମତରେ ବିଶ୍ୱାସ ଥିବା ଯୋଗୁଁ ସେ ଜୈନ ଥିଲେ ବୋଲି କେହି କେହି ଅନୁମାନ କରି ପାରନ୍ତି । ଜୈନଧର୍ମାବଲମ୍ବୀମାନେ କେତେକ ହିନ୍ଦୁ ଦେବଦେବୀ ଓ କେତେକ ବୌଦ୍ଧଧର୍ମ ମତରେ ବିଶ୍ୱାସ କରନ୍ତି ସତ୍ୟ; ଜୈନ-ଧର୍ମ ହିନ୍ଦୁ ଓ ବୌଦ୍ଧଧର୍ମର ସାମଞ୍ଜସ୍ୟରକ୍ଷାକାଂକ୍ଷୀ, ମାତ୍ର ଏହା ବୌଦ୍ଧଧର୍ମରୁ ଉଦ୍ଭୂତ । ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରୁ ଜୈନଧର୍ମ ପ୍ରାଦୁର୍ଭୂତ ହୋଇଥିବା

Digitized by srujanika@gmail.com

କଳିଙ୍ଗରେ ଆଧିପତ୍ୟ କରିଥିବାର ହାତୀଗୁମ୍ଫାଖୋଦିତ ଲିପିରୁ ପ୍ରତୀୟମାନ ହୁଅଇ । ସେ ପ୍ରଥମେ ହିନ୍ଦୁଧର୍ମାବଲମ୍ବୀ ଥିଲେ; ଚତ୍ୱାରିଂଶବର୍ଷ ବୟସରେ ତାଙ୍କର ସିଂହାସନାରୋହଣ ଘଟିଥିଲା । ରାଜଦଣ୍ଡ ବହନ କରିବା ପୂର୍ବରୁ ନଅବର୍ଷ କାଳ କେବଳ ସେ ବିଦ୍ୟାଧ୍ୟୟନରେ ଯାପନ କରିଥିଲେ । ସିଂହାସନାରୂଢ଼ ହେବାର କିଛିକାଳ ଉତ୍ତାରୁ ଦେଶର ପୂର୍ବଭାଗରୁ ବୌଦ୍ଧପୁରୋହିତଙ୍କୁ ନିମନ୍ତ୍ରଣ କରି ଆଣି ସେମାନଙ୍କଠାରୁ ବ୍ୟବସ୍ଥା ଶିକ୍ଷା କରିଥିଲେ । ତଦନନ୍ତର ନାନାପ୍ରକାର ସାଧାରଣ ହିତକରକାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ । ଦୁଃଖିଲୋକଙ୍କ ସକାଶେ ବାପୀନିର୍ମାଣ, ରାଜଧାନୀର ଭଗ୍ନପ୍ରାଚୀରସଂସ୍କାର ଓ ରାଜପ୍ରାସାଦଗଠନ କାର୍ଯ୍ୟରେ ତାଙ୍କର ମନ ନିଯୁକ୍ତ ହୋଇଥିଲା । ନୃପସାଧାରଣବିଳାସଭୋଗରୁ ସେ ଅବସୃତ ନ ଥିଲେ, ଗାୟକ ଓ ନର୍ତ୍ତକୀମାନେ ତାଙ୍କର ମନ ମୁଗ୍ଧ କରୁଥିଲେ; ମାତ୍ର ସମସ୍ତ ବିଳାସ ମଧ୍ୟରେ ଧର୍ମଭାବ ସୁଦ୍ଧା ତାଙ୍କ ମନରେ ଜାଗରୁକ ଥିଲା । ମଧ୍ୟ ଖୋଦିତଲିପିରେ ବର୍ଣ୍ଣିତ ଅଛି ଯେ ମଗଧଦେଶର ନନ୍ଦରାଜାଙ୍କୁ ପରାସ୍ତ କରି ତାଙ୍କୁ ପ୍ରିଣାଦ ନାମକ ନଗରରେ ଅବସ୍ଥିତି କରିବାପାଇଁ ବାଧ୍ୟ କରିଥିଲେ । ତାଙ୍କ ଦଣ୍ଡବିଧି ବୌଦ୍ଧଧର୍ମର ମର୍ମାନୁଗତ ଥିଲା;—ଜଣେ ପ୍ରାଣହତ୍ୟାକାରୀକି ଆଧୁନିକ ସଭ୍ୟ ଖ୍ରୀଷ୍ଟିୟରାଜାଙ୍କର ପ୍ରାଣଦଣ୍ଡ ଦେବାର ଯେପରି ବିଧି ଅଛି, ସେପରି ନ କରି, କେବଳ ପରିଶ୍ରମର ଦଣ୍ଡ ଦେଇଥିଲେ * । ପୁଣି ବର୍ଣ୍ଣିତ ଅଛି ଯେ

---

ବିଷୟରେ ଅନେକେ ସନ୍ଦେହ କରନ୍ତି । ଯାହାହେଉ ଆମ୍ଭମାନଙ୍କ ବିବେଚନାରେ ଐର ନିଜ ଜୀବନର ପ୍ରଥମଭାଗରେ ହିନ୍ଦୁ ଥାଇ, ଅନନ୍ତର ବୌଦ୍ଧ ହୋଇଥିଲେ। ଓ ଏହିରୂପ ଆମ୍ଭମାନଙ୍କ ବର୍ଣ୍ଣନାରୁ ପ୍ରକାଶ ପାଇବ ।

* ଖ୍ରୀଷ୍ଟପୂର୍ବ ୩୨୭ ଅବ୍ଦରେ ମାସିଡ଼ୋନିଅ ଅଧୀଶ୍ୱର ଆଲେକ୍‌ଜାଣ୍ଡର (ସେକନ୍ଦର) ଭାରତବର୍ଷ ଜୟ କରିବାପାଇଁ ଆସିଥିଲେ । ସେ ସମୟରେ ନନ୍ଦବଂଶୀୟ ୯ ଜଣ ରାଜାଙ୍କ ମଧ୍ୟରୁ ଶେଷ ନନ୍ଦରାଜା ମଗଧସିଂହାସନରେ ଅଧିରୂଢ଼ ଥିଲେ । ମହାପଦ୍ମନନ୍ଦ ନନ୍ଦବଂଶୀୟ ପ୍ରଥମ ରାଜା । ପ୍ରାୟ ଖ୍ରୀଷ୍ଟପୂର୍ବ ୪୦୦ ଅବ୍ଦରେ ସେ ରାଜତ୍ୱ କରୁଥିଲେ । ଶେଷ ନନ୍ଦଙ୍କର ପୂର୍ବବର୍ତ୍ତୀ କୌଣସି ହୀନବଳ ନନ୍ଦ ସମ୍ଭବତଃ ଐରଙ୍କଦ୍ୱାରା ପରାଭୂତ ହୋଇଥିଲେ; ତାହାହେଲେ ଐର ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀର ମଧ୍ୟଭାଗରେ ରାଜତ୍ୱ କରୁଥିବାର ଅନୁମାନ ଅସମ୍ଭବ ଓ ଅଯାଥାର୍ଥ୍ୟପର ନୁହେ । ସୁତରାଂ ହଣ୍ଟରସାହେବ ଖ୍ରୀଷ୍ଟଙ୍କ ପଞ୍ଚାଶ ବର୍ଷରେ ଯେ ଐରଙ୍କର ଶାସନକାଳ ନିର୍ଦ୍ଧାରଣ କରିଅଛନ୍ତି, ତାହା ସମ୍ପୂର୍ଣ୍ଣ ଭ୍ରମସଙ୍କୁଳ ଓ ଅବିଶ୍ୱାସଯୋଗ୍ୟ ।

Digitized by srujanika@gmail.com

ମୂଲ୍ୟବାନ ଦ୍ରବ୍ୟମାନ ସେ ବିତରଣକରୁଥିଲେ । ଅବଶେଷରେ ସାଂସାରିକ ଭୋଗ-ବିଳାସରେ ବିରକ୍ତ ହୋଇ ତୀର୍ଥଯାତ୍ରାରେ ବହିର୍ଗତ ହୋଇଥିଲେ; ମଧ୍ୟ ଅନେକ ଗୁମ୍ଫା, ଜଳନାଳୀ ପ୍ରଭୃତି ନିର୍ମାଣର ଆଦେଶ ଦେଇଥିଲେ ।

ଅଧିକନ୍ତୁ ପ୍ରକାଶିତ ହୋଇଅଛି ଯେ କଳିଙ୍ଗଦେଶରେ ଐରଙ୍କର ସମକାଳ ଓ ତତ୍ପରବର୍ତ୍ତୀ ସମୟରେ ବାଣିଜ୍ୟ ଚଳୁଥିଲା । ସୂକ୍ଷ୍ମ ଓ ଛିଟବସ୍ତ୍ରମାନ ମଧ୍ୟ ଏଠାରେ ପ୍ରସ୍ତୁତ ହେଉଥିଲା * । ତତ୍କାଳୀନ ରାଜାମାନଙ୍କର ଅର୍ଣ୍ଣବପୋତଗୁଡ଼ିକ ବିଦେଶରେ ଗତ ଥିଲା ଓ ସେମାନେ ସମୁଦ୍ରବାଣିଜ୍ୟରେ ପ୍ରବୃତ୍ତ ହେଉଥିଲେ । ତାମ୍ରଲିପ୍ତି ସେ ସମୟରେ ସମ୍ଭବତଃ ଏ ଦେଶର ବନ୍ଦର ଥିବାର ଅନୁମିତ ହୋଇଅଛି । ମଧ୍ୟ ସପ୍ତମ ଶତାବ୍ଦୀରେ ଜନୈକ ଚୀନପରିବ୍ରାଜକ ତାମ୍ରଲିପ୍ତି ହ୍ରଦରେ ଅର୍ଣ୍ଣବପୋତ ଯାତାୟାତ କରୁଥିବାର ଦେଖିଥିବା ସ୍ଥଳେ ତହିଁ ପୂର୍ବଶତାବ୍ଦୀମାନଙ୍କରେ ତାମ୍ରଲିପ୍ତି ଅର୍ଣ୍ଣବପୋତ ଗମନାଗମନର ବନ୍ଦର ଥିଲା ବୋଲି ଅନୁମାନ କରିବା ନିତାନ୍ତ କାଳ୍ପନିକ ଓ ଅମୂଳକ ନୁହେ । ଦେଶର ଉଲ୍ଲିଖିତ ବର୍ଣ୍ଣନାରୁ ରାଜାଙ୍କର ଉନ୍ନତ ଓ ସଭ୍ୟତାସମ୍ପନ୍ନ ଅବସ୍ଥା ଥିବାର କେତେକ ପରିଚୟ ମିଳୁଅଛି ।

ଅଶୋକରାଜା—ଅନନ୍ତର ତୃତୀୟ ଶତାବ୍ଦୀ ସରିକି (ଖ୍ରୀଷ୍ଟପୂର୍ବ ୨୫୦ ବର୍ଷ) ବୌଦ୍ଧଧର୍ମ ଓଡ଼ିଶାର ପ୍ରଧାନ ଧର୍ମ ହୋଇ ଉଠିଥିଲା । ସେ ସମୟରେ ବୌଦ୍ଧ-ଧର୍ମାବଲମ୍ବୀ ମୌର୍ଯ୍ୟବଂଶୀୟ † ଅଶୋକରାଜା ମଗଧ ସିଂହାସନରେ ଅଧିଷ୍ଠିତ

---

* Hunter's Orissa Vol. I. P. 197. । ଉଇଲସନସାହେବ ମଧ୍ୟ ପୂର୍ବକାଳରେ କଳିଙ୍ଗଦେଶରେ ଛିଟ ପ୍ରସ୍ତୁତ ହେଉଥିବାର ଲେଖିଅଛନ୍ତି । ବର୍ତ୍ତମାନସୁଦ୍ଧା ଦାକ୍ଷିଣାତ୍ୟ ଛିଟପାଇଁ ବିଖ୍ୟାତ ।

† ମୌର୍ଯ୍ୟ ବା ମୌରେୟ । ମଗଧର ଗୁପ୍ତବଂଶୀୟ ପ୍ରଥମ ରାଜା ଚନ୍ଦ୍ରଗୁପ୍ତ, ଜନୈକ ନନ୍ଦରାଜାଙ୍କ ଔରସରେ ମୁରାନାମ୍ନୀ ଏକ ଭଣ୍ଡାରୁଣୀ ଗର୍ଭରୁ ଜାତ ହୋଇଥିଲେ । ପଣ୍ଡିତ ଚାଣକ୍ୟଙ୍କ ମନ୍ତ୍ରଣା ଓ ସହାୟତାରେ ନନ୍ଦବଂଶୀୟ ଶେଷ ରାଜାଏ ବିନଷ୍ଟ ହୋଇ, ସେ ସିଂହାସନରେ ଅଧିଷ୍ଠିତ ହେଲେ । ମୁଦ୍ରାରାକ୍ଷସ ନାମକ ନାଟକରେ ଚନ୍ଦ୍ରଗୁପ୍ତଙ୍କୁ "ମୌରେୟ" (ମୁରାର ପୁତ୍ର) ବୋଲି ଗ୍ରନ୍ଥକାର ବିଶାଖଦତ୍ତ ସମ୍ବୋଧନ କରିଅଛନ୍ତି । ଏଣୁକରି ଗୁପ୍ତବଂଶୀୟ ଓ ତଦ୍ବଂଶସମ୍ଭୂତ ରାଜାଏ ମୌରେୟ ବା ମୌର୍ଯ୍ୟବଂଶୀୟ ବୋଲି ଉଲ୍ଲିଖିତ ହୋଇଥିବାର ସ୍ଥିରୀକୃତ ହୋଇଅଛି । ଅଶୋକରାଜା ସମ୍ଭବତଃ ଗୁପ୍ତବଂଶସମ୍ଭୂତ ରାଜା ଥିଲେ । ତାଙ୍କର ପ୍ରକୃତ ନାମ ପ୍ରିୟଦର୍ଶୀ; ଅଶୋକଉପାଧିଗତ ନାମ ପ୍ରାୟ ପ୍ରଚଳିତମାନ ହୁଅଇ । ବାଲ୍ୟକାଳରେ ବିଳାସପ୍ରିୟ ଥିଲେ ବୋଲି କାମାଶୋକ, ଯୌବନାବସ୍ଥାରେ ଅତ୍ୟାଚାରୀ ଥିଲେ ବୋଲି ଚଣ୍ଡାଶୋକ ଓ ଅନନ୍ତର ଧାର୍ମିକ

Digitized by srujanika@gmail.com

ଥିଲେ । ବସ୍ତୁତଃ ତଦାନୀନ୍ତନ ସମସ୍ତ ବୌଦ୍ଧଧର୍ମବ୍ୟାପିତ ରାଜ୍ୟର ସମ୍ରାଟ୍‌ରୂପେ ପରିଗଣିତ ହୋଇ ସେ ଦେଶମାନଙ୍କରେ ଆପଣାର ସମ୍ପୂର୍ଣ୍ଣ କ୍ଷମତା ଚଳାଉ ଥିଲେ । ତେତେବେଳେ ଓଡ଼ିଶାରେ ରାଜା ଥିଲେ ସତ୍ୟ କିନ୍ତୁ ସେମାନେ ବୌଦ୍ଧମତାବଲମ୍ବୀ ଓ ସମ୍ପୂର୍ଣ୍ଣରୂପେ ଅଶୋକରାଜାଙ୍କର ଆଜ୍ଞାଧୀନ ଥିଲେ । ଖୋର୍ଦ୍ଧା ଅନ୍ତଃପାତ ଧଉଳିପର୍ବତରେ ଅଶୋକଙ୍କ ସୁପ୍ରସିଦ୍ଧ ଏକାଦଶ ଆଜ୍ଞା ଅଙ୍କିତ ଥାଇ ଅଦ୍ୟାପି ପ୍ରଚ୍ଛନ୍ନଭାବରେ ବୌଦ୍ଧଧର୍ମର ଦୟା ଓ ସହିଷ୍ଣୁତାର ଭାବ ପ୍ରଚାର କରୁଅଛି * । ଉକ୍ତ ଏକାଦଶ ଆଜ୍ଞା ପାର୍ଶ୍ୱରେ, ସ୍ଥାନୀୟ ରାଜାଙ୍କର ଯୋଡିଏ ଆଜ୍ଞା ମଧ୍ୟ ଅଙ୍କିତ ହୋଇଅଛି ✣ । ଏ ଆଜ୍ଞାମାନ ସମସ୍ତ ପାଲିଭାଷାରେ ଲିଖିତ । ବୌଦ୍ଧରାଜାମାନେ ସାଧାରଣ ହିତକର ନାନା କାର୍ଯ୍ୟର ଅନୁଷ୍ଠାନ କରୁଥିଲେ । ପୀଡ଼ିତ ମନୁଷ୍ୟଙ୍କୁ ମଧ୍ୟ ପୀଡ଼ିତ ପଶୁପକ୍ଷିଙ୍କ ଔଷଧଦାନରେ,

---

ହେଲେ ବୋଲି ଧର୍ମାଶୋକ ପଦମାନ ଲାଭ କରିଥିବାର ଲିଖିତ ଅଛି । ଜଣେ ଚୀନଲେଖକ ଲେଖିଅଛନ୍ତି ଅଶୋକ ତାଙ୍କ ପିତାଙ୍କ ଔରସରେ ଏକ ବଣିକ କନ୍ୟାଙ୍କ ଗର୍ଭରୁ ଜନ୍ମିଥିଲେ; ସେ ଶୂର ଥିଲେ; ନେପାଳ ଜୟ କରି ପିତାଙ୍କଠାରୁ ପାଟଳୀପୁତ୍ର ପୁରସ୍କାରସ୍ୱରୂପ ଲାଭ କରିଥିଲେ; ତାଙ୍କ ପିତାଙ୍କର ମଗଧରେ କ୍ଷମତାଶାଳୀ ଆଧିପତ୍ୟ ଥିଲା । କିନ୍ତୁ ତେତେବେଳେ ମଗଧରେ କେବଳ ଗୁପ୍ତବଂଶୀୟ ରାଜାଏ କ୍ଷମତା ଓ ପ୍ରାଧାନ୍ୟ ଲଭିଥିଲେ । ଏଣୁ ଅଶୋକଙ୍କ ବଂଶ ସମ୍ବନ୍ଧରେ ଆମ୍ଭମାନଙ୍କର ଉଲ୍ଲିଖିତ ଅନୁମାନ ନିତାନ୍ତ ଅସମ୍ଭବପର ନୁହେ । ଏହିସବୁରୁ ବୋଧ ହୁଅଇ ଅଶୋକ ବାହୁବଳରେ ନାନା ଯୁଦ୍ଧ ଜୟ କରି ତାତ୍କାଳିକ ଭାରତର ସମ୍ରାଟ୍ ହୋଇଥିଲେ । ଅବଶେଷରେ ବୌଦ୍ଧଧର୍ମ ଗ୍ରହଣ କରି ବୌଦ୍ଧସମ୍ରାଟ୍ ବୋଲାଇଥିଲେ । ମଗଧର ଆଦିମ ଗୁପ୍ତବଂଶୋଦ୍ଭବ ରାଜାମାନେ ତାଙ୍କ ରାଜତ୍ୱ ସମୟରେ ହୀନପ୍ରଭ ହୋଇ, ସମ୍ଭବତଃ ତାଙ୍କର କରଗତ ହୋଇଥିଲେ । ଅଶୋକଙ୍କର ମୃତ୍ୟୁ ଉତ୍ତାରୁ ଗୁପ୍ତବଂଶୀୟ ରାଜାମାନେ ପୁଣି କ୍ଷମତାବିଶିଷ୍ଟ ହୋଇ ରାଜତ୍ୱ କରିଥିବାର ମଧ୍ୟ ସହଜେ ଅନୁମାନ କରା ଯାଇ ପାରେ ।

* ପରିଶିଷ୍ଟରେ ପ୍ରକାଶିତ ହେବ ।

✣ ଏହି ସ୍ଥାନୀୟ ରାଜାଙ୍କର ନାମ ଦେବାନାମ୍ପିୟ (ଦେବତାମାନଙ୍କର ପ୍ରିୟ) ଥିଲା । ସମ୍ଭବତଃ ସେ ଅଶୋକଙ୍କ ସମକାଳୀନ ଥିଲେ । ଧଉଳିପର୍ବତରେ ଅଙ୍କିତ ହୋଇଥିବା ଅଶୋକଙ୍କର ଆଜ୍ଞାଚୟ ଉପରେ ଓ ତଳେ ଯଥାକ୍ରମେ ଏ ରାଜାଙ୍କର ଆଜ୍ଞାଯୋଡିକ ଅଙ୍କିତ ହୋଇଅଛି । ଏହି ସ୍ଥାନୀୟ ରାଜାଙ୍କର

Digitized by srujanika@gmail.com

ସ୍ଥାନ ସ୍ଥାନରେ କୂପଖନନ ଓ ବର୍ତ୍ମପାର୍ଶ୍ୱରେ ବୃକ୍ଷରୋପଣ କରିବା ବିଷୟରେ, ସେମାନେ ସାତିଶୟ ଯତ୍ନବାନ୍ ଥିଲେ । ସେମାନଙ୍କ ରାଜ୍ୟଶାସନପ୍ରଣାଳୀ ସ୍ୱେଚ୍ଛାଚାରିତାଯୁକ୍ତ ଥିଲା । କିନ୍ତୁ କୌଣସି ବ୍ୟକ୍ତି କାହାରି ପ୍ରାଣ ବଧ କଲେ ସେ ପ୍ରାଣଦଣ୍ଡର ଆଜ୍ଞା ନ ପାଇ ସେମାନଙ୍କ ଶାସନପ୍ରଣାଳୀ ରୀତି ଅନୁସାରେ ଚିର କାରାରୁଦ୍ଧ ହେଉଥିଲା । ସାଧାରଣ ଲୋକଙ୍କ ନୀତିଶିକ୍ଷା ପ୍ରତି ବୌଦ୍ଧ-ନରପତିମାନଙ୍କର ବିଶେଷ ମନୋଯୋଗ ଓ ଦୃଷ୍ଟି ନିପତିତ ହେଉଥିଲା । ଏହି ଅଭିପ୍ରାୟସାଧନାର୍ଥ ତତ୍ତ୍ୱାବଧାରକମାନେ ନିଯୁକ୍ତ ହୋଇ ଲୋକନିର୍ବିଶେଷରେ ସାଧାରଣ୍ୟର ବହିଃସ୍ୱଭାବ ଓ ଅନ୍ତଃସ୍ୱଭାବ ନିରୀକ୍ଷଣ କରୁଥିଲେ । ଆଜିକାଲି ଯେପରି ଖ୍ରୀଷ୍ଟଧର୍ମାବଲମ୍ବୀ ଇଂରାଜକର୍ମଚାରୀଙ୍କ ସକାଶେ ରାଜକୋଷମୁଦ୍ରାରୁ ଭଜନାଳୟମାନ ସ୍ଥାନ ସ୍ଥାନରେ ପ୍ରସ୍ତୁତ ହେଉଅଛି, ଅଶୋକଙ୍କ ସମୟରେ ସେହିପରି କର୍ମଚାରୀଙ୍କ ସକାଶେ ଧଉଳପର୍ବତର ନିକଟବର୍ତ୍ତୀ ତାତ୍କାଳିକ କଳିଙ୍ଗର ବୌଦ୍ଧରାଜଧାନୀ ତୋଷାଲି * ନଗରରେ ଧ୍ୟାନାଳୟ ଓ ଦୁର୍ବଳ ଲୋକଙ୍କ ସକାଶେ ଔଷଧାଳୟ ନିର୍ମିତ ହୋଇଥିଲା । ଜାତିନିର୍ବିଶେଷରେ—କି ସଭ୍ୟ,

---

ପ୍ରଥମ ଆଜ୍ଞା କିଛି ଅପେକ୍ଷାକୃତ ବଡ଼ ଅକ୍ଷର ଓ ଅସୁନ୍ଦରରୂପେ ଖୋଦିତ ଏବଂ ଅନ୍ୟ ଆଜ୍ଞାଟି ସମସ୍ତ ପୂର୍ବଖୋଦିତ ଶାସନ ଅପେକ୍ଷା ଅଧିକ ସତର୍କତାର ସହିତ ଓ ସୁନ୍ଦରତରରୂପେ ଅଙ୍କିତ ହୋଇଥିବାରୁ ଏହି ଆଜ୍ଞାଦ୍ୱୟକୁ ଭିନ୍ନ ସମୟ—ସମ୍ଭବତଃ ଅଶୋକଙ୍କ କାଳ ଉତ୍ତାରୁ—ଖୋଦିତ ହୋଇଥିବାର କେହି କେହି ଅନୁମାନ କରିଅଛନ୍ତି । କିନ୍ତୁ ଉଲ୍ଲିଖିତ ହେତୁମାନ ଯୁକ୍ତିଯୁକ୍ତ ନୁହେଁ; ବିଶେଷତଃ ଅଙ୍କନକାର୍ଯ୍ୟରେ ଏହିପରି ହେବାର ସ୍ୱାଭାବିକ । ସମ୍ଭବତଃ ସମ୍ରାଟ ଅଶୋକଙ୍କ ଆଜ୍ଞା ଅଙ୍କିତ କରିବାର ଆଦେଶ ପାଇ ସ୍ଥାନୀୟ ରାଜା ଦେବାନାମ୍ପ୍ରିୟ ସେଥି ସଙ୍ଗେ ସଙ୍ଗେ ସ୍ୱୀୟ ପ୍ରଧାନନଗର ତୋଷାଲିର କର୍ମଚାରୀ ପ୍ରଭୃତିଙ୍କ ସମ୍ବନ୍ଧରେ ନିଜର ଆଜ୍ଞା ପ୍ରଚାରିତ କରିଥିଲେ । ଅଥବା ଦେବାନାମ୍ପ୍ରିୟ ଅନ୍ୟ ରାଜା ନ ଥାଇ ସେ ସ୍ୱୟଂ ଅଶୋକ ଥିଲେ; ଯେହେତୁ ସେ ମଧ୍ୟ ନିଜ ଶାସନଚୟ ମଧ୍ୟରେ ଆପଣାକୁ "ଦେବାନାମ୍ପ୍ରିୟ ରାଜା ପ୍ରିୟଦର୍ଶୀ" ବୋଲି ଉଲ୍ଲେଖ କରିଅଛନ୍ତି । ଯାହାହେଉ ସ୍ଥାନୀୟ ଆଜ୍ଞାଯୋଡ଼କ ଯେ ଅଶୋକଙ୍କ ସୁପ୍ରସିଦ୍ଧ ଏକାଦଶ ଆଜ୍ଞାର ସମକାଳୀନ, ଏହା ସମ୍ଭବପର ଅଟେ । ଐ ଆଜ୍ଞାଯୋଡ଼କ ମଧ୍ୟ ପରିଶିଷ୍ଟରେ ପ୍ରକାଶିତ ହେବ ।

* ବ୍ରହ୍ମାଣ୍ଡପୁରାଣରେ "ତୋଷଲ କୋଶଲକ" ବା କୋଶଲର ଅନ୍ତର୍ଗତ ତୋଷଲ ବୋଲି ଲିଖିତ ଅଛି । ଗ୍ରୀକଲେଖକ ଟଲେମି ତୋଷଲିକୁ ଗଙ୍ଗାର ( ଗଙ୍ଗାଦେଶର ) ଅପରପାର୍ଶ୍ୱବର୍ତ୍ତୀ ଓ ନାଗଲୋକ ଅଧିବାସିତ ଏକ ପାହାଡ଼ର

Digitized by srujanika@gmail.com

କି ଅସଭ୍ୟ, କି ଆର୍ଯ୍ୟ, କି ଯବନ; ବିନା ଦେଶଭେଦରେ—କି ଭାରତବର୍ଷ, କି ପୃଥିବୀର ଅନ୍ୟାନ୍ୟ ସ୍ଥାନମାନ, ଅଶୋକ ବୌଦ୍ଧଧର୍ମ ପ୍ରଚାର କରିବା ସକାଶେ ଆଜ୍ଞା ଦେଇ ଥିବାର ଖୋଦିତଲିପିରେ ଦୃଷ୍ଟ ହୁଅଇ । ତଥାପି ବ୍ରାହ୍ମଣଙ୍କ ପ୍ରତି ତାଙ୍କର ଅନାସ୍ଥା ଜନ୍ମି ନ ଥିଲା । ସେମାନଙ୍କୁ ସମ୍ମାନ କରିବା ଓ ଦାନ ଦେବାପାଇଁ ଅଶୋକଙ୍କଦ୍ୱାରା ସାଧାରଣ ବୌଦ୍ଧମାନେ ଆଜ୍ଞାପିତ ହୋଇଥିଲେ । ଅଶୋକଙ୍କ ସମୟରେ କଳିଙ୍ଗ ବୌଦ୍ଧମାନେ ସ୍ପଷ୍ଟ ଏକେଶ୍ୱରବାଦୀ ଥିଲେ ।

ଖଣ୍ଡଗିରି ଓ ଉଦୟଗିରି—ଖ୍ରୀଷ୍ଟପୂର୍ବ ଷଷ୍ଠ ଶତାବ୍ଦୀରେ ବୁଦ୍ଧଦେବଙ୍କର ପବିତ୍ର ଦନ୍ତ ଆନୀତ ହୋଇ ପୁରୀନଗରରେ ଅଧିଷ୍ଠିତ ହୋଇଥିଲା । ସୁତରାଂ ଓଡ଼ିଶା ମଧ୍ୟରେ ପୁରୀନଗରକୁ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳୀ ବୋଲିବାକୁ ହେବ । କିନ୍ତୁ ଧର୍ମ ସଙ୍ଗେ ସ୍ୱଭାବର ବିଶୁଦ୍ଧ ମୈତ୍ରୀତା । ପୁରୀନଗରର ଅନତିଦୂରବର୍ତ୍ତୀ ଏବଂ ଭୁବନେଶ୍ୱରର ପ୍ରାୟ ଏକକୋଶ ପଶ୍ଚିମ ଓ ଉତ୍ତରପଶ୍ଚିମରେ ଅବସ୍ଥିତ ଏବଂ ଅନତିଉଚ୍ଚ ଖଣ୍ଡଗିରି ଓ ଉଦୟଗିରିର ଅପୂର୍ବ ପ୍ରାକୃତିକ ଶୋଭା ଧ୍ୟାନମତ୍ତ ବୌଦ୍ଧଯୋଗୀଙ୍କର ଚିତ୍ତକୁ ଆକର୍ଷଣ କରିଥିଲା । ସେମାନେ ଏହି ଗଣ୍ଡଶୈଳ-ଦ୍ୱୟରେ ଧର୍ମ ସାଧନର ଉପଯୁକ୍ତ ଓ ନିର୍ଜ୍ଜନସ୍ଥାନ ପ୍ରାପ୍ତ ହୋଇ, ଏହି ପାହାଡଦ୍ୱୟରେ ଯୋଗଧ୍ୟାନ ଆରମ୍ଭ କରିଥିଲେ । ଖଣ୍ଡଗିରି ଓ ଉଦୟଗିରିରେ ଯେଉଁ ସର୍ପଗହ୍ୱର ଓ ବ୍ୟାଘ୍ରଗହ୍ୱର ପ୍ରଭୃତି * ଗୋଟିକେତେ କ୍ଷୁଦ୍ର କ୍ଷୁଦ୍ର ଅପ୍ରଶସ୍ତ ଗହ୍ୱର ଦୃଷ୍ଟି-ଗୋଚର ହୁଅଇ, ସେମାନ ଆଦିମ ଅବସ୍ଥାର ବୌଦ୍ଧଧର୍ମାବଲମ୍ବୀଙ୍କଦ୍ୱାରା ଚତୁର୍ଥ ଶତାବ୍ଦୀ ପୂର୍ବରେ ପାହାଡ ଦେହରୁ ଗଠିତ ହୋଇଥିଲା । ଖଣ୍ଡଗିରି ଓ ଉଦୟ-ଗିରିର ସ୍ଥାନ ସ୍ଥାନରେ ସ୍ତମ୍ଭବିଶିଷ୍ଟ ବାହୁସମ୍ବଳିତ ପ୍ରକୋଷ୍ଠମାନ ଦେଖାଯାଏ । ଏହି ପ୍ରକୋଷ୍ଠଚୟର ଦୁଇପାର୍ଶ୍ୱରେ କ୍ଷୁଦ୍ର କ୍ଷୁଦ୍ର କୋଠରିମାନ ମଧ୍ୟ ନେତ୍ର-ଗୋଚର ହୁଅଇ, ତଦନନ୍ତର ଏହି ଗଣ୍ଡଶୈଳରେ ଅଧିକତର ଶୋଭାବନ୍ଧ

---

ନିକଟବର୍ତ୍ତୀ ନଗର ଥିବାର ଲେଖିଅଛନ୍ତି । ନାଗଜାତିଏ ନାନାଦିଗରେ ବାସ କରୁଥିଲେ । ମହାନଦୀ ଓ ତତ୍ଶାଖାବ୍ୟାପୃତ ଦେଶର ନାମ ପୂର୍ବେ କୋଶଳ ଥିବାର ପ୍ରମାଣ ମିଳିଅଛି । ଏଣୁକରି ଭୋସଲଙ୍କୁ ଧଉଳି ପର୍ବତର ନିକଟବର୍ତ୍ତୀ ବୋଲି ଅନୁମାନ କରି ଯାଇପାରେ । ମଧ୍ୟ ଏହିସବୁରୁ ଜଣାଯାଏ ଯେ ପୂର୍ବେ ଏ ସ୍ଥାନାୟ ବୌଦ୍ଧଙ୍କର ପୁଣ୍ୟ ଧର୍ମସ୍ଥଳୀ ଓ ଭୋସଲି ଶାସନସ୍ଥଳୀ ବା ରାଜଧାନୀ ଥିଲା ।

* ବୌଦ୍ଧମାନେ ଯେ ଭୀଷଣ ପଶୁଙ୍କ ଆକାରକୁ ଅନୁକରଣ କରି ପ୍ରଥମେ ଗହ୍ୱରମାନ କରୁଥିଲେ, ଏଥିର ଅର୍ଥ ଅଛି । ଧର୍ମର ପ୍ରଥମାବସ୍ଥାରେ ଧର୍ମର ବେଗ ଅଧିକ ଥିଲା । ଲୋକେ ପ୍ରକୃତ ନିଜ ନିଜ କୁପ୍ରବୃତ୍ତିର ଶାସନ ଲୋଡୁଥିଲେ ।

Digitized by srujanika@gmail.com

ପର୍ବତୋତ୍କୀର୍ଣ୍ଣ ଦ୍ୱିତଳ ଗୁହାବଳୀ ଓ ନାନାପ୍ରକାର ପ୍ରସ୍ତରମୂର୍ତ୍ତି ଦର୍ଶନଲବ୍ଧ ହୁଅଇ; ଏହି ଗୁହାବଳୀ ମଧ୍ୟରେ ରାଣୀନହର * ପ୍ରଧାନ ଅଟଇ । କେହି କେହି ଏ ସବୁକୁ ଅଶୋକ ଓ ତତ୍ପୂର୍ବବର୍ତ୍ତୀ ରାଜାଙ୍କ ସମୟରେ ଗଠିତ ହୋଇଥିବାର କହନ୍ତି, ମାତ୍ର ଖ୍ରୀଷ୍ଟପୂର୍ବ ଚତୁର୍ଥ ଶତାବ୍ଦୀରେ ଐରରାଜାଙ୍କ ଅଜ୍ଞାନୁକ୍ରମେ ଏ ସବୁର ଗଠନ କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଐରରାଜାଙ୍କ ସମ୍ବନ୍ଧରେ ଓ ସେହି ସମୟର ଯେଉଁ ଖୋଦିତ ଲିପି ହାତୀଗୁମ୍ଫାରେ ବିଦ୍ୟମାନ ଅଛି, ସେଥିରେ ଏହି ଗୁମ୍ଫା ଓ ପ୍ରକୋଷ୍ଠମାନ ନିର୍ମାଣ କରିବାର ଅଜ୍ଞା ଥିବାର ଜଣାଯାଏ । ତାଙ୍କ ପରବର୍ତ୍ତୀ ଅଶୋକଙ୍କ ଶାସନାବଳୀରେ ଏପରି କାର୍ଯ୍ୟପାଇଁ କୌଣସି ଉପଦେଶ ଥିବାର ଦୃଷ୍ଟିଗୋଚର ହୁଅଇ ନାହିଁ । ଐରରାଜାଙ୍କ ସମୟ ସରିକି ବୌଦ୍ଧଧର୍ମ ସାମାଜିକତା ଭାବକୁ ଧାରଣ କରିଥିଲା ଏବଂ ନାନାପ୍ରକାର ଆଚାରବ୍ୟବହାର ଓ ଉତ୍ସବ ମଧ୍ୟ ଏଥି ମଧ୍ୟରେ ପ୍ରବିଷ୍ଟ ହୋଇଥିଲା; ସାଧାରଣ ବୌଦ୍ଧଭ୍ରାତାମାନେ ସାଧନ, ଭଜନ ଓ ସଦାଳାପ କରିବା ସକାଶେ ଏକତ୍ରିତ ହେଉଥିଲେ । ଏଥିପୂର୍ବ ବର୍ଣ୍ଣିତ ଐରରାଜାଙ୍କ ଜୀବନଚରିତରୁ ପ୍ରକାଶ ପାଉଅଛି ଯେ ତାଙ୍କ ସମୟ ସରିକି କୌଣସି କୌଣସି ବୌଦ୍ଧରାଜାମାନଙ୍କ ମଧ୍ୟରେ କେତେକ ପରିମାଣରେ ବିଳାସପ୍ରିୟତା ମଧ୍ୟ ବାହୁ ପ୍ରସାରଣ କରିଥିଲା । ଲୋକଙ୍କର ଶିଳ୍ପ ଚାତୁର୍ଯ୍ୟରେ ମଧ୍ୟ ପାରଦର୍ଶିତା ଜନ୍ମିଥିଲା ।

---

ସୁତରାଂ ଚିତ୍ରାସ୍ଥାନ ଗହ୍ୱରକୁ ଏ ପ୍ରକାର କରିଥିଲେ ଯେ ମନରେ କୁପ୍ରବୃତ୍ତିର ଉଦୟ ହେଲାକ୍ଷଣି ସେ ଗହ୍ୱର ଉପରିସ୍ଥିତ ଭୀଷଣ ଆକାରମାନ ଦେଖି ପ୍ରବୃତ୍ତିର ବେଗ ନିବାରଣ କରିବାପାଇଁ ସାହାଯ୍ୟ ଲଭୁଥିଲେ । ଆଧୁନିକ ବ୍ରାହ୍ମ କେହି କେହି ଏହିରୂପେ କୁପ୍ରବୃତ୍ତି ନିବାରଣ ଓ ଧର୍ମରେ ମତି ବଳାଇବାପାଇଁ "ମୃତ୍ୟୁ" ଏହି ଶବ୍ଦକୁ ଏକ କାଗଜରେ ଲେଖି ସମ୍ମୁଖରେ ଟାଙ୍ଗି ରଖନ୍ତି । ମୋକ୍ଷମୂଲର (Chips Vol. I. P. 272.) ପେଶୋଅରରେ ଗୋଟିଏ ସର୍ପଗହ୍ୱର ଉକ୍ତ ଅଭିପ୍ରାୟ ସାଧନାର୍ଥ ଥିବାର ହାଓଂଶାଂ ଦେଖିଥିଲେ ବୋଲି ଲେଖିଅଛନ୍ତି ।

* ରାଣୀନହର=ରାଣୀନଅର (ପ୍ରାକୃତ) । ଏଥିର ଅନ୍ୟ ନାମ ରାଣୀହଂସପୁର=ରାଣୀଅନ୍ତସପୁର=ରାଣୀଅନ୍ତଃପୁର (ସଂସ୍କୃତ) । ଓଡ଼ିଆମାନେ ସଂସ୍କୃତ ଓ ପ୍ରାକୃତ କେତେକ ଶବ୍ଦର ଅ ସ୍ଥାନରେ "ହ" ବ୍ୟବହାର କରି ଉଚ୍ଚାରଣ କରନ୍ତି । ଏହିଟି ଆଧୁନିକ ନାମ । ରାଜା ଲଲାଟେନ୍ଦ୍ର କେଶରୀ ଏଠାରେ କେତେ କେତେ ବେଳେ ସମବାସ କରୁଥିଲେ । ଅନ୍ୟ କୌଣସି କୌଣସି ହିନ୍ଦୁରାଜା ମଧ୍ୟ ସମୟ ସମୟରେ ଏହିପରି ଏଠାରେ ବାସ କରିଥିବେ । ଏହି ଘଟନାକୁ ଅବଲମ୍ବନ କରି ଲୋକେ ଏହି ନାମରେ ଏ ସ୍ଥାନକୁ ଅଭିହିତ କରିଅଛନ୍ତି ।

Digitized by srujanika@gmail.com

ଅନେକ ବୌଦ୍ଧରାଜାର ଜୀବନ ସମ୍ବନ୍ଧରେ ଯେପରି ଘଟନାମାନ ଉଦୟଗିରି ପାହାଡ଼ରେ ଖୋଦିତ ହୋଇଅଛି, ସେଥିରୁ ସେହି ସମୟର ରାଜା ଓ ରାଜକନ୍ୟା ଏବଂ ଲୋକମାନଙ୍କର ରୀତିନୀତିର କେତେକ ପରିଚୟ ମିଳଇ । ରାଜା ଓ ରାଜମହିଳାମାନେ ସେ ସମୟରେ ଭୟାକ୍ତ ଓ ସମର-ପରାଙ୍ମୁଖ ନ ଥିଲେ; ସେମାନେ ଯେ ପ୍ରକାର ଉଷ୍ଣୀଷ, ସ୍ୱର୍ଣ୍ଣନିର୍ମିତ ଅଙ୍ଗାଚ୍ଛାଦନ, ଅସ୍ତ୍ରଶସ୍ତ୍ର, ଉପାନହ* ପ୍ରଭୃତି ବ୍ୟବହାର କରୁଥିଲେ, ସେ ସବୁରୁ ସେମାନଙ୍କର ଜୀବନଯାତ୍ରା ନିର୍ବାହ ସଭ୍ୟତାସଙ୍ଗତ ଥିବାର ପ୍ରତୀୟମାନ ହେଉଅଛି । ସାଧାରଣଲୋକଙ୍କ ଅବସ୍ଥା ମଧ୍ୟ କେତେକ ପରିମାଣରେ ଉନ୍ନତ ଥିଲା ପ୍ରାୟ ବୋଧ ହୁଅଇ ।

ଖଣ୍ଡଗିରି ଓ ଉଦୟଗିରିସ୍ଥ ଖୋଦିତ ମୂର୍ତ୍ତିଚୟ ମଧ୍ୟରେ କେତେକ ହିନ୍ଦୁ ଦେବଦେବୀଙ୍କର ମୂର୍ତ୍ତିମାନ ମଧ୍ୟ ଦେଖାଯାଏ ଏବଂ ଯେଉଁ ଗୁମ୍ଫା ଓ ପ୍ରକୋଷ୍ଠାବଳୀରେ ଏହି ମୂର୍ତ୍ତିମାନ ଅଛି । ସେମାନ ଐରରାଜାଙ୍କ ଆଜ୍ଞାନୁକ୍ରମେ ଗଠିତ ହୋଇଥିଲା । ଐରରାଜାଙ୍କୁ ଯେଉଁମାନେ ଜୈନ ବୋଲି ସ୍ଥିର କରିବା ସକାଶେ ମାନସ କରନ୍ତି, ସେମାନେ ଏହି ମୂର୍ତ୍ତିଚୟରେ ସେମାନଙ୍କ ମତର ପୋଷକତା ଲାଭ କରି ପାରନ୍ତି । ମାତ୍ର ତେତେବେଳେ ବୌଦ୍ଧଧର୍ମର ପ୍ରାଦୁର୍ଭାବରେ ହିନ୍ଦୁଧର୍ମ ଏକାବେଳକେ ଲୁପ୍ତ ହୋଇ ନ ଥିଲା । ସେ ସମୟର ଶିଳ୍ପକାର ଓ କର୍ମଗୁରୁଙ୍କ ମଧ୍ୟରେ କେହି କେହି ସମ୍ଭବତଃ ହିନ୍ଦୁ ଥିଲେ ଓ ସେମାନଙ୍କ ରୁଚି ଅନୁସାରେ କେତେକ ହିନ୍ଦୁଦେବମୂର୍ତ୍ତିମାନ ଖୋଦିତ ହୋଇଥିବା ଆଶ୍ଚର୍ଯ୍ୟ ନୁହେ । ଏଣୁକରି ଏହି ମୂର୍ତ୍ତିଚୟ ମଧ୍ୟ ଐରଙ୍କର ଜୈନତ୍ୱସମ୍ପାଦନର ସମ୍ୟକ୍ ପ୍ରମାଣ ବୋଲି ସ୍ଥିର ହୋଇ ନ ପାରେ ।

ଖଣ୍ଡଗିରି ଓ ଉଦୟଗିରିର ସ୍ଥାନ ସ୍ଥାନରେ ଜଳାଶୟମାନ ନୟନର ପ୍ରୀତିବର୍ଦ୍ଧନ କରଇ । ଐରରାଜାଙ୍କ ଆଦେଶରେ ଏମାନ ମଧ୍ୟ ଖୋଦିତ ହୋଇ ଥିବାର ଅନୁମିତ ହୋଇ ପାରେ । ଏହି କୁଣ୍ଡଚୟର ପାଣି ଅତି ଶୀତଳ ଓ ସୁମିଷ୍ଟ ।

ଖଣ୍ଡଗିରିର ଶିରୋଭାଗରେ ଏକ ଶୁଭ୍ର ଜୈନମନ୍ଦିର ବର୍ତ୍ତମାନ ଶୋଭା ପାଉଅଛି । ଏହା ଅଳ୍ପଦିନ ହେଲା (ପ୍ରାୟ ତିନି ଚାରି ଶତ ବର୍ଷ ହେବ) ଗଠିତ ହୋଇଥିବାର ଅନୁମିତ ହୁଏ । ଜୈନଙ୍କର ଇଷ୍ଟଦେବତା ପରେଶନାଥଙ୍କ ମୂର୍ତ୍ତି

* ଆଧୁନିକ ପୂର୍ବ ( ଫୁଲ୍ ) ବୁଟ୍‌ଜୁତା ପରି ।

Digitized by srujanika@gmail.com

ଜୈନ ମନ୍ଦିର ମଧ୍ୟରେ ଓ ଖଣ୍ଡଗିରିର ଅନ୍ୟାନ୍ୟ ସ୍ଥାନରେ ପ୍ରତିଷ୍ଠିତ ହୋଇଥିବାର ଦେଖାଯାଏ * ।

ନୀଳଗିରି ଓ ଧଉଳଗିରି—ନୀଳଗିରି ଖଣ୍ଡଗିରିର ଲାଗି ଭୁବନେଶ୍ୱରର ଦକ୍ଷିଣପଶ୍ଚିମବର୍ତ୍ତୀ ଏକ ଅନୁଚ୍ଚ ପାହାଡ଼ ଅଟଇ । ଏଥିରେ କୌଣସି ବୌଦ୍ଧକୀର୍ତ୍ତି ଦେଖାଯାଏ ନାହିଁ ।

ଧଉଳଗିରି ଭୁବନେଶ୍ୱରର କିଞ୍ଚିତ୍ ଦୂରବର୍ତ୍ତୀ ଦୟାନଦୀର ଦକ୍ଷିଣତୀରରେ ଅବସ୍ଥିତ । ଏଥିର ସର୍ବୋଚ୍ଚ ଚୂଡ଼ା ୧୬୦ ହାତ ସରିକି ହେବ । ଏଥିରେ ବୌଦ୍ଧଙ୍କଦ୍ୱାରା ପାହାଡ଼ ଦେହରୁ ଗଠିତ କେତେଗୁଡ଼ିଏ କ୍ଷୁଦ୍ର ଗୁମ୍ଫା ମଧ୍ୟ ନେତ୍ରଗୋଚର ହୁଅଇ । ଏମାନ ସମ୍ଭବତଃ ଐରରାଜା ବା ତତ୍ପୂର୍ବବର୍ତ୍ତୀ କୌଣସି ସମୟରେ ଗଠିତ ଥିବା ପ୍ରାୟ ବୋଧ ହୁଅଇ । ଏହି ପାହାଡ଼ ତିନି ଭାଗରେ ବିଭକ୍ତ । ସେଥି ମଧ୍ୟରୁ ଅଶ୍ୱଥାମା ✿ ନାମକ ପାହାଡ଼ରେ ଅଶୋକଙ୍କର ଏକାଦଶ ଆଜ୍ଞା ଓ ଅନ୍ୟ ଦୁଇ ସ୍ଥାନୀୟ ଶାସନ ଅଙ୍କିତ ଥାଇ ଅଦ୍ୟାପି ଏକେଶ୍ୱରବାଦ ଓଡ଼ିଶାରେ ପ୍ରଚାର କରୁଅଛି । ଆଉ ଏକ ଅଙ୍କିତ ଶାସନ (ସମ୍ଭବତଃ ଅଶୋକଙ୍କ ପୂର୍ବକାଳର) ଧଉଳଗିରିର ଅନ୍ୟତ୍ର ବିଦ୍ୟମାନ ଅଛି । ମାତ୍ର ତାହା ଏକ ପ୍ରକାର ଅବ୍ୟକ୍ତ

---

* ଜୈନଙ୍କର ଧର୍ମମତ ଅପୂର୍ବ ପ୍ରକାରର ଅଟଇ ।—ସେମାନେ ଜଗତର ସ୍ରଷ୍ଟା, ପାତା ଓ ସଂହାରକର୍ତ୍ତା ସ୍ୱୀକାର କରନ୍ତି ନାହିଁ । ବୁଦ୍ଧଙ୍କୁ ଓ ବୌଦ୍ଧଙ୍କର ଅହିଂସାବାଦ ଓ ନିଃସ୍ୱାର୍ଥପରତାର ସମସ୍ତ ମତ ଗ୍ରାହ୍ୟ କରନ୍ତି । ହିନ୍ଦୁଙ୍କର ସୂର୍ଯ୍ୟ ଲକ୍ଷ୍ମୀ ପ୍ରଭୃତି କେତେକ ଦେବଦେବୀଙ୍କୁ ମାନନ୍ତି ଓ ସେମାନଙ୍କୁ ହିନ୍ଦୁଙ୍କ ଅପେକ୍ଷା ଭିନ୍ନ ଧ୍ୟାନର ମନ୍ତ୍ରରେ ଆରାଧନା କରନ୍ତି । କେତେକ ଆଦି ଜୈନଧର୍ମାବଲମ୍ବିଙ୍କୁ ମହାପୁରୁଷ ଓ ଅବତାର ସ୍ୱରୂପେ ପୂଜା କରନ୍ତି । ସର୍ବପ୍ରକାର ସୁଖକୁ ସ୍ୱର୍ଗ ବୋଲି ମାନନ୍ତି । ମୃତ୍ୟୁରେ ଲୟ ସ୍ୱୀକାର କରନ୍ତି । ଜୈନଧର୍ମର ଉତ୍ଥାନ ସମ୍ଭବତଃ ବୌଦ୍ଧଧର୍ମର ହ୍ରାସର ସମକାଳୀନ ଅଟଇ । ଓଡ଼ିଶାର ସରବାକମାନେ ଏହି ଧର୍ମାବଲମ୍ବୀ । କଟକରେ ମଧ୍ୟ ଏକ ଜୈନମନ୍ଦିର ଅଛି ।

✿ ଏହି ପାହାଡ଼ର ନାମ ଶାସନରେ ମହାମତ୍ତ ସ୍ୱସତମ୍ (ମହାମାତ୍ୟମାନଙ୍କର ଶକ୍ତିସ୍ଥାନ) ବୋଲି ନିର୍ଦ୍ଦିଷ୍ଟ ଅଛି । ହିନ୍ଦୁଏ ବର୍ତ୍ତମାନ ତାକୁ ଗୌରବବର୍ଦ୍ଧନ ଆଶାରେ ହେଉ ଅଥବା କ୍ରମିକ ଉଚ୍ଚାରଣ ଦୋଷରୁ ହେଉ, "ଅଶ୍ୱଥାମା" ନାମ ଦେଇଅଛନ୍ତି । ହିନ୍ଦୁଙ୍କଦ୍ୱାରା ବୌଦ୍ଧ ନାମ ଲୋପ କରିବା ଉଦ୍ଦେଶ୍ୟରେ ଧଉଳଗିରିରେ ମହାଦେବ, ଗଣେଶ ପ୍ରଭୃତିଙ୍କର ମନ୍ଦିରମାନ ସୃଷ୍ଟି କରିତ ହୋଇଅଛି । ଯେମାନ ଅଦ୍ୟାପି ଦୃଷ୍ଟିଗୋଚର ହୁଅଇ ।

Digitized by srujanika@gmail.com

ଭାବରେ ଖୋଦିତ ହୋଇ ଥିବାରୁ, ଲୁପ୍ତ ପ୍ରାୟ ହୋଇ ପଠନର ଅଯୋଗ୍ୟ ହୋଇ ଉଠିଅଛି । ପାହାଡ଼ର ସ୍ଥାନ ସ୍ଥାନରେ ଗୁମ୍ଫା ଓ ଗୃହାବଳୀର ଭଗ୍ନାବଶେଷ ଦୃଷ୍ଟିଗୋଚର ହୁଅଇ । ସେଥିରେ ଏପରି ପାଞ୍ଚୋଟି ଗୁମ୍ଫା ( ବର୍ତ୍ତମାନ ପଞ୍ଚପାଣ୍ଡବ ବା ପଞ୍ଚଗୋସାଇଁ ଗୁମ୍ଫା ବୋଲି ଖ୍ୟାତ ) ଏକତ୍ର ଶ୍ରେଣୀବଦ୍ଧ ହୋଇ ରହିଅଛି । ସେ ସବୁରେ ବୈଦ୍ୟଙ୍କ କୁଣ୍ଡ ପ୍ରାୟ କୁଣ୍ଡମାନ କଟା ହୋଇ ରହିଅଛି । ଏଥିରୁ ସେ ସ୍ଥାନ ଶାସନବର୍ଣ୍ଣିତ ଔଷଧାଳୟ ଥିଲା ବୋଲି ଅନୁମିତ ହୋଇଅଛି । ଧଉଳି ପାହାଡ଼ର ଭିନ୍ନ ଭିନ୍ନ ଅଂଶରେ ଧ୍ୟାନ, ଧର୍ମଶାଳା ପ୍ରଭୃତି ଭିନ୍ନ ଭିନ୍ନ କାର୍ଯ୍ୟ ସକାଶେ ଭିନ୍ନ ଭିନ୍ନ ସ୍ତୂପମାନ ପ୍ରସ୍ତୁତ ହୋଇଥିଲା; ସେ ସମୁଦାୟର ବର୍ତ୍ତମାନ କୌଣସି ସନ୍ତୋଷଜନକ ନିର୍ଦ୍ଦେଶ ଦେଖାଯାଏ ନାହିଁ । ଏହି ପାହାଡ଼ରୁ କୋଣାର୍କ ଦେଉଳ ଓ ଅନ୍ୟାନ୍ୟ ଦେଉଳ ନିର୍ମିତ ହେବା ସକାଶେ ଅନେକ ପଥର କଟା ଓ ଭଙ୍ଗା ହୋଇ ଯାଇଅଛି । ଏଥିଦ୍ୱାରା ଓ ମଧ୍ୟ କାଳର କ୍ରୂର ହସ୍ତରେ ମୂଳ କୀର୍ତ୍ତିମାନ କେତେକ ବିନଷ୍ଟ ହୋଇ ଥିବାର ଅନାୟାସରେ ଅନୁମାନ କରାଯାଇ ପାରେ ।

ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ପ୍ରଥମ ଶତାବ୍ଦୀ ।—ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଓ ପ୍ରଥମ ଶତାବ୍ଦୀରେ ଏ ଅଞ୍ଚଳରେ କେଉଁ କେଉଁ ବ୍ୟକ୍ତିଏ ରାଜତ୍ୱ କରୁଥିଲେ ଏହା ଜାଣିବାର କୌଣସି ଉପାୟ ନାହିଁ । ମାତ୍ର ସେମାନେ ବୌଦ୍ଧଧର୍ମାବଲମ୍ବୀ ଥିବାର ସମ୍ଭବ । ଖ୍ରୀଷ୍ଟପୂର୍ବ ତୃତୀୟ ଶତାବ୍ଦୀରୁ ଦେଶ ବିଦେଶରେ ବୌଦ୍ଧଧର୍ମ ପ୍ରଚାରର ବିଶେଷ ଚେଷ୍ଟା ଓ ଯତ୍ନ ହୋଇଥିଲା । କଳିଙ୍ଗର ଏ ଅଞ୍ଚଳ ମଧ୍ୟ ସେଥିର ଫଳଭୋଗୀ ହୋଇଥିବ । ସମ୍ଭବତଃ ଏହି ସୁଯୋଗ ଦ୍ୱିତୀୟ ଓ ପ୍ରଥମ ଶତାବ୍ଦୀ ସନ୍ଧିକ ବୌଦ୍ଧଧର୍ମ ପୂର୍ବାଞ୍ଚଳର ସୀମା* ଅତିକ୍ରମ କରି ଅନ୍ୟାନ୍ୟ ଦିଗକୁ ଗତି ବିସ୍ତାର କରିଥିଲା । ଏହି ସମୟରେ ବୌଦ୍ଧପ୍ରଚାରକେ ଯାଇ ଭିନ୍ନ ଭିନ୍ନ ଅଂଶରେ ବୌଦ୍ଧ ସଂଖ୍ୟା ବୃଦ୍ଧି କରିଥିବେ । ନରାକର ଗୁମ୍ଫା କେତୋଟି ବୋଧ ହୁଏ ଏହି ସମୟରେ ଗଠିତ ହୋଇଥିଲା । ଏ ସବୁର ଆକାରରୁ ଏମାନ ଏଥିରୁ ପୂର୍ବକାଳର କୀର୍ତ୍ତି ବୋଲି ବୋଧ ହୁଅଇ ନାହିଁ । ଯାଜପୁର, ଓଲଗ (ଅଲଗା), ନଲିତଗିରି

---

*ଏପର୍ଯ୍ୟନ୍ତ ପୂର୍ବାଞ୍ଚଳ ( ବିଶେଷ ଖୋର୍ଦ୍ଧା ଅଞ୍ଚଳ ) ବୌଦ୍ଧଧର୍ମର ଭୂମି ଥିଲା । ବୌଦ୍ଧରାଜାଏ ଏହି ସ୍ଥାନ ମଧ୍ୟରେ ରାଜତ୍ୱ କରୁଥିଲେ । ସମସ୍ତ ପୂର୍ବତନ ବୌଦ୍ଧକୀର୍ତ୍ତି ଏହି ଅଞ୍ଚଳ ମଧ୍ୟରେ ବଦ୍ଧ । ତଦନନ୍ତର ଓଡ଼ିଶାର ଅନ୍ୟାନ୍ୟ ଦିଗକୁ ବୌଦ୍ଧମାନେ ଗଲେ ସୁଦ୍ଧା ଏହି ଖୋର୍ଦ୍ଧା ଅଞ୍ଚଳ ସେମାନଙ୍କର କେନ୍ଦ୍ରସ୍ଥଳୀ ଥିଲା ।

Digitized by srujanika@gmail.com

ପ୍ରଭୃତି ସ୍ଥାନମାନଙ୍କୁ ଏହି ସମୟରେ ପ୍ରାୟ ବୌଦ୍ଧମାନେ ଯାଇଥିଲେ । ମାତ୍ର ଏ ସ୍ଥାନମାନଙ୍କରେ ବର୍ତ୍ତମାନ ଯେଉଁ ସବୁ ଭଗ୍ନାବଶେଷ ଦେଖାଯାଏ ସେସବୁର ଅଧିକାଂଶ ପ୍ରାୟ ଜୈନକୀର୍ତ୍ତି * ।

ଯାବା ଉପନିବେଶ—ଖ୍ରୀଷ୍ଟପୂର୍ବ ଶେଷ କେତେକ ଶତାବ୍ଦୀରେ ଅର୍ଣ୍ଣବ-ପୋତ ବ୍ୟବହାର କଳିଙ୍ଗରେ ବିଦ୍ୟମାନ ଥିବା ବିଷୟ ଏଥିପୂର୍ବେ ଲିଖିତ ହୋଇଅଛି; ସୁତରାଂ ସେ ସମୟମାନଙ୍କରେ ଅର୍ଣ୍ଣବପୋତରେ ଚଢି ଦେଶ ବିଦେଶକୁ ଯେ ଏ ଦେଶବାସିମାନେ ଗମନାଗମନ କରୁଥିଲେ ଏଥିରେ ସନ୍ଦେହ ନାହିଁ । ବିଶେଷତଃ ପ୍ରମାଣ ମିଳଅଛି ଯେ ପ୍ରଥମ ଶତାବ୍ଦୀରେ ଏ ଦେଶବାସିଏ ଅର୍ଣ୍ଣବପୋତରେ ଯାତ୍ରା କରି ଯାବା ଓ ବାଲୀଦ୍ୱୀପରେ ଉପନିବେଶ ସଂସ୍ଥାପନ କରିଥିଲେ । ଅନୁମାନିକ ୭୫ ଖ୍ରୀଷ୍ଟାବ୍ଦରେ ସେମାନେ କଳିଙ୍ଗ ଉପକୂଳ ତ୍ୟାଗ କରିଥିଲେ । ଅଦ୍ୟାପି ଯାବାଦ୍ୱୀପବାସିମାନେ କ୍ଲିଙ୍ଗ (କଳିଙ୍ଗ) ଦେଶରୁ ଯାଇ ଥିବାର ପରମ୍ପରା ଦିଅନ୍ତି । ଫାହିୟାନ୍ ନାମକ ଚୀନପରିବ୍ରାଜକ ଚତୁର୍ଥ ଶତାବ୍ଦୀରେ ଯେତେବେଳେ ଯାବାଦ୍ୱୀପଦର୍ଶନାର୍ଥ ଗମନ କରିଥିଲେ, ତେତେବେଳେ ସେଠାରେ ସେ ଅନେକ ବ୍ରାହ୍ମଣ ଓ ବିଧର୍ମିମାନଙ୍କୁ (ହିନ୍ଦୁଙ୍କୁ) ଦେଖି ଥିବାର ଲେଖିଅଛନ୍ତି । ବର୍ତ୍ତମାନ ଯାବାରେ ସଂସ୍କୃତ ଖୋଦିତଲିପିମାନ ମିଳୁଅଛି †। ଆଜକାଲି ସୁଦ୍ଧା ଯାବାବାସୀ ଏ ... ଦ୍ୱୀପ ମଧ୍ୟରେ ... ସୂର୍ଯ୍ୟଙ୍କର ସ୍ଥାନ ନିର୍ଦ୍ଦେଶ କରନ୍ତି ‡ ।

---

* ବୌଦ୍ଧଧର୍ମ ଏଠାରେ ବିସ୍ତୃତ ହୋଇଥିଲା, ସେ ଆଜିକାଲି ଓଡ଼ିଶାର ସବୁଠି ଧ୍ୟାନଶୀଳ ବୁଦ୍ଧମୂର୍ତ୍ତି ଦେଖିବାକୁ ମିଳେ । କିନ୍ତୁ ଲୋକେ ଯେଉଁ କଥାକୁ ଏପରି ଭୁଲିଅଛନ୍ତି ଯେ ସେସବୁ ବୁଦ୍ଧମୂର୍ତ୍ତି ବୋଲି କହି ପାରନ୍ତି ନାହିଁ । ଯାଜପୁରଠାରେ ଗୋଟିଏ ଅତି ସୁପ୍ରକାଣ୍ଡ ବୁଦ୍ଧମୂର୍ତ୍ତି ଜଣେ ଦୁଃଖିଲୋକର ବାଡ଼ି ମଧ୍ୟରେ ଅଜାଯାଏ ପଡି ରହିଅଛି । ମୂର୍ତ୍ତିଟି ମୁଗୁନିପଥରର । ଲମ୍ବରେ ୮ ହାତରୁ ଊର୍ଦ୍ଧ୍ୱ ହେବ । କିନ୍ତୁ ଗୃହସ୍ୱାମିଙ୍କୁ ପଚାରିଲେ ସେ ଏହି ମୂର୍ତ୍ତି ବୁଦ୍ଧମୂର୍ତ୍ତି ବୋଲି ନ କହି, ସନ୍ତମାଧବଙ୍କର ମୂର୍ତ୍ତି ବୋଲି ନିର୍ଦ୍ଦେଶ କରନ୍ତି ।

† Indian Antiquary. Bom. Pt. 45. P. 356. ବର୍ତ୍ତମାନ ସେମାନଙ୍କର ମାତୃଭାଷା ମାଳୟ ହେଲେ ସୁଦ୍ଧା, ସେମାନଙ୍କର କବିତା ଓ ଧର୍ମପୁସ୍ତକମାନ ସଂସ୍କୃତଭାଷାରେ ଅଛି ।

‡ ହଣ୍ଟର ସାହେବ ଏହି ଯାବା ଉପନିବେଶିଙ୍କୁ ଆୟୋନୀୟ ଗ୍ରୀକ ବୋଲି ସ୍ଥିର କରିଅଛନ୍ତି । ସେମାନେ ଗ୍ରୀକ ହୋଇଥିଲେ ନିଜ ମାତୃଭାଷା ଯାବାଦ୍ୱୀପକୁ

ବୌଦ୍ଧଙ୍କ ସମୟର ପ୍ରସ୍ତର ଶିଳ୍ପ—ବୌଦ୍ଧମାନେ ଏ ଦେଶରେ ପ୍ରାଦୁର୍ଭୂତ ହୋଇଥିବା ସମୟରେ ଖଣ୍ଡଗିରି ପ୍ରଭୃତି ଶୈଳମାନଙ୍କରେ ରଚିଥିବା ପ୍ରସ୍ତର-ଶିଳ୍ପର ଯେଉଁ ଅବଶିଷ୍ଟ ଚିହ୍ନମାନ ବର୍ତ୍ତମାନ ଭାରତବର୍ଷ ଓ ଇଉରୋପସ୍ଥ ପଣ୍ଡିତମାନଙ୍କୁ ଆଶ୍ଚର୍ଯ୍ୟାନ୍ୱିତ କରୁଅଛି, ସେ ସବୁ ଦେଖିଲେ ଅତି ପୁରାକାଳରେ (ଖ୍ରୀଷ୍ଟପୂର୍ବ ପଞ୍ଚମ ଓ ପ୍ରଥମ ଶତାବ୍ଦୀ ମଧ୍ୟରେ ) ସୁଦ୍ଧା ଭାରତବାସିମାନେ ଯେ ଶିଳ୍ପ ତତ୍ତ୍ୱରେ ବହୁଦୂର ଗତି ବିସ୍ତାର କରିଥିଲେ, ଏ ବିଷୟରେ ଅଣୁମାତ୍ର ସନ୍ଦେହ ରହଇ ନାହିଁ । ଗୁମ୍ଫାବଳୀ ଯେଉଁ ନିୟମରେ ପର୍ବତ ଦେହରୁ ଗଠିତ ହୋଇଅଛି, ଯେଉଁ ନିୟମରେ ସେମାନ ବିଭକ୍ତ ହୋଇଅଛି, ସେ ସବୁ ଅନୁସନ୍ଧାନ କରି ଦେଖିଲେ ନିର୍ମାତା ଓ ଅନୁଷ୍ଠାତାମାନଙ୍କର ଯେ ଉତ୍ତମ ଉତ୍ତମ ପ୍ରସ୍ତରଗୃହ ନିର୍ମାଣର ପ୍ରାକ୍-ଜ୍ଞାନ ଥିଲା ଏ କଥା ସ୍ଥିର ଓ ବିଶ୍ୱାସ ନ କରି ଚିନ୍ତାଶୀଳ କେହି ରହି ନ ପାରନ୍ତି । ମନୁଷ୍ୟ ଓ ଜୀବଜନ୍ତୁର ଯେଉଁ ପ୍ରତିମୂର୍ତ୍ତିମାନ ଶୈଳଗାତ୍ରରୁ ଖୋଦିତ ହୋଇ ଥିବାର ଅଧୁନା ନେତ୍ରଗୋଚର ହୁଅଇ, ସେସବୁର ଖୋଦକମାନେ ନିଃସନ୍ଦେହରୂପେ ଅବିକଳ ପ୍ରକୃତିର ଅନୁକରଣ କରିଥିଲେ । ଉଦୟଗିରିର ଖୋଦିତ ସିଂହ ପ୍ରକୃତ ସିଂହର ପ୍ରତିମୂର୍ତ୍ତି ଏବଂ ସେଥିର ଖୋଦକ ନିଃସନ୍ଦେହରୂପେ ସିଂହ ଦେଖିଥିଲେ.* ।

---

ନେଇ ଯାଇଥାନ୍ତେ । ସଂସ୍କୃତର ଚିହ୍ନ ତାହାହେଲେ ଯାବାରେ ଦୃଷ୍ଟ ହୁଅନ୍ତା ନାହିଁ । ମହାଭାରତର ଯୁଦ୍ଧସ୍ଥାନ ମଧ୍ୟ ନିର୍ଦ୍ଦିଷ୍ଟ ନ ହୋଇ ଇଲିଅଡ୍ ଓ ଓଡେସୀ ( ଗ୍ରୀକ ମହାକାବ୍ୟଦ୍ୱୟ ) ଲିଖିତ ଯୁଦ୍ଧସ୍ଥାନମାନ ନିର୍ଦ୍ଦିଷ୍ଟ ହୋଇଥାନ୍ତା । ଅଧିକ ମଧ୍ୟ ହଣ୍ଟର ସାହେବ ଯାବା ନାମ ଯବନ ଶବ୍ଦରୁ ବାହାରି ଥିବାର ଲେଖିଅଛନ୍ତି । ଆମ୍ଭେମାନେ କହୁଁ ଯବନ ଶବ୍ଦରୁ କିପାଁ ହେବ, ଯବାକାର ଯାବାଦ୍ୱୀପ "ଯବ" ଶବ୍ଦରୁ ଅବା କାହିଁକି ଜାତ ନୋହିବ ? ଯବନ ଶବ୍ଦରୁ ଯାବା ଶବ୍ଦ ଉତ୍ପତ୍ତି କରିବାଦ୍ୱାରା ହଣ୍ଟର ସାହେବ ତାଙ୍କର ଅଯୌକ୍ତିକ ଗ୍ରୀକବାଦଟିର ସମର୍ଥନ ଲୋଡ଼ିଅଛନ୍ତି । ତାଙ୍କର ଗ୍ରୀକବାଦର ବାହୁଲ୍ୟ ସମାଲୋଚନା ଆମ୍ଭେମାନେ ସ୍ଥାନାନ୍ତରରେ କରିବୁଁ । ଯାବାବାସିମାନେ ହିନ୍ଦୁଧର୍ମାବଲମ୍ବୀ ଥିଲେ । ଅନନ୍ତର ଚତୁର୍ଦ୍ଦଶ ଖ୍ରୀଷ୍ଟ ଶତାବ୍ଦୀଯାଏ ବୌଦ୍ଧଧର୍ମର ଆଶ୍ରୟ ନେଇଥିଲେ । ତହିଁ ଉତ୍ତାରୁ ମୁସଲମାନ ହୋଇଅଛନ୍ତି । ଯାବାର ନିକଟବର୍ତ୍ତୀ ବାଲୀଦ୍ୱୀପରେ ଅପିଯାଏ ଗୃହ ଜାତିର ବସତି ଅଛି ଓ ବାଲୀଦ୍ୱୀପବାସିମାନେ ହିନ୍ଦୁ ବୋଲି ପରିଚୟ ଦିଅନ୍ତି ।

*ଏଥିରୁ ମଧ୍ୟ ଅନୁମିତ ହୋଇ ପାରେ ଯେ ସମ୍ଭବତଃ ସେ ସମୟରେ ଓଡ଼ିଶା ଅରଣ୍ୟରେ ସିଂହ ଥିଲା ।

Digitized by srujanika@gmail.com

ମନୁଷ୍ୟର ପ୍ରସ୍ତରମୂର୍ତ୍ତିକି ଭିନ୍ନ ଭିନ୍ନ ଆକାରରେ ଭିନ୍ନ ଭିନ୍ନ ଅବସ୍ଥାରେ, ମନୁଷ୍ୟ-ଅବୟବର ଯାଥାର୍ଥ୍ୟ ଓ ସୁପରିମାଣ ରକ୍ଷା କରି ଗଠନ କରିବାରେ ତକ୍ଷଣ ଖୋଦକମାନେ ଅତି ପ୍ରଶଂସନୀୟରୂପେ କୃତକାର୍ଯ୍ୟ ହୋଇଥିଲେ । ଫଳତଃ ପୂର୍ବତନ ଗ୍ରୀସ, ମିସର, ପାରସ୍ୟ ପ୍ରଭୃତିର ଭାସ୍କରମାନଙ୍କ ଅପେକ୍ଷା ଯେ ଏମାନେ ହୀନ ନ ଥିଲେ ଏ କଥାର ପୁନରୁକ୍ତି ଅନାବଶ୍ୟକ ।

କେତେକ ଇଉରୋପୀୟ ଗ୍ରନ୍ଥକାରମାନେ କହିଅଛନ୍ତି ଯେ ଭାରତବର୍ଷର ଏହି ପୁରାକାଳର ଶିଳ୍ପକାର୍ଯ୍ୟମାନ ଭାରତବାସିଏ ଗ୍ରୀକଙ୍କଠାରୁ ଶିକ୍ଷା କରିଥିଲେ । କିନ୍ତୁ ଏହା ସମ୍ପୂର୍ଣ୍ଣ ଅସମ୍ଭବପର । ଔରଙ୍ଗଜେବଙ୍କ ଆଜ୍ଞାକ୍ରମେ ଯେତେବେଳେ ଉଦୟଗିରିରେ ଗୁମ୍ଫା ପ୍ରଭୃତି ଗଠିତ ହୋଇଥିଲା, ତେତେବେଳକୁ ଗ୍ରୀକମାନେ ଭାରତ ଆକ୍ରମଣ କରି ନ ଥିଲେ କି ସେମାନଙ୍କ ସହିତ ଭାରତବାସିଙ୍କର କୌଣସି ପ୍ରକାର ସୌହାର୍ଦ୍ଦ୍ୟ ଓ ଘନିଷ୍ଠତା ଜନ୍ମି ନ ଥିଲା; ବରଞ୍ଚ ପାଶ୍ଚାତ୍ୟବାସିମାନେ ଭାରତୀୟଙ୍କ ନିକଟରେ ବର୍ବର, ମ୍ଲେଚ୍ଛ ଓ ଅସଭ୍ୟ ଜାତି ବୋଲି ପରିଚିତ ଥିଲେ † । ଏ ଅବସ୍ଥାରେ ଗ୍ରୀକଙ୍କଠାରୁ ସଭ୍ୟତା-ସମ୍ଭାବକ ଓ ଉନ୍ନତି-ବ୍ୟଞ୍ଜକ ପ୍ରସ୍ତରଶିଳ୍ପତତ୍ତ୍ୱ ଶିକ୍ଷା କରିବା ବିଷୟରେ ଭାରତୀୟଙ୍କର ଯେତେଦୂର ସୁଯୋଗ ବା ସୁବିଧା ଥିଲା ଅଥବା ଇଚ୍ଛା ଜନ୍ମିଥିବ ତାହା ସହଜେ ଅନୁମାନ କରି ଯାଇ ପାରେ । ମଧ୍ୟ ଭାରତବର୍ଷରେ ଏଥି ପୂର୍ବରୁ ଅନେକ ଦିନରୁ ପ୍ରସ୍ତରଶିଳ୍ପର ବ୍ୟବହାର ବିଦ୍ୟମାନ ଥିବାର ବହୁତ ସ୍ୱାଧୀନ ପ୍ରମାଣ ପ୍ରଦର୍ଶିତ ହୋଇପାରେ । ସୁତରାଂ ଅଶୋକ ଓ ତତ୍ପରବର୍ତ୍ତୀ ବୌଦ୍ଧରାଜାଙ୍କ ସମୟରୁ ପ୍ରସ୍ତରଶିଳ୍ପର ଯେଉଁ ଅଧିକ ଉନ୍ନତି * ସାଧିତ ହୋଇଥିଲା, ତାହା ଯେ କେବଳ ଭାରତବାସିଙ୍କ ଯତ୍ନରେ ଏବଂ ଗ୍ରୀକଙ୍କର ସେଥିରେ କିଛି ସାହାଯ୍ୟ ନ ଥିଲା ଏହା ଅବଶ୍ୟମ୍ଭାବୀ କଥା । ଅଶୋକଙ୍କ ରାଜତ୍ୱର କେତେକ ବର୍ଷ ପୂର୍ବରୁ ପୂର୍ବଭାରତବର୍ଷମାଏ ଦୂତ ହୋଇ ରହିବା ଓ ବୁଲିବା ନିମନ୍ତେ ଗ୍ରୀକ୍ କେତେକ ଆସିଥିଲେ ଏବଂ କେତେକ ଭାରତବାସିଙ୍କ ସହିତ ପରିଚିତ ହୋଇଥିଲେ ସତ୍ୟ, କିନ୍ତୁ ତଥାପି ସେମାନଙ୍କର ପରସ୍ପର ଆଚାରବ୍ୟବହାର ପ୍ରଭୃତିରେ ଏତେଦୂର ପ୍ରଭେଦ ଏବଂ ଗ୍ରୀକଙ୍କ ସଂଖ୍ୟା

† ସେଥିପୂର୍ବ ଓ ସେ ସମୟ (ଖ୍ରୀ: ପୂ: ୩୬୦) ଲିଖିତ ସଂସ୍କୃତ ଗ୍ରନ୍ଥମାନଙ୍କରୁ ଏ କଥା ସପ୍ରମାଣ ହୁଅଇ ।

* ଖଣ୍ଡଗିରିର କାର୍ଯ୍ୟକଳାପରୁ ଏବଂ ନଳଗିରି ଓ ଅଳତି ଗିରିର ଭଗ୍ନାବଶେଷରୁ ଯାହାର କି କେତେକ ଅଂଶ ବର୍ତ୍ତମାନ ଗୃହଜନଆଗନ୍ତୁ ପଥରର ଉଦ୍ୟାନରେ ରହିଅଛି, ଏହା ସମ୍ୟକ୍ ସପ୍ରମାଣ ହୁଅଇ ।

Digitized by srujanika@gmail.com

ଏତେ ଅଳ୍ପ ଥିଲା ଯେ ନିଜ ଅଗୃରପକ୍ଷପାତୀ ସ୍ୱକୁଳାଭିମାନୀ ଓ ଶିଳ୍ପବିଦ୍ୟାରେ ଅନଭିଜ୍ଞ ନ ଥିବା ଭାରତୀୟମାନେ ଗ୍ରୀକଙ୍କଠାରୁ ପ୍ରସ୍ତରଶିଳ୍ପତତ୍ତ୍ୱର କୌଣସି ଉନ୍ନତାଙ୍ଗ ଶିକ୍ଷା କରିବାପାଇଁ ମନ ବଳାଇ ଥିବାର, ପୁଣି ସୁଯୋଗ ଘଟିଥିବାର ନିତାନ୍ତ ଅସମ୍ଭବ । ମଧ୍ୟ ବର୍ତ୍ତମାନ ଓଡ଼ିଶାରେ ଅବଶିଷ୍ଟ ଥିବା ଶିଳ୍ପରେ କୌଣସି ଗ୍ରୀକ୍‌ଶିଳ୍ପର ଚିହ୍ନ ଦୃଷ୍ଟ ହୁଏ ନାହିଁ । ଖୋଦିତ ପ୍ରତିମୂର୍ତ୍ତିଚୟରେ ଅଙ୍କିତ ଥିବା ଉଷ୍ଣୀଷ, ଅଙ୍ଗାଚ୍ଛାଦନ, ପାଦଆଭରଣ ପ୍ରଭୃତିର ବର୍ଣ୍ଣନା ସୁଦ୍ଧା ଯହିଁରେ କି ଗ୍ରୀକତ୍ୱର କୌଣସି କୌଣସି ଚିହ୍ନ କେହି କେହି ଅନୁମାନ କରୁଅଛନ୍ତି, ଭାରତୀୟ ଅତି ପୁରାତନ ଗ୍ରନ୍ଥମାନଙ୍କରେ ଅପ୍ରତୁଳ ନୁହଇ ।

ଯବନ—ଯାବାଉପନିବେଶର ବୃତ୍ତାନ୍ତ ଛଡ଼ା କଳିଙ୍ଗଦେଶର ଖ୍ରୀଷ୍ଟୀୟ ପ୍ରଥମ ଶତାବ୍ଦୀର ଅନ୍ୟାନ୍ୟ ଘଟନାଚୟର ଇତିବୃତ୍ତ ଅଦ୍ୟାପି ହସ୍ତଲବ୍ଧ ହୋଇ ନାହିଁ । ମଧ୍ୟ ଦ୍ୱିତୀୟ, ତୃତୀୟ ଓ ଚତୁର୍ଥ ଖ୍ରୀଷ୍ଟ ଶତାବ୍ଦୀମାନଙ୍କରେ ଏ ଦେଶ ଯେ କିରୂପେ ଶାସିତ ହେଉଥିଲା, ତାହା ସୁଦ୍ଧା ପୁଙ୍ଖାନୁପୁଙ୍ଖରୂପେ ଅନୁସନ୍ଧାନ କରି ସ୍ଥିର କରି ଯାଇ ନ ପାରେ । ବୌଦ୍ଧଧର୍ମର ପ୍ରାଦୁର୍ଭାବ ଯେ ଏ ଶତାବ୍ଦୀତ୍ରୟରେ ବିଦ୍ୟମାନ ଥିଲା ଏଥିରେ ଅବଶ୍ୟ କୌଣସି ସନ୍ଦେହ ନାହିଁ । ଏହି ସମୟରେ ଯବନ ଜାତିଏ ମଧ୍ୟେ ମଧ୍ୟେ ଏ ଦେଶରେ ଉଦ୍ଗତ ହୋଇ ଥିବାର ମାଦଳାପାଞ୍ଜିରୁ ଆଭାସ ମିଳଇ । ଉକ୍ତ ପଞ୍ଜିକାରେ ଅହିର ବର୍ଣ୍ଣିତ ଅଛି ଯେ ଅବଶେଷରେ ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀର ପ୍ରାରମ୍ଭରେ ରକ୍ତବାହୁ ନାମକ ଜନୈକ ଯବନନୃପତି ଅର୍ଣ୍ଣବ-ପୋତରେ ଆସି ଏ ଦେଶ ଜୟ କରିଥିଲେ । ତଦନନ୍ତର ୧୦୬ ବର୍ଷ କାଳ ଏ ଦେଶର ରାଜ୍ୟଭାର ଯବନମାନଙ୍କର କରଗତ ରହିଥିଲା । ପରିଶେଷରେ ଖ୍ରୀଷ୍ଟାବ୍ଦ ୪୭୪ ବର୍ଷରେ ଯଯାତିକେଶରୀଙ୍କଦ୍ୱାରା ଯବନମାନେ ତାଡ଼ିତ ହୋଇ ଏ ଦେଶରେ ହିନ୍ଦୁସାମ୍ରାଜ୍ୟ ପୁନଃ ସ୍ଥାପିତ ହେଲା । ଅବଶ୍ୟ ମାଦଳାପାଞ୍ଜିର ପୂର୍ବକାଳ ବର୍ଣ୍ଣନାଚୟର ସତ୍ୟତା ଉପରେ ଆମ୍ଭମାନଙ୍କର ବିଶ୍ୱାସ ନାହିଁ । ତଥାପି ଉକ୍ତ ବିବରଣାବଳୀର ସ୍ଥୂଳ ତାତ୍ପର୍ଯ୍ୟକୁ ସତ୍ୟ ବୋଲି ବିଶ୍ୱାସ କଲେ ଯବନମାନେ କିଏ ଏ ବିଷୟର ଯାଥାର୍ଥ୍ୟ ନିର୍ଦ୍ଧାରଣ କରିବାର ଆବଶ୍ୟକତା ଉପସ୍ଥିତ ହୁଅଇ ।

ହଣ୍ଟର ସାହେବ ଯବନମାନଙ୍କୁ ଆୟୋନୀୟ ଗ୍ରୀକ୍ ବୋଲି ସ୍ଥିର କରି ସେମାନେ ମଗଧଦେଶ ଦେଇ ଏ ଦେଶରେ ପ୍ରବିଷ୍ଟ ହୋଇ ଥିବାର ନିର୍ଦ୍ଦେଶ କରିଅଛନ୍ତି । ମଗଧଦେଶର ମଧ୍ୟ ଦେଇ ଆୟୋନୀୟ ଗ୍ରୀକ୍‌ମାନେ ଓଡ଼ିଶାକୁ ଆସି ଥିବାର ବର୍ଣ୍ଣନା ସତ୍ୟ ହେଲେ ସେମାନେ ଓଡ଼ିଶା ପ୍ରବେଶ ପୂର୍ବରୁ ମଗଧରାଜ୍ୟ ଜୟ କରି ସ୍ୱାଧିକାରଭୁକ୍ତ କରି ଥିବାର ଅଥବା ମଗଧଦେଶ ଦେଇ ସୈନ୍ୟ ସହିତ ଦେଶାନ୍ତରକୁ ଯିବା ନିମନ୍ତେ ଅନୁମତି ପାଇ ଥିବାର ସହଜେ ଅନୁମାନ କରି ଯାଇ

Digitized by srujanika@gmail.com

ପାରେ । କିନ୍ତୁ ରାମାୟଣ, ମହାଭାରତ, ପାଣିନୀକୃତ ବ୍ୟାକରଣ, ପୁରାକାଳଲିଖିତ କାବ୍ୟ ନାଟକଚୟ କିମ୍ବା ଅପେକ୍ଷାକୃତ ଅଧୁନିକ ପୁରାଣମାନଙ୍କର କୌଣସି କୌଣସିଠାରେ ବର୍ଣ୍ଣିତ ଥିବା ଯବନ ଶବ୍ଦଦ୍ୱାରା ଅୟୋନୀୟ ଗ୍ରୀକ୍‌ମାନେ ଉଲ୍ଲିଖିତ ହୋଇଥିବାର ବିଶ୍ୱାସ କରି ସୁଦ୍ଧା ମଗଧସମ୍ବନ୍ଧୀୟ ସଂସ୍କୃତ ରଚନାବଳୀ ଏବଂ ଗ୍ରୀକ୍‌ଲେଖକଙ୍କର ଭାରତବୃତ୍ତାନ୍ତ ଓ ଭାରତଭ୍ରମଣକଳାପର ପୁଙ୍ଖା ପୁଙ୍ଖା ଫିଟାଇ ଅନୁସନ୍ଧାନ କଲେ, ଶେଷୋକ୍ତ ଅନୁମାନ ଦ୍ୱୟରୁ କୌଣସି ଅନୁମାନ ଯାଥାର୍ଥ୍ୟପର ବୋଲି ସପ୍ରମାଣ ହୁଅଇ ନାହିଁ । ବରଞ୍ଚ ଗ୍ରୀକ୍ ସେନାପତି ସିଲିଉକସ୍ ( ଖ୍ରୀଃ ପୂଃ ୩୦୬) ମଗଧ ଅଧିପତି ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ ଯୁଦ୍ଧ * ଉତ୍ତାରୁ ଯେଉଁ ସନ୍ଧି ସଂସ୍ଥାପନ କରିଥିଲେ ସେଥିରେ ସେ ନିଜ ଅଧିକୃତ ସିନ୍ଧୁନଦୀର ପୂର୍ବଭାଗସ୍ଥ ସମସ୍ତ ଦେଶ ବାର୍ଷିକ ୫୦ ହସ୍ତୀ ଗ୍ରହଣ କରିବା ନିୟମରେ ଚନ୍ଦ୍ରଗୁପ୍ତଙ୍କୁ ପ୍ରଦାନ କରିଥିଲେ । ବର୍ତ୍ତମାନ ସ୍ୱାଧୀନ ଓ ମିତ୍ରରାଜ୍ୟଙ୍କ ମଧ୍ୟରେ ପରସ୍ପରଙ୍କ ରାଜ୍ୟରେ ଦୂତ ନିଯୁକ୍ତ କରିବାର ଯେପରି ବିଧି ଅଛି ସେହିରୂପ ମେଗାସ୍ଥିନିସ୍ ନାମକ ଜଣେ ଗ୍ରୀକଦୂତ ମଗଧରାଜ୍ୟରେ ନିଯୁକ୍ତ ହୋଇଥିଲେ । ଚନ୍ଦ୍ରଗୁପ୍ତ କ୍ଷମତାଶାଳୀ ନୃପତି ଥିଲେ । ତାଙ୍କର ଉତ୍ତରାଧିକାରୀମାନେ ସୁଦ୍ଧା ହୀନପ୍ରଭ ହୋଇଥିବାର ଜଣା ନ ଯାଏ । ଚନ୍ଦ୍ରଗୁପ୍ତଙ୍କ ପୌତ୍ର ଅଶୋକ (ଖ୍ରୀଃ ପୂଃ ୨୫୦) ନିଜ ସମୟରେ ଭାରତବର୍ଷସ୍ଥ ପ୍ରାୟ ସମସ୍ତ ବୌଦ୍ଧଧର୍ମବ୍ୟାପୀ ପ୍ରଦେଶର ସମ୍ରାଟରୂପେ ପରିଗଣିତ ହୋଇଥିଲେ । ସେ ପୁଣି ଯେମନ୍ତ ଅତିଶୟ ଧାର୍ମିକ ଥିଲେ ସେହିପରି ଦୁର୍ଦ୍ଧର୍ଷ ବୀର ଓ ଶୂର ଥିଲେ ଏବଂ ଅନେକ ରାଜ୍ୟ ଜୟ କରିଥିଲେ । ତାଙ୍କ ରାଜତ୍ୱ ସମୟରେ ଗ୍ରୀକ୍ ରାଜା ଏଣ୍ଟିୟୁକସ୍ ଭାରତବର୍ଷର ପଶ୍ଚିମାଞ୍ଚଳୀୟ ତାବତ୍ ଦେଶର ରାଜତ୍ୱ କରୁଥିଲେ । ସେହି ଗ୍ରୀକ୍ ରାଜାଙ୍କ ରାଜ୍ୟରେ ସୁଦ୍ଧା ମନୁଷ୍ୟ ଓ ପଶୁ ପକ୍ଷିମାନଙ୍କ ପାଇଁ ଔଷଧଦାନର ବିଧାନ କରିବା ନିମନ୍ତେ ଅଶୋକ ଆଜ୍ଞା ପ୍ରଚାର କରିଥିଲେ । ଏଥିରୁ ଅଶୋକଙ୍କର ଗ୍ରୀକଙ୍କଠାରେ ଅନୁଗତ୍ୟର ପରିଚୟ ନ ମିଳି ବରଂ ଗ୍ରୀକ୍‌ରାଜାଙ୍କର ତାଙ୍କ

---

* ଏ ଯୁଦ୍ଧରେ ଚନ୍ଦ୍ରଗୁପ୍ତ ପରାସ୍ତ ହୋଇଥିଲେ ବୋଲି କୌଣସି କୌଣସି ଗ୍ରୀକ୍‌ଲେଖକେ ଲେଖିଅଛନ୍ତି । କିନ୍ତୁ ସିଲିଉକସ୍ ଚନ୍ଦ୍ରଗୁପ୍ତଙ୍କ ସଙ୍ଗେ ନିଜ କନ୍ୟାର ବିବାହ କରାଇଥିଲେ । ଏହି ଘଟନାକୁ ଅବଲମ୍ବନ କରି କୌଣସି କୌଣସି ଇତିହାସଲେଖକେ ସିଲିଉକସ୍ ଯୁଦ୍ଧରେ ଜୟୀ ହୋଇଥିବା ବିଷୟରେ ବିଶ୍ୱାସ କରି ନାହାନ୍ତି । ଆଲେକଜାଣ୍ଡର ଶତଦ୍ରୁ ( ସତଲେଜ ) ନଦୀ ପର୍ଯ୍ୟନ୍ତ ଚଡାଉ କରିଥିଲେ, ମାତ୍ର ସିଲିଉକସଙ୍କର ସୈନ୍ୟ ଗଙ୍ଗାନଦୀ କୂଳ ପର୍ଯ୍ୟନ୍ତ ଅଗ୍ରସର ହୋଇଥିଲେ ।—Vide Marshman's History of India Vol. I. Page 15.

Digitized by srujanika@gmail.com

ଉପରେ ଏକପ୍ରକାର ନିର୍ଭର ମତାଚନ୍ତି ମିଳୁଅଛି । ଅଶୋକଙ୍କ ଶାସନ ପର୍ଯ୍ୟନ୍ତ ମଗଧରେ ଗ୍ରୀକଙ୍କର ପ୍ରାଦୁର୍ଭାବର କୌଣସି ଲକ୍ଷଣ ଜଣାଯାଉ ନାହିଁ । ତାଙ୍କ ଉତ୍ତାରୁ ମଗଧର ମୌର୍ଯ୍ୟବଂଶୀୟ ରାଜାମାନେ ଯେ ଏକାବେଳକେ ହୀନ ମାନବଳ ହୋଇଥିଲେ ଏହା ବିଶ୍ୱସନୀୟ ନୁହେ । ପୁଣି ସେମାନେ ପତିତ ହେବାରୁ ଅନ୍ଧ୍ରବଂଶୀୟ ଓ ତଦନନ୍ତର ଗୁପ୍ତବଂଶୀୟ ହିନ୍ଦୁରାଜାଏ ମଗଧ ସିଂହାସନରେ ପ୍ରାବଲ୍ୟ ଲଭିଥିଲେ । ଅନ୍ଧ୍ରବଂଶୀୟ ରାଜାମାନେ ଦାକ୍ଷିଣାତ୍ୟରେ ମୁଦ୍ଧା ନିଜବଂଶୀୟ* ନାମରେ ରାଜ୍ୟ ସ୍ଥାପନ କରିଥିଲେ । ଖ୍ରୀଷ୍ଟୀୟ ପଞ୍ଚମ ଶତାବ୍ଦୀରେ ଗୁପ୍ତବଂଶୀୟ ଶିବଗୁପ୍ତ, ମହାଭବ ଦେବଗୁପ୍ତ ପ୍ରଭୃତି ମାଗଧୀୟ ରାଜାମାନେ ଦିଗ୍ବିଜୟୀ ହେବା ନିମନ୍ତେ ଭିନ୍ନ ଭିନ୍ନ ସ୍ଥାନକୁ ସୈନ୍ୟ ପଠାଇଥିବାର ଆମ୍ଭେମାନେ ପ୍ରମାଣ ପାଇଅଛୁଁ । ଏପରି ପରାକ୍ରାନ୍ତ ରାଜାମାନଙ୍କ ରାଜତ୍ୱ ସମୟରେ ଗ୍ରୀକ୍‌ମାନେ ଯେ ହଠାତ୍ ଓ ସହଜେ ସେମାନଙ୍କ ଉପରେ ପ୍ରାଦୁର୍ଭାବ ଚଳାଇ, ମଗଧ ଦେଇ ନିର୍ବିଘ୍ନରେ ସୈନ୍ୟ ନେଇ ନିଜ ନିଜ ଇଷ୍ଟସାଧନ କରିବା ବିଷୟରେ ସକ୍ଷମ ହୋଇଥିଲେ ଏହା ବିଶ୍ୱାସଯୋଗ୍ୟ ନୁହେ । ପୁଣି ମୌର୍ଯ୍ୟରାଜାଙ୍କ ପ୍ରାଦୁର୍ଭାବ ସମୟରେ ଅଶୋକଙ୍କ ଉତ୍ତାରୁ ମଧ୍ୟ ସମ୍ଭବତଃ ଏ ଦେଶ ସେମାନଙ୍କର ରକ୍ଷାଧୀନ ଥିଲା । ତଦନନ୍ତର ଯେଉଁମାନେ ରାଜା ହେଲେ, ଯେତେଦୂର ଜଣାଯାଏ; ସେମାନେ ବୌଦ୍ଧ ନ ଥାଇ ହିନ୍ଦୁ ଥିଲେ । ସୁତରାଂ ସେମାନଙ୍କର ବିଜାତୀୟ ଭିନ୍ନଧର୍ମାବଲମ୍ବୀ ଓ ଭିନ୍ନଆଗ୍ରହ-ବିଶିଷ୍ଟ ଗ୍ରୀକ୍‌ଙ୍କ ପ୍ରତି, ବିଶେଷତଃ ବୌଦ୍ଧଧର୍ମକୁ ଧ୍ୱଂସ କରିବା ସମୟରେ ବିଶେଷ ଅଶ୍ରଦ୍ଧା ଉଦିତ ହୋଇଥିବାର ସମ୍ଭବ । ଏଣୁକରି ମଗଧର କୌଣସି ରାଜାଙ୍କଠାରୁ ଗ୍ରୀକ୍‌ମାନେ ମଗଧ ଦେଇ ଏ ଦେଶକୁ ଆସିବା ସକାଶେ ମିତ୍ରଭାବରେ ଅନୁମତି ପାଇଥିବାର ମୁଦ୍ଧା ଅସମ୍ଭବପର ବୋଲି ପ୍ରତୀୟମାନ ହେଉଅଛି । ଅଧିକ ଗ୍ରୀକ୍-ଲେଖକଙ୍କର ବିବରଣୀବଳୀକୁ ଅବଶ୍ୟ ଆଲୋଚନା କରି ଯେଉଁ ପୁରାବୃତ୍ତ-ବ୍ୟବସାୟୀମାନେ † ବହୁବିଧ ଐତିହାସିକ ସତ୍ୟ ଆବିଷ୍କାର କରିଅଛନ୍ତି, ସେମାନେ କୌଣସିଠାରେ ଅଯୋନୀୟ କି ବାକ୍ଟ୍ରୀୟ ଗ୍ରୀକଙ୍କର ସିନ୍ଧୁଦେଶ ଓ ପଞ୍ଜାବର ପାର୍ଶ୍ୱ ଓ ଅନ୍ତର୍ବର୍ତ୍ତୀ ସ୍ଥାନମାନ ଅତିକ୍ରମ କରି ଅଧିକାର ସ୍ଥାପନ ଅବା ଦେଶ ଲୁଣ୍ଠନ କରିଥିବାର କାହିଁ ଉଦ୍ଦେଶ କରି ନାହାନ୍ତି । ଏହି ସବୁରୁ ମଗଧ ଦେଇ ଗ୍ରୀକ୍‌ମାନେ ବିଜୟୀ ସୈନ୍ୟ ଓଡ଼ିଶାକୁ ଆଣିଥିବାର ଓ ଓଡ଼ିଶା ଅଧିକାର

---

* ମୌର୍ଯ୍ୟବଂଶୀୟ ରାଜାଙ୍କ ଉତ୍ତାରୁ ଅନ୍ତ ଦୁଇ ଶୂଦ୍ରବଂଶୀୟ ରାଜାଏ ମଗଧର ରାଜା ଥିବାର ମୁଦ୍ଧା କଥିତ ଅଛି ।

† The researches of Prinsep, Wilson and Elphinstone.

Digitized by srujanika@gmail.com

କରିଥିବାର ଯେ କେତେଦୂର ସମ୍ଭବପର ଓ ଯାଥାର୍ଥ୍ୟପୂର୍ଣ୍ଣ ଘଟନା ତାହା କାହାରିକି ବୁଝାଇ ଦେବାର ଆବଶ୍ୟକତା ଦୃଷ୍ଟ ହୁଅଇ ନାହିଁ ।

ପୁଣି ଗ୍ରୀକମାନେ ଓଡ଼ିଶା ଅଧିକାର କରିଥିବାର ବିଶ୍ୱାସ କଲେ ସେମାନଙ୍କ ରାଜତ୍ୱର କୌଣସି କୀର୍ତ୍ତିର ଭଗ୍ନାବଶେଷ ଏ ଦେଶରେ ବର୍ତ୍ତମାନ ଦେଖିବା ସକାଶେ ଆମ୍ଭମାନଙ୍କର ଔତ୍ସୁକ୍ୟ ଜନ୍ମିବା ସର୍ବତୋଭାବରେ ସ୍ୱାଭାବିକ । ଗ୍ରୀକମାନେ ଅସଭ୍ୟ ଜାତି ନ ଥିଲେ, ସେମାନେ ଶିଳ୍ପଶାସ୍ତ୍ରରେ ବିଶେଷ ପାରଦର୍ଶିତା ଲଭିଥିଲେ । ପ୍ରସ୍ତରଶିଳ୍ପତତ୍ତ୍ୱରେ ସୁଦ୍ଧା ସେମାନଙ୍କର ଅଜ୍ଞତା ଊଣା ନ ଥିଲା । ପ୍ରାୟ ଦୁଇଶତ ବର୍ଷ କାଳ ରାଜତ୍ୱ କରି ନିଜର ପକ୍ଷେ ନିଜ ମାତୃଭାଷାର କୌଣସି ଖୋଦିତ ଲିପି ପାହାଡ଼ମୟ ଓଡ଼ିଶା ଦେଶରେ ଅଙ୍କିତ କରିବାପାଇଁ ସେମାନଙ୍କର ସ୍ୱାଭାବିକ ପ୍ରବୃତ୍ତି ଜନ୍ମିଥିବାର କିଛି ଅସମ୍ଭବଯୋଗ୍ୟ ନୁହେ । ବିଶେଷତଃ ଅନ୍ୟାନ୍ୟ ଖୋଦିତଲିପିର ଆଦର୍ଶ ଚତୁର୍ଥ ଓ ପଞ୍ଚମ ଖ୍ରୀଷ୍ଟ ଶତାବ୍ଦୀ ସରିକି ସେମାନଙ୍କ ସମ୍ମୁଖରେ ବିଦ୍ୟମାନ ଥିଲା । ସେ ସମୁଦାୟର ଅନୁଗାମୀ ହୋଇ ଆପଣା ଆପଣା ନାମ ଚିରସ୍ମରଣୀୟ କରିବା ସକାଶେ ଗ୍ରୀକଙ୍କ ପରି ଶିଳ୍ପବିଦ୍ୟାବିଶାରଦ ଲୋକଙ୍କର ମତି ବଳି ଥିବାର ସହଜେ ଅନୁମାନ କରି-ଯାଇ ପାରେ । କିନ୍ତୁ ଗ୍ରୀକଙ୍କର କୌଣସି କୀର୍ତ୍ତି ଅବା ଖୋଦିତଲିପି ଏ ଦେଶରେ କାହିଁ ଦୃଷ୍ଟିଗୋଚର ହୁଅଇ ନାହିଁ; ଗ୍ରୀକଶିଳ୍ପର କୌଣସି ଚିହ୍ନ ଏ ଦେଶରେ ମିଳଇ ନାହିଁ; ଶିଳ୍ପକାର୍ଯ୍ୟଚୟରେ ଗ୍ରୀକଭାଷାର କୌଣସି ଅବଶିଷ୍ଟାଂଶ କି କୌଣସି ଭାବର ପ୍ରତିକୃତି ସୁଦ୍ଧା ଓଡ଼ିଶାର କୌଣସିଠାରେ ବିଦ୍ୟମାନ ନାହିଁ । ଏହି ସବୁ ବିଷୟ ବିଶେଷରୂପେ ବିବେଚନା କଲେ ଓଡ଼ିଶାକୁ ବିଜୟୀ ଗ୍ରୀକମାନେ ଆସିଥିବାର ଅନୁମାନ ଯେ ସମ୍ପୂର୍ଣ୍ଣ କାଳ୍ପନିକ ଏଥିରେ ଆଉ ସନ୍ଦେହ ରହଇ ନାହିଁ ।

ପୋତବାହନରେ ରକ୍ତବାହୁଙ୍କର ଆସିଥିବା କଥା ତାଙ୍କ ଗ୍ରୀକତ୍ୱର ଅନ୍ୟତର ପ୍ରମାଣ ବୋଲି ଉଲ୍ଲିଖିତ ହୋଇଅଛି । ମାତ୍ର ଋକ୍‌ବେଦ, ମନୁସଂହିତା, ରାମାୟଣ, ମହାଭାରତ ମଧ୍ୟ ତତ୍ପରବର୍ତ୍ତୀ ସଂସ୍କୃତ ଗ୍ରନ୍ଥମାନଙ୍କରେ ପୋତଦ୍ୱାରା ଆର୍ଯ୍ୟଙ୍କର ଯାତାୟାତ ଓ ସମୁଦ୍ରରେ ବାଣିଜ୍ୟ କରିବା ବିଷୟ ସମ୍ୟକ୍‌ରୂପେ ବର୍ଣ୍ଣିତ ଅଛି । ଏଣୁକରି ଏ କଥା ନିଃସନ୍ଦେହ ଯେ ଭାରତବର୍ଷକୁ ଗ୍ରୀକମାନେ ଆସିଲା ପୂର୍ବରୁ ଭାରତବାସିଏ ସମୁଦ୍ରପୋତ ବ୍ୟବହାର କରୁଥିଲେ ଓ ସେମାନ ସମୁଦ୍ରରେ ଚଳାଇ ଜାଣୁଥିଲେ * । କୌଣସି ଗ୍ରୀକ୍‌ପର୍ଯ୍ୟଟକ ହିବାକୁର

* Babu Rajendralal Mitra's Antiquities of Orissa Vol. I. PP. 115 & 116.

Digitized by srujanika@gmail.com

ରାଜ୍ୟର ଉପକୂଳରେ ଭାରତବର୍ଷରୁ ଭିନ୍ନ ଦେଶକୁ ଯାତାୟାତ କରିବା ଜଳଯୋତ ଥିବାର ଦେଖିଥିଲେ । ପ୍ରାୟ ଖ୍ରୀଷ୍ଟପୂର୍ବ ୫ମ ଶତାବ୍ଦୀରେ ବିଜୟସିଂହ ନାମକ ଜଣେ ବଙ୍ଗଦେଶର ରାଜା ଅର୍ଣ୍ଣବପୋତଦ୍ୱାରା ସିଂହଳଦ୍ୱୀପକୁ ଗମନ କରି ସେ ଦେଶ ଅଧିକାରଭୁକ୍ତ କରିଥିଲେ । ତଦନନ୍ତର ବଙ୍ଗଦେଶର ଅନ୍ୟତମ ରାଜା ପାଣ୍ଡୁବାସ ବିଜୟସିଂହଙ୍କ ମୃତ୍ୟୁ ଉତ୍ତାରୁ ସିଂହଳଦ୍ୱୀପକୁ ଯାଇ ସେଠା ସିଂହାସନାଧିରୂଢ଼ ହୋଇଥିଲେ । ପୂର୍ବକାଳରେ ବଙ୍ଗ, ମଗଧ ଓ କଳିଙ୍ଗଦେଶ-ବାସିଙ୍କର ଅର୍ଣ୍ଣବପୋତମାନଙ୍କୁ ଆଶ୍ରୟ ଦେବା ନିମନ୍ତେ ତାମ୍ରଲିପ୍ତ ( ତମଲୁକ ), ଚିଲ୍‌କା ଓ କଳିଙ୍ଗପତ୍ତନ ପ୍ରଧାନ ପ୍ରଧାନ ବନ୍ଦର ଥିବାର ଜଣାଯାଏ । କଳିଙ୍ଗ ଦେଶରୁ ଯାବା ଦ୍ୱୀପକୁ ଉପନିବେଶ ସ୍ଥାପନ କରିବା ନିମନ୍ତେ ଯାଇଥିବା ଲୋକମାନେ ସମ୍ଭବତଃ ଚିଲ୍‌କା ବା କଳିଙ୍ଗପତ୍ତନ ଦେଇ ଅର୍ଣ୍ଣବପୋତ ଚଢ଼ି ଯାଇଥିଲେ । ବିଜୟସିଂହ ଓ ପାଣ୍ଡୁବାସ ତାମ୍ରଲିପ୍ତରୁ ବୋଇତ * ବୁହାଇଥିଲେ । ମଧ୍ୟ ଖ୍ରୀଷ୍ଟ ଚତୁର୍ଥ ଶତାବ୍ଦୀରେ ଚୀନପର୍ଯ୍ୟଟକ ଫାହିୟାନ ମଗଧ ଓ ବଙ୍ଗଦେଶରେ ଭ୍ରମଣ ସମାପ୍ତ କରି ସିଂହଳଦ୍ୱୀପକୁ ତାମ୍ରଲିପ୍ତ ବାଟେ ପୋତାରୋହଣରେ ଯାଇଥିଲେ ଓ ସେହି ପୋତ ହିନ୍ଦୁମାନଙ୍କଦ୍ୱାରା ଚାଳିତ ହେଉଥିଲା † । ଏହି ସବୁରୁ ମଧ୍ୟ ଜଣାଯାଏ ଯେ ଭାରତବର୍ଷରେ ଅର୍ଣ୍ଣବପୋତର ବ୍ୟବହାର ବିଦ୍ୟମାନ ଥିଲା ଓ ଭାରତବାସିଏ ସେମାନ ସୁଖେ ଚଳାଉଥିଲେ । ସେସବୁଦ୍ୱାରା ଭାରତବାସିଙ୍କର ବାଣିଜ୍ୟ ଓ ଯୁଦ୍ଧଦ୍ରବ୍ୟମାନ ଦେଶାନ୍ତରକୁ ନୀତ ହେଉଥିଲା । ବନ୍ଦରମାନ ମଧ୍ୟ ସ୍ଥାନ ସ୍ଥାନରେ ନିର୍ଦ୍ଦିଷ୍ଟ ହୋଇଥିଲା । ସୁତରାଂ ରକ୍ତବାହୁ ନାମକ କେହି ଜଣେ ଅର୍ଣ୍ଣବପୋତରେ ଚଢ଼ି ଆସିଥିବାର ସତ୍ୟ ହେଲେ ସେ ଭାରତବାସୀ ଥିଲେ ଓ ସମ୍ଭବତଃ ତାମ୍ରଲିପ୍ତରୁ ପୋତବାହନରେ ଆସିଥିଲେ ବୋଲି ଅନୁମାନ କଲେ କି ସମ୍ଭବପର ହୋଇ ନ ପାରେ ? ବିଶେଷତଃ ଗ୍ରୀକଙ୍କର ଅର୍ଣ୍ଣବପୋତରେ ଚଢ଼ି ଯୁଦ୍ଧ କରିବା ନିମନ୍ତେ ଭାରତବର୍ଷର ପୂର୍ବ ଅଞ୍ଚଳକୁ ଆସିଥିବାର ଅନୁମାନ ବିନା, ଅନ୍ୟ କୌଣସି ପ୍ରମାଣ ନ ଥିବା ପ୍ରତ୍ୟକ୍ଷେ, ଆମ୍ଭମାନଙ୍କର ଉପରୋକ୍ତ ଅନୁମାନ କିପରି ଯେ ବଳବତ୍ତର ସତ୍ୟାଶ୍ରିତ ନ ହେବ ଆମ୍ଭେମାନେ ବୁଝି ପାରୁ ନାହୁଁ ।

* ବୋଇତ ଶବ୍ଦର ଅର୍ଥ ଅର୍ଣ୍ଣବପୋତ । ଏ ଶବ୍ଦ ଓଡ଼ିଆ ଭାଷାରେ ବହୁକାଳରୁ ପ୍ରଚଳିତ ଅଛି । ଭୁବନେଶ୍ୱରର ଏକ ଦେଉଳ ବୋଇତ ଆକାରରେ ହୋଇଅଛି ବୋଲି ତାହାର ନାମ ବୋଇତାଳ ଦେଉଳ । ଏଥିରୁ ମଧ୍ୟ ସମୁଦ୍ରରେ ପୋତ ଯାତାୟାତର ବିଷୟ ଓଡ଼ିଶାବାସିଙ୍କି ବହୁକାଳରୁ ଜଣାଥିବାର ଅନ୍ୟତର ପ୍ରମାଣ ।

† Elphinstone's History of India, P. 168.

ଏଣୁକରି ଅସ୍ମମାନଙ୍କ ମତରେ ଯବନ ଶବ୍ଦଦ୍ୱାରା ମାଦଳାପାଞ୍ଜିରେ ବଧର୍ମୀ ସାଧାରଣ ବୌଦ୍ଧମାନେ ଉଲ୍ଲିଖିତ ହୋଇଅଛନ୍ତି । ମାଦଳାପାଞ୍ଜି ତ୍ରୟୋଦଶ ଖ୍ରୀଷ୍ଟ ଶତାବ୍ଦୀରେ ଲିଖିତ ହେବାର ଆରମ୍ଭ ହୁଅଇ । ସେ ସମୟ ସୁଦ୍ଧା ମୁସଲମାନମାନେ ସୁଦ୍ଧା ଭାରତବର୍ଷର ଉତ୍ତର ପଶ୍ଚିମାଞ୍ଚଳକୁ ଚଢ଼ାଉ କରୁଥିଲେ । ତେତେବେଳକୁ ଗ୍ରୀକ୍ କି ଅନ୍ୟ ପାଶ୍ଚାତ୍ୟବାସୀ ଛଡ଼ା ସାଧାରଣ ମ୍ଳେଚ୍ଛ ବିଜାତୀୟ ଓ ବଧର୍ମିମାନଙ୍କ ପ୍ରତି ସୁଦ୍ଧା ଯବନ ଶବ୍ଦ ପ୍ରୟୋଗ କରିବାର ରୀତି ପ୍ରଚଳିତ ହୋଇ-ଥିଲା । ସୁତରାଂ ହିନ୍ଦୁଙ୍କ ଚକ୍ଷୁରେ ଜାତ୍ୟଭିମାନ ତ୍ୟାଗ କରି ଏକପ୍ରକାର ମ୍ଳେଚ୍ଛତ୍ୱକୁ ଲଭିଥିବା ବଧର୍ମୀ ବୌଦ୍ଧମାନେ ଯବନ ଶବ୍ଦଦ୍ୱାରା ମାଦଳାପାଞ୍ଜିରେ ବୈଷ୍ଣବ ପଞ୍ଜିକାଲେଖକଙ୍କକର୍ତ୍ତୃକ ଉକ୍ତ ହୋଇଥିବାର ସମ୍ପୂର୍ଣ୍ଣରୂପେ ସମ୍ଭବଯୋଗ୍ୟ । ପୁଣି ଯବନମାନେ ଖ୍ରୀଷ୍ଟପୂର୍ବ ସାର୍ଦ୍ଧ ପଞ୍ଚଶତବର୍ଷରୁ ଏ ଦେଶକୁ କ୍ରମେ କ୍ରମେ ସମୟ ସମୟରେ ଆସିଥିବାର ମାଦଳାରେ ଲିଖିତ ଅଛି । ବୌଦ୍ଧମାନେ ମଧ୍ୟ ସେହି ସମୟରୁ ଆସିଥିବାର ଆରମ୍ଭ କରିଥିଲେ । ସୁତରାଂ ଯବନ ଶବ୍ଦଦ୍ୱାରା ବୌଦ୍ଧମାନେ ଉଲ୍ଲିଖିତ ହୋଇଥିବାର ଅସ୍ମେମାନେ ଯେଉଁ ବ୍ୟାପ୍ତି ସ୍ଥିର କରିଅଛୁଁ ସେଥିର ପୋଷକତା ହ୍ରାସ ନ ହୋଇ ବରଂ ପରିବର୍ଦ୍ଧିତ ହେଉଅଛି ।

ପୁରାକାଳୀନ ଓଡ଼ିଶା ରାଜାଙ୍କର ବଙ୍ଗଦେଶରେ ସାମୟିକ ଅଧିକାର—ତାରାନାଥ-କୃତ* ମଗଧ ରାଜାଙ୍କ ନିର୍ଘଣ୍ଟରୁ ଜଣାଯାଏ ଯେ ଚନ୍ଦ୍ରବଂଶୀୟ ରାଜାମାନେ ବଙ୍ଗଦେଶରେ ରାଜତ୍ୱ କରିବା ସମୟରେ ଓଡ଼ିଶାର କୌଣସି କୌଣସି ରାଜା ବଙ୍ଗଦେଶରେ ସାମୟିକ ଅଧିକାର ପ୍ରାପ୍ତ ହୋଇଥିଲେ । ସମ୍ଭବତଃ ଖ୍ରୀଷ୍ଟୀୟ ଚତୁର୍ଥ ଓ ପଞ୍ଚମ ଶତାବ୍ଦୀରେ ଚନ୍ଦ୍ରବଂଶୀୟ ରାଜାମାନେ ବଙ୍ଗଳାରେ ରାଜତ୍ୱ କରୁଥିଲେ । ଲିଖିତ ଅଛି ଭୃଷଚନ୍ଦ୍ର ନାମକ ଜନୈକ ରାଜା ବଙ୍ଗଦେଶରେ ହୀନବଳ ହୋଇ ଉଠିଲାରୁ କାଲେଲୁହ ନାମକ ଓଡ଼ିଶାର ଜଣେ ରାଜା ତାଙ୍କ ରାଜ୍ୟର ପୂର୍ବଭାଗରୁ ଅଧିକାଂଶ ସ୍ୱାଧିକାରଭୁକ୍ତ କରିଥିଲେ । କର୍ମଚନ୍ଦ୍ର ନାମକ ଅନ୍ୟ ଏକ ବଙ୍ଗୀୟ ରାଜା ନାଗେଶ ନାମଧେୟ ଓଡ଼ିଶାର ଅନ୍ୟ ଏକ ନୃପତିଙ୍କର ଅଧୀନସ୍ଥ ହୋଇ-ଥିଲେ । ନାଗେଶ ଯମରୁଜ ରାଜାଙ୍କର ପୁତ୍ର ଥିଲେ ଓ ନାଗକେଶ ବୋଲି ଜଣେ ବ୍ୟକ୍ତି ତାଙ୍କର ମନ୍ତ୍ରୀ ଥିବାର ସୁଦ୍ଧା କଥିତ ହୋଇଅଛି । ଚନ୍ଦ୍ରବଂଶୀୟ କୌଣସି କୌଣସି ରାଜାଏ ବୌଦ୍ଧଧର୍ମାବଲମ୍ବୀ ଥିବାର ଲିଖିତ ହୋଇଅଛି; ମାତ୍ର ଓଡ଼ିଶାର

---

* ତାରାନାଥ ଜଣେ ତୀବ୍ବତୀୟ ପର୍ଯ୍ୟଟକଙ୍କର ଅନୁବାଦିତ ସଂସ୍କୃତ ନାମ ଅଟଇ । ସେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀରେ ଭାରତକୁ ଆସି ସଂସ୍କୃତ ଶିକ୍ଷା କରି ମଗଧରାଜନିର୍ଘଣ୍ଟ ନାମକ ଏକ ଗ୍ରନ୍ଥ ସଂସ୍କୃତରେ ଲେଖିଥିଲେ ।

Digitized by srujanika@gmail.com

ଲିଖିତ ରାଜାମାନେ କେଉଁ ଧର୍ମାବଲମ୍ବୀ ଥିଲେ ସେଥିର କୌଣସି ବର୍ଣ୍ଣନା ନାହିଁ । ସମ୍ଭବତଃ ସେମାନେ ବୌଦ୍ଧ ଥିଲେ । ଯବନ ବୋଲି ଯେଉଁ ବୌଦ୍ଧରାଜା ଏ ମାଦଳାପାଞ୍ଜିରେ ଉଲ୍ଲିଖିତ ହୋଇଅଛନ୍ତି, ସେମାନେ, ଏପରି ଅନୁମିତ ହୁଏ, ସେହି ନୃପତିରେଖାର ଅନ୍ତର୍ଗତ ଥିଲେ ଏବଂ ସେମାନଙ୍କ ରାଜତ୍ୱ ଖୋର୍ଦ୍ଧାଅଞ୍ଚଳ (ଓଡ଼ିଶା) ମଧ୍ୟରେ ନିର୍ଦ୍ଦିଷ୍ଟ ଥିଲା ।

ଜନ୍ମେଜୟ ଦେବ—ବର୍ତ୍ତମାନ ଯେ ଖଣ୍ଡି କେତେ ତାମ୍ରପତ୍ର ମିଳିଅଛି, ସେ ସବୁରୁ ପ୍ରତୀୟମାନ ହୁଏ ଯେ ମହାନଦୀର ପାର୍ଶ୍ୱବର୍ତ୍ତୀ ଦେଶଖଣ୍ଡର ନାମ କୋଶଳ ଥିଲା ଏବଂ ଓଡ୍ରଦେଶ ବୋଲି ଖୋର୍ଦ୍ଧା ଅଞ୍ଚଳ ନିର୍ଦ୍ଦିଷ୍ଟ ହୋଇଥିଲା । ଉକ୍ତ କୋଶଳ ରାଜ୍ୟରେ ଜନ୍ମେଜୟ ଦେବ ନାମକ ଏକ ରାଜା ଥିଲେ* । ସେ ଶୈବ ଥିଲେ, ମାତ୍ର ସେ କେଉଁଠାରୁ ଆସିଥିଲେ ଅବା କେଉଁ ବଂଶୀୟ ରାଜା ଥିଲେ କିମ୍ବା କେଉଁ ସମୟରେ ରାଜତ୍ୱ କରୁଥିଲେ, ତାହା ସ୍ଥିର କରି ଉକ୍ତ ତାମ୍ରପତ୍ରମାନଙ୍କରୁ ବୁଝାଯାଇ ନ ପାରେ, କିନ୍ତୁ ତାଙ୍କ ରାଜତ୍ୱ ସମୟରେ ମହାଭବଗୁପ୍ତ ବୋଲି ଜଣେ ନୃପତି ଏ ଦେଶରେ ଜୟ ବିସ୍ତାର କରିଥିବାର ଏକ ତାମ୍ରପତ୍ରରୁ ଜଣାଯାଏ । ମଧ୍ୟ ଯଯାତିନାମଧେୟ ଜନୈକ ରାଜା ତାଙ୍କଠାରୁ ଜାତ ହୋଇଥିବାର ଅନ୍ୟ ଏକ ତାମ୍ରପତ୍ରରେ ଲିଖିତ ଅଛି । ଏହି ଯଯାତି-କେଶରୀଙ୍କି କେଶରୀବଂଶୀୟ ପ୍ରଥମ ରାଜା ବୋଲି ଗ୍ରହଣ କଲେ ଓ ଯଯାତି "ଜନ୍ମେଜୟଙ୍କଠାରୁ ଜାତ" ଏଥିର ଅର୍ଥ ଜନ୍ମେଜୟଙ୍କର ପୁତ୍ର ବୋଲି ବିଶ୍ୱାସ କଲେ, ଜନ୍ମେଜୟ ପଞ୍ଚମ ଶତାବ୍ଦୀର ଅଦ୍ୟଭାଗରେ ରାଜତ୍ୱ କରିଥିବାର ଅନୁମାନ

---

* ବର୍ତ୍ତମାନ ଉତ୍କଳର ଯେଉଁ ସୀମା ପୂର୍ବେ ସେଥିର ଜଣେ ହୋଇ ସ୍ଥାୟୀ ରାଜା ଥିବାର ଜଣା ନ ଯାଏ । ଦେଶର ଭିନ୍ନ ଭିନ୍ନ ଭାଗରେ ଭିନ୍ନ ଭିନ୍ନ ଓ କ୍ଷୁଦ୍ର କ୍ଷୁଦ୍ର ହୋଇ ସ୍ଥାନ ସ୍ଥାନରେ ଏକ ଏକ ରାଜା ଥିଲେ । ସେମାନଙ୍କ ମଧ୍ୟରୁ କେହି କେହି ସମୟ ସମୟରେ ଭାରତବର୍ଷର ଅନ୍ୟାନ୍ୟ ସ୍ଥାନରୁ ଆସି ଏ ଦେଶର ଏକ ଏକ ଅଂଶରେ ଆପଣା ଆପଣାର ଅଧିକାର ବିସ୍ତାର କରିଥିଲେ । ପୁଣି ସେମାନଙ୍କ ମଧ୍ୟରୁ କେହି କେହି ମଧ୍ୟ ହିନ୍ଦୁ ଓ କେହି କେହି ବୌଦ୍ଧ ଥିଲେ । ଗୁପ୍ତରାଜାଙ୍କ ଅଧିକାର ପୂର୍ବରୁ ଜନ୍ମେଜୟ କୋଶଳର ସ୍ୱାଧୀନ "ମହାରାଜା" ଥିବାର ପ୍ରତୀୟମାନ ହୁଏ । ଖୋର୍ଦ୍ଧା ଓ ଓଡ଼ିଶାର ଅନ୍ୟାନ୍ୟ କୌଣସି କୌଣସିଠାରେ ଅନ୍ୟ କେହି କେହି ଯେ ରାଜା ନ ଥିଲେ ଏହା ବିଶ୍ୱାସ କରିବାପାଇଁ କୌଣସି ହେତୁ ନାହିଁ, ବରଂ ପକ୍ଷାନ୍ତରରେ ଅନେକ ଯୁକ୍ତି ଦୃଷ୍ଟିଗୋଚର ହୁଅଇ ।

Digitized by srujanika@gmail.com

କରାଯାଇ ପାରେ ଏବଂ ଏ ଅନୁମାନ ଛଡ଼ା ଅନ୍ୟ କୌଣସି ଅନୁମାନ ଅଧିକ ସମ୍ଭବପର ବୋଲି ବୋଧ ହେଉ ନାହିଁ ।

ଏଠାରେ ଏକ ପ୍ରବାଦ ପ୍ରଚଳିତ ଅଛି ଯେ କଟକର ଅନତିଦୂରବର୍ତ୍ତୀ ମାଲିଯୋଡ଼ାର ଅନ୍ତଃପାତୀ ଅଗ୍ରହାଟ ଗ୍ରାମରେ ଏକ ଜନ୍ମେଜୟ ରାଜା ଯଜ୍ଞ କରିଥିଲେ ଓ ତାଙ୍କଦ୍ୱାରା ଉକ୍ତ ଗ୍ରାମ ନିକଟବର୍ତ୍ତୀ ଚୌଦ୍ୱାର ନଗର ସ୍ଥାପିତ ହୋଇଥିଲା । ସାଧାରଣଲୋକଙ୍କଦ୍ୱାରା ଏହି ଯଜ୍ଞକାରୀ ରାଜା ଜନ୍ମେଜୟ ଯୁଧିଷ୍ଠିରଙ୍କର ପ୍ରପୌତ୍ର ଓ ପରୀକ୍ଷିତଙ୍କ ପୁତ୍ର ବୋଲି କଳ୍ପିତ ହୋଇଅଛନ୍ତି । ମାତ୍ର ଆମ୍ଭେମାନେ ଅନୁମାନ କରୁଁ ପ୍ରବାଦଘଟିତ ଜନ୍ମେଜୟ ତାମ୍ରପତ୍ରଲିଖିତ ଜନ୍ମେଜୟ ଅଟନ୍ତି । ମଧ୍ୟ ଉକ୍ତ ତାମ୍ରପତ୍ରଲିଖିତ ଜନ୍ମେଜୟଙ୍କର ମହାନଦୀତୀରବର୍ତ୍ତୀ ରାଜଧାନୀର ଯେରୂପ ବର୍ଣ୍ଣନା ଏକ ତାମ୍ରପତ୍ରରେ ଦୃଷ୍ଟ ହୁଏ, ସେଥିରୁ ସେ ରାଜଧାନୀ ବର୍ତ୍ତମାନ ଯେଉଁଠାରେ ଚଉଦୁଆରସ୍ଥ କପାଳେଶ୍ୱର ଦୁର୍ଗର ଭଗ୍ନାବଶେଷ ଅଛି, ସେହିଠାରେ ଥିବାର ଅନାୟାସରେ ଅନୁମିତ ହୁଅଇ ।

ଗୁପ୍ତବଂଶୀୟ ରାଜଗଣ — ଖ୍ରୀଷ୍ଟୀୟ ଦ୍ୱିତୀୟ ଶତାବ୍ଦୀରେ ଗୁପ୍ତବଂଶୀୟ ରାଜାମାନେ ଦ୍ରାବିଡ଼ପ୍ରଦେଶରେ ପ୍ରାଦୁର୍ଭୂତ ହୋଇଥିଲେ । କ୍ରମଶଃ ସେମାନେ ମହାରାଷ୍ଟ୍ର ପ୍ରଭୃତି ଭାରତବର୍ଷର ଭିନ୍ନ ଭିନ୍ନ କେତେକ ଦେଶ ମଧ୍ୟରୁ ସ୍ୱାଧିକାର ବିସ୍ତାର କରିଥିଲେ । ଅବଶେଷରେ ମଗଧ ଦେଶର ଅନ୍ଧ୍ରବଂଶୀୟ ରାଜାମାନେ ହୀନବଳ ହୋଇ ଉଠିଲାରୁ ସେହି ଗୁପ୍ତବଂଶୀୟ କୌଣସି ରାଜାଙ୍କ ଆଧିପତ୍ୟ ମଗଧସିଂହାସନରେ ଅଧିଷ୍ଠିତ ହୋଇଥିଲା । ମଗଧରେ ଗୁପ୍ତବଂଶୀୟ ରାଜାମାନେ ଅତ୍ୟନ୍ତ ପରାକ୍ରାନ୍ତ ହୋଇଥିବାର ଜଣାଯାଏ । ଦୂରଦେଶକୁ ସେମାନେ ଜୟଲାଭାର୍ଥ ସୈନ୍ୟ ପଠାଇଥିଲେ । ଏହି କଳିଙ୍ଗଦେଶ (ବର୍ତ୍ତମାନ ଉଡ଼ିଶା) ସୁଦ୍ଧା ସେମାନଙ୍କ ଅସ୍ତ୍ରାଘାତରୁ ମୁକ୍ତି ପାଇ ନ ଥିଲା । ଉକ୍ତ ଗୁପ୍ତବଂଶୀୟ ରାଜରେଖାର ଅନ୍ତର୍ଗତ ମହାରାଜ ମହାଭବ ଗୁପ୍ତଙ୍କର * ସେନାମାନେ କଳିଙ୍ଗକୁ ଜୟ କରିବା

---

* ଏହି ମହାଭବଗୁପ୍ତ ମାଗଧୀୟ ଗୁପ୍ତବଂଶୀୟ ରାଜଗଣଙ୍କର ଅନ୍ତର୍ଗତ ଥିଲେ ବୋଲି ଏଥିର ପ୍ରମାଣ କଣ କେହି କେହି ପଚାରି ପାରନ୍ତି । ମାତ୍ର ମହାଭବଙ୍କୁ ମଗଧ ଗୁପ୍ତବଂଶୀୟ ରାଜାଙ୍କର ଅନ୍ତର୍ଗତ ବୋଲି ନିମ୍ନଲିଖିତ ହେତୁ ସବୁରୁ ଅନୁମିତ ହୋଇଅଛି; ଯଥା:—ପଞ୍ଚମ ଶତାବ୍ଦୀରେ ମଗଧ ଛଡ଼ା ଏ ଦେଶର ନିକଟବର୍ତ୍ତୀ ଅନ୍ୟ କୌଣସିଠାରେ ଗୁପ୍ତରାଜାଏ ପରାକ୍ରାନ୍ତ ନ ଥିଲେ । ପୁଣି ବୌଦ୍ଧଧର୍ମ ପ୍ରାଦୁର୍ଭୂତ ହେବା ସମୟରୁ ମଗଧରୁ କଳିଙ୍ଗକୁ ଆସିବାର ବାଟ ସୁଗମ ହୋଇଥିଲା । ଉକ୍ତ ଗୁପ୍ତରାଜାଏ ଶୈବ ଥିଲେ; ସେମାନଙ୍କର ଓଡ଼ିଶାବିଜୟ ଉତ୍ତାରୁ ଏ ଦେଶରେ ବାହୁଲ୍ୟରୂପେ ଶୈବଧର୍ମର ବିସ୍ତାର ହୋଇଥିଲା । ବର୍ତ୍ତମାନ

Digitized by srujanika@gmail.com

ଅଭ୍ୟୁଦୟରେ ସଶଙ୍କ ହୋଇ ଆସିଥିଲେ ଓ ସେ ସମୟର କୋଶଳ ରାଜା ଜନ୍ମେଜୟ ଦେବ ତାଙ୍କର ଅଧୀନତା ସ୍ୱୀକାର କରିଥିଲେ । ଏହି ମହାଭବଗୁପ୍ତ ସ୍ୱୟଂ ବିଜୟଦୁର୍ଗରୁ ଏ ଦେଶରେ ବ୍ରାହ୍ମଣଙ୍କୁ ଦାନ ଦେଇଥିବାର ତମ୍ବାପଟ୍ଟାମାନ ମିଳିଅଛି । ସେ ପଟ୍ଟାସବୁରେ ମହାଭବଗୁପ୍ତ ଓ ଅନ୍ୟାନ୍ୟ ଗୁପ୍ତରାଜାଏ ଆପଣା ଆପଣାକୁ ତ୍ରିକଳିଙ୍ଗାଧିପତି * ବୋଲାଇଥିବାର ଦେଖାଯାଏ । ଆହୁରି ସେ ପଟ୍ଟାସବୁରୁ ଜଣାଯାଏ ଯେ ସେମାନେ ଶୈବ ଥିଲେ; ସେମାନଙ୍କର ବ୍ରାହ୍ମଣଙ୍କ ପ୍ରତି ସାତିଶୟ ଭକ୍ତି ଥିଲା । ବ୍ରାହ୍ମଣଙ୍କୁ ଯେଉଁ ଭୂମିମାନ ଦାନ ଦେଇଥିଲେ ସେମାନ ଉଭୟବିଧ ନିଷ୍କର ଓ ସ୍ୱଳଙ୍କାରଯୁକ୍ତ ଥିଲା । ବ୍ରାହ୍ମଣମାନେ ସେମାନଙ୍କ-ଠାରୁ ଏକ ଏକ ଗ୍ରାମ "ସନିଧି ସୋପନିଧି ସର୍ବବାଧାବିବର୍ଜିତ ସାମ୍ର ସଗର୍ତ୍ତୋଷର ଇତ୍ୟାଦି" ରୂପେ ଏକାବେଳକେ ଦାନ ପାଇଥିଲେ । ଏପରି ଦାନୀ ହିନ୍ଦୁ ରାଜାଙ୍କ ପରି ଦାତା ବର୍ତ୍ତମାନ ପୃଥିବୀରେ ବିରଳ । ପୁଣି ମହାଭବଗୁପ୍ତ ଏ ଦେଶରେ ଜୟଲାଭ କରି ସେ ଓ ତାଙ୍କର ଉତ୍ତରାଧିକାରୀ ଶିବଗୁପ୍ତ ପ୍ରଭୃତିଏ ଏ ଦେଶ ଆପେ ଆପେ ଶାସନ କରୁ ନ ଥିଲେ; ଯେହେତୁ ଜନ୍ମେଜୟ ଦେବ ଓ ଯଯାତି ଏ ଦେଶର ଶାସନ କାର୍ଯ୍ୟ ଚଳାଉଥିବାର ଓ ନାମକୁ ଗୁପ୍ତବଂଶୀୟ ରାଜାଙ୍କର

---

ଏ ଦେଶରେ ଯେଉଁ ଭିନ୍ନ ଭିନ୍ନ ଜାତି ଓ ବଂଶୀୟ ଉପାଧିମାନ ବିଦ୍ୟମାନ ଥିବାର ଦେଖାଯାଏ, ସେ ସବୁ ଅଧିକାଂଶ ବେହାରରେ (ମଗଧ) ଅଛି । ଅହୁରି ମଧ୍ୟ ଗୁପ୍ତରାଜାଙ୍କର ନିଜ ଦାନର ଓ ଓଡ଼ିଶା କେଶରୀବଂଶୀୟ ରାଜାଙ୍କର କୁଟିଳାକ୍ଷରଲିଖିତ ତମ୍ବାପଟ୍ଟାମାନ ଯେଉଁମାନଙ୍କଦ୍ୱାରା ଖୋଦିତ ହୋଇଥିଲା ସେମାନଙ୍କର ନାମ ଓ ସଙ୍ଖ୍ୟା ମଗଧୀୟ ନାମ ସଙ୍ଖ୍ୟାର ସହିତ ଐକ୍ୟ ହୁଅଇ । ପରିଶେଷରେ ମହାଭବଗୁପ୍ତ ନାମ ମଗଧର ଗୁପ୍ତବଂଶୀୟ ରାଜାଙ୍କ ନାମର ନିର୍ଘଣ୍ଟରେ ମିଳିଥିବାର ସୂଚା ଆମ୍ଭେମାନେ ଶୁଣିଅଛୁଁ ।

* କଳିଙ୍ଗ ପୂର୍ବେ ତିନି ଭାଗରେ ବିଭକ୍ତ ଥିଲା । ସେଥିରୁ ଏକ ଅଂଶ ଜୟ କରି, ସମ୍ଭବତଃ ଯୁଦ୍ଧ ବ୍ୟବସାୟର ବ୍ୟବହାର ଅନୁସାରେ, ମହାଭବଗୁପ୍ତ ଓ ସୁତରାଂ ତାଙ୍କର ଉତ୍ତରାଧିକାରୀଏ ଗୌରବବର୍ଦ୍ଧନ ତ୍ରିକଳିଙ୍ଗ ଅର୍ଥାତ୍ ସମଗ୍ର କଳିଙ୍ଗର ଅଧିପତି ପଦରେ ଆପଣା ଆପଣାକୁ ବୋଲାଉଥିଲେ । ଯଯାତି ମଧ୍ୟ ସେହିପରି ଆପଣାକୁ ତ୍ରିକଳିଙ୍ଗାଧିପତି ବୋଲି ପ୍ରକାଶ କରାଇଥିଲେ । ମାତ୍ର ଋଷିକୁଲ୍ୟା ନଦୀର ଡେଇଁ ହାତେ ଭୂମି ସେ ତ୍ରିକଳିଙ୍ଗରେ ଅଧିକାର କରି ନ ଥିଲେ । ଗଙ୍ଗବଂଶୀୟ ରାଜାଏ ଆପଣାକୁ କର୍ଣ୍ଣାଟଚୋଳ-ଗୌଡ଼େଶ୍ୱର ବୋଲି ଖ୍ୟାତ କରାଉଥିଲେ, କିନ୍ତୁ ସମଗ୍ର କର୍ଣ୍ଣାଟ ଓ ଗୌଡ଼ କରଗତ ନ ଥିଲା ।

Digitized by srujanika@gmail.com

ଅଧୀନସ୍ଥ ଥିବାର ଜଣାଯାଏ । ଦାନମାନ କେବଳ ଗୁପ୍ତରାଜାଙ୍କ ନାମରେ ହେଉଥିଲା ।

ବୌଦ୍ଧଧର୍ମର ହ୍ରାସ—ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରୁ ବିଶେଷତଃ ଚତୁର୍ଥ ଶତାବ୍ଦୀରୁ ବୌଦ୍ଧଧର୍ମର ପ୍ରାଦୁର୍ଭାବ ଊଣା କରିବା ସକାଶେ ଚେଷ୍ଟା ଓ ଯତ୍ନର ସୂତ୍ରପାତ ଭାରତବର୍ଷର ଭିନ୍ନ ଭିନ୍ନ ଅଂଶରେ ଆରମ୍ଭ ହୋଇଥିଲା । ଜନ୍ମେଜୟଙ୍କ ରାଜତ୍ୱକାଳରୁ ବିଶେଷତଃ ଯଯାତିଙ୍କ ସମୟରୁ ଏ ଦେଶରେ ଶୈବଧର୍ମର ପ୍ରାଦୁର୍ଭାବ ବର୍ଦ୍ଧିତ ହେଲା ଓ ସେହି ଅନୁପାତରେ ବୌଦ୍ଧଧର୍ମ ହ୍ରାସ ଲଭିବାକୁ ଲାଗିଲା । କିନ୍ତୁ ଏହା ବୋଲି ଏକାବେଳକେ ଶୈବଧର୍ମର ପ୍ରାଦୁର୍ଭାବରେ ବୌଦ୍ଧଧର୍ମ ଯେ ଓଡ଼ିଶା ତ୍ୟାଗ କଲା ତାହା ନୁହେ । ବୌଦ୍ଧଧର୍ମର କ୍ଷୀଣସୂତ୍ର ଅବଶ୍ୟ ଅତି ନିର୍ଜୀବ-ଭାବରେ ଖ୍ରୀଷ୍ଟୀୟ ଷୋଡ଼ଶ ଶତାବ୍ଦୀ ପର୍ଯ୍ୟନ୍ତ ଏ ଦେଶରେ ଲମ୍ବମାନ ରହିଲା । ତଥାପି ବୌଦ୍ଧଧର୍ମ ସହସ୍ରବର୍ଷକାଳ ବିଶାଳ କ୍ଷମତା ପ୍ରକାଶପୂର୍ବକ ବିରାଜମାନ ଥାଇ ଯେ ଅନନ୍ତର ହ୍ରାସମୁଖୀ ହେଲା ଓ ଶେଷକୁ ଏକପ୍ରକାର ଭାରତରୁ ଲୋପ ପାଇଲା, ଏହା ସାମାନ୍ୟ ଆଶ୍ଚର୍ଯ୍ୟର ବିଷୟ ନୁହଇ । ଏପରି ହ୍ରାସ ଓ ଲୋପର ଘଟନା ପୃଥିବୀର ଅନ୍ୟାନ୍ୟ ପ୍ରସିଦ୍ଧ ପ୍ରସିଦ୍ଧ ଧର୍ମରାଜ୍ୟରେ ଦେଖାଯାଏ ନାହିଁ । ସୁତରାଂ ବୌଦ୍ଧଧର୍ମର, ଭାରତବର୍ଷରୁ ବିଶେଷରେ ଓଡ଼ିଶାରୁ ହ୍ରାସ ଓ ଲୋପକୁ ଲଭିବାର ହେତୁମାନ ଜାଣିବା ସକାଶେ ପାଠକଙ୍କର ଔତ୍ସୁକ୍ୟ ଜନ୍ମି ପାରେ । ଯେଉଁ ବ୍ରାହ୍ମଣମାନଙ୍କର କଠୋର ନିୟମ ଓ ଶାସ୍ତ୍ରୀୟ ଶାସନ ହିନ୍ଦୁଧର୍ମରେ ଭାରତବାସିଙ୍କର ବିରାଗ ଜନ୍ମାଇ ବୌଦ୍ଧଧର୍ମର ପୁଷ୍ଟିସାଧନ କରାଇଥିଲା, ସେହି ବ୍ରାହ୍ମଣମାନଙ୍କର ଅଦ୍ଭୁତ ଉଦାର କୌଶଳ ସେଥିର କ୍ଷୟ ସାଧନ କଲା । ସ୍ୱୟଂ ବୌଦ୍ଧଧର୍ମପ୍ରବର୍ତ୍ତକ ବୁଦ୍ଧଦେବଙ୍କୁ ବ୍ରାହ୍ମଣମାନେ ଅବତାରବିଶେଷ ବୋଲି ଗ୍ରହଣ ଓ ପ୍ରଚାର କଲେ । ବୌଦ୍ଧଧର୍ମର ଅହିଂସାବାଦକୁ ବୈଷ୍ଣବଧର୍ମର ବୀଜରେ ପ୍ରୋଥିତ କଲେ । କେତେକ ବୌଦ୍ଧନେତା ଓ ପୁରୋହିତଙ୍କୁ ସ୍ଥାନ ସ୍ଥାନରେ ଏକପ୍ରକାର ବ୍ରାହ୍ମଣ ଓ ସ୍ଥାନାନ୍ତରରେ ଦେବସେବକ ବୋଲି ସ୍ୱୀକାର କରି ଆପଣା ଆପଣା ସଙ୍ଗେ ସେମାନଙ୍କର ସମାନତା ଦେଖାଇଲେ * । କୌଶଳ କରି

* ପୁରୀ ବଡ଼ଦେଉଳର ପାଚକ ମାସ୍ତାନ ବ୍ରାହ୍ମଣମାନେ ଏବଂ ଭୁବନେଶ୍ୱର ଓ କପିଳେଶ୍ୱର ମନ୍ଦିରଦ୍ୱୟର ଦେବସେବକ ବଡୁ ଓ ମଲ୍ଲିଆମାନେ ଏଥିର ଉଦାହରଣ ସ୍ଥଳ । ଏହି ବ୍ରାହ୍ମଣ, ବଡୁ ଓ ମଲ୍ଲିଆମାନେ ସମ୍ଭବତଃ ପୂର୍ବେ ବୌଦ୍ଧ ଥିଲେ । ଯଯାତି ଓ ତାଙ୍କର କୌଣସି କୌଣସି ଉତ୍ତରାଧିକାରୀଙ୍କ ସମୟରେ ସେମାନେ ଉକ୍ତ ପ୍ରକାର ଶୃଙ୍ଖଳାବଦ୍ଧ ହୋଇଥିବାର ଅନୁମିତ ହୋଇଅଛି ।

Digitized by srujanika@gmail.com

ସ୍ଥାନ ସ୍ଥାନରେ ରାଜାମାନଙ୍କ ବ୍ରାହ୍ମଣମାନେ ଆପଣା ଆପଣାର ମତପ୍ରଚାର କଲେ । ବୌଦ୍ଧମାନେ ଜାତ୍ୟଭିମାନଶୂନ୍ୟ ଥିଲେ ସୁଦ୍ଧା, ବ୍ରାହ୍ମଣଙ୍କ ପ୍ରତି କୌଣସି କାଳରେ ସେମାନଙ୍କର ଶ୍ରଦ୍ଧା ଊଣା ନ ଥିଲା । ବିଶେଷରେ ବ୍ରାହ୍ମଣମାନେ ସ୍ଥଳେ ସ୍ଥଳେ ମହାପ୍ରସାଦ ଚଳାଇ ବୌଦ୍ଧଙ୍କର ଜାତ୍ୟଭିମାନ ଶୂନ୍ୟତାର ଭାବକୁ କେତେକ ପରିମାଣରେ ରକ୍ଷା କଲେ । ପୁଣି କୃତବ୍ରାହ୍ମଣ ଓ କୃତଦେବସେବକ ବୌଦ୍ଧ ପୁରୋହିତଙ୍କ ହସ୍ତରେ କୌଣସି କୌଣସି ସ୍ଥାନରେ ଉକ୍ତ ମହାପ୍ରସାଦ ବିତରଣର ଭାର ରଖିଲେ । ପ୍ରଥମେ ନୂତନ ପ୍ରବର୍ତ୍ତିତ ଧର୍ମର ପ୍ରଭାବ ଅତିଶୟ ବଳବାନ୍ ରହଇ; କିଛିକାଳ ଉତ୍ତାରୁ ସେଥିରେ କ୍ରମଶଃ ଶୈଥିଲ୍ୟ ଉପସ୍ଥିତ ହୁଅଇ । ଧର୍ମହିକ୍ୟର ଇତିହାସ ଆଲୋଚନାଦ୍ୱାରା ଏହା ସ୍ପଷ୍ଟରୂପେ ଜଣା ଯାଉଅଛି । ବୌଦ୍ଧଧର୍ମରେ ମଧ୍ୟ ସମୟରେ ସେହିପରି ଶୈଥିଲ୍ୟ ଜାତ ହୋଇଥିଲା । ବ୍ରାହ୍ମଣମାନେ ସେହି ସୁବିଧାକୁ ଅନୁସରଣ କରି ଆପଣା ଆପଣା ମଧ୍ୟରେ ଥିବା ତେଜସ୍ୱୀ ଓ ଧୀଶକ୍ତିସମ୍ପନ୍ନ ଲୋକଙ୍କର ସାହାଯ୍ୟ ଘେନି ଅନାୟାସରେ ବୌଦ୍ଧଧର୍ମର କ୍ଷୟସାଧନ କରିବା ସକାଶେ ସକ୍ଷମ ହୋଇଥିଲେ * ।

ଜଗନ୍ନାଥ—ଭାରତବର୍ଷରେ ଓଡ଼ିଶାର ବିଶେଷ ପ୍ରାଧାନ୍ୟ ବର୍ତ୍ତମାନ ଯଦି କୌଣସି ବିଷୟ ସକାଶେ ଅଛି, ତାହା କେବଳ ପୁରୀନଗରସ୍ଥିତ ଜଗନ୍ନାଥଙ୍କ ନିମନ୍ତେ । ଜଗନ୍ନାଥଦେବ ବହୁକାଳରୁ ଓଡ଼ିଶାରେ ବିରାଜିତ ଅଛନ୍ତି । ଇନ୍ଦ୍ରଦ୍ୟୁମ୍ନ ନାମକ ଜଣେ ମାଳବଦେଶୀୟ ରାଜା ଏ ଦେଶକୁ ଆସି ଏଠାରେ ତାଙ୍କୁ ପ୍ରଥମ ସ୍ଥାପନ କରିଥିବାର କଥିତ ଅଛି । କିନ୍ତୁ ବ୍ରାହ୍ମଣମାନେ ତଦପେକ୍ଷା ଅଧିକତର ପ୍ରତିଷ୍ଠାସ୍ପଦ କଳ୍ପନା ଜଗନ୍ନାଥଦେବଙ୍କ ସମ୍ବନ୍ଧରେ କରିବା ବିଷୟରେ ତ୍ରୁଟି କରି ନାହାନ୍ତି । ସେମାନେ ତାଙ୍କର ସ୍ୱର୍ଗୀୟ ଅଦ୍ଭୁତତ୍ୱ ସ୍ଥାପନ କରିଅଛନ୍ତି ଏବଂ ସେଥିରୁ ମଧ୍ୟ ସେମାନଙ୍କର ବିଚିତ୍ର ବୁଦ୍ଧିକୌଶଳର ପରିଚୟ ମିଳୁଅଛି । ଜଗନ୍ନାଥଦେବ ବୁଦ୍ଧଅବତାରରୂପେ ବିଷ୍ଣୁଙ୍କର ନବମ ଅବତାର ବୋଲି ସ୍ୱୀକୃତ ହୋଇଅଛନ୍ତି; ସେଥି ସକାଶେ ସ୍କନ୍ଦନାମକ ଏକ ପୁରାଣର ସୃଷ୍ଟି ହୋଇଅଛି । ବିଶ୍ୱକର୍ମାଙ୍କଦ୍ୱାରା ଦେବଦେବଙ୍କର ଶ୍ରୀମୂର୍ତ୍ତି ଗଠନ ଓ ବ୍ରହ୍ମାଙ୍କଦ୍ୱାରା ତାଙ୍କର ପ୍ରତିଷ୍ଠାକାର୍ଯ୍ୟ ସମ୍ପନ୍ନ ହୋଇଥିବାର ବର୍ଣ୍ଣିତ ହୋଇଅଛି । ବର୍ତ୍ତମାନ ଶତାବ୍ଦୀରେ ଏସବୁ ବିଷୟର ମୂଳ

---

* ଖ୍ରୀଷ୍ଟୀୟ ସପ୍ତମ ଶତାବ୍ଦୀ ସରିକି ଅଦ୍ୱୈତବାଦୀ ଶଙ୍କରାଚାର୍ଯ୍ୟଙ୍କ ଉତ୍ଥାନ ଉତ୍ତାରୁ ବୌଦ୍ଧଧର୍ମ ବିଶେଷରୂପେ ହ୍ରାସଗତିକ ଲଭିଥିଲା । ସେ ବୌଦ୍ଧଧର୍ମର ବିଶେଷ ପ୍ରତିବାଦୀ ଓ ପ୍ରତିଭାଶୀଳ ଲୋକ ଥିଲେ । (ହସ୍ତାଚାର୍ଯ୍ୟ ବୋଲି ତାଙ୍କର ଜଣେ ଶିଷ୍ୟ ଓଡ଼ିଶାକୁ ଆସିଥିବାର ଲିଖିତ ଅଛି)

Digitized by srujanika@gmail.com

ଅନୁସନ୍ଧାନ କରିବା ସକାଶେ ଶିକ୍ଷିତହୃଦୟ ମାନବକେ ପ୍ରବୃତ୍ତି ଜନ୍ମିଅଛି । ସେହି ପ୍ରବୃତ୍ତିଦ୍ୱାରା ନୀତ ହୋଇ ଓଡ଼ିଶାରେ ଜଗନ୍ନାଥଦେବଙ୍କର ମୂଳସ୍ଥାପନା ବିଷୟରେ ଅନୁସନ୍ଧାନ କଲେ ଜଣାଯାଏ ଯେ ବୌଦ୍ଧଧର୍ମର ଲୋପସାଧନ କରିବା ସକାଶେ ଯେତେବେଳେ ବ୍ରାହ୍ମଣମାନେ ବଦ୍ଧପରିକର ହୋଇଥିଲେ, ତେତେବେଳେ ସେମାନେ ବୌଦ୍ଧଙ୍କର ମତାମତକୁ ନିଜ ମତାମତରେ ପ୍ରବର୍ତ୍ତିତ କରିଥିଲେ । ପୁରୀଠାରେ ବହୁକାଳ ବୌଦ୍ଧଙ୍କର ପବିତ୍ରଦନ୍ତ ରକ୍ଷିତ ଓ ପୂଜିତ ହୋଇଥିଲା । ମଧ୍ୟ ବୌଦ୍ଧମାନେ ଆପଣା ଆପଣା ମଧ୍ୟରେ ଜାତିଭେଦ ସ୍ୱୀକାର କରୁ ନ ଥିଲେ । ସୁତରାଂ ସେହି ପୁରୀଠାରେ ବ୍ରାହ୍ମଣମାନେ ଏକ ହସ୍ତପଦଶୂନ୍ୟ ଦେବତା ଗଠନ କରାଇ, ପୁଣି ସେହି ଦେବତାଙ୍କୁ ବୁଦ୍ଧାବତାରରୂପେ ଗ୍ରହଣ କରି*, ଅହିଂସାମୟ ବସ୍ତୁମନ୍ତ୍ରରେ ☩ ତାଙ୍କର ପୂଜା ଚଳାଇ ଓ ତାଙ୍କ ଭୋଗରେ କୌଣସି ପ୍ରକାର ଜାତିବର୍ଗର ନ ରଖି ଏବଂ ଏହିସବୁଦ୍ୱାରା ବୌଦ୍ଧଧର୍ମ ଓ ହିନ୍ଦୁଧର୍ମର ସାମଞ୍ଜସ୍ୟ ରକ୍ଷାକରିତଃ ଓଡ଼ିଶା ବୌଦ୍ଧଙ୍କ ମତିକି ହିନ୍ଦୁଧର୍ମ ଆଡ଼କୁ ଫେରାଇଥିଲେ । ପୂର୍ବେ ବୌଦ୍ଧଙ୍କ ପବିତ୍ରଦନ୍ତର ଏକପ୍ରକାର ରଥଯାତ୍ରା ପ୍ରଚଳିତ ଥିଲା; ସେହି ଅନୁକରଣରେ ଜଗନ୍ନାଥଦେବଙ୍କର ରଥଯାତ୍ରା ସମ୍ଭବତଃ ପ୍ରବର୍ତ୍ତିତ ହୋଇଅଛି✝, ଜଗନ୍ନାଥଙ୍କ ଉପାସନାରେ ବୌଦ୍ଧ ଓ ହିନ୍ଦୁଧର୍ମର ସାମଞ୍ଜସ୍ୟ ରକ୍ଷିତ ହେଲାରୁ ଉଭୟେ ମହାମହୋତ୍ସବରେ ତାଙ୍କର ଉପାସକ ହେଲେ ଓ କ୍ରମଶଃ ତାଙ୍କର ମହିମା ଓ ପୂଜା ଭାରତବ୍ୟାପୀ ହେଲା§ । ଇନ୍ଦ୍ରଦ୍ୟୁମ୍ନନାମକ ଜନୈକ ରାଜା

* ଗୀତଗୋବିନ୍ଦରେ ବୁଦ୍ଧାବତାରର ଯେଉଁ ବର୍ଣ୍ଣନା ଅଛି ସେଥିରୁ ସ୍ପଷ୍ଟ ଜଣାଯାଏ ଯେ ବୁଦ୍ଧଦେବ ଶାକ୍ୟସିଂହଙ୍କୁ ଅବଲମ୍ବନ କରି ବୁଦ୍ଧାବତାର କଳ୍ପିତ ହୋଇଅଛି ।

☩ "ଅହିଂସା ପରମୋଧର୍ମ" ବୌଦ୍ଧଙ୍କର ମତ ଥିଲା ।

✝ ଭୁବନେଶ୍ୱରଠାରେ ଚୈତ୍ର ମାସରେ ଯେଉଁ ଅଶୋକାଷ୍ଟମୀ ଯାତ୍ରା ଓ ସେଥି ଉପଲକ୍ଷରେ ଯେଉଁ ରଥ ପ୍ରସ୍ତୁତ ହୁଏଇ, ତାହା ସମ୍ପୂର୍ଣ୍ଣ ବୌଦ୍ଧ ବ୍ୟାପାର । ଅଶୋକ ରାଜାଙ୍କ ଆଜ୍ଞାକ୍ରମେ ଖଣ୍ଡଗିରି କି ଧଉଳଗିରି ନିକଟରେ ବୌଦ୍ଧ ରଥଯାତ୍ରା ପ୍ରଥା ପ୍ରଚଳିତ ଥିଲା । ହିନ୍ଦୁମାନେ ବୌଦ୍ଧଙ୍କ ମନ ଭୁଲାଇବାପାଇଁ ଉକ୍ତ ଯାତ୍ରାଟିକି ହିନ୍ଦୁମାନର ଅନ୍ତର୍ଗତ କରିଅଛନ୍ତି ।

§ ବର୍ତ୍ତମାନ ଜଗନ୍ନାଥଦେବଙ୍କ ସେବା ପୂଜା ଏପରି ଭାବ ଧାରଣ କରିଅଛି ଯେ ସେ ସବୁରେ ହିନ୍ଦୁଧର୍ମର କୌଣସି ଶାଖାର ମତାନୁଯାୟୀ କାର୍ଯ୍ୟ ହେଉଥିବାର ଅପ୍ରତୁଳତା ଦୃଷ୍ଟ ହୁଏଇ ନାହିଁ ।

Digitized by srujanika@gmail.com

ଏ ଦେଶକୁ ଆସି ଜଗନ୍ନାଥଙ୍କ ମୂର୍ତ୍ତି ପ୍ରଥମ ଗଠନ କରାଇଥିବାର ସତ୍ୟ ହେଲେ, ପଶ୍ଚିମ ଓ ଉତ୍ତରପଶ୍ଚିମାଞ୍ଚଳୀୟ ପ୍ରଦେଶମାନଙ୍କରେ ବୌଦ୍ଧଧର୍ମର ଅବନତି ଓ ଧ୍ୱଂସସାଧନ ଆରମ୍ଭ ହେଲା ଉତ୍ତାରୁ, ସେ ସମ୍ଭବତଃ ସେହି ଅଭିପ୍ରାୟରେ ପୁଣି ହିନ୍ଦୁଧର୍ମକୁ ପୁନରୁଦ୍ଧାର କରିବା ଅଭିଳାଷରେ ନିଜ ଦଳବଳ ଘେନି ଏ ଦେଶକୁ ଆସିଥିଲେ ଓ ପୁରୀ ନିକଟବର୍ତ୍ତୀ କୌଣସି ସ୍ଥାନରେ ବାସ କରି ବ୍ରାହ୍ମଣଙ୍କ ସାହାଯ୍ୟରେ ଜଗନ୍ନାଥଦେବଙ୍କର ପ୍ରଥମସ୍ଥାପନା କାର୍ଯ୍ୟ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳୀ ପୁରୀ ଅଞ୍ଚଳରେ ସମାଧା କରିଥିଲେ । ସେ ଯାହାହେଉ ବୌଦ୍ଧଧର୍ମର ପରାଭବ ଓ ହିନ୍ଦୁଧର୍ମର ପୁନଃସଂସ୍କାର ଓ ଟେକ ବଢ଼ାଇବା ସକାଶେ ବୌଦ୍ଧଙ୍କ ମାଳମସଲାରୁ ଯେ ଜଗନ୍ନାଥଦେବଙ୍କର ସୃଷ୍ଟି ହୋଇଅଛି ଏଥିରେ କୌଣସି ସନ୍ଦେହ ନାହିଁ ।

## ତୃତୀୟ ଅଧ୍ୟାୟ ।

### କେଶରୀବଂଶୀୟ ରାଜଗଣ ।

ଯଯାତିକେଶରୀ—ଯଯାତିକେଶରୀଙ୍କ ରାଜ୍ୟାରମ୍ଭ ସମୟରୁ ବହୁପରିମାଣରେ ଓଡ଼ିଶାର ବିଶ୍ୱସ୍ତ ଓ ପ୍ରକୃତ ଇତିହାସ ମିଳଇ । ମାଦଳାପାଞ୍ଜି ଓ ରାଜଚରିତ ପ୍ରକାଶିତ ବିବରଣମାନ ଏହି ସମୟଠାରୁ ସତ୍ୟାଶ୍ରିତ ଥିଲା ପରି ବୋଧ ହୁଅଇ । ଇତିପୂର୍ବେ ଲିଖିତ ହୋଇଅଛି ଯେ ଯଯାତିକେଶରୀ ଗୁପ୍ତବଂଶୀୟ ନରପତିଙ୍କର ଅଧୀନସ୍ଥ ଏ ଦେଶର ରାଜା ଥିଲେ । ମାଦଳାପାଞ୍ଜି ଅନୁସାରେ ୪୭୪ ଖ୍ରୀଷ୍ଟାବ୍ଦରୁ ତାଙ୍କର ରାଜତ୍ୱ ଆରମ୍ଭ ହୋଇ ଓଡ଼ିଶାରେ କେଶରୀବଂଶୀୟ ରାଜରେଖାର ସୂତ୍ରପାତ ହେଲା । ଯଯାତି ଓ ତଦ୍‌ବଂଶୀୟ ସମସ୍ତ ରାଜଗଣ ଶୈବଧର୍ମାବଲମ୍ବୀ ଥିଲେ ।

ବୌଦ୍ଧଧର୍ମର ଉଚ୍ଛେଦସାଧନର ଉଦ୍‌ଯୋଗରେ ଯେଉଁ ଜଗନ୍ନାଥ-ଦେବଙ୍କର ସୃଷ୍ଟି ହୋଇଥିଲା, ସେହି ଜଗନ୍ନାଥଙ୍କର ବିଧିବହିତ ଶ୍ରୀମୂର୍ତ୍ତି ନିର୍ମାଣ ଓ ସଂସ୍ଥାପନ ଯଯାତିକେଶରୀଙ୍କ ରାଜତ୍ୱର ଏକ ପ୍ରଧାନ କାର୍ଯ୍ୟ । ଯଯାତି ରାଜା ଜଗନ୍ନାଥଦେବଙ୍କ ସକାଶେ ବୌଦ୍ଧଧର୍ମର କେନ୍ଦ୍ରସ୍ଥଳୀ ପୁରୀନଗରରେ ମନ୍ଦିର ନିର୍ମାଣ କରାଇ ଯଥୋପଯୁକ୍ତ ପୂଜା ସେବା ଓ ଅର୍ଚ୍ଚନାର ନିଯୋଗ କରି ଦେଇଥିଲେ । ଏଥିପୂର୍ବେ କଥିତ ହୋଇଅଛି ଯେ ବୌଦ୍ଧଙ୍କ ଚିତ୍ତ ଆକର୍ଷଣ କରିବା ସକାଶେ ଜଗନ୍ନାଥଦେବ ବୁଦ୍ଧାବତାରରୂପେ ପୂଜିତ ହୋଇଥିଲେ । ମାତ୍ର ଏତିକିରେ

Digitized by srujanika@gmail.com

ହିନ୍ଦୁଧର୍ମାବଲମ୍ବିଙ୍କର ଚେଷ୍ଟା ସ୍ଥଗିତ ରହି ନ ଥିଲା । ବୁଦ୍ଧ, ଧର୍ମ ଓ ସଙ୍ଘ ନାମକ ତିନି ମୂର୍ତ୍ତି ବୌଦ୍ଧଙ୍କର ଉପାସ୍ୟ ଥିଲେ । ବଳଭଦ୍ର ଓ ସୁଭଦ୍ରା ନାମକ ଆଉ ଦୁଇ ମୂର୍ତ୍ତି ସୃଜି ହିନ୍ଦୁମାନେ ସୃଷ୍ଟି କରି ବୌଦ୍ଧଙ୍କ ମତ ସଙ୍ଗେ ଅଧିକ ସାମଞ୍ଜସ୍ୟ ଚେଷ୍ଟା କଲେ । ଯଯାତି ତାଙ୍କର ଏହି କାର୍ଯ୍ୟ ସକାଶେ, ଦ୍ୱିତୀୟ ଇନ୍ଦ୍ରଦ୍ୟୁମ୍ନ ଆଖ୍ୟା ପ୍ରାପ୍ତ ହୋଇ ଲୋକରେ ସମ୍ମାନିତ ହୋଇଥିଲେ ।

ମହାନଦୀ ଓ କାଠଯୋଡ଼ି ମଧ୍ୟବର୍ତ୍ତୀ ଚଉଦୁଆର ନଗର ଜନ୍ମେଜୟଙ୍କଦ୍ୱାରା ସ୍ଥାପିତ ହୋଇଥିବାର ଏଥିପୂର୍ବେ ଲିଖିତ ହୋଇଅଛି । ଯଯାତିଙ୍କ ରାଜତ୍ୱକାଳରେ ସେ ନଗର ହୀନଶ୍ରୀ ନ ଥିଲା । ମାତ୍ର ଯଯାତିକେଶରୀ ଯାଜପୁରଠାରେ ରାଜଧାନୀ ସ୍ଥାପିତ କରିଥିଲେ । ସେଠାରେ ଚତୁର୍ଦ୍ୱାରବିଶିଷ୍ଟ ଏକ ରାଜପ୍ରାସାଦ ତାଙ୍କ ଆଜ୍ଞାରେ ନିର୍ମିତ ହୋଇଥିଲା । ସେଥିର ଭଗ୍ନାବଶେଷ ଅଳକାଳ ଆଉ ଦୃଷ୍ଟି-ଗୋଚର ହୁଅଇ ନାହିଁ* । ଯାଜପୁରର ଦଶାଶ୍ୱମେଧ ଘାଟ ଯଯାତିଙ୍କ ସମୟର ଏକ ଅତି ପ୍ରାଚୀନ କୀର୍ତ୍ତି ଅଟଇ‡ । ଖଣ୍ଡଗିରିର ଅନତିଦୂରରେ ବୌଦ୍ଧଙ୍କର ପ୍ରାଦୁର୍ଭାବ ଦମନ କରିବା ଅଭିପ୍ରାୟରେ ଭୁବନେଶ୍ୱରର ସୁପ୍ରକାଣ୍ଡ ବଡ଼ ଦେଉଳର ମୂଳପତ୍ତନ ଯଯାତିକେଶରୀଙ୍କ ରାଜତ୍ୱର ଅନ୍ୟତର ପ୍ରଧାନ କାର୍ଯ୍ୟ ।

କଥିତ ଅଛି ଯଯାତିକେଶରୀ ରାଜ୍ୟଶାସନ ଆରମ୍ଭ କରିବା ସମୟରେ ବୌଦ୍ଧଧର୍ମ ପ୍ରଭାବରୁ ବେଦଜ୍ଞ ଓ ଶାସ୍ତ୍ରୋଚିତ ଆଚାରବିଶିଷ୍ଟ ବ୍ରାହ୍ମଣ ଓଡ଼ିଶାରେ ଦୁଷ୍ପ୍ରାପ୍ୟ ଦେଖି ସତ୍କର୍ମଶୀଳ ଦଶସହସ୍ର ବ୍ରାହ୍ମଣଙ୍କୁ କାନ୍ୟକୁବ୍ଜରୁ ନିମନ୍ତ୍ରଣ କରି ଆଣାଇଲେ † । ସେ ସମୟରେ ଉତ୍ତରଭାରତବର୍ଷର ଚତୁର୍ଦ୍ଦିଗରେ ଶୈବଧର୍ମ

---

* ରାଜପ୍ରାସାଦ ଓ ଅନ୍ୟାନ୍ୟ କେତେକ ମନ୍ଦିର ଥିବା ସ୍ଥାନରେ ବର୍ତ୍ତମାନ ଯାଜପୁରର ସରକାରୀ କଚେରୀ ଘରମାନ ପ୍ରସ୍ତୁତ ହୋଇଅଛି ।

‡ ଏହିଠାରେ ଅଦ୍ୟାବଧି ନରକରୁ ଉଦ୍ଧାର ପାଇବା ଆଶାରେ ହିନ୍ଦୁମାନେ ଗୋଦାନ କରନ୍ତି । ଏଥିଦ୍ୱାରା ଯାଜପୁର ବ୍ରାହ୍ମଣମାନଙ୍କର ମଧ୍ୟ କିଛି କିଛି ଅର୍ଥ ଲାଭ ହୁଅଇ ।

† କନୌଜଦେଶାତ୍ ସ୍ୱୟମାହୃତା ଯେ ଦଶାଶ୍ୱମେଧାୟ ପୁରାବଧାନା ।
ମର୍ତ୍ତ୍ୟସ୍ଥିତାଃ ସ୍ୱର୍ଗଗତାଶ୍ଚ ସପ୍ତ ପ୍ରେତେଭ୍ୟୋ ଦଦତେଭ୍ୟଃ ପ୍ରଦଦାମି ଗୃହ୍ୟ୍ୟ, ।—
Tradition.

ବୌଦ୍ଧଧର୍ମର ପ୍ରାଦୁର୍ଭାବରେ କନୌଜ ବ୍ରାହ୍ମଣମାନେ ହୀନତାକୁ ଲଭି ନ ଥିଲେ । ବଙ୍ଗଦେଶର ରାଜା ଆଦିଶୂର ଦଶମ ଶତାବ୍ଦୀରେ ସେହିଠାରୁ ଉତ୍ତମ ଶାସ୍ତ୍ରଜ୍ଞ ବ୍ରାହ୍ମଣ ଆଣାଇଥିଲେ ।

Digitized by srujanika@gmail.com

ପ୍ରାଧାନ୍ୟ ଲଭିଥିଲା । ନବାଗତ ବ୍ରାହ୍ମଣମାନେ ସମସ୍ତେ ଶିବୋପାସକ ଥିଲେ । ଯଯାତିଙ୍କର ରାଜଧାନୀ ଯାଜପୁରଠାରେ ସେମାନେ ପ୍ରବିଷ୍ଟ ହୋଇ ଏକ ମହାଯଜ୍ଞ ଆରମ୍ଭ କଲେ । ସେ ଯଜ୍ଞରେ ବ୍ୟବହୃତ ହୋଇଥିବା କୁଣ୍ଡାଦିର ଭଗ୍ନାବଶେଷ ଅଦ୍ୟାପି ଦୃଷ୍ଟିଗୋଚର ହୁଏ । ନବାଗତ ବ୍ରାହ୍ମଣମାନେ ରାଜାଙ୍କଠାରୁ ଭୂମିସମ୍ପତ୍ତି ପ୍ରାପ୍ତ ହୋଇ ସେହି ଅଞ୍ଚଳରେ ଉପନିବେଶ ସ୍ଥାପନ କଲେ ✝ ।

ସେମାନଙ୍କ ମଧ୍ୟରୁ କେହି କେହି ସୁଦ୍ଧା ସେଠାରୁ ନୀତହୋଇ ପୁରୀ ଓ ଭୁବନେଶ୍ୱରଠାରେ ପ୍ରତିଷ୍ଠିତ ହେଲେ । ଏହି ବ୍ରାହ୍ମଣମାନେ ଆଧୁନିକ ବୈଦିକ ବ୍ରାହ୍ମଣମାନଙ୍କ ପୂର୍ବପୁରୁଷ । ବର୍ତ୍ତମାନ ଯେଉଁ ବ୍ରାହ୍ମଣମାନେ ମଢ଼ିଆ, ପୁଷ୍ପାଳୀ, ପନିଅରୀ ବ୍ରାହ୍ମଣରୂପେ ଖ୍ୟାତ, ସେମାନେ ଏହି ବ୍ରାହ୍ମଣଙ୍କ ଆଗମନ ପୂର୍ବରୁ ଓଡ଼ିଶାରେ ବାସ କରୁଥିଲେ । ସେମାନଙ୍କର ସାଧାରଣ ନାମ ଲୌକିକ-ବ୍ରାହ୍ମଣ । ବୌଦ୍ଧଧର୍ମର ପ୍ରାଦୁର୍ଭାବରେ ସେମାନେ ଶାସ୍ତ୍ରାଲୋଚନାରୁ ବିରତ ରହି ପ୍ରାୟ ସମସ୍ତ କର୍ମକର୍ମାଣି ବିସ୍ମୃତ ହୋଇଥିଲେ । ବର୍ତ୍ତମାନ ସୁଦ୍ଧା ସେମାନଙ୍କ ମଧ୍ୟରେ ସୁଶାସ୍ତ୍ରଜ୍ଞ ବା ସୁପଣ୍ଡିତ କେହି ଦୃଷ୍ଟିଗୋଚର ହୁଅନ୍ତି ନାହିଁ । ଆଜିକାଲି ଯେଉଁମାନେ ମାସ୍ତାନ ବ୍ରାହ୍ମଣରୂପେ ଉତ୍କଳସମାଜରେ ଜ୍ଞେୟ ସେମାନେ ପ୍ରକୃତ ବ୍ରାହ୍ମଣ ନୁହନ୍ତି । ଅଦ୍ୟାପି ସୁଦ୍ଧା ଓଡ୍ରମଣ୍ଡଳରେ ଶୂଦ୍ର ବ୍ରାହ୍ମଣ ବୋଲି ପରିଚିତ । ସେମାନଙ୍କ ବ୍ରାହ୍ମଣତ୍ୱ ଲାଭ ସମ୍ବନ୍ଧରେ ନାନାପ୍ରକାର ଆପ୍ତବାକ୍ୟ ଏ ଦେଶରେ ପ୍ରଚଳିତ ଅଛି । ଜନୈକ ଇତିବୃତ୍ତଲେଖକ ଅନୁମାନ କରିଅଛନ୍ତି ଯେ ବୈଦିକ ବ୍ରାହ୍ମଣମାନେ ଓଡ଼ିଶାକୁ ନିମନ୍ତ୍ରିତ ହୋଇ ଆସି ପହଞ୍ଚନ୍ତେ, ନାନା ଜାତିରୁ ସଂଗୃହୀତ ଏକ ସମ୍ପ୍ରଦାୟ ବୌଦ୍ଧପୁରୋହିତ ଓ ଅନେକ ବୌଦ୍ଧଧର୍ମାବଲମ୍ବୀ ଆର୍ଯ୍ୟସନ୍ତାନଙ୍କର ପ୍ରାଦୁର୍ଭାବ ଓଡ଼ିଶାରେ ଥିବାର ଦର୍ଶନ କଲେ । ସେମାନଙ୍କୁ ହତାଦର କରି ଆପଣା ଆପଣା ପ୍ରଭୁତ୍ୱ ସଂସ୍ଥାପନ କରିବା ନବାଗତ ବ୍ରାହ୍ମଣଙ୍କ ପକ୍ଷରେ ଅତି କଷ୍ଟସାଧ୍ୟ କାର୍ଯ୍ୟ ଥିଲା । ସୁତରାଂ ସେମାନଙ୍କୁ ଏକପ୍ରକାର ସମାନତା ପ୍ରଦାନ କରିବା ସକାଶେ ନବାଗତ ବ୍ରାହ୍ମଣମାନେ ମନସ୍ଥ କଲେ ଓ ଅବଶେଷରେ ସେମାନଙ୍କୁ ବ୍ରାହ୍ମଣ ବୋଲି ସ୍ୱୀକାର କରି ସାଧାରଣ ଲୋକଙ୍କ ଉପରେ ସେମାନଙ୍କର ଶ୍ରେଷ୍ଠତା ସମ୍ପାଦନ କରାଇଲେ । ଏ ଅନୁମାନ ନିତାନ୍ତ କାଳ୍ପନିକ ବୋଲି ବୋଧ ହେଉ ନାହିଁ । ବରଞ୍ଚ ଯାଜପୁର ଅଞ୍ଚଳରେ ଏହି ମାସ୍ତାନ ବ୍ରାହ୍ମଣଙ୍କ ସଂଖ୍ୟାର ଆଧିକ୍ୟ ଓ ପୁରୀ ବଡ଼ଦେଉଳର ପାକଶାଳାରେ ଏମାନଙ୍କର ବିଶେଷ ଆଧିପତ୍ୟ,

✝ ଯଯାତିଙ୍କଦ୍ୱାରା ବ୍ରାହ୍ମଣଙ୍କୁ ଦିଆ ହୋଇଥିବା ତମ୍ବାପଟ୍ଟା ଦାନପତ୍ରରୁ ଖଣ୍ଡିକେତେ ମିଳିଅଛି ।

Digitized by srujanika@gmail.com

ଉକ୍ତ ଅନୁମାନର ପରିପୋଷକ ହୋଇଅଛି । ସାମ୍ପ୍ରାନ ବ୍ରାହ୍ମଣଙ୍କର ହିନ୍ଦୁସମାଜର ପୌରହିତ୍ୟାଦି କାର୍ଯ୍ୟରେ କୌଣସି ଅଧିକାର ନାହିଁ । ଅନେକ ବିଷୟରେ ସେମାନଙ୍କର ଶୂଦ୍ରଙ୍କ ପ୍ରାୟ ଆଚରଣ । ଅଧିକ କି ଶୂଦ୍ରଙ୍କଦ୍ୱାରା ସେମାନେ ନମସ୍କୃତ ହୁଅନ୍ତି ନାହିଁ । ଲୌକିକ ବ୍ରାହ୍ମଣମାନେ ବର୍ତ୍ତମାନ ନିମ୍ନଶ୍ରେଣୀୟ ହିନ୍ଦୁଙ୍କର ପୌରହିତ୍ୟ, ସାଧାରଣ୍ୟରେ ଠାକୁରପୂଜା, ଶୂଦ୍ରଙ୍କର ଅନ୍ନପାଚନ ଓ ଅନ୍ୟାନ୍ୟ କେତେକ ହୀନ ବ୍ୟବସାୟରେ ନିଯୁକ୍ତ ଅଛନ୍ତି । କିନ୍ତୁ ବୈଦିକ ବ୍ରାହ୍ମଣମାନେ ଓଡ଼ିଶାର ପ୍ରକୃତ ଆଦରଣୀୟ ବ୍ରାହ୍ମଣ ଓ ସେମାନଙ୍କ ମଧ୍ୟରେ ସୁଦ୍ଧା ବ୍ରାହ୍ମଣୋଚିତ କାର୍ଯ୍ୟର ଅନୁଷ୍ଠାନମାନ ବହୁ ପରିମାଣରେ ପ୍ରଚଳିତ ଅଛି ।

ଯଯାତି ଶିବୋପାସକ ଥିଲେ । ବୌଦ୍ଧଧର୍ମର ଲୋପସାଧନ କରିବା ତାଙ୍କର ଅନ୍ୟତମ ଉଦ୍ଦେଶ୍ୟ ଥିଲା । ମଧ୍ୟ ସେ ଏହି ଦୁଇ ଉଦ୍ଦେଶ୍ୟକୁ ଲକ୍ଷ କରି ତାଙ୍କର ଶାସନକାର୍ଯ୍ୟ ନିର୍ବାହ କରିଥିଲେ । ମନ୍ଦିର ନିର୍ମାଣ ଓ ସାଧାରଣ କାର୍ଯ୍ୟରେ ବ୍ୟୟ କରିବାକୁ ସେ କୁଣ୍ଠିତ ନ ଥିଲେ । ବ୍ରାହ୍ମଣମାନେ ତାଙ୍କଠାରୁ ବିସ୍ତର ଭୂମି ଦାନ ପାଇଥିଲେ । ଅନନ୍ତର ୫୨୬ ଖ୍ରୀଷ୍ଟାବ୍ଦରେ ୫୨ ବର୍ଷ ରାଜତ୍ୱ କରି ମାନବଲୀଳା ସମ୍ବରଣ କଲେ । ତାଙ୍କ ଉତ୍ତାରୁ ଆଉ ୪୩ ଜଣ କେଶରୀବଂଶୀୟ ରାଜା ଓଡ଼ିଶା ଭୋଗ କରିଥିଲେ । କିନ୍ତୁ ସେମାନେ ଗୁପ୍ତବଂଶୀୟ ରାଜାଙ୍କର ଅଧୀନସ୍ଥ ଥିଲେ କି ନାହିଁ ଓ ଗୁପ୍ତବଂଶୀୟ ରାଜାଏ ଅବା କେବେ ଲୁପ୍ତ ହେଲେ ଏ ବିଷୟ ବିଷୟର ସନ୍ତୋଷଜନକ ନିଦର୍ଶନ ଅଦ୍ୟାପି ମିଳିନାହିଁ । ସମ୍ଭବତଃ ଏପରି ଅନୁମାନକୁ ଆସଇ ଯେ ଯଯାତିକେଶରୀଙ୍କ ଶାସନର ଶେଷଭାଗରୁ ଓଡ଼ିଶାରୁ ଗୁପ୍ତବଂଶୀୟ ରାଜାଙ୍କର ଶାସନ ଅନ୍ତର୍ହିତ ହୋଇଥିଲା ।

ଲଲାଟେନ୍ଦୁକେଶରୀ—ଯଯାତିଙ୍କ ଉତ୍ତାରୁ ସୂର୍ଯ୍ୟକେଶରୀ ଓ ଅନନ୍ତକେଶରୀ କ୍ରମାନ୍ୱୟରେ ୯୭ ବର୍ଷ ରାଜତ୍ୱ କରିଥିଲେ । ଅନନ୍ତଙ୍କ ରାଜତ୍ୱ ସମୟରେ ଭୁବନେଶ୍ୱର ବଡ଼ଦେଉଳର କାର୍ଯ୍ୟ ଲାଗିଥିବାର କଥିତ ଅଛି । ଅନନ୍ତଙ୍କ ଉତ୍ତାରୁ ୬୨୩ ଖ୍ରୀଷ୍ଟାବ୍ଦରେ ଅଲାବୁ ବା ଲଲାଟେନ୍ଦୁକେଶରୀ ଓଡ଼ିଶା ସିଂହାସନରେ ଅଧିଷ୍ଠିତ ହେଲେ । ତାଙ୍କ ରାଜତ୍ୱ ସମୟରେ ଭୁବନେଶ୍ୱର ଦେଉଳର ନିର୍ମାଣ କାର୍ଯ୍ୟ ୬୫୭ ଖ୍ରୀଷ୍ଟାବ୍ଦରେ ସମାପ୍ତ ହେଲା । ତଦନନ୍ତର ସେ ସେହିଠାରେ ସାତସାଇ ଓ ବାୟାଳିଶ ବର୍ମ ବିଶିଷ୍ଟ ଏକ ନଗର ବସାଇ ତାହାକୁ ଆପଣାର ରାଜଧାନୀ କଲେ । ଭୁବନେଶ୍ୱରଙ୍କ ଦେଉଳରୁ ଏହି ନୂତନ ରାଜଧାନୀର ନାମ ମଧ୍ୟ ଭୁବନେଶ୍ୱର ହେଲା । ସେହି ସମୟଠାରୁ କେଶରୀବଂଶୀୟ ରାଜାଙ୍କର ଦୁଇ ନଗର ଯାଜପୁର ଓ ଭୁବନେଶ୍ୱର ରାଜଧାନୀରୂପେ ବ୍ୟବହୃତ ହେଲା । ଭୁବନେଶ୍ୱର-

Digitized by srujanika@gmail.com

ଠାରେ କେଶରୀବଂଶୀୟ ରାଜାଙ୍କର ରାଜପ୍ରାସାଦର ଭଗ୍ନାବଶେଷ ଅଦ୍ୟାପି ନେତ୍ର-ଗୋଚର ହୁଏ । ବିନ୍ଦୁସାଗର ନାମକ ଭୁବନେଶ୍ୱରର ସୁପ୍ରସିଦ୍ଧ ପୁଷ୍କରିଣୀ ଏହି ସମୟରେ ଖୋଦିତ ହୋଇଥିବାର ପ୍ରବାଦ ପ୍ରଚଳିତ ଅଛି । ଭୁବନେଶ୍ୱରର ଅନ୍ତଃପାତି ଉଦୟଗିରିଠାରେ ରାଣୀନଅର ନାମକ ବୌଦ୍ଧଙ୍କର ଯେଉଁ ପର୍ବତୋତ୍କୀର୍ଣ୍ଣ ଦ୍ୱିତଳ ଅଟ୍ଟାଳିକା ଅଛି ସେଥି ମଧ୍ୟରୁ ଲଲାଟେନ୍ଦ୍ର ମଧ୍ୟେ ମଧ୍ୟେ ଯାଇ ଭୋଗବିଳାସରେ କାଳଯାପନ କରୁଥିଲେ । ୫୦ ବର୍ଷକାଳ ରାଜତ୍ୱ କରି ଅବଶେଷରେ ୬୬୭ ଖ୍ରୀଷ୍ଟାବ୍ଦରେ ମୃତ୍ୟୁଗ୍ରାସରେ ପତିତ ହେଲେ ।

ଭୁବନେଶ୍ୱର—ଏ ଦେଉଳ ଓଡ଼ିଶାର ଏକ ପ୍ରାଚୀନ ଓ ଶିଳ୍ପକାର୍ଯ୍ୟର ଅତୁଳନୀୟ କୀର୍ତ୍ତି ଅଟଇ । ଭାରତବର୍ଷ ମଧ୍ୟରେ ଏମନ୍ତ ଶିଳ୍ପଚାତୁର୍ଯ୍ୟର ପରାକାଷ୍ଠା-ପ୍ରଦର୍ଶକ କୀର୍ତ୍ତିମନ୍ଦିର ଅତି ବିରଳ ଦେଖାଯାଏ । ଆଦୌ ଏକଖଣ୍ଡ ଦୀର୍ଘଭୂମି ଚତୁର୍ଦ୍ଦିଗରେ ଏକ ସୁନ୍ଦର ଷୋଡ଼ଶହସ୍ତପରିମିତ ମାକଡ଼ାପ୍ରସ୍ତରନିର୍ମିତ ପ୍ରାଚୀର-ଦ୍ୱାରା ବେଷ୍ଟିତ ହୋଇ ସେଥି ମଧ୍ୟରେ ଦେବାଳୟମାନ ସଂଗଠିତ ହୋଇଅଛି । ଯେଉଁ ମନ୍ଦିରରେ ସ୍ୱୟଂ ଲିଙ୍ଗରାଜ ଭୁବନେଶ୍ୱର ବିରାଜମାନ, ତାହା ବଡ଼ଦେଉଳ ନାମରେ ବିଖ୍ୟାତ । ସେଥିର ଉଚ୍ଚତା ୧୨ - ହାତ ବୋଲି ପ୍ରବାଦ ପ୍ରଚଳିତ ଅଛି । ଚତୁଷ୍କୋଣଗୃହ ପ୍ରାୟ ମନ୍ଦିର ଭୂମିରୁ ଉତ୍ଥିତ ଓ କ୍ରମଶଃ ସୂକ୍ଷ୍ମ ହୋଇ ଆକାଶ ସ୍ପର୍ଶ କରିଅଛି । ଦେଉଳର ଉଚ୍ଚତାନୁସାରେ ବିସ୍ତୃତି ଅଳ୍ପ ହେବା ଯୋଗୁଁ ମନ୍ଦିରର ସୌନ୍ଦର୍ଯ୍ୟ ନଷ୍ଟ ହେବ, ଏଥି ସକାଶେ ବଡ଼ଦେଉଳର ଦେହକୁ ଲାଗି ଜଗମୋହନ, ନାଟମନ୍ଦିର ଓ ଭୋଗମଣ୍ଡପରୂପ ଆଉ ତିନୋଟି କ୍ରମନିମ୍ନ ଓ ବେଢ଼ା ମଧ୍ୟରେ ଗୋଟିକେତେ କ୍ଷୁଦ୍ର କ୍ଷୁଦ୍ର ଦେଉଳ ଉତ୍କଳୀୟ ଶିଳ୍ପିମାନେ ନିର୍ମାଣ କରିଅଛନ୍ତି । ଏଥିଦ୍ୱାରା ଭୁବନେଶ୍ୱର ଦେଉଳର ବିସ୍ତୃତି ସ୍ୱଳ୍ପତାସମ୍ଭବ ଅସୌନ୍ଦର୍ଯ୍ୟ କେତେକ ପରିମାଣରେ ନଷ୍ଟ ହୋଇଅଛି । ଉତ୍କଳୀୟ ଶିଳ୍ପବ୍ୟବସାୟୀମାନେ ଖିଲାଣ ନିର୍ମାଣ କରିବା ବିଷୟରୁ ସମ୍ପୂର୍ଣ୍ଣରୂପେ ଅଜ୍ଞ ଥିଲେ । ସୁତରାଂ ଦେଉଳର ବିସ୍ତୃତି ବଢ଼ାଇବା ସକାଶେ ସେମାନଙ୍କର ସାହାସ ବଳ ନ ଥିଲା । ମଧ୍ୟ ଖିଲାଣ ନିର୍ମାଣବିଷୟକ ଅଜ୍ଞତାକୁ ଏକ ଚମତ୍କାର ବୁଦ୍ଧିକୌଶଳଦ୍ୱାରା ସେମାନେ ପୂରଣ କରି ଦେଇଥିଲେ । ଭିତରିକାଠଣୀ ଦେଇ, ପ୍ରସ୍ତର ଉପରେ ପ୍ରସ୍ତର ଖଞ୍ଜି, ଉଲଟା ନିଶୁଣୀ ତ୍ରିଣିଲ ପ୍ରାୟ ଏପରି ଭାବରେ ମନ୍ଦିରକୁ କ୍ରମଶଃସୂକ୍ଷ୍ମ କରି ଗଢ଼ିଅଛନ୍ତି ଯେ ସର୍ବୋପରି ଖଣ୍ଡିକେତେ ଅଣ୍ଡଣୀ ପଥର ବସାଇ ସହଜରେ ଛାତ ପ୍ରସ୍ତୁତ କରିବାକୁ ସକ୍ଷମ ହୋଇଅଛନ୍ତି । ଅଧିକନ୍ତୁ, ମଧ୍ୟ ମନ୍ଦିରର ମସ୍ତକପ୍ରଦେଶକୁ ଦହିହାଣ୍ଡି ଓ ଗଠନ-ବିଶେଷଦ୍ୱାରା ସୂଚିକାକାରରୂପେ ପରିଣତ କରି ଦୂରରୁ ମନ୍ଦିରକୁ ଏକ ଅପୂର୍ବ ଶୋଭା ପ୍ରଦାନରେ କୃତକାର୍ଯ୍ୟ ହୋଇଅଛନ୍ତି । ପ୍ରୟୋଜନାନୁସାରେ

Digitized by srujanika@gmail.com

ଲୌହଦଣ୍ଡମାନ* ମନ୍ଦିର ମଧ୍ୟରେ ଛାତ ଦେହରେ ବ୍ୟବହୃତ ହୋଇଅଛି । କାନ୍ଥ ପ୍ରସ୍ତରମାନଙ୍କୁ ପରସ୍ପର ସଂଯୁକ୍ତ କରିବାର ଯେଉଁ ଯେଉଁ ଠାରେ ଆବଶ୍ୟକତା ଘଟିଅଛି, ସେହି ସେହି ସ୍ଥାନମାନଙ୍କରେ ବାରଆ (ଲୌହବନ୍ଧନୀ) ଶିଳ୍ପକାରମାନେ ବ୍ୟବହାର କରିଅଛନ୍ତି । ବିଶେଷ କୌଣସି ଚୂନ ସୁରକୀ ମସଲାଦ୍ୱାରା ମନ୍ଦିର ପ୍ରସ୍ତରମାନ ସଂଯୁକ୍ତ ହୋଇ ନାହିଁ; କେବଳ ଚୂନ ସାହାଯ୍ୟରେ ଏକ ପ୍ରସ୍ତର ଉପରେ ଅନ୍ୟ ପ୍ରସ୍ତର ଘଷା ହୋଇ ବସିଅଛି । କିନ୍ତୁ ବର୍ତ୍ତମାନ ସେ ଚୂନର କୌଣସି ନିଦର୍ଶନ ଦେଖାଯାଏ ନାହିଁ । ଭୁବନେଶ୍ୱର ଦେଉଳ ନିର୍ମାଣରେ ରଙ୍ଗବାଲି ଓ ଅକର୍ମଶିଳା ପ୍ରସ୍ତରମାନ ବ୍ୟବହୃତ ହୋଇଅଛି । ଯେଉଁଠାରେ ମୂର୍ତ୍ତିପ୍ରଭୃତି ଖୋଦିତ ଓ ପ୍ରସ୍ତୁତ ହେବାର ଆବଶ୍ୟକତା ଘଟିଅଛି, ସେହି ସେହି ଠାରେ ମୁଗୁନିପଥର ବ୍ୟବହାରରେ ଲାଗିଅଛି ✠ । ମନ୍ଦିରର ଆପାଦମସ୍ତକ ଖୋଦିତ କହିଲେ ଅତ୍ୟୁକ୍ତି ହୁଅଇ ନାହିଁ । ବଡ଼ଦେଉଳର ବହିର୍ଦ୍ଦିଗର ତିନି ପାର୍ଶ୍ୱରେ ଗଣେଶ, କାର୍ତ୍ତିକ ଓ ଭଗବତୀଙ୍କର ଯେଉଁ ପ୍ରସ୍ତରଖୋଦିତ ମୂର୍ତ୍ତିତ୍ରୟ ସ୍ଥାପିତ ହୋଇଅଛି ଏବଂ ଦେଉଳ ମଧ୍ୟରେ ଓ ଶିଳାସମାନଙ୍କରେ ଯେଉଁ ମୁନି, ତପସ୍ୱୀ, ବିଦ୍ୟାଧ୍ୟାପକ, ସୈନ୍ୟ, ସାମନ୍ତ, ନର୍ତ୍ତକ, ନର୍ତ୍ତକୀ, ଗାୟକ, ବାଦକ, ହସ୍ତୀ, ଅଶ୍ୱ ପ୍ରଭୃତିର ପ୍ରତିମୂର୍ତ୍ତିମାନ ଓ ନାନାପ୍ରକାର ପୁଷ୍ପ, ଲତା, ଯୁଦ୍ଧାସ୍ତ୍ର, ବାଦ୍ୟଯନ୍ତ୍ର ଖୋଦିତ ହୋଇଅଛି ସେ ସବୁ ଦେଖିଲେ ଚମତ୍କୃତ ହେବାକୁ ହୁଏ ଏବଂ ଓଡ଼ିଶା ତ୍ୟାଗ କରି କେଉଁ ଦିଗକୁ ବର୍ତ୍ତମାନ ସେ ଶିଳ୍ପକାରମାନେ ପଳାୟନ କଲେ ଏହି କଥା ଚିନ୍ତା କରି ଚକ୍ଷୁ ଅଶ୍ରୁବିସର୍ଜ୍ଜନ କରେ । ଉଲ୍ଲିଖିତ ପ୍ରତିମୂର୍ତ୍ତିମାନ ଏପରି ପ୍ରକୃତଭାବରେ ଖୋଦିତ ହୋଇଅଛି ଯେ ବର୍ତ୍ତମାନ ସେ ସମସ୍ତ ଦେଖିଲେ, ଜୀବିତ ପ୍ରାଣିପୁଞ୍ଜ ଏବଂ ସ୍ୱର୍ଣ୍ଣରୌପ୍ୟର ଅଳଙ୍କାରଚୟ ଓ ଯୁଦ୍ଧ ଅସ୍ତ୍ରଶସ୍ତ୍ରାବଳୀ ଏବଂ ସଙ୍ଗୀତଯନ୍ତ୍ରମାନ ଅବିଶେଷ ହୋଇ ପ୍ରସ୍ତରୀଭୂତ ହୋଇଥିବା ପ୍ରାୟ ପ୍ରତ୍ୟକ୍ଷୀଭୂତ ହୁଅନ୍ତି । ଅନେକ ବଙ୍ଗୀୟ ପୁରାତତ୍ତ୍ୱବିତ୍ ଏ ସମସ୍ତ କାର୍ଯ୍ୟ ପରୀକ୍ଷା କରି ଏହି ଉପସଂହାରରେ ଉପସ୍ଥିତ ହୋଇଅଛନ୍ତି ଯେ ଭୁବନେଶ୍ୱରସ୍ଥ ଭିନ୍ନ ଭିନ୍ନ ମନ୍ଦିରର ଉତ୍କଳବାସୀଙ୍କଖୋଦିତ ପ୍ରତିମୂର୍ତ୍ତିମାନ କୌଣସି କୌଣସି ବିଷୟରେ ଗ୍ରୀସ୍, ରୋମ, ମିସର, ବାବିଲୋନ ପ୍ରଭୃତି ଅନ୍ୟାନ୍ୟ ସ୍ଥାନମାନଙ୍କର ଖୋଦିତ ପ୍ରତିମୂର୍ତ୍ତିଚୟ ଅପେକ୍ଷା ଉତ୍କୃଷ୍ଟତର । ଭୁବନେଶ୍ୱରଦେଉଳ ଉତ୍କଳଦେଶର ପଞ୍ଚମ, ଷଷ୍ଠ ଓ ସପ୍ତମ ଶତାବ୍ଦୀର ଉନ୍ନତ

---

* ଢାଲରେ ଓ ଅନ୍ୟାନ୍ୟ କୌଣସି କୌଣସି ଗଡ଼ଜାତ ସମ୍ଭବତଃ ଲୌହ ପ୍ରଦାନ କରୁଥିଲା ।

✠ ମୁଗୁନିପଥର ସମ୍ଭବତଃ ନୀଳଗିରି ଗଡ଼ରୁ ଆନୀତ ହୋଇଥିଲା ।

Digitized by srujanika@gmail.com

ସାମାଜିକ ଅବସ୍ଥାର ସୁନ୍ଦର ପରିଚାୟକ ଅଟେ । ସ୍ଥାନାନ୍ତରେ ଏ ବିଷୟର ଆଲୋଚନା ହେବ ।

ଭୁବନେଶ୍ୱର ଶିବୋପାସନା—ଏହି ସ୍ଥଳରେ ଦେଖାଯାଉ କେଉଁ ବିଧିରେ ଶିବୋପାସନା ସ୍ଥାପିତ ହୋଇଅଛି । ଓଡ଼ିଶାରେ ଯେଉଁବେଳେ ଶିବୋପାସନା ପ୍ରଥମ ପ୍ରଚଳିତ ହେଲା, ସେତେବେଳେ ଏ ପ୍ରଦେଶରେ ବୌଦ୍ଧଧର୍ମର ପ୍ରଭାବ ଅତି ପ୍ରବଳ ଥିଲା । ଭାରତବର୍ଷର ସମସ୍ତ ଶୈବଙ୍କର ବୌଦ୍ଧଧର୍ମକୁ ପରାଭବ କରିବା ଏକମାତ୍ର ମୁଖ୍ୟଉଦ୍ଦେଶ୍ୟ ହୋଇଥିଲା । ଯେପରିକି ଏଥି ପୂର୍ବରେ ପ୍ରଦର୍ଶିତ ହୋଇଅଛି, ବ୍ରାହ୍ମଣମାନେ ନାନା କୌଶଳ ଅବଲମ୍ବନ କରିଥିଲେ । ଶୈବବ୍ରାହ୍ମଣଙ୍କର ନେତା ଶଙ୍କରାଚାର୍ଯ୍ୟ ଶିବୋପାସକ ଥିଲେ ସୁଦ୍ଧା ( ସମ୍ଭବତଃ ବୌଦ୍ଧଙ୍କୁ ଦମନ କରଣାର୍ଥ ) ଏକପ୍ରକାର ଏକେଶ୍ୱରବାଦ ପ୍ରଚାର କରିଥିଲେ * । ଇତିପୂର୍ବେ କଥିତ ହୋଇଅଛି ଯେ ଅହିଂସାବାଦ ବୌଦ୍ଧଧର୍ମର ମୂଳଭିତ୍ତି ଥିଲା । ହିନ୍ଦୁଙ୍କର ବୈଷ୍ଣବଧର୍ମରେ ସୁଦ୍ଧା ସେହିପରି ଜୀବହିଂସା ନିଷିଦ୍ଧ । ସୁତରାଂ ଶିବୋପାସକମାନେ ଓଡ଼ିଶା ବୌଦ୍ଧଙ୍କ ମତ ଫେରାଇବା ସକାଶେ ଭୁବନେଶ୍ୱରଠାରେ ଲିଙ୍ଗରାଜଙ୍କର ଉପାସନା ଅହିଂସାବାଦୀ ବୈଷ୍ଣବଧର୍ମର ବୀଜମନ୍ତ୍ରରେ ପ୍ରଚଳିତ କଲେ । ଅଦ୍ୟାପି ସେହି ବୈଷ୍ଣବ ବୀଜମନ୍ତ୍ରରେ ଭୁବନେଶ୍ୱରଠାରେ ଭୋଗଦାନ କାର୍ଯ୍ୟ ସମ୍ପନ୍ନ ହେଉଅଛି । କେହି କେହି ଶିବୋପାସନାକୁ ଅନାର୍ଯ୍ୟ ଉପାସନା ବୋଲି ଅନୁମାନ କରନ୍ତି, କିନ୍ତୁ ପ୍ରକୃତତଃ ଏହା ଯେ ଆର୍ଯ୍ୟ ଉପାସନା ଏ ବିଷୟ ସନ୍ତୋଷଜନକରୂପେ ସପ୍ରମାଣ ହୋଇଅଛି ।

ଚୀନପର୍ଯ୍ୟଟକ—ଲଲାଟେନ୍ଦୁଙ୍କ ରାଜତ୍ୱ ସମୟରେ ଓଡ଼ିଶା ହୁଏନ୍‌ସାଂ ନାମକ ଜନୈକ ଚୀନପରିବ୍ରାଜକଙ୍କଦ୍ୱାରା ପରିଦର୍ଶିତ ହୋଇଥିଲା । ତାଙ୍କ ଭ୍ରମଣବୃତ୍ତାନ୍ତ ପାଠ କଲେ ଜଣାଯାଏ ଯେ ତାଙ୍କ ସମୟରେ ସୁଦ୍ଧା ବୌଦ୍ଧଧର୍ମର ପ୍ରାଦୁର୍ଭାବ ଓଡ଼ିଶାରେ ବିଦ୍ୟମାନ ଥିଲା । ସେ ଲେଖିଅଛନ୍ତି ବିଧର୍ମୀ (ବ୍ରାହ୍ମଣ) ଓ ବୌଦ୍ଧମାନେ ଏ ପ୍ରଦେଶରେ ମିଶାମିଶି ହୋଇ ବାସ କରୁଥିଲେ । ସେତେବେଳେ ସନ୍ନ୍ୟାସୀମାନଙ୍କର (ବୌଦ୍ଧଙ୍କର) ପ୍ରାୟ ଏକଶତ ଆଶ୍ରମ ଓ ସେମାନଙ୍କର ସଂଖ୍ୟା ପ୍ରାୟ ଦଶସହସ୍ର ଥିଲା । ଅଧିକର ମଧ୍ୟ ସେ ଲେଖିଅଛନ୍ତି ଯେ ତାଙ୍କ

* ଶଙ୍କରାଚାର୍ଯ୍ୟଙ୍କର ଗୋଟିଏ ମଠ ଭୁବନେଶ୍ୱର ଓ ଆଉ ଗୋଟିଏ ମଠ ପୁରୀରେ ଅଛି । ପୁରୀ ମଠରେ ଅନେକ ସଂସ୍କୃତ ଗ୍ରନ୍ଥମାନ ସ୍ଥାପିତ ଅଛି । ଶଙ୍କର ବିଦ୍ୟାନୁରାଗୀ ଥିଲେ; ତାଙ୍କର ଶିଷ୍ୟ ଭଟ୍ଟାଚାର୍ଯ୍ୟ ଓଡ଼ିଶାକୁ ଆସି ତାଙ୍କର ମତ ପ୍ରଚାର କରିଥିଲେ ଓ ସେହି ମତର କେତେକ ଲୋକେ ଅନୁଗାମୀ ହୋଇଥିଲେ ।

Digitized by srujanika@gmail.com

ସମୟରେ ଚିଲିକାହ୍ରଦ ଓଡ଼ିଶାର ଏକ ପ୍ରଧାନ ବନ୍ଦର ଥିଲା ଓ ଚିଲିକା ଦେଇ ଦେଶ ବିଦେଶକୁ ଅର୍ଣ୍ଣବପୋତ ଯାତାୟାତ କରୁଥିଲା ।

କେଶରୀବଂଶୀୟ ଶେଷ ଗୃହଶତ୍ରଣ ରାଜା—ଲଲାଟେନ୍ଦ୍ରଙ୍କ ଉତ୍ତାରୁ ଅନ୍ୟ ଗୃହଶତ୍ରଣ କେଶରୀବଂଶୀୟ ଅପ୍ରସିଦ୍ଧ ଭୂପତି ଓଡ଼ିଶା ସିଂହାସନ ଆରୋହଣ କରିଥିଲେ । ସେମାନଙ୍କ ନାମର ନିର୍ଘଣ୍ଟ ପରିଶିଷ୍ଟରେ ପ୍ରକାଶିତ ହେବ । ସେମାନଙ୍କ ରାଜତ୍ୱ ସମୟରେ ବିଶେଷ କୌଣସି ଘଟନା ଘଟିଥିବାର ଲିଖିତ ନାହିଁ । କେବଳ ସେମାନଙ୍କ ମଧ୍ୟରୁ ଜଣକେତେ ନୃପତିଙ୍କର ସାଧାରଣ କାର୍ଯ୍ୟ ବିଷୟରେ ଏହିପରି ବର୍ଣ୍ଣିତ ଅଛି ଯେ, କୁଣ୍ଡଳକେଶରୀ (୮୧୧-୮୨୯) ପୁରୀ ନଗରସ୍ଥ ମାର୍କଣ୍ଡେଶ୍ୱର ଦେଉଳ ନିର୍ମାଣ କରିଥିଲେ; ସମରପ୍ରିୟ ରାଜା ନୃପକେଶରୀଙ୍କଦ୍ୱାରା (୯୪୧-୯୫୩) କଟକ ନଗର ସଂସ୍ଥାପିତ ହୋଇଥିଲା; ମର୍କଟ ବା ମର୍କଟକେଶରୀ (୯୫୩-୯୬୧) କଟକର ଉତ୍ତର ପଶ୍ଚିମ ଓ ଦକ୍ଷିଣସ୍ଥିତ ମହାନଦୀ ଓ କାଠଯୋଡ଼ି କୂଳେ କୂଳେ ପଥରବନ୍ଧ ପ୍ରସ୍ତୁତ କରାଇଥିଲେ; କଟକର ଦକ୍ଷିଣବର୍ତ୍ତୀ ସାରଙ୍ଗଗଡ଼ ପାଟଣା ମହାଦେବକେଶରୀଙ୍କଦ୍ୱାରା (୯୬୧-୯୮୯) ନିର୍ମିତ ହୋଇଥିଲା; ମତ୍ସ୍ୟକେଶରୀ (୧୦୩୪-୧୦୫୦) ପୁରୀ ଅଠରନଳା ପୋଲ ବନ୍ଧାଇଥିଲେ । ଅଧିକନ୍ତୁ କଥିତ ଅଛି ସାଲିନୀକେଶରୀଙ୍କ ରାଣୀ (୧୦୯୯—୧୧୦୪) ଭୁବନେଶ୍ୱର ଦେଉଳର ନାଟମନ୍ଦିର, ପ୍ରସ୍ତୁତ କରାଇ ଦେଇଥିଲେ । କେଶରୀବଂଶସମ୍ଭୂତ ଉଦ୍ୟୋତକେଶରୀ ନାମକ ଜଣକର ମାତା ଭୁବନେଶ୍ୱରର ମୁଖଶାଳା ଦେଉଳ ନିର୍ମାଣ କରାଇଥିବାର 'ଭୁବନେଶ୍ୱରମନ୍ଦିରସ୍ଥ ଏକ ଟଙ୍କୋତ୍କୀର୍ଣ୍ଣ ଲିପିରୁ ପ୍ରକାଶିତ ହୋଇଅଛି ।

ପାଲବଂଶୀୟ ରାଜାମାନେ (୭୦୦-୯୦୦) ଦୁଇଶ ବର୍ଷ କାଳ ବଙ୍ଗଦେଶରେ ପ୍ରଭୂତ କ୍ଷମତା ବିସ୍ତାର କରି ରାଜତ୍ୱ କରିଥିଲେ । ସେମାନେ ସମସ୍ତେ ବୌଦ୍ଧଧର୍ମାବଲମ୍ବୀ ଥିଲେ । କଥିତ ଅଛି ସେମାନଙ୍କ ମଧ୍ୟରୁ ବିଶାଳକ୍ଷମତାଶାଳୀ ଦେବପାଲ ଓ ମହୀପାଲ ନାମକ ଦୁଇ ରାଜା ସେମାନଙ୍କ ସମକାଳୀନ ଓଡ଼ିଶାର ରାଜାଙ୍କୁ ନିକଟ ନିଜ ଅଧୀନତା ସ୍ୱୀକାର କରାଇଥିଲେ ।

ବଙ୍ଗଦେଶର ସେନବଂଶୀୟ ଆଦିରାଜା ଶୂରସେନ ବା ଆଦିଶୂର ଯେ କି ୯୬୪ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ, ବଙ୍ଗଦେଶରେ ଶାସ୍ତ୍ରଜ୍ଞ ଓ ବେଦବେଦାଙ୍ଗକୁଶଳ ବ୍ରାହ୍ମଣମାନଙ୍କର ଅଭାବ ଦେଖି ପ୍ରଥମେ ଓଡ଼ିଶାରୁ ବୈଦିକ ବ୍ରାହ୍ମଣମାନଙ୍କୁ ନିମନ୍ତ୍ରଣ କରି ନେଇ ଗଲେ, କିନ୍ତୁ ଓଡ଼ିଶାରୁ ନିମନ୍ତ୍ରିତ ହୋଇ ଯାଇଥିବା ବ୍ରାହ୍ମଣମାନେ ବଙ୍ଗାଧିପଙ୍କର ମନୋଗତ ନ ହେବାରୁ ପୁଣି କାନ୍ୟକୁବ୍‌ଜରୁ ସେ ପାଞ୍ଚଜଣ ବ୍ରାହ୍ମଣ ନିମନ୍ତ୍ରଣ କରି ଅଣାଇଲେ । ଓଡ଼ିଶା

Digitized by srujanika@gmail.com

ବ୍ରାହ୍ମଣମାନେ ବଙ୍ଗଦେଶରେ ଉପନିବେଶ ସଂସ୍ଥାପନ କରି ରହିଲେ । ଅଦ୍ୟାପି ଉତ୍କଳବ୍ରାହ୍ମଣଙ୍କର ସନ୍ତାନ ସନ୍ତତି ବଙ୍ଗଦେଶରେ ବାସ କରୁଅଛନ୍ତି । ଅଗ୍ରର ରୀତି ନୀତି ସମସ୍ତ ବଙ୍ଗୀୟ ଭାବକୁ ଧାରଣ କରିଅଛି । କେହି କେହି ସେମାନଙ୍କର ପୂର୍ବପୁରୁଷ ଯେ ଓଡ଼ିଶାରୁ ଯାଇଥିଲେ ଏ କଥାକୁ ସ୍ୱପ୍ନ ପ୍ରାୟ ବିଶ୍ୱାସ କରନ୍ତି ।

ଉକ୍ତ ସେନବଂଶୀୟ ଲକ୍ଷ୍ମଣସେନ ନାମକ ଅନ୍ୟତର ଏକ ରାଜା (୧୧୦୦-୧୧୬୧) ପୁରୀଠାରେ ଜୟସ୍ତମ୍ଭ ସଂସ୍ଥାପିତ କରିଥିବାର କୌଣସି ବଙ୍ଗୀୟ ଅନୁଶାସନପତ୍ରରୁ ପ୍ରକାଶ ପାଇଅଛି, ମଧ୍ୟ କେଶରୀବଂଶୀୟ ରାଜାମାନେ ତେତେବେଳକୁ ଯେପରି ଦୁର୍ବଳ ହୋଇଥିଲେ ସେଥିରେ ଜଣେକ ବଙ୍ଗୀୟ ପରାକ୍ରମଶାଳୀ ନୃପତିଙ୍କର ଓଡ଼ିଶାରେ ଜୟସ୍ତମ୍ଭ ସ୍ଥାପନ କରିଥିବାର ଆଶ୍ଚର୍ଯ୍ୟ ବୋଲି ପ୍ରତୀୟମାନ ହେଉ ନାହିଁ ।

କେଶରୀବଂଶ ଲୋପ—ସୁବର୍ଣ୍ଣକେଶରୀ କେଶରୀବଂଶର ଶେଷ ରାଜା ଥିଲେ । ତାଙ୍କର ସନ୍ତାନ ସନ୍ତତି ନ ଥିଲା । ଦକ୍ଷିଣ ଦେଶରୁ ଚୋରଗଙ୍ଗ ନାମକ ଜଣେ ନୃପତି ଓଡ଼ିଶା ଆକ୍ରମଣ କରି ୧୧୩୨ ଖ୍ରୀଷ୍ଟାବ୍ଦରେ ତାଙ୍କୁ ପରାସ୍ତ କଲେ ଓ ସେହି ପରାଭବ ସଙ୍ଗେ ସଙ୍ଗେ ଓଡ଼ିଶାରୁ କେଶରୀବଂଶୀୟ ରାଜପଣ ଲୋପପ୍ରାପ୍ତ ହେଲା । ବଂଶାବଳୀ ଗ୍ରନ୍ଥରେ ଲିଖିତ ଅଛି ଯେ ବାସୁଦେବ ନାମକ ଏକ ବ୍ୟକ୍ତି ରାଜାଙ୍କ କର୍ତ୍ତୃକ ଅପମାନିତ ଓ ନିର୍ବାସିତ ହୋଇ କର୍ଣ୍ଣାଟଦେଶୀୟ ଚୋରଗଙ୍ଗାକୁ ଓଡ଼ିଶାଆକ୍ରମଣାର୍ଥ ଉତ୍ତେଜିତ କରିଥିଲେ । ପୁଣି ରାଜଚରିତ ଗ୍ରନ୍ଥରେ ବର୍ଣ୍ଣିତ ଅଛି ଯେ ରାଜା ନିଃସନ୍ତାନ ହେବାରୁ ଉକ୍ତ ବାସୁଦେବ ଦକ୍ଷିଣଦେଶରୁ ଜଣେ ରାଜାକୁ ଆହ୍ୱାନ କରି ଆଣି ସିଂହାସନରେ ବସାଇଥିଲେ । କିନ୍ତୁ ଆମ୍ଭମାନଙ୍କୁ ଏ ଉଭୟ ବର୍ଣ୍ଣନା ଅଳୀକ ଓ କାଳ୍ପନିକ ବୋଧ ହେଉଅଛି, ତେବେ ଏ ବର୍ଣ୍ଣନାଦ୍ୱୟରେ ଏହି ପର୍ଯ୍ୟନ୍ତ ସତ୍ୟ ନିହିତ ଥିବାର ବୋଧ ହୁଏ ଯେ, କେଶରୀବଂଶୀୟ ରାଜତ୍ୱର ପରିସମାପ୍ତି ଉତ୍ତାରୁ ଦକ୍ଷିଣଦେଶର କୌଣସି ରାଜା ଆସି ଓଡ଼ିଶା ସିଂହାସନରେ ଆରୂଢ଼ ହୋଇଥିଲେ ।

ଦେଶଶାସନ—ଯଯାତିକେଶରୀ ପ୍ରଥମେ ଗୁପ୍ତବଂଶୀୟ ରାଜାଙ୍କର ଅଧୀନସ୍ଥ କର୍ମଚାରୀ ଥିଲେ । ତାଙ୍କ ଶାସନର କାର୍ଯ୍ୟକଳାପରୁ ପ୍ରତୀୟମାନ ହୁଏ ଯେ ଅବଶେଷକୁ ସେ ସ୍ୱାଧୀନ ହୋଇଥିଲେ । କେଶରୀବଂଶୀୟ ରାଜାମାନେ ସାର୍ଦ୍ଧଷଷ୍ଠଶତ ବର୍ଷ ଓଡ଼ିଶାରେ ରାଜତ୍ୱ କରିଥିଲେ । ସେମାନଙ୍କ ରାଜ୍ୟ ଉଦରଖିର କେତେକ କୋଶ ଉତ୍ତରବର୍ତ୍ତୀ କାଁଶବାଁଶ ନଦୀଠାରୁ ଦକ୍ଷିଣରେ ଋଷିକୁଲ୍ୟା ନଦୀ ପର୍ଯ୍ୟନ୍ତ ଓ ପୂର୍ବରେ ସାଗରତୀରରୁ ପଶ୍ଚିମରେ ଢେଙ୍କାନାଳ ପର୍ଯ୍ୟନ୍ତ ବିସ୍ତୃତ ଥିଲା । ଏହି ପ୍ରଦେଶର ପରିମାଣଫଳ ବର୍ତ୍ତମାନ ପ୍ରାୟ ୧୦୦୦୦ ବର୍ଗମାଇଲ

Digitized by srujanika@gmail.com

ଅଛନ୍ତି । ଏଥିରୁ କେଶରୀବଂଶୀୟ ରାଜାମାନେ ୧୫ ଲକ୍ଷ ମାତ୍ର ସ୍ୱର୍ଣ୍ଣମୁଦ୍ରା ରାଜସ୍ୱ ପାଉଥିବାର କଥିତ ଅଛି । ସେମାନେ ଆପଣା ପକ୍ଷରୁ କର୍ମଚାରୀ ନିଯୁକ୍ତ କରି ପ୍ରଜାଙ୍କଠାରୁ ରାଜସ୍ୱ ଅଦାୟ କରୁଥିଲେ । କର୍ମଚାରୀମାନେ ବେତନସ୍ୱରୂପ ଭୂମି ଜାଗିରି ପାଉଥିଲେ । ସାଧାରଣ ପ୍ରଜାଙ୍କ ମଧ୍ୟରେ କଉଡ଼ି ଅର୍ଥ ବିନିମୟର ପ୍ରଧାନ ଉପାୟ ଥିଲା । ଯେତେ ଟଙ୍କା ଆୟ ହେଉଥିଲା, ସେଥିରୁ ରାଜାଙ୍କର ନିଜ ବ୍ୟୟ ଯାଇ ଉଦ୍‌ବୃତ୍ତ ମୁଦ୍ରା ମନ୍ଦିରଉତ୍ତୋଳନ ଓ ଅନ୍ୟାନ୍ୟ ସାଧାରଣ କାର୍ଯ୍ୟରେ ବ୍ୟୟିତ ହେଉଥିଲା । ସେଥିଦ୍ୱାରା ଦେଶୀୟ ଲୋକେ ସୁଦ୍ଧା କେତେକ ପରିମାଣରେ ଲାଭବାନ୍ ହେଉଥିଲେ ।

କେଶରୀବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ କୌଣସି ପ୍ରକାର ବିଶେଷ ଯୁଦ୍ଧ ବିଗ୍ରହାଦି ଘଟି ନ ଥିଲା । ସେମାନଙ୍କ ରାଜତ୍ୱର ଶେଷ ଭାଗରୁ କୌଣସି କୌଣସି ବିଦେଶୀୟ ରାଜା ଓଡ଼ିଶାରେ ଜୟସ୍ତମ୍ଭ ସ୍ଥାପିତ କରିଥିବାର ଅବା କୌଣସି କୌଣସି ଓଡ଼ିଶା ରାଜାଙ୍କୁ ଅଧୀନତା ସ୍ୱୀକାର କରାଇ ଥିବାର ବିଦେଶୀୟ ଇତିବୃତ୍ତମାନଙ୍କରେ ବର୍ଣ୍ଣିତ ଅଛି; କିନ୍ତୁ ସେ ସବୁରେ ଓଡ଼ିଶା ଶୋଣିତବାହୀ ମହାଯୁଦ୍ଧର ରଙ୍ଗଭୂମି ହୋଇ ନ ଥିଲା; ଅଥବା କୌଣସି କେଶରୀରାଜାଙ୍କୁ ବିଶେଷ ସମରଚାତୁର୍ଯ୍ୟ ପ୍ରକାଶ କରିବାକୁ ପଡ଼ି ନ ଥିଲା । କେଶରୀବଂଶୀୟ ରାଜାମାନେ ଏକପ୍ରକାର ଶାନ୍ତି ଭୋଗ କରି ଶାସନକାର୍ଯ୍ୟ ଚଳାଇଥିଲେ । ମନ୍ଦିର, ରାଜପ୍ରାସାଦ କି ଘାଟ ନିର୍ମାଣ, ପୁଷ୍କରିଣୀ ଖନନ ଅଥବା ମନୋରମ ସ୍ଥାନ ଦେଖି ରାଜଧାନୀ ସ୍ଥାପନ କରିବା ଓ ଅଟ୍ଟାଳିକା ତୋଳିବା ସେମାନଙ୍କ ଚିତ୍ତକୁ ଅଧିକାଂଶ ଆକର୍ଷଣ କରିଥିଲା । ବୌଦ୍ଧଧର୍ମ ବିନାଶ ଓ ଶୈବଧର୍ମର ଗୌରବବିସ୍ତାର ସେମାନଙ୍କ ଶାସନର ଉଦ୍ଦେଶ୍ୟ ଓ ଚିନ୍ତାର ଅନ୍ୟତର ବିଷୟ ଥିଲା ।

କେଶରୀବଂଶୀୟ ରାଜାଙ୍କର ଯାଜପୁର ପ୍ରଥମେ ରାଜଧାନୀ ହୋଇଥିଲା ଭୁବନେଶ୍ୱର ଓ ଅବଶେଷରେ ଦଶମ ଶତାବ୍ଦୀରେ କଟକ କେଶରୀବଂଶୀୟ ରାଜାଙ୍କ ରାଜଧାନୀରୂପେ ପରିଣତ ହୋଇଥିଲା । ଯାଜପୁର ଓ କଟକ ଏ ଦୁଇ ରାଜଧାନୀ ଉଭୟ ପାର୍ଶ୍ୱରେ ନଦୀଦ୍ୱାରା ବେଷ୍ଟିତ । ସ୍ଥାନର ସୌନ୍ଦର୍ଯ୍ୟ ଓ ନିରାପଦ ଅବସ୍ଥିତି ଏହି ଦୁଇ ସ୍ଥାନରେ କେଶରୀବଂଶୀୟ ରାଜାମାନଙ୍କୁ ରାଜଧାନୀ ସ୍ଥାପନ କରିବା ସକାଶେ ପ୍ରବର୍ତ୍ତାଇଥିଲା । ପୁଣି ନଦୀର ଆକ୍ରମଣରୁ ଏ ନଗରମାନଙ୍କୁ ରକ୍ଷା କରିବାପାଇଁ ପଥରବନ୍ଧର ଆବଶ୍ୟକତା ହୋଇଥିଲା । ସୁତରାଂ ଯାଜପୁର ନିକଟବର୍ତ୍ତୀ ବୈତରଣୀ ନଦୀର ଏକ ପାର୍ଶ୍ୱରେ ଓ କଟକକୁ ବେଷ୍ଟନ କରି କାଠଯୋଡ଼ି ଓ ମହାନଦୀ କୂଳରେ ବର୍ତ୍ତମାନ କେଶରୀବଂଶୀୟ ରାଜାଏ ବନ୍ଧାଇ-

Digitized by srujanika@gmail.com

ଥିଲେ । ବର୍ତ୍ତମାନ ମହାନଦୀ କୂଳରେ ଯେଉଁ ମାକଡ଼ାପଥରର ବନ୍ଧ ଦେଖାଯାଏ ତାହା ଅତି ପୁରାକାଳର କେଶରୀବଂଶୀୟ ରାଜାଙ୍କ ସମୟର ବନ୍ଧ ଅଟଇ । କାଠଯୋଡ଼ୀ କୂଳରେ ପୁରୁଣାବନ୍ଧ ସଂସ୍କୃତ ହୋଇ ମରହଟ୍ଟା ଓ କମ୍ପୁଦଂଶ ଇଂରାଜଙ୍କକୃତ ବନ୍ଧ ବର୍ତ୍ତମାନ ଦୃଷ୍ଟିଗୋଚର ହୁଅଇ । ପୂର୍ବ ଉତ୍ତରବର୍ତ୍ତୀ ଅଠରନଳା ସେତୁ କେଶରୀବଂଶୀୟ ରାଜାଙ୍କ ସମୟରୁ ନିର୍ମିତ ହୋଇ ଅଦ୍ୟାପି ଦୃଢ଼ରୂପେ ସଂସ୍ଥିତ ଅଛି । ଆଧୁନିକ ଶିଳଣୀୟୁକ୍ତ ସେତୁ ଅପେକ୍ଷା ଏଥିର କାର୍ଯ୍ୟ ସୁବିଜ୍ଞ ଇଂରାଜମାନେ ସୁଦ୍ଧା କୌଣସି କୌଣସି ଅଂଶରେ ଦୃଢ଼ତର ଥିବାର ସ୍ୱୀକାର କରଅଛନ୍ତି । ପୂର୍ବେ ଓଡ଼ିଶା ଶିଳ୍ପକାରକେ ଖିଳଣକାର୍ଯ୍ୟରୁ ଅଜ୍ଞାତ ଥିବାର ଏଥିପୂର୍ବରେ ଲିଖିତ ହୋଇଅଛି । ଏଣୁକରି ଅଠରନଳା ସେତୁନିର୍ମାଣ-କାର୍ଯ୍ୟ ଅନ୍ୟାନ୍ୟ ଖିଳଣକାର୍ଯ୍ୟ ପରି ଓଲଟା ନିଶୁଣି ଗଢ଼ି ହେଲା ପ୍ରାୟ ପଥର ଉପରେ ପଥର ବସି କ୍ରମନିକଟବର୍ତ୍ତୀ ହୋଇ ଓ ସର୍ବୋପରି ଆଡଣୀ ପଥର ଦିଆଯାଇ ପ୍ରସ୍ତୁତ ହୋଇଅଛି । ଅଠରନଳାର ଦୈର୍ଘ୍ୟ ପ୍ରାୟ ୨୯୦, ଉଚ୍ଚତା ୧୮ ଓ ପ୍ରସ୍ଥ ପ୍ରାୟ ୧୪ ଫୁଟ ହେବ । କେଶରୀବଂଶୀୟ ରାଜାଙ୍କ ସମୟରେ ନିର୍ମିତ ଆଉ ଗୋଟିଏ ଅଠରନଳା ସେତୁ ଯାଜପୁରଠାରେ ଅଦ୍ୟାପି ବିଦ୍ୟମାନ ଅଛି । ମନ୍ଦିର ଓ ଅସଂଖ୍ୟ ପୁଷ୍କରିଣୀମାନଙ୍କର ଉପକାରିତା ସମସ୍ତେ ସ୍ୱୀକାର କରିଅଛନ୍ତି; ମଧ୍ୟ ଉକ୍ତ ଓ ଅନ୍ୟ ସେତୁମାନ ମନ୍ଦିର ଓ ପୁଷ୍କରିଣୀଚୟ ଅପେକ୍ଷା ଉଣା ହିତକର କାର୍ଯ୍ୟ ନୁହେ । ଭୁବନେଶ୍ୱର ଓ ଅନ୍ୟାନ୍ୟ ସ୍ଥାନମାନଙ୍କ ନିକଟ ଜିଲ୍ଲାରେ ଅପ୍ରାପ୍ୟ ଥିବା ମୁଗୁନିପଥର ଓ ଅନ୍ୟ କୌଣସି କୌଣସି ପଦାର୍ଥ ଦୂର ଦେଶରୁ ଆଣିବାକୁ ହୋଇଥିବ । ସେଥି ସକାଶେ ବର୍ତ୍ମମାନ ପ୍ରସ୍ତୁତ ହୋଇଥିବାର ଅନୁମିତ ହେଉଅଛି । ବିଶେଷତଃ ବର୍ତ୍ମ ପ୍ରସ୍ତୁତ କରିବା କେଶରୀବଂଶୀୟ ରାଜାମାନଙ୍କର ରୁଚି ଅସଙ୍ଗତ ନ ଥିଲା । ଯେହେତୁ ଲଲାଟେନ୍ଦ୍ରକେଶରୀ ଭୁବନେଶ୍ୱରଠାରେ ବର୍ତ୍ମମାନ ପ୍ରସ୍ତୁତ କରିଥିବାର କଥିତ ହୋଇଅଛି । ଅଧିକରି ସୁଦ୍ଧା ଏ କଥା କହିବା ବାହୁଲ୍ୟ ଯେ ଯେଉଁ ରାଜାମାନେ ଲୋକଙ୍କର ଅଭାବ ବୁଝି ସେତୁ ପ୍ରସ୍ତୁତ କରୁଥିଲେ, ସେମାନେ ଆପଣାର ଓ ପ୍ରଜାସାଧାରଣଙ୍କର ସୁବିଧାର୍ଥ ପଥମାନ ଯେ ପ୍ରସ୍ତୁତ କରି ନ ଥିବେ ଏହା ଅତି ଆଶ୍ଚର୍ଯ୍ୟର ବିଷୟ ।

ଲୋକଙ୍କର ଅବସ୍ଥା—ଭୁବନେଶ୍ୱରସ୍ଥ ଦେଉଳମାନଙ୍କରେ ଖୋଦିତ ମନୁଷ୍ୟ ପ୍ରସ୍ତରମୂର୍ତ୍ତିଚୟର ସଂଖ୍ୟା ଗଣନା କଲେ ସେମାନ ପ୍ରାୟ ଦୁଇ ତିନି ସହସ୍ରକ ତଦପେକ୍ଷା ଅଧିକ ହେବ । ଏହି ପ୍ରସ୍ତରମୂର୍ତ୍ତିମାନ ଓଡ଼ିଶାର ପଞ୍ଚମ, ଷଷ୍ଠ ଓ ସପ୍ତମ ଶତାବ୍ଦୀର ଦେଶୀୟ ଲୋକଙ୍କର ଅବସ୍ଥାର ପରିଚାୟକ ବୋଲି ଇତିପୂର୍ବେ କଥିତ ହୋଇଅଛି । ପ୍ରକୃତତଃ ଉକ୍ତ ଶତାବ୍ଦୀତ୍ରୟର ଏବଂ ତତ୍ପୂର୍ବ ଓ ପରବର୍ତ୍ତୀ

Digitized by srujanika@gmail.com

ସମୟର ଲୋକଙ୍କ ଅବସ୍ଥାର ଇତିହାସ ଜାଣିବା ପକ୍ଷରେ ଏହି ପ୍ରତିମୂର୍ତ୍ତିମାନ ବିଶେଷ ସାହାଯ୍ୟକାରୀ ଅଟଇ ।

ଭୁବନେଶ୍ୱରସ୍ଥ ଦେଉଳମାନଙ୍କରେ ଦୀର୍ଘଶ୍ମଶ୍ରୁବିଶିଷ୍ଟ, ଜଟିତ ଜଟା ଓ କୌପିନଧାରୀ, ମାଳା ପଇତା ବିବର୍ଜିତ ଉଲଙ୍ଗ ଅଙ୍ଗଯୁକ୍ତ ପ୍ରଶାନ୍ତ ଓ ଗମ୍ଭୀର-ଚେତା ଯୋଗିଙ୍କର ପ୍ରତିମୂର୍ତ୍ତିଯେ ସ୍ଥାନସ୍ଥାନରେ ନୟନର ପ୍ରୀତିବର୍ଦ୍ଧନ କରେ । ଏମାନ ସମ୍ଭବତଃ ବୌଦ୍ଧ ଯୋଗିଙ୍କର ପ୍ରତିକୃତି । ଏହି ଭାବରେ ବୌଦ୍ଧମାନେ କେହି କେହି ମନ୍ଦିର ଗଠିତ ହେବା ପୂର୍ବରେ ଓ ହେବା ସମୟରେ ଯୋଗାଭ୍ୟାସ କରୁଥିବା ପ୍ରାୟ ବୋଧ ହୁଅଇ ।

ଚପକାନ ପରି ସୂଚି ନିର୍ମିତ ଅଙ୍ଗାଚ୍ଛାଦନ ରାଜା, ରାଜପୁତ୍ର ଓ ମୂର୍ବକାଳର ସମ୍ଭ୍ରାନ୍ତ ଓଡ଼ିଶାବାସିଙ୍କର ପୂର୍ଣ୍ଣ ପୋଷାକର ସମ୍ଭବତଃ ଏକ ଅଂଶ ଥିଲା । ସ୍ୟୁତ ଅଙ୍ଗାଚ୍ଛାଦନ ଏବଂ ପାଇଜାମା ଓ କୋଟିଅ ପରି ସ୍ୟୁତ ବସ୍ତ୍ରମାନ ପୂର୍ବେ ଓଡ଼ିଶା-ବାସିଏ ଯେ ବ୍ୟବହାର କରୁଥିଲେ, ଅନେକ ଖୋଦିତ ପ୍ରତିମୂର୍ତ୍ତିର ପରିଧେୟ ବସ୍ତ୍ରରୁ ଏ କଥା ସ୍ପଷ୍ଟ ସପ୍ରମାଣ ହେଉଅଛି । ମଧ୍ୟ ଉତ୍ତର ଭାରତବର୍ଷରେ ଅତି ପ୍ରାଚୀନକାଳରୁ ସୂଚିକ (ଦରଜୀ) ହୋଇ ଏକ ଶ୍ରେଣୀ ବନ୍ଦ୍ୟମାନ ଥିବାର ଓ ନାନା ପ୍ରକାର ସ୍ୟୁତବସ୍ତ୍ରମାନ ପ୍ରଚଳିତ ଥିବାର ପୁରାତନ ଗ୍ରନ୍ଥମାନ ପାଠ କଲେ ଜଣାଯାଏ । ଅଳକାଲି ପରି ସପ୍ତମଶତାବ୍ଦୀର ପୁରୁଷମାନେ ଧୋତି, ବେଢ଼ଣ ଓ ସ୍ତ୍ରୀମାନେ ଶାଢ଼ୀ ବ୍ୟବହାର କରୁଥିଲେ । ମୂଲିଆ ଓ ଦୈନିକ ନୀଚବ୍ୟବସାୟି-ମାନେ ଅଣ୍ଟୁ ଉପରେ ଏକପ୍ରକାର ଲୁଗାଖଣ୍ଡ ଭିଡ଼ି ପିନ୍ଧୁଥିଲେ । ଭୁବନେଶ୍ୱର ଓ ଯାଜପୁରସ୍ଥ ପ୍ରତିମୂର୍ତ୍ତିମାନ ଦେଖିଲେ ଜଣାଯାଏ ଯେ ଓଡ଼ିଶାରେ ଭିନ୍ନ ଭିନ୍ନ ପ୍ରକାରର ଛିଟଲୁଗା ପ୍ରଚଳିତ ଥିଲା ଓ ସମ୍ଭ୍ରାନ୍ତ ଓଡ଼ିଶା ମହିଳାମାନେ ଅତି ବହୁମୂଲ୍ୟ ଓ ମନୋହର ଶାଢ଼ୀମାନ ବ୍ୟବହାର କରୁଥିଲେ । ଦ୍ୱାରବାନ୍ ଓ ରାଜାଙ୍କର ଅନ୍ୟାନ୍ୟ ନୀଚ କର୍ମଚାରମାନେ ଉଷ୍ଣୀଷ ଓ ଶ୍ମଶ୍ରୁ ଧାରଣ କରୁଥିଲେ ।

ଓଡ଼ିଶା ସମାଜର ପୂର୍ବକାଳର ଲୋକମାନେ ନାନାପ୍ରକାର ଅଳଙ୍କାର ବ୍ୟବହାର କରୁଥିଲେ । ସେଥିରୁ ସେ ସମୟର ଦେଶର ଅବସ୍ଥା ଅନେକ ପରିମାଣରେ ଉନ୍ନତ ଥିବାର ପ୍ରତୀୟମାନ ହୁଅଇ । ଶିର, କର୍ଣ୍ଣ, ନାସିକା, କଣ୍ଠ, ବାହୁ, ହସ୍ତ, କଟୀ ଓ ପାଦରେ ସ୍ତ୍ରୀମାନେ ନାନାପ୍ରକାର ଅଳଙ୍କାର ପରିଧାନ କରୁଥିଲେ । କୌଣସି କୌଣସି ଅଳଙ୍କାର ବିଶେଷତଃ କର୍ଣ୍ଣରେ ବ୍ୟବହୃତ ହେଉଥିବା ଗହଣାମାନ ଏପରି ଉତ୍କୃଷ୍ଟ ଥିଲା ଯେ ଆଜକାଲି ସଭ୍ୟତମ ଦେଶମାନଙ୍କରେ ଲୋକେ ସେହିପରି ଗହଣାମାନ ବ୍ୟବହାର କରିବା ବିଷୟରେ ବିଶେଷ ଆଗ୍ରହ ପ୍ରକାଶ କରୁଅଛନ୍ତି ।

Digitized by srujanika@gmail.com

ଦେବତା ଓ ରାଜାଙ୍କର ବ୍ୟବହାରୋପଯୋଗୀ ଛତ୍ର ଓ ଚାମର ପୂର୍ବେ ଓଡ଼ିଶାରେ ପ୍ରଚଳିତ ଥିଲା । ନାନାପ୍ରକାର ସୁନ୍ଦର ସୁନ୍ଦର ଖଟ, ପଲଙ୍କ, ମୋଢ଼ା, ଚୌକି ଓ ତ୍ରିପାଦ ମେଳ ପର ଏକପ୍ରକାର କାଷ୍ଠାସନ ସଙ୍ଗତିଶୀଳ ଲୋକେ ପୂର୍ବେ ବ୍ୟବହାର କରୁଥିବାର ସ୍ପଷ୍ଟ ପ୍ରତୀୟମାନ ହୁଅଇ । ସେ ସମୟରେ ବର-ପାଲିଙ୍କୀ ଓ ଚୌଦୋଳର ସୁଦ୍ଧା ବ୍ୟବହାର ଥିଲା । କାଷ୍ଠପାଦୁକା ସାଧାରଣରେ ପ୍ରଚଳିତ ଥିଲା । ଚର୍ମପାଦୁକା ସୁଦ୍ଧା କେହି କେହି ପରିଧାନ କରୁଥିଲେ ବୋଲି କୌଣସି କୌଣସି ପୁରାତତ୍ତ୍ୱବିତ୍ ପଣ୍ଡିତ ସ୍ଥିର କରିଅଛନ୍ତି । ଜଳପାତ୍ର ଓ ଅନ୍ୟାନ୍ୟ ପାତ୍ରମାନ, ପାନବଟା, ପିକଦାନୀ, ଦର୍ପଣ, ବ୍ୟଜନୀ ଓ ଅନ୍ୟାନ୍ୟ ଦୈନିକ ଆବଶ୍ୟକୀୟ ନାନା ପଦାର୍ଥର ବ୍ୟବହାର ଓଡ଼ିଶାବାସିଙ୍କ ମଧ୍ୟରେ ପୂର୍ବେ ଥିବା ବିଷୟରେ କୌଣସି ସନ୍ଦେହ ଜାତ ହୁଅଇ ନାହିଁ । ଦୂରରୁ ପ୍ରସ୍ତର ଓ ଦେଶ ମଧ୍ୟରୁ ସ୍ଥାନାନ୍ତରକୁ ଦ୍ରବ୍ୟମାନ ନେବା ଆଣିବା କରିବା ସକାଶେ କୌଣସି ପ୍ରକାର ଶକଟର ଅସ୍ତିତ୍ୱ ଅନୁମାନ କରିବା ଅସଙ୍ଗତ ବୋଲି ବୋଧ ହେଉ ନାହିଁ । ବର୍ତ୍ତମାନ ଗଡ଼ଜାତରେ ଯେଉଁ ଗୋଟିଆମାନ ଦେଖାଯାଏ, ବୋଧ ହୁଏ ଓଡ଼ିଶାର ସେମାନ ଆଦିମ ଶକଟ । ସ୍ଥୂଳରେ ଜୀବନର ଆବଶ୍ୟକୀୟ ସୁଖସ୍ୱଚ୍ଛନ୍ଦପ୍ରଦ ଅନେକ ପଦାର୍ଥ ସପ୍ତମ ଶତାବ୍ଦୀର ଓଡ଼ିଆଙ୍କର ହସ୍ତାଧୀନ ଥିଲା ।

ସଙ୍ଗୀତ ଓ ବାଦ୍ୟ ବିଦ୍ୟାର ଆଲୋଚନା ମଧ୍ୟ ପୂର୍ବେ ଓଡ଼ିଶାରେ ତ୍ୟକ୍ତ ହୋଇ ନ ଥିଲା । ବୀଣା, ଢୋଲକ, କରତାଳ, ମନ୍ଦିର, ବଂଶୀ ପ୍ରଭୃତି ଗୋଟି-କେତେ ଯନ୍ତ୍ର ଓଡ଼ିଶାବାସିମାନେ ପୂର୍ବେ ଆମୋଦପ୍ରମୋଦରେ ବ୍ୟବହାର କରୁଥିଲେ । ଘଣ୍ଟ ଓ ଘଣ୍ଟା ଦେବମନ୍ଦିରମାନଙ୍କରେ ସାଧାରଣତଃ ଧ୍ୱନିତ ହେଉ ଥିଲା । ନାଟ୍ୟମନ୍ଦିରର ଅସ୍ତିତ୍ୱ ଓ ନର୍ତ୍ତକ ନର୍ତ୍ତକୀଙ୍କର ପ୍ରତିମୂର୍ତ୍ତି, ପୂର୍ବେ ନାଟ୍ୟ ଓ ସଙ୍ଗୀତ ଗାୟନ ହେବାର ପରିଚୟ ଦେଉଅଛି ।

ସାଧାରଣ ଡାଲି ଭାତ ଛଡ଼ା ଜୀବନର କିଞ୍ଚିତ୍ ଅଧିକତର ବିଳାସପ୍ରଦ ମିଷ୍ଟାନ୍ନ ଓ ନାନାପ୍ରକାର ମଣ୍ଡାପିଠା ପ୍ରଭୃତି ପ୍ରସ୍ତୁତ କରି ପୂର୍ବକାଳର ଓଡ଼ିଶାବାସିଏ ସେମାନ ଉପଭୋଗ କରୁଥିଲେ । କୌଣସି ପ୍ରକାର ମାଦକଦ୍ରବ୍ୟ ସେବନରେ, ବିଶେଷତଃ ମଦ୍ୟପାନରେ ପୂର୍ବ ଓଡ଼ିଆଏ ପ୍ରବୃତ୍ତ ଥିଲେ କି ନାହିଁ ପ୍ରତିମୂର୍ତ୍ତିମାନ ଦେଖି ଏ ବିଷୟର କୌଣସି ବ୍ୟାପ୍ତିରେ ଆମ୍ଭେମାନେ ଉପସ୍ଥିତ ହୋଇ ନ ପାରୁଁ; ମାତ୍ର ଅନୁମିତ ହୁଅଇ ନିତାନ୍ତପକ୍ଷେ ଭୋଳାନାଥଙ୍କ ଭାଙ୍ଗ ଗଞ୍ଜିକାର ଆଧିପତ୍ୟରୁ ତାଙ୍କ ସେବକ ଓ ଉପାସକେ ସମ୍ପୂର୍ଣ୍ଣରୂପେ ମୁକ୍ତ ନ ଥିଲେ ।

ଧନୁ, ତୀର, କଟାର, ତରବାରି, ବର୍ଚ୍ଛା, ଗଦା ପ୍ରଭୃତି ନାନାପ୍ରକାର ଯୁଦ୍ଧାସ୍ତ୍ରର ପ୍ରଚଳନ ପୂର୍ବେ ଓଡ଼ିଶାରେ ଥିଲା । ତୂରୀ ଭେରୀ ଅପେକ୍ଷା ଶଙ୍ଖ

Digitized by srujanika@gmail.com

ଅଧିକାଂଶ ଯୁଦ୍ଧରେ ଧ୍ୱନିତ ହେଉଥିଲା । ଲମ୍ବ ଲମ୍ବ ଢକ୍କା ବାଦ୍ୟମାନ ଯୁଦ୍ଧରେ ବାଜୁଥିଲା । ଓଡ଼ିଆ ସୈନ୍ୟମାନେ ସମରକ୍ଷେତ୍ରରେ ତ୍ରିକୋଣାକାର ପତାକା ଉଡ଼ାଉଥିଲେ । ଓଡ଼ିଶାରେ ଯୁଦ୍ଧରଥର ବ୍ୟବହାର ଥିବାର ଜଣାଯାଏ ନାହିଁ; ମାତ୍ର ହସ୍ତୀ ଓ ଅଶ୍ୱ ଯୁଦ୍ଧରେ ବ୍ୟବହୃତ ହେଉଥିଲା । ଅଶ୍ୱର ରେକାବ କି ହାତୀର ହାଉଦା ନ ଥିଲା । ହସ୍ତୀ ଓ ଅଶ୍ୱ ଉଭୟର ପିଠିରେ ଲୁଗା ପଡ଼ି ଯାଉଥିଲା ।

କେଶରୀବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ ସାଧାରଣ ଲୋକେ କି ଭାଷାରେ କଥାବାର୍ତ୍ତା କହୁଥିଲେ କିଛି ଜଣା ନାହିଁ । କୁଟିଲାକ୍ଷର ସେ ସମୟରେ ପ୍ରଚଳିତ ଥିଲା । ସେ ସମୟର ରାଜାମାନଙ୍କର ଦାନପତ୍ର ଓ ଖୋଦିତ ଲିପିମାନ ସଂସ୍କୃତ ଭାଷାରେ ଓ ଏହି ଅକ୍ଷରରେ ଲିଖିତ ହୋଇଅଛି । ଏଣୁକରି ଅନୁମାନ ହୁଅଇ ସଂସ୍କୃତଭାଷା ସେ ସମୟର ରାଜଦରବାରମାନଙ୍କରେ ବ୍ୟବହୃତ ହେଉଥିଲା । ଦେଶର କୌଣସି କୌଣସି ସ୍ଥାନରେ ସଂସ୍କୃତ ଅଧ୍ୟୟନର ପାଠଶାଳା ଥିଲା ପରି ବୋଧ ହୁଅଇ । ଭୁବନେଶ୍ୱରସ୍ଥ ମୁକ୍ତେଶ୍ୱର ଦେଉଳରେ ଜଣେ ଗୁରୁ ତାଙ୍କ ଶିଷ୍ୟଙ୍କୁ ଶିକ୍ଷା ଦେବା ଭଳି ଏକ ପ୍ରସ୍ତରମୂର୍ତ୍ତି ଖୋଦିତ ହୋଇ ଥିବାର ଦେଖାଯାଏ । ସମ୍ଭବତଃ ସେ ସମୟର ସ୍ତ୍ରୀମାନେ ଭଲ ଶିକ୍ଷା ଲଭୁଥିଲେ; ଜଣେ ସ୍ତ୍ରୀ ଲେଖୁ ଥିବାର କି ଚିତ୍ର ଅଙ୍କିତ କରୁ ଥିବାର ଏକ ପ୍ରସ୍ତରମୂର୍ତ୍ତି ଭୁବନେଶ୍ୱର ଦେଉଳରେ ଥିଲା; ବର୍ତ୍ତମାନ ତାହା କଲିକତାକୁ ନୀତ ହୋଇଅଛି । ଆଜିକାଲି ମଧ୍ୟ ଓଡ଼ିଶା ସ୍ତ୍ରୀଲୋକଙ୍କ ମଧ୍ୟରେ ଲେଖି ପଢ଼ି ଶିଖିବା ଏକ ଦୈଶିକ ରୀତିରୂପେ ବିଦ୍ୟମାନ ଅଛି । ଭାରତବର୍ଷର ଅନ୍ୟାନ୍ୟ ଅଂଶରେ ଏପରି ଦୈଶିକ ରୀତିର ପ୍ରାବଲ୍ୟ ନାହିଁ । ସୁତରାଂ ଓଡ଼ିଶା ମହିଳାମାନଙ୍କର ପୂର୍ବକାଳରୁ ଯେ ବିଦ୍ୟାଶିକ୍ଷା ଲଭୁ ଥିବାର ଅନୁମାନ କରା ଯାଇଅଛି, ତାହା ଅସମ୍ଭବପର ନୁହେ; କୌଣସି ଦେଶରେ କୌଣସି ରୀତିର ଦାର୍ଢ୍ୟତା ଜନ୍ମିବା ବହୁକାଳସାପେକ୍ଷ ଅଟଇ । ଫଳତଃ ଉଲ୍ଲିଖିତ ବିବରଣମାନ ସର୍ବତୋଭାବେ ଦେଶର ଉନ୍ନତ ଓ ସଭ୍ୟତା-ଯୁକ୍ତ ଅବସ୍ଥାର ପରିଚୟ ଦେଉଅଛି । ସେ ସମୟରେ କେହି ଗ୍ରନ୍ଥକାର ଓଡ଼ିଶାରେ ଉଦିତ ହୋଇଥିବାର ଶୁଣାଯାଇ ନାହିଁ; ମାତ୍ର ବୋଧ ହୁଅଇ ସେ ଭୁବନେଶ୍ୱରକ୍ଷେତ୍ରର ମାହାତ୍ମ୍ୟପ୍ରକାଶକ କୌଣସି କୌଣସି ପୁରାଣ ଓ ଉପପୁରାଣ ଓଡ଼ିଶାରେ କେଶରୀବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ ରଚିତ ହୋଇଥିଲା ।

ଶିଳ୍ପକାର୍ଯ୍ୟ—ଓଡ଼ିଶାର ସମସ୍ତ ଦେଉଳ ପ୍ରାୟ ଏକ ନିୟମରେ ଗଠିତ । ପ୍ରଥମେ ଦେଉଳର ବିସ୍ତୃତି, ଦ୍ୱିତୀୟତଃ ଉଚ୍ଚତା ଓ ତୃତୀୟତଃ କାର୍ଯ୍ୟର ଦୃଢ଼ତା ପ୍ରତି ଓଡ଼ିଶା ଶିଳ୍ପିଙ୍କର ଦୃଷ୍ଟି ପତିତ ହୋଇ ଥିବାର ସ୍ପଷ୍ଟ ବୋଧ ହେଉଅଛି । ମନ୍ଦିରର ଶୋଭା ବର୍ଦ୍ଧନ କରିବା ସକାଶେ ସେମାନେ ଲତା, ପୁଷ୍ପ,

Digitized by srujanika@gmail.com

ପଶୁ, ପକ୍ଷୀ ଓ ମନୁଷ୍ୟଙ୍କର ଅନେକ ଖୋଦିତ ପ୍ରତିମୂର୍ତ୍ତି ପୂର୍ବକାଳରେ ବ୍ୟବହାର କରୁଥିଲେ । ମନ୍ଦିରଚୟର ବହିର୍ଭାଗରେ ଏମାନ ସ୍ଥାପିତ ହୋଇଅଛି, କିନ୍ତୁ ସମସ୍ତ ଅନ୍ତର୍ଭାଗ ଚୂନଦ୍ୱାରା ଶଳ୍କୁଣୀକୃତ ।

ଯେଉଁ ଲତା ଓ ପୁଷ୍ପମାନ ଭୁବନେଶ୍ୱର ଦେଉଳଚୟରେ ଖୋଦିତ ହୋଇଅଛି, ସେମାନ ଅଲୌକିକ ଶୋଭା ଧାରଣ କରି ଆଜି ପର୍ଯ୍ୟନ୍ତ ନବୀନମାନ ରହିଅଛି । ସେଥିରେ ଉଜ୍ଜ୍ୱଳ ବଠାଳୀର ଓ ଶିଳ୍ପକାରିଙ୍କ ହସ୍ତର ବିଶେଷ ସୂକ୍ଷ୍ମତା ପରିଦୃଷ୍ଟ ହୁଏ । ସିଂହ, ଗଜ, ଅଶ୍ୱ, ବାନର ପ୍ରଭୃତି ପଶୁ ଓ ଅସଂଖ୍ୟ ପକ୍ଷିମାନଙ୍କର ଯେଉଁ ପ୍ରତିମୂର୍ତ୍ତିଚୟ ଖୋଦିତ ହୋଇଅଛି, ସେ ସବୁ ଦେଖିଲେ ଆହୋ ଚମତ୍କୃତ ହେବାକୁ ହୁଏ । ପ୍ରକୃତି ପରି ଅବିକଳ ବନ ପାହାଡ଼ ମଧ୍ୟରୁ ଆନୀତ ହୋଇ ମନ୍ଦିରମାନଙ୍କରେ ଚିହ୍ନିତ ହୋଇଅଛି ! ପଶୁପକ୍ଷୀଚୟ ଯେ ଯାହା ଆପଣା ଉପଯୁକ୍ତ ପରିମାଣରେ ଖୋଦିତ ହୋଇ ଥିବାର ବୋଧ ହୁଅଇ । କେବଳ ସିଂହ କାଳ୍ପନିକରୂପେ ଗଠିତ; ବରଂ ଉଦୟଗିରିର ସିଂହ କେତେକ ପରିମାଣରେ ପ୍ରାକୃତିକ । ଭୁବନେଶ୍ୱର ଦେଉଳମାନ ଗଠିତ ହେବା ସମୟକୁ ଓଡ଼ିଶାରୁ ସିଂହ ଲୁପ୍ତ ହୋଇଥିଲା । ତତ୍କାଳୀନ ଓଡ଼ିଆମାନେ ସିଂହ ଆହୋ ଦେଖି ନ ଥିଲେ, ସୁତରାଂ ସିଂହକୁ ଏକ ଅଦ୍ଭୁତ ଜନ୍ତୁକାର ମୂର୍ତ୍ତି ପ୍ରଦାନ କରିଥିଲେ । ମନୁଷ୍ୟମାନଙ୍କର ଗଠନ ଯେ ଭୁବନେଶ୍ୱର ଖୋଦିତ ମୂର୍ତ୍ତିମାନଙ୍କରେ ସ୍ୱାଭାବିକ ହୋଇଅଛି ଏ କଥା କହିବା ବାହୁଲ୍ୟ । ଯେଉଁମାନେ ସେ ମୂର୍ତ୍ତିମାନ ଦେଖିଅଛନ୍ତି ଓ ସେମାନଙ୍କ ଦେହରେ ବସ୍ତ୍ର ଅଳଙ୍କାରାଦି କିରୂପେ ଖୋଦିତ ହୋଇଅଛି ସେ ସବୁ ପ୍ରତି ମନୋଯୋଗ ଦେଇଅଛନ୍ତି, ସେମାନେ ଓଡ଼ିଶା ଶିଳ୍ପୀଙ୍କର ପ୍ରସ୍ତରଶିଳ୍ପରେ ଚୂଡ଼ାନ୍ତ ଉନ୍ନତି ଲଭିଥିବା ବିଷୟ ଅଳ୍ପ ମୁହୂର୍ତ୍ତ ନିମନ୍ତେ ସନ୍ଦେହ କରିବେ ନାହିଁ । ଯାଜପୁର ଓ ଭୁବନେଶ୍ୱରରେ ଶାଢ଼ୀ, ଛିଟବସ୍ତ୍ର, ଟୋପର ( ମୁକୁଟ ), ଉଷ୍ଣୀଷ ଓ ନାନାପ୍ରକାର ବାଦ୍ୟଯନ୍ତ୍ର ଏବଂ ଅସ୍ତ୍ରଶସ୍ତ୍ରାବଳୀ ଯେଉଁ ପ୍ରକାର ସୂକ୍ଷ୍ମତା, ଚାତୁର୍ଯ୍ୟ ଓ ନିପୁଣତାର ସହିତ ଖୋଦିତ ହୋଇଅଛି ସେ ସବୁ ଦେଖିଲେ ଓ ଚିନ୍ତା କଲେ ଚିତ୍ତ ସ୍ତମ୍ଭୀଭୂତ ହୁଏ । ଯେଉଁ ଶିଳ୍ପକାରମାନେ ଓଡ଼ିଶାରେ ଶିଳ୍ପୋନ୍ନତିର ଏପରି ଚୂଡ଼ାନ୍ତ ଉଦାହରଣମାନ ଏକ ସମୟରେ ଦେଖାଇଥିଲେ, ବର୍ତ୍ତମାନ ସେମାନେ ମୁହୂର୍ତ୍ତକ ନିମନ୍ତେ ଓଡ଼ିଶାର ଦୁରବସ୍ଥା ଦେଖିବା ନିମନ୍ତେ ମର୍ତ୍ତ୍ୟକୁ ଆଗମନ କଲେ, ଦୀର୍ଘଶ୍ୱାସ ନିକ୍ଷେପ ନ କରି ରହି ପାରନ୍ତେ ନାହିଁ । ଏତଦ୍ଦ୍ୱାରା ବର୍ଣ୍ଣିତ ପୂର୍ବକାଳର ଶିଳ୍ପକାର୍ଯ୍ୟରେ ଯେ ମୋଟେ ଭ୍ରମ ଭ୍ରାନ୍ତି ନ ଥିଲା, ଏ କଥା କହିବା ଆମ୍ଭମାନଙ୍କର ଉଦ୍ଦେଶ୍ୟ ନୁହେ ! ଶିଳ୍ପଶାସ୍ତ୍ରର ନିୟମାନୁସାରେ ଓଡ଼ିଶାର ମୂର୍ତ୍ତିମାନ ଗଠିତ

Digitized by srujanika@gmail.com

ଓ ଖୋଦିତ ହୋଇଥିଲା । ସ୍ୱଭାବକୁ ସର୍ବତ୍ର ସେମାନେ ଅନୁକରଣ କରି ନ ଥିଲେ । ସୁତରାଂ ଅନେକ ମୂର୍ତ୍ତି ନିତାନ୍ତ କାଳ୍ପନିକ ସୁଦ୍ଧା ହୋଇଅଛି । ଗୋଟିଏ ଗୋଟିଏ ମୂର୍ତ୍ତିରେ ସୌନ୍ଦର୍ଯ୍ୟର ପରାକାଷ୍ଠା ଦେଖାଇବା ପାଇଁ ଚେଷ୍ଟା କରି ସେସବୁକୁ ସ୍ଥଳେ ସ୍ଥଳେ ଅସୁନ୍ଦର ଓ ଅସୌଷ୍ଠବଯୁକ୍ତ କରିଅଛନ୍ତି । ଆଉ ଗୋଟିଏ ବିଷୟରେ ଓଡ଼ିଶା ଶିଳ୍ପକାରଙ୍କର ମନ୍ଦରୁଚି ପ୍ରକାଶ ପାଇଅଛି । ମନ୍ଦିରର ସ୍ଥାନ ସ୍ଥାନରେ ଯେ ଅଶ୍ଳୀଳ ମୂର୍ତ୍ତିମାନ ସ୍ଥାପିତ ହୋଇଅଛି, ସେସବୁ ଦୃଷ୍ଟିକଟୁ ଦୋଷରେ ଦୂଷିତ ଓ ସେମାନ ମନ୍ଦରୁଚିର ପରିଚାୟକ ମାତ୍ର ।

କେବଳ ପ୍ରସ୍ତରଶିଳ୍ପରେ ଯେ ଓଡ଼ିଶା ଶିଳ୍ପିମାନେ ଚୂଡ଼ାନ୍ତ ଉନ୍ନତି ଲଭିଥିଲେ ଏମନ୍ତ ନୁହେ । କାଷ୍ଠଶିଳ୍ପରେ ସୁଦ୍ଧା ସେମାନଙ୍କର ଉନ୍ନତ ଜ୍ଞାନ ଥିଲା । ପୂର୍ବକାଳର କାଷ୍ଠନିର୍ମିତ କାର୍ଯ୍ୟମାନ ଅଦ୍ୟାବଧି ରକ୍ଷିତ ହୋଇ ନାହିଁ, ତଥାପି ଭୁବନେଶ୍ୱର ବଡ଼ଦେଉଳ ଦ୍ୱାରରେ ଯେଉଁ ଦୁଇପଟ କବାଟ ଅଛି ଓ ସେ ଦୁଇ ପଟ କବାଟରେ ଯେଉଁ ଶିଳ୍ପକାର୍ଯ୍ୟମାନ ପ୍ରଦର୍ଶିତ ହୋଇଅଛି, ସେଥିରୁ ପୂର୍ବ ଓଡ଼ିଆଙ୍କର କାଷ୍ଠଶିଳ୍ପରେ ଅଭିଜ୍ଞତା ଓ ଉନ୍ନତିର ପରିଚୟ ମିଳଇ । ଖଣ୍ଡିକେତେ ପଲଙ୍କର ଆକୃତିମାନ ପ୍ରସ୍ତରରେ ଖୋଦିତ ହୋଇଅଛି । ବାସ୍ତବରେ ସେମାନ ସେହିପରି ନିର୍ମିତ ହୋଇଥିଲେ ପୂର୍ବଶିଳ୍ପିଙ୍କର କାଷ୍ଠଶିଳ୍ପରେ ଚୂଡ଼ାନ୍ତ ଉନ୍ନତି ବିଷୟରେ ଆଉ ସନ୍ଦେହ ରହଇ ନାହିଁ । ନୌକା, ପାଲିଙ୍କି ପ୍ରଭୃତି ଯାନ ଓ ଜୀବନର ସୁଖସ୍ୱଚ୍ଛନ୍ଦପ୍ରଦ ଅନ୍ୟାନ୍ୟ ପଦାର୍ଥସବୁ ଓଡ଼ିଶା ଶିଳ୍ପକାରମାନେ ପୂର୍ବେ ନିର୍ମାଣ କରୁଥିବାର ଯଥେଷ୍ଟ ପ୍ରମାଣ ମିଳଇଅଛି । ମଧ୍ୟ ଅର୍ଣ୍ଣବପୋତର ଚଳନ ଯେପରି ତେତେବେଳେ ହୋଇଥିଲା ଓ ଓଡ଼ିଶାଶିଳ୍ପିମାନେ ଶିଳ୍ପବିଦ୍ୟାରେ ଯେପରି ଉନ୍ନତିଲାଭ କରିଥିଲେ ସେ ସବୁରୁ ବୋଧ ହୁଅଇ ଯେ ସମୁଦ୍ରଗାମୀ କୌଣସି କୌଣସି ପ୍ରକାରର ପୋତମାନ ସୁଦ୍ଧା ଓଡ଼ିଶା ଶିଳ୍ପକାରମାନେ ନିର୍ମାଣ କରୁଥିଲେ ।

ବାଣିଜ୍ୟ ଓ ପୋତଯାତ୍ରା—ଶଲ୍‌କାହ୍ରଦ କେଶରୀବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାର ବନ୍ଦର ଥିବାର ଲିଖିତ ହୋଇଅଛି । ଅର୍ଣ୍ଣବପୋତମାନ ଶଲ୍‌କାକୂଳରୁ ଯାତାୟାତ କରୁଥିଲା । ଲୁଗା, ମୁକ୍ତା, କଉଡ଼ି ଇତ୍ୟାଦି କେତେକ ପଦାର୍ଥର ବ୍ୟବସାୟ ପୂର୍ବେ ଚଳୁଥିବାର ପ୍ରମାଣ ମିଳଇଅଛି । କେଶରୀବଂଶୀୟ ରାଜାଙ୍କର ଶେଷ ସମୟ ପ୍ରାୟ ୧୧୦୦ ଅବ୍ଦରେ ଓଡ଼ିଶା ଉପକୂଳରୁ ଧୀବରମାନେ ତମଲୁକଠାକୁ ଯାଇ ସେଠାରେ ରାଜପଣ କରିଥିଲେ । ଗୁରୁଣ ଘର ଧୀବର ଏକାବେଳକେ ସେଠାକୁ ଯାଇ ବାସ କରିଥିବାର କଥିତ ଅଛି । ଇତିପୂର୍ବେ ତମଲୁକରେ ମୟୂରବଂଶୀୟ ରାଜାମାନେ ରାଜତ୍ୱ କରୁଥିଲେ । ମୟୂରଭଞ୍ଜର

Digitized by srujanika@gmail.com

ଅଧୁନିକ ରାଜାମାନେ ତମଲୁକସ୍ଥ ମୟୂରବଂଶୀୟ ରାଜାଙ୍କଠାରୁ ଉତ୍ପନ୍ନ ହୋଇ ଥିବାର ପ୍ରତୀୟମାନ ହୁଏ । ପୁଣି ବର୍ଣ୍ଣିତ ଅଛି ଯେ ମୟୂରଭଞ୍ଜରୁ ମୟୂରବଂଶୀୟ ଗୁହକଣ ରାଜା ଯାଇ ତମଲୁକ ସିଂହାସନରେ ଅଧିରୂଢ଼ ହୋଇଥିଲେ । ତମଲୁକର ମୟୂରବଂଶୀୟ ରାଜାଙ୍କ ଉତ୍ତାରୁ ଓଡ଼ିଶାର ଧୀବରମାନେ ସେଠାରେ ରାଜତ୍ୱ କରିଥିଲେ । ମଧ୍ୟ ଲିଖିତ ଅଛି ଯେ ଧୀବରମାନେ ପୋତାରୋହଣରେ ଯାଇ ତମଲୁକଠାରେ ପହୁଞ୍ଚି ଥିଲେ । ଏହି ସବୁରୁ ସ୍ପଷ୍ଟ ଜଣାଯାଏ ଯେ କେଶରୀବଂଶୀୟ ରାଜାଙ୍କ ରାଜତ୍ୱ ସମୟରେ ସମୁଦ୍ରଯାତ୍ରା ଓ ପୋତାରୋହଣ ପ୍ରଥାମାନ ଓଡ଼ିଶାରେ ପ୍ରଚଳିତ ଥିଲା; ମଧ୍ୟ ବାଣିଜ୍ୟ ସୁଗମ ଓ ସୁବିଧାରେ ଚଳୁଥିଲା । ବିଶେଷତଃ ତମଲୁକ ସେ ସମୟରେ ବାଣିଜ୍ୟର ଯେପରି କେନ୍ଦ୍ରସ୍ଥଳୀ ଥିଲା ଓ ଓଡ଼ିଶାବାସିଏ ସେଠାକୁ ଯେମନ୍ତ ଯାତାୟାତ କରୁଥିଲେ, ସେଥିରେ ଓଡ଼ିଶାଦେଶରେ ତେତେବେଳେ ଯେ ବାଣିଜ୍ୟର ପ୍ରାଦୁର୍ଭାବ ଥିଲା ଏହା ଅକ୍ଳେଶରେ ଅନୁମିତ ହୋଇପାରେ ।

ଶାରୀରିକ ଶକ୍ତି—ଭୁବନେଶ୍ୱରସ୍ଥ ଦେଉଳମାନଙ୍କରେ ଯେପରି ଦୀର୍ଘ ଦୀର୍ଘ ପ୍ରସ୍ତରମାନ ଓ ବୃହତ୍ ଲୌହଧାରଣୀମାନ ସ୍ଥାନ ସ୍ଥାନରେ ବ୍ୟବହୃତ ହୋଇଅଛି, ସେ ସବୁରୁ ସେ ସମୟରେ ପ୍ରସ୍ତରାଦି ଉଠାଇବା ସକାଶେ କପି କି ଅନ୍ୟ କୌଣସି ପ୍ରକାର ଯନ୍ତ୍ରର ଅସ୍ତିତ୍ୱ ପୂର୍ବକାଳରେ ଥିବାର ଅନୁମିତ ହେଲେ ସୁଦ୍ଧା ଲୋକଙ୍କର ଶାରୀରିକ ଶକ୍ତି ଯଥେଷ୍ଟ ଥିବାର ମଧ୍ୟ କେତେକ ପରିମାଣରେ ସପ୍ରମାଣ ହୋଇଅଛି । ମଧ୍ୟ ଖୋଦିତ ପ୍ରତିମୂର୍ତ୍ତିଚୟର ଆକାରରୁ ଓ କୌଣସି କୌଣସି ପୂର୍ବକାଳ ବ୍ୟବହୃତ ଖୋଦିତ ଅସ୍ତ୍ରଶସ୍ତ୍ରାଦିରୁ ପୂର୍ବ ଓଡ଼ିଆଙ୍କର ଉତ୍ତମ ଶକ୍ତି ଥିବାର ପରିଚୟ ମିଳୁଅଛି ।

ଅଙ୍ଗୁରବ୍ୟବହାର—ଖୋଦିତ ଭୁବନେଶ୍ୱରର ପ୍ରତିମୂର୍ତ୍ତିମାନ ପରୀକ୍ଷା କରି ପୂର୍ବ ଓଡ଼ିଆଙ୍କର ଅଙ୍ଗୁରବ୍ୟବହାରର କେତେକ ପରିଚୟ ଆମ୍ଭେମାନେ ପାଉଅଛୁଁ । ଆଜିକାଲି ପରି ପୂର୍ବକାଳର ପୁରୁଷମାନେ ଯେ ଗୁଚ୍ଛବାଳ ରଖୁଥିଲେ ଏଥିରେ କୌଣସି ସନ୍ଦେହ ନାହିଁ । ଧାତୁନିର୍ମିତ ହେଉ କି କାଷ୍ଠର ହେଉ ଅଥବା ମୃତ୍ତିକା ଗଠିତ ହେଉ କି ଟୋପାହୋଲାର ହେଉ ମାଳା ପୂର୍ବ ଲୋକେ ବ୍ୟବହାର କରୁଥିଲେ । ପୂର୍ବକାଳୀୟ ସ୍ତ୍ରୀଲୋକେ ନାନା ଢଙ୍ଗରେ ଜୁଡ଼ା ବାନ୍ଧୁଥିଲେ । ପୂର୍ବକାଳୀୟ ସ୍ତ୍ରୀଲୋକଙ୍କର କୌଣସି ଜୁଡ଼ା ଆଧୁନିକ ଇଉରୋପୀୟ ଶ୍ୱେତାଙ୍ଗିନୀଙ୍କର ବାଳ ବାନ୍ଧିବା ପ୍ରାୟ ସୁନ୍ଦର ବୋଧ ହୁଏ । ବର୍ତ୍ତମାନ ଯେପରି ପାଲିଙ୍କିରେ ନାଚି ଓ ବାଦ୍ୟ ବଜାଇ ଲୋକେ ଶୁଭବିବାହକ୍ରିୟା ସମ୍ପନ୍ନ କରୁଅଛନ୍ତି, ସେହିପରି ପାଲିଙ୍କିରେ ଓ ସେହି ରୀତିରେ ଏ କାର୍ଯ୍ୟ ପୂର୍ବେ ସମ୍ପାଦିତ ହେଉ ଥିବାର ଭୁବନେଶ୍ୱରସ୍ଥ ଭଗବତୀ ଦେଉଳର ଏକ ଚିତ୍ରରୁ ପ୍ରତିପନ୍ନ ହୁଏ ।

Digitized by srujanika@gmail.com

ଧର୍ମବିପ୍ଳବ—ଓଡ଼ିଶାର ଏକ ଏକ ଶ୍ରେଣୀ ରାଜାଙ୍କର ଇତିହାସକୁ ଏକ ଏକ ଧର୍ମବିପ୍ଳବର ଇତିହାସ ବୋଲିଲେ ଅତ୍ୟୁକ୍ତି ହୁଅଇ ନାହିଁ । ବୌଦ୍ଧଧର୍ମ ସଙ୍ଗେ ସଙ୍ଗେ ବୌଦ୍ଧରାଜାଏ ଓଡ଼ିଶାରେ ପ୍ରାବଲ୍ୟ ଲଭିଥିଲେ ଓ ବୌଦ୍ଧଧର୍ମ ଉତ୍ପାଟିତ ହେବା ପରଠାରୁ ଶୈବଧର୍ମ ଯେତେବେଳେ ଓଡ଼ିଶାବାସିଙ୍କର ଧର୍ମ ହେଲା, ସେଥି ସଙ୍ଗେ ସେହି ଧର୍ମାବଲମ୍ବୀ ରାଜାଏ ମଧ୍ୟ ଓଡ଼ିଶାରେ ରାଜତ୍ୱ କଲେ । ଏଥି ଉତ୍ତାରୁ ଏକ ଅଧ୍ୟାୟରେ ସ୍ପଷ୍ଟ ଦୃଷ୍ଟ ହେବ ଯେ ଗଙ୍ଗାବଂଶୀୟ ରାଜାମାନେ ବୈଷ୍ଣବଧର୍ମ ସଙ୍ଗେ, ଓଡ଼ିଶାରେ ସମୁଦିତ ହୋଇଥିଲେ । କୌଣସି ଧର୍ମ ରାଜପ୍ରସାଦ, ରାଜଅନୁଗ୍ରହ ଓ ରାଜାଙ୍କ ପୋଷକତା ଲଭିଲେ ଦେଶର ଏକ ପ୍ରାନ୍ତରୁ ଅନ୍ୟ ପ୍ରାନ୍ତ ପର୍ଯ୍ୟନ୍ତ ପ୍ରଚାରିତ ହେବାରେ ସୁବିଧା ଲାଭ କରଇ । ସୁତରାଂ ଶୈବଧର୍ମ ଓଡ଼ିଶାରେ ଉଦିତ ହେବା ପୂର୍ବରୁ ଅଧିକାଂଶ ଓଡ଼ିଶାବାସୀ ବୌଦ୍ଧମତାବଲମ୍ବୀ ଥିଲେ ମଧ୍ୟ, ରାଜ ଆଶ୍ରୟ ଲଭି ସେ ଧର୍ମ ଏପରି ପ୍ରବଳ-ବେଗରେ ବିପ୍ଳବ ଘଟାଇଲା ଯେ ଅଳ୍ପକାଳ ମଧ୍ୟରେ ପ୍ରାୟ ଓଡ଼ିଶାର ଚତୁର୍ଦ୍ଦିଗରେ ଶିବମନ୍ଦିରମାନ ସଂସ୍ଥାପିତ ହେଲା । ଆଜିକାଲି କେହି ଓଡ଼ିଶାର ଚତୁର୍ଦ୍ଦିଗକୁ ଭ୍ରମଣ କରି ଗଲେ ସେ କୌଣସି ଗ୍ରାମରେ ଶିବମନ୍ଦିର ନ ଦେଖି ଫେରି ଆସିବେ ନାହିଁ । ଉକ୍ତ ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ବୈଷ୍ଣବଧର୍ମର ଏହିପରି ପ୍ରାଦୁର୍ଭାବର ବର୍ଣ୍ଣନା ମଧ୍ୟ ଅନ୍ୟତ୍ର ଦୃଷ୍ଟ ହେବ ।

## ଚତୁର୍ଥ ଅଧ୍ୟାୟ ।

### ଗଙ୍ଗାବଂଶୀୟ ରାଜଗଣ ।

ଗଙ୍ଗାବଂଶୀୟ ରାଜାଙ୍କର ଉତ୍ପତ୍ତି—ଓଡ଼ିଶାର ଦକ୍ଷିଣବର୍ତ୍ତୀ ପ୍ରଦେଶରେ, ଯାହା ଅଧୁନା ଉତ୍ତରସରକାର ନାମରେ ଖ୍ୟାତ, ପ୍ରୋଲ ନାମକ ଏକ ନୃପତି ରାଜତ୍ୱ ସଂସ୍ଥାପନ କରିଥିଲେ । ତଦନନ୍ତର ତାଙ୍କ ଉତ୍ତରାଧିକାରୀମାନଙ୍କ ମଧ୍ୟରେ ଗୃହଦ୍ୱନ୍ଦ୍ୱ ଉପସ୍ଥିତ ହେଲା; ସେଥିରେ କନିଷ୍ଠଭ୍ରାତା ଜୟୀ ହେଲେ ଓ ରାଜ୍ୟ ବିଭକ୍ତ ହୋଇ ପୈତୃକ ଭୂମି କନିଷ୍ଠଭ୍ରାତାଙ୍କ ଭାଗରେ ପଡ଼ିଲା । ଏହି ଜ୍ୟେଷ୍ଠ ରାଜପୁତ୍ର କ୍ରମଶଃ ଉତ୍ତରଦିଗକୁ ରାଜ୍ୟ ବିସ୍ତାର ଆରମ୍ଭ କଲେ । ଅବକାଶପରେ ଯୁଦ୍ଧାଦିଦ୍ୱାରା କେଶରୀବଂଶୀୟ ଶେଷ ନିଃସନ୍ତାନ ରାଜା ସୁବର୍ଣ୍ଣକେଶରୀଙ୍କୁ ସିଂହାସନଚ୍ୟୁତ କରି ଆପେ ଓଡ଼ିଶା ସିଂହାସନରେ ଅଧିରୂଢ଼ ହେଲେ ଓ ଗଜପତି ଉପାଧି ଧାରଣ କରି ଏହି ରାଜ୍ୟର ଶାସନାରମ୍ଭ କଲେ । ଦକ୍ଷିଣସ୍ଥ ଅରୁଣଖଣ୍ଡ ନଗର, ଯାହା ବର୍ତ୍ତମାନ ଉଦ୍ଗାଙ୍ଗୁଲ ନାମରେ ପରିଚିତ, ଉକ୍ତିଖିତ ରାଜାମାନଙ୍କର

Digitized by srujanika@gmail.com

ରାଜଧାନୀ ଥିଲା ଓ ସେହି ନଗରର ଏକ ଖୋଦିତ ଲିପିରୁ ଓଡ଼ିଶା ଗଙ୍ଗାବଂଶ ରାଜଶ୍ରେଣୀ ଉତ୍ପତ୍ତିର ଏହି ପ୍ରକାର ଇତିହାସ ମିଳଇ । କେହି କେହି ପୁରାତତ୍ତ୍ୱବିତ୍ ଗଙ୍ଗାବଂଶୀୟ ରାଜାଙ୍କର ପୂର୍ବ ନିବାସ ବଙ୍ଗଦେଶ ଅନ୍ତଃପାତୀ ତମଲୁକ ବା ମେଦିନୀପୁର ନିକଟରେ ଥିବାର ନିର୍ଣ୍ଣୟ କରିଅଛନ୍ତି, ମାତ୍ର ଏ ନିର୍ଦ୍ଧାରଣ ଆନୁମାନିକ ମାତ୍ର, ଯେହେତୁ ଏଥିର କୌଣସି ବିଶିଷ୍ଟ ପ୍ରମାଣ ନିର୍ଦ୍ଦିଷ୍ଟ ହୋଇ ନାହିଁ । ଦକ୍ଷିଣଦେଶରୁ ଯେ ଗଙ୍ଗାବଂଶୀୟ ରାଜାଙ୍କର ଆଦିପୁରୁଷ ଆସିଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ । ଓଡ଼ିଶାଦେଶବାସୀ ଇତିବୃତ୍ତଲେଖକେ ସୁଦ୍ଧା ଦକ୍ଷିଣଦେଶରୁ ଗଙ୍ଗାବଂଶୀୟ ପ୍ରଥମ ନୃପତିଙ୍କର ଆଗମନ ନିର୍ଦ୍ଦେଶ କରିଅଛନ୍ତି ।

ଚୋରଗଙ୍ଗା ବା ଚୂଡ଼ଙ୍ଗଦେବ—ଓଡ଼ିଶାର ଗଙ୍ଗାବଂଶୀୟ ଆଦିରାଜାଙ୍କର ନାମ ଚୋରଗଙ୍ଗା ବା ଚୂଡ଼ଙ୍ଗଦେବ ବୋଲି ମାଦଳାପାଞ୍ଜିରେ ଲିଖିତ ଅଛି । ୧୧୩୨ ସମ୍ବତ୍ସରରେ ( ୧୦୫୪ ଶକାବ୍ଦ ୧୩ ତାରିଖ ଆଶ୍ୱିନ, ଶୁକ୍ରବାର ) ଚୂଡ଼ଙ୍ଗଦେବ କଟକ ଜୟ କରିଥିଲେ । ଏକ ଖୋଦିତ ଲିପିରୁ ଜଣାଯାଏ ବଙ୍ଗଳାର ବର୍ଦ୍ଧମାନ ପର୍ଯ୍ୟନ୍ତ ତାଙ୍କର ଅସ୍ତ୍ର ଗୃଳତ ହୋଇଥିଲା । ତାଙ୍କ ରାଜତ୍ୱ ସମୟର ଅନ୍ୟ କୌଣସି ବିଶେଷ ଘଟନା ବର୍ଣ୍ଣିତ ନାହିଁ । କିନ୍ତୁ ତାଙ୍କ ଶାସନାରମ୍ଭରୁ ବୈଷ୍ଣବଧର୍ମର ପ୍ରାଦୁର୍ଭାବ ବୃଦ୍ଧି ଓ ସେଥି ସଙ୍ଗେ ସଙ୍ଗେ ଜଗନ୍ନାଥଦେବ ଏବଂ ପୁରୀ ନଗରର ଗୌରବ ବର୍ଦ୍ଧନ ସଂଘଟିତ ହୋଇଥିଲା । ପୁରୀ ନଗରର ଏକ ସାହି ଓ ଏକ ପୁଷ୍କରଣୀ ( ସମ୍ଭବତଃ ତାଙ୍କଦ୍ୱାରା ରଚିତ ) ଚୂଡ଼ଙ୍ଗ ନାମ ଧାରଣ କରି ଅଦ୍ୟାପି ବିଦ୍ୟମାନ ଅଛି । ଜଗନ୍ନାଥ ମନ୍ଦିରରେ ଯେଉଁ ମାଦଳାପାଞ୍ଜି ସଂରକ୍ଷିତ ହୋଇଅଛି, ତାହା ତାଙ୍କ ଆଦେଶରେ ପ୍ରଥମ ଲିଖିତ ହୋଇ ଥିବାର କେହି କେହି କହିଅଛନ୍ତି; କିନ୍ତୁ ମାଦଳାପାଞ୍ଜିର ଆକାରରୁ ଓ ଲେଖାରୁ ବୋଧ ହୁଏ, ଏଥିର ଲିଖନ ଅତି ଅଳ୍ପକାଳ ତଳୁଁ ପ୍ରଥମ ଆରବ୍ଧ ହୋଇଥିଲା । ସାରଙ୍ଗଗଡ଼ ଓ ଚଉଦ୍ୱାରର ଦୁର୍ଗଦ୍ୱୟ ଚୂଡ଼ଙ୍ଗଦେବ ନିର୍ମାଣ କରିଥିଲେ ବୋଲି କଥିତ ଅଛି * । ସେ ସର୍ବସୁଦ୍ଧା କୋଡ଼ିଏ ବର୍ଷ ରାଜତ୍ୱ କରିଥିଲେ ।

---

* ମହାଦେବକେଶରୀ ସାରଙ୍ଗଗଡ଼ ପତ୍ତିଶା ତୋଳିଥିବାର ଓ ଜନ୍ମେଜୟ-ଦେବ ଚଉଦ୍ୱାର ନଗର ସ୍ଥାପନ କରିଥିବାର ଇତିପୂର୍ବେ ଲିଖିତ ଅଛି । ଚୂଡ଼ଙ୍ଗ ଉକ୍ତ ଦୁଇ ସ୍ଥାନରେ କେବଳ ଯୋଡ଼ିଏ ଦୁର୍ଗ କରିଥିଲେ । ଏ ବିଷୟ ପ୍ରତି ପାଠକେ ଦୃଷ୍ଟି ରଖିବେ ।

Digitized by srujanika@gmail.com

ଗଙ୍ଗେଶ୍ୱର ଦେବ—ଚୂଡ଼ଗଙ୍ଗଙ୍କ ମୃତ୍ୟୁ ଉତ୍ତାରୁ ତାଙ୍କ ପୁତ୍ର ଗଙ୍ଗେଶ୍ୱର ଦେବ ୧୧୫୨ ଖ୍ରୀଷ୍ଟାବ୍ଦରେ ଓଡ଼ିଶା ରାଜସିଂହାସନ ଆରୋହଣ କରିଥିଲେ । ସେ ଅତି ପରାକ୍ରମଶାଳୀ ଓ ସମର-ପ୍ରିୟ ନୃପତି ଥିବାର କଥିତ ଅଛି । ଯେଉଁ ବାହୁବଳ ପ୍ରକାଶ କରି ତାଙ୍କର ପିତୃପିତାମହ ଦେଶ ଦେଶାନ୍ତରରେ ଜୟଲାଭ କରିଥିଲେ, ସେହି ବାହୁବଳଦ୍ୱାରା ଗଙ୍ଗେଶ୍ୱରଦେବ ଗୋଦାବରୀଠାରୁ ଗଙ୍ଗାନଦୀ ପର୍ଯ୍ୟନ୍ତ ସମସ୍ତ ଦେଶ ଆପଣାର କରଗତ କରି ସମର୍ଥ ହୋଇଥିଲେ ବୋଲି ମାଦଳାରେ ଲିଖିତ ଅଛି । ଆହୁରି ଜଣାଯାଏ ଯେ ଯାଜପୁର, ଚଉଦ୍ୱାର, ଛତା, କଟକ ବଡ଼ାନାଶୀ ଓ କୃଷ୍ଣାନଦୀତୀରସ୍ଥ ଅମରାବତୀ ତାଙ୍କର ପାଞ୍ଚଦୁର୍ଗ ବା ରାଜଧାନୀ ଥିଲା । କିନ୍ତୁ ତାଙ୍କର ଚରିତ୍ର ଅତି ଅପବିତ୍ର ଥିବାରୁ ଦେଶରେ ପ୍ରବାଦ ପ୍ରଚଳିତ ଅଛି । ଲୋକେ କହନ୍ତି ସେ ସ୍ୱୀୟ କନ୍ୟାସହବାସଜନିତ ମହାପାପରେ ଲିପ୍ତ ଥିଲେ ଯେ ପିପିଲିର ପଶ୍ଚିମ ପାର୍ଶ୍ୱରେ କୋଶଳାଗଙ୍ଗ ନାମକ ଯେଉଁ ସୁପ୍ରଶସ୍ତ ପୁଷ୍କରିଣୀ ଆଜି ପର୍ଯ୍ୟନ୍ତ ବିରାଜିତ ଅଛି ତାହାକୁ ଗଙ୍ଗେଶ୍ୱରଦେବଙ୍କଦ୍ୱାରା ରଚିତ ଓ ତାଙ୍କର ଉକ୍ତ ମହାପାପର ପ୍ରାୟଶ୍ଚିତ୍ତର ଫଳ ବୋଲି ପ୍ରମାଣ ଦିଅନ୍ତି * । ସେ ମୋଟ ଚୌଦବର୍ଷ କାଳ ରାଜତ୍ୱ କରିଥିଲେ ।

ଅନଙ୍ଗଭୀମଦେବ—ଗଙ୍ଗେଶ୍ୱର ଦେବଙ୍କ ଉତ୍ତାରୁ ଏକଜାତଦେବ ପାଞ୍ଚବର୍ଷ ଓ ମଦନମହାଦେବ ଚାରିବର୍ଷ କାଳ ରାଜତ୍ୱ କରିଥିଲେ । ଏ ଦୁଇ

---

* କଥିତ ଅଛି ଗଙ୍ଗେଶ୍ୱର ଦେବ ପଣ୍ଡିତଙ୍କୁ ଡାକି ପଚାରିଲେ ଯେ ଯେ ଯେଉଁ ଗଛ ଲଗାଏ ସେଥିର ଫଳ ସେ ଖାଇ ପାରେ କି ନାହିଁ । ପଣ୍ଡିତେ ଅଭିସନ୍ଧି ନ ବୁଝି ଉତ୍ତର କଲେ, ହଁ । ତହୁଁ ଗଙ୍ଗେଶ୍ୱର ନିଜ କନ୍ୟା ସଙ୍ଗେ ବ୍ୟଭିଚାରରେ ଲିପ୍ତ ହେଲେ । କନ୍ୟା ଗର୍ଭରୁ ପୁତ୍ର ଜନ୍ମିଲା । ଏ କଥା ଜଣା ପଡ଼ିଲା । ତହୁଁ ପଣ୍ଡିତେ ପରାମର୍ଶ ଦେଲେ ଜାତପୁତ୍ର ତାହା ମାତା ସଙ୍ଗେ ଗୋଟିଏ ଛିଦ୍ରବିଶିଷ୍ଟ ଜଳପୂର୍ଣ୍ଣ ସ୍ୱର୍ଣ୍ଣକଳସ ମସ୍ତକେ ଘେନି ବୁଲିବ । ଉକ୍ତ ବାଳକ ପ୍ରଥମ ଛଡ଼ିଲା ସ୍ଥାନରୁ ଯେଉଁ ସ୍ଥାନରେ ପାଣି ଶେଷ ହେବ ସେହି ଭୂମି ବ୍ୟାପି ଏକ ପୁଷ୍କରିଣୀ ପ୍ରାୟଶ୍ଚିତ୍ତସ୍ୱରୂପ ଖୋଦିତ ହେବ । ଏଣୁ ଏ ପୁଷ୍କରିଣୀ ହୋଇଅଛି । କନ୍ୟାର ନାମ କୌଶଲ୍ୟା ବା କୋଶଳା ଓ ରାଜାଙ୍କ ନାମ ଗଙ୍ଗେଶ୍ୱର ଥିବା ଯୋଗୁଁ ପୋଖରୀ ନାମ କୋଶଳାଗଙ୍ଗ ହୋଇଅଛି ।

ଏହି ପୁଷ୍କରିଣୀ ମଧ୍ୟରେ ଗୋଟିଏ ଦ୍ୱୀପ ଅଛି । ସେଥିରେ ଗୋଟିଏ ରାଜ-ଆବାସର ଭଗ୍ନାବଶେଷ ଗୃହ ଦୃଷ୍ଟ ହୁଏ । ଦୟାନଦୀ ସଙ୍ଗେ ଏ ପୁଷ୍କରିଣୀ ଏକ ନାଳଦ୍ୱାରା ଯୁକ୍ତ ଥିଲା । ପୁଣି ସେ ନାଳ ଉପରେ କେତେଗୁଡ଼ିଏ ପଥରପୋଲ ଥିଲା ।

Digitized by srujanika@gmail.com

ରାଜାଙ୍କ ରାଜତ୍ୱ ସମୟର କୌଣସି ବିଶେଷ ବିବରଣ ଲିପିବଦ୍ଧ ନାହିଁ । ତଦନନ୍ତର ୧୧୭୫ ମସିହାରେ ଓଡ଼ିଶାର ରାଜକୁଳଚୂଡ଼ାମଣି ଅନଙ୍ଗଭୀମଦେବ ଗଜପତି ସିଂହାସନ ( ଗଙ୍ଗାବଂଶୀୟ ରାଜାମାନେ ଗଜପତି ନାମରେ ଖ୍ୟାତ ) ଅଧିରୋହଣ କଲେ । ପ୍ରଥମେ ଯାଜପୁର ତାଙ୍କର ରାଜଧାନୀ ଥିଲା, ସେଠା ଚଉଦୁଆର ନାମକ ପ୍ରାସାଦରେ ସେ ଅବସ୍ଥିତ କରୁଥିଲେ । ସେଥି ଉତ୍ତାରୁ କଟକର ବାରବାଟୀ ଦୁର୍ଗ ନିର୍ମାଣ କରି ସେଠାରେ ଅବସ୍ଥିତ ହେଲେ । ତାଙ୍କର ଚରିତ୍ର ସୁଦ୍ଧା ପ୍ରଥମେ ନିର୍ମଳ ନ ଥିଲା, ଯେହେତୁ କଥିତ ଅଛି ଯେ ସେ ବ୍ରହ୍ମହତ୍ୟା କରି କଳୁଷିତ ହୋଇଥିଲେ ଓ ସେହି ପାପର ପ୍ରାୟଶ୍ଚିତ୍ତରୂପେ ଷାଠିଏ ପ୍ରସ୍ତରମୟ ଦେଉଳ, ଦଶ ସେତୁ, ଷାଠିଏ ବାପୀ, ଏକକୋଡ଼ି ସରୋବର ଓ ଏକଶବାଅନ ଘାଟ ନିର୍ମାଣ କରାଇଥିଲେ । ମଧ୍ୟ ଦେଢ଼ଶଅ ( କେହି ବୋଲନ୍ତି ସାଢ଼େ ଚାରିଶଅ ) ବ୍ରାହ୍ମଣଶାସନ ତାଙ୍କ ଅଜ୍ଞାରେ ବସିଥିଲା । ଉଲ୍ଲିଖିତ କାର୍ଯ୍ୟସବୁର ସଂଖ୍ୟାରେ ଅତ୍ୟୁକ୍ତି ଥାଇ ପାରେ, ମାତ୍ର ଅନଙ୍ଗଭୀମ ଯେ ଅନେକ ଦେଉଳ ଗଢ଼ାଇଥିଲେ ଓ ଅନ୍ୟାନ୍ୟ ବହୁ ସାଧାରଣ କାର୍ଯ୍ୟରେ ଅର୍ଥ ବ୍ୟୟ କରିଥିଲେ, ଏଥିରେ କୌଣସି ସନ୍ଦେହ ନାହିଁ । ଅନଙ୍ଗଭୀମଙ୍କ ଅଜ୍ଞାରେ ପୁରୁଷୋତ୍ତମ ନଗର ଅସଂଖ୍ୟ ଦେବାଳୟାଦିଦ୍ୱାରା ସୁଶୋଭିତ ହୋଇଥିଲା ଓ ପୁରୀର ବଡ଼ଦେଉଳ ତାଙ୍କର କୀର୍ତ୍ତିସ୍ତମ୍ଭ ଅଟଇ ।

ଅନଙ୍ଗଭୀମଦେବ କେବଳ ସାଧାରଣ ହିତକାର୍ଯ୍ୟମାନଙ୍କରେ ଯେ ତତ୍ପରତା ଓ ବଦାନ୍ୟତା ଦେଖାଇଥିଲେ ଏମନ୍ତ ନୁହେ, ତଦଧୀନ ରାଜ୍ୟର ସୁଶୃଙ୍ଖଳ ଶାସନ ବିଷୟରେ ମଧ୍ୟ ବିଶେଷ ମନୋଯୋଗୀ ହୋଇଥିଲେ । ତାଙ୍କ ରାଜତ୍ୱ ସମୟରେ ପ୍ରଥମ ଥର ସମଗ୍ର ଓଡ଼ିଶାରେ ଥରେ ଜରିପ ହୋଇଥିଲା । ଏହି ମହତ୍‌କାର୍ଯ୍ୟର ତତ୍ତ୍ୱାବଧାରଣରେ ତାଙ୍କର ମନ୍ତ୍ରୀ ଦାମୋଦର ବଡ଼ପଣ୍ଡା ଓ ଈଶାନ ପଟ୍ଟନାୟକ ନିଯୁକ୍ତ ହୋଇଥିଲେ । ଗଙ୍ଗାକୂଳଠାରୁ ଗୋଦାବରୀ ତୀର ପର୍ଯ୍ୟନ୍ତ ଓ ସମୁଦ୍ରଠାରୁ ସୁନପୁର ପର୍ଯ୍ୟନ୍ତ ସମସ୍ତ ଦେଶ ସେମାନେ ଜରିପ କରାଇଥିଲେ । ଜରିପର ଫଳ ଏହିରୂପେ ସ୍ଥିର ହୋଇଥିଲା । ଯଥା :—

| | | |
|---|---|---|
| ମୋଟଜମି | ... ... | ୬୨୨୮୦୦୦ ବାଟୀ । |
| ମେଣ୍ଢା, ପାହାଡ଼, ନଈ, ନଗର, ପତିତଭୂମି | | ୧୪୮୦୦୦୦ ବାଟୀ । |
| ବାକି ଆବାଦୀ ଭୂମି | ... | ୪୭୪୮୦୦୦ ବାଟୀ । |

ଏହି ଅବଶିଷ୍ଟ ଆବାଦ ଭୂମି ମଧ୍ୟରୁ ୨୪୩୦୦୦୦ ବାଟୀ ଖାଲସା ବା କରଯୁକ୍ତ ଓ ୨୩୧୮୦୦୦ ବାଟୀ ବ୍ରାହ୍ମଣ, ରାଜକର୍ମଚାରୀ, ସୈନ୍ୟ, ସାମନ୍ତ ପ୍ରଭୃତିଙ୍କ ପ୍ରତିପୋଷଣାର୍ଥ ନିୟୋଜିତ ହୋଇଥିଲା । ସେହି ସମୟରେ ଅନଙ୍ଗଭୀମଦେବ ୧୨ ଜଣଙ୍କୁ ସାମନ୍ତ ରାଜା କରିଥିଲେ । ସେଥି ମଧ୍ୟରୁ ଆହୁରି ଅନେକ ସ୍ୱାଧୀନ

Digitized by srujanika@gmail.com

ସାମନ୍ତ ରାଜା ଥିବାର ଅନୁମିତ ହୋଇଅଛି । ସେମାନେ ଭୂମି ଭୋଗ କରୁଥିଲେ ଓ ପ୍ରୟୋଜନାନୁସାରେ ସିପାହି, ରସଦ ଓ ଅନ୍ୟାନ୍ୟ ଆବଶ୍ୟକୀୟ ସାହାଯ୍ୟମାନ ଓଡ଼ିଶାଧିପତିଙ୍କି ପ୍ରଦାନ କରୁଥିଲେ । ଆବଶ୍ୟକ ହେଲେ ସେମାନେ ସ୍ୱୟଂ ମଧ୍ୟ ସମରକ୍ଷେତ୍ରରେ ଉପସ୍ଥିତ ହେଉଥିଲେ । ସେମାନଙ୍କ ମଧ୍ୟରୁ କେହି କେହି ଆଧୁନିକ ଗଡ଼ଜାତ ଓ କିଲ୍ଲାଜାତ କୌଣସି କୌଣସି ରାଜାଙ୍କ ଆଦ୍ୟ ପୂର୍ବପୁରୁଷ ଥିବାର ସମ୍ଭବ ।

ଗଙ୍ଗାବଂଶୀୟ ରାଜାମାନେ ଓଡ଼ିଶାରେ ବିଷ୍ଣୁ ଉପାସନାର ପ୍ରତିପୋଷକ ଓ ଶ୍ରୀବୃଦ୍ଧିସାଧକ ବୋଲି ଯେଉଁ ଖ୍ୟାତି ଲଭିଅଛନ୍ତି, ରାଜା ଅନଙ୍ଗଭୀମଦେବ ଅଧିକାଂଶ ସେ ଖ୍ୟାତିର ଅଧିକାରୀ ଅଟନ୍ତି । ପୁରୁଷୋତ୍ତମର ବଡ଼ଦେଉଳ ନିର୍ମାଣ କରି ଜଗନ୍ନାଥଦେବଙ୍କର ସେବାପୂଜା ଓ ଅର୍ଚ୍ଚନାର ନିୟୋଗ କରିବାଦ୍ୱାରା ଓଡ଼ିଶାରେ ବିଷ୍ଣୁ ଉପାସନାକୁ ଜୀବନ ଓ ସ୍ଥାୟୀତ୍ୱ ଦେଇ ଅନଙ୍ଗଭୀମ ବିଶେଷ ଯଶର ଭାଜନ ହୋଇଥିଲେ । ବର୍ତ୍ତମାନ ଜଗନ୍ନାଥଙ୍କ ମନ୍ଦିରରେ ଯେପରି ସେବାପୂଜାରି ନିୟମ ନିର୍ଦ୍ଦିଷ୍ଟ ଅଛି ସେ ସବୁ ଅଧିକାଂଶର ସୂତ୍ରପାତ ଅନଙ୍ଗଭୀମଦେବଙ୍କ ସମୟରୁ ହୋଇଥିବାର ଜଣାଯାଏ । ରାଜା ଓ ତଦୀୟ ବୁଦ୍ଧିମାନ୍ ବ୍ରାହ୍ମଣ ସଚିବବର୍ଗଙ୍କ ଯତ୍ନ ଓ କୌଶଳରେ ହିନ୍ଦୁଧର୍ମାନ୍ତର୍ଗତ ଭିନ୍ନ ଭିନ୍ନ ମତାବଲମ୍ବିଙ୍କ ମତର ଏକତା ଜଗନ୍ନାଥଦେବଙ୍କ ଉପାସନାରେ ସମାହିତ ହୋଇଥିବାରୁ ତାଙ୍କ ଉପାସନା ଓ ପୂଜା ଅଚିରେ ଲୋକପ୍ରିୟ ହୋଇଅଛି । ରାଜା ଅନଙ୍ଗଭୀମ ଯେ ପୁଣି ଜଣେ ଉତ୍ତମ ରାଜନୀତିଜ୍ଞ ଓ ରାଜଶାସନକୁଶଳ ନୃପତି ଥିଲେ ମାଦଳାପାଞ୍ଜିରେ ରକ୍ଷିତ ତାଙ୍କର ଏକ ବକ୍ତୃତାରୁ ତାହା କେତେକ ପରିମାଣରେ ପ୍ରକାଶ ପାଉଅଛି । ସମସ୍ତ ରାଜପୁତ୍ର, ଅଧୀନ ସାମନ୍ତ ରାଜା, ରାଜକର୍ମଚାରୀ, ପଣ୍ଡା, ପୁରୋହିତ, ପ୍ରଜା ସମସ୍ତଙ୍କୁ ଏକତ୍ରିତ କରି ତାଙ୍କ ରାଜତ୍ୱର ଦ୍ୱାଦଶବର୍ଷରେ ଉକ୍ତ ବକ୍ତୃତା ସେ ପ୍ରଦାନ କରିଥିଲେ । ସେଥିର ସାର ନିମ୍ନରେ ଆମ୍ଭେମାନେ ପ୍ରକଟିତ କରୁଅଛୁଁ ।

"ହେ ରାଜପୁତ୍ର ଓ ସାମନ୍ତବୃନ୍ଦ ! ଆମ୍ଭର ଏହି ରାଜ୍ୟର ଶାସନ, ରାଜକୀୟ ବ୍ୟୟ ନିର୍ବାହ, ସୈନ୍ୟ ଓ ଦେବାଳୟାଦିର ବ୍ୟୟ ସଂଯୋଜନ ଏବଂ ରାଜକୋଷ ରକ୍ଷଣ ବିଷୟରେ ଯେଉଁ ନିୟୋଗମାନ ଆମ୍ଭେ କରିଅଛୁଁ ସେ ସମସ୍ତ ଶ୍ରବଣ କର ଓ ଆମ୍ଭ ପରାମର୍ଶ ଗ୍ରହଣ କର । କେଶରୀବଂଶୀୟ ରାଜାମାନେ ଉତ୍ତରରେ କାଁଶବାଁଶ ନଦୀଠାରୁ ଦକ୍ଷିଣରେ ରସକୋଇଲା ନଦୀ ପର୍ଯ୍ୟନ୍ତ, ପୂର୍ବରେ ସାଗର ଉପକୂଳରୁ ପଶ୍ଚିମରେ ବାମନଗର ନିକଟବର୍ତ୍ତୀ ଦଣ୍ଡପାଟ ପର୍ଯ୍ୟନ୍ତ ସ୍ୱାଧିକାରଭୁକ୍ତ କରି ୧୫ ଲକ୍ଷ ମାତ୍ର ସୁବର୍ଣ୍ଣ ରାଜସ୍ୱ ପ୍ରାପ୍ତ ହେଉଥିବାର ଭୁମ୍ଭମାନଙ୍କୁ ଜଣାଅଛି । ବର୍ତ୍ତମାନ ଶ୍ରୀ ଜଗନ୍ନାଥଙ୍କ ପ୍ରସାଦରୁ ଗଙ୍ଗାବଂଶୀୟ ରାଜାମାନେ ଉତ୍ତରେ ଦନ୍ତାବର୍ତ୍ତୀ

Digitized by srujanika@gmail.com

ନଦୀ*, ଦକ୍ଷିଣେ ରାଜମହେନ୍ଦ୍ରୀ ଓ ପଶ୍ଚିମରେ ବୌଦ୍ଧ ସୁନପୁର ପର୍ଯ୍ୟନ୍ତ ରାଜ୍ୟ ବିସ୍ତାର କରିଅଛନ୍ତି ଏବଂ ଏହି ନବାଧିକୃତ ରାଜ୍ୟରୁ ଅଧିକା ୨୦ ଲକ୍ଷ ମାଢ଼ ସ୍ୱର୍ଣ୍ଣ ଲବ୍ଧ ହେଉଅଛି । ଏହି ରାଜସ୍ୱରୁ ସାମନ୍ତ, ବ୍ରାହ୍ମଣ, ପୁରୋହିତ ଓ ଦେବସେବାର ବ୍ୟୟାଦି ନିର୍ଦ୍ଦିଷ୍ଟ କରି ଦେଇଅଛୁଁ । ପାଇକ, ସେବକ ଓ ରାଜକର୍ମଚାରୀଙ୍କ ସକାଶେ ଭୂମି ନିୟୋଜନ କରିଅଛୁଁ । ହେ ରାଜପୁତ୍ର ଓ ସାମନ୍ତବର୍ଗ ! ଆମ୍ଭର ଏହି ବ୍ୟବସ୍ଥାର କଦାପି ଅନ୍ୟଥା କରିବ ନାହିଁ । ଯାହାକୁ ଯେଉଁ ବୃତ୍ତି ବା ନିଷ୍କର ଭୂମି ପ୍ରଦତ୍ତ ହୋଇଅଛି ତାହା ରହିତ ଅବା ପୁନର୍ଗ୍ରହଣ ନ କରିବ; କଲେ ଦତ୍ତାପହାରର ଦଣ୍ଡର ଯୋଗ୍ୟ ହେବ । ଯେଉଁ ଯେଉଁ ରାଜ୍ୟଖଣ୍ଡର ଶାସନଭାର ତୁମ୍ଭମାନଙ୍କ ହସ୍ତରେ ଅର୍ପିତ ହୋଇଅଛି, ସେ ସମସ୍ତ ଶାସନ ବିଷୟରେ ଏହି କଥା ସ୍ମରଣ ରଖିବ ଯେ ପ୍ରଜାମାନଙ୍କ ପ୍ରତି ଦୟାଶୀଳ ନ୍ୟାୟପର ହେବାର ରାଜାର କର୍ତ୍ତବ୍ୟ ଏବଂ ନିର୍ଦ୍ଦିଷ୍ଟ କରରୁ ଅତିରିକ୍ତ ଗ୍ରହଣ କରିବା ଅନ୍ୟାୟ । ସୌଭାଗ୍ୟକ୍ରମେ ଭୂୟାଁମାନଙ୍କୁ ପରାଜୟ କରି ୪୦ ଲକ୍ଷ ମାଢ଼ ସ୍ୱର୍ଣ୍ଣ ରାଜକୋଷରେ ସଂଗ୍ରହ କରିଅଛୁଁ । ୭୮୦୦୦୦ ମାଢ଼ ସ୍ୱର୍ଣ୍ଣ ମୂଲ୍ୟର ରତ୍ନମାନ ମଧ୍ୟ ସଞ୍ଚିତ ହୋଇଅଛି । ଏହି ସଞ୍ଚିତ ମୁଦ୍ରାରୁ କିଛି ବ୍ୟୟ କରି ଏକଶତ ହସ୍ତ ଉଚ୍ଚ ମନ୍ଦିର ଜଗନ୍ନାଥ-ଦେବଙ୍କ ସକାଶେ ନିର୍ମାଣ କରାଇ, କେତେକ ମଣି ମୁକ୍ତା ସୁଦ୍ଧା ତାଙ୍କ ସେବାରେ ଅର୍ପଣ କରିବା ସକାଶେ ବାସନା କରିଅଛୁଁ । ଏଥିରେ ତୁମ୍ଭମାନଙ୍କର କି ମତ ତାହା ବ୍ୟକ୍ତ କର ।" ଏହି ବକ୍ତୃତା ଶ୍ରବଣ କରି ସମସ୍ତେ ସମ୍ମତି ପ୍ରଦାନ କଲେ ଓ ରାଜାଙ୍କୁ ଭୂୟସୀ ପ୍ରଶଂସା ଅର୍ପିତ ହେଲା । ତଦନନ୍ତର ଶ୍ରୀମନ୍ଦିର ନିର୍ମାଣ କରିବାର ସ୍ଥିର ହୋଇ ପରମହଂସ ବାଜପେଇ ସେହି କାର୍ଯ୍ୟ ତତ୍ତ୍ୱାବଧାରଣର ଭାର ପ୍ରାପ୍ତ ହେଲେ । ବାର ଲକ୍ଷ ପଚିଶ ହଜାର ମାଢ଼ ସ୍ୱର୍ଣ୍ଣ ଓ ଅଢ଼ାଇ ଲକ୍ଷ ମାଢ଼ ସ୍ୱର୍ଣ୍ଣ ମୂଲ୍ୟର ରତ୍ନଚୟ ଜଗନ୍ନାଥଙ୍କର ସେହି କାର୍ଯ୍ୟର ବ୍ୟୟ ନିର୍ବାହାର୍ଥ ନିୟୋଜିତ ହେଲା ।

ଏହି ସମୟରେ ଅନଙ୍ଗଭୀମଙ୍କ ଆଦେଶକ୍ରମେ ନୂତନ ମୁଦ୍ରା ପ୍ରସ୍ତୁତ ଓ ମୋହର ଖୋଦିତ ହୋଇଥିଲା । "ବୀର ଶ୍ରୀ ଗଜପତି ଗୌଡ଼େଶ୍ୱର ନବକୋଟି କର୍ଣ୍ଣାଟୋତ୍କଳ ବର୍ଗେଶ୍ୱରାଧିରାଜ ଭୂତ ଭୈରବଦେବ ସାଧୁ ଶାସନୋତ୍କର୍ଣ୍ଣ ରାଉତରାୟ ଅତୁଳ ବଳ ପରାକ୍ରମ ସଂଗ୍ରାମ ସହସ୍ରବାହୁ କ୍ଷତ୍ରିୟକୁଳ ଧୂମକେତୁ" ଇତ୍ୟାଖ୍ୟାତ ରାଜୋପାଧି ଉକ୍ତ ମୋହରରେ ଅଙ୍କିତ ହୋଇଥିଲା । ଅଦ୍ୟାପି ଏହି ଉପାଧିର କେତେକ ଅଂଶ ଖୋର୍ଦ୍ଧାବଂଶୀୟ ରାଜାମାନେ ନାମକୁ ଧାରଣ

* ବର୍ତ୍ତମାନ ଏହା ବୁଢ଼ାବଳଙ୍ଗ ନାମରେ ଖ୍ୟାତ ।

Digitized by srujanika@gmail.com

କରନ୍ତୁ । ବର୍ତ୍ତମାନ ଓଡ଼ିଶାବାସୀ ସମ୍ଭ୍ରାନ୍ତ ଓ ମର୍ଯ୍ୟାଦାବନ୍ତ ବ୍ୟକ୍ତିଙ୍କଦ୍ୱାରା 'ପାଠଯୋଷୀ' 'ବଡ଼ପଣ୍ଡା' 'ସାନ୍ତରା' 'ମଙ୍ଗରାଜ' 'ପଟ୍ଟନାୟକ' 'ମହାପାତ୍ର' ପ୍ରଭୃତି ଯେଉଁ ନାନାପ୍ରକାର ପଦ ଧୃତ ହୋଇଅଛି ସେ ସମସ୍ତ ପ୍ରଥମ ଅନଙ୍ଗଭୀମଦେବ ରାଜାଙ୍କ ସମୟରେ ସୃଷ୍ଟ ହୋଇଥିଲା । ଓଡ଼ିଶାର ସାମାଜିକ ଆଚାର ବ୍ୟବହାରରେ ମଧ୍ୟ ସେ ଅନେକ ପରିବର୍ତ୍ତନ ଘଟାଇଥିଲେ, ଫଳତଃ ଅନ୍ୟାନ୍ୟ ବିଷୟ ପରି ଓଡ଼ିଶା ସମାଜର ଅଙ୍ଗସୌଷ୍ଠବ ବର୍ଦ୍ଧନ ବିଷୟରେ ସୁଦ୍ଧା ଅନଙ୍ଗଭୀମ ବିଶେଷ ମନୋନିବେଶ କରିଥିଲେ ଓ ତାଙ୍କ ପୂର୍ବେ କି ଉତ୍ତାରୁ ସମାଜର ଆଚାର ବ୍ୟବହାର ବିଷୟରେ କୌଣସି ରାଜାଙ୍କୁ ସେପରି ସଂସ୍କାର ସାଧନ କରିବାରେ ଚେଷ୍ଟା କରିଥିବାର ଆମ୍ଭେମାନେ ପରିଚୟ ପାଇ ନାହୁଁ ।

ଅନଙ୍ଗଭୀମଦେବଙ୍କର ୫୦ ସହସ୍ର ପଦାତିକ, ଦଶ ସହସ୍ର ଅଶ୍ୱାରୋହୀ, ପଚଶ ସହସ୍ର ହସ୍ତୀ ସାଧାରଣ ସୈନ୍ୟ ଶ୍ରେଣୀଭୁକ୍ତ ଥିଲ; ମାତ୍ର ପ୍ରୟୋଜନାନୁସାରେ ଅଧିକ ତିରିଶ ଲକ୍ଷ ପାଇକ ମୁହୂର୍ତ୍ତକ ମଧ୍ୟରେ ତାଙ୍କ ଆଜ୍ଞାରେ ଏକତ୍ରିତ ହୋଇ ପାରୁଥିଲେ । ଏଥିଦ୍ୱାରା ଓଡ଼ିଆଙ୍କର ତତ୍କାଳୀନ ସାମର୍ଥ୍ୟ ଓ ସମରପ୍ରିୟତାର ଉତ୍ତମ ପରିଚୟ ମିଳୁଅଛି, ମଧ୍ୟ ସେ ସମୟରେ ପ୍ରଜାମାନେ ଆପଣା ଆପଣା ବ୍ୟବସାୟରେ ଥାଇ ଓ ରାଜାଙ୍କଠାରୁ ନିଷ୍କର ଭୂମି ଭୋଗ କରି, ଯୁଦ୍ଧକାର୍ଯ୍ୟ ଅଳ୍ପ ବହୁତରେ ଶିକ୍ଷା କରୁଥିଲେ ଓ ସେମାନଙ୍କର ଭିନ୍ନ ଭିନ୍ନ ଦଳପତିଙ୍କର ଆଦେଶାନୁସାରେ ଆବଶ୍ୟକ ହେଲେ ଅସ୍ତ୍ର ଶସ୍ତ୍ର ଘେନି ଯୁଦ୍ଧାର୍ଥ ପ୍ରସ୍ତୁତ ହେଉଥିଲେ ।

ରାଜା ଅନଙ୍ଗଭୀମ ଗୌରବ ଓ ମହତ୍ତ୍ୱର ସହିତ ଓଡ଼ିଶାର ଶାସନ କାର୍ଯ୍ୟରେ ନିଯୁକ୍ତ ରହି ଏବଂ ସାଧ୍ୟାନୁସାରେ ଓଡ଼ିଶାର ସବୁ ପ୍ରକାର ଶ୍ରୀବୃଦ୍ଧି ସାଧନର ଚେଷ୍ଟା କରି, ଅବଶେଷରେ ୧୨୦୨ ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କଲେ ।

ରାଜେଶ୍ୱରଦେବ ।—୧୨୦୨-୧୨୩୭—ଅନଙ୍ଗଭୀମଙ୍କ ମୃତ୍ୟୁ ଉତ୍ତାରୁ ରାଜେଶ୍ୱରଦେବ ଗଜପତି ସିଂହାସନରେ ଆରୂଢ଼ ହୋଇ ୩୫ ବର୍ଷ କାଳ ରାଜତ୍ୱ କରିଥିଲେ ।

ତାଙ୍କ ରାଜତ୍ୱ ସମୟରେ ବଙ୍ଗଦେଶର ସେନବଂଶୀୟ ଶେଷ ହିନ୍ଦୁରାଜା ଲକ୍ଷ୍ମଣେୟ ମୁସଲମାନଙ୍କ ଆକ୍ରମଣ ଭୟରେ ପଳାଇ ଆସି ଜଗନ୍ନାଥ ମନ୍ଦିରରେ

Digitized by srujanika@gmail.com

ଅତ୍ୟନ୍ତ ଗ୍ରହଣ କରି ଜୀବନର ଅବଶିଷ୍ଟ କାଳ ସେଠାରେ କଟାଇଥିବାର ମୁସଲମାନ ଇତିହାସକ୍ରେତୃଏ ଲେଖିଅଛନ୍ତି ( ୧୨୦୩ ) ।*

୧୨୧୨ ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ମୁସଲମାନ ଶାସନକର୍ତ୍ତା ଗୟାସୁଦ୍ଦୀନ ଓଡ଼ିଶା ଆକ୍ରମଣ କରି ରାଜାଙ୍କୁ କର ଦେବାପାଇଁ ବାଧ୍ୟ କରିଥିବାର ଲିଖିତ ହୋଇଅଛି । ମୁସଲମାନମାନଙ୍କର ଓଡ଼ିଶା ସ୍ପର୍ଶ କରିବାର ଏହି ପ୍ରଥମ ଥର ସକାଶେ ଆମ୍ଭେମାନେ ମୁସଲମାନମାନଙ୍କ ଇତିହାସରେ ପାଠ କରୁଁ ।

ଲାଙ୍ଗୁଲାନରସିଂହ ଦେବ ( ୧୨୩୭—୧୨୮୨ )—ରାଜେଶ୍ୱର-ଦେବଙ୍କ ଉତ୍ତରାଧିକାରୀ ୧୨୩୭ ଖ୍ରୀଷ୍ଟାବ୍ଦରେ ସିଂହାସନ ଆରୋହଣ କରିଥିଲେ । ସେ ଜଣେ ଗଙ୍ଗାବଂଶୀୟ ପ୍ରସିଦ୍ଧ ରାଜା ଥିଲେ । ତାଙ୍କର ଆକାର ବା ପରିଚ୍ଛଦର କୌଣସି ବିକୃତାବସ୍ଥାଯୋଗୁଁ “ଲାଙ୍ଗୁଳା” ନାମକ ଏକ ଉପାଧି ତାଙ୍କ ଭାଗ୍ୟରେ ଘଟିଥିଲା । କଥିତ ଅଛି ସେ ବିଶାଳ ଶକ୍ତି ଶରୀରରେ ବହନ କରୁଥିଲେ । ଦାକ୍ଷିଣାତ୍ୟର କେତେକ ଯୁଦ୍ଧରେ ମଧ୍ୟ ସେ ଜୟୀ ହୋଇଥିବାର ପ୍ରବାଦ ପ୍ରଚଳିତ ଅଛି । ତାଙ୍କ ରାଜତ୍ୱର ଗୋଟିଏ ପ୍ରଧାନ କାର୍ଯ୍ୟ କୋଣାର୍କର (କଣାରକ୍ଷ, ପ୍ରସିଦ୍ଧ ଦେଉଳ ନିର୍ମାଣ ଅଟଇ । ସେ କାର୍ଯ୍ୟରେ ଓଡ଼ିଶାର ଦ୍ୱାଦଶବର୍ଷର ରାଜସ୍ୱ ନିୟୋଜିତ ହୋଇଥିଲା ବୋଲି କଥିତ ଅଛି । ରାଜାଙ୍କର ମନ୍ତ୍ରୀ ଶିବସାନ୍ତରା ମନ୍ଦିର ନିର୍ମାଣର ତତ୍ତ୍ୱାବଧାରକ ନିଯୁକ୍ତ ହୋଇଥିଲେ । ପ୍ରତ୍ୟହ ୧୨ ସହସ୍ର ମନୁଷ୍ୟ ଏ କାର୍ଯ୍ୟରେ ଲାଗିଥିବାର ପ୍ରବାଦ ଅଦ୍ୟାପି ଦେଶର ସର୍ବତ୍ର ପ୍ରଚଳିତ ଅଛି ।

ତାଙ୍କ ରାଜତ୍ୱ ସମୟରେ ତୋଘାନ ଖାଁ ( ୧୨୪୨ ) ଓଡ଼ିଶା ଆକ୍ରମଣ କରି ପରାଜିତ ହୋଇଥିଲେ । ଅନନ୍ତର ତୋଗ୍ରଲ ଖାଁ ( ୧୨୫୨ ) ପ୍ରତିଶୋଧ ନେବା ଆଶାରେ ତିନିଥର ଓଡ଼ିଶା ଆକ୍ରମଣ କରିଥିଲେ । ସେଥିରେ ସେ ଦୁଇ ଥର ଜୟୀ ଓ ତୃତୀୟ ଥରକୁ ପରାଙ୍ମୁଖ ହୋଇ ସ୍ୱଦେଶକୁ ପ୍ରତ୍ୟାଗତ ହୋଇଥିଲେ । ଲାଙ୍ଗୁଲାନରସିଂହଦେବ ୧୨୮୨ ମସିହାରେ ପ୍ରାଣତ୍ୟାଗ କରିଥିଲେ ।

---

* କେହି କେହି କହନ୍ତି ଲକ୍ଷ୍ମଣେୟ ତାଙ୍କ ଜୀବନର ଶେଷାଂଶ ଭଦ୍ରଖ ନିକଟରେ ରହି କଟାଇଥିଲେ । ଭଦ୍ରଖ ଏକପ୍ରକାର ଓଡ଼ିଶାର ଉପନିବେଶୀ ବୈଦ୍ୟଙ୍କର ଆଦିସ୍ଥାନ ଥିବା ପ୍ରତ୍ୟକ୍ଷେ ଉକ୍ତ ଅନୁମାନ ସମ୍ଭବପର ବୋଲି ବୋଧ ହୁଅଇ ।

Digitized by srujanika@gmail.com

କେଶରୀ ନରସିଂହ, ଓ ଅନ୍ୟାନ୍ୟ ନରସିଂହ, ଭାନୁର ଓ ବାସୁଦେବ ଉପାଧିଧାରୀ ରାଜଗଣ—ଲାଙ୍ଗୁଳାନରସିଂହଙ୍କ ଉତ୍ତାରୁ କେଶରୀ ନରସିଂହ ( କେହି କହନ୍ତି କବିର ନରସିଂହ ) ଓଡ଼ିଶାର ରାଜମୁକୁଟ ଗ୍ରହଣ କରିଥିଲେ । ତାଙ୍କ ରାଜତ୍ୱ କାଳର ବିଶେଷ କୌଣସି ବିବରଣ ବର୍ଣ୍ଣିତ ନାହିଁ । ଜଗନ୍ନାଥ ମନ୍ଦିର ଓ ଗୁଣ୍ଡିଚା ମନ୍ଦିର ମଧ୍ୟରେ ବଳାଗଣ୍ଡି ନାମକ ଯେଉଁ କ୍ଷୁଦ୍ର ନିମ୍ନଗା ପ୍ରବାହିତ ହେଉଥିଲା, ତାହା ସେ ବହୁ ବ୍ୟୟ ସ୍ୱୀକାର କରି ପୋତାଇଥିଲେ । ତାଙ୍କର ରାଜପଣ ୧୨୮୨ ଖ୍ରୀଷ୍ଟାବ୍ଦରେ ଆରମ୍ଭ ହୋଇ ୧୩୦୭ ଖ୍ରୀଷ୍ଟାବ୍ଦରେ ସମାପ୍ତ ହୋଇଥିଲା । ୧୩୦୭ ଖ୍ରୀଷ୍ଟାବ୍ଦରୁ ୧୩୮୦ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୭୩ ବର୍ଷ କାଳ ଆଉ ତିନିଜଣ ନରସିଂହ ଉପାଧିଧାରୀ ରାଜା ଓଡ଼ିଶା ରାଜ୍ୟ ଭୋଗ କରିଥିଲେ । ତାଙ୍କମାନଙ୍କ ମଧ୍ୟରେ ପ୍ରତାପ ନରସିଂହ ( ୧୩୦୭-୧୩୨୭ ) ଦିଲ୍ଲୀ ସମ୍ରାଟଙ୍କ କନୈକ ସେନାପତିଙ୍କ ସଙ୍ଗେ ଏକତା ସ୍ଥାପନ କରି, ଉରଙ୍ଗଲ ରାଜ୍ୟ ଜୟ କରିବା ସକାଶେ ସେନା ପ୍ରେରଣ କରିଥିଲେ ବୋଲି କଥିତ ଅଛି (୧୩୦୯) ।

ତଦନନ୍ତର ଭାନୁର ଉପାଧିଧାରୀ ଏକଜଣ ରାଜା ଓ ବାସୁଦେବ ଉପାଧିଧାରୀ ଛ ଜଣ ନୃପତି ୧୩୮୦ ଖ୍ରୀଷ୍ଟାବ୍ଦରୁ ୧୪୫୨ ଖ୍ରୀଷ୍ଟାବ୍ଦ ପର୍ଯ୍ୟନ୍ତ ୧୪୨ ବର୍ଷ ଓଡ଼ିଶାରେ ରାଜପଣ କରିଥିଲେ । କେହି କେହି ଏମାନଙ୍କ ମଧ୍ୟରୁ ପ୍ରଥମ ରାଜାଙ୍କୁ ନରସିଂହ ଓ ଶେଷ ଛ ରାଜାଙ୍କୁ ସୂର୍ଯ୍ୟବଂଶୀୟ ଭାନୁ ଉପାଧିଧାରୀ ନୃପତି ଥିଲେ ବୋଲି ନିର୍ଦ୍ଦେଶ କରିଅଛନ୍ତି, ମାତ୍ର ଶେଷ ଛ ରାଜାଙ୍କୁ ସୂର୍ଯ୍ୟବଂଶ ସମ୍ଭୂତ ବୋଲି ପ୍ରମାଣ କରିବା କଠିନ ବିଷୟ । ପୁଣି କେହି ସେମାନଙ୍କୁ ସୂର୍ଯ୍ୟୋପାସକ ଥିଲେ ବୋଲି ଯେ ଅନୁମାନ କରିଅଛନ୍ତି ସେ ଅନୁମାନକୁ ବିଶ୍ୱାସ କରିବା ପାଇଁ ଆମ୍ଭେମାନେ ବିଶେଷ ହେତୁ ଦେଖୁ ନାହୁଁ । ବରଂ କଣାରକ ଦେଉଳର ନିର୍ମାଣ କାର୍ଯ୍ୟ ( ଯହିଁର ଗଠନ ଲାଙ୍ଗୁଳାନରସିଂହଙ୍କ ରାଜତ୍ୱ ସମୟରେ ସମାପ୍ତ ହୋଇ ନ ଥିଲା ) ସମାପନ କରିବା ପ୍ରତି ସେମାନଙ୍କର ଅମନୋଯୋଗ ତଦ୍ବିପରୀତ ମତ ସମର୍ଥନ କରୁଅଛି । ଉଲ୍ଲିଖିତ ଭାନୁର ଉପାଧିଧାରୀ ରାଜାଙ୍କର ରାଜତ୍ୱ ସମୟରେ ମୁସଲମାନ ସେନାପତି କାଫୁର ଉରଙ୍ଗଲ ଜୟ କରି ତାଙ୍କ ହସ୍ତରେ ଅର୍ପଣ କରିଥିବାର ଲିଖିତ ଅଛି । ଏତଦ୍‌ବ୍ୟତୀତ ସେମାନଙ୍କ ରାଜତ୍ୱ ସମୟର ଅନ୍ୟ କୌଣସି ବିଶେଷ ଘଟନାର ବିବରଣ ମିଳଇ ନାହିଁ । ସେତୁନିର୍ମାଣ, କୂପଖନନ, ଦେଉଳଗଠନ, ପ୍ରଭୃତି ସାଧାରଣ ହିତକର କାର୍ଯ୍ୟ ସମ୍ପାଦନରେ ସେମାନେ ଯଥାସାଧ୍ୟ ଚେଷ୍ଟାର ତ୍ରୁଟି କରି ନ ଥିଲେ । ଆହୁରି କଥିତ ଅଛି ଚତୁର୍ଦ୍ଦଶ ଶତାବ୍ଦୀର ପ୍ରାରମ୍ଭରେ ଏକ ମହାଦୁର୍ଭିକ୍ଷ ଓଡ଼ିଶାରେ ଉପସ୍ଥିତ ହୋଇଥିଲା; ସେଥିରେ ସେ ସମୟର ଚାଉଳ ଧାନର ଭାଉ ସାଠିଏ ଗୁଣ ବୃଦ୍ଧି ପାଇଥିଲା ।

Digitized by srujanika@gmail.com

କପିଳେନ୍ଦ୍ର ଦେବ ( ୧୪୫୨—୧୪୭୯ )—ବାସୁଦେବବଂଶୀୟ ଶେଷ ରାଜା ନିଃସନ୍ତାନ ଥିଲେ; ସୁତରାଂ ସେ ଉଦ୍‌ବଂଶୀୟ କପିଳ ସାନ୍ତରା ନାମକ ଜଣଙ୍କୁ ପୋଷ୍ୟପୁତ୍ରରୂପେ ଗ୍ରହଣ କରିଥିଲେ କଥିତ ଅଛି । ଏହି କପିଳ ଏକସମୟରେ ଜଣେ ବ୍ରାହ୍ମଣର ଗୋଚାରଣ କାର୍ଯ୍ୟରେ ନିଯୁକ୍ତ ଥିଲେ । ଜଗନ୍ନାଥ ମନ୍ଦିରକୁ ଯାଇଁ ମାଇଁ ଶେଷ ବାସୁଦେବ ରାଜା ( ନେତ୍ରବାସୁଦେବ ) କପିଳଙ୍କର ବିଶେଷ ବୁଦ୍ଧିମତ୍ତାର ପରିଚୟ ପାଇ ତାଙ୍କୁ ସ୍ୱୀୟ ଭାବୀ ଉତ୍ତରାଧିକାରୀ ମନୋନୀତ କଲେ । କିଛିକାଳ ଉତ୍ତାରୁ କପିଳ ଆପଣାର କାର୍ଯ୍ୟଦକ୍ଷତାର ପରିଚୟ ଦେଇ ବାସୁଦେବଙ୍କ ରାଜସଭାରେ ମନ୍ତ୍ରିତ୍ୱ ପଦ ଲାଭ ବିଷୟରେ କୃତକାର୍ଯ୍ୟ ହେଲେ । କେହି କେହି କହନ୍ତି କପିଳଙ୍କ ପ୍ରତିପାଳକ ରାଜା ଥିବା ସମୟରେ ଉତ୍ତରରୁ ମୁସଲମାନମାନେ ଆସି ଓଡ଼ିଶା ଆକ୍ରମଣ କରିଥିଲେ । କପିଳ ସେମାନଙ୍କ ସଙ୍ଗେ ସନ୍ଧି ସଂସ୍ଥାପନାର୍ଥ ପ୍ରେରିତ ହୋଇ ପ୍ରତିଭୂ ସ୍ୱରୂପେ ସେମାନଙ୍କ ଶିବିରରେ ରକ୍ଷିତ ହୋଇଥିଲେ ଓ ଅନନ୍ତର ରାଜା ବାସୁଦେବଙ୍କ ମୃତ୍ୟୁ ଉତ୍ତାରୁ ଓଡ଼ିଶାର ଶାସନଭାର ଗ୍ରହଣ କରିବା ସକାଶେ ପୁନଃ ପ୍ରେରିତ ହେଲେ ।

କପିଳେନ୍ଦ୍ର ରାଜ୍ୟଭାର ପ୍ରାପ୍ତ ହୋଇ ତାଙ୍କ ରାଜ୍ୟର ସମସ୍ତ ଅଂଶ ସ୍ୱୟଂ ପରିଦର୍ଶନ କରିବାରେ ପ୍ରବୃତ୍ତ ହେଲେ । ଦକ୍ଷିଣ ଦେଶକୁ ସୁଖ ପାଇବାରୁ ହେଉ ଅବା ଦାକ୍ଷିଣାତ୍ୟ ବାହାମନିବଂଶୀୟ ମୁସଲମାନ ରାଜା ଓ ଅନ୍ୟାନ୍ୟ ରାଜାଙ୍କ ସଙ୍ଗେ ଅନବରତ ଯୁଦ୍ଧ କରିବାକୁ ହେଉଥିବାରୁ ହେଉ ରାଜଧାନୀରୁ ଅନୁପସ୍ଥିତ ଥାଇ ରାଜମହେନ୍ଦ୍ରୀ ଓ ଖିମେଡ଼ିରେ ସେ ଅଧିକ କାଳ ବାସ କରୁଥିଲେ । ବିଜୟନଗର ଦର୍ଶନ କରି ସେଠାରେ ଗୋଟିକେତେ ଶାସନ ବସାଇ ଥିବାର ମଧ୍ୟ କଥିତ ଅଛି । ଏହି ବିଜୟନଗର ୧୬୩୬ ଖ୍ରୀଷ୍ଟାବ୍ଦରେ ପ୍ରଥମ ସଂସ୍ଥାପିତ ହୋଇଥିଲା । ସେତୁବନ୍ଧରାମେଶ୍ୱର ପର୍ଯ୍ୟନ୍ତ କପିଳେନ୍ଦ୍ରଙ୍କର ସୈନ୍ୟମାନେ ଅସ୍ତ୍ରଚାଳନ କରିଥିଲେ ବୋଲି କେହି କେହି ବର୍ଣ୍ଣନା କରିଅଛନ୍ତି । କିନ୍ତୁ ସେଥିର ବିଶେଷ ପ୍ରମାଣ ଦୃଷ୍ଟିଗୋଚର ହୁଅଇ ନାହିଁ । କପିଳେନ୍ଦ୍ରଙ୍କର କେବଳ କନ୍ଦୁକଗ୍ରି ( ଆଧୁନିକ କନ୍ଦାପଲ୍ଲି ) ଦୁର୍ଗ ପରାଜୟ ସମ୍ବନ୍ଧରେ କେତେକ ବିଷୟର ଉଲ୍ଲେଖ ଥିବାର ଜଣାଯାଏ ।

କପିଳେନ୍ଦ୍ରଦେବଙ୍କ ଦାକ୍ଷିଣାତ୍ୟ ମୁସଲମାନମାନଙ୍କ ସଙ୍ଗେ ଯୁଦ୍ଧର ବର୍ଣ୍ଣନା ଉତ୍କଳ ଗ୍ରନ୍ଥମାନଙ୍କରେ ଅପ୍ରାପ୍ୟ । ମୁସଲମାନ ଇତିହାସଲେଖକେ ସେଥିର ସବିଶେଷ ବିବରଣ ଲେଖିଅଛନ୍ତି । ୧୪୫୭ ମସିହାରେ ଦାକ୍ଷିଣାତ୍ୟର ମୁସଲମାନମାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବାପାଇଁ ତେଲିଙ୍ଗ ରାଜାମାନେ

Digitized by srujanika@gmail.com

ଓଡ଼ିଶାଧିପତିଙ୍କି ଆହ୍ୱାନ କରିଥିଲେ । ତେତେବେଳେ ବାହାମିନୀବଂଶୀୟ ମୁସଲମାନମାନଙ୍କର ଦକ୍ଷିଣଦେଶରେ ବିଶେଷ ପ୍ରାଧାନ୍ୟ ଲବ୍ଧ ହୋଇଥିଲା । କପିଳେନ୍ଦ୍ରଦେବ ଦାକ୍ଷିଣାତ୍ୟକୁ ସମରସଜ୍ଜା କରିଥିବା ସମୟରେ ହୁମାୟୁନ ସା ବାହାମିନୀ ସେଠା ସିଂହାସନରେ ଅଧିଷ୍ଠିତ ଥିଲେ । ତେଲିଙ୍ଗ ଓ ଉତ୍କଳ ସୈନ୍ୟ ସମବେତ ହୋଇ ତାଙ୍କ ସଙ୍ଗେ ଯୁଦ୍ଧ କଲେ । ଯୁଦ୍ଧରେ ସେ (ହୁମାୟୁନ) ପରାଭୂତ ହୋଇ ହିନ୍ଦୁ ସେନାମାନଙ୍କଦ୍ୱାରା ପ୍ରଧାବିତ ହେଲେ । ପୁଣି ଥରେ କପିଳେନ୍ଦ୍ର ତେଲିଙ୍ଗ କ୍ଷତ୍ରିୟଙ୍କ ସଙ୍ଗେ ସମ୍ମିଳିତ ହୋଇ ମୁସଲମାନଙ୍କ ହସ୍ତରୁ ସମଗ୍ର ରାଜ୍ୟ କାଢ଼ି ନେବା ଆଶାରେ ହୁମାୟୁନ ସାଙ୍କ ପୁତ୍ର ବାହାମିନୀ ରାଜା ନିଜାମ ସାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ । ଉତ୍କଳାଧିପଙ୍କ ଯାତ୍ରା ସେଥର କୁକ୍ଷଣରେ ଘଟିଥିଲା । ବାହାମିନୀ ରାଜାଙ୍କ ରାଜଧାନୀ ଅହ୍ମଦାବାଦର ପାଞ୍ଚ କୋଶ ଅନ୍ତରରେ ଓଡ଼ିଶାରାଜା ପହଞ୍ଚିବାର ନିଜାମ ସା ଶ୍ରବଣ କରି ତାଙ୍କ ନିକଟକୁ କହି ପଠାଇଲେ ଯେ "ବାହାମିନୀ ରାଜା ଓଡ଼ିଶା ଓ ଜାହାନ ନଗର ଅଧିକାର କରିବାର ବହୁକାଳରୁ ମନସ୍ଥ କରିଅଛନ୍ତି, କିନ୍ତୁ ଦୂର ହେତୁରୁ ଯାଇ ପାରୁ ନ ଥିଲେ । ତୁମ୍ଭେମାନେ ବର୍ତ୍ତମାନ ବିନଷ୍ଟ ହେବା ସକାଶେ ପାଖକୁ ଆସିଅଛ, ଏଣୁକରି ମୁସଲମାନମାନେ ବହୁ କଷ୍ଟରୁ ମୁକ୍ତିଲାଭ କଲେ ।" ଏହିପରି କହି ପଠାଇବାର କିଛିକାଳ ଉତ୍ତାରୁ ବାହାମିନୀ ରାଜ୍ୟର ପଠାଣ ଅଶ୍ୱାରୋହିମାନେ ଓଡ଼ିଶା ଓ ତେଲିଙ୍ଗର ହିନ୍ଦୁସେନାମାନଙ୍କୁ ଆକ୍ରମଣ କଲେ । ହିନ୍ଦୁସେନାଏ ଅକସ୍ମାତ୍ ଆକ୍ରମଣରେ ଚକିତ ହୋଇ ପୃଷ୍ଠଭଙ୍ଗ ଦେଲେ । ଅନନ୍ତର ଉତ୍କଳରାଜା ପାଞ୍ଚ ଲକ୍ଷ ମୁଦ୍ରା ପ୍ରଦାନ କରି ସନ୍ଧି କ୍ରୟ କଲେ ।

ଏଥି ଉତ୍ତାରୁ କିଛିକାଳ ଦାକ୍ଷିଣାତ୍ୟ ମୁସଲମାନମାନଙ୍କ ସଙ୍ଗେ କପିଳେନ୍ଦ୍ରଦେବଙ୍କର ମିତ୍ରଭାବ ରକ୍ଷିତ ହୋଇଥିବାର ବୋଧ ହୁଅଇ । ଓଡ଼ିଶାର ଜଣେ ରାଜ୍ୟାପହାରକକୁ ଦମନ କରିବା ସକାଶେ ବାହାମିନୀବଂଶୀୟ ରାଜା ସାହାଯ୍ୟ ପ୍ରଦାନ କରିଥିଲେ । କଥିତ ଅଛି ଓଡ଼ିଶା ରାଜାଙ୍କ ଶାସନାଧୀନ ଦାକ୍ଷିଣାତ୍ୟ ରାଜ୍ୟରୁ କଦମ୍ବଂଶ ମଙ୍ଗଲ ରାୟ ନାମକ ଜଣେ ବ୍ୟକ୍ତି ସ୍ୱହସ୍ତଗତ କରିଥିବାରୁ ଓଡ଼ିଶା ନୃପତିଙ୍କର ବାନ୍ଧବ ଓ ସମ୍ଭବତଃ ଦାକ୍ଷିଣାତ୍ୟ ପ୍ରଦେଶଚୟର ଶାସନ-କର୍ତ୍ତା ଅମ୍ବର ରାୟ ତାହାକୁ ଦମନ କରିବାପାଇଁ ବାହାମିନୀ ରାଜା ମହମ୍ମଦ ସାଙ୍କ-ଠାରୁ ଯଥେଷ୍ଟ ସହାୟତା ପ୍ରାପ୍ତ ହୋଇ ଉପକାରର ବିନିମୟରେ ବାହାମିନୀ ଅଧିପତିଙ୍କି ରାଜମହେନ୍ଦ୍ରୀ ଓ କନ୍ଦାପଲ୍ଲି ନାମକ ଦୁର୍ଗଦ୍ୱୟ ଅର୍ପଣ କରିଥିଲେ । କିନ୍ତୁ ଯେ ମିତ୍ରତା ଚିରବନ୍ଧ ହୋଇଥିବା ପ୍ରାୟ ଜଣା ନ ଯାଏ । ଅଳ୍ପକାଳ ଉତ୍ତାରୁ

Digitized by srujanika@gmail.com

ଅମ୍ବର ରାଯ଼ଙ୍କ ପ୍ରବର୍ତ୍ତନାରେ ଉଲ୍ଲିଖିତ ଦୁର୍ଗଦ୍ୱଯ଼ ଫେରି ପାଇବା ଏକାରଣେ କପିଳେନ୍ଦ୍ର ଦଶସହସ୍ର ଅଶ୍ୱାରୋହୀ ଓ ଅଠ ସହସ୍ର ପଦାତିକ ସୈନ୍ୟ ନେଇ ମହମ୍ମଦ ସାଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କରିଥିଲେ । ଉତ୍କଳ ରାଜାଙ୍କର ଏହି ଅସଦାଚରଣ ମହମ୍ମଦଙ୍କର କୋଧାଗ୍ନି ପ୍ରବଳବେଗରେ ପ୍ରଜ୍ୱଳିତ କରାଇଲା । ସେ ଏକାବେଳକେ କୋଡ଼ିଏ ସହସ୍ର ଉତ୍କୃଷ୍ଟ ସୈନ୍ୟ ନେଇ ଓଡ଼ିଶା ଦିଗକୁ ମୁଖ ଫେରାଇଲେ ଓ ଓଡ଼ିଶା ରାଜଧାନୀ ପର୍ଯ୍ୟନ୍ତ ସମସ୍ତ ଦେଶ ଲୁଣ୍ଠନ କଲେ । ଅବଶେଷରେ ଓଡ଼ିଶା ରାଜାଙ୍କଠାରୁ ତାଙ୍କର ଅତି ମୂଲ୍ୟବାନ୍ ପଚିଶ ହସ୍ତୀ ଓ ବହୁ ପରିମାଣର ସ୍ୱର୍ଣ୍ଣ ରୌପ୍ୟ ଗ୍ରହଣ କରି ସ୍ୱଦେଶକୁ ପ୍ରତ୍ୟାଗତ ହେଲେ । ମଧ୍ୟ ଅମ୍ବର ରାଯ଼ଙ୍କୁ ବିଶ୍ୱାସଘାତକତାର ସମୁଚିତ ଫଳ ଦେବା ନିକାରଣେ କନାପଲ୍ଲିକ ଯାତ୍ରା କରି ସେଠାରେ ତାଙ୍କର ଅତି ଦୁର୍ଦ୍ଦଶା ବିଧାନ କଲେ ।

କପିଳେନ୍ଦ୍ରଙ୍କ ରାଜତ୍ୱ ସମଯ଼ରେ ଓଡ଼ିଶାରେ ଏକ ଦୁର୍ଭିକ୍ଷ ଉପସ୍ଥିତ ହୋଇଥିଲା । ଅନନ୍ତର ୧୪୭୯ ଖ୍ରୀଷ୍ଟାବ୍ଦରେ କପିଳେନ୍ଦ୍ର ଦେବ ପୁରୁଷୋତ୍ତମ ଦେବଙ୍କୁ ଉତ୍ତରାଧିକାରୀ ସ୍ଥିର କରି କୃଷ୍ଣାନଦୀ ତଟରେ ସଂସାରତ୍ୟାଗ କରିଥିବାର ଉତ୍କଳ ଗ୍ରନ୍ଥମାନଙ୍କରେ ବର୍ଣ୍ଣିତ ଅଛି ।

ପୁରୁଷୋତ୍ତମ ଦେବ (୧୪୭୯-୧୫୦୪)—କପିଳେନ୍ଦ୍ରଙ୍କ ଉତ୍ତାରୁ ପୁରୁଷୋତ୍ତମ ଦେବ ଓଡ଼ିଶା ସିଂହାସନରେ ଉପବିଷ୍ଟ ହୋଇଥିଲେ । କପିଳେନ୍ଦ୍ରଙ୍କର ଏକ ଉପପତ୍ନୀର ଗର୍ଭରୁ ତାଙ୍କର ଜନ୍ମ ହୋଇଥିଲା । କଥିତ ଅଛି ଦାକ୍ଷିଣାତ୍ୟ ଯୁଦ୍ଧରୁ କପିଳେନ୍ଦ୍ର ସ୍ୱଦେଶକୁ ପ୍ରତ୍ୟାଗତ ହୋଇ ତାଙ୍କର ଅତୁଳଗୁଣସମ୍ପନ୍ନ ଅଷ୍ଟାଦଶ ପୁତ୍ରଙ୍କ ମଧ୍ୟରୁ କାହାକୁ ରାଜା କରିବେ, ଏ ବିଷଯ଼ର ଚିନ୍ତାରେ ପ୍ରବୃତ୍ତ ହେଲେ । ଏହିପରି ଚିନ୍ତା କରୁଁ କରୁଁ ତାଙ୍କର ଉପପତ୍ନୀ ଗର୍ଭଜାତ ପୁତ୍ର ପୁରୁଷୋତ୍ତମଙ୍କୁ ଉତ୍ତରାଧିକାରୀ ମନୋନୀତ କରିବା ସକାଶେ ଅକସ୍ମାତ୍ ଦିନେ ଜଗନ୍ନାଥଦେବଙ୍କର ସ୍ୱପ୍ନାଦେଶ ହେଲା; ତଦନୁସାରେ ସେ କାର୍ଯ୍ୟ କଲେ ଓ ପୁନର୍ବାର ଦକ୍ଷିଣଦେଶକୁ ଯୁଦ୍ଧଯାତ୍ରା କରିବା ସମଯ଼ରେ ପୁରୁଷୋତ୍ତମଙ୍କୁ ସଙ୍ଗେ ସଙ୍ଗେ ଘେନିଗଲେ । ଜଗନ୍ନାଥଦେବଙ୍କର କପିଳେନ୍ଦ୍ରଙ୍କ ପ୍ରତି ସ୍ୱପ୍ନାଦେଶ ହୋଇଥିଲା କି ନାହିଁ ଏ ବିଷଯ଼ ଏଠାରେ ଆମ୍ଭମାନଙ୍କର ବିଚାର୍ଯ୍ୟ ନୁହଇ । ପ୍ରକୃତତଃ ଅନୁମାନ ହୁଏ ଯେ ଉପପତ୍ନୀଙ୍କ ବଶୀଭୂତ ହୋଇ ସେ ଏପରି ଦୁଃସାହସିକ କାର୍ଯ୍ୟ କରିଥିଲେ ଓ ସାଧାରଣ ଲୋକଙ୍କ ନିନ୍ଦାରୁ ତରିବା ସକାଶେ ଜଗନ୍ନାଥଙ୍କ ସ୍ୱପ୍ନାଦେଶ ବାହାନାର ଆଶ୍ରଯ଼ ନେଇଥିଲେ । ଉପପତ୍ନୀର ବଶୀଭୂତତାଦ୍ୱାରା ପୃଥିବୀରେ ଯେ କେତେ ଅଦ୍ଭୁତ କ୍ରିଯ଼ାମାନ ସଂଘଟିତ ହୋଇଅଛି ତାହା ଇତିହାସ ପାଠକଙ୍କ ନିକଟରେ ଅବିଦିତ ନାହିଁ ।

Digitized by srujanika@gmail.com

କପିଳେନ୍ଦ୍ରଙ୍କର ଉଲ୍ଲିଖିତ ବିଦ୍ରୋହରେ ତାଙ୍କର ଅନ୍ୟାନ୍ୟ ପରିଣୀତା ପତ୍ନୀଙ୍କ ଗର୍ଭସମ୍ଭୂତ ପୁତ୍ରମାନେ ପୁରୁଷୋତ୍ତମଙ୍କ ସହିତ ନାନାପ୍ରକାର ବିରୁଦ୍ଧାଚରଣ କରିଥିଲେ* । ଅବଶେଷରେ ସେମାନେ ବିରକ୍ତ ହୋଇ ଓଡ଼ିଶାଦେଶ ପରିତ୍ୟାଗ କରତଃ ଭିନ୍ନ ଭିନ୍ନ ସ୍ଥାନମାନଙ୍କରେ ଭୂମି ଅଧିକାର କରି, କ୍ଷୁଦ୍ର କ୍ଷୁଦ୍ର ରାଜ୍ୟମାନ ସ୍ଥାପନ କଲେ । ବର୍ତ୍ତମାନ ଗଞ୍ଜାମ ଓ ସମ୍ବଲପୁରର ଅନ୍ତର୍ଗତ ଅଧିକାଂଶ ରାଜାଏ ଏହି ଅଷ୍ଟାଦଶ ରାଜପୁତ୍ରଙ୍କ ବଂଶୋଦ୍ଭୂତ ଅଟନ୍ତି ।

କୃଷ୍ଣାନଦୀ ତୀରରେ ଓଡ଼ିଶା ରାଜସୈନ୍ୟଙ୍କଦ୍ୱାରା ପୁରୁଷୋତ୍ତମ ଦେବ ରାଜ୍ୟାଭିଷିକ୍ତ ହୋଇ କଟକ ନଗରକୁ ଫେରି ଆସିଲେ । କାଞ୍ଚିବିଜୟ ପୁରୁଷୋତ୍ତମ ଦେବଙ୍କ ରାଜତ୍ୱର ଗୋଟିଏ ପ୍ରଧାନ ଘଟନା । ସେଥିର ବିବରଣ ମାଦଳା-ପାଞ୍ଜିରେ, ଓ କାଞ୍ଚିକାବେରି ନାମକ ଏକ ଉତ୍କଳଗ୍ରନ୍ଥରେ ସବିଶେଷ ବର୍ଣ୍ଣିତ ହୋଇଅଛି । ସେ ବର୍ଣ୍ଣନା ଅତି ବାହୁଲ୍ୟ ଓ ଅତ୍ୟୁକ୍ତି ଦୋଷରେ ପୂରିତ ଥିଲେ ସୁଦ୍ଧା ସେଥିର ସାରମର୍ମକୁ ଆମ୍ଭେମାନେ ସତ୍ୟ ବୋଲି ଗ୍ରହଣ କରି ପାରୁଁ । ତାହା ଏହି ଯେ କର୍ଣ୍ଣାଟଦେଶରେ କାଞ୍ଚି ନାମରେ ଏକ ସୁପ୍ରସିଦ୍ଧ ଦୁର୍ଗ ଥିଲା; ସେଠା ନରପତିଙ୍କର ପଦ୍ମାବତୀନାମ୍ନୀ ଏକ ପରମା ରୂପବତୀ କନ୍ୟା ଥିଲେ । ସେହି ପରମା ରୂପସୀ କନ୍ୟାଙ୍କ ସଙ୍ଗେ ପୁରୁଷୋତ୍ତମ ଦେବଙ୍କର ଶୁଭବିବାହ କାର୍ଯ୍ୟ ସମ୍ପାଦିତ ହେବାର ସ୍ଥିର ହୋଇଥିଲା । କିନ୍ତୁ କର୍ଣ୍ଣାଟାଧିପତି ଜଗନ୍ନାଥଙ୍କ ରଥଯାତ୍ରା ସମୟରେ ଓଡ଼ିଶାରାଜାଙ୍କୁ ସମ୍ମାର୍ଜ୍ଜକର କାର୍ଯ୍ୟ କରିବାକୁ ହେଉଥିବାର ଶୁଣି ଓ ଉକ୍ତ କାର୍ଯ୍ୟକୁ ଅତିନିନ୍ଦିତ ଜନ୍ୟ ପ୍ରତି ଅପମାନସୂଚକ ଜ୍ଞାନ କରି, ସ୍ୱୀୟ କନ୍ୟାକୁ ପୁରୁଷୋତ୍ତମ ଦେବଙ୍କ ସଙ୍ଗେ ପରିଣୟସୂତ୍ରରେ ଆବଦ୍ଧ କରାଇବା ସକାଶେ ଅସ୍ୱୀକୃତ ହେଲେ । ସେଥିରେ ଗଜପତି ରାଜାଙ୍କ ମନରେ କୋପ ଜନ୍ମିଲା ଓ କର୍ଣ୍ଣାଟରାଜାଙ୍କୁ ପରାସ୍ତ କରି ପଦ୍ମାବତୀଙ୍କ ଏକ ଚଣ୍ଡାଳ ସଙ୍ଗେ ବିବାହ ଦେବାପାଇଁ ପୁରୁଷୋତ୍ତମ ଦେବ ପ୍ରତିଜ୍ଞାରୂଢ଼ ହେଲେ । ସମରସଜ୍ଜାର ଆୟୋଜନ ହେଲା । କାଞ୍ଚି ବିରୁଦ୍ଧରେ ଅବିଳମ୍ବେ ସ୍ୱ ସୈନ୍ୟ ଘେନି ଧାବିତ ହେଲେ; କିନ୍ତୁ ପ୍ରଥମ ଚେଷ୍ଟାରେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ସ୍ୱୟଂ ପରାଭୂତ ହୋଇ ସ୍ୱଦେଶକୁ ପ୍ରତ୍ୟାବର୍ତ୍ତନ କଲେ । ତଦନନ୍ତର ଅନ୍ୟ ଉପାୟ ନ ଦେଖି ଶ୍ରୀ ଜଗନ୍ନାଥ

---

* ପୁରୁଷୋତ୍ତମ ଦେବଙ୍କ ପ୍ରାଣ ସୁଦ୍ଧା ବଧ କରିବା ସକାଶେ କପିଳେନ୍ଦ୍ରଙ୍କ ପୁତ୍ରମାନେ ଚେଷ୍ଟା କରିଥିଲେ । ଅବଶେଷରେ ପୁରୁଷୋତ୍ତମଙ୍କୁ ସାଗରରେ ବୁଡ଼ାଇ ମାରିବାର ଉଦ୍ୟମ କରିଥିଲେ । କିନ୍ତୁ ସେମାନଙ୍କର ସକଳ ଚେଷ୍ଟା ବିଫଳ ହୋଇଥିଲା ।

ଦେବଙ୍କ ନିକଟରେ ସେ ସାହାଯ୍ୟପ୍ରାର୍ଥୀ ହେଲେ । ଦେବଦେବଙ୍କ ଆଶ୍ୱାସନା କର୍ଣ୍ଣାଟରାଜାଙ୍କ ବିରୁଦ୍ଧରେ ପୁଣି ଅସ୍ତ୍ରଚାଳନା କରିବା ସକାଶେ ତାଙ୍କୁ ଉତ୍ତେଜିତ କଲା । ଅବଶେଷରେ ପୁଣି ସମରସଜ୍ଜା କରି ବହିର୍ଗତ ହେଲେ । ବାଟରେ ଯାଉଁ ଯାଉଁ ଚିଲିକାହ୍ରଦ କୂଳରେ ଜଗନ୍ନାଥଦେବଙ୍କ ସହାୟତାର ବିଶେଷ ପରିଚୟ ପାଇ ମାଣିକପାଟଣା ନଗର ବସାଇଲେ* । ଅବଶେଷରେ କାଞ୍ଚିଠାରେ ତୁମୁଳ ଯୁଦ୍ଧ ହେଲା । କର୍ଣ୍ଣାଟନରପତି ଆପଣା ଇଷ୍ଟଦେବ ଗଣପତିଙ୍କର ସହାୟତା ଲୋଡ଼ିଲେ । କିନ୍ତୁ ସ୍ଥୂଳକାୟ ଗଣପତି କର୍ଣ୍ଣାଟଦେଶର ଜୟ ଆଉ କୌଣସି ପ୍ରକାରେ ଘଟାଇ ପାରିଲେ ନାହିଁ । କାଞ୍ଚି ସମରକ୍ଷେତ୍ରରେ ଓଡ଼ିଶା ଦେଶର ଜଗନ୍ନାଥ ବଳବତ୍ତର ସପ୍ରମାଣ ହେଲେ । କାଞ୍ଚିରାଜା ପରାଭବ ଲଭି ପଳାୟନ କଲେ । ପଦ୍ମାବତୀ ପୁରୁଷୋତ୍ତମ ଦେବଙ୍କର ହସ୍ତଲବ୍ଧ ହେଲା । ଆହୁରି କାଞ୍ଚିଠାରେ ଏକ ଗୋପାଳମୂର୍ତ୍ତି ଥିଲେ; ସେ ମୂର୍ତ୍ତିକି ସୁନ୍ଦର ଦେଖି ପୁରୁଷୋତ୍ତମ ଦେବ ଆପଣା ସଙ୍ଗେ ନେଇ ଆସିଲେ । ପୁରୀର ପାଞ୍ଚକୋଶ ଅନ୍ତର ସତ୍ୟବାଦୀଠାରେ ସେ ମୂର୍ତ୍ତି ସ୍ଥାପିତ ହେଲା । ପଦ୍ମାବତୀଙ୍କି ଏକ ଚଣ୍ଡାଳ ସଙ୍ଗେ ବିବାହ ଦେବାପାଇଁ ସ୍ୱୀୟ ସଚିବଙ୍କ ହସ୍ତରେ ଅର୍ପଣ କଲେ । ଅଲୋକସାମାନ୍ୟା ପଦ୍ମାବତୀ ଚଣ୍ଡାଳ ହସ୍ତରେ ଅର୍ପିତା ହେବେ ଶୁଣି ଚତୁର୍ଦ୍ଦିଗରୁ ଲୋକଙ୍କ ଚକ୍ଷୁ ଅଶ୍ରୁ ବର୍ଷଣ କଲା । ରାଜଅମାତ୍ୟ ବଡ଼ ଚତୁର ଲୋକ ଥିଲେ ଓ ଏକ ଅପୂର୍ବ କୌଶଳଦ୍ୱାରା ସେହି ଶୋକାବହ ଘଟନା ନିବାରଣ କରିବାକୁ ସମର୍ଥ ହୋଇଥିଲେ । କାଞ୍ଚିଜୟର ପରବର୍ଷ ରଥଯାତ୍ରା ସମୟରେ ପୁରୁଷୋତ୍ତମ ଦେବ ଯେତେବେଳେ ସ୍ୱୟଂ ସ୍ୱର୍ଣ୍ଣସମ୍ମାର୍ଜନୀ ଘେନି ଜଗନ୍ନାଥଙ୍କ ରଥ ଓଲାଉଥିଲେ, ସେହି ସମୟରେ

---

* କଥିତ ଅଛି ଜଗନ୍ନାଥ ଓ ବଳଭଦ୍ର ଦୁଇଘୋଡ଼ାରେ ଚଢ଼ି ପୁରୁଷୋତ୍ତମ ଦେବଙ୍କୁ କାଞ୍ଚି ଯୁଦ୍ଧରେ ସାହାଯ୍ୟ କରିବା ସକାଶେ ଯାଉଥିଲେ । ବାଟରେ ମାଣିକାନାମ୍ନୀ ଏକ ଗୌଡୁଣୀ ଦୁଧ ଦହି ବିକୁଥିଲା । ଜଗନ୍ନାଥ ତାଙ୍କୁ ମୁଦି ବନ୍ଧା ଦେଇ ଦୁଧ ଦହି ଖାଇଲେ, ପୁଣି ତାକୁ କହିଲେ କି ତାଙ୍କ ପଶ୍ଚାତରେ ଯେ ଆସୁଅଛନ୍ତି ତାଙ୍କୁ ସେ ମୁଦି ଦେଲେ ସେ ତାହା ଦୁଧ ଦହିର ନ୍ୟାଯ୍ୟ ମୂଲ୍ୟ ପ୍ରାପ୍ତ ହେବ । ତଦନୁସାରେ ପୁରୁଷୋତ୍ତମ ସୈନ୍ୟ ସାମନ୍ତ ଘେନି ଆସନ୍ତେ ମାଣିକା ତାଙ୍କୁ ସେହି ଅଙ୍ଗୁରୀୟ ଦେଲା । ସେ ମୁଦି ଚିହ୍ନି; ତଦ୍ୱାରା ଜଗନ୍ନାଥଙ୍କ ଅନୁଗ୍ରହର ପରିଚୟ ପାଇ କୃତକୃତାର୍ଥ ହେଲେ; ପୁଣି ମାଣିକା ନାମରେ ସେହିଠାରେ ମାଣିକପାଟଣା ନଗର ବସାଇଲେ । ଏ ନଗର ପୁରୀ ଜିଲ୍ଲାର ଦକ୍ଷିଣ ଭାଗରେ ଅବସ୍ଥିତ ।

Digitized by srujanika@gmail.com

ରାଜମନ୍ତ୍ରୀ ପଦ୍ମାବତୀଙ୍କି ଘେନି ତାଙ୍କ ହସ୍ତରେ ଅର୍ପଣ କରି କହିଲେ "ଆମ୍ଭକୁ ଏକ ଚଣ୍ଡାଳକୁ ଏ କନ୍ୟା ପ୍ରଦାନ କରିବା ସକାଶେ ଆଜ୍ଞା ହୋଇଥିଲା; ଆମ୍ଭ ବର୍ତ୍ତମାନ ଚଣ୍ଡାଳର କାର୍ଯ୍ୟ କରୁଅଛନ୍ତି; ଏଣୁକରି ଏ କନ୍ୟା ଆମ୍ଭକୁ ପ୍ରଦତ୍ତ ହେଉଅଛି, ଆମ୍ଭେ ଗୃହୀତ ହେଉ ।" ରାଜ୍ୟର ପ୍ରଧାନ ପ୍ରଧାନ ଲୋକମାନେ ମଧ୍ୟ ସେହି ସମୟରେ ଦୟାଦ୍ର୍ଚିତ୍ତରେ ପଦ୍ମାବତୀଙ୍କି ଗ୍ରହଣ କରିବା ସକାଶେ ରାଜାଙ୍କୁ ଅନୁରୋଧ କଲେ । ରାଜା ସୁଦ୍ଧା ଅନୁରୋଧ ରକ୍ଷା ନ କରି ଅନ୍ୟଥା କରି ପାରିଲେ ନାହିଁ । ପଦ୍ମାବତୀ କଣ୍ଟକଠାରୁ ଆଗତ ହୋଇ ରାଜମହିଷୀ ପଦରେ ଅଭିଷିକ୍ତ ହେଲେ । କିନ୍ତୁ ତାଙ୍କୁ ସେ ପଦ ଅଧିକକାଳ ଭୁଞ୍ଜିବାକୁ ହୋଇ ନ ଥିଲା । କିୟତ୍‌କାଳ ଉତ୍ତାରୁ ସୁପ୍ରସିଦ୍ଧ ପ୍ରତାପରୁଦ୍ରଙ୍କୁ ପ୍ରସବ କରି ସେ ସଂସାରରୁ ଅନ୍ତର୍ହିତ ହୋଇଥିଲେ ।

ପୁରୁଷୋତ୍ତମ ଦେବଙ୍କ ସମୟରେ ମୁସଲମାନମାନଙ୍କର କୌଣସି ଉପଦ୍ରବ ଘଟିଥିବାର ବର୍ଣ୍ଣିତ ନାହିଁ । ସମ୍ଭବତଃ କପିଳେନ୍ଦ୍ରଙ୍କର ବାହାମିନୀ ରାଜାଙ୍କ ସଙ୍ଗେ ଶେଷ ସନ୍ଧି ହେଲା ଉତ୍ତାରୁ ସେମାନେ ଓଡ଼ିଶାରାଜାଙ୍କ ସଙ୍ଗେ କିଛିକାଳ ମିତ୍ରଭାବ ରକ୍ଷା କରିଥିଲେ । ଅବଶେଷରେ ପୁରୁଷୋତ୍ତମଦେବ ୧୫୦୭ ମସିହାରେ ଲୋକାନ୍ତରକୁ ଗମନ କଲେ ।

ପ୍ରତାପରୁଦ୍ରଦେବ (୧୫୦୪-୧୫୩୨)—ପ୍ରତାପରୁଦ୍ର ଗଙ୍ଗାବଂଶୀୟ ନୃପତିଙ୍କ ମଧ୍ୟରେ ଜଣେ ପ୍ରସିଦ୍ଧ ରାଜା ଥିଲେ । ସେ ରାଜସାଧାରଣ ସଦ୍‌ଗୁଣମଣ୍ଡିତ ଥିଲେ । ପାଣ୍ଡିତ୍ୟ, ଶାସ୍ତ୍ରନିପୁଣତା ଓ ଧର୍ମନିଷ୍ଠା ଗୁଣମାନଙ୍କରେ ମଧ୍ୟ ଭୂଷିତ ହୋଇଥିଲେ । ପ୍ରସିଦ୍ଧ ଅଛି ଯେ ସେ ପରିଷ୍କାରରୂପେ ନାନା ଧର୍ମସମ୍ବନ୍ଧୀୟ ପ୍ରଶ୍ନର ମୀମାଂସା କରି ପାରୁଥିଲେ । ତାଙ୍କର ପୁଣି ନିଜର ସ୍ୱାଧୀନ ଧର୍ମମତ ସ୍ଥାପନ ଓ ନୂତନ ନୂତନ ବିଷୟର ରଚନା କରିବାର କ୍ଷମତା ଥିଲା । କେତେକ ଧର୍ମଶାସ୍ତ୍ରର ସ୍ୱୟଂ ଟୀକା ସୁଦ୍ଧା ଲେଖିଥିଲେ ।

ତାଙ୍କର ସୈନ୍ୟମାନେ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ସେମାନଙ୍କର ଅସ୍ତ୍ର ଚାଳନା କରିଥିଲେ । ତାଙ୍କ ସଙ୍ଗେ ଦକ୍ଷିଣରେ ଅନେକ ଯୁଦ୍ଧ ଘଟିଥିଲା । ମାଦଳାରେ ଲିଖିତ ଅଛି ପ୍ରତାପରୁଦ୍ର ବିଜୟନଗରକୁ ଯୁଦ୍ଧରେ ଜିଣିଥିଲେ । କିନ୍ତୁ ପୁସ୍ତକାନ୍ତରରେ ଅନ୍ୟପ୍ରକାର ବର୍ଣ୍ଣନା ଦେଖାଯାଏ । ପ୍ରତାପରୁଦ୍ର ଦାକ୍ଷିଣାତ୍ୟକୁ ସମର କରି ଯିବା ସମୟରେ, ଦାକ୍ଷିଣାତ୍ୟର ସୁପ୍ରସିଦ୍ଧ କୃଷ୍ଣରାୟ ବିଜୟନଗରରେ ଅଭ୍ୟୁଦିତ ହୋଇଥିଲେ । ତାଙ୍କ ସଙ୍ଗେ ଯୁଦ୍ଧ କରି ପ୍ରତାପରୁଦ୍ର ନିସ୍ତେଜ ଓ ପରାଭୂତ ହୋଇ ଅବଶେଷରେ ଆପଣା କନ୍ୟାକୁ ତାଙ୍କ ସଙ୍ଗେ ପରିଣୀତ କରିବା ସକାଶେ ବାଧ୍ୟ ହୋଇଥିଲେ । ବସ୍ତୁତଃ ଶେଷ ଘଟନା ସତ୍ୟାଶ୍ରିତ ଅଟଇ । ଦକ୍ଷିଣ ଦେଶରେ

Digitized by srujanika@gmail.com

ପ୍ରତାପରୁଦ୍ର ଯୁଦ୍ଧରେ ପ୍ରବୃତ୍ତ ଥିବାବେଳେ ବଙ୍ଗଦେଶରୁ ହୁସେନସା ସୈନ୍ୟ ସାମନ୍ତ ନେଇ ଓଡ଼ିଶା ଆକ୍ରମଣ କରିଥିଲେ ( ପ୍ରାୟ ୧୫୧୦ ଖ୍ରୀଃ ) । କଟକର ଉତ୍ତରାଞ୍ଚଳ-ସେନାପତି ଅନନ୍ତ ସିଂହ ହୁସେନଙ୍କଦ୍ୱାରା ପରାଭୂତ ହୋଇ ସାରଙ୍ଗ-ଗଡଠାରେ ଆଶ୍ରୟ ନେବାକୁ ବାଧ ହୋଇଥିଲେ । ତଦନନ୍ତର ହୁସେନସା ପୁରୀ ଅବରୋଧ କରିଥିଲେ । ଏମନ୍ତ ସମୟରେ ପ୍ରତାପରୁଦ୍ର ଦାକ୍ଷିଣାତ୍ୟରେ ଏ ସମସ୍ତ ସମ୍ବାଦ ପାଇ ଅବିଲମ୍ବେ ସ୍ୱସୈନ୍ୟଙ୍କ ସ୍ୱଦେଶ ଦଗକୁ ଫେରିଇ ପୁରୀଠାରେ ଉପସ୍ଥିତ ହେଲେ । ବଙ୍ଗୀୟ ମୁସଲମାନମାନଙ୍କ ସଙ୍ଗେ ପ୍ରତାପରୁଦ୍ରଙ୍କର ଯୁଦ୍ଧ ହେଲା । ଇତିମଧ୍ୟରେ ବ୍ରାହ୍ମଣମାନେ ଜଗନ୍ନାଥଙ୍କୁ ନେଇ ଚିଲିକା ଆଡକୁ ପଳାଇଥିଲେ । ତୁମୁଳ ଯୁଦ୍ଧ ହେଲା ଉତ୍ତାରୁ ମୁସଲମାନମାନେ ପରାସ୍ତ ହେଲେ ଓ ଅବଶେଷରେ ସନ୍ଧି ସଂସ୍ଥାପିତ ହେଲା । ଦକ୍ଷିଣଦେଶରେ ବାହ୍ମାନିଜୀ ମୁସଲମାନମାନେ ସ୍ଥାନଭ୍ରଷ୍ଟ ହେବାରୁ ଗୋଲକୁଣ୍ଡାର କୁତବସାହାବଂଶୀୟ ମୁସଲମାନମାନେ ମସ୍ତକ ଉତ୍ତୋଳନ କରୁଥିଲେ । ସେମାନେ ୧୫୨୦ ଖ୍ରୀଷ୍ଟାବ୍ଦରେ ସୈନ୍ୟ ପ୍ରେରଣ କରି ତେଲିଙ୍ଗ ଦେଶରୁ ଏକ ଅଂଶ ସ୍ୱରାଜ୍ୟଭୁକ୍ତ କଲେ ।

ଗଙ୍ଗାବଂଶୀୟ ରାଜାମାନେ ଦେଶଶାସନର ଓ ରାଜସ୍ୱ ସଂଗ୍ରହର ସୁନିୟମମାନ ସ୍ଥିର କରି ବିସ୍ତର ପ୍ରତିପତ୍ତିର ଭାଜନ ହୋଇଥିଲେ । ପ୍ରତାପରୁଦ୍ର ପୂର୍ବନିୟମମାନ ସମସ୍ତ ସ୍ଥିର ରଖିଥିଲେ । ପୂର୍ବପରି ଦେଶର ଭିନ୍ନ ଭିନ୍ନ ଖଣ୍ଡରେ ଶାସନକର୍ତ୍ତା ନିଯୁକ୍ତ ଥିଲେ । ଚୈତନ୍ୟଚରିତାମୃତ ଗ୍ରନ୍ଥରୁ ଆମ୍ଭେମାନେ ଏଥିର କେତେକ ପରିଚୟ ପ୍ରାପ୍ତ ହେଉଁ । ପ୍ରତାପରୁଦ୍ର କୌଣସି ଗୁରୁତର ବିଷୟ ନିଷ୍ପତ୍ତି କରିବା ପୂର୍ବରୁ ଅମାତ୍ୟମାନଙ୍କର ସତ୍ପରାମର୍ଶ ଗ୍ରହଣ କରୁଥିବାର ଜଣାଯାଏ । ପୁଣି ଚୈତନ୍ୟଙ୍କ ସହିତ ସାକ୍ଷାତ୍ କରିବା ପୂର୍ବରୁ ତଦଧୀନ ଗୋଦାବରୀ ପ୍ରଦେଶର ଶାସନକର୍ତ୍ତା ଓ ଅମାତ୍ୟ ରାମାନନ୍ଦ ରାୟଙ୍କ ସଙ୍ଗେ ସେ କିପରି ପରାମର୍ଶ କରିଥିଲେ, ତାହା ପାଠ କଲେ ତାଙ୍କ ସ୍ୱଭାବ, ବିବେଚନା ଶକ୍ତି ଓ ଦୂରଦୃଷ୍ଟିର ପରିଚୟ ମିଳଇ । ତାଙ୍କ ରାଜତ୍ୱ ସମୟରେ ସୁଦ୍ଧା ଓଡ଼ିଶାରେ ଏକ ଦୁର୍ଭିକ୍ଷ ଉପସ୍ଥିତ ହୋଇଥିଲା ।

ପ୍ରତାପରୁଦ୍ରଙ୍କ ରାଜତ୍ୱ ସମୟରେ ବୈଷ୍ଣବଧର୍ମର ବିଶେଷ ଆନ୍ଦୋଳନ ଓଡ଼ିଶାରେ ଘଟିଥିଲା । ନବଦ୍ୱୀପର ସୁପ୍ରସିଦ୍ଧ ଧର୍ମପ୍ରଚାରକ ଚୈତନ୍ୟ * ଓଡ଼ିଶାକୁ

---

* ଚୈତନ୍ୟ ୧୪୮୫ ବର୍ଷରେ ନଦୀଆ ନଗରରେ ଜନ୍ମିଥିଲେ । ତାଙ୍କ ପିତାଙ୍କ ନାମ ଜଗନ୍ନାଥ ମିଶ୍ର । ନଦୀଆ ସଂସ୍କୃତ ବିଦ୍ୟା ଚର୍ଚ୍ଚା ଓ ଆଲୋଚନାର ପ୍ରଧାନ ସ୍ଥାନ ଥିଲା । ସେଠାରେ ସେ ସୁଶିକ୍ଷିତ ହୋଇଥିଲେ । ନ୍ୟାୟଶାସ୍ତ୍ରରେ

Digitized by srujanika@gmail.com

ଆଗମନ କରିଥିଲେ । ଓଡ଼ିଶାର ନାନା ସ୍ଥାନରେ ସୁମଧୁର ବୈଷ୍ଣବ ଧର୍ମ ନୂତନ ବେଶଭୂଷାରେ ମଣ୍ଡିତ ହୋଇ ପ୍ରଚାରିତ ହୋଇଥିଲା । ତାଙ୍କ ମଧୁର କୀର୍ତ୍ତନରେ ମୁଗ୍ଧ ହୋଇ ରାଜ୍ୟର ଉଚ୍ଚ ଓ ନିମ୍ନ ଶ୍ରେଣୀର ଅନେକ ଲୋକେ ତାଙ୍କ ମତର ଅନୁଗାମୀ ହେଲେ । ତତ୍କାଳୀନ ସମସ୍ତ ଉଚ୍ଚ କର୍ମଚାରୀ, ମଧ୍ୟ ସ୍ୱୟଂ ରାଜା ଏହି ଧର୍ମର ଦୀକ୍ଷା ଗ୍ରହଣ କଲେ । ତାଙ୍କ ଯତ୍ନରେ ଜଗନ୍ନାଥ ମନ୍ଦିରର ଅନେକ

---

ଅସାଧାରଣ ପାଣ୍ଡିତ୍ୟ ଲଭିଥିଲେ । ପିଲା ଦିନେ ସେ କାହିଁ ଦୁଷ୍ଟ ଥିବାର ମଧ୍ୟ କଥିତ ଅଛି । ତାଙ୍କ ସମୟରେ ଶକ୍ତି ଉପାସନାର ଅତ୍ୟନ୍ତ ପ୍ରାଦୁର୍ଭାବ ହୋଇଥିଲା । ଶ୍ରୀମଦ୍ଭାଗବତ ପଢ଼ି ଚୈତନ୍ୟଙ୍କ ମନ ବୈଷ୍ଣବ ଧର୍ମରେ ଦୃଢ଼ୀଭୂତ ହୋଇଥିଲା । କୃଷ୍ଣ ଓ ରାଧା ରୂପରେ ଈଶ୍ୱର ତାଙ୍କର ଆରାଧ୍ୟ ଥିଲେ । ହରି ନାମ ସଂକୀର୍ତ୍ତନରେ ସେ ସତତ ଲିପ୍ତ ଥିଲେ । ସେ ଜାତିଭେଦ ସ୍ୱୀକାର କରୁ ନ ଥିଲେ । କେତେକ ମୁସଲମାନମାନଙ୍କ ମନ ମୁଗ୍ଧ କରାଇ ସେମାନଙ୍କୁ ସେ ବୈଷ୍ଣବ କରାଇଥିଲେ । କଟକର ନିକଟବର୍ତ୍ତୀ ଜଣେ ମୁସଲମାନକୁ ସୁଦ୍ଧା ସେ ବୈଷ୍ଣବ କରିଥିଲେ । ସେ ଆପଣାର ଯୁବତୀ ସ୍ତ୍ରୀ, ମାତା, ଗୃହ, ସମସ୍ତ ପରିତ୍ୟାଗ କରି ଧର୍ମପ୍ରଚାରାର୍ଥ ଦେଶ ବିଦେଶକୁ ବାହାରିଥିଲେ । ହୁସେନ ସା ଓଡ଼ିଶା ଆକ୍ରମଣ କରିବା ପୂର୍ବରୁ ଓଡ଼ିଶାରେ କେତେକ ଲୋକଙ୍କୁ ଶିଷ୍ୟ କରି ଦକ୍ଷିଣରେ ସେତୁବନ୍ଧ ରାମେଶ୍ୱର ପର୍ଯ୍ୟନ୍ତ ଯାଇଥିଲେ । ବାଟରେ କେତେକ ବୌଦ୍ଧ ଓ ଜୈନ ଅଗ୍ରଣୀଙ୍କୁ ଯୁକ୍ତିରେ ପରାସ୍ତ କରିଥିଲେ । ସେ ଉତ୍କୃଷ୍ଟ ତାର୍କିକ ଥିଲେ । ପୁଣି ଓଡ଼ିଶା ବାଟେ ବୃନ୍ଦାବନ ଗଲେ । ବାଟରେ ପଠାଣ ଓ ଭିଲ ପ୍ରଭୃତି କେତେକ ବନ୍ୟ ଲୋକଙ୍କୁ ସ୍ୱମତାବଲମ୍ବୀ କରାଇଥିଲେ । ହୁସେନସାଙ୍କ ଓଡ଼ିଶା ଆକ୍ରମଣ ଉତ୍ତାରୁ ପ୍ରାୟ ଖ୍ରୀଷ୍ଟାବ୍ଦ ୧୫୧୬ ସଲକୁ ବୃନ୍ଦାବନରୁ ଫେରି ଆସି ପୁରୀଠାରେ ଜୀବନର ଅବଶିଷ୍ଟ ଦ୍ୱାଦଶ ବର୍ଷ କଟାଇଥିଲେ । ଗୃହତ୍ୟାଗୀ ହୋଇଥିଲେ ସୁଦ୍ଧା ମାତାଙ୍କ ପ୍ରତି ବଡ଼ ଭକ୍ତି ଥିଲା । ପୁରୀଠାରୁ ମାତାଙ୍କଠାକୁ ମହାପ୍ରସାଦ ପଠାଉଥିଲେ । ଓଡ଼ିଶାରେ ଜଗନ୍ନାଥଙ୍କ ଯୋଗୁଁ ସେ ବହୁକାଳ ରହିଥିଲେ । ଜଗନ୍ନାଥଙ୍କଠାରେ ତାଙ୍କର ଅବତାର ଜ୍ଞାନ ଥିବାର ବୋଧ ହୁଏ । ଜଗନ୍ନାଥଙ୍କ ପୂଜା, ସେବା, ରଥଯାତ୍ରା ଇତ୍ୟାଦିରେ ସେ ଅତ୍ୟନ୍ତ ଉତ୍ସାହ ଦେଖାଉଥିଲେ । ତାଙ୍କର ସଂକୀର୍ତ୍ତନ, ପ୍ରେମ ଓ ଅସାଧାରଣ ଭକ୍ତି ସମସ୍ତଙ୍କ ମନକୁ ମୁଗ୍ଧ କରୁଥିଲା । କାହାରିଠାରେ ଜାତ୍ୟନ୍ତର କି ଉଚ୍ଚତାର ଭାବ ନ ରଖି କୃଷ୍ଣପ୍ରେମିକ ସଙ୍ଗେ ସୁଦ୍ଧା ମିଶ୍ରିତ ହୋଇ ସେମାନଙ୍କୁ ଆଲିଙ୍ଗନ ଓ ଏକସଙ୍ଗେ ଆହାରାଦି କରୁଥିଲେ । ଯୋଗ ପାଞ୍ଚ ପ୍ରକାର ଓ ଭକ୍ତି ନବବିଧ ବୋଲି ସେ ପ୍ରଚାର କରୁଥିଲେ ।

Digitized by srujanika@gmail.com

ସେବା ମୁକ୍ତା ଶୃଙ୍ଖଳାବଦ୍ଧ ହେଲା । ଆଜପର୍ଯ୍ୟନ୍ତ ବଡ଼ଦେଉଳରେ ଯେ ଗୀତଗୋବିନ୍ଦ ପ୍ରତ୍ୟହ ସଙ୍ଗୀତ ହେଉଅଛି, ତାହା ତାଙ୍କ ଚେଷ୍ଟାରେ ପ୍ରଥମ ପ୍ରବର୍ତ୍ତିତ ହୋଇଥିଲା । ଚୈତନ୍ୟଙ୍କ ସୁମଧୁର ସଙ୍କୀର୍ତ୍ତନ ସମସ୍ତଙ୍କ ମନ ମୋହିତ କରିଥିଲା । ସବୁ ଶ୍ରେଣୀସ୍ଥ ଲୋକେ ଚୈତନ୍ୟଙ୍କ ମତର ଶିଷ୍ୟତା ସ୍ୱୀକାର କଲେ, କେବଳ ଓଡ଼ିଶା ବ୍ରାହ୍ମଣଙ୍କର କଠୋର ନିଷ୍ଠାଗତ ମନ ଅପରିବର୍ତ୍ତିତ ରହିଲା । ଯେଉଁ ବ୍ରାହ୍ମଣମାନେ ଅପୂର୍ବ କୌଶଳମାନ ଅବଲମ୍ବନ କରି ଏକେଶ୍ୱରବାଦୀ ଆଧ୍ୟାତ୍ମିକ ବୌଦ୍ଧଧର୍ମର ବିଲୋପ ସାଧନ କରିଥିଲେ, ସେମାନଙ୍କର କଠୋର ଚିତ୍ତ ଅହିଂସାବାଦୀ ପ୍ରେମପୂର୍ଣ୍ଣ ବୈଷ୍ଣବଙ୍କର ମୃଦୁ ମଧୁର ଭାବ ଓ ବାକ୍ୟରେ ବିଗଳିତ ହେବା ସହଜ ନୁହଇ । ବର୍ତ୍ତମାନ ବ୍ରାହ୍ମଣମାନଙ୍କୁ ଛାଡ଼ି, ଓଡ଼ିଶା ଲୋକସଂଖ୍ୟାର ଷଷ୍ଠ ସପ୍ତମାଂଶ ପ୍ରାୟ ବୈଷ୍ଣବମତାବଲମ୍ବୀ । ଏହି ସମୟରେ ଓଡ଼ିଶାରେ ମଧ୍ୟ ଜଣେ ଧର୍ମପ୍ରବର୍ତ୍ତକ ଜାତ ହୋଇଥିଲେ । ସେ ବ୍ୟକ୍ତି ସୁପ୍ରସିଦ୍ଧ ଓଡ଼ିଆ ଶ୍ରୀମଦ୍ଭାଗବତ-ରଚୟିତା ବିପ୍ର ଜଗନ୍ନାଥ ଦାସ ଅଟନ୍ତି । ସେ ମଧ୍ୟ ବୈଷ୍ଣବ-ଧର୍ମକୁ ଏକ ଆକାରରେ ପ୍ରଚାର କରିଥିଲେ । ଚୈତନ୍ୟଙ୍କ ମତ ସଙ୍ଗେ ତାଙ୍କ ମତର କେତେକ ଅଂଶରେ ସୌସାଦୃଶ୍ୟ ଥିବାର ମଧ୍ୟ ଜଣାଯାଏ । ଚୈତନ୍ୟଙ୍କ ପରି ଜଗନ୍ନାଥ ଦାସ ମଧ୍ୟ ଧର୍ମରେ ଓ ଭକ୍ତିରେ ଜାତିଭେଦ ସ୍ୱୀକାର କରୁ ନ ଥିଲେ । ଏକ ଅନାଦି ଈଶ୍ୱର ଲାଭ ଦୁହିଙ୍କର ଉପାସନା ଓ ଭଜନର ମୁଖ୍ୟ ଉଦ୍ଦେଶ୍ୟ ଥିଲା, କିନ୍ତୁ ଈଶ୍ୱର ଲାଭ ଓ ମୁକ୍ତିର ଭିନ୍ନ ସୋପାନ ଦୁହେଁ ଅବଲମ୍ବନ କରିଥିଲେ । ଜଗନ୍ନାଥ ଦାସଙ୍କର ଅନେକ ଶିଷ୍ୟ ମଧ୍ୟ ବର୍ତ୍ତମାନ ଦୃଷ୍ଟିଗୋଚର ହୁଅନ୍ତି । ସେମାନେ ଅତିବଡ଼ୀ * ଜଗନ୍ନାଥ ଦାସୀ ବୈଷ୍ଣବ ବୋଲି ଆପଣା ଆପଣାର ପରିଚୟ ଦିଅନ୍ତି । ଅତିବଡ଼ୀ ବୋଲାଇବାର ହେତୁ ଏହି ଯେ ଜଗନ୍ନାଥ ଦାସଙ୍କ ସଙ୍ଗେ ଚୈତନ୍ୟଙ୍କର ଭେଟ ହୋଇଥିଲା; ତାଙ୍କୁ ପ୍ରେମଭକ୍ତି ଓ ଈଶ୍ୱରନିଷ୍ଠାରେ ଉନ୍ନତ ଦେଖି ଅତିବଡ଼ ଜଗନ୍ନାଥ ଦାସ ବୋଲି ଭାବରେ ବିଗଳିତ ହୋଇ ଚୈତନ୍ୟ ତାଙ୍କ ଶିରରେ ଶିରୋପା ବାନ୍ଧି ଦେଇଥିଲେ । ଜଗନ୍ନାଥଚରିତାମୃତ ନାମକ ଏକ ଓଡ଼ିଆ ଗ୍ରନ୍ଥରେ ଉକ୍ତ ବିଷୟ ଏହିରୂପେ ବର୍ଣ୍ଣିତ ହୋଇଅଛି; ମଧ୍ୟ ଦେଶିକ ପ୍ରବାଦ ଅତିବଡ଼ୀର ଏହି ପ୍ରକାର ଇତିହାସ ନିରୂପଣ କରୁଅଛି । ଅତିବଡ଼ୀ ବୈଷ୍ଣବମାନଙ୍କ ସଂଖ୍ୟା ମଧ୍ୟ ଅନେକ ଅଟଇ ଓ ସେମାନେ ଗୌଡ଼ୀୟ ବୈଷ୍ଣବଙ୍କ ଅପେକ୍ଷା ଆପଣାର ଅଧିକ ଠେକ କରନ୍ତି ।

---

* ବଡ଼ଠାରୁ ବଡ଼ ଯେ ତାହାର ଯେ ଅନୁଗାମୀ ସେହି ଲୋକ ଏହି ଅର୍ଥରେ ବ୍ୟବହୃତ ।

Digitized by srujanika@gmail.com

ପ୍ରତାପରୁଦ୍ରଙ୍କ ସମୟରେ ଓଡ଼ିଶାରେ ବୌଦ୍ଧଧର୍ମ* ପ୍ରାଦୁର୍ଭୂତ ଥିବାର କେହି କେହି ଅନୁମାନ କରଅଛନ୍ତି । ପ୍ରଥମେ ତାଙ୍କର ଜନ୍ମର ସେ ଧର୍ମ ଆଡ଼କୁ ମତ ଫେରଥିଲା । ମାତ୍ର ବ୍ରାହ୍ମଣଙ୍କ ବୁଦ୍ଧିକୌଶଳଦ୍ୱାରା ସେ ଧର୍ମରୁ ହିନ୍ଦୁଧର୍ମ ଆଡ଼କୁ ତାଙ୍କ ମନ ଶେଷକୁ ନୀତ ହୋଇଥିଲା ✠

ଆଧୁନିକ ଓଡ଼ିଆ ଭାଷାର ସୃଷ୍ଟି ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ହୋଇଥିବାର ଅନୁମିତ ହୋଇଅଛି । ପ୍ରତାପରୁଦ୍ରଙ୍କ ସମୟକୁ ଏହି ଭାଷା ଏକ ପ୍ରକାର ପ୍ରାଞ୍ଜଳ ହୋଇଥିଲା । ଏହା ତାଙ୍କ ସମୟର କବି ଜଗନ୍ନାଥ ଦାସ, ବଳରାମ ଦାସ ପ୍ରଭୃତିଙ୍କ ଲେଖାରୁ ସ୍ପଷ୍ଟ ଜଣା ଯାଉଅଛି । ଶାସ୍ତ୍ରଗତ ଆଲୋଚନା ସୁଦ୍ଧା ସେତେବେଳେ ସମାଜର ଉଚ୍ଚଶ୍ରେଣୀୟ ଲୋକଙ୍କଠାରେ ବିସ୍ତର ଆଦରଣୀୟ ଥିଲା । ସାଧାରଣ ଲୋକେ ସେଥିରେ ସମ୍ପୂର୍ଣ୍ଣରୂପେ ଅଜ୍ଞ ଥିଲେ ।

ପ୍ରତାପରୁଦ୍ର ଭିନ୍ନ ଭିନ୍ନ ସ୍ଥାନରେ ଅନେକ ଦେଉଳ ତୋଳାଇଥିଲେ । ଯାଜପୁରର ବିରଜାନାଥ ସେସବୁ ମଧ୍ୟରେ ପ୍ରଧାନ । ପ୍ରତାପରୁଦ୍ର ୨୮ ବର୍ଷ କାଳ ରାଜତ୍ୱ କରି ୧୫୩୨ ମସିହାରେ ମାନବଲୀଳା ସମ୍ବରଣ କରିଥିଲେ ।

ଗଙ୍ଗାବଂଶୀୟ ଶାସନ ଲୋପ—ପ୍ରତାପରୁଦ୍ରଙ୍କ ମୃତ୍ୟୁ ସଙ୍ଗେ ସଙ୍ଗେ ଓଡ଼ିଶାରୁ ଗଙ୍ଗାବଂଶୀୟ ରାଜାଙ୍କର ପ୍ରାଦୁର୍ଭାବ ଏକପ୍ରକାର ଲୁପ୍ତ ହୋଇଥିଲା । ତାଙ୍କ ମୃତ୍ୟୁ ଉତ୍ତାରୁ କଲୁୟଦେବ ଓ କଠୋରଦେବ ନାମକ ତାଙ୍କର ଦୁଇପୁତ୍ର ବର୍ଷେଲେଖାଏଁ ରାଜପଣ କରିଥିଲେ । ସେ ଦୁହେଁ ପ୍ରଧାନ ମନ୍ତ୍ରୀ ଗୋବିନ୍ଦ ବିଦ୍ୟାଧରଙ୍କଦ୍ୱାରା ନିହତ ହେଲେ । ସେ ଦୁହିଙ୍କର ଆଉ ଯେ ତିନିଂଶ ଭ୍ରାତା ଥିଲେ, ଗୋବିନ୍ଦବିଦ୍ୟାଧରଙ୍କ ଆଜ୍ଞାରେ ତାଙ୍କ ପୁତ୍ର ଶ୍ରୀଚନ୍ଦନଙ୍କଦ୍ୱାରା ସେମାନେ ସୁଦ୍ଧା ଯମାଳୟକୁ ପ୍ରେରିତ ହେଲେ । ପ୍ରତାପରୁଦ୍ରଙ୍କର ଦ୍ୱାତ୍ରିଂଶତ୍ ପୁତ୍ର ଏହିରୂପେ ଅକାଳମୃତ୍ୟୁ ହସ୍ତରେ ପତିତ ହେବାରୁ ଗଙ୍ଗାବଂଶୀୟ ରାଜଶ୍ରେଣୀର ଏକାବେଳକେ ଲୋପ ସାଧିତ ହେଲା । ସେହି ସମୟରୁ ଲକ୍ଷ୍ମୀ ଓଡ଼ିଶା ତ୍ୟାଗ

---

* ବୋଧ ହୁଏ ଜୈନଧର୍ମକୁ ଓଡ଼ିଆ ଲେଖକେ ଭ୍ରମକ୍ରମେ ବୌଦ୍ଧଧର୍ମରୂପେ ଗ୍ରହଣ କରିଅଛନ୍ତି ।

✠ ବୌଦ୍ଧ ଓ ବ୍ରାହ୍ମଣଙ୍କୁ ଏକ ସଭାକୁ ଆହ୍ୱାନ କରି ସେମାନଙ୍କ ସମ୍ମୁଖରେ ଏକ ରୁଦ୍ଧ ମାଠିଆ ରଖିଲେ । ପୁଣି ସେଥି ମଧ୍ୟରେ କଣ ଥିଲା କହିବାକୁ ଅନୁରୋଧ କଲେ । ଏଥିକୁ ବୌଦ୍ଧମାନେ ଯାହା ଥିବାର କହିଲେ ମାଠିଆ ଫିଟାଇବାରୁ ତାହା ନ ଥାଇ ବ୍ରାହ୍ମଣଙ୍କ କହିବା ବସ୍ତୁ ସେଥି ମଧ୍ୟରୁ ବାହାରିଲା । ସେହି ଦିନଠାରୁ ପ୍ରତାପରୁଦ୍ରଙ୍କର ମତି ବ୍ରାହ୍ମଣଙ୍କ ପ୍ରତି ବିଶେଷରୂପେ ଧାବିତ ହେଲା ।

Digitized by srujanika@gmail.com

କଲେ । ଓଡ଼ିଶାରେ ଅନ୍ତର୍ବିବାଦ, ମତାନ୍ତର ଓ ବିଦ୍ରୋହ ଉପସ୍ଥିତ ହୋଇ କିଛିକାଳ ଭିତରୁ ଓଡ଼ିଶାର ସ୍ୱାଧୀନତା ଏକାବେଳକେ ବିନଷ୍ଟ ହେଲା ।

ଦେଶର ଅବସ୍ଥା —ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାର ପୂର୍ବ ସୀମା ବହୁ ପରିମାଣରେ ପରିବର୍ଦ୍ଧିତ ହୋଇଥିଲା । ଉତ୍ତରରେ ହୁଗଳୀ ନଦୀଠାରୁ ଦକ୍ଷିଣରେ ଗୋଦାବରୀ ଓ କର୍ଣ୍ଣାଟ ଏବଂ ପୂର୍ବରେ ସାଗରତୀରରୁ ପଶ୍ଚିମରେ କଳାହାଣ୍ଡି, ବସ୍ତର ପର୍ଯ୍ୟନ୍ତ ଗଙ୍ଗାବଂଶୀୟଙ୍କ ଓଡ଼ିଶା ରାଜ୍ୟ ବିସ୍ତୃତ ହୋଇଥିଲା । ସେଥିରୁ ମୋଟ ୩୫ ଲକ୍ଷ ମାଢ଼ ସ୍ୱର୍ଣ୍ଣ ରାଜସ୍ୱ ଉତ୍ପନ୍ନ ହେଉଥିବାର ବର୍ଣ୍ଣିତ ଅଛି । ଅନଙ୍ଗଭୀମ ଦେବଙ୍କ ସମୟରେ ସମଗ୍ର ଓଡ଼ିଶାର ଥରେ ଜରିପ ହୋଇଥିଲା, ସେଥିରେ ମୋଟ ଜମି ୬୨୨୮୦୦୦ ବାଟୀ ଥିବାର ପରିମାପକେ ସ୍ଥିର କରିଥିଲେ । ଏହି ୬୨୨୮୦୦୦ ବାଟୀ ଭୂମି ପ୍ରାୟ ଚୂଳଣ ଲକ୍ଷ ବର୍ଗମାଇଲ ଭୂମି ସଙ୍ଗେ ସମାନ । ଅଧୁନିକ ଇଂରାଜ ପରିମାଣରେ ଉକ୍ତ ଜମି ୩୯୪୦୭ ବର୍ଗମାଇଲ ଥିବାର ସ୍ଥିର ହୋଇଅଛି । ଏଥିରୁ ସ୍ପଷ୍ଟ ଜଣାଯାଏ ଯେ, ଦେଶୀୟ ଲୋକେ ସାମାନ୍ୟ ନଳ ପଦ୍ଧତିରେ ମାପି ବହୁ ବ୍ୟୟସାଧ୍ୟ ଇଂରାଜ ପରିମାପକ ଯନ୍ତ୍ରଚୟର ମାପ ସଙ୍ଗେ ଭୂମି ମିଳାଇ ଦେଇ ପାରନ୍ତି । ଏ ବିଷୟଟି କୌତୁକାବହ ସନ୍ଦେହ ନାହିଁ ।

ଗଙ୍ଗାବଂଶୀୟ ରାଜାଙ୍କୁ ଅନେକ ଯୁଦ୍ଧରେ ପ୍ରବୃତ୍ତ ହେବାକୁ ହୋଇଥିଲା । ସେମାନେ ସେଥି ସକାଶେ ଅଶ୍ୱ, ଗଜ ଓ ପଦାତିକ ପ୍ରଭୃତି ବହୁସୈନ୍ୟର ବ୍ୟୟ ଚଳାଇ ସେମାନଙ୍କୁ ସ୍ଥିର ଭାବରେ ରଖିଥିଲେ । ମଧ୍ୟ ଅନେକ ପ୍ରଜାଙ୍କୁ ଭୂମି ଖଣ୍ଡି ଦିଆ ହୋଇଥିଲା । ସେସବୁ ସେମାନେ ନିଷ୍କରରୂପେ ଭୋଗ କରୁଥିଲେ ଓ ପ୍ରୟୋଜନାନୁସାରେ ଅସ୍ତ୍ରଶସ୍ତ୍ର ଘେନି ରାଜାଙ୍କ ସୈନ୍ୟର ଏକଅଂଶ ହୋଇ ଯୁଦ୍ଧ କରୁଥିଲେ । ଦେଶରେ ଯେଉଁ ସାମନ୍ତ ରାଜାମାନେ ଥିଲେ, ସେମାନେ ସୁଦ୍ଧା ଆବଶ୍ୟକତା ଅନୁସାରେ ଯୁଦ୍ଧାଦି ସକାଶେ ସୈନ୍ୟ ଯୋଗାଉଥିଲେ । ଅନ୍ୟାନ୍ୟ ଯୁଦ୍ଧାସ୍ତ୍ରଚୟ ମଧ୍ୟରେ ଧନୁ ଓ ତୀର ଉତ୍କଳୀୟ ଯୋଦ୍ଧାମାନଙ୍କର ପ୍ରଧାନ ଯୁଦ୍ଧାସ୍ତ୍ର ଥିଲା ।

ଲୋକଙ୍କର ଅବସ୍ଥା ସାଧାରଣତଃ ସ୍ୱାଚ୍ଛନ୍ଦ୍ୟପ୍ରଦ ଥିଲା । ଯଦ୍ୟପି କି ମୁସଲମାନମାନେ ମଧ୍ୟେ ମଧ୍ୟେ ଆସି ଦେଶର କୌଣସି କୌଣସି ଅଂଶ ଲୁଣ୍ଠନ କରିଥିଲେ ଓ ତିନଥର ମହାମାରୀ ଦୁର୍ଭିକ୍ଷଦ୍ୱାରା ଲୋକେ ପ୍ରପୀଡ଼ିତ ହୋଇଥିଲେ, ତଥାପି ଏପରି ଯନ୍ତ୍ରଣାମାନ ସବୁଦିନେ ସେମାନଙ୍କୁ ଭୋଗ କରିବାକୁ ହୋଇ ନ ଥିଲା । ରାଜ୍ୟର ଭିନ୍ନ ଭିନ୍ନ ଅଂଶରେ ପ୍ରାୟ ଅବିରତ ଦେଉଳ ନିର୍ମାଣ, ପୁଷ୍କରିଣୀ ଖନନ, ସେତୁ ବନ୍ଧନ, ପ୍ରାସାଦ ଗଠନ ପ୍ରଭୃତି ନାନା ସାଧାରଣ କାର୍ଯ୍ୟ

Digitized by srujanika@gmail.com

ଲାଗିଥିଲା । ସେଥିରେ ଦେଶୀୟ ଲୋକମାନେ କାର୍ଯ୍ୟ କରୁଥିଲେ; ସୁତରାଂ ଶିଳ୍ପକାରଙ୍କର ଉକ୍ତ କାର୍ଯ୍ୟମାନ ଲାଭର ଉପାୟ ଥିଲା ଓ ସେ ଲାଭଦ୍ୱାରା ସେମାନେ ଖାଇ ପିଇ ଆପଣା ଆପଣାକୁ ସୁଖ ସ୍ୱାଚ୍ଛନ୍ଦ୍ୟର ଅବସ୍ଥାରେ ରଖିବାକୁ ସମର୍ଥ ହେଉଥିବାର ଅନୁମାନ କରି ପାଇ ପାରେ । ମଧ୍ୟ ଲୋକମାନେ କଥଞ୍ଚିତ୍ ଖାଦ୍ୟ ଭୋଗ କରୁ ନ ଥିଲେ, ନାନାପ୍ରକାର ଶିଳ୍ପକାର୍ଯ୍ୟରେ ଉନ୍ନତିର ପରାକାଷ୍ଠା ଦେଖାଇ ପାରି ନ ଥାନ୍ତେ । ପୁଣି ସମସ୍ତଙ୍କର ପ୍ରାୟ କିଛି କିଛି ଭୂମିବୃତ୍ତି ଓ ଗୃହ ଥିଲା । ତଦ୍ଦ୍ୱାରା ସେମାନେ ଆପଣା ଆପଣା ଅନ୍ନାବୋପଯୋଗୀ ଶସ୍ୟ ବର୍ଷକୁବର୍ଷ ସଞ୍ଚୟ କରି ରଖି ଏକପ୍ରକାର ନିଶ୍ଚିନ୍ତ ଅବସ୍ଥାରେ ଥିଲେ ।

ସ୍ୱୟଂ ରାଜାମାନେ ମଧ୍ୟେ ମଧ୍ୟେ ଯୁଦ୍ଧ ବିଗ୍ରହାଦିଦ୍ୱାରା ବ୍ୟସ୍ତ ହେଉଥିଲେ ସୁଦ୍ଧା ସାଧାରଣତଃ ସେମାନଙ୍କର ସୁଖ ସମ୍ଭୋଗର ତ୍ରୁଟି ନ ଥିଲା । ସୁନ୍ଦର ସୁନ୍ଦର ବାୟୁ ସଞ୍ଚାରିତ ଏକତଳ ଓ ଦ୍ୱିତଳ ପ୍ରସ୍ତରଗଠିତ ପ୍ରାସାଦମାନଙ୍କରେ ନାନା ପ୍ରକାର ଭୋଗବିଳାସ କରି ସେମାନେ ଜୀବନ ଅତିବାହିତ କରୁଥିଲେ । ରାଜ୍ୟର ଶାସନପ୍ରଣାଳୀ ସ୍ଥିର ନିୟମରେ ଚଳୁଥିଲା; ସୁତରାଂ ସେମାନଙ୍କ କୋଷ ଉଦ୍‌ବୃତ୍ତ ଭୂମିରାଜସ୍ୱରେ ଓ ବିଦେଶୀୟ ଲୁଣ୍ଠିତ ସମ୍ପତ୍ତିରେ ବିପୁଳରୂପେ ପରିପୂରିତ ହେଉଥିଲା । ଏକ ରାଜା ଅନଙ୍ଗଭୀମ ଦେବ ବାର ବର୍ଷ ରାଜତ୍ୱ କରି ୪୦ ଲକ୍ଷ ମାତ୍ର ସ୍ୱର୍ଣ୍ଣ ସଞ୍ଚୟ କରିବାକୁ ସମର୍ଥ ହୋଇଥିଲେ । ଲାଙ୍ଗୁଳାନରସିଂହ ଦେବ ସୁପ୍ରକାଣ୍ଡ ବହୁବ୍ୟୟଶାଳୀ କଣାରକ ଦେଉଳ ତୋଳିବାପାଇଁ ତାଙ୍କ ରାଜ୍ୟର ଦ୍ୱାଦଶ ବର୍ଷର ଉଦ୍‌ବୃତ୍ତ ରାଜସ୍ୱ ଅକୁଣ୍ଠିତରୂପେ ବ୍ୟୟ କରିଥିଲେ । ଗଙ୍ଗାବଂଶୀୟ ଅନ୍ୟାନ୍ୟ ରାଜାମାନେ ମଧ୍ୟ ବହୁତର ସାଧାରଣ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ । ଏହି ସବୁରୁ ସ୍ପଷ୍ଟ ପ୍ରତୀୟମାନ ହୁଅଇ ଯେ ସେମାନଙ୍କର ସୁଶୃଙ୍ଖଳ ଶାସନରେ ରାଜସ୍ୱ ନିୟମିତରୂପେ ସଂଗୃହୀତ ଓ ରାଜ୍ୟର ବ୍ୟୟମାନ ଉପଯୁକ୍ତରୂପେ ନିର୍ବାହିତ ହୋଇ ଯଥେଷ୍ଟ ମୁଦ୍ରା ଉଦ୍‌ବୃତ୍ତ ହେଉଥିଲା । ସାମନ୍ତରାଜାଙ୍କ ମଧ୍ୟରୁ ପ୍ରାୟ ଅଧିକାଂଶ ସାମନ୍ତରାଜା ଏ ଏକପ୍ରକାର ନିଷ୍କର ଭୂମି ଭୋଗ କରୁଥିଲେ । ଯାହାକୁ କିଛି କୌଣସି କୌଣସି ସମୟରେ ଦେବାକୁ ପଡ଼ିଲେ, ସେ ଦେୟ ଅଧିକ ଓ କଷ୍ଟକର ନ ଥିଲା; ସୁତରାଂ ସେମାନେ ସୁଦ୍ଧା ନିଜ ନିଜ ବ୍ୟୟୋପଯୋଗୀ ଅର୍ଥ ସଞ୍ଚୟ କରି ଯେ ଏକପ୍ରକାର ସୁଖରେ ଦିନ ନିର୍ବାହ କରୁଥିଲେ, ଏଥିରେ ସନ୍ଦେହ ଉପସ୍ଥିତ ହୋଇ ନ ପାରେ ।

ରାଜ୍ୟଶାସନ—ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ରାଜ୍ୟ ପ୍ରଥମତଃ ବୃହତ୍ ବୃହତ୍ ଖଣ୍ଡ ବା ପ୍ରଦେଶମାନଙ୍କରେ ବିଭକ୍ତ ହୋଇଥିଲା । ଏହି ପ୍ରତ୍ୟେକ ଖଣ୍ଡ ଦେଶ ବା ଦଣ୍ଡମାଠ ନାମରେ ଖ୍ୟାତ ଥିଲା ଓ ପ୍ରତି ଦଣ୍ଡପାଠ ଜଣେ ଜଣେ

Digitized by srujanika@gmail.com

ଦେଶପତି ବା ଦେଶପାଣ୍ଡ୍ରାଙ୍କ ହସ୍ତରେ ଅର୍ପିତ ଥିଲା । ପୁଣି ପ୍ରତି ଦଣ୍ଡପାଟ ଦୁଇ ବିଶି ବା ଖଣ୍ଡରେ ଓ ପ୍ରତି ବିଶି ୫୦ଗ୍ରାମରେ ବିଭକ୍ତ ହୋଇଥିଲା; ପ୍ରତି ବିଶି ବା ଖଣ୍ଡରେ ଜଣେ ଲେଖାଏଁ ଦେଶମୁଖ ବା ଚୌଧୁରୀ ବା ଖଣ୍ଡପତି ବା ବିଶୋଇ ନାମଧାରୀ କର୍ମଚାରୀ ନିଯୁକ୍ତ ଥିଲେ ଓ ପ୍ରତିଗ୍ରାମ ଜଣେ ପ୍ରଧାନ ବା ପଧାନର ତତ୍ତ୍ୱାବଧାରଣରେ ଥିଲା । ଏହି କର୍ମଚାରୀମାନେ ଆପଣା ଆପଣା ଅଧୀନସ୍ଥ ଭୂମିର ରାଜସ୍ୱ ପ୍ରଜାଙ୍କଠାରୁ ସଂଗ୍ରହ କରି ରାଜାଙ୍କ ନିକଟରେ ପଠାଉ-ଥିଲେ । ଆଧୁନିକ ଜମିଦାରଙ୍କ ପରି ପୂର୍ବେ ରାଜସ୍ୱ ସକାଶେ ରାଜା ଓ ପ୍ରଜାଙ୍କ ମଧ୍ୟରେ କୌଣସି ବ୍ୟକ୍ତି ମଧ୍ୟବର୍ତ୍ତୀ ହୋଇ ଦାୟିତ୍ୱ ବହନ କରୁ ନ ଥିଲେ । ଏ ଛଡ଼ା ରାଜ୍ୟରେ ବ୍ରାହ୍ମଣ, ପୁରୋହିତ, ସୈନ୍ୟ, ସାମନ୍ତ ପ୍ରଭୃତିଙ୍କି ଅନେକ ନିଷ୍କର ଭୂମି ପ୍ରଦତ୍ତ ହୋଇଥିଲା । ସାମନ୍ତରାଜାଏ ସୁଦ୍ଧା ଏକପ୍ରକାର ନିଷ୍କର ରୂପେ ରାଜ୍ୟର କେତେକ ଅଂଶ ଉପଭୋଗ କରୁଥିଲେ । ବର୍ତ୍ତମାନ କୌଣସି ସ୍ୱାଧୀନ ରାଜା କି ସମ୍ରାଟଙ୍କୁ ଏତେ ଅଧିକ ପରିମାଣରେ ନିଷ୍କର ଭୂମି ପ୍ରଜାଙ୍କୁ ଦାନ କରିବାର କି ଛାଡ଼ିଦେବାର ଦେଖା ନ ଯାଏ ।

ସମାଜବନ୍ଧନ—ଓଡ଼ିଆମାନଙ୍କ ମଧ୍ୟରେ ଆଜି ପର୍ଯ୍ୟନ୍ତ ସମାଜବନ୍ଧନ ଯେପରି ରୀତିରେ ଦେଖାଯାଏ, ତାହା ଅଧିକାଂଶ ଗଙ୍ଗାବଂଶୀୟ ରାଜାଙ୍କ ସମୟରୁ ଆବଦ୍ଧ ହୋଇଅଛି । ଗଙ୍ଗାବଂଶୀୟ ରାଜାମାନେ ଯେ କେବଳ ଉପଯୁକ୍ତ ଓ ଉଚ୍ଚଶ୍ରେଣୀୟ ହିନ୍ଦୁଙ୍କୁ ମହାପାତ୍ର, ବଡ଼ପଣ୍ଡା, ମଙ୍ଗରାଜ ଇତ୍ୟାଦିରୂପେ ଓ କାର୍ଯ୍ୟକ୍ଷମ ସୈନିକ କର୍ମଚାରୀଙ୍କି ବେହେରାଙ୍କନ, ରାଉତରାୟ ଇତ୍ୟାଦି ପ୍ରକାରେ ଉପାଧିଧାରୀ କରିଥିଲେ, ତାହା ନୁହେ; ଶ୍ରେଣୀ ଶ୍ରେଣୀରେ ହିନ୍ଦୁସମାଜର ଯେ ଜାତି ଗଠିତ ହୋଇଅଛି, ସେ ସବୁରି ଉପଯୁକ୍ତରୂପେ ବିଭକ୍ତ କରି, ଯାହାର ଯେ ବ୍ୟବସାୟ ଓ ମର୍ଯ୍ୟାଦା, ତଦୁପଯୋଗୀ ପଦ୍ଧତିରେ ସେହି ସେହି ଶ୍ରେଣୀୟ ଲୋକଙ୍କୁ ସ୍ଥାପନ କରିବା ବିଷୟରେ ମଧ୍ୟ, ଗଙ୍ଗାବଂଶୀୟ ରାଜାମାନେ ବିଶେଷ ଯତ୍ନବାନ ହୋଇଥିଲେ । ନୀଚଶ୍ରେଣୀୟ ସେବକ ଓ ପାଇକଙ୍କ ମଧ୍ୟରେ ସୁଦ୍ଧା ନାନାପ୍ରକାର ଉତ୍ସାହକର ପଦମାନ ବିତରଣ କରିବାର ନିୟମ ବାନ୍ଧିଥିଲେ ।

ସାମନ୍ତରାଜା—ଇତିପୂର୍ବେ ଲିଖିତ ହୋଇଅଛି ଯେ ଅନଙ୍ଗଭୀମ ଦେବ ୧୬ ଜଣଙ୍କୁ ସାମନ୍ତରାଜାରୂପେ ନିଯୁକ୍ତ କରିଥିଲେ । ସେଥି ପୂର୍ବରୁ ମଧ୍ୟ କ୍ଷୁଦ୍ର କ୍ଷୁଦ୍ର କେତେକ ସାମନ୍ତରାଜାଏ ଦେଶ ମଧ୍ୟରେ ବିରାଜିତ ଥିଲେ । ତମଲୁକରୁ ମୟୂରବଂଶୀୟ କେହି ରାଜପୁତ୍ର ଆସି ମୟୂରଭଞ୍ଜ ରାଜ୍ୟ ସ୍ଥାପନ କରିଥିଲେ* ।

---

* ମୟୂରଭଞ୍ଜ ରାଜା କେଶରୀବଂଶୀୟ ରାଜାଙ୍କ ସମୟରେ ସ୍ୱାଧୀନ ଥିଲେ । ଗଙ୍ଗାବଂଶୀୟ ରାଜାଙ୍କର ନାମମାତ୍ର ବଶବର୍ତ୍ତୀ ହୋଇଥିଲେ । ମରହଟ୍ଟାଏ

Digitized by srujanika@gmail.com

ମଧ୍ୟ କଥିତ ଅଛି ରାଜାମାନଙ୍କ ଶାସନ ସମୟରେ ରାଜପୁତାନା ଓ ଅନ୍ୟାନ୍ୟ ସ୍ଥାନମାନଙ୍କରୁ ଦୁଇ ଏକ ବୀରପୁରୁଷ ଓଡ଼ିଶାକୁ ସମାଗତ ହୋଇ ଓଡ଼ିଶାର ବନ ପର୍ବତ ମଧ୍ୟରେ ଅଧମ ଅସଭ୍ୟଜାତିଙ୍କ ପରାଭବ କରି ଆପଣା ଆପଣାର କ୍ଷୁଦ୍ରରାଜ୍ୟ ସ୍ଥାପନ କରିଥିଲେ । ଅବଶେଷରେ ସେମାନେ ଓଡ଼ିଶାରାଜାଙ୍କର ନାମମାତ୍ର ଅଧୀନତା ସ୍ୱୀକାର କରି ନିର୍ବିବାଦରେ ଆପଣା ଆପଣା ସ୍ଥାପିତ ରାଜ୍ୟ ଭୋଗ କରୁଥିଲେ । ଆଧୁନିକ ନୟାଗଡ଼ * ଓ ଅନ୍ୟାନ୍ୟ କୌଣସି କୌଣସି ଗଡ଼ଜାତର ରାଜାମାନଙ୍କର ପୂର୍ବପୁରୁଷ ଏହି ପ୍ରକାରେ ଆପଣା ଆପଣାର ରାଜ୍ୟ ପୂର୍ବକାଳରେ ସଂସ୍ଥାପନ କରିଥିଲେ । ବୌଦ୍ଧରାଜ୍ୟ ଅନ୍ତର ପ୍ରାୟ ସହସ୍ରବର୍ଷ ପୂର୍ବେ ଜଣେ ବ୍ରାହ୍ମଣଦ୍ୱାରା ସ୍ଥାପିତ ହୋଇଥିବାର ପ୍ରବାଦ ପ୍ରଚଳିତ ଅଛି । ପୁଣି ଓଡ଼ିଶାର ଏକ ଏକ ସ୍ଥାପିତ କ୍ଷୁଦ୍ରରାଜ୍ୟରୁ ରାଜପୁତ୍ର ପ୍ରଭୃତି ଏକସ୍ଥାନରୁ ସ୍ଥାନାନ୍ତରକୁ ଯାଇ ଆପଣା ଆପଣା ବାହୁବଳଦ୍ୱାରା ସେ ସ୍ଥାନମାନ ଅଧିକାର କରି ସେ ସବୁରେ ନୂତନ ନୂତନ କ୍ଷୁଦ୍ରରାଜ୍ୟମାନ ସଂସ୍ଥାପନ କରିଥିଲେ † । ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଏମାନେ ସାମନ୍ତରାଜାରୂପେ ପରିଗଣିତ ହୋଇଥିଲେ । ଗଙ୍ଗାବଂଶୀୟ ରାଜାଏ ଯେଉଁ ନୂତନ କେହି କେହି ସାମନ୍ତରାଜାଙ୍କୁ ସୃଷ୍ଟି କରିଥିଲେ, ସେମାନଙ୍କ

---

ମୟୂରଭଞ୍ଜ ସହିତ ଯୁଦ୍ଧ କରି ସେ ଗଡ଼ ଲୁଣ୍ଠନ କରିଥିଲେ । ଇଂରାଜମାନେ ଅନ୍ୟାନ୍ୟ ଗଡ଼ଜାତରାଜାଙ୍କ କଥାକୁ "ପାହାଡ଼ୀ ଜମିଦାର" ବୋଲି ଲେଖିଅଛନ୍ତି, ମାତ୍ର ମୟୂରଭଞ୍ଜକୁ "ରାଜ୍ୟ" ବୋଲି ଉକ୍ତ କରିଅଛନ୍ତି ।

* କଥିତ ଅଛି ଦୁଇଜଣ ରାଜପୁତାନାନିବାସୀ ଗଡ଼ଜାତ ବାଟେ ଜଗନ୍ନାଥ ଦର୍ଶନକୁ ଆସିଥିଲେ । ସେମାନେ ଫେରି ଯିବାବେଳେ କେତେକ ବ୍ୟାଘ୍ରଭୟ-ପୀଡ଼ିତ ଅସଭ୍ୟ ଲୋକେ ସେମାନଙ୍କୁ ବାଘ ମାରିବାର ଅନୁରୋଧ କଲେ । ସେମାନେ ବାଘ ମାରିବାରୁ ସେମାନଙ୍କୁ ଅସଭ୍ୟମାନେ ରାଜପଦରେ ପ୍ରତିଷ୍ଠିତ କଲେ । ପୂର୍ବେ ନୟାଗଡ଼ ଓ ଖଣ୍ଡପଡ଼ା ଏକରାଜ୍ୟ ଥିଲା । କଳହ ଉପସ୍ଥିତ ହୋଇ ଉକ୍ତ ବଂଶ ମଧ୍ୟରେ ବିଭକ୍ତ ହୋଇ ଦୁଇ ରାଜ୍ୟ ହୋଇଅଛି ।

† ବୌଦ୍ଧ ଅବଶେଷରେ ମୟୂରବଂଶୀୟ ଏକ ରାଜାଙ୍କର ଅଧୀନସ୍ଥ ହୋଇଥିଲା । କେନ୍ଦୁଝର ରାଜା, ଦଶପଲ୍ଲା ରାଜା, ଗଞ୍ଜାମ ଅନ୍ତଃପାତୀ ଘୁମୁସରର ପୂର୍ବ ରାଜାଏ ମୟୂରବଂଶୀୟ ଅଟନ୍ତି । ମୟୂରଭଞ୍ଜରୁ ମୟୂରବଂଶୀୟ ରାଜପୁତ୍ରମାନେ ଏ ସ୍ଥାନମାନଙ୍କୁ ଆସି ଏହି ସ୍ଥାନମାନଙ୍କରେ ଅଧିକାର ସଂସ୍ଥାପନ କରିଥିଲେ । କେନ୍ଦୁଝର ଲୋକେ ମୟୂରଭଞ୍ଜ ଧୂର ମଣ୍ଡଳରୁ ମୟୂରଭଞ୍ଜର ଏକ ସାମନ୍ତଙ୍କୁ ଆଣି ଆପଣା ଆପଣାର ରାଜା କରିଥିଲେ । ଏମଣ୍ଡଳରେ ଜଣେ ଏମ ରାଜା ଥିଲା;

Digitized by srujanika@gmail.com

ରାଜ୍ୟ ପ୍ରାପ୍ତ ସେମାନଙ୍କର ଉତ୍ତମ କାର୍ଯ୍ୟର ପୁରସ୍କାର ବା ଜାଗିରର ସ୍ୱରୂପ ଥିଲା । ଏହିରୂପେ ଆଠଗଡ଼ ରାଜ୍ୟ, ସେଥିର ପ୍ରଥମ ରାଜା ଓଡ଼ିଶାରାଜାଙ୍କ ନିକଟରେ ବେବର୍ତ୍ତ ଥାଇ ଉତ୍ତମ କାର୍ଯ୍ୟ କରିଥିଲେ ବୋଲି ପୁରସ୍କାରସ୍ୱରୂପ ପ୍ରାପ୍ତ ହୋଇଥିଲେ । ଭୁଜଙ୍ଗ, କନକା, ଦର୍ପଣୀ ( ଦର୍ପଣ ଧରୁଥିବା ବୃତ୍ତି ) ପ୍ରଭୃତି କେତେକ ରାଜାଙ୍କ ପୂର୍ବପୁରୁଷେ ଏହି ଏହି ରାଜଗିମାନ ଆପଣା ଆପଣା ଖଟଣୀପାଇଁ ଜାଗିରିସ୍ୱରୂପ ପାଇ ଗଜପତି ରାଜାଙ୍କଦ୍ୱାରା ରାଜପଦରେ ପ୍ରତିଷ୍ଠିତ ହୋଇଥିଲେ । ବର୍ତ୍ତମାନ ଦେଖିବାର ଅବଶ୍ୟକ ରହେ ଯେ ଭିନ୍ନ ଭିନ୍ନ ପ୍ରକାରେ ଦେଶ ମଧ୍ୟରେ କ୍ଷୁଦ୍ର କ୍ଷୁଦ୍ର ରାଜା ଓ ରାଜ୍ୟମାନ ପ୍ରତିଷ୍ଠିତ ଓ ଉକ୍ତ ରାଜାଏ ସାମନ୍ତରାଜା ପଦରେ ଅଭିହିତ ହୋଇ, ଗଜପତି ରାଜାଙ୍କର କି ଉପକାରରେ ଲାଗୁଥିଲେ, ଅବା କିରୂପ ସାହାଯ୍ୟ ପ୍ରଦାନ କରୁଥିଲେ । ସେମାନେ ଯେ ନିୟମିତରୂପେ କର ଦେଉଥିଲେ ଏପରି ବୋଧ ହେଉ ନାହିଁ । ଯେହେତୁ ସେମାନଙ୍କ ମଧ୍ୟରେ କେହି କେହି ନାମମାତ୍ର ଓଡ଼ିଶାରାଜାଙ୍କର ଅଧୀନ ଥିଲେ ଓ କେହି କେହି ଓଡ଼ିଶାଧିପତିଙ୍କର ଅନୁଗ୍ରହର ଭାଜନ ହୋଇ କିଛି କିଛି ଭୂମିର ଅଧିକାର ପାଇ ମର୍ଯ୍ୟାଦାସୂଚକ ପଦରେ ଅଧିଷ୍ଠିତ ହୋଇଥିଲେ । ସେ ଅବସ୍ଥାରେ ସେମାନଙ୍କୁ କର ଦେବା ସକାଶେ ଗଜପତିରାଜାଏ ବାଧ କରିଥିବା ପରି ବୋଧ ହୁଅଇ ନାହିଁ । ସମ୍ଭବତଃ ସମସ୍ତ ସାମନ୍ତରାଜାଏ ଯୁଦ୍ଧ ସମୟରେ ଓଡ଼ିଶାରାଜାଙ୍କୁ ସୈନ୍ୟ ଓ ଖାଦ୍ୟ-ଦ୍ରବ୍ୟରେ ଯଥେଷ୍ଟ ସାହାଯ୍ୟ କରୁଥିଲେ ଓ ଗଜପତିରାଜାଙ୍କ ଅଭିଷେକ କି ଆବଶ୍ୟକ ସମୟରେ ଉପଢ଼ୌକନାଦି ଦେଉଥିଲେ । ମଧ୍ୟ ଗଜପତି ରାଜାଏ ଯେ ଦରବାର କରୁଥିଲେ ସେଥିରେ ଉପସ୍ଥିତ ହୋଇ ସେମାନେ ଗଜପତି ରାଜାଙ୍କୁ ଯଥେଷ୍ଟ ସମ୍ମାନ କରୁଥିଲେ । ପୁଣି ଚାମର ବ୍ୟଜନ ଛତ୍ର ଧାରଣ ପ୍ରଭୃତି ଯାହାର ଯେ ଯେ ସେବା ଓ ଖଟଣି ନିର୍ଦ୍ଧାରିତ ଥିଲା, ତାହା ସମ୍ପାଦନ କରୁଥିଲେ । ସ୍ଥୂଳରେ ଗଜପତିରାଜାଙ୍କ ସମୟର ପ୍ରଧାନ ଓ ଅପ୍ରଧାନ ସମସ୍ତ ସାମନ୍ତରାଜାମାନେ ଦେଶର ଏକପ୍ରକାର ବଳସ୍ୱରୂପ ଥିଲେ ଓ ସେମାନେ

---

କେତେକ ଓଡ଼ମାନେ ଜଣେ ଡମର ରାଜ୍ୟପଣରେ ଅସନ୍ତୁଷ୍ଟ ହେଲାରୁ କୌଣସି ବାଙ୍କି ରାଜପୁତ୍ରଙ୍କ ସହାୟତା ଲୋଡ଼ିଲେ । ତହୁଁ ଉକ୍ତ ଡମରରାଜାକୁ ହଣାଇ ବାଙ୍କି ରାଜପୁତ୍ର ଡମପଡ଼ାର ରାଜା ହେଲେ । ସ୍ୱୟଂ ଜନୈକ ଓଡ଼ିଶାଧିପତି କପିଳେନ୍ଦ୍ର ଦେବଙ୍କର ଅଠର ପୁଅମାନେ କିରୂପେ ଗଞ୍ଜାମ ଓ ସମ୍ବଲପୁରରେ କେତେକ ସାମନ୍ତରାଜ୍ୟ ସ୍ଥାପନ କରିଥିଲେ, ଏଥିପୂର୍ବେ ତାହା ବର୍ଣ୍ଣିତ ହୋଇଅଛି ।

Digitized by srujanika@gmail.com

ବଙ୍ଗୀୟ ଆକ୍ରମଣରୁ ଦେଶକୁ ଅନେକ ସମୟରେ ରକ୍ଷା କରିବାକୁ ସକ୍ଷମ ହୋଇଥିଲେ ।

ଶିଳ୍ପକାର୍ଯ୍ୟ ଓ ସାଧାରଣକାର୍ଯ୍ୟ—ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ମଧ୍ୟ ଯେ ଶିଳ୍ପକାର୍ଯ୍ୟର ବିଶେଷତଃ ପ୍ରସ୍ତରଶିଳ୍ପର ବିଶେଷ ଆଲୋଚନା ଓ ଉନ୍ନତି ଥିଲା, କଣାରକର ଅର୍ଦ୍ଧଭଗ୍ନ ଦେଉଳ, ପୁରୀ ବଡଦେଉଳ ଓ ସେମାନଙ୍କ ସମୟ ନିର୍ମିତ ଅନ୍ୟାନ୍ୟ ଦେଉଳମାନଙ୍କରୁ ଏହା ସ୍ପଷ୍ଟ ପ୍ରତୀୟମାନ ହେଉଅଛି । ପୁରୀ ବଡ଼ଦେଉଳ ଓ କଣାରକର ସୂର୍ଯ୍ୟମନ୍ଦିରମାନ ଭୁବନେଶ୍ୱର ଦେଉଳ ଅପେକ୍ଷା ପ୍ରକାଣ୍ଡତା ଓ ବିସ୍ତୃତିରେ ଊଣା ନୁହେ । ଜଗନ୍ନାଥ ଦେଉଳରେ ଖୋଦିତ ପ୍ରତିମୂର୍ତ୍ତିର ଆଧିକ୍ୟ ଦୃଷ୍ଟିଗୋଚର ହୁଅଇ ନାହିଁ । କିନ୍ତୁ କଣାରକ ଦେଉଳରେ ସେଥିର ଅଭାବ ନ ଥିଲା । ଯେଉଁ ରୀତିରେ ସେହି ମନ୍ଦିରମାନ ଗଠିତ ଓ ସେ ସବୁର ପ୍ରତିମୂର୍ତ୍ତିମାନ ଖୋଦିତ ହୋଇଥିଲା, ସେଥିରୁ ସେ ସମୟର ଶିଳ୍ପିଙ୍କର ନିପୁଣତା ଓ ସୂକ୍ଷ୍ମତାର ଉତ୍ତମ ପରିଚୟ ମିଳୁଅଛି । ନୌକାଦି ଗଠନଚାତୁର୍ଯ୍ୟରୁ ମଧ୍ୟ ସେ ସମୟର ଶିଳ୍ପିମାନେ ଅନଭିଜ୍ଞ ନ ଥିଲେ । ପୁରୀର ମାର୍କଣ୍ଡେଶ୍ୱର ଦେଉଳରେ ଖଣ୍ଡେ ନୌକାର ଯେ ପ୍ରତିମୂର୍ତ୍ତି ଖୋଦିତ ହୋଇଅଛି, ସେପରି କାର୍ଯ୍ୟ ସେ ସମୟର ଲୋକେ କାଷ୍ଠରେ ନିର୍ମାଣ କରୁଥିଲେ । କାଷ୍ଠ-ଶିଳ୍ପରେ ମଧ୍ୟ ତତ୍କାଳୀନ ଶିଳ୍ପିଙ୍କର ବିଶେଷ ଅଭିଜ୍ଞତାର ପରିଚୟ ମିଳୁଅଛି । ପୁଣି ଭୁବନେଶ୍ୱର ଶିଳ୍ପିଙ୍କ ପରି, ବରଂ ସେମାନଙ୍କ ବଳି ପୁରୀ ଓ କଣାରକ ଶିଳ୍ପିମାନେ ଅଶ୍ଳୀଳ ପ୍ରତିମୂର୍ତ୍ତିମାନ ଗଠନଦ୍ୱାରା ମନ୍ଦିରୁଚିର ପରିଚୟ ମଧ୍ୟ ପ୍ରଦାନ କରିଅଛନ୍ତି ।

ସାଧାରଣକାର୍ଯ୍ୟରେ ଗଙ୍ଗାବଂଶୀୟ ରାଜାମାନେ ମଧ୍ୟ ବିଶେଷ ବ୍ୟୟଶୀଳ ଥିଲେ । କାଁଶବାଁଶ, ଦୟା ପ୍ରଭୃତି ନଦୀମାନଙ୍କ ଉପରେ ସେମାନେ ସୁଦୃଢ଼ ସେତୁମାନ ନିର୍ମାଣ କରିଥିଲେ । କେଶରୀରାଜାଙ୍କ ଖୋଦିତ ଭୁବନେଶ୍ୱରର ବିନ୍ଦୁସାଗର ପ୍ରଭୃତି ପୁଷ୍କରିଣୀଙ୍କ ପରି, କୌଶଲ୍ୟଗଙ୍ଗ, ନରେନ୍ଦ୍ର ପ୍ରଭୃତି ବୃହତ୍ ବୃହତ୍ ଓ ଅନ୍ୟ ପ୍ରକାର ଅସଂଖ୍ୟ ପୁଷ୍କରିଣୀ ଓ ବାପୀ ଗଙ୍ଗାବଂଶୀୟ ରାଜାଙ୍କଦ୍ୱାରା ଓଡ଼ିଶା ମଧ୍ୟରେ ଖୋଦିତ ହୋଇଥିଲା । ମନ୍ଦିରମାନ ଓ ବାରବାଟୀ, ଚଉଦ୍ୱାର ପ୍ରଭୃତିର ନୂତନ ଦୁର୍ଗମାନ ନିର୍ମାଣ କରିବାରେ ଓ ସୁନ୍ଦର ସୁନ୍ଦର ରାଜପ୍ରାସାଦ-ଚୟର ଗଠନରେ ଯେ ଗଜପତିରାଜାଏ ବ୍ୟୟସ୍ୱୀକାର କରିଥିଲେ, ଏ ବିଷୟ ସମସ୍ତେ ଅନୁମାନ କରିବାକୁ ସକ୍ଷମ । ସ୍ଥାନ ସ୍ଥାନରେ ସେମାନଙ୍କଦ୍ୱାରା ନଦୀ ପୁଷ୍କରିଣୀର ଅନେକ ଘାଟମାନ ପ୍ରସ୍ତୁତ ହୋଇଥିଲା । ସେମାନେ ଭିନ୍ନ ଭିନ୍ନ ସ୍ଥାନରେ ଶାସନମାନ ବସାଇ ସେଠା ଲୋକଙ୍କ ସୁବିଧାର୍ଥେ ଓ ଜୀବନୋପାୟ

Digitized by srujanika@gmail.com

ଜଳାଦାର୍ଥ ବାପୀ ପୋଖରୀ ନିର୍ମାଣ, ଗୃହ ଉତ୍ତୋଳନ, ଅର୍ଥ ଓ ଭୂମି ପ୍ରଭୃତି ଦାନ କରୁଥିଲେ । ସେ ସମୟର ଦେଶୀୟ ସାମନ୍ତରାଜାଗଣ ଓ ଅନ୍ୟାନ୍ୟ ବିତ୍ତଶାଳୀ ଲୋକେ ମଧ୍ୟ ସେହିପରି ନାନା ହିତକର କାର୍ଯ୍ୟରେ ପ୍ରବୃତ୍ତ ହେଉଥିଲେ ।

ଦେଉଳଗଠନ—ଗଙ୍ଗାବଂଶୀୟ ରାଜାମାନେ ଅନେକାନେକ ଦେଉଳ ତୋଳିଥିବାର ବାରମ୍ବାର ଲିଖିତ ହୋଇଅଛି । ସେ ସବୁ ମଧ୍ୟରେ ପୁରୀ ବଡ଼ଦେଉଳ, କଣାରକର ଅର୍କ ମନ୍ଦିର ଓ ଯାଜପୁରର ବିରଜାନାଥ ମନ୍ଦିର ପ୍ରଧାନ । ଓଡ଼ିଶାର ସମସ୍ତ ଦେଉଳ ଏକ ଛାଞ୍ଚରେ ଓ ଏକ ଆକାରରେ ଗଠିତ । ଭୁବନେଶ୍ୱର ଦେଉଳ ଯେଉଁ ନିୟମରେ ନିର୍ମିତ ହୋଇଅଛି, ଏ ଦେଉଳମାନଙ୍କର ଗଠନପ୍ରଣାଳୀ ସେହି ସାଧାରଣ ନିୟମର ବହିର୍ଭୂତ ନୁହେ । ଜଗନ୍ନାଥ ଦେଉଳର ଉଚ୍ଚତା ଓ ବିସ୍ତୃତିରେ ଭୁବନେଶ୍ୱର ଦେଉଳ ସଙ୍ଗେ ସମାନ, କିନ୍ତୁ ଏଥିର ସାଧାରଣ କାର୍ଯ୍ୟପ୍ରଣାଳୀ ତାଦୃଶ ସୁନ୍ଦରରୂପେ ସମ୍ପାଦିତ ହୋଇ ନାହିଁ । ଭୁବନେଶ୍ୱର ଦେଉଳ ପରି ନାନାପ୍ରକାର ଶିଳ୍ପଚାତୁର୍ଯ୍ୟ ଓ କାରିଗରିଦ୍ୱାରା ପୁରୀଦେଉଳର ଶୋଭା ସମ୍ପନ୍ନ ଓ ବର୍ଦ୍ଧିତ ହୋଇ ନାହିଁ । ଅନଙ୍ଗଭୀମଙ୍କ ଆଜ୍ଞାରେ ୧୧୯୮ ଖ୍ରୀଷ୍ଟାବ୍ଦରେ ପରମହଂସ ବାଜପେୟୀଙ୍କ ତତ୍ତ୍ୱାବଧାରଣରେ ଏଥିର ନିର୍ମାଣକାର୍ଯ୍ୟ ସମାପ୍ତ ହୋଇଥିଲା । କଣାରକ ଦେଉଳ ଗଙ୍ଗାବଂଶୀୟ ରାଜାଙ୍କ ସମୟର ପ୍ରଧାନ ପ୍ରସ୍ତର-ଶିଳ୍ପ କୀର୍ତ୍ତି ଅଟଇ । ଏଥିରେ ସେ ସମୟ ଓଡ଼ିୟାଙ୍କର ଶିଳ୍ପକାର୍ଯ୍ୟରେ ପାରଦର୍ଶିତାର ବିଶେଷ ଚିହ୍ନ ପ୍ରକାଶିତ ହୋଇଅଛି । ସେଥି ଚତୁଃପାର୍ଶ୍ୱରେ ଯେଉଁ ପ୍ରାଚୀର ଥିଲା ତାହା ଦେଡ଼ଶତ ହସ୍ତ ଉଚ୍ଚ ଓ ଉଣେଇଶ ହାତ ପ୍ରଶସ୍ତ ଥିଲା । ଦେଉଳ ଦେହରେ ସୂର୍ଯ୍ୟ, ତାରା ଓ ନକ୍ଷତ୍ର-ଚୟର ଓ ମନୁଷ୍ୟ, ଅଶ୍ୱ, ହସ୍ତୀ, ଅଶ୍ୱାରୋହୀ ସୈନ୍ୟ ପ୍ରଭୃତିର ଅସଂଖ୍ୟ ପ୍ରତିମୂର୍ତ୍ତିମାନ ଖୋଦିତ ହୋଇଥିଲା । ବର୍ତ୍ତମାନ ଏ ଦେଉଳ ନିତାନ୍ତ ଭଗ୍ନାବସ୍ଥାରେ ରହିଅଛି । ମନ୍ଦିରର ଉପର ଓ ମଧ୍ୟଭାଗ ଆଉ ଦୃଷ୍ଟିଗୋଚର ହୁଅଇ ନାହିଁ । ଲାଙ୍ଗୁଳାନରସିଂହ ଦେବଙ୍କ ସମୟରେ ଶିବସାନ୍ତରାଙ୍କ ତତ୍ତ୍ୱାବଧାରଣରେ ଏ ମନ୍ଦିର ନିର୍ମିତ ହୋଇଥିଲା । ଯାଜପୁରର ବିରଜାନାଥଙ୍କ ଦେଉଳ ଏକ ମଧ୍ୟମାକୃତିର ମନ୍ଦିର ଅଟଇ । ସେ ସମୟର ଦେଉଳ ଗଠନର ସାଧାରଣ ରୀତିରେ ରାଜା ପ୍ରତାପରୁଦ୍ରଙ୍କଦ୍ୱାରା ଏହା ପ୍ରସ୍ତୁତ ହୋଇଥିଲା ।

ଧର୍ମଆନ୍ଦୋଳନ—କେଶରୀବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାରେ ଶୈବଧର୍ମର ଯେପ୍ରକାର ପ୍ରାଦୁର୍ଭାବ ହୋଇଥିଲା, ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ବୈଷ୍ଣବଧର୍ମର ଆଧିପତ୍ୟ ସେହିପରି ବିସ୍ତୃତିକୁ ଲଭିଥିଲା । ଜଗନ୍ନାଥଙ୍କ ଦେଉଳ ନିର୍ମାଣରୁ ଓଡ଼ିଶାରେ ବୈଷ୍ଣବଧର୍ମ ବିସ୍ତୃତ ହେବାର କାଳ ବୋଲି ବୋଲିବାକୁ

ହେବ । ମଧ୍ୟରେ ଲାଙ୍ଗୁଲାନରସିଂହ ଦେବ ନବଗ୍ରହ ପୂଜା ସକାଶେ କଣାରଖର ଯେଉଁ ଅର୍କ ମନ୍ଦିର ନିର୍ମାଣ କରିଥିଲେ; ତାହାରୁ କେହି କେହି ରାଜା ଓ ତଦୀୟ ଅନୁଚରବର୍ଗଙ୍କର ଓ ତାଙ୍କ ସମୟ ଲୋକସାଧାରଣଙ୍କର ସୂର୍ଯ୍ୟୋପାସନା ପ୍ରତି ମତି ଫେରିଥିବାର ଅନୁମାନ କରନ୍ତି । କିନ୍ତୁ ପ୍ରକୃତ ସେ ଅନୁମାନ ଯୁକ୍ତିଯୁକ୍ତ ନୁହେ । ଶୈବ ଓ ବୈଷ୍ଣବ ଧର୍ମମାନ ପ୍ରବଳ ଥିବା ସମୟରେ ସୂର୍ଯ୍ୟଙ୍କୁ ଯେଉଁ ଭାବରେ ହିନ୍ଦୁମାନେ ଉପାସନା କରୁଥିଲେ ଓ ବର୍ତ୍ତମାନ ଯେପ୍ରକାରେ ପୂଜା କରୁଅଛନ୍ତି, ବୈଦିକ ସମୟ ଉତ୍ତାରୁ, ଏଥିଁ ଅଧିକ ମୁକ୍ତିମୂଳକ ବୋଲି ହିନ୍ଦୁମାନେ ଆଉ କଦାପି ସୂର୍ଯ୍ୟୋପାସନା ଅବଲମ୍ବନ କରି ନାହାନ୍ତି । ନରସିଂହ ଦେବ କିମ୍ବା ତାଙ୍କର କେହି ଉତ୍ତରାଧିକାରୀ ବିଶେଷରୂପେ ସୂର୍ଯ୍ୟୋପାସକ ଥିବାର ସୁଦ୍ଧା ଅନୁମାନ ବ୍ୟତୀତ, କୌଣସି ବିଶେଷ ପ୍ରମାଣ ନାହିଁ । ସେମାନଙ୍କର ସୂର୍ଯ୍ୟୋପାସ-ନାରେ ସାତିଶୟ ଅନୁରାଗ ଥିଲେ, କଣାରଖ ଦେଉଳ ସମ୍ପୂର୍ଣ୍ଣରୂପେ ନିର୍ମିତ ନ ହୋଇ ତ୍ୟକ୍ତ ହୋଇ ନ ଥାନ୍ତା । ଏମନ୍ତ ମଧ୍ୟ ସ୍ଥିରୀକୃତ ହୋଇଅଛି ଯେ, କଣାରଖର ବୃହତ୍ ଦେଉଳ ନିର୍ମିତ ହେବା ପୂର୍ବେ ସେହି ସ୍ଥାନରେ ଥିବା ଏକ କ୍ଷୁଦ୍ର ଦେଉଳରେ ଯେଉଁ ସୂର୍ଯ୍ୟମୂର୍ତ୍ତି ସ୍ଥାପିତ ଥିଲା, ବୃହତ୍ ମନ୍ଦିର ତୋଳାଯିବା ସମୟରେ ତାହା ପୁରୀକୁ ନୀତ ହୋଇ, କଣାରଖଠାକୁ ଆଉ ପୁନର୍ନୀତ ହୋଇ ନାହିଁ । କେବଳ କୀର୍ତ୍ତି ରକ୍ଷଣାର୍ଥ କଣାରଖ ଦେଉଳ ନରସିଂହ ଦେବ ନିର୍ମାଣ କରିଥିବାର ଯାହା ଅନୁମିତ ହୋଇଅଛି, ତାହା ସମ୍ଭବପର ଅଟେ । ରାଜା ଓ ବିଭୂତିଶାଳୀ ଲୋକଙ୍କର ଏପରି ବାସନା ହେବା ମଧ୍ୟ ଅସ୍ୱାଭାବିକ ନୁହେ । ପ୍ରତାପରୁଦ୍ରଙ୍କ ସମୟରେ ନବଦ୍ୱୀପରୁ ଚୈତନ୍ୟ ସମାଗତ ଓ ଓଡ଼ିଶାରେ ଜଗନ୍ନାଥଦାସ ଉଦିତ ହୋଇ ନୂତନ ଆକାରରେ ଭକ୍ତି ଓ ପ୍ରେମପୂର୍ଣ୍ଣ ଭାବରେ ବୈଷ୍ଣବଧର୍ମ ଯେ ପ୍ରକାରେ ପ୍ରଚାରିତ ହୋଇଥିଲା ଓ ଲୋକଙ୍କର ମତି ସେମାନଙ୍କ ଉପଦେଶ ଓ ମତ ପ୍ରତି କିପରି ଆକୃଷ୍ଟ ହୋଇଥିଲା, ଏଥିପୂର୍ବେ ସେ ସମସ୍ତ ବର୍ଣ୍ଣିତ ହୋଇଅଛି ।

ବଙ୍ଗାଳିଙ୍କର ଉପନିବେଶସ୍ଥାପନ—ବର୍ତ୍ତମାନ ଓଡ଼ିଶାରେ ଉପନିବେଶୀ ବଙ୍ଗାଳିଙ୍କ ସଂଖ୍ୟା ନିତାନ୍ତ ଅଳ୍ପ ନୁହେ; ପ୍ରାୟ ଲକ୍ଷାଧିକ ହେବ । ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାକୁ ସେମାନଙ୍କର ଆଗମନର * ସୂତ୍ରପାତ

* ସନ ୧୮୭୨ ମସିହାରେ ଓଡ଼ିଶାର ଯେଉଁ ଲୋକସଂଖ୍ୟା ଗୃହୀତ ହୋଇଥିଲା, ସେଥିରେ ଉପନିବେଶୀ ବଙ୍ଗାଳିଙ୍କର ଗୋଟିଏ ସ୍ୱତନ୍ତ୍ର ଗୃହ କରି ଯଥାର୍ଥରୂପେ ସଂଖ୍ୟା ନିର୍ଣ୍ଣୀତ ହୋଇ ନାହିଁ । ଉପନିବେଶୀ ବ୍ରାହ୍ମଣମାନେ ଉତ୍କଳ

Digitized by srujanika@gmail.com

ହୋଇଥିଲା । ସ୍ୱୟଂ ବଙ୍ଗଳାର ଶେଷ ସ୍ୱାଧୀନ ରାଜା ୧୨୦୩ ମସିହାରେ ଓଡ଼ିଶାକୁ ପଳାଇ ଆସିଥିଲେ । ତଦନନ୍ତର ଚୈତନ୍ୟ ଅନେକ ବଙ୍ଗାଳୀ ବୈଷ୍ଣବଙ୍କ ସଙ୍ଗେ ଘେନି ଷୋଡ଼ଶ ଶତାବ୍ଦୀରେ ଓଡ଼ିଶାକୁ ଆସିଥିଲେ । ପୁରୀର ଜଗନ୍ନାଥ ଦେବ ମଧ୍ୟ ଅନେକ ବଙ୍ଗାଳିଙ୍କି ଓଡ଼ିଶାକୁ ଆସିବା ନିମନ୍ତେ ପ୍ରଲୁବ୍ଧ କରାଇଥିଲେ । ଏହି ବଙ୍ଗାଳିମାନଙ୍କ ମଧ୍ୟରୁ ଅନେକେ ରହିଯାଇ ଓଡ଼ିଶାରେ ବାସ କଲେ । ଓଡ଼ିଆଙ୍କ ସମାଜ ଓ ରୀତି ନୀତିରେ ବଙ୍ଗୀୟ ପ୍ରଭାବରୁ କେତେକ ପରିବର୍ତ୍ତନ ଘଟିଥିଲା; ତ୍ରିପରନ୍ତୁ ବଙ୍ଗାଳିମାନଙ୍କର ଅନେକ ଆଚାର ବ୍ୟବହାର ମଧ୍ୟ ଓଡ଼ିଆଙ୍କ ସହବାସରେ ପରିବର୍ତ୍ତିତ ହେବାର ଆରମ୍ଭ ହେଲା ।

ଉତ୍କଳଭାଷା, ଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା—ଦଶମ ଶତାବ୍ଦୀଠାରୁ ଭାରତବର୍ଷରେ ଭାଷା ପରିବର୍ତ୍ତନ ଆନ୍ଦୋଳନର ସୂତ୍ରପାତ ହୋଇ; ଅଧୁନା ପ୍ରଚଳିତ ନାନାଭାଷା କ୍ରମେ କ୍ରମେ ସୃଷ୍ଟ ହୋଇଅଛି । ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାର ଅନ୍ୟାନ୍ୟ ପରିବର୍ତ୍ତନ ସଙ୍ଗେ ଭାଷା ପରିବର୍ତ୍ତନ ମଧ୍ୟ ସଂଘଟିତ ହୋଇଥିଲା । କେଶରୀବଂଶୀୟ ରାଜାଙ୍କ ସମୟରେ ଅନ୍ୟାନ୍ୟ ଦେଶ ପରି ଓଡ଼ିଶାରେ ମଧ୍ୟ କୁଟିଳାକ୍ଷର ପ୍ରଚଳିତ ଥିଲା । ତାଳପତ୍ରର ଲୌହଲେଖନୀ-ଦ୍ୱାରା ଲେଖି ଲେଖି କୁଟିଳାକ୍ଷରମାନ ଆକାରାନ୍ତରିତ ହୋଇ ଆଧୁନିକ ଓଡ଼ିଆ ଅକ୍ଷରରେ ପ୍ରବର୍ତ୍ତିତ ହେଲା । ସେହି ସମୟରେ ଭାଷା କ୍ରମେ କ୍ରମେ ପରିବର୍ତ୍ତିତ ହୋଇ ଆଧୁନିକ ଓଡ଼ିଆ ଭାଷାର ରୂପକୁ ଧରିବାର ଆରମ୍ଭ କଲା । କ୍ରମଶଃ ଏହି ଭାଷାର ଉନ୍ନତି ହୋଇ ପ୍ରତାପରୁଦ୍ରଙ୍କ ସମୟକୁ ବହୁ ପରିମାଣରେ ଶୁଦ୍ଧ ଓଡ଼ିଆ ଭାଷା ହୋଇଥିଲା । ସବୁ ଭାଷାର ସାହିତ୍ୟର ସୂତ୍ରପାତ କବିତାଲିଖନଦ୍ୱାରା ହୁଅଇ । ଓଡ଼ିଆ ଭାଷାରେ ମଧ୍ୟ ସେହିପରି ହୋଇଅଛି । ବର୍ତ୍ତମାନ ପ୍ରଚଳିତ ଓଡ଼ିଆ ଭାଷାର ଆଦିମ ଅବସ୍ଥାରେ ଏହା କିପରି ଆକାର ଧାରଣ କରିଥିଲା, ସେଥିର କୌଣସି ପ୍ରତିକୃତି ଆମ୍ଭେମାନେ ପ୍ରାପ୍ତ ହୋଇ ନାହୁଁ । ପ୍ରତାପରୁଦ୍ରଙ୍କ ସମୟରେ ଶ୍ରୀମଦ୍ଭାଗବତ ରାମାୟଣ ପ୍ରଭୃତି ଗ୍ରନ୍ଥମାନ ରଚିତ ହୋଇଥିଲା ।

---

ବ୍ରାହ୍ମଣଙ୍କ ସଙ୍ଗେ ଏକ ଗୃହରେ ପରିଗଣିତ ହୋଇଅଛନ୍ତି । ସୁତରାଂ ଉପନିବେଶିକ ସଂଖ୍ୟା ଜାଣିବା ସକାଶେ ଲୋକସଂଖ୍ୟା ପୁସ୍ତକ ଅନୁପଯୋଗୀ ହୋଇଅଛି । ବର୍ତ୍ତମାନ ଏହା ଅନୁମାନ ଓ ଦ୍ୱାରଦ୍ୱାର ଗଣନା ଉପରେ ନିର୍ଭର ରଖେ ।

Digitized by srujanika@gmail.com

ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଯେଉଁ କବିମାନେ ଓଡ଼ିଶାରେ ଜାତ ହୋଇଥିଲେ, ସେମାନଙ୍କର ସ୍ଥିର ନିର୍ଣ୍ଣୟ, ଆବିର୍ଭାବ କାଳ ଓ ଜୀବନୀ ସୁଦ୍ଧା ସହଜ ବ୍ୟାପାର ନୁହଇ। ତେବେ ଏତିକି ସ୍ଥିର କରିବାକୁ ପାରିଅଛୁଁ ଯେ ସେ ସମୟର କବିମାନଙ୍କ ମଧ୍ୟରେ ଜଗନ୍ନାଥ ଦାସ ଓ ବଳରାମ ଦାସ ଉତ୍କୃଷ୍ଟ କବି ଥିଲେ। ସେ ଦୁହିଙ୍କ ମଧ୍ୟରୁ ଜଗନ୍ନାଥ ଦାସ ବ୍ରାହ୍ମଣ ଓ ଜଣେ ଧର୍ମସଂସ୍କାରକ ଏବଂ ବଳରାମ ଦାସ କରଣ ଓ ବୈଷ୍ଣବ ଥିଲେ। ସେ ଦୁହିଙ୍କ ରଚନା ଅଦ୍ୟାପି ଶତ ଶତ ଓଡ଼ିଆଙ୍କ ଚିତ୍ତ ହରଣ କରଇ।

ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଉତ୍ତମ ଜ୍ଞାନଚର୍ଚ୍ଚା ଥିବାର ପ୍ରତୀୟମାନ ହୁଅଇ। ବ୍ରାହ୍ମଣମାନେ ବହୁତର ଭୂମିସମ୍ପତ୍ତି ପାଇ ନିଶ୍ଚିନ୍ତ ଥିଲେ ଓ ଜ୍ଞାନଚର୍ଚ୍ଚାର ବିଶେଷ ସୁବିଧା ପାଉଥିଲେ। ସଂସ୍କୃତ ଶ୍ଳୋକାଦି ସେ ସମୟରେ ଅନେକ ଲୋକ ରଚନା କରୁଥିଲେ। ସ୍ୱୟଂ ରାଜାମାନେ ସୁଦ୍ଧା, ମଧ୍ୟ ସାମନ୍ତରାଜାଏ ଜ୍ଞାନଚର୍ଚ୍ଚାରେ ମନ ଦେଇଥିଲେ। ରାଜା ପ୍ରତାପରୁଦ୍ର କପର ପାଣ୍ଡିତ୍ୟ ଲାଭ କରିଥିଲେ ଓ ଧର୍ମ ଏବଂ ଅନ୍ୟାନ୍ୟ ଗ୍ରନ୍ଥମାନ ପାଠ କରି ସେ ସବୁ ଉପରେ ଟୀକା ଲେଖି ପାରୁଥିଲେ, ଏଥିପୂର୍ବେ ତାହା ବର୍ଣ୍ଣିତ ହୋଇଅଛି। ଭାଷା ଅପେକ୍ଷା ସଂସ୍କୃତର ବିଶେଷ ଆଲୋଚନା ଥିଲା। ଦେଶୀୟଲୋକେ ଶିଳ୍ପ ଓ ଗୃହ ନିର୍ମାଣ ସମ୍ବନ୍ଧୀୟ ବିଦ୍ୟାରେ ଅପାରଗ ନ ଥିଲେ। ଅନଙ୍ଗଭୀମଙ୍କ ସମୟର ଦେଶୀୟ ଶିଳ୍ପ ଆଜିକାଲି ଇଂରାଜଙ୍କ ଶିଳ୍ପ ସଙ୍ଗେ କେମନ୍ତ ଆଶ୍ଚର୍ଯ୍ୟରୂପେ ସମାନ ହୋଇଅଛି, ଏଥିପୂର୍ବେ ଦେଖାଇଅଛୁଁ। ଭୂମିର ଉଚ୍ଚତା ନୀଚତା ମାପିବାପାଇଁ ଓଡ଼ିଆମାନେ ଥାଳିଏ ପାଣି ଓ ଖଣ୍ଡିକେତେ ତାଳପତ୍ରରେ ଅପୂର୍ବ କୌଶଳ ଅବଧାରଣ କରିଥିଲେ।

ଦୈଶିକ ଶକ୍ତି ଓ ମୁସଲମାନ ଆକ୍ରମଣ—ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାବାସିଏ ଯେ ଶକ୍ତିଶାଳୀ ଥିଲେ, ଏକଥା କହିବା ବାହୁଲ୍ୟ। ସେମାନେ ବାହୁବଳରେ ତ୍ରିବେଣୀଠାରୁ ଗୋଦାବରୀ ପର୍ଯ୍ୟନ୍ତ ଓ ଅନେକ ଥର ଶିକ୍ଷିତ ମୁସଲମାନ ସେନାଙ୍କୁ ଅବଲୀଳାକ୍ରମେ ପରାଭବ କରିଥିଲେ।

ମୁସଲମାନମାନେ ଉତ୍ତର ଓ ଦକ୍ଷିଣରୁ ଗଙ୍ଗାବଂଶୀୟ ରାଜାଙ୍କୁ ଅନେକ ଥର ଆକ୍ରମଣ କରିଥିଲେ। ହିନ୍ଦୁ ମୁସଲମାନମାନଙ୍କ ଯୁଦ୍ଧରେ କେତେବେଳେ ହିନ୍ଦୁ, କେତେବେଳେ ଅବା ମୁସଲମାନମାନେ ଜୟୀ ହୋଇଥିଲେ। ଦୁଇ ତିନି ଥର ମୁସଲମାନମାନେ ଓଡ଼ିଶାର ସ୍ଥାନ ସ୍ଥାନ ଲୁଣ୍ଠନ ସୁଦ୍ଧା କରିଥିଲେ; ତଥାପି ଓଡ଼ିଆଙ୍କର ଏକତାନବନ୍ଧନ ଓ ସେନାନିୟୋଜନ ଏପ୍ରକାର ଥିଲା ଯେ ମୁସଲମାନମାନେ ଓଡ଼ିଶାରେ ସ୍ଥାୟୀ ଜୟଲାଭ କରି ପାରି ନ ଥିଲେ। ଅନନ୍ତର

Digitized by srujanika@gmail.com

କିଛିକାଳ ଉତ୍ତାରୁ ଓଡ଼ିଆଙ୍କ ମଧ୍ୟରେ ଅନ୍ତର୍ବିବାଦ ଉପସ୍ଥିତ ହୋଇ ସେମାନେ ଦୁର୍ବଳ ହୋଇ ପଡ଼ିଲେ, ସୁତରାଂ ବିପକ୍ଷ ମୁସଲମାନମାନେ ଅବଶେଷରେ ଓଡ଼ିଶାକୁ ସହଜରେ ସ୍ୱରାଜ୍ୟଭୁକ୍ତ କରିବାକୁ ସମର୍ଥ ହେଲେ ।

ଆମୋଦପ୍ରମୋଦ—ଗଙ୍ଗାବଂଶୀୟଙ୍କ ରାଜତ୍ୱ ସମୟରେ ମଧ୍ୟ ନାନାପ୍ରକାର ବାଦ୍ୟଯନ୍ତ୍ର ଦେଶରେ ପ୍ରଚଳିତ ଥିଲା । ନାଟ୍ୟ ଗୀତରେ ମଧ୍ୟ ଲୋକଙ୍କର ରୁଚି ଥିଲା ଓ ସେ ସମୟର ସମ୍ଭ୍ରାନ୍ତ ଓଡ଼ିଆମାନେ ଏହି ପ୍ରକାର ଆମୋଦପ୍ରମୋଦରେ କାଳଯାପନ କରୁଥିଲେ ।

ଦୁର୍ଭିକ୍ଷ—ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଓଡ଼ିଶାରେ ଦୁଇ ଥର ଦୁର୍ଭିକ୍ଷ ପଡ଼ିଥିଲା । ଥରେ ଖାଦ୍ୟଦ୍ରବ୍ୟର ମୂଲ୍ୟ ଷାଠିଏ ଗୁଣ ବର୍ଦ୍ଧିତ ହୋଇଥିଲା । ଏହି ଦୁଇ ଥରର କୌଣସି ବିଶେଷ ବର୍ଣ୍ଣନା ନାହିଁ । ଆଜିକାଲି ଯେତେବେଳେ ଦୁର୍ଭିକ୍ଷ ନିବାରଣର ନାନା ଉପାୟ ହୋଇ ଅନେକ ଲୋକ ମରୁଅଛନ୍ତି, ସେତେବେଳେ ପୂର୍ବେ ଯେ ଦୁର୍ଭିକ୍ଷ ପଡ଼ିଲେ ଆଜିକାଲି ଅପେକ୍ଷା ଅନୁପାତରେ ଅଧିକ ଲୋକ ମରୁଥିଲେ; ଏକଥା ଅନୁମାନ କରିବା ବାହୁଲ୍ୟ ମାତ୍ର ।

## ପଞ୍ଚମ ଅଧ୍ୟାୟ ।

### ଓଡ଼ିଶାର ସ୍ୱାଧୀନତା ଲୋପ ।

ଗୋବିନ୍ଦ ବିଦ୍ୟାଧର ଓ ନାନାବିଧ ଗୋଲମାଲ ଏବଂ ରାଜ୍ୟ ପରିବର୍ତ୍ତନ (୧୫୩୪-୧୫୫୧)—ସଚିବ ଗୋବିନ୍ଦ ବିଦ୍ୟାଧର ଅତୁଳ ପ୍ରଭୁଭକ୍ତି ଦେଖାଇ ଗୋବିନ୍ଦ ଦେବ ନାମ ଧେନି ଓଡ଼ିଶା ରାଜସିଂହାସନ ଆରୋହଣ କଲେ । ତାଙ୍କ ରାଜତ୍ୱର ପ୍ରାରମ୍ଭରେ ଦନେଇ (ଜନାର୍ଦ୍ଦନ) ବିଦ୍ୟାଧର ଓ ତେଲଙ୍ଗା ମୁକୁନ୍ଦ ହରିଚନ୍ଦନ ଅତି ପ୍ରସିଦ୍ଧ ହୋଇଥିଲେ; ସୁତରାଂ ଦନେଇ ପ୍ରଧାନ ମନ୍ତ୍ରୀ ହେଲେ ଓ ମୁକୁନ୍ଦ କଟକ ଶାସନର ଭାର ପାଇଲେ । ଗୋବିନ୍ଦଦେବ ସ୍ୱୀୟ ମନ୍ତ୍ରୀ ସମଭିବ୍ୟାହାରରେ ଦକ୍ଷିଣ ଦେଶକୁ ଗମନ କରି ସେଠା ମୁସଲମାନମାନଙ୍କ ସଙ୍ଗେ ବିବାଦରେ ପ୍ରବୃତ୍ତ ହେଲେ । ସ୍ୱାଧୀନ ହିନ୍ଦୁରାଜାଙ୍କ ରାଜତ୍ୱକାଳ ଓଡ଼ିଶାରେ ଶେଷ ହୋଇ ଆସୁଥିଲା । ଉତ୍ତରରେ ଓ ଦକ୍ଷିଣରେ ମୁସଲମାନମାନେ ପରାକ୍ରାନ୍ତ ହୋଇଥିଲେ । ଅନ୍ତର୍ବିବାଦଅଗ୍ନି ଓଡ଼ିଶାରେ ମଧ୍ୟ ଏହି ସମୟରେ ପ୍ରଜ୍ୱଳିତ ହେବାର ଆରମ୍ଭ ହେଲା । କଥିତ ଅଛି ରଘୁରାମ ଛୋଟରା ଓ ବାଳୁକି ଶ୍ରୀଚନ୍ଦନ ନାମକ ଗୋବିନ୍ଦଦେବଙ୍କର ଦୁଇ ଭଣଜା ଜଗନ୍ନାଥମନ୍ଦିରର ପ୍ରଧାନ ପଣ୍ଡାଙ୍କ

Digitized by srujanika@gmail.com

ପ୍ରାଣ ବଧ କରି ଓ ମୃତ୍ତନଙ୍କୁ କଟକରୁ ତଡ଼ ଦେଇ ଗୃହବିବାଦର ସୂତ୍ରପାତ କଲେ । ଗୋବିନ୍ଦଦେବ ସେ ସମସ୍ତ ଶ୍ରବଣ କରି ସ୍ୱଦେଶାଭିମୁଖୀ ହେଲେ । ବିଦ୍ରୋହୀମାନଙ୍କୁ ପରାଜିତ କରି ବୈତରଣୀନଦୀ ପର୍ଯ୍ୟନ୍ତ ସେମାନଙ୍କ ଅନୁଗମନ କଲେ । ଦୁର୍ଭାଗ୍ୟବଶତଃ ଗୋବିନ୍ଦଦେବଙ୍କର ସେହି ଯାତ୍ରା ଜୀବନର ଶେଷ ଯାତ୍ରା ହୋଇଥିଲା; ଯେହେତୁ ସେଥିରେ ତାଙ୍କୁ ସ୍ୱୀୟ ରାଜ୍ୟକୁ ଫେରି ଆସିବାକୁ ହୋଇ ନାହିଁ । ୧୫୪୧ ଖ୍ରୀଷ୍ଟାବ୍ଦରେ ବୈତରଣୀନଦୀ ଦଶାଶ୍ୱମେଧ ଘାଟରେ ତାଙ୍କର ପ୍ରାଣବିୟୋଗ ହେଲା । ଗୋବିନ୍ଦଦେବ ନାନା ଗୋଲମାଲ କରି ସାତବର୍ଷ କାଳ ମାତ୍ର ରାଜତ୍ୱ କରିଥିଲେ ।

ତଦନନ୍ତର ଦନେଇ ବିଦ୍ୟାଧର ପ୍ରତାପଚନ୍ଦ୍ର ଦେବଙ୍କୁ ସିଂହାସନାରୂଢ଼ କରାଇଲେ । ସେ ଦକ୍ଷିଣ ଦେଶକୁ ଗମନ କରିଥିଲେ ଓ ଅମିତାଚାର ଯଥେଚ୍ଛାଚାରୀ ରାଜା ଥିଲେ ସୁଦ୍ଧା, ବୁଦ୍ଧିଜୀବୀ ସଚିବଙ୍କ ସହାୟତାରେ ଆଠବର୍ଷକାଳ ରାଜତ୍ୱ କରିବାକୁ ସକ୍ଷମ ହୋଇଥିଲେ । ଦେବମନ୍ଦିର ମଧ୍ୟରେ ଅକସ୍ମାତ୍ ତାଙ୍କର ମୃତ୍ୟୁ ଘଟିଲା । ଅନ୍ୟ କେହି ଉତ୍ତରାଧିକାରୀ ନ ଥିବାରୁ ନରସିଂହ ଜେନା ନାମକ ଜଣେ ୧୫୪୯ ଖ୍ରୀଷ୍ଟାବ୍ଦରେ ସିଂହାସନାରୂଢ଼ ହେଲେ । ଦନେଇ ବିଦ୍ୟାଧର ଦକ୍ଷିଣରୁ ଆଣାଇ, ଭୟରେ ତାଙ୍କୁ କାରାରୁଦ୍ଧ କଲେ । ନରସିଂହ ବର୍ଷେ କାଳ ରାଜତ୍ୱ କଲା ଉତ୍ତାରୁ ରଘୁରାମ ଛୋଟରାୟ ବୈତରଣୀ ଆଡ଼ୁ ନୂଆ ସୈନ୍ୟ ଘେନି ପ୍ରତ୍ୟାବର୍ତ୍ତିତ ହୋଇ ବର୍ଷେକାଳ ରାଜତ୍ୱ କରିଥିବାର କଥିତ ଅଛି । ଅନନ୍ତର ତେଲଙ୍ଗା ମୁକୁନ୍ଦ ହରିଚନ୍ଦନ କାର୍ଯ୍ୟଦକ୍ଷ ଓ କୌଶଳୋଦାତ୍ତ ଲୋକ ଥିବାରୁ ଦେଶରେ କିଛି ପ୍ରାଧାନ୍ୟ ଲଭିଥିଲେ । କିଛିକାଳ ସେ କଟକର ଶାସନକର୍ତ୍ତା ଥିଲେ । ଅବଶେଷରେ ୧୫୫୧ ଖ୍ରୀଷ୍ଟାବ୍ଦରେ ଓଡ଼ିଶାର ରାଜ୍ୟଭାର ତାଙ୍କ ହସ୍ତରେ ପତିତ ହେଲା ।

**ଓଡ଼ିଶାର ଶେଷ ସ୍ୱାଧୀନରାଜା ମୁକୁନ୍ଦଦେବ (୧୫୫୧-୧୫୬୮)**— ମୁକୁନ୍ଦଦେବ ଓଡ଼ିଶାର ଶେଷ ସ୍ୱାଧୀନରାଜା ଅଟନ୍ତି । ସେ ପୂର୍ବେ ତେଲିଙ୍ଗଦେଶ-ବାସୀ ଥିଲେ । କଟକର ଶାସନକର୍ତ୍ତା ଓ ରାଜମନ୍ତ୍ରୀ ଥିବା ସମୟରେ ସେ ଯେପରି କାର୍ଯ୍ୟଦକ୍ଷତା ଦେଖାଇଥିଲେ ରାଜା ହୋଇ ସେହିପରି କୁଶଳତାର ସହିତ ରାଜ୍ୟଶାସନ ଆରମ୍ଭ କଲେ । ରାଜା ହେଲା ଉତ୍ତାରୁ ଅନେକ ଦେବମନ୍ଦିର ଓ ଅଟ୍ଟାଳିକା ତୋଳାଇଲେ, ଅନେକ ପୋଖରୀ ଖୋଳାଇଲେ ଓ ବହୁସଂଖ୍ୟକ ନଦୀ ଓ ପୁଷ୍କରିଣୀର ଘାଟ ବନ୍ଧାଇଲେ । ହୁଗୁଳିନଦୀ ତୀରସ୍ଥ ତ୍ରିବେଣୀ ତାଙ୍କ ରାଜ୍ୟର ଶେଷ ଉତ୍ତର ସୀମା ଥିଲା । ସେଠାରେ ଥିବା ସୁପ୍ରସିଦ୍ଧ ଘାଟ (ତ୍ରିବେଣୀ ଘାଟ) ଓ ମନ୍ଦିର ତାଙ୍କଦ୍ୱାରା ନିର୍ମିତ ହୋଇଥିଲା । ଏକକାଳୀନ ବାରବାଟୀ କିଲ୍ଲା ସେ ଅଧିକ୍ରିତ

ସେ ଏକ ଅପୂର୍ବ ପରମ ରମଣୀୟ ନବତଳ ଅଟ୍ଟାଳିକା ନିର୍ମାଣ କରାଇଥିଲେ ଓ ସେହି ଅଟ୍ଟାଳିକା ତାଙ୍କର ବାସମନ୍ଦିର ଥିଲା । ଇଂରେଜଙ୍କ ଆଗମନ ସମୟରୁ କେତେକ ସଶବ୍ଦ ଭଗ୍ନପ୍ରସ୍ତର ଛଡ଼ା ସେ ରାଜପ୍ରାସାଦର ଅନ୍ୟ କୌଣସି ଚିହ୍ନ ବିଦ୍ୟମାନ ନ ଥିଲା । ବୋଧ ହୁଅଇ ମୁସଲମାନମାନେ ସେ ପ୍ରାସାଦକୁ ଚୂର୍ଣ୍ଣୀଭୂତ କରି ସେଥିରେ ବ୍ୟବହୃତ ହୋଇଥିବା ପ୍ରସ୍ତର ଓ ଅନ୍ୟାନ୍ୟ ଦ୍ରବ୍ୟ-ମାନଙ୍କରେ * ଉକ୍ତ ବାରବାଟୀ ମଧ୍ୟସ୍ଥିତ ମସଜିଦପ୍ରଭୃତି ନିର୍ମାଣ କରିଥିଲେ । ଆହୁରି ପ୍ରବାଦ ପ୍ରଚଳିତ ଅଛି ଯେ ମୁକୁନ୍ଦ ତାଙ୍କ ମାତାଙ୍କ ଅନୁରୋଧରେ ତ୍ରିବେଣୀ ନିକଟରୁ ଗଙ୍ଗାର ଏକଧାର ମହାନଦୀ ପର୍ଯ୍ୟନ୍ତ କଟାଇ ଆଣିବା କାର୍ଯ୍ୟରେ ପ୍ରବୃତ୍ତ ହୋଇଥିଲେ । ତ୍ରିବେଣୀ ପାର୍ଶ୍ୱରେ ଏପରି ଗୋଟିଏ ନାଳ କଟା ହୋଇଥିବାର ଚିହ୍ନ ଅଦ୍ୟାପି ସୁଦ୍ଧା ଦୃଷ୍ଟିଗୋଚର ହୁଅଇ । ମଧ୍ୟ ଜଳାପ ଓ ଭୂମିର ଉଚ୍ଚତା ନୀଚତା ସ୍ଥିର କରିବା ବିଷୟରେ ପୂର୍ବ ଓଡ଼ିଶାବାସିଙ୍କର ଯେପରି ସୂକ୍ଷ୍ମଜ୍ଞାନ ଓ ପ୍ରବେଶ ଥିଲା ଓ ସେମାନେ ସାଧାରଣ କାର୍ଯ୍ୟମାନଙ୍କରେ ଯେପରି ସାହସ ବଳାଉଥିଲେ, ସେସବୁରେ ରାଜାଙ୍କଠାରୁ ଆଜ୍ଞା, ବଳ, ଉତ୍ସାହ ଓ ସାହାଯ୍ୟ ପ୍ରାପ୍ତ ହୋଇ, ସେମାନଙ୍କର ଏପରି ଏକ ସୁମହତ୍ କାର୍ଯ୍ୟରେ ପ୍ରବୃତ୍ତ ହୋଇଥିବା ସୁଦ୍ଧା ଅନୁମାନ କରାଯାଇ ପାରେ; ତଥାପି ଉଲ୍ଲିଖିତ ପ୍ରବାଦରେ ସମ୍ପୂର୍ଣ୍ଣ ବିଶ୍ୱାସ ଜନ୍ମୁ ନାହିଁ । ବୋଧ ହୁଏ କେବଳ ନାଳ ଖୋଲାଇବାର ଗୋଟିଏ କଳ୍ପନା ମୁକୁନ୍ଦଙ୍କ ମନରେ ଉଦିତ ହୋଇଥିଲେ ହୋଇଥିବ । ମୁକୁନ୍ଦଙ୍କ ଅନ୍ୟାନ୍ୟ କାର୍ଯ୍ୟ ମଧ୍ୟରେ ଓଡ଼ିଶାର ସ୍ଥଳେ ସ୍ଥଳେ ବ୍ରାହ୍ମଣ ଶାସନମାନ ବସାଇଥିବା ଏକ ପ୍ରଧାନ କାର୍ଯ୍ୟ ବୋଲି କଥିତ ଅଛି । ମୁକୁନ୍ଦ ମଧ୍ୟ ଜଣେ ସଦାଳାପୀ ଓ ଅତିଥି-ସତ୍କାରଶୀଳ ରାଜା ଥିଲେ । ୧୫୧୪ ଖ୍ରୀଷ୍ଟାବ୍ଦରୁ ପୋର୍ତ୍ତୁଗିଜମାନେ ଓଡ଼ିଶାକୁ ବାଣିଜ୍ୟ କରିବା ନିମନ୍ତେ ଯାତାୟାତ ଆରମ୍ଭ କରିଥିଲେ । ମୁକୁନ୍ଦଦେବଙ୍କ ସମୟରେ ଜଣେ ପୋର୍ତ୍ତୁଗିଜ ପରିବ୍ରାଜକ ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଭ୍ରମଣ କରି ଦେଶର ରୀତିନୀତି ଓ ଅବସ୍ଥାରୁ ସବିଶେଷ ଅବଗତ ହୋଇଥିଲେ । ମୁକୁନ୍ଦଙ୍କ ସଦାଳାପ ପ୍ରଭୃତି ବିଷୟରେ ବିଶେଷ ପ୍ରଶଂସା ସେହି ବିଦେଶୀ

---

* ଚୈତନ୍ୟ କଟକ ପ୍ରବେଶ କରିବା ସମୟରେ କଟକର ଗୋପାଳ-ଜୀଉଙ୍କ ମନ୍ଦିର ବାରବାଟୀ କିଲ୍ଲା ନିକଟରେ ଥିଲା; ମୁସଲମାନମାନେ ସେ ଦେଉଳ ଭାଙ୍ଗି ସେଥିର ମାଲମସଲା ବାରବାଟୀ ମସଜିଦ କର୍ମରେ ଲଗାଇଥିଲେ, ବାରବାଟୀ ନିକଟରୁ ଗୋପାଳଜୀ ଏହିରୂପେ ନିଷ୍କାସିତା ହୋଇ ଆସି ବର୍ତ୍ତମାନ ଥିବା ସ୍ଥାନରେ ଆଶ୍ରୟ ନେଇଅଛନ୍ତି ।

Digitized by srujanika@gmail.com

ପରିବ୍ରାଜକଙ୍କ ଭ୍ରମଣବୃତ୍ତାନ୍ତରେ ଲିପିବଦ୍ଧ ହୋଇଅଛି । ଉକ୍ତ ପର୍ଯ୍ୟଟକଙ୍କ ଲେଖାରୁ ମୁକୁନ୍ଦଦେବଙ୍କର ଚରିତ୍ର ଅନ୍ୟ ଗୋଟିଏ ପ୍ରମାଣ ମିଳଇ । ସେ ଲେଖିଅଛନ୍ତି ମୁକୁନ୍ଦଙ୍କର ଶତଶତ ରକ୍ଷିତା ସ୍ତ୍ରୀ ଥିଲେ ।

ମୁକୁନ୍ଦ ରାଜା ଥିବା ସମୟରେ ସୁଲତାନ ଇବ୍ରାହିମ (ଯେ କି ଏକ ସମୟରେ ଦକ୍ଷିଣର ସମ୍ରାଟ ଥିଲେ) ଓଡ଼ିଶାକୁ ପଳାଇ ଆସି ତାଙ୍କର ଆଶ୍ରୟ ଲଭିଥିଲେ ଓ ସମ୍ରାଟ ଅକବର ବଙ୍ଗୀୟ ଶାସନକର୍ତ୍ତା ସଲିମାନଙ୍କୁ ପରାଭବ କରିବା ଅଭିପ୍ରାୟରେ ମିତ୍ରତା ସଂସ୍ଥାପନାର୍ଥ ଓଡ଼ିଶା ରାଜଦରବାରକୁ ଦୂତ ପ୍ରେରଣ କରିଥିଲେ । ଏଥିର ବିସ୍ତାରିତ ବିବରଣ ମୁସଲମାନ ଶାସନାଧ୍ୟାୟରେ ପ୍ରଦତ୍ତ ହେବ । ଅବଶେଷରେ ବଙ୍ଗୀୟ ମୁସଲମାନ ଶାସନକର୍ତ୍ତା ସଲିମାନ ଗର୍ଲାନି ଓଡ଼ିଶା ବିଜୟାର୍ଥ ସୈନ୍ୟ ପ୍ରେରଣ କଲେ (୧୫୬୮) । ମୁସଲମାନ ସେନା ଉତ୍କଳ ସୈନ୍ୟଙ୍କୁ ଯାଜପୁରଠାରେ ପରାଙ୍ମୁଖ କରି ସ୍ୱୟଂ ମୁକୁନ୍ଦଙ୍କ ଶିରଶ୍ଛେଦନ କଲେ । ଦେଶରେ ଏକ ପ୍ରବାଦ ପ୍ରଚଳିତ ଅଛି ଯେ ମୁକୁନ୍ଦ ସେ ସମୟରେ ଗଙ୍ଗାକୂଳରେ ଅବସ୍ଥିତ ଥିଲେ; କିନ୍ତୁ ମୁସଲମାନ ଇତିହାସ ଦେଶପ୍ରଚଳିତ ପ୍ରବାଦ ଅପେକ୍ଷା ଅଧିକ ବିଶ୍ୱସନୀୟ; ସୁତରାଂ ଯାଜପୁର ଯୁଦ୍ଧରେ ମୁକୁନ୍ଦ ନିହତ ହୋଇଥିବାର ଆମ୍ଭେମାନେ ବିଶ୍ୱାସ କରୁଅଛୁଁ । ମୁକୁନ୍ଦଙ୍କ ପତନ ସଙ୍ଗେ ସଙ୍ଗେ ଓଡ଼ିଶାର ସ୍ୱାଧୀନତା ଏକାବେଳକେ ବିନଷ୍ଟ ହେଲା । ମୁସଲମାନ ସେନା ଯାଜପୁର ଜୟ କରି କଟକ ଆଡ଼କୁ ଅଗ୍ରସର ହେଲେ । ସୁପ୍ରସିଦ୍ଧ କଳାପାହାଡ଼ ସଲିମାନଙ୍କଦ୍ୱାରା ଏକଦଳ ମୁସଲମାନ ସେନାର ଅଧିନାୟକତ୍ୱରେ ବୃତ ହୋଇ ଓଡ଼ିଶାକୁ ପ୍ରେରିତ ହୋଇଥିଲେ । ସେ କଟକ ଦୁର୍ଗ ଅଧିକାର କଲେ । ଲୋକଙ୍କ ଉପରେ ନାନାପ୍ରକାର ଅତ୍ୟାଚାର କରିବାରୁ ବିରତ ହୋଇ ନ ଥିଲେ । ସ୍ୱୟଂ ମୁକୁନ୍ଦଙ୍କ ମହିଷୀ ସୁଦ୍ଧା ତାଙ୍କ ଅତ୍ୟାଚାରର ଅନ୍ତର୍ଭୁକ୍ତ ହୋଇଥିଲେ ବୋଲି କଥିତ ଅଛି* । ସେ ପୁରୀନଗର ମଧ୍ୟ ଅବରୋଧ କରି ଅନାୟାସରେ ସେହି ନଗରକୁ ହସ୍ତଗତ କଲେ । ପୁରୀ ବିଜୟ ସଙ୍ଗେ ସଙ୍ଗେ ଓଡ଼ିଶାରୁ ସ୍ୱାଧୀନ ହିନ୍ଦୁରାଜତ୍ୱ ଏକାବେଳକେ ବିଲୁପ୍ତ ହେଲା ।

ଜଗନ୍ନାଥଦେବଙ୍କର ଦୁର୍ଦ୍ଦଶା—ପୁରୀବିଜେତା କଳାପାହାଡ଼, ଏପରି କଥିତ ଅଛି ଯେ, ପ୍ରଥମେ ବ୍ରାହ୍ମଣର ସନ୍ତାନ ଥିଲେ । ଏକ ରୂପଲାବଣ୍ୟ ସମ୍ପନ୍ନା

---

* ଏକ ଗୀତ ମଧ୍ୟ ଏ ବିଷୟରେ ଏହିପରି ଅଛି ଯେ "ଆଇଲା କଳାପାହାଡ଼, ଭାଙ୍ଗିଲା ଲୁହାର ବାଡ଼, ପିଇଲା ମହାନଦୀର ପାଣି । ମୁବର୍ଣ୍ଣଥାଳିରେ ହେଜା ପରଶିଲେ ମୁକୁନ୍ଦଦେବଙ୍କ ରାଣୀ ।"

Digitized by srujanika@gmail.com

ମୁସଲମାନକନ୍ୟାର ପ୍ରଣୟପାଶରେ ବଦ୍ଧ ହୋଇ ମୁସଲମାନଧର୍ମ ଗ୍ରହଣ କରିଥିଲେ । ସେହି ଦିନଠାରୁ ହିନ୍ଦୁଧର୍ମ ପ୍ରତି ତାଙ୍କର ଘୋର ଈର୍ଷ୍ୟା ଜନ୍ମିଥିଲା । ପୁରୀ ଜୟ କରି ହିନ୍ଦୁ ଦେବ ଦେବୀଙ୍କ ଉପରେ କଳାପାହାଡ଼ ଘୋର ଅତ୍ୟାଚାର ଆରମ୍ଭ କଲେ । ଜଗନ୍ନାଥଦେବଙ୍କ ସେବକମାନେ ଜଗନ୍ନାଥଙ୍କୁ ନେଇ ଚିଲିକାହ୍ରଦ ତଟବର୍ତ୍ତୀ ପାରିକୁଦ ନାମକ ସ୍ଥାନରେ ପୋତି ରଖିଲେ । ଦୁର୍ଦ୍ଦାନ୍ତ କଳାପାହାଡ଼ ସେ ବିଷୟର ସନ୍ଧାନ ପାଇ ପାରିକୁଦଠାକୁ ଯାଇ ଜଗନ୍ନାଥଦେବଙ୍କୁ ଖୋଳି ହସ୍ତୀ ପିଠିରେ ଲଦି ଗଙ୍ଗାକୂଳକୁ ନେଇଗଲେ ଓ ଗଙ୍ଗାକୂଳରେ ଜଳୁଥିବା ଏକ ଚିତାବହ୍ନିରେ ଜଗନ୍ନାଥଙ୍କୁ ପୋଡ଼ିଦେବାପାଇଁ ନିକ୍ଷେପ କଲେ । କିନ୍ତୁ ଓଡ଼ିଶାବାସିଙ୍କର ଜଗନ୍ନାଥଙ୍କ ପ୍ରତି ଭକ୍ତି ତାଙ୍କୁ ସମ୍ପୂର୍ଣ୍ଣରୂପେ ଦଗ୍ଧୀଭୂତ ହେବାକୁ ଦେଲା ନାହିଁ । ଜଗନ୍ନାଥଦେବ ଚିତାଅଗ୍ନିରେ ପୋଡ଼ି ନ ଯାଉଣୁ ବିଶାର ମହାନ୍ତି ନାମକ ଏକ ବ୍ୟକ୍ତି ତାଙ୍କୁ ଉଠାଇ ନେଲା ଓ ତାଙ୍କ ନାଭିସ୍ଥଳ ଉଦ୍ଧାର କରି ନେଇ ଓଡ଼ିଶାକୁ ପ୍ରତ୍ୟାଗତ ହେଲା । କୁଜଙ୍ଗ ରାଜା ଅବଶେଷରେ ଜଗନ୍ନାଥଙ୍କର ସେହି ନାଭିସ୍ଥଳ ପ୍ରାପ୍ତ ହୋଇ ତାଙ୍କର ପ୍ରତିଷ୍ଠା କରାଇଥିଲେ ।

ଓଡ଼ିଶାର ଅବସ୍ଥା—ଗଙ୍ଗାବଂଶୀୟ ରାଜା ପ୍ରତାପରୁଦ୍ରଦେବ ମାନବଲୀଳା ସମ୍ବରଣ କଲା ଉତ୍ତାରୁ ଓଡ଼ିଶା ନିରବଚ୍ଛିନ୍ନ ଅନ୍ତର୍ବିବାଦ ଓ ନାନାପ୍ରକାର ବିଦ୍ରୋହ ବିଗ୍ରହର କ୍ଷେତ୍ର ହୋଇ ଉଠିଲା । ଦେଶ ମଧ୍ୟରେ ଲୋକଙ୍କର ଏକତା ଊଣା ହେବାକୁ ଲାଗିଲା । ସାମନ୍ତରାଜା ଓ ଅନ୍ୟାନ୍ୟ ସେ ସମୟର ଦେଶୀୟ କ୍ଷମତା-ଶାଳୀ ଲୋକମାନେ ଓଡ଼ିଶାର ଭଲମନ୍ଦ ପ୍ରତି ବିଶେଷ ଦୃଷ୍ଟି ରଖିଲେ ନାହିଁ । ସ୍ୱାର୍ଥପରତାର ବଶୀଭୂତ ହୋଇ ଯେ ଯାହା ଆପଣାର ଲାଭ ପ୍ରତି ମନୋନିବେଶ କଲେ; ସୁତରାଂ ଦୈଶିକବଳ ଊଣା ହୋଇ ପଡ଼ିଲା ଓ ମୁସଲମାନମାନେ ଯେଉଁ ଓଡ଼ିଆଙ୍କଦ୍ୱାରା ସେମାନଙ୍କ ଏକତାନିବନ୍ଧନ ସମୟରେ ବାରମ୍ବାର ପରାଭୂତ ହୋଇଥିଲେ, ସେହି ଓଡ଼ିଆମାନଙ୍କୁ ପୁଣି ସେମାନଙ୍କ ଅନ୍ତର୍ବିବାଦରେ ମତ୍ତ ଥିବା ସମୟରେ ପରାଭବ କରିବାକୁ ଅକ୍ଳେଶରେ ସମର୍ଥ ହେଲେ । ଅନ୍ତର୍ବିବାଦ ଓ ଗୃହ-ବିଚ୍ଛେଦ ଉତ୍ତର ଭାରତବର୍ଷରୁ ସ୍ୱାଧୀନ ହିନ୍ଦୁରାଜତ୍ୱ ଲୋପ କରି ମୁସଲମାନମାନଙ୍କ ହସ୍ତରେ ଭାରତବର୍ଷ ଅର୍ପଣ କରିଥିଲା । ସେହି ଗୃହବିବାଦ ବିଗ୍ରହ ଭାରତର ଏକ କୋଣସ୍ଥିତ ଓଡ଼ିଶାର ସ୍ୱାଧୀନରାଜତ୍ୱ ସୁଦ୍ଧା ଲୋପ କରାଇ ବିଦେଶୀ ପଠାଣଙ୍କ ହସ୍ତରେ ଶାସନଭାର ପ୍ରଦାନ କଲା ।

Digitized by srujanika@gmail.com

## ଷଷ୍ଠ ଅଧ୍ୟାୟ ।

### ମୁସଲମାନ ଶାସନ ।

ମୁସଲମାନମାନଙ୍କ ଉତ୍ପତ୍ତି—ଆରବଦେଶର 'ମକ୍କା' ନଗରରେ ମହମ୍ମଦ ନାମକ ଏକ ପୁରୁଷ ୫୭୦ ଖ୍ରୀଷ୍ଟାବ୍ଦରେ ଜନ୍ମଗ୍ରହଣ କରିଥିଲେ । ସେ ମୁସଲମାନମାନଙ୍କ ଧର୍ମର ସଂସ୍ଥାପକ । ପୌତ୍ତଳିକତା ବିନାଶ ଓ ଏକେଶ୍ୱରୋପାସନା ପ୍ରଚାର ତାଙ୍କ ଧର୍ମର ଉଦ୍ଦେଶ୍ୟ ଥିଲା । ଧର୍ମପ୍ରଚାରାର୍ଥ ଅସ୍ତ୍ର ଶସ୍ତ୍ର ଓ ଯୁଦ୍ଧର ଆବଶ୍ୟକତା ସୁଦ୍ଧା ସେ ସ୍ୱୀକାର କରୁଥିଲେ । ସ୍ୱୟଂ ମଧ୍ୟ ଅନେକ ଯୁଦ୍ଧରେ ପ୍ରବୃତ୍ତ ହୋଇଥିଲେ । ୬୩୨ ଖ୍ରୀଷ୍ଟାବ୍ଦରେ ସେ କଳେବର ତ୍ୟାଗ କଲା ଉତ୍ତାରୁ, ତଦୀୟ ଶିଷ୍ୟବର୍ଗ ଦେଶ ବିଦେଶରେ ଯୁଦ୍ଧ କରି ଅନେକ ଶିଷ୍ୟସଂଖ୍ୟା ବୃଦ୍ଧି କଲେ । ଏହିରୂପେ ଅଳ୍ପକାଳ ମଧ୍ୟରେ ମୁସଲମାନ ଜାତିର ଉତ୍ପତ୍ତି ହେଲା ।

ମୁସଲମାନମାନଙ୍କର ଭାରତ ଆଗମନ—ମହମ୍ମଦଙ୍କ ଧର୍ମପ୍ରଚାର ଉତ୍ତାରୁ ଧର୍ମପ୍ରଚାର ଓ ଅର୍ଥଲାଳସାରେ ମୁସଲମାନମାନେ ସିନ୍ଧୁନଦୀ ପାର ହୋଇ ଭାରତବର୍ଷ ପ୍ରତି ଚଢ଼ାଉ କଲେ । କିନ୍ତୁ ୧୧୯୩ ଖ୍ରୀଷ୍ଟାବ୍ଦପର୍ଯ୍ୟନ୍ତ ଭାରତବର୍ଷରେ ଅଧିକାର ସ୍ଥାପନ କରି ପାରି ନ ଥିଲେ । କେବଳ ଅନେକ ଥରକୁଥର ଅନେକ ଧନ ସମ୍ପତ୍ତି ଲୁଣ୍ଠନ କରିଥିଲେ । ୧୧୯୩ ଖ୍ରୀଷ୍ଟାବ୍ଦରେ ଆଫଗାନସ୍ଥାନ ଅନ୍ତର୍ଗତ ଘୋର ପ୍ରଦେଶୀୟ ଉଦ୍ଦୀନ ମହମ୍ମଦ ଦିଲ୍ଲୀ ଅଧିକାର କରି କୁତବୁଦ୍ଦୀନ ନାମକ ଜଣକୁ ଦିଲ୍ଲୀଠାରେ ପ୍ରତିନିଧି ନିଯୁକ୍ତ କରିତଃ ସ୍ୱଦେଶକୁ ପ୍ରତ୍ୟାଗତ ହେଲେ । କୁତବୁଦ୍ଦୀନ କିଛିଦିନ ଉତ୍ତାରୁ ସ୍ୱାଧୀନତା ଲାଭ କଲେ । ଅଯୋଧ୍ୟା ଓ ରାଜପୁତାନାର କିୟଦଂଶ ତାଙ୍କର ହସ୍ତଗତ ହେଲା । ବଖ୍ତିଆରଖିଲିଜି ପୂର୍ବଭାଗରେ ରାଜ୍ୟ ବିସ୍ତାରାର୍ଥ ତାଙ୍କଦ୍ୱାରା ପ୍ରେରିତ ହେଲେ । ଖିଲିଜି ଜୟ କରୁ କରୁ ଅବଶେଷରେ ବଙ୍ଗଦେଶକୁ ୧୨୦୩ ଖ୍ରୀଷ୍ଟାବ୍ଦରେ ମୁସଲମାନ ରାଜ୍ୟଭୁକ୍ତ କଲେ; କିନ୍ତୁ ତାଙ୍କଦ୍ୱାରା ଓଡ଼ିଶା ଆକ୍ରାନ୍ତ ହୋଇ ନ ଥିଲା ।

ମୁସଲମାନମାନଙ୍କର ଓଡ଼ିଶା ସମ୍ପର୍ଣ—ମୁସଲମାନମାନେ ଅତି ଅଳ୍ପକାଳ ମଧ୍ୟରେ ପ୍ରାୟ ସମଗ୍ର ଭାରତବର୍ଷକୁ ଏକପ୍ରକାର କରଗତ କରିଥିଲେ । କିନ୍ତୁ ଓଡ଼ିଶା ଆକବରଙ୍କ ରାଜତ୍ୱ ପର୍ଯ୍ୟନ୍ତ (୧୫୬୮) ମୁସଲମାନମାନଙ୍କର ଶାସନାଧୀନ ହୋଇ ନ ଥିଲା ।

ବଙ୍ଗଜୟର ୯ ବର୍ଷ ଉତ୍ତାରୁ (୧୨୧୨), କଥିତ ଅଛି ଯେ, ବଙ୍ଗଳାର ଶାସନକର୍ତ୍ତା ଗୟାସୁଦ୍ଦୀନ ଓଡ଼ିଶା ରାଜାଙ୍କୁ କର ଦେବା ନିମନ୍ତେ ବାଧ୍ୟ

Digitized by srujanika@gmail.com

କରିଥିଲେ; କିନ୍ତୁ ସେଥିଦ୍ୱାରା ଗିୟାସୁଦ୍ଦୀନଙ୍କର ଓଡ଼ିଶାରେ ଜୟଲାଭ ହୋଇ ନ ଥିଲା । ରାଜେଶ୍ୱର ଦେବ ଯେତେବେଳେ ଓଡ଼ିଶାର ରାଜା ଥିଲେ । ମଧ୍ୟ ସେ ସମୟରେ ଓଡ଼ିଶାର ଏପରି ଦୀନାବସ୍ଥା ନ ଥିଲା ଯେ ପଠାଣମାନେ ଅନାୟାସରେ ଓଡ଼ିଶାରେ ଜୟ ସ୍ଥାପନ କରି ପାରନ୍ତେ ।

ପୁଣି ଲାଙ୍ଗୁଲାନରସିଂହ ଦେବଙ୍କ ରାଜତ୍ୱ ସମୟରେ ଦୁଇଥର ମୁସଲମାନମାନେ ଓଡ଼ିଶା ଆକ୍ରମଣ କରିଥିଲେ । ୧୨୪୩ ଖ୍ରୀଷ୍ଟାବ୍ଦରେ ତୋଗାନ ଖାଁ ଓଡ଼ିଶା ବିରୁଦ୍ଧରେ ମନୁଷ୍ୟ ପଠାଇଥିଲେ, ପରନ୍ତୁ ସେମାନଙ୍କ ଭାଗ୍ୟରେ ପରାଜୟ ଘଟିଥିଲା । ଉତ୍କଳୀୟ ସେନାଙ୍କଦ୍ୱାରା ସେମାନେ ପ୍ରତ୍ୟାବୃତ୍ତ ହେଲେ । ଓଡ଼ିଆମାନେ ଦୁଇଦଳରେ ବିଭକ୍ତ ହୋଇ ବଙ୍ଗଳା ଆକ୍ରମଣ କଲେ । ଏକଦଳ ଯାଇ ଗୌଡ଼ ନଗର ଅବରୋଧ କଲେ ଓ ଅନ୍ୟଦଳସ୍ଥ ସୈନ୍ୟମାନେ ବୀରଭୂମିର ରାଜଧାନୀ ନାଗୋର ଲୁଣ୍ଠନ କଲେ । ଅବଶେଷରେ ଦିଲ୍ଲୀ ସମ୍ରାଟଙ୍କର ସୈନ୍ୟ ସାହାଯ୍ୟ ଆସି ପହଞ୍ଚିଲାରୁ ଓଡ଼ିଆମାନେ ସ୍ୱଦେଶକୁ ଫେରି ଆଇଲେ । ଲୁଘାନ ଖାଁଙ୍କ ପରାଜୟର ପ୍ରତିଶୋଧାର୍ଥ ତୋଗ୍ରିଲ ଖାଁ ୧୨୫୩ ମସିହାରେ ଓଡ଼ିଶା ପ୍ରତି ଚଢ଼ାଉ କଲେ । ଯୁଦ୍ଧରେ ଦୁଇଥର ମଧ୍ୟ ତାଙ୍କର ଜୟଲାଭ ହେଲା । କିନ୍ତୁ ତୃତୀୟ ଥର ଓଡ଼ିଆ ସୈନ୍ୟଙ୍କଦ୍ୱାରା ପରାସ୍ତ ହୋଇ ପଳାୟନ କଲେ ।

ଏଥି ଉତ୍ତାରୁ ସାର୍ଦ୍ଧ ଦୁଇଶତ ବର୍ଷ ବଙ୍ଗୀୟ ମୁସଲମାନମାନଙ୍କ ସଙ୍ଗେ ଓଡ଼ିଶାର କୌଣସି ପ୍ରକାର ସମ୍ପର୍କ ହୋଇ ଥିବାର ଜଣାଯାଏ ନାହିଁ । ଦକ୍ଷିଣଦେଶରେ ମୁସଲମାନମାନେ ପ୍ରବଳ ହୋଇ ଉଠିଥିଲେ । ଏହି ସମୟରେ ସେମାନଙ୍କ ସଙ୍ଗେ ଓଡ଼ିଶାରାଜାଙ୍କର ସନ୍ଧି ବିଗ୍ରହରେ ସଂଯୁକ୍ତ ହେବାର ଅନେକ ଘଟନା ବର୍ଣ୍ଣିତ ଅଛି ।

ଓରଙ୍ଗଲ ରାଜାଙ୍କର ସମୃଦ୍ଧିରେ ଈର୍ଷାଯୁକ୍ତ ହୋଇ ପ୍ରତାପ ନରସିଂହ ଦେବ ୧୩୦୯ ମସିହାରେ ଦିଲ୍ଲୀର ସମ୍ରାଟ ଅଲାଉଦ୍ଦୀନଙ୍କର ଜନୈକ ପ୍ରଧାନ ସେନାପତି କାଫୁରଙ୍କର ସାହାଯ୍ୟ ନେଇ ଦକ୍ଷିଣଦେଶକୁ ସେନା ପ୍ରେରଣ କରିଥିଲେ । କିନ୍ତୁ ଏ ଯୁଦ୍ଧଯାତ୍ରା ଫଳପ୍ରଦ ହୋଇ ନ ଥିଲା । କାଫୁର ପୁଣି ଥରେ ଓରଙ୍ଗଲ ବିରୁଦ୍ଧରେ ଯୁଦ୍ଧଯାତ୍ରା କରି, ଓରଙ୍ଗଲ ରାଜାଙ୍କୁ କର ଦେବା ସକାଶେ ବାଧ୍ୟ କରିଥିଲେ । ଅବଶେଷରେ ୧୨୩୨ ମସିହାରେ ଓରଙ୍ଗଲ ଜୟଲବ୍ଧ ହୋଇ ଓଡ଼ିଶାରାଜାଙ୍କୁ ପ୍ରଦତ୍ତ ହୋଇଥିବାର କେହି କେହି ଇତିହାସବେତ୍ତାଏ ଲେଖିଅଛନ୍ତି ।

Digitized by srujanika@gmail.com

୧୪୭୧ ମସିହାରେ ମୁସଲମାନମାନେ ଓଡ଼ଶାରେ କର ସଂଗ୍ରହ କରୁଥିଲେ ବୋଲି, ଷ୍ଟର୍ଲିଂ ସାହେବ ଲେଖିଅଛନ୍ତି । ମାତ୍ର ଅନ୍ୟ କୌଣସି ଗ୍ରନ୍ଥରେ ଆମ୍ଭେମାନେ ଏ ଘଟନାର ନିଦର୍ଶନ ଦେଖିଲୁଁ ନାହିଁ ।

ତଦନନ୍ତର କପିଳେନ୍ଦ୍ର ଦେବଙ୍କ ସମୟରେ ଦାକ୍ଷିଣାତ୍ୟ ମୁସଲମାନମାନଙ୍କ ସଙ୍ଗେ ଓଡ଼ଶା ରାଜ୍ୟର କିପରି ଯୋଗ ପ୍ରତିଯୋଗ ଘଟିଥିଲା, କପିଳେନ୍ଦ୍ରଙ୍କର ଜୀବନବୃତ୍ତାନ୍ତରେ ସେ ସମ୍ବନ୍ଧର ସବିଶେଷ ବିବରଣ ବର୍ଣ୍ଣିତ ହୋଇଅଛି ।

ପ୍ରତାପରୁଦ୍ରଦେବ ମୁସଲମାନମାନଙ୍କ ସଙ୍ଗେ ଯୋଗ ରଖି, ତତ୍କାଳୀନ ଦାକ୍ଷିଣାତ୍ୟ ପ୍ରଧାନ ହିନ୍ଦୁବୀର କୃଷ୍ଣରାୟଙ୍କ ( ୧୫୦୯—୧୫୨୪ ) ବିରୁଦ୍ଧରେ ଯୁଦ୍ଧ କରିଥିବାର ମୁସଲମାନ ଇତିହାସଲେଖକେ କେହି କେହି ଲେଖିଅଛନ୍ତି । ଏହି ସମୟରେ ( ପ୍ରାୟ ୧୫୧୦ ମସିହାରେ ) ବଙ୍ଗୀୟ ଶାସନକର୍ତ୍ତା ହୁସେନସା ସ୍ୱକୀୟ ଦଳ ଘେନି ଆସି ଓଡ଼ଶା ଲୁଣ୍ଠନ କରିଥିଲେ । ପ୍ରତାପରୁଦ୍ର ଦକ୍ଷିଣରେ ଉପସ୍ଥିତ ଥିଲେ । ତାଙ୍କର କଟକନଗରୀୟ ସେନାପତି ଅନନ୍ତ ସିଂହ ବିଜାତୀୟ ଅରିଙ୍କ ସଙ୍ଗେ ସମକକ୍ଷ ହେବାକୁ ଅସମର୍ଥ ହୋଇ ସାରଙ୍ଗଗଡ଼ଠାକୁ ପଳାଇ-ଥିଲେ । ପୁରୀ ନଗର ମୁସଲମାନମାନଙ୍କଦ୍ୱାରା ଲୁଣ୍ଠିତ ହୋଇଥିଲା ଓ ପଣ୍ଡାମାନେ ଶ୍ରୀମନ୍ଦିରରୁ ଜଗନ୍ନାଥଙ୍କୁ ଘେନି ଚିଲିକା ସମୀପବର୍ତ୍ତୀ ପାହାଡ଼ ମଧ୍ୟରେ ଲୁଚାଇ ରଖିଥିଲେ । ଅବଶେଷରେ ପ୍ରତାପରୁଦ୍ର ଦାକ୍ଷିଣାତ୍ୟରୁ ଆସି ସେମାନଙ୍କୁ ପରାସ୍ତ କଲେ ଓ ସେମାନଙ୍କ ସଙ୍ଗେ ସନ୍ଧି ସ୍ଥାପିତ ହେଲା ।

ମୁକୁନ୍ଦଙ୍କ ରାଜତ୍ୱ ସମୟରେ ଦିଲ୍ଲୀର ତାଡ଼ିତ ସମ୍ରାଟ୍ ସୁଲତାନ ଇବ୍ରାହିମ ଅଫଗାନ ସେନାପତି ସଲିମାନଙ୍କଦ୍ୱାରା ପରାଜିତ ହୋଇ ଓଡ଼ଶା ରାଜାଙ୍କ ଆଶ୍ରୟ ଗ୍ରହଣ କରିଥିଲେ । ରାଜା ଇବ୍ରାହିମଙ୍କ ପ୍ରତିପୋଷଣାର୍ଥ କିଛି ଭୂମି ସୁଦ୍ଧା ଛାଡ଼ି ଦେଇ-ଥିଲେ । ଉକ୍ତ ସଲିମାନ ପୁଣି ଅତି ଦୁର୍ଦ୍ଧର୍ଷ ହୋଇ ଉଠିବାରୁ ତାଙ୍କୁ ଦମନ କରିବା ସକାଶେ କୌଣସି ପ୍ରକାର ସାହାଯ୍ୟାଭିଳାଷୀ ହୋଇ ଦିଲ୍ଲୀର ମୋଗଲ ସମ୍ରାଟ୍ ଅକ୍‌ବର, ମୁକୁନ୍ଦ ଦେବଙ୍କ ରାଜସଭାକୁ ଦୂତ ପ୍ରେରଣ କରିଥିଲେ । ଦୂତର ନାମ ହସନ ଖାଁ । ସେ ପୁରୀଠାରେ ଅତି ସମାରୋହର ସହିତ ଗୃହୀତ ଓ ଛମାସ କାଳ ଅଭ୍ୟର୍ଥିତ ହୋଇଥିଲେ । ବିଦ୍ରୋହୀ ଜମାନ ଖାଁଙ୍କ ସଙ୍ଗେ ସଲିମାନ ମିଳିତ ହେଲେ । ଦକ୍ଷିଣ ପଶ୍ଚିମ ବଙ୍ଗଳା ପ୍ରତି ଚଢ଼ାଉ କରିବା ସକାଶେ ମୋଗଲ ଦୂତ ମୁକୁନ୍ଦ ଦେବଙ୍କୁ ଅନୁରୋଧ କରିଥିଲେ । ଇବ୍ରାହିମ ସୁଦ୍ଧା ରାଜାଙ୍କୁ ଏ ବିଷୟରେ ଉତ୍ତେଜିତ କରିଥିଲେ । ମଧ୍ୟ ସେ ଦୂତ ସ୍ୱଦେଶକୁ ଫେରିଯିବା ସମୟରେ ମହାପାତ୍ର ଉପାଧିଧାରୀ ଏକ ବ୍ୟକ୍ତି ଓଡ଼ଶାରୁ ତାଙ୍କ ସଙ୍ଗେ ଦିଲ୍ଲୀଠାକୁ ପ୍ରେରିତ ହୋଇଥିଲେ । ଇତିମଧ୍ୟେ ୧୫୬୫ ଖ୍ରୀଷ୍ଟାବ୍ଦରେ ସଲିମାନ ଦିଲ୍ଲୀ ସମ୍ରାଟଙ୍କଠାରୁ ଅନେକ



Digitized by srujanika@gmail.com

ଉପଢୌକନ ପ୍ରେରଣ କରି ଅଧୀନତା ସ୍ୱୀକାର କଲେ । ତଦନନ୍ତର ମୁକୁନ୍ଦଙ୍କୁ ଆଉ ଅକବରଙ୍କର ସହାୟତା କରିବାର ଆବଶ୍ୟକ ହେଲା ନାହିଁ ।

ପଠାଣଙ୍କଦ୍ୱାରା ଓଡ଼ିଶା ଜୟ—ଯେଉଁ ବଙ୍ଗୀୟ ଶାସନକର୍ତ୍ତା ସଲିମାନ କିରରାନିଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ସକାଶେ ଓଡ଼ିଶାରାଜା ମୋଗଲ ସମ୍ରାଟ୍ ଅକବରଙ୍କଦ୍ୱାରା ୧୫୬୫ ମସିହାରେ ଉତ୍ତେଜିତ ହୋଇଥିଲେ, ଦୁଇ ବର୍ଷ ମଧ୍ୟରେ ସେହି ସଲିମାନ ଅକବରଙ୍କୁ ଉପଯୁକ୍ତ ଉପଢୌକନ ଓ ରାଜ୍ୟର ଏକ ଅଂଶ ଛାଡ଼ି ଦେଇ ତାଙ୍କର ବନ୍ଧୁ ହୋଇ ଉଠିଲେ । ମୋଗଲସମ୍ରାଟ୍ ଆଉ ଅଧିକକାଳ ଓଡ଼ିଶା ଅଧିପତିଙ୍କର ମିତ୍ର ହୋଇ ରହିଲେ ନାହିଁ । ଅବଶେଷରେ ସଲିମାନ ଓଡ଼ିଶା ଆକ୍ରମଣ କଲେ । ପ୍ରଥମ ଚେଷ୍ଟା ତାଙ୍କର ନିଷ୍ଫଳ ହୋଇଥିଲା । ଅନନ୍ତର ୧୫୬୭ ମସିହାରେ ଓଡ଼ିଶା ସଲିମାନଙ୍କର ହସ୍ତଗତ ହେଲା । ଯାଜପୁରଠାରେ ଓଡ଼ିଶା ରାଜାଙ୍କର ମୁକୁନ୍ଦଦେବଙ୍କ ସହିତ ଯୁଦ୍ଧ ଘଟିଥିଲା । ଯୁଦ୍ଧରେ ଓଡ଼ିଶାରାଜା ଅହତ ହୋଇଥିବାର ମୁସଲମାନ ଇତିହାସଲେଖକେ ଲେଖିଅଛନ୍ତି । ଯାହା ହେଉ ୧୫୬୮ ମସିହାର ଯାଜପୁର ଯୁଦ୍ଧରେ ଓଡ଼ିଶାର ସ୍ୱାଧୀନତା ଲୁପ୍ତ ହେଲା । ସଲିମାନର ବିଖ୍ୟାତ ସେନାପତି କଳାପାହାଡ଼ ଓଡ଼ିଶାକୁ ଅସ୍ତ୍ର ଘେନି ଆସିଥିଲେ । ପୁରୀନଗର ତାଙ୍କଦ୍ୱାରା ଅବରୋଧିତ ହୋଇଥିଲା । କଳାପାହାଡ଼ ହିନ୍ଦୁଧର୍ମର ଅତ୍ୟନ୍ତ ବିଦ୍ୱେଷୀ ହୋଇ ଉଠିଥିବାର ଇତିପୂର୍ବେ ଲିଖିତ ହୋଇଅଛି । ଓଡ଼ିଶାର ଅନେକ ଦେବ ଦେବୀଙ୍କି ଭାଙ୍ଗି ଖଣ୍ଡ ଖଣ୍ଡ କରିବା ବିଷୟରେ ସେ କାଳବିଳମ୍ବ କରି ନ ଥିଲେ । ଓଡ଼ିଶାର ଦେଉଳମାନଙ୍କରେ ଆଜିକାଲି ଯେ ଅନେକ ଅର୍ଦ୍ଧଭଗ୍ନ ମୂର୍ତ୍ତି ଦୃଷ୍ଟିଗୋଚର ହୁଅଇ ସେମାନ କଳାପାହାଡ଼ ଓ ତଦ୍ଧର୍ମାବଲମ୍ବିଙ୍କ ହସ୍ତର କୀର୍ତ୍ତିବିଶେଷ । ଅଦ୍ୟାପି ମୂର୍ଖ ଲୋକେ କହନ୍ତି କଳାପାହାଡ଼ର ଗୋଚର୍ମନିର୍ମିତ ବାଦ୍ୟରେ ଦେବ ଦେବୀଙ୍କର ହସ୍ତପଦ ଖସି ପଡ଼ିଅଛି । ଜଗନ୍ନାଥ ମୂର୍ତ୍ତିଙ୍କି ନେଇଯାଇ କଳାପାହାଡ଼ ତାଙ୍କର ଯେଉଁ ଦୁର୍ଦ୍ଦଶା ଘଟାଇଥିଲେ ସେ ବିଷୟ ଏଥିପୂର୍ବେ ବର୍ଣ୍ଣିତ ହୋଇଅଛି । ଓଡ଼ିଶା ରାଜାଙ୍କ ପରାଭବ ଉତ୍ତାରୁ ଓଡ଼ିଶାରେ ଆଶ୍ରୟ ଗ୍ରହଣ କରିଥିବା ଦିଲ୍ଲୀର ତାଡ଼ିତ ରାଜା ସୁଲତାନ ଇବ୍ରାହିମ ଖାଁଙ୍କୁ ଆପଣା ଶିବିର ମଧ୍ୟକୁ ନିମନ୍ତ୍ରଣ କରି ନେଇ ଅବଶେଷରେ ସଲିମାନ ତାଙ୍କର ଶିରଶ୍ଛେଦନ କଲେ । ଏପରି ବିଶ୍ୱାସଘାତକତାର ଦୃଷ୍ଟାନ୍ତ ମୁସଲମାନ-ମାନଙ୍କ ଇତିହାସରେ ଅପର୍ଯ୍ୟାପ୍ତ ନେତ୍ରଗୋଚର ହୁଅଇ । ପଠାଣଙ୍କର ଅଧିକାରଭୁକ୍ତ ହେଲାରୁ ଖାଁ ଜାହାନଙ୍କ ହସ୍ତରେ ଓଡ଼ିଶାର ଶାସନଭାର ଅବସ୍ଥିତ ରହିଲା । କୁତୁଲ ଖାଁ ଲୋହାନ ପୁରୀର ଶାସନଭାର ପ୍ରାପ୍ତ ହେଲେ ।

Digitized by srujanika@gmail.com

ଓଡ଼ିଶାରେ ମୋଗଲ ଅଧିକାର—୧୫୭୩ ଖ୍ରୀଷ୍ଟାବ୍ଦରେ ସଲିମାନ ମାନବଲୀଳା ସମ୍ବରଣ କଲେ । ବାଇଦ ତାଙ୍କ ଜ୍ୟେଷ୍ଠ ପୁତ୍ର ସିଂହାସନର ପ୍ରକୃତ ଉତ୍ତରାଧିକାରୀ ଥିଲେ ସୁଦ୍ଧା ପଠାଣ ସର୍ଦ୍ଦାରମାନେ ସଲିମାନଙ୍କର କନିଷ୍ଠପୁତ୍ର ଦାଉଦଙ୍କୁ ସିଂହାସନରେ ଅଧିଷ୍ଠିତ କଲେ । ଦାଉଦ ରାଜା ହୋଇ ତାଙ୍କର ୧୪୦୦୦୦ ପଦାତିକ, ୪୦୦୦୦ ଅଶ୍ୱାରୋହୀ, ୨୦୦୦୦ ତୋପ, ଓ ୩୬୦୦ ଘର ହାତୀ ଥିବାର ଦର୍ଶନ କଲେ । ମୋଗଲ ସମ୍ରାଟଙ୍କର କୌଣସିପ୍ରକାର ଅଧୀନତାରେ ନ ରହିବା ସକାଶେ ତାଙ୍କର ଇଚ୍ଛା ଜନ୍ମିଲା । ସଲିମାନ ଯେଉଁ ରାଜ୍ୟ ଦେଇ ଅକବରଙ୍କର ଅନୁଗ୍ରହଭାଜନ ହୋଇଥିଲେ, ଦାଉଦ ସେ ରାଜ୍ୟକୁ ପୁନର୍ବାର ସ୍ୱରାଜ୍ୟଭୁକ୍ତ କଲେ (୧୫୭୪) । ସମ୍ରାଟ୍ ଅକବର କ୍ରୋଧପରବଶ ହୋଇ ମୁନିମଖାଁ ଓ ରାଜା ତୋଦରମଲଙ୍କୁ ସୈନ୍ୟ ସହିତ ଦାଉଦଙ୍କ ବିରୁଦ୍ଧରେ ପଠାଇଲେ । ଦାଉଦଖାଁ ମୁନିମଙ୍କଦ୍ୱାରା ପାଟନା ନଗରରେ ଅବରୁଦ୍ଧ ହେଲେ । କିନ୍ତୁ ମୁନିମ ସହଜରେ ପାଟନା ଜୟ କରି ପାରିଲେ ନାହିଁ । ସମ୍ରାଟ୍ ଅକବରଙ୍କୁ ନୂତନ ସୈନ୍ୟ ସମଭିବ୍ୟାହାରରେ ପାଟନାଠାକୁ ଆସିବା ନିମନ୍ତେ ସେ ପତ୍ର ଲେଖିଲେ । ଅକବର ଅବିଲମ୍ବେ ନୌକାଦ୍ୱାରା ଯୁଦ୍ଧକ୍ଷେତ୍ର ନିକଟରେ ଆସି ଉପସ୍ଥିତ ହେଲେ । ଅବଶେଷରେ ପାଟନା ମୋଗଲ ସୈନ୍ୟଙ୍କର ହସ୍ତଗତ ହେଲା । ଦାଉଦ ଓଡ଼ିଶାକୁ ପଳାୟନ କଲେ । ମୋଗଲ ସମ୍ରାଟଙ୍କର ସେନାପତି ଦ୍ୱୟ ମଧ୍ୟ ତାଙ୍କର ପଶ୍ଚାଦ୍ଗାମୀ ହେଲେ । ଜଲେଶ୍ୱର ନିକଟବର୍ତ୍ତୀ ଟକ୍‌ରଏ ବା ମୋଗଲମାରୀ ନାମକ ସ୍ଥାନରେ ୧୫୭୫ ଖ୍ରୀଷ୍ଟାବ୍ଦ ମାର୍ଚ୍ଚମାସ ୨୫ ତାରିଖ ଦିନ ଘୋର ଯୁଦ୍ଧ ହେଲା । ମୋଗଲ ସେନାଏ ପରାଭୂତ ହେବା ଉପରେ ବସିଥିଲେ । ସେମାନଙ୍କ ପକ୍ଷର ଖାଁ ଖାଲମ ନାମକ ଜଣେ ସୈନ୍ୟାଧ୍ୟକ୍ଷ ଯୁଦ୍ଧରେ ଭୂମିଶାୟୀ ହେଲେ । ମୁନିମ ଖାଁଙ୍କର ଅଶ୍ୱ ପଳାୟନ କଲା । ସୈନ୍ୟମାନେ ଭଗ୍ନହୃଦୟ ହୋଇ ଉଠିଲେ; କିନ୍ତୁ "ଆମ୍ଭମାନଙ୍କର ଜୟ ହେବ, ଆମ୍ଭମାନଙ୍କର ଜୟ ହେବ" ତୋଦରମଲଙ୍କର ଏହି ଉତ୍ସାହବାକ୍ୟ ସମସ୍ତ ମୋଗଲ ସୈନ୍ୟଙ୍କୁ ଏକତ୍ରିତ ରଖିବା ସକାଶେ ସମର୍ଥ ହୋଇଥିଲା । ଅବଶେଷରେ ଦାଉଦ ଯୁଦ୍ଧରେ ପରାଭୂତ ହୋଇ, କଟକ ଆଡ଼କୁ ପଳାଇଲେ । ମୋଗଲ ସେନାପତିଏ କଟକ ପର୍ଯ୍ୟନ୍ତ ତାଙ୍କୁ ଅନୁଧାବନ କଲେ, ତହିଁ ଦାଉଦ ଉପାୟାନ୍ତର ନ ଦେଖି ଆତ୍ମସମର୍ପଣ କଲେ ଓ ଅବଶେଷରେ ମୋଗଲଙ୍କୁ ବଙ୍ଗପ୍ରଦେଶ ଛାଡ଼ି ଦେଇ କଟକରେ ମୋଗଲଙ୍କ ପ୍ରଭୁତ୍ୱାଧୀନ ଶାସନକର୍ତ୍ତା ହୋଇ ରହିଲେ ।

ଦାଉଦ ଖାଁ ବାଧ୍ୟ ହୋଇ ବଙ୍ଗଦେଶ ମୋଗଲଙ୍କୁ ଅର୍ପଣ କରିଥିଲେ ସତ୍ୟ, କିନ୍ତୁ ତାଙ୍କ ହୃଦୟରୁ ରାଜ୍ୟଲିପ୍ସା ତିରୋହିତ ହୋଇ ନ ଥିଲା । ୧୫୭୬

Digitized by srujanika@gmail.com

ଖ୍ରୀଷ୍ଟାବ୍ଦରେ ବଙ୍ଗଳାର ମୋଗଲ ଶାସନକର୍ତ୍ତା ମୁନିମ ଖାଁଙ୍କ ମୃତ୍ୟୁ ହେବାରୁ ପୁଣି ବଙ୍ଗଦେଶ ବିରୁଦ୍ଧରେ ଦାଉଦ ଯୁଦ୍ଧଯାତ୍ରା କଲେ । ବଙ୍ଗଦେଶ ତାଙ୍କର କରଗତ ହେଲା । ଅକବର ଇତିମଧ୍ୟରେ ହୁସେନ କୁଲିଖାଁ ନାମକ ତାଙ୍କର ଜଣେ ବିଖ୍ୟାତ ସେନାପତିଙ୍କି ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ କରି, ସୁପ୍ରସିଦ୍ଧ ତୋଡରମଲଙ୍କୁ ତାଙ୍କ ସହିତ ଅଫଗାନଙ୍କ ବିରୁଦ୍ଧରେ ଯୁଦ୍ଧ କରିବା ସକାଶେ ପଠାଇଲେ । ଅଗମହାଲ (ଅକ୍ବମହାଲ)ଠାରେ ଘୋର ଯୁଦ୍ଧ ହେଲା । ଓଡ଼ିଶାବିଜୟୀ ଅଫଗାନ ସେନାପତି କଳାପାହାଡ଼ ସେହି ଯୁଦ୍ଧରେ ଆହତ ହେଲେ । ପଠାଣ ସୈନ୍ୟମାନେ ପଳାୟନର ଉଦ୍‌ଯୋଗ କଲେ । ଦାଉଦ ଧରା ପଡ଼ିଲେ ଓ ତାଙ୍କର ମସ୍ତକ ଛେଦିତ ହୋଇ ଅକବରଙ୍କଠାରୁ ପ୍ରେରିତ ହେଲା । ୧୫୭୫ ଖ୍ରୀଷ୍ଟାବ୍ଦ ଜୁଲାଇ ମାସ ୧୨ ତାରିଖ ଦିନ ତୋଡରମଲଙ୍କ ବିଶେଷ ଚେଷ୍ଟା ଯୋଗୁଁ ପୁଣି ମୋଗଲମାନେ ଅଗମହାଲଠାରେ ପଠାଣଙ୍କ ଉପରେ ଜୟଲାଭ କଲେ ।

ତଦନନ୍ତର ତୋଡରମଲ କେତେକ ହସ୍ତୀ ସହିତ ଅକବରଙ୍କର ଦରବାରକୁ ପ୍ରତ୍ୟାଗତ ହେଲେ । ସପ୍ତଗ୍ରାମ ନିକଟରେ ପୁଣି ଅଫଗାନ ବିଦ୍ରୋହୀଙ୍କ ସଙ୍ଗେ ହୁସେନ କୁଲିଖାଁଙ୍କର ଯୁଦ୍ଧ ହେଲା । ପଠାଣମାନେ ପୁଣି ଓଡ଼ିଶାକୁ ପଳାୟନ କଲେ । ଦୁଇବର୍ଷକାଳ ପଠାଣଙ୍କୁ ଦମନ କରିବାପାଇଁ ହୁସେନ କୁଲିଖାଁ ନିଯୁକ୍ତ ରହିଲେ । ବଙ୍ଗ ବେହାର ପରି ଓଡ଼ିଶାରେ ମଧ୍ୟ ମୋଗଲ ଆଧିପତ୍ୟ ସଂସ୍ଥାପିତ ହେଲା । କିନ୍ତୁ ଓଡ଼ିଶାରେ ସ୍ଥାୟୀ ମୋଗଲ ପ୍ରାଧାନ୍ୟ ସ୍ଥାପିତ ହେବାର ଅତି କିଛିକାଳ ବିଳମ୍ବ ଥିଲା । ପରିଶେଷରେ ହୁସେନ କୁଲିଖାଁ ୧୫୭୮ ଖ୍ରୀଷ୍ଟାବ୍ଦରେ ଶରୀର ତ୍ୟାଗ କଲେ । ତାଙ୍କ ପଦରେ ମୁଜଫର ଖାଁ ବଙ୍ଗଳାର ଶାସନକର୍ତ୍ତା ନିଯୁକ୍ତ ହେଲେ । ତହିଁ ଆର ବର୍ଷ (୧୫୭୯) ଅଫଗାନ ମାସୁମ ଖାଁ କାବୁଲିଙ୍କ ହସ୍ତରେ ଅକବର ଓଡ଼ିଶାର ଶାସନକର୍ତ୍ତୃତ୍ୱ ଭାର ଅର୍ପଣ କଲେ ।

ଅଫଗାନ ଜାଏଗିରଦାରଙ୍କର ବିଦ୍ରୋହ—କେତେକ ଅଫଗାନ ଉତ୍ତର ବଙ୍ଗଳା ଓ ଅନ୍ୟାନ୍ୟ ସ୍ଥାନରେ ମୋଗଲଙ୍କଠାରୁ ଜାଏଗିର ପ୍ରାପ୍ତ ହୋଇଥିଲେ । ମୋଗଲ କର୍ମଚାରୀ କେହି କେହି ସେ ଜାଏଗିରମାନଙ୍କରୁ କୌଣସି କୌଣସି ଅଂଶ ଅପସାରିତ କରିବାର ଚେଷ୍ଟା କଲାରୁ ଓ ମୁଜଫର ଖାଁ ବଙ୍ଗୀୟ ଶାସନକର୍ତ୍ତା ଜାଏଗିରଦାରଙ୍କଠାରୁ ଆୟ ବ୍ୟୟ ହିସାବ ମାଗିବାରୁ ଅଫଗାନମାନେ ଏକାବେଳକେ ବିଦ୍ରୋହୀ ହୋଇ ଉଠିଲେ । ଓଡ଼ିଶାର ଅଫଗାନ ଶାସନକର୍ତ୍ତା ମାସୁମ ଖାଁ କାବୁଲି ସେହି ବିଦ୍ରୋହରେ ନେତୃତ୍ୱ ଗ୍ରହଣ କରିଥିଲେ । ଓଡ଼ିଶାରୁ ସମସ୍ତ ମୋଗଲ କର୍ମଚାରୀମାନେ ସେହି ସମୟରେ ତାଡ଼ିତ ହେଲେ । କୁତୁଲ ଖାଁ

Digitized by srujanika@gmail.com

ନାମକ ଜଣେ ଲୋହାନି ଅଫଗାନ ସୁଦ୍ଧା ଓଡ଼ିଶା ସଂସ୍ଥାପନ ଅଧିକାର କଲେ । ସେ ସପ୍ତଗ୍ରାମର ଶାସନକର୍ତ୍ତାଙ୍କୁ ପରାଭବ କରି ଦାମୋଦର ନଦୀ ପର୍ଯ୍ୟନ୍ତ ଅଫଗାନ ରାଜ୍ୟ ବିସ୍ତାର କଲେ । ଅଫଗାନ ବିଦ୍ରୋହୀମାନେ ସମବେତ ହୋଇ ବଙ୍ଗୀୟ ଶାସନକର୍ତ୍ତା ମୁଜଫର ଖାଁଙ୍କର ପ୍ରାଣ ବିନାଶ କଲେ । ବେହାର ସେମାନଙ୍କର ହସ୍ତଗତ ହେଲା । ଅକବର ଅଫଗାନଙ୍କର ବିଦ୍ରୋହାଚରଣ ବାର୍ତ୍ତା ଶ୍ରବଣ କରି ପୁନରାୟ ୧୫୮୦ ଖ୍ରୀଷ୍ଟାବ୍ଦରେ ରାଜା ତୋଡରମଲଙ୍କୁ ବିଦ୍ରୋହନିବାରଣାର୍ଥ ବଙ୍ଗ ବେହାରର ଶାସନକର୍ତ୍ତା ନିଯୁକ୍ତ କରି ପଠାଇଲେ । ତୋଡରମଲ ପ୍ରଥମେ ଶତ୍ରୁପକ୍ଷ ସୈନ୍ୟଙ୍କର ରସଦ ( ଖାଦ୍ୟୋପଯୋଗୀ ଦ୍ରବ୍ୟମାନ ) ବନ୍ଦ କରାଇଲେ । ଅଫଗାନମାନେ ନିରସ୍ତ ହେଲେ; ମୋଗଲ ସାମ୍ରାଜ୍ୟ ପୁନର୍ବାର ସ୍ଥାପିତ ହେଲା, ତୋଡରମଲ ଓଡ଼ିଶା ପର୍ଯ୍ୟନ୍ତ ଅଫଗାନଙ୍କର ପଶ୍ଚାତ୍ ପଶ୍ଚାତ୍ ଧାବମାନ ହେଲେ । ଅଫଗାନମାନେ ଇତସ୍ତତଃ ଓ ପାହାଡ଼ ଜଙ୍ଗଲ ମଧ୍ୟକୁ ପଳାୟନ କଲେ, କିନ୍ତୁ ସେମାନଙ୍କର ଅତ୍ୟାଚାର ଓ ଆକ୍ରମଣ ଏକାବେଳକେ ରହିତ ହେଲା ନାହିଁ । ଲିଖିତ ଅଛି ଯେ କୁତ୍ଲୁ ଖାଁ ୧୫୮୧ ଖ୍ରୀଷ୍ଟାବ୍ଦରେ କାଥି ଖାଁ ଗଙ୍ଗ ନାମକ ଓଡ଼ିଶାର ଏକ ବ୍ୟକ୍ତିକି ଯୁଦ୍ଧରେ ପରାସ୍ତ କରିଥିଲେ ।

**ତୋଡରମଲଙ୍କର ବନ୍ଦୋବସ୍ତ—**ଯୁଦ୍ଧବିଦ୍ୟାରେ ବିଶାରଦ ଥାଇ ତୋଡରମଲ ଯେପରି ଯଶସ୍ୱୀ ହୋଇଥିଲେ, ରାଜସ୍ୱ ବନ୍ଦୋବସ୍ତ କାର୍ଯ୍ୟରେ ପଟୁତା ଓ କ୍ଷମତା ଦେଖାଇ ତଦପେକ୍ଷା ଅଧିକ ଯଶଃ ଓ ପ୍ରଶଂସା ସେ ସମ୍ଭୋଗ କରିଥିଲେ । ତାଙ୍କଦ୍ୱାରା ସମସ୍ତ ମୋଗଲସାମ୍ରାଜ୍ୟର ଜରିପ ଓ ରାଜସ୍ୱ ନିର୍ଦ୍ଧାରଣ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ସେଥି ସଙ୍ଗେ ସଙ୍ଗେ ଓଡ଼ିଶାର ସୁଦ୍ଧା ରାଜସ୍ୱ ବନ୍ଦୋବସ୍ତ କରିଥିଲେ । ବାରଦସ୍ତୀ ପଦ୍ଧତିରେ ସମଗ୍ର ଓଡ଼ିଶାକୁ ସେ ଥରେ ମପାଇ ଥିଲେ । ଉତ୍ତର ଓଡ଼ିଶା, ଜଳେଶ୍ୱର, କଟକ, ଭଦ୍ରଖ ନାମକ ତିନି ସରକାରରେ ଓ ଦାକ୍ଷିଣାତ୍ୟ ଓଡ଼ିଶା କଳିଙ୍ଗ ଦଣ୍ଡପାଟ ଏବଂ ରାଜମହେନ୍ଦ୍ରୀ ନାମକ ଦୁଇ ସରକାରରେ ତାଙ୍କଦ୍ୱାରା ବିଭକ୍ତ ହୋଇଥିଲା । କିନ୍ତୁ ଶେଷୋକ୍ତ ଦୁଇ ସରକାର ନାମକୁ ମୋଗଲ ଓଡ଼ିଶା ସଙ୍ଗେ ସଂଯୁକ୍ତ ଥିଲା ବୋଲି କହିବାକୁ ହେବ; ଯେହେତୁ ଦାକ୍ଷିଣାତ୍ୟ ଓଡ଼ିଶାର ଅଧିକାଂଶ ଗୋଲକୁଣ୍ଡାସ୍ଥ କୁତୁବସାହୀ ରାଜ୍ୟର ଅନ୍ତର୍ଗତ ହୋଇଥିଲା । ରାଜମହେନ୍ଦ୍ରୀ ସୁଦ୍ଧା ୧୫୭୧ ମସିହାରେ ଇବ୍ରାହିମ କୁତୁବସାଙ୍କଦ୍ୱାରା ଜିତ ହୋଇଥିବାର କଥିତ ଅଛି । ଉତ୍ତର ଓଡ଼ିଶାର ତିନି ସରକାରକୁ ତୋଡରମଲ ପୁଣି ୫୬ ମାହାଲରେ ବିଭକ୍ତ କରିଥିଲେ । ମେଦିନୀପୁର ଓ ନାରାୟଣପୁର ଜଳେଶ୍ୱର ସରକାରର ଅନ୍ତର୍ଗତ ଏବଂ ପୁରୀ ଜିଲ୍ଲା ଓ ଗଡ଼ଜାତର କିୟଦଂଶ କଟକ ସରକାରର ମଧ୍ୟଗତ ହୋଇଥିଲା । ଏଠାରେ

Digitized by srujanika@gmail.com

ମଧ୍ୟ ଲେଖିବାର ବାହୁଲ୍ୟ ଯେ ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତରେ ତୋଦରମଲ ଅଧିକ କିଛି ନୂତନତ୍ୱ ପ୍ରକାଶ କରି ନ ଥିଲେ । ପୂର୍ବେ ଯେପରି ଓଡ଼ିଶା ଏକପ୍ରକାର ଦୁଇ ଭାଗରେ ବିଭକ୍ତ ଥିଲା, ତାହାକୁ ସେ ସେହିପରି ଅବସ୍ଥାରେ ରଖିଥିଲେ । ସାମନ୍ତ ଓ ସେବକ ରାଜାମାନେ ଯେଉଁ ଭୂମି ଭୋଗ କରୁଥିଲେ, ସେ ସବୁକୁ ସେ ଗଡ଼ଜାତ ଓ ଗଜପତି ରାଜାଙ୍କର ରାଜସ୍ୱପ୍ରଦ ଭୂମିମାନଙ୍କୁ ମୋଗଲବନ୍ଦୀ ଆଖ୍ୟା ପ୍ରଦାନ କରିଥିଲେ । ହିନ୍ଦୁ ରାଜସ୍ୱ ଶାସନରେ ଯେଉଁ ଦେଶୀୟ ଶବ୍ଦମାନ ପ୍ରଚଳିତ ଥିଲା, ସେହି ଶବ୍ଦମାନଙ୍କର ପରିବର୍ତ୍ତରେ କେତେକ ପାରସିକ ଶବ୍ଦ ବ୍ୟବହାର କରିବା ତୋଦରମଲଙ୍କର ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତର ଗୋଟିଏ ପ୍ରଧାନ ଲକ୍ଷଣ । ତୋଦରମଲ ଦଣ୍ଡପାଟ ଶବ୍ଦ ପରିବର୍ତ୍ତରେ ସରକାର, ଖଣ୍ଡ ଓ ବିଶି ପରିବର୍ତ୍ତରେ ପରଗନା, ଗ୍ରାମ ପରିବର୍ତ୍ତରେ ମୌଜା, ଭୂଇମୂଳ ପରିବର୍ତ୍ତରେ କାନୁନଗୋ ଜଲାଇତ, ଭୂଇଁଅ ପରିବର୍ତ୍ତରେ ଜମିଦାର, ପ୍ରଧାନ ପରିବର୍ତ୍ତରେ ମକଦମ ଇତ୍ୟାଦି କେତେକ ଶାବ୍ଦିକ ପରିବର୍ତ୍ତନ ମାତ୍ର ପ୍ରଚଳିତ କରାଇଥିଲେ । ମାତ୍ର ରାଜସ୍ୱ ଆଦାୟ ପୂର୍ବପରି ହେବାର ତାଙ୍କଦ୍ୱାରା ସ୍ୱୀକୃତ ହୋଇଥିଲା । ମୋଗଲମାନେ ଯଦ୍ୟପି ଆଧୁନିକ ଜମିଦାରଙ୍କ ପରି ରାଜା ଓ ପ୍ରଜାଙ୍କ ମଧ୍ୟରେ ଏକଶ୍ରେଣୀ ଦାୟିତ୍ୱବାହୀ ଭୂମ୍ୟଧିକାରୀର ସୃଷ୍ଟି କରି ନ ଥିଲେ । କିନ୍ତୁ ରାଜସ୍ୱ କର୍ମଚାରୀମାନେ ପୁରୁଷାନୁକ୍ରମେ ଆପଣା ଆପଣା କାର୍ଯ୍ୟ ସମ୍ପାଦନ କରିବାର ଭାର ପ୍ରାପ୍ତ ହେବାରୁ ଓ ରାଜାଏ ବିଦେଶୀ ଥିବା ଯୋଗୁଁ ସେମାନଙ୍କଦ୍ୱାରା ନିଯୁକ୍ତ ରାଜସ୍ୱ କର୍ମଚାରୀଙ୍କ ଉପରେ ଅଧିକ ନିର୍ଭର କରି ଚଳିବାରୁ ସେହି କର୍ମଚାରୀମାନେ ଭବିଷ୍ୟତରେ ଏକଶ୍ରେଣୀ ଭୂମ୍ୟଧିକାରୀ ହୋଇ ଉଠିବାର ବୀଜ ଆପଣା ଆପଣା ସଙ୍ଗେ ବହନ କଲେ । ତୋଦରମଲ ଓଡ଼ିଶା ରାଜସ୍ୱ ବନ୍ଦୋବସ୍ତରେ ଆଉ ଗୋଟିଏ ମହତ୍କାର୍ଯ୍ୟ କରିଥିଲେ । ଓଡ଼ିଶାର ସ୍ୱାଧୀନ ହିନ୍ଦୁରାଜାଏ ଲୋପପ୍ରାପ୍ତ ହେଲା ଉତ୍ତାରୁ, ଭୋଇବଂଶନାମଧେୟ ଆଉ ଏକଶ୍ରେଣୀର ରାଜା ନାମରେ ଓଡ଼ିଶାରେ ସମ୍ଭୂତ ହୋଇଥିଲେ । ସେମାନଙ୍କ ଭରଣପୋଷଣ ଓ ସମ୍ଭ୍ରମରକ୍ଷାର୍ଥ ପୁରୀ ଜିଲାର ଅନ୍ତର୍ଗତ ଖୋର୍ଦ୍ଧା, ରହାଙ୍ଗ, ସିରାଇ ଓ ଚବିଶକୁଦ ପ୍ରାୟ ଦେଢ଼ହଜାର ବର୍ଗମାଇଲ ଭୂମିର ସ୍ୱତ୍ୱ ସେହି ନୂତନବଂଶୀୟ ରାଜାଙ୍କୁ ପ୍ରଦାନ କରିଥିଲେ । ମୋଗଲବନ୍ଦୀର ଆୟ ହବାହରରେ ବର୍ଷକୁ ୧୪ ଲକ୍ଷ ଟଙ୍କାରୁ ଅଧିକ ଥିବାର ବୋଧ ହେଉ ନାହିଁ । ଗଡ଼ଜାତ ଓ କିଲାଜାତର ସାମନ୍ତରାଜାଏ ମୋଗଲମାନଙ୍କୁ ଅଳ୍ପ ପରିମାଣରେ କର ପ୍ରଦାନ କରୁଥିଲେ ।

ଭୋଇବଂଶୀୟ ରାଜଗଣ—ମୁକୁନ୍ଦଦେବଙ୍କ ଉତ୍ତାରୁ ୧୫୬୮ ମସିହାରେ ଓଡ଼ିଶାବାସିମାନେ ଏକମତ ହୋଇ ପୂର୍ବ ରାଜମନ୍ତ୍ରୀ ଜନାର୍ଦ୍ଦନ ବିଦ୍ୟାଧରଙ୍କ ପୁତ୍ର

Digitized by srujanika@gmail.com

ରାମଚନ୍ଦ୍ରଙ୍କୁ ଓଡ଼ିଶା ସିଂହାସନରେ ଅଭିଷିକ୍ତ କଲେ । କିଛିକାଳ ଓଡ଼ିଶା ଅରାଜକ ହୋଇଥିବାର ଓ ଅନନ୍ତର ୧୫୭୮ ଖ୍ରୀଷ୍ଟାବ୍ଦରେ ରାମଚନ୍ଦ୍ର ଦେବ ରାଜାରୂପେ ନିରୂପିତ ହେବାର କେହି କେହି ଅନୁମାନ କରନ୍ତି; କିନ୍ତୁ କେତେକ ବର୍ଷ ଗତ ହେଲା, ବାଲେଶ୍ୱର ଜିଲାରେ ଯେ ଏକ ଓଡ଼ିଆ ଖୋଦିତପ୍ରସ୍ତର ମିଳିଅଛି ସେଥିରୁ ସପ୍ରମାଣ ହୁଅଇ ଯେ ଏକୋବେଲକେ ମୁକୁନ୍ଦଙ୍କ ଉତ୍ତାରୁ ୧୫୬୮ ଖ୍ରୀଷ୍ଟାବ୍ଦରେ ରାମଚନ୍ଦ୍ର ଦେବ ଓଡ଼ିଶାର ନୂତନ ଭୋଇବଂଶର ପ୍ରଥମ ରାଜା ମନୋନୀତ ହୋଇଥିଲେ । ତୋଦରମଲ ରାମଚନ୍ଦ୍ରଙ୍କୁ ଯଥେଷ୍ଟ ବୃତ୍ତି ପ୍ରଦାନ କରି ତାଙ୍କୁ ଖୋର୍ଦ୍ଧାର ସ୍ୱାଧୀନ ରାଜା ବୋଲି ସ୍ୱୀକାର କରିଥିଲେ । କୁଜଙ୍ଗଠାରୁ ଅର୍ଦ୍ଧଦଗ୍ଧ ଜଗନ୍ନାଥ ଦେବଙ୍କର ନାଭିସ୍ଥଳ ଅଣାଇ ନୂତନ ଦେବତା ଗଠନ କରି ତାଙ୍କୁ ପୁରୁଷୋତ୍ତମ ମନ୍ଦିରରେ ସ୍ଥାପନ କରାଇଥିବା ରାମଚନ୍ଦ୍ରଙ୍କର ରାଜତ୍ୱର ଗୋଟିଏ ପ୍ରଧାନ କାର୍ଯ୍ୟ । ରାମଚନ୍ଦ୍ର ଓ ତାଙ୍କ ଉତ୍ତରାଧିକାରୀମାନେ ଖୋର୍ଦ୍ଧା ରାଜା ବୋଲି ପ୍ରସିଦ୍ଧ । ୧୬୦୭ ଖ୍ରୀଷ୍ଟାବ୍ଦରେ ତାଙ୍କର ରାଜତ୍ୱ ଶେଷ ହୋଇଥିଲା । ଅକବରଙ୍କର ଅନ୍ୟତର ହିନ୍ଦୁସେନାପତି ମାନସିଂହ ଓଡ଼ିଶାକୁ ଆସି ରାମଚନ୍ଦ୍ର ଦେବଙ୍କର ସମ୍ମାନ ବିଶେଷ ବଢ଼ାଇଥିଲେ । ରାମଚନ୍ଦ୍ରଙ୍କ ଉତ୍ତାରୁ ଆଜିପର୍ଯ୍ୟନ୍ତ ଖୋର୍ଦ୍ଧା ରାଜବଂଶରେ ଚୌଦ ଜଣ ରାଜା ଅଭିଷିକ୍ତ ହୋଇଅଛନ୍ତି । ସେମାନଙ୍କ ମଧ୍ୟରେ ବିଶେଷ ଖ୍ୟାତିର କାର୍ଯ୍ୟ କାହାରିଦ୍ୱାରା କୃତ ହୋଇ ନାହିଁ । ସେମାନଙ୍କ ମଧ୍ୟରୁ ଯେଉଁ ରାଜା ସମ୍ବନ୍ଧରେ ଯାହା କହିବାର ଆବଶ୍ୟକ ହେବ ତାହା ସ୍ଥାନ ସ୍ଥାନରେ ବର୍ଣ୍ଣନ କରିବା ।

କୁତ୍ଲୁ ଖାଁଙ୍କ ନେତୃତ୍ୱରେ ଆଫଗାନ ବିଦ୍ରୋହ—୧୫୮୨ ଖ୍ରୀଷ୍ଟାବ୍ଦରେ ତୋଦରମଲ୍ ଆହୂତ ହୋଇ ମୋଗଲ ରାଜଧାନୀ ପ୍ରତି ଗମନ କଲେ । ଅଜିଜ-ଅଜିମ ବଙ୍ଗ, ବେହାର ଓ ଓଡ଼ିଶାର ନୂତନ ଶାସନକର୍ତ୍ତା ନିଯୁକ୍ତ ହୋଇ ଆସିଲେ । ଦୁର୍ଦ୍ଧାନ୍ତ ଅଫଗାନ କୁତ୍ଲୁ ଖାଁ ପୁଣି ଅସ୍ତ୍ରଶସ୍ତ୍ର ଧେନି ବହିର୍ଗତ ହେଲା । ଅଜିଜ ଅଜିମଙ୍କ ପ୍ରେରିତ ଏକ କର୍ମଚାରୀ ତାହା ସଙ୍ଗେ ଯୁଦ୍ଧ କରି ପରାଭୂତ ହେଲେ । ଅନନ୍ତର ଦାମୋଦର ନଦୀତୀରରେ ଏକ ଯୁଦ୍ଧ ହେଲା । ସେଥିରେ କୁତ୍ଲୁ ପରାସ୍ତ ଓ ତାଙ୍କ ସେନାପତି ପ୍ରସିଦ୍ଧ କଳାପାହାଡ଼ ନିହତ ହେଲେ । ଏଥି ମଧ୍ୟରେ ଅଜିଜ ଅଜିମ ମଧ୍ୟ ଆଗ୍ରାକୁ ଫେରିଗଲେ (୧୫୮୪) । ତାଙ୍କର ଉତ୍ତରବର୍ତ୍ତୀ ଶାସନକର୍ତ୍ତା କୁତ୍ଲୁଙ୍କ ସହିତ ସନ୍ଧି ସ୍ଥାପନ କଲେ । ସନ୍ଧିପତ୍ରରେ ଏହିପରି ପ୍ରତିଜ୍ଞାମାନ ସ୍ଥିର ହେଲା ଯେ କୁତ୍ଲୁ ବଙ୍ଗଦେଶ ଆକ୍ରମଣ କରିବେ ନାହିଁ ଓ ଓଡ଼ିଶାରେ ସ୍ଥିରଭାବରେ ରାଜତ୍ୱ କରିବେ । ଅକବରଙ୍କର ସେ ସନ୍ଧିରେ ସନ୍ଦେହ ଜନ୍ମିବାରୁ ସେଥିରେ ସମ୍ମତି ଦେଲେ ନାହିଁ । ପରିଶେଷରେ ରାଜା

Digitized by srujanika@gmail.com

ମାନସିଂହ ଶାସନକର୍ତ୍ତା ହୋଇ ବଙ୍ଗଳାକୁ ପ୍ରେରିତ ହେଲେ (୧୫୮୭) । ୧୫୯୦ ଖ୍ରୀଷ୍ଟାବ୍ଦରେ ମାନସିଂହ ଓଡ଼ିଶାପ୍ରତି ଚଢ଼ାଉ କଲେ । ପ୍ରଥମ ଚେଷ୍ଟା ତାଙ୍କର ବିଫଳ ହେଲା । କୁତ୍ଲୁ ମୋଗଲସୈନ୍ୟଙ୍କୁ ପରାଭବ କରି ମାନସିଂହଙ୍କ ପୁତ୍ର ଜଗତ୍‌ସିଂହଙ୍କୁ ବନ୍ଦୀରୂପେ ଗ୍ରହଣ କଲେ । କିନ୍ତୁ ଯୁଦ୍ଧବିଦ୍ୟାବିଶାରଦ ମାନସିଂହ ସେହି ଏକ ଦୁର୍ଘଟନାରେ ଅଧୀର ହେଲେ ନାହିଁ । ଧାରପୁରଠାରେ ଅଫଗାନଙ୍କ ସଙ୍ଗେ ମାନସିଂହଙ୍କର ଏକ ଯୁଦ୍ଧ ଘଟିଲା, ସେଥିରେ କୁତ୍ଲୁ ନିଧନପ୍ରାପ୍ତ ହେଲେ; ତାଙ୍କର ମନ୍ତ୍ରୀ ଈଶା ଜଗତ୍‌ସିଂହଙ୍କୁ ପ୍ରତ୍ୟର୍ପଣ କରି ଓ ପୁରୀଜିଲ୍ଲାର ଅଧିକାର ଛାଡ଼ି ଦେଇ ସନ୍ଧି ସ୍ଥାପନ କଲେ (୧୫୯୦) । ତଦନନ୍ତର ଦୁଇ ବର୍ଷ ଓଡ଼ିଶା ଭାଗ୍ୟରେ କିଞ୍ଚିତ୍ ଶାନ୍ତି ଘଟିଲା ।

ରାଜା ମାନସିଂହ—ବିଦ୍ରୋହୀ ଓସମାନ—୧୫୯୨ ଖ୍ରୀଷ୍ଟାବ୍ଦରେ ଈଶା କାଳପ୍ରାପ୍ତ ହେଲେ । କୁତ୍ଲୁଙ୍କ ପୁତ୍ରମାନେ ପୁରୀନଗର ଆକ୍ରମଣ ଓ ଲୁଣ୍ଠନ କଲେ । ମାନସିଂହ ମୋଗଲସମ୍ରାଟଙ୍କ ସମ୍ମତି ଆଣି ପୁଣି ଓଡ଼ିଶା ପଠାଣଙ୍କ ବିରୁଦ୍ଧରେ ଅସ୍ତ୍ର ଚଳାଇଲେ । ସୁବର୍ଣ୍ଣରେଖା ତୀରରେ ବିନାପୁରଠାରେ ଯୁଦ୍ଧ ହେଲା । ଅଫଗାନମାନେ ସମ୍ପୂର୍ଣ୍ଣରୂପେ ପରାଙ୍ମୁଖ ହେଲେ । କଟକ, ଜଳେଶ୍ୱର, ଆଳି ଏହି ତିନି ଦୁର୍ଗ ମାନସିଂହଙ୍କର ହସ୍ତଗତ ହେଲା । ପୁଣି ଅଫଗାନମାନେ ସଙ୍ଘଟିତ ହୋଇ ସାରଙ୍ଗଗଡ଼ ନିକଟରେ ମାନସିଂହଙ୍କ ସଙ୍ଗେ ଯୁଦ୍ଧ କଲେ । ସେଥିରେ ପୁଣି ଦୁର୍ଭାଗ୍ୟବଶତଃ ସେମାନଙ୍କ କପାଳରେ ପରାଭବ ଘଟିଲା । ଏହି ଯୁଦ୍ଧ ଦ୍ୱାରା ଓଡ଼ିଶା ମଧ୍ୟ ଏକପ୍ରକାର ସମ୍ୟକ୍‌ରୂପେ ମୋଗଲସାମ୍ରାଜ୍ୟଭୁକ୍ତ ହେଲା । ତୋଡରମଲ ମୋଗଲସମ୍ରାଟଙ୍କ ସକାଶେ ଓଡ଼ିଶା ଜିଣି ଓଡ଼ିଶାର ରାଜସ୍ୱ ନିର୍ଦ୍ଧାରଣ କରିଥିଲେ ସତ୍ୟ, ମାତ୍ର ଓଡ଼ିଶାର ଭୂମିରାଜସ୍ୱ ମୋଗଲଭଣ୍ଡାରରେ ନିୟମିତରୂପେ ପ୍ରବିଷ୍ଟ ହୋଇ ନ ଥିଲା । ମାନସିଂହ ଓଡ଼ିଶା ଅଧିକାର କରି ଓଡ଼ିଶା ଶାସନର ଯେଉଁ ସବୁ ଶୃଙ୍ଖଳାମାନ ବାନ୍ଧିଥିଲେ, ସେଥିରେ ଓଡ଼ିଶାର ରାଜସ୍ୱ ମୋଗଲସମ୍ରାଟଙ୍କ ଭଣ୍ଡାରକୁ ନିୟମିତରୂପେ ପୂର୍ଣ୍ଣ କରିଥିଲା, ମଧ୍ୟ ଓଡ଼ିଶାବାସୀଏ ମୋଗଲରାଜଶକ୍ତିର ପ୍ରଭାବ ଅନୁଭବ କରିଥିଲେ । ସେହି ସମୟଠାରୁ ମୁସଲମାନ ଶାସନକର୍ତ୍ତାଙ୍କ ସନନ୍ଦରେ ବଙ୍ଗ, ବେହାର ଓ ଓଡ଼ିଶାର ଶାସନକର୍ତ୍ତା ବୋଲି ଲିଖିତ ହେବାର ଆରମ୍ଭ ହେଲା । ମାନସିଂହ ଓଡ଼ିଶା ଅଫଗାନିମାନଙ୍କୁ ପରାଭବ କରି ସେମାନଙ୍କ ପୌନଃପୌନିକ ଆକ୍ରମଣ ନିବାରଣାର୍ଥ ଅବୌ ସେମାନଙ୍କୁ ଓଡ଼ିଶାରୁ ଘେନିଯାଇ ବଙ୍ଗଳାର ଯଶୋହର ଜିଲ୍ଲାରେ ବାସସ୍ଥାନ ପ୍ରଦାନ କଲେ । ତଦନନ୍ତର ରାଜ୍ୟରେ ଶାନ୍ତିବିଧାନ କରିବା ସକାଶେ ଅନେକ ସୁକୌଶଳ ମାନସିଂହଙ୍କଦ୍ୱାରା ଅବଲମ୍ବିତ ହେଲା । ଯେଉଁ

Digitized by srujanika@gmail.com

ରାମଚନ୍ଦ୍ର ଦେବଙ୍କୁ ଖୋର୍ଦ୍ଧା ରାଜାରୂପେ ତୋଦରମଲ ସ୍ୱୀକାର କରିଥିଲେ, ମାନସିଂହ ତାହାଙ୍କୁ ମହାରାଜ ଉପାଧି ପ୍ରଦାନ କଲେ । ସାର୍ଦ୍ଧ ତିନି ସହସ୍ର ଅଶ୍ୱର ଅଧିନାୟକରୂପେ ରାମଚନ୍ଦ୍ର ନିଯୁକ୍ତ ହେଲେ । ସେ ସମୟ ମତ ଉଲ୍ଲିଖିତ ପ୍ରକାର ଅଧିନାୟକଙ୍କ ଅତି ମର୍ଯ୍ୟାଦାର ପଦ ଥିଲା । ଖୋର୍ଦ୍ଧାର ୭୦ ଓ ଅନ୍ୟାନ୍ୟ ଏକଶ ଅଣତିରିଶ ଗଡ଼ର ଅଧିକାରୀ ହୋଇ ସର୍ବସୁଦ୍ଧା ପ୍ରାୟ ୧୪୦୦୦ ବର୍ଗମାଇଲ୍ * ରାଜ୍ୟର କର୍ତ୍ତୃତ୍ୱ ରାମଚନ୍ଦ୍ର ଲାଭ କଲେ । ସେଥିରୁ ୬ଲକ୍ଷ ମୁଦ୍ରାରୁ ଅଧିକ ବାର୍ଷିକ ରାଜସ୍ୱ ଉତ୍ପନ୍ନ ହେଉଥିଲା । ରାମଚନ୍ଦ୍ର ଦେବ ବଙ୍ଗଳାରେ ଥିବା ମୁସଲମାନ ଶାସନକର୍ତ୍ତାଙ୍କର ଅଧୀନସ୍ଥ ନ ହୋଇ, ଏକାବେଳକେ ଦିଲ୍ଲୀ ରାଜକୋଷରେ କର ପ୍ରଦାନ କରିବାପାଇଁ ଦାୟୀ ହେଲେ ।

ଯାହାର ସ୍ୱଭାବ ଉଦ୍ଧତ ସେ କି ସହଜରେ ଶାନ୍ତ ହୋଇ ପାରେ ? ଅଫଗାନମାନଙ୍କୁ ଓଡ଼ିଶା ଶାସନର ଭାର ଦେଲେ ସୁଦ୍ଧା ସେମାନେ ସେଥିରେ ସନ୍ତୁଷ୍ଟ ହେଲେ ନାହିଁ । ପୈତୃକ ରାଜ୍ୟ ଓ ଗୌରବ ପୁନର୍ଲାଭ କରିବା ସେମାନଙ୍କର ଆନ୍ତରିକ ଇଚ୍ଛା ଥିଲା । ମାନସିଂହ ଇତିମଧ୍ୟରେ ଥରେ ଦିଲ୍ଲୀଠାକୁ ଯାଇଥିବାରୁ ତାଙ୍କ ପୁତ୍ର ଜଗତ୍‌ସିଂହ ଶାସନକାର୍ଯ୍ୟ ଚଳାଉଥିଲେ । ଅଫଗାନମାନେ ସେହି ଅବସର ପାଇ ସେମାନଙ୍କ ନେତୃତ୍ୱରେ ପୁନର୍ବାର ମୋଗଲଶାସନ ବିରୁଦ୍ଧରେ ଅସ୍ତ୍ର ଧାରଣ କଲେ (୧୫୯୮) । ମାନସିଂହଙ୍କ ଅନ୍ୟତର ପୁତ୍ର ମହାସିଂହ ଭଦ୍ରଖଠାରେ ଯୁଦ୍ଧରେ ପରାଜିତ ହେଲେ । ସେଥି ମଧ୍ୟରେ ଜଗତ୍‌ସିଂହଙ୍କ ମୃତ୍ୟୁ ଘଟିଲା । ସୁତରାଂ ମାନସିଂହ ପୁନର୍ବାର ବଙ୍ଗଳାକୁ ଆଗମନ କଲେ ଓ ଆସି ଓଡ଼ିଶା ଅଫଗାନଙ୍କୁ ନିରସ୍ତ୍ର କରାଇଲେ (୧୫୯୯) । ଅଫଗାନମାନେ ଓଡ଼ିଶାର ଦକ୍ଷିଣରେ କିଞ୍ଚିତ୍ ଅଧିକାର ପାଇ କିଛିକାଳ ସ୍ଥିର ହୋଇ ରହିଲେ ।

ମାନସିଂହ ତାଙ୍କ କାର୍ଯ୍ୟଦକ୍ଷତା ଓ ରାଜନୀତିକୁଶଳତା ପ୍ରକାଶେ ଉତ୍ତମରୂପେ ଆକବରଙ୍କଦ୍ୱାରା ପୁରସ୍କୃତ ହୋଇଥିଲେ । ସେ ସମୟର ଉଚ୍ଚତମ ମର୍ଯ୍ୟାଦା ଓ ପଦ ତାଙ୍କୁ ପ୍ରଦତ୍ତ ହୋଇଥିଲା । ଆକବରଙ୍କ ଜ୍ୟେଷ୍ଠପୁତ୍ର ସେଲିମ ତାଙ୍କ ଭଗିନୀକି ବିବାହ ହୋଇଥିଲେ ।

ସମ୍ରାଟ ଜାହାଙ୍ଗିର—ମୋଗଲ ସମ୍ରାଟକୁଳଶ୍ରେଷ୍ଠ ଆକବର ୧୬୦୫ ଖ୍ରୀଷ୍ଟାବ୍ଦରେ ମାନବଲୀଳା ସମ୍ବରଣ କଲେ । ମାନସିଂହଙ୍କ ଭଗିନୀପତି ସେଲିମ

* ସମଗ୍ର ଆଧୁନିକ ଗଞ୍ଜାମ ଜିଲ୍ଲା, ଅନୁଗୁଳ, ଆଠଗଡ଼, ବାଙ୍କି, ବଡ଼ାମ୍ବା, ଦଶପଲ୍ଲା, ଢେଙ୍କାନାଳ, ଖଣ୍ଡପଡ଼ା, ନରସିଂହପୁର, ନୟାଗଡ଼, ରଣପୁର, ତାଳଚେର, ତିଗିରିଆ, ଦମପଡ଼ା, ପୁରୀ ଜିଲ୍ଲାର ଅଧିକାଂଶ, ବକ୍ରକୋଟ ଇତ୍ୟାଦି ।



Digitized by srujanika@gmail.com

ଜାହାଙ୍ଗିର ଉପାଧି ଦେଇ ମୋଗଲ ସିଂହାସନରେ ଅଧିଷ୍ଠିତ ହେଲେ । ଜାହାଙ୍ଗିର ସମ୍ରାଟ ହୋଇ ମାନସିଂହଙ୍କୁ ବଙ୍ଗ ବେହାର ଓ ଓଡ଼ିଶାର ଶାସନକର୍ତ୍ତାରୂପେ ସ୍ଥିର କରିଥିଲେ । କିନ୍ତୁ ଅଳ୍ପକାଳ ମଧ୍ୟରେ ମାନସିଂହ ଆଗ୍ରାକୁ ପ୍ରତ୍ୟାଗତ ହେଲେ (୧୬୦୬) । ଅନ୍ୟ ଜଣେ ତାଙ୍କ ପଦରେ ନିଯୁକ୍ତ ହେଲେ । ୧୬୦୭ ମସିହାରେ ଓଡ଼ିଶାପାଇଁ ଜଣେ ସ୍ୱତନ୍ତ୍ର ଶାସନକର୍ତ୍ତା ନିଯୁକ୍ତ ହେବାର ଆରମ୍ଭ ହେଲା । ମାତ୍ର ସେ ସ୍ୱତନ୍ତ୍ର ଶାସନକର୍ତ୍ତାମାନେ ବଙ୍ଗଳା ସୁବାଦାରଙ୍କର ଆଜ୍ଞାଧୀନ ଥିଲେ ।

ଓଡ଼ିଶାର ପ୍ରଥମ ସ୍ୱତନ୍ତ୍ର ଶାସନକର୍ତ୍ତା ହାସିମ ଖାଁ ଓ ଅଫଗାନ ବିଦ୍ରୋହ— ହାସିମ ଖାଁ ପ୍ରଥମ ଓଡ଼ିଶାର ସ୍ୱତନ୍ତ୍ର ଶାସନକର୍ତ୍ତା ନିଯୁକ୍ତ ହେଲେ । କିଛିକାଳ ଉତ୍ତାରୁ ହାସିମ କାଶ୍ମୀର ରାଜ୍ୟକୁ ପ୍ରେରିତ ହୋଇ, ଓଡ଼ିଶାର ଭାର ରାଜା କାଲ୍ୟାଣ ମଲଙ୍କ ହସ୍ତରେ ଅର୍ପିତ ହେଲା (୧୬୧୧) ।

କାଲ୍ୟାଣ ମଲ ଓଡ଼ିଶାର ଶାସନଭାର ଲଭିଲା ଉତ୍ତାରୁ ପୁଣି ଓସମାନ ବଂଶର ସହସ୍ର ଦୃଢ଼କାୟ ପଠାଣଙ୍କୁ ଘେନି ସମରକ୍ଷେତ୍ରରେ ଉପସ୍ଥିତ ହେଲେ । ସେ ସମୟର ବଙ୍ଗୀୟ ଶାସନକର୍ତ୍ତା ଇସଲାମ ଖାଁ ତାଙ୍କ ସେନାପତି ସୁଜାତ ଖାଁଙ୍କୁ ଅଫଗାନଙ୍କ ବିରୁଦ୍ଧରେ ପଠାଇଲେ । ସୁଜାତ ଖାଁ ପ୍ରଥମେ ବିପକ୍ଷଦଳଙ୍କୁ ଏକ ଧର୍ମାବଲମ୍ବୀ ଥିବାର ଓ ସମୟରେ ଲୋକେ ବଡ଼ ଛୋଟ ହୁଅନ୍ତି ବୋଲି ଅନେକ ବୁଝାଇ ଯୁଦ୍ଧରୁ ସେମାନଙ୍କୁ ନିବୃତ୍ତ ହେବାପାଇଁ ପ୍ରବର୍ତ୍ତାଇଲେ । ମାତ୍ର ପଠାଣଙ୍କ ବିଧି ବାମ ହୋଇଥିଲା । ସୁଜାତ ଖାଁଙ୍କ ଉପଦେଶ ସେମାନଙ୍କ କର୍ଣ୍ଣକୁ ମିଷ୍ଟ ଲାଗିଲା ନାହିଁ । ସୁବର୍ଣ୍ଣରେଖା ନଦୀତଟରେ ଯୁଦ୍ଧ ହେଲା । ପଠାଣମାନେ ପରାଭୂତ ଓ ଓସମାନ ନିହତ ହେଲେ । ସୁଜାତ ଖାଁ ଅଫଗାନମାନଙ୍କର ଭାବୀ ବିଦ୍ରୋହନିବାରଣାର୍ଥ ସେମାନଙ୍କୁ ଏକ ସ୍ଥାନରେ ଦଳବଦ୍ଧ ହୋଇ ରହିବାକୁ ନ ଦେଇ ଭିନ୍ନ ଭିନ୍ନ ଗ୍ରାମରେ ଅଳ୍ପ ଅଳ୍ପ କରି ରଖାଇଲେ । ସୁତରାଂ ସେମାନେ ଓଡ଼ିଶାର ଚତୁର୍ଦ୍ଦିଗରେ ବିକୀର୍ଣ୍ଣ ହୋଇ ଏପରି ଭାବରେ ବାସ କଲେ ଯେ ୧୬୩୧ ଖ୍ରୀଷ୍ଟାବ୍ଦରେ ଜଣେ ପୋର୍ତ୍ତୁଗିଜ ଓଡ଼ିଶା ଦର୍ଶନ କରି ସମସ୍ତ ଓଡ଼ିଆଙ୍କୁ ମୁସଲମାନ ବୋଲି ବର୍ଣ୍ଣନା କରିଅଛନ୍ତି ।

୧୬୧୮ ମସିହାରେ ମୁଖାରିବ ନାମକ ଜଣେ ଓଡ଼ିଶାର ଶାସନକର୍ତ୍ତା ହେଲେ । ତାଙ୍କର ଖୋର୍ଦ୍ଧାରାଜା ପୁରୁଷୋତ୍ତମଦେବଙ୍କ ସଙ୍ଗେ ଯୁଦ୍ଧ ଘଟିଥିଲା । ସେତିକିରେ ଖୋର୍ଦ୍ଧାରାଜାଙ୍କର ଖୋର୍ଦ୍ଧା ଛଡ଼ା ଅବଶିଷ୍ଟାଂଶ ମୋଗଲସାମ୍ରାଜ୍ୟର ଅନ୍ତର୍ଗତ ହୋଇଥିଲା ।

Digitized by srujanika@gmail.com

ସେହି ସମୟରୁ ଅଫଗାନ ବିଦ୍ରୋହର ପ୍ରାଦୁର୍ଭାବ ଜଣା ପଡ଼ିଲା । ମୋଗଲମାନେ କେତେକ ବର୍ଷ ନିର୍ବିବାଦରେ ଓଡ଼ିଶା ଉପଭୋଗ କଲେ ।

ସାଜାହାନ—ଅଫଗାନଙ୍କ ପରାଭବ ଉତ୍ତାରୁ ବଙ୍ଗ ଶାସନକର୍ତ୍ତାଙ୍କ ତତ୍ତ୍ୱାବଧାରଣରେ ଓ ଜଣେ ଜଣେ ସ୍ୱାଧୀନ ଶାସନକର୍ତ୍ତାଙ୍କ ଶାସନରେ ଓଡ଼ିଶା ଆଉ ଶାନ୍ତି ଭୋଗ କରୁଥିଲା । ସାଜାହା ସମ୍ରାଟ ଜାହାଙ୍ଗିରଙ୍କ ପୁତ୍ର ତାଙ୍କ ସଙ୍ଗେ ବିବାଦ କରି ଓଡ଼ିଶାରେ ଆସି ଉପସ୍ଥିତ ହେଲେ । ସେତେବେଳେ ଅହମ୍ମଦ ବେ ଓଡ଼ିଶାର ଶାସନକର୍ତ୍ତା ଥିଲେ । ସେ ଯୁଦ୍ଧାର୍ଥ ପ୍ରସ୍ତୁତ ନ ହେବାରୁ ସାଜାହାନ ତାଙ୍କୁ ପରାସ୍ତ କଲେ । ଓଡ଼ିଶାରେ ଅଫଗାନଙ୍କ ମଧ୍ୟରେ ସୈନ୍ୟ ସଂଗ୍ରହ କରି ଓ କେତେକ ଇଉରୋପୀୟ ତୋପର ସାହାଯ୍ୟ ଲଭି ବଙ୍ଗଳା ଅଧିକାର କଲେ । ବଙ୍ଗଳାର ଶାସନକର୍ତ୍ତା ଇବ୍ରାହିମ ଖାଁ ଯୁଦ୍ଧରେ ନିହତ ହେଲେ ( ୧୬୨୩ ) । ଦୁଇବର୍ଷ କାଳ ବଙ୍ଗ ଶାସନ କରି ଅବଶେଷରେ ସେ ମୋଗଲସମ୍ରାଟ ଜାହାଙ୍ଗିରଙ୍କଦ୍ୱାରା ପରାଭୂତ ହୋଇ ପୁଣି ଓଡ଼ିଶାକୁ ପଳାଇ ଆସିଲେ ଓ ପିତାଙ୍କଠାରେ ନିଜ ଅପରାଧପାଇଁ କ୍ଷମା ପ୍ରାର୍ଥନା କଲେ(୧୬୨୫) । ପିତାଙ୍କଠାରୁ କ୍ଷମା ପ୍ରାପ୍ତ ହୋଇ ରାଜଧାନୀକୁ ପ୍ରତ୍ୟାଗତ ହେଲେ ଓ ପିତାଙ୍କ ମୃତ୍ୟୁ ଉତ୍ତାରୁ ୧୬୨୭ ଖ୍ରୀଷ୍ଟାବ୍ଦରେ ମୋଗଲ ସିଂହାସନ ଅରୋହଣ କଲେ ।

ବାଣିଜ୍ୟାର୍ଥ ଇଉରୋପୀୟଙ୍କର ଓଡ଼ିଶାକୁ ଆଗମନ—୧୫୧୪ ଖ୍ରୀଷ୍ଟାବ୍ଦରେ ପୋର୍ତ୍ତୁଗିଜମାନେ ସୁବର୍ଣ୍ଣରେଖାକୂଳବର୍ତ୍ତୀ ପିପ୍ପିଲିଠାରେ ପ୍ରଥମ ବାଣିଜ୍ୟ-କୋଠି ସ୍ଥାପନ କଲେ । ତଦନନ୍ତର ନିର୍ବିବାଦରେ ଶଏ ବର୍ଷକାଳ ସେମାନଙ୍କର ବାଣିଜ୍ୟ ବଙ୍ଗୋପସାଗରରେ ଚଳିଲା । ପୋର୍ତ୍ତୁଗିଜଙ୍କ ପଦାନୁସରଣ କରି ଡଚ୍, ଫରାସିସ୍, ଡେନେମାର ଓ ଇଂରେଜମାନେ ଓଡ଼ିଶାକୁ ବାଣିଜ୍ୟ କରିବା ପାଇଁ ଆଗମନ କଲେ । ୧୬୦୦ ଖ୍ରୀଷ୍ଟାବ୍ଦରେ ଇଂଲଣ୍ଡର ମହାରାଣୀଙ୍କଠାରୁ ଇଷ୍ଟ ଇଣ୍ଡିଆ କମ୍ପାନୀ ଭାରତବର୍ଷରେ ବ୍ୟବସାୟ କରିବାର ସନନ୍ଦ ପାଇଥିଲେ । ଇଂରାଜଙ୍କ ତରି ୧୬୧୧ ଖ୍ରୀଷ୍ଟାବ୍ଦରେ ପ୍ରଥମ ପେପିଲି ସ୍ପର୍ଶ କଲା । ସାଜାହାନ ପିତୃବିରୋଧୀ ହୋଇଥିବା ସମୟରେ ପୋର୍ତ୍ତୁଗିଜଙ୍କର ସାହାଯ୍ୟ ପ୍ରାର୍ଥନା କରିଥିଲେ; କିନ୍ତୁ ପୋର୍ତ୍ତୁଗିଜମାନେ ତାଙ୍କୁ ସାହାଯ୍ୟ ଦେବା ସକାଶେ ସମ୍ମତ ହୋଇ ନ ଥିଲେ । ସାଜାହାନଙ୍କର ସେ କଥା ଉତ୍ତମରୂପେ ସ୍ମରଣ ଥିଲା । ସେ ସମ୍ରାଟ ହୋଇ ପୋର୍ତ୍ତୁଗିଜଙ୍କୁ ସେଥିର ଉଚିତ ପ୍ରତିଫଳ ଦେଲେ । ତଦନନ୍ତର ଇଂରାଜମାନେ ସାଜାହାନଙ୍କଠାରୁ ବଙ୍ଗ ଓ ଓଡ଼ିଶାରେ ବ୍ୟବସାୟ କରିବାର ଆଦେଶ ଲାଭ କଲେ(୧୬୩୪) । ଆଜିମ ଖାଁ ସେତେବେଳେ ବଙ୍ଗଳାର ଶାସନ-କର୍ତ୍ତା ଥିଲେ । ସେ ସମ୍ରାଟଙ୍କ ଆଜ୍ଞା ଅନୁସାରେ ଇଂରାଜଙ୍କୁ ବାଣିଜ୍ୟକୋଠି ସ୍ଥାପନ କରି

Digitized by srujanika@gmail.com

ହୋଲେ ନାହିଁ । ପ୍ରଥମ ସେହିଠାରେ ଇଂରାଜଙ୍କର କୋଠି ସ୍ଥାପିତ ହେଲା । କିଛିକାଳ ଉତ୍ତାରୁ ସାଜାହାନଙ୍କ ଏକ କନ୍ୟାର ଲୁଗାରେ ନିଆଁ ଲାଗି ଶରୀର ଦଗ୍ଧ ହୋଇଥିଲା । ବାଉଟନ ସାହେବ ଚିକିତ୍ସା କରି ତାଙ୍କୁ ରୋଗମୁକ୍ତ କଲେ । ସମ୍ରାଟ୍ ପୁରସ୍କାର ପାଇଲାରୁ ଇଂରାଜଙ୍କର ନିଷ୍କର ବାଣିଜ୍ୟ କରିବାର ସନନ୍ଦ ବାଉଟନ ସାହେବ ପ୍ରାର୍ଥନା କଲେ । ବଙ୍ଗ ଶାସନକର୍ତ୍ତା ସୁଲତାନ ସୁଜାଙ୍କ ଅନ୍ତଃପୁର-ବାସିନୀ କେହି ମହିଳା ମଧ୍ୟ ସାଂଘାତିକ ପୀଡ଼ିତା ହୋଇଥିଲେ । ବାଉଟନ ସାହେବ ତାଙ୍କର ରୋଗ ମଧ୍ୟ ଉପଶମ କଲେ । ସୁତରାଂ ଇଂରାଜ ଇଷ୍ଟ ଇଣ୍ଡିଆ କମ୍ପାନୀଙ୍କ ଉପରେ ଦିଲ୍ଲୀ ସମ୍ରାଟ୍ ଓ ବଙ୍ଗ ଓଡ଼ିଶାର ଶାସନକର୍ତ୍ତା ଦୁହେଁ ପ୍ରସନ୍ନ ହେଲେ । ବାଲେଶ୍ୱର ଓ ହୁଗୁଳିଠାରେ ସେମାନଙ୍କର ବାଣିଜ୍ୟକୋଠିମାନ ସ୍ଥାପିତ ହେଲା । ସୁବିଧାକ୍ରମେ ଇଂରାଜମାନେ ବିନା କରରେ ଆମଦାନୀ ଓ ରପ୍ତାନୀର ବ୍ୟବସାୟ ଚଳାଇଲେ ।

ଜାଫର ଖାଁ ନାସିର—୧୬୨୭ ଖ୍ରୀଷ୍ଟାବ୍ଦରେ ଜାଫର ଖାଁ ଦେଓଆନ ନିଯୁକ୍ତ ହେଲେ । ଓଡ଼ିଶାରେ ଭୂମିର ମୂଲ୍ୟ ଅଳ୍ପ ଥିବାରୁ ଓ ଓଡ଼ିଶା ଭୂମି ରାଜସ୍ୱ ଆଦାୟ ଅତି କଷ୍ଟକର କାର୍ଯ୍ୟ ବୋଲି ସେ ସମ୍ରାଟଙ୍କୁ ପତ୍ର ଲେଖିଲେ । ସୁତରାଂ ଜାଏଗିରଦାରଙ୍କୁ ଓଡ଼ିଶାର ଅଳ୍ପ ମୂଲ୍ୟର ଭୂମି ଜାଏଗିର ସ୍ୱରୂପ ଦେବା ସକାଶେ ପ୍ରସ୍ତାବ କରିଥିଲେ । ମଧ୍ୟ ଲିଖିତ ଅଛି, ଦିଲ୍ଲୀ ସମ୍ରାଟ ସେ ପ୍ରସ୍ତାବରେ ସମ୍ମତ ହୋଇ ବଙ୍ଗଳା ଜାଏଗିର ପରିବର୍ତ୍ତରେ କାହାର କାହାରିକି ଓଡ଼ିଶାରେ ଜାଏଗିର ପ୍ରଦାନ କରିଥିଲେ ।

ସମ୍ରାଟ୍ ଅରଙ୍ଗଜେବ—୧୬୫୮ ଖ୍ରୀଷ୍ଟାବ୍ଦରେ ସାଜାହାନଙ୍କୁ କାରାରୁଦ୍ଧ ଓ ଆପଣାର ଅନ୍ୟାନ୍ୟ ଭ୍ରାତାମାନଙ୍କୁ ପରାସ୍ତ କରି ଅରଙ୍ଗଜେବ ମୋଗଲ ସିଂହାସନରେ ଅଧିରୂଢ଼ ହୋଇଥିଲେ ।

ବାଲେଶ୍ୱର ନଗର ଲୁଣ୍ଠନ—ବାଲେଶ୍ୱରଠାରେ ମୋଗଲଶାସନକର୍ତ୍ତା ଇଂରାଜଙ୍କ ଉପରେ ଅତ୍ୟାଚାର କରି ସେମାନଙ୍କ ପକ୍ଷୀୟ ଦୁଇ ଜଣ ଲୋକଙ୍କୁ କାରାରୁଦ୍ଧ କରି ରଖିଥିଲେ । ସେଥିରେ ଇଂରାଜ ବଣିକମାନେ କୋପାବିଷ୍ଟ ହୋଇ ୧୬୮୮ ଖ୍ରୀଷ୍ଟାବ୍ଦ ୧୯ ତାରିଖ ନବେମ୍ବରରେ ବାଲେଶ୍ୱର ନଗର ଆକ୍ରମଣ ଓ ଲୁଣ୍ଠନ କଲେ ।

ପୁଣି ଅଫଗାନ ବିଦ୍ରୋହ—ବଙ୍ଗଦେଶର ଜଣେ ଜମିଦାର ଶୋଭାସିଂହ ବର୍ଦ୍ଧମାନାଧିପତିଙ୍କ ବିରୁଦ୍ଧରେ ରଣସଜ୍ଜା କରିଥିଲେ । ଓଡ଼ିଶାର ଅଫଗାନମାନେ ରହିମ ଖାଁଙ୍କ ସେନାପତିତ୍ୱରେ ତାଙ୍କ ସହିତ ମିଳିତ ହେଲେ (୧୬୯୫) । ବଙ୍ଗ ଓ ଓଡ଼ିଶାର କିୟଦଂଶ ସେମାନେ ଲୁଣ୍ଠନ କରି ହସ୍ତଗତ କଲେ । ତନ୍ମଧ୍ୟରେ

Digitized by srujanika@gmail.com

ଶାସନକର୍ତ୍ତା ଇବ୍ରାହିମ ଖାଁଙ୍କ ପୁତ୍ର ଜବରଦସ୍ତ ଖାଁଙ୍କଦ୍ୱାରା ରହିମ ଖାଁ ୧୬୯୭ ମସିହାରେ ପରାସ୍ତ ହେଲେ । ତହିଁ ଆର ବର୍ଷ ରହିମ ଖାଁ ବଙ୍ଗଳାର ନୂତନ ଶାସନକର୍ତ୍ତା ଓସମାନଙ୍କ ସହିତ ଯୁଦ୍ଧ କରି ଦେହତ୍ୟାଗ କଲେ ।

ସୁଜାଉଦ୍ଦୀନ—ଓଡ଼ିଶାରେ ଯେଉଁମାନେ ଶାସନକର୍ତ୍ତା ନିଯୁକ୍ତ ହେଉଥିଲେ, ସେମାନେ ଏକପ୍ରକାର ବଙ୍ଗ ଶାସନକର୍ତ୍ତାଙ୍କର ସହକାରୀ ଓ ବଶବର୍ତ୍ତୀ ଥିବାର ଏଥିପୂର୍ବେ କଥିତ ହୋଇଅଛି । ଓଡ଼ିଶାର ସମସ୍ତ ଶାସନକର୍ତ୍ତାଙ୍କର ନାମ ଆମ୍ଭେମାନେ ପାଇ ନାହୁଁ । ମଧ୍ୟ ମଧ୍ୟରେ ଯେଉଁ ନାମମାନ ମିଳିଅଛି ଓ ସେମାନଙ୍କ ମଧ୍ୟରୁ ଯେଉଁମାନ ଉଲ୍ଲେଖର ଯୋଗ୍ୟ, ଏହି ପୃଷ୍ଠାସଞ୍ଚୟରେ ସେହି ନାମମାନଙ୍କର ନିର୍ଦ୍ଦେଶ ଆମ୍ଭେମାନେ କରିଅଛୁଁ । ସୁଜାଉଦ୍ଦୀନ ବଙ୍ଗୀୟ ଶାସନକର୍ତ୍ତା ମୁର୍ଶିଦ କୁଲିଙ୍କ ଜାମାତା ଥିଲେ । ତାଙ୍କ ରାଜତ୍ୱର ଦ୍ୱିତୀୟ ବର୍ଷରେ (୧୭୦୭) ଦିଲ୍ଲୀ-ସମ୍ରାଟ୍ ଆରଙ୍ଗଜେବ ସଂସାରଲୀଳା ତ୍ୟାଗ କଲେ । ତଦନନ୍ତର ତାଙ୍କର ଉତ୍ତରାଧିକାରୀମାନେ ନିତାନ୍ତ ଦୁର୍ବଳ ହୋଇ ପଡ଼ିଲେ । ଆରଙ୍ଗଜେବଙ୍କ ଉତ୍ତାରୁ ଦିଲ୍ଲୀ ସିଂହାସନ କ୍ରମଶଃ ହୀନପ୍ରଭ ହୋଇଥିଲା । ସୁଜାଉଦ୍ଦୀନଙ୍କ ସୁବାଦାରି ସମୟରେ ମେଦିନୀପୁର ଓଡ଼ିଶା ସୀମାରୁ ଚ୍ୟୁତ ହୋଇ ବଙ୍ଗ ସୀମାର ଅନ୍ତର୍ଗତ ହୋଇଥିଲା । ଦୁଇ ଜଣ ବଙ୍ଗାଳୀ ତାଙ୍କର ସହକାରୀ ନିଯୁକ୍ତ ହୋଇ ଓଡ଼ିଶାକୁ ଆସିଥିଲେ । ମୁର୍ଶିଦ କୁଲିଙ୍କ ମୃତ୍ୟୁ ଉତ୍ତାରୁ ସୁଜା ବଙ୍ଗ ବେହାର ଓ ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ ହେଲେ । ମହମ୍ମଦ ତକି ୧୭୨୫ ମସିହାରୁ ତାଙ୍କର ସହକାରୀ ହୋଇ ଓଡ଼ିଶାରେ ରହିଲେ ।

ମହମ୍ମଦ ତକି—ମହମ୍ମଦ ତକି ଶାସନକର୍ତ୍ତା ହେବା ସମୟରେ ଉତ୍ତରରେ ମେଦିନୀପୁରର ନିକଟବର୍ତ୍ତୀ ଲଣ୍ଡାଦେଉଳଠାରୁ ଦକ୍ଷିଣରେ ଟିକଲି ରଘୁନାଥପୁର ପର୍ଯ୍ୟନ୍ତ ଓଡ଼ିଶା ସୁବାର ସୀମା ନିର୍ଦ୍ଧାରିତ ଥିଲା । କିଛିକାଳ ଉତ୍ତାରୁ ସୁବର୍ଣ୍ଣରେଖାର ଉତ୍ତରସ୍ଥିତ ତାବଦ୍ଦେଶ ବଙ୍ଗଳାର ସୀମାଭୁକ୍ତ ହେଲା । ଟିକଲି ରଘୁନାଥପୁର ଓ ଚିଲିକାକୁ ନିଜାମ ସ୍ୱାଧିକାରଭୁକ୍ତ କଲେ । ଖୋର୍ଦ୍ଧା ରାଜା ଦ୍ୱିତୀୟ ରାମଚନ୍ଦ୍ର ଦେବ କଟକକୁ ବନ୍ଦୀରୂପେ ଆନୀତ ହେଲେ । ତକି ଖାଁଙ୍କ ଅତ୍ୟାଚାରରେ ପଣ୍ଡାଏ ଜଗନ୍ନାଥଙ୍କୁ ଘେନି ପୁଣି ଚିଲିକା କୂଳକୁ ପଳାଇଲେ । ଖୋର୍ଦ୍ଧା ଲୋକଙ୍କୁ ବିଦ୍ରୋହରୁ ନିବୃତ୍ତ ରଖିବା ସକାଶେ ୨୨ ଥାନା ବସିଲା । ମାତ୍ର ସେ ଥାନାମାନ ଅଧିକକାଳ ରହିଲା ନାହିଁ । ରାମଚନ୍ଦ୍ରଙ୍କ ପୁତ୍ର ବୀରକିଶୋର ଦେବ ଖୋର୍ଦ୍ଧା ସିଂହାସନରେ ଅଭିଷିକ୍ତ ହେଲେ । ଆରଙ୍ଗଜେବ ପିତୃକାର୍ଯ୍ୟ-ବିରୋଧର ପ୍ରାୟଶ୍ଚିତ୍ତସ୍ୱରୂପ ଯେଉଁ ମସଜିଦମାନ ଭାରତବର୍ଷର ଭିନ୍ନ ଭିନ୍ନ ସ୍ଥାନରେ ନିର୍ମାଣ କରିବାର ଆଜ୍ଞା ଦେଇଥିଲେ, କଟକର ଜୁମାମସଜିଦ ସେସବୁ

Digitized by srujanika@gmail.com

ମସଜିଦ ମଧ୍ୟରୁ ଗୋଟିଏ ଅଟଇ । ଏହା ମହମ୍ମଦ ତକିଙ୍କ ତତ୍ତ୍ୱାବଧାରଣରେ ନିର୍ମିତ ହୋଇଥିଲା । ଅବଶେଷରେ ୧୭୩୦ ଖ୍ରୀଷ୍ଟାବ୍ଦରେ ତକିଙ୍କର ମୃତ୍ୟୁ ଘଟିଲା । ତକି ଅତି ଅତ୍ୟାଚାରୀ ଓ ଲୋକଙ୍କର ଅପ୍ରିୟ ଶାସନକର୍ତ୍ତା ଥିଲେ । ସେ ଲୋକଙ୍କୁ ନାନାପ୍ରକାରେ କ୍ଲେଶ ଓ ପୀଡ଼ା ଦେଇଥିଲେ ।

ମୁର୍ଶିଦ କୁଲି ଖାଁ—ମହମ୍ମଦ ତକିଙ୍କ ଉତ୍ତାରୁ ସୁଜାଉଦ୍ଦୀନଙ୍କ ଜାମାତା ମୁର୍ଶିଦ କୁଲି ଖାଁ ଓଡ଼ିଶାର ସହକାରୀ ଶାସନକର୍ତ୍ତା ହେଲେ । ତାଙ୍କର ରାଜନୀତିରେ କିଛି ପାରଦର୍ଶିତା ଓ ପଟୁତା ଥିଲା । ପ୍ରତ୍ୟହ ପ୍ରିୟ ଶ୍ୱଶୁରଙ୍କ ନିକଟକୁ ଡାକ ଚଲାଇ ଭିତର ରାଜକାର୍ଯ୍ୟ ଓ ଅନ୍ୟାନ୍ୟ ବିଷୟରେ ଚିଠାଉ ଲେଖୁଥିଲେ । ମହମ୍ମଦ ତକିଙ୍କ ଅତ୍ୟାଚାରରେ ଜଗନ୍ନାଥଙ୍କୁ ଘେନି ପଣ୍ଡାଏ ଓ ଅନ୍ୟାନ୍ୟ ଅନେକ ଲୋକେ ପଳାଇଥିଲେ । ସେଥିରେ ଦେଶର ରାଜସ୍ୱ ଊଣା ହୋଇଥିଲା । ମୁର୍ଶିଦ କୁଲି ସେ ଘଟନାକୁ ଲକ୍ଷ୍ୟ କରି ବୁଝି ଜଗନ୍ନାଥଦେବଙ୍କୁ ପୁନର୍ବାର ଆନୟନ କରି ମନ୍ଦିର ମଧ୍ୟରେ ସ୍ଥାପନ କରିବା ସକାଶେ ଆଦେଶ ଦେଲେ । ତାଙ୍କ ଦେଓ଼ାନ ମିର ହବିବଙ୍କ ପରାମର୍ଶରେ ଦେଶର ରାଜସ୍ୱସମ୍ବନ୍ଧୀୟ ଅନେକ ଉନ୍ନତି ସାଧିତ ହୋଇଥିଲା । ବଙ୍ଗଦେଶରେ ଠିକାକୁ ଚୃଡ଼ିଲ ଅନୁମନ୍ଦଣ ହୋଇଥିବାର କଥିତ ଅଛି ।

ଅଲିବର୍ଦ୍ଦି ଖାଁ—ସୁଜାଉଦ୍ଦୀନ ୧୭୩୯ ଖ୍ରୀଷ୍ଟାବ୍ଦରେ ଶରୀର ତ୍ୟାଗ କଲେ । ସର୍ଫରାଜ ଖାଁ ବଙ୍ଗ, ବେହାର ଓ ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ ହେଲେ । କିନ୍ତୁ ନହିଁ ଅର ବର୍ଷ ସର୍ଫରାଜଙ୍କୁ ପରାସ୍ତ କରି ଅଲିବର୍ଦ୍ଦି ଖାଁ ବଙ୍ଗଦେଶର ସିଂହାସନ ଅଧିକାର କଲେ । ତଦନନ୍ତର ସେ ଓଡ଼ିଶାର ସହକାରୀ ଶାସନକର୍ତ୍ତା ମୁର୍ଶିଦ କୁଲିଙ୍କି ଓଡ଼ିଶା ଶାସନଭାର ତ୍ୟାଗ କରିବା ସକାଶେ ଆଦେଶ ଦେଲେ । ସେଥିରେ ମୁର୍ଶିଦ ଅସ୍ୱୀକୃତ ହେବାରୁ, ଅଲିବର୍ଦ୍ଦି ୧୨ ହଜାର ଲୋକ ଘେନି ତାଙ୍କ ବିରୁଦ୍ଧରେ ଓଡ଼ିଶା ଦିଗକୁ ଯାତ୍ରା କଲେ । ମୁର୍ଶିଦ କୁଲି ଖୋର୍ଦ୍ଧା ରାଜା ବୀରକିଶୋର ଦେବଙ୍କଠାରୁ ସାହାଯ୍ୟ ଲଭିଥିଲେ । ବାଲେଶ୍ୱର ଉତ୍ତରରେ ମୁର୍ଶିଦ ପରାଭୂତ ହେଲେ ଓ ଜାହାଜରେ ଚଢ଼ି ମଛଲିପଟନକୁ ଗମନ କଲେ । ତଦନନ୍ତର ଅଲିବର୍ଦ୍ଦି କଟକଠାକୁ ଆସି ସଏଦ ଅହମ୍ମଦଙ୍କୁ ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ କଲେ । ସେତେବେଳକୁ ଦିଲ୍ଲୀର ସମ୍ରାଟ୍ ନିତାନ୍ତ କ୍ଷମତାହୀନ ହୋଇଥିଲେ । ଅଲିବର୍ଦ୍ଦିଙ୍କ କାର୍ଯ୍ୟରେ କୌଣସି ଆପତ୍ତି ଉତ୍ଥାପନ କରିବାକୁ ପୁଣ୍ଡା ତାଙ୍କର ବିଶେଷ କ୍ଷମତା ନ ଥିଲା । ଓଡ଼ିଶାର ନୂତନ ଶାସନକର୍ତ୍ତା ସଏଦ ଅହମ୍ମଦ ଲୋକଙ୍କରେ ଅପ୍ରିୟ ହୋଇ ଓଡ଼ିଶାରେ ବନ୍ଦୀଭୂତ ହେଲେ । ବଖର ଖାଁ ନାମକ ଆଉ ଜଣେ ମୁସଲମାନ ଓଡ଼ିଶାର ଶାସନଭାର ଗ୍ରହଣ କଲେ । ଅଲିବର୍ଦ୍ଦି ସେ

Digitized by srujanika@gmail.com

ସମସ୍ତ ଗୁଣ୍ଡା କୋପାନ୍ତ ହୋଇ ବର୍ଗୀରଙ୍କୁ ଆସି ପରାସ୍ତ କଲେ ଓ ଓଡ଼ିଶାର ଶାସନଭାର ମହମ୍ମଦ ମାସୁମଙ୍କ ହସ୍ତରେ ଅର୍ପିତ ହେଲା ।

**ମରହଟ୍ଟା ଆକ୍ରମଣ ଓ ମରହଟ୍ଟାଙ୍କର ଓଡ଼ିଶା ଲାଭ**—ଅଲିବର୍ଦ୍ଦି ତଦନନ୍ତର ସ୍ୱୀୟ ରାଜଧାନୀକି ପ୍ରତ୍ୟାଗତ ହୋଇ ଓଡ଼ିଶା ଜୟଲବ୍ଧଜନିତ ଆମୋଦ ପ୍ରମୋଦରେ ନିଯୁକ୍ତ ଥିବା ସମୟରେ ସହସା ମରହଟ୍ଟାମାନେ ୧୭୪୧ ମସିହାରେ ଓଡ଼ିଶା ଦେଇ ବଙ୍ଗଳା ଆକ୍ରମଣ କଲେ । ବର୍ଦ୍ଧମାନ ନିକଟରେ କେତେକ ଥର ଯୁଦ୍ଧ ଘଟିଲା । ମରହଟ୍ଟା ସେନାପତି ଭାସ୍କର ପଣ୍ଡିତ ଦଶଲକ୍ଷ ଟଙ୍କା ଚୌଥ* ଓ ଅଲିବର୍ଦ୍ଦିଙ୍କର ସମସ୍ତ ହସ୍ତୀ ମାଗିଲେ । ଅଲିବର୍ଦ୍ଦି ଦେବାପାଇଁ ଅସ୍ୱୀକାର କରିବାରୁ ମରହଟ୍ଟାମାନେ ବଙ୍ଗ ଅବରୋଧ ଓ ଓଡ଼ିଶାର ଶାସନକର୍ତ୍ତାଙ୍କୁ ବଧ କଲେ । ଶେଷକୁ ୧୭୪୨ ଖ୍ରୀଷ୍ଟାବ୍ଦରେ ମରହଟ୍ଟାମାନେ ପରାଭୂତ ହୋଇ ତାଡ଼ିତ ହେଲେ ।

ଅବଦୁଲ ରସୁଲ ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ ହେଲେ (୧୭୪୨) । ଅନନ୍ତର ରଘୁଜୀ ଭୋନ୍‌ସଲେ ସ୍ୱୟଂ ଆସି ବଙ୍ଗଦେଶ ଆକ୍ରମଣ କଲେ । ଓଡ଼ିଶା ବଳପୂର୍ବକ ଅଧିକାର କରି ମିର ହବୀବ ନାମକ ଜଣେ ମୁସଲମାନ ସୈନ୍ୟାଧ୍ୟକ୍ଷଙ୍କ ହସ୍ତରେ ଓଡ଼ିଶାର ଶାସନଭାର ଦେଇ ନାଗପୁର ପ୍ରସ୍ଥାନ କଲେ (୧୭୪୫) ।

ମୀର୍ଜାଫର ୧୭୪୭ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରୁ ମରହଟ୍ଟା ଓ ଅଫଗାନମାନଙ୍କୁ ତଡ଼ିଦେବା ସକାଶେ ନିଯୁକ୍ତ ହେଲେ, କିନ୍ତୁ ସେ କୃତକାର୍ଯ୍ୟ ହୋଇ ପାରିଲେ ନାହିଁ । ତଦନନ୍ତର ଅତାଉଲାଙ୍କ ହସ୍ତରେ ସେହି ଭାର ଅର୍ପିତ ହେଲା । ବର୍ଦ୍ଧମାନ ନିକଟରେ ସେ ମରହଟ୍ଟାଙ୍କ ସଙ୍ଗେ ଯୁଦ୍ଧରେ ପ୍ରବୃତ୍ତ ହେଲେ । ସ୍ୱୟଂ ଅଲିବର୍ଦ୍ଦି ମଧ୍ୟ ମରହଟ୍ଟାଙ୍କ ସଙ୍ଗେ ଯୁଦ୍ଧ କରି ସେମାନଙ୍କୁ ବାରମ୍ବାର ପରାସ୍ତ କଲେ । କିନ୍ତୁ ମରହଟ୍ଟାଏ ତ ସମ୍ମୁଖ ଯୁଦ୍ଧରେ ଅଗ୍ରସର ହେଉ ନ ଥିଲେ । ଲୁଚି ଲୁଚି ମଧ୍ୟେ ମଧ୍ୟେ ଲୁଣ୍ଠନକାରୀଙ୍କ ପରି ଶତ୍ରୁଙ୍କୁ ଆକ୍ରମଣ କରୁଥିଲେ । ସେଥିରେ ସେମାନଙ୍କୁ ସମ୍ୟକ୍‌ରୂପେ ପରାଭବ କରିବା ଦୁଷ୍କର କାର୍ଯ୍ୟ ଥିଲା । ମରହଟ୍ଟାଏ ବର୍ଦ୍ଧମାନ ନିକଟରେ ବାରମ୍ବାର ପରାଭୂତ ହୋଇ ମୋଗଲବିରୋଧୀ ବେହାର ଅଫଗାନଙ୍କ ସଙ୍ଗେ ମିଳିତ ହେଲେ । ଅବଶେଷରେ ୧୭୫୦ ଖ୍ରୀଷ୍ଟାବ୍ଦରେ ରଘୁଜୀଙ୍କ ପୁତ୍ର ଜାନୋଜୀ କେତେକ ସୈନ୍ୟ ମିର ହବୀବଙ୍କ ନିକଟରେ ରଖି ସ୍ୱଦେଶକୁ ପ୍ରତ୍ୟାଗତ ହେଲେ ।

---

* ରାଜସ୍ୱର ଚତୁର୍ଥାଂଶ; ମରହଟ୍ଟାମାନେ ମୋଗଲଙ୍କଠାରୁ ବାହୁବଳର ଭୟ ଦର୍ଶାଇ ଏ କର ଆଦାୟ କରୁଥିଲେ ।

Digitized by srujanika@gmail.com

ଅବଶେଷରେ ୧୭୪୧ ମସିହାରେ ଅଲିବର୍ଦ୍ଦି ମରହଟ୍ଟାଙ୍କୁ ଦମନ କରିବା ପାଇଁ କଟକ ପର୍ଯ୍ୟନ୍ତ ଆଗମନ କଲେ । ମରହଟ୍ଟାଏ ସମ୍ମୁଖଯୁଦ୍ଧପ୍ରିୟ ନ ଥିଲେ । ସେମାନଙ୍କୁ ଦମନ କରିବାର କୌଣସି ଉପାୟ ଦେଖିଲେ ନାହିଁ । ମରହଟ୍ଟାଙ୍କ ଦୌରାତ୍ମ୍ୟ ଓ ପୌନଃପୁନିକ ଆକ୍ରମଣରେ ବଙ୍ଗଦେଶ ସାତିଶୟ ପ୍ରପୀଡ଼ିତ ହୋଇଥିଲା. ସୁତରାଂ ଅଲିବର୍ଦ୍ଦି ୧୭୫୧ ମସିହାରେ ମରହଟ୍ଟାଙ୍କ ସଙ୍ଗେ ସନ୍ଧି ସ୍ଥାପନ କଲେ । ସେଥିରେ ସ୍ଥିରୀକୃତ ହେଲା ଯେ ବଙ୍ଗଦେଶ ସକାଶେ ବାର ଲକ୍ଷ ଟଙ୍କା ଚଉଥ କର ମରହଟ୍ଟାଏ ପ୍ରାପ୍ତ ହେବେ । ଓଡ଼ିଶାର ରାଜସ୍ୱରୁ ଭୋନ୍‌ସଲା ସୈନ୍ୟଙ୍କର ଅଦତ୍ତ ମୂଳବେତନ ଦତ୍ତ ହେବ । ସୁନାମୁଖୀ (ସମ୍ଭବତଃ ସୁବର୍ଣ୍ଣରେଖା, କେହି ବୋଲନ୍ତି ବୁଢ଼ାବଳଙ୍ଗ ) ନଈ ପାଣିରେ କାନ୍ଧା ସେହି ନଦୀର ଉତ୍ତରବର୍ତ୍ତୀ ପ୍ରଦେଶରେ ମରହଟ୍ଟାମାନେ ପାଦ ନିକ୍ଷେପ କରିବେ ନାହିଁ । ଅହୁରି ମଧ୍ୟ ସନ୍ଧିପତ୍ରର ନିୟମାନୁସାରେ ମରହଟ୍ଟାଙ୍କ ମିତ୍ର ମିର ହବୀବ ବଙ୍ଗୀୟ ନବାବଙ୍କ ନାମମାତ୍ର ଅଧୀନ ହୋଇ ଓଡ଼ିଶାର ଶାସନକର୍ତ୍ତା ପଦରେ ନିଯୁକ୍ତ ହେଲେ । ବାରଲକ୍ଷ ଟଙ୍କା ଚଉଥ ମଧ୍ୟରୁ ଚାରିଲକ୍ଷ ଟଙ୍କା ଓଡ଼ିଶା ରାଜସ୍ୱରୁ ମଧ୍ୟ ଦେବାର ସ୍ଥିର ହୋଇଥିଲା । ମିର ହବୀବ ତଦନୁସାରେ କିଛିକାଳ କାର୍ଯ୍ୟ ଚଳାଇଲେ, ମାତ୍ର ଅଳ୍ପସମୟ ମଧ୍ୟରେ ସେ ନିହତ ହେଲେ । ତଦନନ୍ତର ମସାଲଦ୍ଦୀନଙ୍କ ହସ୍ତରେ ଓଡ଼ିଶାର ଶାସନଭାର ଅର୍ପିତ ହେଲା । ସେ ସମୟକୁ ଓଡ଼ିଶାର ଆଭ୍ୟନ୍ତରିକ ଶାସନରେ ଏପରି ବିପର୍ଯ୍ୟୟ ଘଟନ ହୋଇଥିଲା ଯେ, ମସାଲଦ୍ଦୀନ ବର୍ଷେ କାଳ କୌଣସିରୂପେ ଚଳାଇ ଅବସ୍ଥାକୁ ଚଳାଇବା ବିଷୟରେ ଅକ୍ଷମ ବୋଲି ପ୍ରକାଶ କଲେ । ତଦନନ୍ତର ଓଡ଼ିଶାର ସମ୍ପୂର୍ଣ୍ଣ ଶାସନଭାର ଅଲିବର୍ଦ୍ଦି ମରହଟ୍ଟାଙ୍କ ହସ୍ତରେ ସମର୍ପଣ କଲେ ( ୧୭୫୫-୫୬ )।

ଦେଶର ଅବସ୍ଥା—ଆଫଗାନମାନେ ଓଡ଼ିଶା ଜୟ କଲା ଉତ୍ତାରୁ ମରହଟ୍ଟାଙ୍କ ହସ୍ତକୁ ଯିବା ପର୍ଯ୍ୟନ୍ତ ଓଡ଼ିଶାରେ ଯୁଦ୍ଧ ବିଗ୍ରହ ପ୍ରାୟ ନିରବଚ୍ଛିନ୍ନରୂପେ ଲାଗି ରହିଥିଲା, ସେଥିରେ ଓଡ଼ିଶାବାସୀଏ କୌଣସି ପକ୍ଷରୁ ନିଯୁକ୍ତ ନ ଥିଲେ ସୁଦ୍ଧା ସେମାନଙ୍କୁ ମଧ୍ୟେ ମଧ୍ୟେ ଘୋର ଅଶାନ୍ତି ଭୋଗ କରିବାକୁ ହେଉଥିଲା ।

ଲୋକେ ମଧ୍ୟେ ମଧ୍ୟେ ବର୍ବର ଶାସନକର୍ତ୍ତାଙ୍କ ଦୋଷରୁ ଅନେକ ଅତ୍ୟାଚାର ସହ୍ୟ କରୁଥିଲେ । ତକି ଖାଁଙ୍କ ଶାସନ ସମୟରେ ଲୋକେ ଯେ କି ପର୍ଯ୍ୟନ୍ତ ପ୍ରପୀଡ଼ିତ ହୋଇଥିଲେ, ତାହା ଏଥିପୂର୍ବେ ବର୍ଣ୍ଣିତ ହୋଇଅଛି ।

ମୁସଲମାନମାନଙ୍କ ଶାସନ ସମୟରେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଥିବାର କୌଣସି ନିଦର୍ଶନ ମିଳଇ ନାହିଁ । ଏଥିରୁ ବୋଧ ହୁଏ, ଶସ୍ୟ ଉତ୍ତମରୂପେ ଉତ୍ପନ୍ନ ହେଉଥିଲା ଓ ଲୋକେ ସେ ବିଷୟରେ ନିଶ୍ଚିନ୍ତ ଥିଲେ । ପ୍ରଜାଏ ରାଜସ୍ୱ

Digitized by srujanika@gmail.com

ମଧ୍ୟ ନିୟମିତରୂପେ ଦେଉଥିବାର ପ୍ରତୀୟମାନ ହୁଅଇ । ଯେହେତୁ ଟମସ୍ ସାହେବଙ୍କ ପ୍ରଣୀତ ମୋଗଲସାମ୍ରାଜ୍ୟର ରାଜସ୍ୱସମ୍ବନ୍ଧୀୟ ପୁସ୍ତକରେ ଓଡ଼ିଶାରୁ ବହୁପରିମାଣରେ ରାଜସ୍ୱ ଟଙ୍କା ଅଦାୟ ହେଉଥିବାର ଲକ୍ଷିତ ଅଛି ।

ମୁସଲମାନମାନଙ୍କ ସମୟରେ କି ବଙ୍ଗ କି ଓଡ଼ିଶା ଦୁଇ ଦେଶରେ ବୈଷ୍ଣବଧର୍ମର ଶିଷ୍ୟସଂଖ୍ୟା ବୃଦ୍ଧି ପ୍ରାପ୍ତ ହୋଇଥିଲେ । ଓଡ଼ିଶାରେ ମୁସଲମାନ-ଧର୍ମର ଶିଷ୍ୟତ୍ୱ ହିନ୍ଦୁମାନଙ୍କ ମଧ୍ୟରୁ ଅନେକେ ସ୍ୱୀକାର କରିଥିବାର ବୋଧ ହୁଅଇ ନାହିଁ ।

ବାଣିଜ୍ୟ—ମୁସଲମାନମାନଙ୍କ ରାଜତ୍ୱ ସମୟରେ ଓଡ଼ିଶାରେ ଉତ୍ତମ ଉତ୍ତମ ସୂକ୍ଷ୍ମ ବସ୍ତ୍ରମାନ ପ୍ରସ୍ତୁତ ହେଉଥିଲା । ଇଂରାଜମାନେ ସେହି ବସ୍ତ୍ରର ବିଶେଷ ବ୍ୟବସାୟୀ ଥିଲେ । କାଠ ଓ ଅନ୍ୟାନ୍ୟ ପଦାର୍ଥର ବାଣିଜ୍ୟ ମଧ୍ୟ ସେ ସମୟରେ ପ୍ରଚଳିତ ଥିବାର ସ୍ପଷ୍ଟ ବୋଧ ହୁଅଇ । ମୁସଲମାନମାନେ ବ୍ୟବସାୟ ସାମଗ୍ରୀମାନଙ୍କ ଉପରେ ବିଶେଷ କରମାନ ବସାଣି କରିଥିବାରୁ ବାଣିଜ୍ୟ ଅନେକ ପରିମାଣରେ ହ୍ରାସ ପ୍ରାପ୍ତ ହୋଇଥିଲା । ଏପରି କଥିତ ଅଛି, ମୁସଲମାନମାନେ କେତେ କେତେ ବେଳେ ଆଠଅଣା ମୂଲ୍ୟର ଦ୍ରବ୍ୟ ଉପରେ ଦଶ ଟଙ୍କା ଚାରି ଅଣା ହିସାବରେ କର ଧାର୍ଯ୍ୟ କରିଥିଲେ ।

ଅଫଗାନ ଉପନିବେଶ—ଅଫଗାନମାନେ ଓଡ଼ିଶାରେ ୩୮ ବର୍ଷ କାଳ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ରଖିଥିଲେ । ସେମାନେ ସହଜରେ ଅବନତ ହେବାର ଲୋକ ନ ଥିଲେ । ସବୁବେଳେ ଉଦ୍ଧତ ଓ ଦୁର୍ଦ୍ଦାନ୍ତ, ସେମାନଙ୍କର କ୍ଷମତା ବହୁ ପରିମାଣରେ ଖର୍ବୀକୃତ ହୋଇଥିଲେ ସୁଦ୍ଧା ରାଜ୍ୟଲାଭାକାଙ୍କ୍ଷାରେ ଉନ୍ମତ୍ତ ହୋଇ ପ୍ରବଳ ପରାକ୍ରମୀ ମୋଗଲଙ୍କ ସଙ୍ଗେ ବାରମ୍ବାର ଯୁଦ୍ଧ କରିବାରୁ ସେମାନେ କ୍ଷାନ୍ତ ହୋଇ ନ ଥିଲେ । ଅବଶେଷରେ ସେମାନେ ଯେତେବେଳେ ଚତୁର୍ଦ୍ଦିଗରୁ ନିସ୍ତେଜ ହେଲେ ଓ ମୋଗଲ ସୁବାଦାରମାନେ ସେମାନଙ୍କ ବଳ ହ୍ରାସ କରିବା ପାଇଁ ନାନାବିଧ ଉପାୟ ଅବଲମ୍ବନ କଲେ, ତେତେବେଳେ ସେମାନେ ବାଧ୍ୟ ହୋଇ ବଙ୍ଗ ବେହାର ଓଡ଼ିଶାର ଭିନ୍ନ ଭିନ୍ନ ସ୍ଥାନରେ ଉପନିବେଶ ସଂସ୍ଥାପନ କଲେ । ଆଧୁନିକ ଓଡ଼ିଶାର ମୁସଲମାନମାନେ ପ୍ରାୟ ଅଧିକାଂଶ ପଠାଣ ବା ଅଫଗାନ । ଆଜିକାଲି ଓଡ଼ିଶାର ଚତୁର୍ଦ୍ଦିଗରେ ସେମାନେ ବାସ କରିଥିବା ପରି ବୋଧ ହୁଅନ୍ତି ନାହିଁ । ପୁରୀ ଜିଲ୍ଲାରେ ମୁସଲମାନ ଅଧିବାସିସଂଖ୍ୟା ଅତି ଅଳ୍ପ; କଟକ ଓ ବାଲେଶ୍ୱରରେ ତଦପେକ୍ଷା କିଛି ଅଧିକ । ସେମାନଙ୍କ ମଧ୍ୟରୁ ପୁଣି ଅଧିକାଂଶ ଦୁଃଖୀ । ମୁସଲମାନ ଜମିଦାର କି ଧନୀ ଲୋକ ଓଡ଼ିଶାରେ ଅତି ଅଳ୍ପ ଥିବାର ଦେଖାଯାଏ । ମୁସଲମାନମାନେ ବର୍ତ୍ତମାନ ଓଡ଼ିଶାରେ ଅଧିକାଂଶ କୃଷି



Digitized by srujanika@gmail.com

କର୍ମ କରିବାର ଦୃଷ୍ଟିଗୋଚର ହୁଅଇ ନାହିଁ । ବୋଧ ହୁଏ ସେମାନଙ୍କର ପୈତୃକ ଅଭିମାନ ଅବା ଅଦ୍ୟାପି ସେମାନଙ୍କଠାରେ ବିଦ୍ୟମାନ ଅଛି ! ଏକ ସମୟରେ ଓଡ଼ିଶାର ଗ୍ରାମମାନଙ୍କରେ ଅନେକ ମୁସଲମାନ ବାସ କରୁଥିଲେ । ସପ୍ତଦଶ ଶତାବ୍ଦୀର ପର୍ତ୍ତୁଗିଜ ପରିବ୍ରାଜକଙ୍କର ଓଡିଶା ଭ୍ରମଣବୃତ୍ତାନ୍ତ ଏଥିର ବିଶେଷ ପ୍ରମାଣ ସ୍ଥଳ । ମୁସଲମାନମାନଙ୍କର କୃଷି ଇତ୍ୟାଦି ସୁଲଭ ଓ ଲାଭକର ବୃତ୍ତିମାନଙ୍କରେ ଅମନୋଯୋଗ ସେମାନଙ୍କର ଦୈନ୍ୟଦଶାକୁ ବଢ଼ାଇଅଛି । ସେହି ହେତୁରୁ ମଧ୍ୟ ସେମାନଙ୍କ ସଂଖ୍ୟା କେତେକ ପରିମାଣରେ ଊଣା ହୋଇଅଛି ।

ବଙ୍ଗାଳି ଓ ଅନ୍ୟାନ୍ୟ ଜାତିଙ୍କର ଉପନିବେଶ—ମୁସଲମାନମାନେ ହିନ୍ଦୁଙ୍କୁ ଉଚ୍ଚକାର୍ଯ୍ୟରେ ପ୍ରତିଷ୍ଠିତ କରିବାପାଇଁ ସଙ୍କୁଚିତ ନ ଥିଲେ । ରାଜା ତୋଡରମଲ ଓ ରାଜା ମାନସିଂହଙ୍କୁ ମୋଗଲମାନେ ସୁବାଦାରି କର୍ମରେ ସୁଦ୍ଧା ନିଯୁକ୍ତ କରିଥିଲେ । ପୂର୍ବରେ ଅନେକ ବଙ୍ଗାଳି ଓ ଖୋରଣ୍ଠାମାନେ ମୁସଲମାନ ରାଜଦରବାରରେ ଉଚ୍ଚ ଉଚ୍ଚ କର୍ମମାନ ପ୍ରାପ୍ତ ହେଉଥିଲେ । କାଲ୍ୟମନ ମଲ ଓଡ଼ିଶାର ଶାସନକର୍ତ୍ତା ଓ ଆଉ ଦୁଇଜଣ ବଙ୍ଗାଳି ଓଡ଼ିଶା ଶାସନକର୍ତ୍ତାଙ୍କ ସହକାରୀ ନିଯୁକ୍ତ ହୋଇ ଓଡ଼ିଶାକୁ ଆସିଥିବାର ଇତିପୂର୍ବେ ଲିଖିତ ହୋଇଅଛି । ଏହିରୂପେ ମୁସଲମାନମାନଙ୍କ ନିକଟରେ ଚାକରି କରିବାଯୋଗୁଁ କେତେକ ଖୋରଣ୍ଠା ଓ ବଙ୍ଗାଳି ମୁସଲମାନମାନଙ୍କ ସମୟରେ ମଧ୍ୟ ଓଡ଼ିଶାକୁ ଆସିଥିଲେ । ସେମାନେ ରହିଁ ରହିଁ ଓଡ଼ିଶାରେ ଉପନିବେଶ ସ୍ଥାପନ କଲେ । ଜଗନ୍ନାଥ ଦର୍ଶନ ଯୋଗୁଁ ଓ କୌଣସି କୌଣସି ମୁସଲମାନ ଶାସକଙ୍କ ଅତ୍ୟାଚାରରେ ମଧ୍ୟ ବଙ୍ଗଳାଦେଶରୁ କେତେ ଲୋକ ଓଡ଼ିଶାକୁ ଚାଲି ଆସିଥିଲେ । କେବଳ ଯେ ବଙ୍ଗଦେଶୀୟ ବ୍ରାହ୍ମଣ ଓ କାୟସ୍ଥ ଏ ଦେଶକୁ ଆସି ଉପନିବେଶ ସ୍ଥାପନ କରିଅଛନ୍ତି, ଏମନ୍ତ ନୁହେଁ; ବଙ୍ଗଦେଶୀୟ ଚଷା, ତାମ୍ବୁଲି, ଭଣ୍ଡାରୀ ଓ ଅନ୍ୟାନ୍ୟ କୌଣସି କୌଣସି ହିନ୍ଦୁସମାଜର ନୀଚ ଜାତି ସୁଦ୍ଧା ଓଡ଼ିଶାକୁ ଆସି ବସବାସ ସଂସ୍ଥାପନ କରିଅଛନ୍ତି । ଅମ୍ଭେମାନେ ଅନୁସନ୍ଧାନରୁ ଜାଣିଅଛୁଁ ଯେ କୌଣସି କୌଣସି ସ୍ଥାନରେ ବଙ୍ଗୀୟ ଚଷା ଉତ୍କଳୀୟ ଚଷାଙ୍କ ସଙ୍ଗେ ବିବାହ-ସୂତ୍ରରେ ସଂଯୁକ୍ତ ହୋଇଅଛନ୍ତି ।

ସାଧାରଣ କାର୍ଯ୍ୟ—ମୁସଲମାନମାନଙ୍କର ଗୋଟିକେତେ ମସଜିଦ ବର୍ତ୍ତମାନ ସେମାନଙ୍କ ସାଧାରଣ କାର୍ଯ୍ୟର ଯଥାକଥଞ୍ଚିତ ପରିଚୟ ଦେଉଅଛି । ସେ ସବୁ ମଧ୍ୟରେ କଟକ, ବାଲେଶ୍ବର ଓ ଯାଜପୁରର ଜୁମାମସଜିଦ ଓ କଦମରସୁଲ ପ୍ରଧାନ । ବାରବାଟୀ ଗଡ଼ ମଧ୍ୟରେ ଦିଲ୍ଲୀ ସମ୍ରାଟ ଅହମ୍ମଦସାଙ୍କ ସମୟରେ ନିର୍ମିତ ଗୋଟିଏ ମସଜିଦ ଅଦ୍ୟାପି ବିଦ୍ୟମାନ ଅଛି ।

Digitized by srujanika@gmail.com

ମୁସଲମାନମାନେ ଓଡ଼ିଶାରେ କୌଣସି ବର୍ତ୍ମ ପ୍ରସ୍ତୁତ କରିଥିଲେ କି ନାହିଁ ସେଥିର କୌଣସି ନିଦର୍ଶନ ଅମ୍ଭେମାନେ ପ୍ରାପ୍ତ ହୋଇ ନାହୁଁ । ମୁର୍ଶିଦ କୁଲି ଖାଁ ଓଡ଼ିଶାରୁ ବଙ୍ଗଦେଶ ପର୍ଯ୍ୟନ୍ତ ଡ଼ାକ ଚଳାଉଥିବାର ଲିଖିତ ଅଛି । କିନ୍ତୁ ସେ କିପରି ଡ଼ାକ, ଅମ୍ଭେମାନେ ତାହା ବିଶେଷରୂପେ କହିବାକୁ ଅସମର୍ଥ ।

ଉତ୍କଳ ଭାଷା, ଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା—ଉତ୍କଳ ଭାଷା ଗଙ୍ଗାବଂଶୀୟ ରାଜାଙ୍କ ସମୟରେ ଉତ୍ପନ୍ନ ଓ ଉନ୍ନତ ହେବାକୁ ଆରମ୍ଭ ହୋଇ କ୍ରମେ ସେଥିର ଚର୍ଚ୍ଚା ବିଶେଷରୂପେ ବର୍ଦ୍ଧିତ ହୋଇଥିଲା । ଦେଶୀୟ ଲୋକେ ଅନେକେ କବିତା ଲେଖିବାର ଅଭ୍ୟାସ କରିଥିଲେ । ଅନେକ କବି ମଧ୍ୟ ଖ୍ୟାତନାମା ହୋଇ ଜାତ ହୋଇଥିଲେ । ସୁପ୍ରସିଦ୍ଧ କବି ଉପେନ୍ଦ୍ରଭଞ୍ଜ ଓ ଦୀନକୃଷ୍ଣଦାସ ମୁସଲମାନମାନଙ୍କ ଶାସନ ସମୟରେ ଓଡିଆ ଭାଷାରେ କବିତା ଲେଖିଥିଲେ । ଉପେନ୍ଦ୍ରଭଞ୍ଜ ଦିବ୍ୟସିଂହ ଦେବଙ୍କ ସତେଇଶ ଅଙ୍କରେ 'ରସଲେଖା' ପୁସ୍ତକ ରଚନା କରିଥିଲେ ବୋଲି ଭଣିଅଛନ୍ତି । କୌଣସି ଓଡ଼ିଶା ରାଜାଙ୍କ ୨୭ ଅଙ୍କ ୨୧ ବର୍ଷ ହେଉଅଛି । ଓଡ଼ିଶାର ତିନି ଦିବ୍ୟସିଂହ ରାଜାଙ୍କ ମଧ୍ୟରୁ ପ୍ରଥମ ଦିବ୍ୟସିଂହଙ୍କ (୧୬୯୦ – ୧୭୧୩) ବ୍ୟତୀତ ଆଉ କେହି ଏକୋଇଶ ବର୍ଷ ରାଜତ୍ୱ କରି ନାହାନ୍ତି । ଉପେନ୍ଦ୍ରଭଞ୍ଜ ଗଞ୍ଜାମର ଅନ୍ତଃପାତୀ ଘୁମୁସର ଗଡ଼ର ରାଜା ଥିଲେ । ସେ ୫୨ ଖଣ୍ଡି ଛାନ୍ଦପୋଥି ଓ ଅସଂଖ୍ୟ କ୍ଷୁଦ୍ର କ୍ଷୁଦ୍ର କବିତା ରଚନା କରିଅଛନ୍ତି । ବୈଦେହୀଶବିଳାସ ତାଙ୍କର ଉତ୍କୃଷ୍ଟ କାବ୍ୟ ବୋଲି ଦେଶରେ ପ୍ରସିଦ୍ଧ । ତାଙ୍କ ରଚନାର ଅଧିକାଂଶ ଭାଗ ଅଶ୍ଳୀଳ ଓ ଶବ୍ଦାଡ଼ମ୍ବରରେ ପରିପୂରିତ । ସେ ଭାବ ଅପେକ୍ଷା ଶବ୍ଦଗାମ୍ଭୀର୍ଯ୍ୟର ଅଧିକ ପ୍ରିୟ ଥିଲେ । ଆଧୁନିକ ଭାବପ୍ରିୟ ଶତାବ୍ଦୀକୁ ତାଙ୍କର ଶବ୍ଦାଡ଼ମ୍ବରଯୁକ୍ତ କବିତାଚୟ ରୁଚିସଙ୍ଗତ ହେଉ ନାହିଁ; ମାତ୍ର ଉପେନ୍ଦ୍ରଙ୍କ ପ୍ରଶଂସାରେ ଆହୁରି ପଦେ ବକ୍ତବ୍ୟ ଏହି ଯେ, ସେ ଯେଉଁଠାରେ ସରଳ ବାକ୍ୟମାନ ବ୍ୟବହାର କରି ରଚନା କରିଅଛନ୍ତି, ସେ ସ୍ଥଳମାନ ମଧୁର ଓ ଭାବଯୁକ୍ତ ହୋଇଅଛି । ଫଳତଃ ଉପେନ୍ଦ୍ରଭଞ୍ଜଙ୍କର କବିତ୍ୱଶକ୍ତି ଊଣା ନ ଥିଲା; ମାତ୍ର ସଦ୍‌ରୁଚିର ଅଭାବ ଥିଲା । ଦୀନକୃଷ୍ଣଦାସ ଉପେନ୍ଦ୍ରଭଞ୍ଜଙ୍କର ସମକାଳୀନ ଥିଲେ ବୋଲି ଦେଶରେ ପ୍ରବାଦ ପ୍ରଚଳିତ ଅଛି । ସେ ଜଣେ ବୈଷ୍ଣବ ଥିଲେ । ରସକଲ୍ଲୋଳ ତାଙ୍କର ପ୍ରଧାନ ଗ୍ରନ୍ଥ । ରସକଲ୍ଲୋଳ ପରି ସୁଲଳିତ ରଚନା ଉତ୍କଳ ଭାଷାର ଅନ୍ୟ କୌଣସି ଗ୍ରନ୍ଥରେ ଦୃଷ୍ଟ ହୁଏଇ ନାହିଁ । ମଧ୍ୟ ଦୀନକୃଷ୍ଣଙ୍କ ରଚିତ ଅର୍ଥଜାଣ ପରି ଚଉତିଶା ଉତ୍କଳ ଭାଷାରେ ଅତି ବିରଳ ।

ଗଙ୍ଗାବଂଶୀୟ ରାଜାଙ୍କ ସମୟରୁ ଟୋଲ ମଠର ଅନୁକରଣରେ ଓଡିଆ ଶିକ୍ଷାର ସୁବିଧାର୍ଥ ଗୃହଶାଳୀମାନ ସୃଷ୍ଟ ହୋଇଥିବାର ଅନୁମିତ ହୁଏଇ । ନାୟକ-

Digitized by srujanika@gmail.com

ଶ୍ରେଣୀର ଅସ୍ତିତ୍ୱ ଏ ଅନୁମାନ ପକ୍ଷରେ କେତେକ ଉପଯୋଗୀ ଅଟଇ । ମୁସଲମାନଙ୍କ ସମୟରେ ସମ୍ଭବତଃ ଦେଶର ସ୍ଥଳେ ସ୍ଥଳେ ଗୃହଶାଳା ରୀତି ପ୍ରଚଳିତ ଥିଲା । ମୁସଲମାନଙ୍କ ଅଧିକାର ଉତ୍ତାରୁ ଓଡ଼ିଶାରେ ପାରସୀ ଶିକ୍ଷାର ରୀତି ପ୍ରବର୍ତ୍ତିତ ହୋଇଥିଲା; ଏଥିସକାଶେ ମଖ୍‌ତବ୍‌ଚର୍ଯ୍ୟର ସୃଷ୍ଟି ହୋଇଥିବା ଅନୁମାନ କରିବା ସ୍ୱାଭାବିକ । ସଂସ୍କୃତର ଯେ ଆଲୋଚନା ଶିକ୍ଷିତମଣ୍ଡଳୀଙ୍କ ମଧ୍ୟରେ ବିଶେଷ ପ୍ରଚଳିତ ଥିଲା, ଓଡ଼ିଆ କବିତାଚୟ କେତେ ଅଂଶରେ ତହିଁର ପରିଚୟ ଦେଉଅଛି ।

ବୃତ୍ତିବିଧାନ—ଓଡ଼ିଶାର ହିନ୍ଦୁ ରାଜାଙ୍କ ସମୟରେ ପାଇକ, ଧୋବା, ଭଣ୍ଡାରି, ଚଉକିଆ, କମାର, ନାୟକ ପ୍ରଭୃତି କେତେଗୁଡ଼ିଏ ସେବକଙ୍କର ନିଷ୍କର ବୃତ୍ତି ବିଧାନ ଖଞ୍ଜା ଥିଲା । ମେହେନ୍ତର, ଘାଟମାଝି ପ୍ରଭୃତି ଗୋଟିକେତେ ନୂତନ ନିଷ୍କର ବୃତ୍ତି ମୁସଲମାନମାନେ ସୁଦ୍ଧା ସୃଷ୍ଟି କରିଥିଲେ । ହିନ୍ଦୁ ରାଜାଙ୍କ ଦେବତ୍ର ଓ ବ୍ରହ୍ମତ୍ର ପରି ମୁସଲମାନମାନଙ୍କଦ୍ୱାରା କେତେକ ପୀରୋତ୍ତର ବୃତ୍ତି ଖଞ୍ଜା ହୋଇଥିଲା ।

## ସପ୍ତମ ଅଧ୍ୟାୟ ।

### ମରହଟ୍ଟା ଶାସନ ।

ମହାରାଷ୍ଟ୍ରୀୟ ଭୋଁସଲା ବଂଶର ଅଭ୍ୟୁଦୟ—ସପ୍ତଦଶ ଶତାବ୍ଦୀରେ ମହାରାଷ୍ଟ୍ରୀୟମାନେ ଶିବାଜୀଙ୍କ ଅଧିନାୟକତ୍ୱରେ ଭାରତବର୍ଷରେ ଏକ ପ୍ରଧାନ ହିନ୍ଦୁ ଜାତି ହୋଇ ଉଠିଲେ । ସେମାନେ ବାହୁବଳରେ ଭାରତବର୍ଷର ନାନାସ୍ଥାନ ଜୟ କଲେ । ଭିନ୍ନ ଭିନ୍ନ ସ୍ଥଳରେ କ୍ଷୁଦ୍ର କ୍ଷୁଦ୍ର ମରହଟ୍ଟା ରାଜ୍ୟମାନ ମଧ୍ୟ ସଂସ୍ଥାପିତ ହେଲା । ମଧ୍ୟପ୍ରଦେଶର ନାଗପୁରସ୍ଥ ଭୋନ୍‌ସଲେ ରାଜାମାନେ ଉଲ୍ଲିଖିତ ଅନେକ ମରହଟ୍ଟା ରାଜ୍ୟରୁ ଏକ ରାଜ୍ୟର ଅଧିକାରୀ ଥିଲେ । ଅନ୍ୟାନ୍ୟ କ୍ଷୁଦ୍ର କ୍ଷୁଦ୍ର ମରହଟ୍ଟା ରାଜ୍ୟାଧିପତିଙ୍କ ପରି ଭୋନ୍‌ସଲାମାନେ ମଧ୍ୟ ଏକଦଳ ଲୁଣ୍ଠନକାରୀଙ୍କର ନାୟକ ଥିଲେ । ରଘୁଜୀ ଭୋନ୍‌ସଲା ଭୋନ୍‌ସଲା ବଂଶର ପ୍ରଥମ ରାଜା । ତାଙ୍କର ଚାରି ପୁତ୍ର ଜନ୍ମିଥିଲେ । ଜାନୋଜୀ ଭୋନ୍‌ସଲା ରଘୁଜୀଙ୍କର ଜ୍ୟେଷ୍ଠ-ପୁତ୍ର । ରଘୁଜୀଙ୍କ ମୃତ୍ୟୁ ଉତ୍ତାରୁ ସେ ସିଂହାସନାରୋହଣ କଲେ । ତାଙ୍କ ରାଜତ୍ୱ ସମୟରେ ଓଡ଼ିଶା ମରହଟ୍ଟାରାଜ୍ୟଭୁକ୍ତ ହେଲା । ତାଙ୍କ ମୃତ୍ୟୁ ଉତ୍ତାରୁ ସବାଜୀ (୧୭୭୫) ଓ ରଘୁଜୀ (୧୭୮୮) ନାଗପୁରର ସିଂହାସନରେ ଆରୂଢ଼ ହୋଇ-

Digitized by srujanika@gmail.com

THA GAVESHANA
PRATISHTHAN

ଥିଲେ । ରଘୁଜୀଙ୍କଠାରୁ ଏକ ସନ୍ଧିଦ୍ୱାରା ଇଂରାଜମାନେ ଓଡ଼ିଶା ପ୍ରାପ୍ତ ହୋଇ ଅନନ୍ତର ୧୮୦୩ ମସିହାରେ ସେମାନେ ଏ ପ୍ରଦେଶ ଅଧିକାର କଲେ ।

ଶିବଭଟ୍ଟ ସାନ୍ତ୍ରା—ଅଲିବର୍ଦ୍ଦି ଖାଁଙ୍କଠାରୁ ମରହଟ୍ଟାମାନେ ଯେଉଁରୂପେ ଓଡ଼ିଶା ପ୍ରାପ୍ତ ହେଲେ, ତାହା ଏଥିପୂର୍ବେ ବର୍ଣ୍ଣିତ ହୋଇଅଛି । ଓଡ଼ିଶାର ଶାସନଭାର ପାଇବା ପୂର୍ବରୁ ବଙ୍ଗଦେଶର ଚଉଥ ଆଦାୟ କରିବା ସକାଶେ ମରହଟ୍ଟାମାନେ ଶିବଭଟ୍ଟ ସାନ୍ତ୍ରାଙ୍କୁ ନିଯୁକ୍ତ କରିଥିଲେ । ଓଡ଼ିଶା ରାଜ୍ୟ ସମ୍ପୂର୍ଣ୍ଣରୂପେ ଲଭିଲା ଉତ୍ତାରୁ ଶିବଭଟ୍ଟଙ୍କୁ ମରହଟ୍ଟାମାନେ ଓଡ଼ିଶାର ଶାସନକର୍ତ୍ତୃତ୍ୱର ଭାର ପ୍ରଦାନ କଲେ । ଅଠବର୍ଷ କାଳ ତାଙ୍କ ହସ୍ତରେ ଓଡ଼ିଶାର ଶାସନଭାର ରହିଲା । ସେ ଓଡ଼ିଶା ରାଜସ୍ୱର ପୁନର୍ବନ୍ଦୋବସ୍ତ କଲେ । ଭୂମି ରାଜସ୍ୱ ୧୪ ଲକ୍ଷ ଓ ନାନାପ୍ରକାର କର ଚାରି ଲକ୍ଷ, ଏରୂପେ ୧୮ ଲକ୍ଷ ଅର୍କଟ ମୁଦ୍ରା ଓଡ଼ିଶାର ମୋଟ ରାଜସ୍ୱ ସ୍ଥିରୀକୃତ ହେଲା । କିନ୍ତୁ ଏ ଟଙ୍କା ନିୟମିତରୂପେ କଦାପି ଆଦାୟ ହୋଇଅଛି କି ନାହିଁ ସନ୍ଦେହ । ୧୭୬୧ ଖ୍ରୀଷ୍ଟାବ୍ଦରେ ଗଞ୍ଜାମ ଜିଲାର ଅନ୍ତଃପାତୀ ଖିମିଡ଼ିନାମକ ସ୍ଥାନର ରାଜା ନାରାୟଣଦେବ ଆପଣାକୁ ଖୋରଧା ସିଂହାସନର ଉତ୍ତରାଧିକାରୀ ବିବେଚନା କରି ସସୈନ୍ୟରେ ଖୋରଧାଧିପତି ବୀରକିଶୋର ଦେବଙ୍କ ବିରୁଦ୍ଧରେ ଯୁଦ୍ଧଯାତ୍ରା କଲେ । ବୀରକିଶୋର ପରାଭୂତ ହୋଇ ମରହଟ୍ଟା ସୁବାଦାରଙ୍କର ଆଶ୍ରୟ ନେଲେ । ଶିବଭଟ୍ଟ ଖୋରଧା ରାଜାଙ୍କୁ ସାହାଯ୍ୟ ପ୍ରଦାନ କଲେ । ଅବଶେଷରେ ଖୋରଧା ରାଜଶତ୍ରୁ ନାରାୟଣ ପରାଜିତ ଓ ତାଡ଼ିତ ହେଲେ । ଖୋରଧା ରାଜା ମରହଟ୍ଟାଙ୍କୁ ବିପୁଳ ଅର୍ଥ ଦେବେ ବୋଲି ଅଙ୍ଗୀକାର କରିଥିଲେ, କିନ୍ତୁ ତାଙ୍କ ଶତ୍ରୁ ମରହଟ୍ଟାଙ୍କ ସାହାଯ୍ୟରେ ପରାଭବ ଲଭିଲା ଉତ୍ତାରୁ ସେ ସ୍ୱୀୟ ଅଙ୍ଗୀକୃତ ଟଙ୍କା ମରହଟ୍ଟାଙ୍କୁ ଦେଇ ପାରିଲେ ନାହିଁ । ସୁତରାଂ ଦୟା ନଦୀ ଏବଂ ଚିଲ୍‌କା ହ୍ରଦ ଓ ସମୁଦ୍ର ମଧ୍ୟବର୍ତ୍ତୀ ଲେମ୍ବାଇ, ରହାଙ୍ଗ ଓ ପୁରୁଷୋତ୍ତମଛେତ୍ର ତାଙ୍କ ଅଧୀନସ୍ଥ ଚତୁର୍ଦ୍ଦଶ ଗଡ଼ଜାତର ସ୍ୱତ୍ୱ ସହିତ ମରହଟ୍ଟାଙ୍କ ହସ୍ତରେ ଅର୍ପଣ କଲେ । ନବଲବ୍ଧ ରାଜ୍ୟମାନ ଲାଭଜନକ ନ ହୋଇ ବରଂ ମରହଟ୍ଟାଙ୍କୁ ଅଧିକ ବିବାଦ ବିସମ୍ବାଦରେ ଜଡ଼ିତ କଲା । କରଦ ଗଡ଼ଜାତ ରାଜାମାନେ ଧାରାବାହିକରୂପେ କର ନ ଦେଇ ବାରମ୍ବାର ଯୁଦ୍ଧରେ ପ୍ରବୃତ୍ତ ହେଲେ । ସେହି କ୍ଷୁଦ୍ର ଯୁଦ୍ଧମାନଙ୍କରେ କେତେବେଳେ ମରହଟ୍ଟା ସୈନ୍ୟଙ୍କୁ ମଧ୍ୟ ପରାଭବ ଲଭିବାକୁ ହେଉଥିଲା । ସମୁଦ୍ରକୂଳବର୍ତ୍ତୀ ମାହାଲମାନ ମରହଟ୍ଟାଙ୍କ ଅମିଲ ବା ଗୁମାସ୍ତାଏ ଭୁଞ୍ଜୁଥିଲେ । ଖୋରଧା ରାଜାଙ୍କ ଲୋକେ ଆସି ସେ ମାହାଲମାନଙ୍କରେ ଉପଦ୍ରବ କରିବାକୁ ସୁଦ୍ଧା କୁଣ୍ଠା କରୁ ନ ଥିଲେ । ଶିବଭଟ୍ଟ ଏହିରୂପେ ୮ ବର୍ଷ କାଳ

Digitized by srujanika@gmail.com

ଓଡ଼ିଶାରେ ମରହଟ୍ଟା ଶାସନ କାର୍ଯ୍ୟ ଚଳାଇ ଅକସ୍ମାତ୍ ୧୭୬୪ ଖ୍ରୀଷ୍ଟାବ୍ଦରେ ଶାସନକର୍ତ୍ତୃତ୍ୱରୁ ବିଚ୍ୟୁତ ହେଲେ ।

ଚିମନା ସାହୁ ଓ ଉଦେପୁର ଗୋସ୍ୱାମୀ—ମରହଟ୍ଟାଙ୍କ ଶାସନ ଓଡ଼ିଶାରେ କୌଣସି ବିଶେଷ ନିୟମାଧୀନ ହୋଇ ଚଳୁ ନ ଥିଲା । ନାଗପୁରରେ ଭୋନ୍‌ସଲମାନେ ଆପଣାର ଇଚ୍ଛାମତେ କାହାକୁ କେତେବେଳେ ଯେ ଓଡ଼ିଶାର ଶାସନକାର୍ଯ୍ୟର ଭାର ପ୍ରଦାନ କରୁଥିଲେ, ସେଥିର ମଧ୍ୟ କୌଣସି ନିଶ୍ଚୟତା ନ ଥିଲା । ଚିମନା ସାହୁ ଓ ଉଦେପୁର ଗୋସ୍ୱାମୀ ୧୭୬୪ ଖ୍ରୀଷ୍ଟାବ୍ଦରେ ହଠାତ୍ ଓଡ଼ିଶାର ଶାସନଭାର ପ୍ରାପ୍ତ ହେଲେ । ସେମାନେ ଶିବଭଟ୍ଟଙ୍କୁ ତଡ଼ିଦେଇ କିଛିକାଳ ଓଡ଼ିଶା ଭୋଗ କଲେ, ପୁଣି କାଳିଆ ପଣ୍ଡିତନାମକ ଆଉ ଜଣେ ଭୋନ୍‌ସଲଙ୍କଦ୍ୱାରା ଓଡ଼ିଶାର ଶାସନକର୍ତ୍ତା ନିଯୁକ୍ତ ହେଲେ । ଇତି ମଧ୍ୟରେ ଶିବଭଟ୍ଟ ଓଡ଼ିଶାର ଖଣ୍ଡାଏତ ରାଜାଙ୍କ ସଙ୍ଗେ ସମ୍ମିଳିତ ହୋଇ ବିଦ୍ରୋହାଗ୍ନି ପ୍ରଜ୍ୱଳିତ କଲେ । ବିଦ୍ରୋହନିବାରଣାର୍ଥ ମରହଟ୍ଟା ସୈନ୍ୟମାନେ ଆସି ଓଡ଼ିଶାରେ ନାନାପ୍ରକାର ଦୌରାତ୍ମ୍ୟ ଆରମ୍ଭ କଲେ । ଭବାନୀ ପଣ୍ଡିତ ନାଗପୁର ଭୋନ୍‌ସଲଙ୍କଦ୍ୱାରା ୧୭୭୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରୁ ପୁଣି ସ୍ୱଦେଶକୁ ଆହୂତ ହେଲେ ।

ଶମ୍ଭୁଜୀ ଗଣେଶ—ଭବାନୀ ପଣ୍ଡିତଙ୍କ ଉତ୍ତାରୁ ଶମ୍ଭୁଜୀ ଗଣେଶ ଓଡ଼ିଶାର ସୁବାଦାର ନିଯୁକ୍ତ ହେଲେ । ସେ ଜଣେ ପ୍ରସିଦ୍ଧ ପ୍ରଜାକଣ୍ଟକ ଶାସନକର୍ତ୍ତା ଥିଲେ । ଓଡ଼ିଶା ମଧ୍ୟରେ ନାନାପ୍ରକାର କର ପ୍ରଚଳିତ କଲେ ଓ ଅନେକ ନିଷ୍କର ଭୂମିକୁ ସକର କଲେ; ମଧ୍ୟ ଯେଉଁସବୁ ଭୂମି ନିଷ୍କରରୂପେ ତାଙ୍କଦ୍ୱାରା ରକ୍ଷିତ ହୋଇଥିଲା, ସେସବୁ ଭୂମିର ଅଧିକାରୀମାନେ ମରହଟ୍ଟା ସୈନ୍ୟରକ୍ଷାର ବ୍ୟୟ ଯୋଗାଇବା ନିକଟରେ ଆବଦ୍ଧ ହେଲେ; ମରହଟ୍ଟାମାନଙ୍କ ଦୌରାତ୍ମ୍ୟରେ ପ୍ରଜାଙ୍କର ପୀଡ଼ା ଓ କ୍ଳେଶର ସୀମା ରହିଲା ନାହିଁ । ଦେଶର ଧନଧାନ୍ୟ ସମସ୍ତ ଏକପ୍ରକାର ସେ ସମୟରେ ଲୋପକୁ ଲଭିଥିଲା ବୋଇଲେ ଅତ୍ୟୁକ୍ତି ହୁଏ ନାହିଁ । ଯେପରି ବିଶୃଙ୍ଖଳ ଶାସନ ଦେଶରେ ପ୍ରଚଳିତ ହୋଇଥିଲା, ପ୍ରାଣିବିନାଶ, ଦୁର୍ଭିକ୍ଷଘଟନ ଓ ରାଜ୍ୟବିପ୍ଳବ ଯେ ସେଥିର ଶେଷଫଳ ହେଲା, ଏକଥା କହିବା ବାହୁଲ୍ୟ ମାତ୍ର । ମଧ୍ୟ ଶମ୍ଭୁଜୀ ଗଣେଶଙ୍କ ଶାସନର ଶେଷଭାଗକୁ ( ୧୭୭୦।୭୧ ଖ୍ରୀଷ୍ଟାବ୍ଦରେ ) ଏକ ଭୟଙ୍କର ଦୁର୍ଭିକ୍ଷ ଓଡ଼ିଶାରେ ପଡ଼ିଥିଲା । ସେଥିରେ ଶତ ଶତ ଗ୍ରାମ ଜନଶୂନ୍ୟ ଓ ସହସ୍ର ସହସ୍ର ମନୁଷ୍ୟ ହତପ୍ରାଣ ହେବାକୁ ବାଧ୍ୟ ହୋଇଥିଲେ; ଟଙ୍କାକୁ ୨ ସେର ଚାଉଳ ମିଳିବା କଷ୍ଟକର ହୋଇଥିଲା । ସେ ଦୁର୍ଭିକ୍ଷ ବଙ୍ଗଦେଶରେ ମଧ୍ୟ ସେହି ସମୟରେ ଅତି

Digitized by srujanika@gmail.com

ପ୍ରବଳତାର ସହିତ ଉପସ୍ଥିତ ହୋଇଥିଲା । ଅନନ୍ତର ୧୭୦୨ ମସୀହାରେ ବାବାଜୀ ନାମକ ଆଉ ଜଣେ ଓଡ଼ିଶାର ମରହଟ୍ଟା ଶାସନକର୍ତ୍ତା ନିଯୁକ୍ତ ହେଲେ ।

ବାବାଜୀ ଓ ମାଧୋଜୀ ହରି—ବାବାଜୀ ଓଡ଼ିଶାର ସୁବାଦାର ଥିବା ସମୟରେ ସାବାଜୀ ଭୋନ୍‌ସଲା ନାଗପୁର ସିଂହାସନରେ ଅଧିରୂଢ଼ ହେଲେ । ସାବାଜୀ ରାଜା ହୋଇ ମାଧୋଜୀ ହରି ନାମକ ତାଙ୍କର ଜଣେ ପ୍ରିୟବ୍ୟକ୍ତିକି କଟକର ସୁବାଦାର କରି ପଠାଇଲେ । ମାଧୋଜୀ ଆସି ବାବାଜୀଙ୍କି କାରାରୁଦ୍ଧ କଲେ; ଇତିମଧ୍ୟରେ ସାବାଜୀ ଭୋନ୍‌ସଲାଙ୍କ ମୃତ୍ୟୁ ସଂଘଟିତ ହେଲା । ନୂତନ ନାଗପୁର ରାଜପ୍ରତିନିଧି ମାଧୋଜୀଙ୍କି ପଦଚ୍ୟୁତ କରି ବାବାଜୀଙ୍କି ପୁନର୍ବାର ତାଙ୍କ ପଦରେ ନିଯୁକ୍ତ କଲେ; କିନ୍ତୁ ନାଗପୁର ରାଜଦରବାରରେ ବାବାଜୀଙ୍କର ଅନେକେ ବିରୋଧୀ ଥିଲେ, ସେମାନେ ତାଙ୍କୁ ସୁବାଦାର ହେବାକୁ ଦେଲେ ନାହିଁ; ମାଧୋଜୀ ସୁତରାଂ ସୁବାଦାରୀ ପଦରେ ସ୍ଥିରୀକୃତ ହେଲେ; ପୁଣି ତାଙ୍କ ସୁବାଦାରୀ ସମୟରେ (୧୭୭୭) ଓଡ଼ିଶାରେ ଏକ ବିଷମ ଦୁର୍ଭିକ୍ଷ ଘଟିଥିଲା । ଦଶପଣ କଉଡ଼ିକି ସେରେ ଚାଉଳ ମିଳିବାର ଦୁର୍ଘଟ ହୋଇଥିଲା । ଏକେ ମରହଟ୍ଟାଙ୍କ ପ୍ରପୀଡ଼ନରେ ଲୋକେ ଜର୍ଜରିତ ହୋଇ ରହିଥିଲେ; ସେଥିରେ ପୁଣି ଦୁର୍ଭିକ୍ଷ ଉପରେ ଦୁର୍ଭିକ୍ଷ ! ଏହି ୧୭୭୭ ମସୀହା ଦୁର୍ଭିକ୍ଷରେ ମରହଟ୍ଟାମାନେ ଓଡ଼ିଶାର ୭ ଲକ୍ଷ ଟଙ୍କା ରାଜସ୍ୱ ଛାଡ଼ି ଦେଇଥିବାର କଥିତ ଅଛି ।

ରାଜାରାମ—ଅନନ୍ତର ୧୭୭୯ ମସୀହାରେ ରାଜାରାମ ପଣ୍ଡିତ ନାମକ ଏକ ବ୍ୟକ୍ତି ଓଡ଼ିଶାର ଶାସନଭାର ପ୍ରାପ୍ତ ହେଲେ । ସେ ବହୁକାଳରୁ ନାଏବ ସୁବାଦାର ପଦରେ ଅଧିଷ୍ଠିତ ଥିଲେ । ଦେଶର ଅବସ୍ଥା, ବନ୍ଦୋବସ୍ତ ଓ ଅନ୍ୟାନ୍ୟ ବିଷୟରେ ତାଙ୍କର ବିଶେଷ ଅଭିଜ୍ଞତା ଥିଲା । ତାଙ୍କର ସୁନିର୍ମଳ ଚରିତ୍ର ଓ କାର୍ଯ୍ୟପଟୁତା ଯୋଗୁଁ ସମସ୍ତେ ତାଙ୍କ ପ୍ରତି ସ୍ନେହ କରୁଥିଲେ । ପୂର୍ବ ଦେଶର ରାଜସ୍ୱ ବଂଶାନୁକ୍ରମେ ଚଉଧୁରୀ ଓ କାନନଗୋଇଙ୍କ ଦ୍ୱାରା ଯେପରି ଆଦାୟ କରିହେଉଥିଲା, ରାଜାରାମ ସେ ପ୍ରଥା ରହିତ କରି ସରକାରୀ ମନୁଷ୍ୟଙ୍କ ଦ୍ୱାରା ରାଜସ୍ୱ ଆଦାୟ କରିବାର ଆରମ୍ଭ କଲେ । ଖୋରଧାରାଜା ବୀରକିଶୋରଦେବ ଉନ୍ମାଦରୋଗଗ୍ରସ୍ତ ହୋଇ, ଆପଣାର ଚାରି ପୁତ୍ରଙ୍କର ପ୍ରାଣ ବିନାଶ କରି ମରହଟ୍ଟାଙ୍କ ଦ୍ୱାରା କାରାରୁଦ୍ଧ ହୋଇଥିବାର କଥିତ ଅଛି । ଆହୁରି ମଧ୍ୟ ବର୍ଣ୍ଣିତ ଅଛି ଯେ ମରହଟ୍ଟାମାନେ ତାଙ୍କ ପୁତ୍ର ଦିବ୍ୟସିଂହଙ୍କଠାରୁ ବାର୍ଷିକ ଦଶସହସ୍ର ସିକାଟଙ୍କା ନେବାର ଅଙ୍ଗୀକାର କରାଇ ତାଙ୍କୁ ଖୋର୍ଦ୍ଧା ଗାଦିରେ ବସାଇଥିଲେ । କିନ୍ତୁ ଅଙ୍ଗୀକୃତ ଟଙ୍କା ଦିବ୍ୟସିଂହଙ୍କଠାରୁ ନିୟମିତରୂପେ ଆଦାୟ କରିବା ବଡ଼ କଷ୍ଟକର କାର୍ଯ୍ୟ ହୋଇଥିଲା । ବିନା ଯୁଦ୍ଧରେ ଖୋର୍ଦ୍ଧା ରାଜା କର ଦେବାର ଲୋକ ନ ଥିଲେ; ସେ ସମସ୍ତର

Digitized by srujanika@gmail.com

ଖୋର୍ଦ୍ଧା ରାଜାମାନେ ଅପେକ୍ଷାକୃତ ହୀନବଳ ହୋଇଥିଲେ ସୁଦ୍ଧା, ମରହଟ୍ଟା ଫଉଜଦାରଙ୍କର ଅନାୟାସରେ ସମକକ୍ଷ ହୋଇ ପାରୁଥିଲେ । ରାଜାରାମ ପଣ୍ଡିତଙ୍କୁ ଖୋର୍ଦ୍ଧାରାଜା ଓ ଅନ୍ୟାନ୍ୟ ଗଡ଼ଜାତ ରାଜାଙ୍କଠାରୁ ଅଙ୍ଗୀକୃତ ଓ ବାର୍ଷିକ କର ଆଦାୟ କରିବା ସକାଶେ ବହୁବ୍ୟୟ ସ୍ୱୀକାର କରିବାକୁ ହେଉଥିଲା । ୧୭୮୧ ଖ୍ରୀଷ୍ଟାବ୍ଦରେ ବେରାର ରାଜାଙ୍କର ଇଂରାଜଙ୍କ ସଙ୍ଗେ ଯେଉଁ ସନ୍ଧି ସଂସ୍ଥାପିତ ହୋଇ-ଥିଲା, ସେଥିରେ ମରହଟ୍ଟାଙ୍କ ପକ୍ଷରୁ ରାଜାରାମ ଉପସ୍ଥିତ ଥିଲେ ।

ମରହଟ୍ଟା କ୍ଷମତା ଓ ଇଂରାଜଙ୍କର ଓଡ଼ିଶାଲାଭ—ରାଜାରାମ ଶାସନକର୍ତ୍ତୃତ୍ୱ ପଦରୁ ଅବସୃତ ହେଲା ଉତ୍ତାରୁ ତାଙ୍କ ପୁତ୍ର ସଦାଶିବ ରାଓ ଓଡ଼ିଶାର ଶାସନ-କର୍ତ୍ତା ହୋଇଥିଲେ । କିନ୍ତୁ ଚିମ୍ନାଜୀ ଶୁକଦେବ ଓ ବାରବାଟୀ କିଲ୍ଲାର ଅଧ୍ୟକ୍ଷ ବାଲାଜୀ କନର୍ଓ୍ୱାର ଏକ ପ୍ରକାର ସମସ୍ତ ଶାସନ କାର୍ଯ୍ୟ ଚଳାଉଥିଲେ । ସେମାନଙ୍କ ଉତ୍ତାରୁ ଅନ୍ୟ କୌଣସି ମରହଟ୍ଟାଙ୍କୁ ଓଡ଼ିଶା ଶାସନ କରିବାକୁ ହୋଇ ନ ଥିଲା ।

ଇଂରାଜମାନେ ଇତି ମଧ୍ୟରେ ବାଲେଶ୍ୱର ଓ ହୁଗୁଳୀ ନଦୀରେ ବାଣିଜ୍ୟ କରୁଁ କରୁଁ ୧୭୫୭ ଖ୍ରୀଷ୍ଟାବ୍ଦରେ ପଲାସୀ ଯୁଦ୍ଧ ଜୟ କରି ବଙ୍ଗ ବେହାରରେ ଆଧିପତ୍ୟ ଲାଭ କରିଥିଲେ । ଦାକ୍ଷିଣାତ୍ୟର କିୟଦଂଶ ସୁଦ୍ଧା ସେମାନଙ୍କର ହସ୍ତଗତ ହୋଇଥିଲା । ହାଇଦର ଅଲି ଓ ମହୀଶୂରରାଜା ଇଂରାଜଙ୍କର ବର୍ଦ୍ଧିତ କ୍ଷମତା ଦର୍ଶନ କରି ଦାକ୍ଷିଣାତ୍ୟ ନିଜାମଙ୍କ ସହିତ ବଙ୍ଗଦେଶ ଆକ୍ରମଣ କରିବାକୁ ଉଦ୍ୟତ ହୋଇଥିଲେ । ବେରାରର ମହାରାଷ୍ଟ୍ରୀୟ ରାଜା ମଧ୍ୟ ଇଂରାଜଙ୍କ ବିରୁଦ୍ଧରେ ଅସ୍ତ୍ରଚାଳନା କରିବା ସକାଶେ ଉପସ୍ଥିତ ହୋଇଥିଲେ । କିନ୍ତୁ ସୁଚତୁର ଇଂରାଜମାନେ ମହାରାଷ୍ଟ୍ରୀୟଙ୍କ ସହିତ ସନ୍ଧିସ୍ଥାପନ କରି, ସେମାନଙ୍କଠାରୁ ମାସିକ ଏକ ଲକ୍ଷ ଟଙ୍କା ଖର୍ଚ୍ଚ ନେଇ, ଦୁଇସହସ୍ର ଅଶ୍ୱାରୋହୀ ସୈନ୍ୟ ସାହାଯ୍ୟ ସ୍ୱରୂପ ଦେଇ ଶତ୍ରୁଦଳକୁ ଅନାୟାସରେ ପରାଭବ କରିଥିଲେ । ଉଲ୍ଲିଖିତ ମରହଟ୍ଟାଙ୍କ ସଙ୍ଗେ ଯେଉଁ ସନ୍ଧି ହୋଇଥିଲା, ସେଥିରେ ମହାରାଷ୍ଟ୍ରୀୟଙ୍କ ପକ୍ଷରୁ ରାଜାରାମ ପଣ୍ଡିତ ଉପସ୍ଥିତ ଥିଲେ । ମହୀଶୂର ରାଜା ଇଂରାଜଙ୍କଦ୍ୱାରା ପରାଭୂତ ହେଲେ ଦେଖି ନାଗପୁରାଧିପତି ଇଂରାଜଙ୍କୁ ହୀନବଳ କରିବା ସକାଶେ ଉଦ୍‌ଯୋଗୀ ହେଲେ । ସେହି ଅଭିପ୍ରାୟ ସାଧନକରଣାର୍ଥ ନାଗପୁରର ରଘୁଜୀ ସିନ୍ଧିୟାଙ୍କ ସହିତ ସମ୍ମିଳିତ ହେଲେ । କିନ୍ତୁ ଦୁର୍ଭାଗ୍ୟବଶତଃ ରଘୁଜୀ ଓ ସିନ୍ଧିୟା ଅବଶେଷରେ ଏସାଇ ଓ ଅର୍ଗୋନର ଯୁଦ୍ଧରେ ପରାଭୂତ ହେଲେ । ମଧ୍ୟ ବେରାର ରାଜାଙ୍କର ସୁପ୍ରସିଦ୍ଧ ଗୋଇଲଘର ନାମକ ଦୁର୍ଗ ଇଂରାଜଙ୍କଦ୍ୱାରା ଅଧିକୃତ ହେଲା । ତଦନନ୍ତର ରଘୁଜୀ ହୀନବଳ ହୋଇ ଦେବଗ୍ରାମର ପ୍ରସିଦ୍ଧ ସନ୍ଧିରେ ଇଂରାଜଙ୍କୁ ଓଡ଼ିଶା ପ୍ରଦେଶର ଅଧିକାର

Digitized by srujanika@gmail.com

ପ୍ରଦାନ କରି ସେଥିରେ ସମ୍ମତି ଦାନ କଲେ । ଯେଉଁ ଓଡ଼ିଶାର ସମ୍ପୂର୍ଣ୍ଣ ରାଜସ୍ୱ ଦେଇ ଗ୍ରହଣ କରିବା ସକାଶେ ଇଂରାଜମାନେ ଏକଶସମୁଦ୍ଧିତ ଉଦ୍ୟୋଗ କରି ବିଫଳ ହୋଇଥିଲେ, ବର୍ତ୍ତମାନ ସେହି ଓଡ଼ିଶାର ଅବଶିଷ୍ଟ ଅଧିକାଂଶ ଇଂରାଜମାନେ ବାହୁବଳଦ୍ୱାରା ଅନାୟାସରେ ଲଭିବାକୁ ସମର୍ଥ ହେଲେ ।

ମରହଟ୍ଟା ଅତ୍ୟାଚାର—ଓଡ଼ିଶାରେ ମରହଟ୍ଟାଙ୍କ ଶାସନ ସମୟକୁ ଅତ୍ୟାଚାର ଓ ଅରାଜକତାର ସମୟ କୋଇଲେ ଅତ୍ୟୁକ୍ତି ହୁଅନ୍ତ ନାହିଁ । ଓଡ଼ିଆମାନେ ଅର୍ଦ୍ଧଶତ ବର୍ଷ ପୃଥିବୀକୁ ଘୋର ଦୁଃଖର କାହାଣୀ ଶୁଣାଇବାପାଇଁ ମରହଟ୍ଟାଙ୍କ ନିଷ୍ଠୁର ଶାସନର ଅଧୀନ ହୋଇଥିଲେ । କେବଳ ଲୋକଙ୍କଠାରୁ ଅର୍ଥ ଶୋଷଣ କରିବା ମରହଟ୍ଟା ଶାସନର ଗୂଢ଼ ଉଦ୍ଦେଶ୍ୟ ଥିଲା । ଆଜି ଏକ ଗ୍ରାମ ମରହଟ୍ଟା ଅଶ୍ୱାରୋହମାନେ ଲୁଣ୍ଠନ କରୁଥିଲେ ତ, କାଲି ସ୍ଥାନାନ୍ତରରୁ ସେମାନେ ସର୍ବସ୍ୱ ଅପହରଣ କରୁଥିଲେ । ସେମାନଙ୍କ ଶାସନକାଳରେ ଓଡ଼ିଶା ଏପରି ଛନ୍ନଛିନ୍ନପର୍ଯ୍ୟସ୍ତ ଓ ବିଶୃଙ୍ଖଳ ଅବସ୍ଥାରେ ଅବସ୍ଥିତ ହୋଇଥିଲା ଯେ, ସମାଜବନ୍ଧନ ସ୍ଥିର ହୋଇ ରହିଥିବା ବିଷୟରେ କେହି କେହି ଅଦ୍ୟାବଧି ଆଶ୍ଚର୍ଯ୍ୟ ବୋଧ କରନ୍ତି । ଓଡ଼ିଶାର ବୃଦ୍ଧଲୋକଙ୍କ ନିକଟରୁ ବର୍ତ୍ତମାନ ଏପରି ଶୁଣାଯାଏ ଯେ, ସପ୍ତାହକାଳ ଏକ ହାଣ୍ଡିରେ ରନ୍ଧନ କରି ଖାଇବା ଓଡ଼ିଶାର ବୃଦ୍ଧଲୋକଙ୍କ ପକ୍ଷରେ ଅସମ୍ଭବ ବିଷୟ ହୋଇଥିଲା । ମରହଟ୍ଟାଙ୍କ ଅତ୍ୟାଚାରରେ ଓଡ଼ିଶାପ୍ରଜାଙ୍କ ଅନେକ ଥର ବନ ପର୍ବତ ଆଡ଼କୁ ପଳାଇ ଯିବାପାଇଁ ବାଧ୍ୟ ହେବାକୁ ହୋଇଥିଲା ।

ରାଜସ୍ୱପ୍ରଣାଳୀ ଓ ଫଉଜଦାରୀ ଶାସନ—ମୋଗଲମାନଙ୍କର ଯେପରି ରାଜସ୍ୱ ଆଦାୟର ବନ୍ଦୋବସ୍ତ ହୋଇଥିଲା, ସେଥିରେ ମରହଟ୍ଟାମାନେ ଅଳ୍ପ କିଛି ପରିବର୍ତ୍ତନ ଘଟାଇଥିବାର ଜଣାଯାଏ । କଟକ, ଭଦ୍ରକ, ସୋରୋ ଓ ବାଲେଶ୍ୱର ଏହିପରି ଚାରି ଚକଲାରେ ମରହଟ୍ଟାମାନେ ଓଡ଼ିଶାକୁ ଭାଗ କରିଥିଲେ । ପ୍ରତ୍ୟେକ ପ୍ରଗଣା ତାଲୁକ ଚୌଧୁରୀ, ତାଲୁକ କାନୁନଗୋ ଭୂଲଏଗୀ, ତାଲୁକ କାନୁନଗୋ, ତାଲୁକ ସଦର କାନୁନଗୋ, ତାଲୁକ ମକଦ୍ଦମ ଏହି ପାଞ୍ଚ ଜଣଙ୍କ ଏଥିମଧ୍ୟରୁ ଦୁଇ ତିନି ବିଭାଗରେ ବିଭକ୍ତ ହୋଇଥିଲା । ପ୍ରତ୍ୟେକ ଚକଲାରେ ଜଣେ ଲେଖାଏ ଆମିଲ ନିଯୁକ୍ତ ହୋଇଥିଲେ । ସେମାନେ ତାଙ୍କମାନଙ୍କ ଅଧୀନ ଚକଲାମାନଙ୍କର ରାଜସ୍ୱ ଆଦାୟ କରି ସରକାରରେ ପଠାଉଥିଲେ । ସେମାନଙ୍କ ହସ୍ତରେ ରାଜସ୍ୱ, ଦେବାନୀ ଓ ଫଉଜଦାରୀ ସବୁ କାର୍ଯ୍ୟର ଭାର ଥିଲା । ଆମିଲମାନେ ସ୍ୱୟଂ ଜାନକାର ନାମଧେୟ ନିଷ୍କର ଭୂମି ପ୍ରାପ୍ତ ହୋଇ ସେଥିର ଆୟରୁ ଆପଣା ଆପଣାର ବ୍ୟୟ ଚଳାଉଥିଲେ । ଆମିଲଙ୍କ ଅଧୀନରେ ସଦର କାନୁନଗୋଇ ଓ ସଦର କାନୁନଗୋଇଙ୍କ ଅଧୀନରେ ଓ ପ୍ରତି ପ୍ରଗଣାରେ

Digitized by srujanika@gmail.com

ଗୁମାସ୍ତା ଓ ଗ୍ରାମ୍ୟ କାନୁନଗୋଇମାନେ ନିଯୁକ୍ତ ଥିଲେ । ଉଲ୍ଲିଖିତ ସମସ୍ତ କର୍ମଚାରୀ ପ୍ରାୟ ବଙ୍ଗାଳି ଓ କେହି କେହି ଅବା ଖୋଟ୍ଟା କାୟସ୍ଥ ଥିଲେ । ଗୁମାସ୍ତାଙ୍କ ଅଧୀନରେ କରଣ ଜାତୀୟ ମୋହରିରମାନେ ନିଯୁକ୍ତ ଥିଲେ । କଣ୍ଟକାଲ ଉପରୁ ରାଜାରାମ ପଣ୍ଡିତଙ୍କ ଦ୍ୱାରା ସଦର କାନୁନଗୋଇପଦ ଉଠାଇ ଦିଆଯାଇଥିଲା । ଅମିଲମାନେ ରୟତଙ୍କ ସଙ୍ଗେ ରାଜସ୍ୱ ବନ୍ଦୋବସ୍ତ କରିବାକୁ ଚେଷ୍ଟା କରି ସେଥିର ହିସାବ ସରକାରଙ୍କୁ ଦେଉଥିଲେ । ମାତ୍ର ମଫସଲିମାନଙ୍କର ଜାଗୀର ନାମକ ନିଷ୍କର ଭୂମିରେ ହସ୍ତକ୍ଷେପ କରୁ ନ ଥିଲେ । ମୋଟ ଭୂମିର ରାଜସ୍ୱ ୧୪୪୦୦୦୦ ଟଙ୍କା ଥିବାର ଧାର୍ଯ୍ୟ ହୋଇଥିଲା । ଏ ଛଡ଼ା ସାଇକର ଓ ଅନ୍ୟାନ୍ୟ ନାନାପ୍ରକାର ଅନ୍ୟାୟ କରଦ୍ୱାରା ରାଜସ୍ୱର ଜମା ବୃଦ୍ଧି କରାଯାଉଥିଲା; କିନ୍ତୁ ନିୟମିତରୂପେ ରାଜସ୍ୱ ଓ ଅନ୍ୟାନ୍ୟ କରମାନ ଆଦାୟ ହେଉଥିବାର ପ୍ରମାଣ ମିଳେ ନାହିଁ । ଇଂରାଜମାନଙ୍କ ଆଗମନର ପୂର୍ବବର୍ଷ ୧୨ ଲକ୍ଷ ଟଙ୍କା ମାତ୍ର ଭୂମିରାଜସ୍ୱ ଆଦାୟ ହୋଇଥିବାର କଥିତ ଅଛି । ପୁଣି ଦେଶରେ ଯେଉଁ ଅତ୍ୟାଚାର, ଲୁଣ୍ଠନ ଓ ଦଣ୍ଡମାନ ପ୍ରଚଳିତ ହୋଇଥିଲା, ସେଥିରେ ଦେଶୀୟଲୋକେ ନିତାନ୍ତ ଦୈନ୍ୟଦଶାକୁ ଲଭିଥିଲେ । ସେ ଅବସ୍ଥାରେ ଅନେକ ଲୋକଙ୍କର ରାଜସ୍ୱ ଦେବାର କ୍ଷମତା ପୂର୍ଣ୍ଣ ଲୁପ୍ତ ହୋଇଥିଲା ।

ମୁସଲମାନଙ୍କ ରାଜତ୍ୱ ସମୟରୁ ଓଡ଼ିଶାରେ କେତେକେତେ ଜମିଦାରଙ୍କ ପଦ ବୃତ୍ତିଧାରୀ ଲୋକେ ସୃଷ୍ଟ ହୋଇଥିଲେ । ମରହଟ୍ଟାଙ୍କ ସମୟରେ ମଧ୍ୟ କେହି କେହି ଜମିଦାରୀ ସନନ୍ଦ ପାଇଥିଲେ । କିନ୍ତୁ ସେ ଜମିଦାରଙ୍କର ଭୂମିରେ ବିଶେଷ ସ୍ୱତ୍ୱ ସ୍ଥିର ନ ଥିଲା, କଟକ ଅନ୍ତଃପାତୀ ଝଙ୍କଡ଼ ପ୍ରଗଣାର ଜମିଦାରଙ୍କୁ ବାରମ୍ବାର ଜମିଦାରୀ ପଦରୁ ଚ୍ୟୁତ କରି ତାଙ୍କର ଯେଉଁ ଦୁର୍ଦ୍ଦଶା ଘଟାଇଥିଲେ, ସେଥିରୁ ଉକ୍ତ ବିଷୟ ସ୍ପଷ୍ଟ ପ୍ରମାଣ ହୁଅଇ । ଜଗନ୍ନାଥଦେବଙ୍କୁ ମରହଟ୍ଟାମାନେ ଏକ ବଡ଼ ତାଲୁକ ଖଞ୍ଜି ଦେଇଥିଲେ । ଦେଶରେ ବର୍ତ୍ତମାନ ଥିବା ନାନା ମଠମାନଙ୍କ ମଧ୍ୟରୁ କୌଣସି କୌଣସି ମଠକୁ ମରହଟ୍ଟାମାନେ ମଧ୍ୟ କିଛି କିଛି ଭୂମି ଖଞ୍ଜି ଦେବାର ଆଜ୍ଞା ଦେଇଥିଲେ ।

ମରହଟ୍ଟାଙ୍କର ପ୍ରକୃତ କୌଣସି ଉତ୍କୃଷ୍ଟ ଦେବାନୀ କି ଫୌଜଦାରୀ ଶାସନ ପ୍ରଚଳିତ ଥିବାର ବୋଧ ହେଉ ନାହିଁ । ତାହା ଥିଲେ ଦେଶ ମଧ୍ୟରେ ଯେଉଁ ଅସଂଖ୍ୟ ଅସଂଖ୍ୟ ଦୁର୍ବୃତ୍ତ ଅତ୍ୟାଚାରମାନ ଅଚରିତ ହୋଇଥିଲା, ସେମାନ ସେ ପରିମାଣରେ କଦାପି ହୋଇ ନ ଥାନ୍ତା । ଅମିଲମାନେ ଫୌଜଦାରୀ ବିଚାରର ହାକିମ ଥିଲେ; ଖୁଣ ଡକାଇତି ମକଦ୍ଦମା ସୁଦ୍ଧା ସେମାନେ ବୁଝୁଥିଲେ । କ୍ଷୁଦ୍ର କ୍ଷୁଦ୍ର ଅପରାଧମାନ ବିଚାରାର୍ଥ ଜମିଦାରଙ୍କ ହସ୍ତରେ ଅର୍ପିତ ହୋଇଥିଲା ।

Digitized by srujanika@gmail.com

ସେ ସମୟରେ ପଞ୍ଚାଏତ ବସାଇ କେତେ ପ୍ରକାର ମାମଲା ବିଚାର ହେଉଥିଲା । ସହର କାନଗୋଇମାନେ ସମସ୍ତ ପଞ୍ଚାଏତର ଅଧ୍ୟକ୍ଷ ବା ଗୋଷ୍ଠିପତି ନିଯୁକ୍ତ ହେଉଥିଲେ ।

ସାଧାରଣ କାର୍ଯ୍ୟ—ମରହଟ୍ଟାଏ ଦେଶ ମଧ୍ୟରେ ନାନାପ୍ରକାର ଅତ୍ୟାଚାର ଓ ଲୋକଙ୍କ ଉପରେ ଚକୁଣୀ ଦଣ୍ଡ, ଘୋଡ଼ା ଦଣ୍ଡ ଇତ୍ୟାଦି ବସାଇ ସେମାନଙ୍କୁ ପ୍ରପୀଡ଼ିତ କରୁଥିବା ସଙ୍ଗେ ସଙ୍ଗେ ସେମାନେ କେତେକ ସାଧାରଣ କାର୍ଯ୍ୟ ପ୍ରତି ମଧ୍ୟ କିଛି କିଛି ମନୋଯୋଗ ପ୍ରଦର୍ଶନ କରିଥିଲେ । ଖଟଯୋଗୀ ବନ୍ଧ ଓ ବାରବାଟୀ ଦୁର୍ଗର ବିଶେଷ ସଂସ୍କାର ସାଧନ କରିଥିଲେ । ଦେଶର ଭିନ୍ନ ଭିନ୍ନ ସ୍ଥାନରେ ସେତୁ ନିର୍ମାଣ ଓ ବାପୀ ଜଳାଶୟାଦି ଖନନ ବିଷୟରେ କେତେକ ଟଙ୍କା ମରହଟ୍ଟାଏ ବ୍ୟୟ କରିଥିଲେ ।

ବାଣିଜ୍ୟ—ମରହଟ୍ଟାଙ୍କ ଅତ୍ୟାଚାରରେ ଦେଶ ମଧ୍ୟରେ ବାଣିଜ୍ୟ ଏକ ପ୍ରକାର ଲୁପ୍ତ ହୋଇଥିଲା ବୋଇଲେ ହୁଏ । ଇଂରାଜମାନେ ସେ ସମୟରେ ଓଡ଼ିଶାର ପ୍ରଧାନ ବ୍ୟବସାୟୀ ଥିଲେ । ସେମାନଙ୍କ ବାଣିଜ୍ୟକୋଠିମାନ ଓଡ଼ିଶାରେ ମରହଟ୍ଟା ଅତ୍ୟାଚାରରୁ ବାହୁବଳଦ୍ୱାରା ରକ୍ଷିତ ହୋଇଥିଲା । ଅନ୍ୟମାନେ ମରହଟ୍ଟା ଅତ୍ୟାଚାରରେ ପ୍ରପୀଡ଼ିତ ହୋଇ ପଳାଇ ଯାଇ ଇଂରାଜ କୋଠିସବୁରେ ଇଂରାଜଙ୍କ ସାହାଯ୍ୟରେ ଆପଣା ଆପଣାର ବ୍ୟବସାୟ ଚଳାଉଥିଲେ ।

ଉପନିବେଶୀ ବଙ୍ଗାଳୀ ଓ ଖୋରଠାଙ୍କର ଓଡ଼ିଶାରେ ଉପନିବେଶ ସ୍ଥାପନ ସୂତ୍ରପାତ ହେବା ବିଷୟ ଏଥିପୂର୍ବେ ବର୍ଣ୍ଣନା କରିଅଛୁଁ । ମରହଟ୍ଟାଙ୍କ ସମୟ ସରକି ସେମାନେ କାର୍ଯ୍ୟକୁଶଳ ଓ ପ୍ରଚଳିତ ବିଦ୍ୟାଶିକ୍ଷାରେ ସୁନିପୁଣ ହୋଇଥିଲେ । ବାଲେଶ୍ୱର, ଯାଜପୁର ପ୍ରଭୃତିରେ ନିଯୁକ୍ତ ଥିବା ଉଚ୍ଚ ମରହଟ୍ଟା କର୍ମଚାରୀମାନେ ପ୍ରାୟ ସମସ୍ତେ ବଙ୍ଗାଳୀ ଓ ଖୋରଠା ଥିଲେ । ମାଇସ୍ବରସ୍ତ ଗୌରାଙ୍ଗ ରାୟ ନାମକ ଜଣେ ଉପନିବେଶୀ ବଙ୍ଗାଳୀ ମରହଟ୍ଟାଙ୍କ ଶାସନ ସମୟରେ ନାଗପୁର ରାଜାଙ୍କର ପ୍ରିୟପାତ୍ର ଓ ସୁତରାଂ ଓଡ଼ିଶାରେ ବିଶେଷ କ୍ଷମତାଶାଳୀ ହୋଇଥିବାର କଥିତ ଅଛି । ମରହଟ୍ଟା ଶାସନ କୌଣସି କୌଣସି ମରହଟ୍ଟାଙ୍କୁ ମଧ୍ୟ ଓଡ଼ିଶାରେ ଉପନିବେଶ ସ୍ଥାପନ କରିବା ସକାଶେ ପ୍ରଲୁବ୍ଧ କରିଥିଲା ।

ଉତ୍କଳ ଗ୍ରନ୍ଥକାର ଓ ଜ୍ଞାନଚର୍ଚ୍ଚା—ମରହଟ୍ଟାଶାସନର ପ୍ରାରମ୍ଭରେ ଓଡ଼ିଶାର ଅନ୍ୟତର ଏକ ମହତ୍ ଲୋକ ଖ୍ୟାତନାମା ହୋଇଥିଲେ । କଟକ ଜିଲ୍ଲାର ଅନ୍ତଃପାତୀ ବାଲିଆ ମୌଜାର ସାମନ୍ତ ଅଭିମନ୍ୟୁ ସାମନ୍ତସିଂହାର ସୁଲଳିତ ଛାନ୍ଦରେ ଉତ୍କଳ କବିତାଦେବୀଙ୍କ ଦ୍ୱାର ଉଦ୍‌ଘାଟନ କରିଥିଲେ । ବିଦଗ୍ଧ ଚିନ୍ତାମଣି ଅଭିମନ୍ୟୁଙ୍କର ପ୍ରଧାନ ଗ୍ରନ୍ଥ । ଉତ୍କଳ ଭାଷାରେ ମଧ୍ୟ ଏହା ଖଣ୍ଡିଏ

Digitized by srujanika@gmail.com

ଉତ୍କୃଷ୍ଟ କାବ୍ୟ । ଅଭିମନ୍ୟୁଙ୍କ ଉତ୍ଥାନ ସମୟରୁ ଅନେକ ଉତ୍କଳ କବିତା ରଚିତ ହୋଇଥିଲା । ଦେଶର ନୀଚଶ୍ରେଣୀୟ ଲୋକେ ମଧ୍ୟ ଉତ୍ତମ କବିତା ରଚନା କରି ଶିଖିଥିଲେ । ସେଥି ମଧ୍ୟରୁ ଶ୍ୟାମା ଧୀବରର କପଟପଶା ଖଣ୍ଡିଏ ନମୁନା ପୁସ୍ତିକା; ମଧ୍ୟ ଅଭିମନ୍ୟୁଙ୍କ ସମୟରୁ ଉତ୍କଳ ସଙ୍ଗୀତ ଓ ଗୀତ କେତେକ ପରିମାଣରେ ରଚିତ ହୋଇଥିଲା ।

ଦେଶର ଅନ୍ୟାନ୍ୟ ଅନୁନ୍ନତି ସତ୍ତ୍ବେ ଦେଶରେ ବିଦ୍ୟାଶିକ୍ଷାର ବ୍ୟାଘାତ ମଧ୍ୟ ମରହଟ୍ଟାଙ୍କ ସମୟରେ ଘଟିଥିବାର ପ୍ରତୀତ ହୁଏ । ହିନ୍ଦୁ ରାଜାଙ୍କ ଶାସନ ସମୟରେ ସ୍ତ୍ରୀଶିକ୍ଷାର ଯେଉଁ ସୂତ୍ରପାତ ଓଡ଼ିଶାରେ ହୋଇଥିଲା, ମରହଟ୍ଟାଙ୍କ ଅତ୍ୟାଚାର ବହୁପରିମାଣରେ ତାହାର ଗତିରୋଧ କରିଥିଲା । ଦେଶୀୟ ଲୋକେ ବିଦ୍ୟାଶିକ୍ଷା ପ୍ରତି ବିଶେଷ ମନୋଯୋଗ ଦେବାର ସୁବିଧା ପାଉ ନ ଥିଲେ । କେହି କେହି ବହୁ କଷ୍ଟ ସ୍ୱୀକାର କରି ଫାରସୀ ଇତ୍ୟାଦି ପଢ଼ୁଥିଲେ । ଚାଟଶାଳୀଶିକ୍ଷା ଅତି ମୃଦୁ ମନ୍ଦ ଗତିରେ ଚାଲୁଥିଲା ।

ଦେଶର ଦୁରବସ୍ଥା ଓ ଦୁର୍ଭିକ୍ଷ—ପ୍ରତିଭାଶାଳୀ ଓଡ଼ିଆମାନେ ହିନ୍ଦୁ-ରାଜାଙ୍କ ସମୟରେ ଶିଳ୍ପକାର୍ଯ୍ୟ, ପୋତଚାଳନ, ବିଦ୍ୟାଶିକ୍ଷା, ରାଜନୀତି ପ୍ରଭୃତି ଭିନ୍ନ ଭିନ୍ନ ବିଷୟରେ ଯେଉଁ ଉନ୍ନତିମାନ ସାଧନ କରିଥିଲେ, ମୁସଲମାନମାନଙ୍କ ଦୌରାତ୍ମ୍ୟ ଓ ମରହଟ୍ଟାଙ୍କର ଅଭୂତପୂର୍ବ ଅତ୍ୟାଚାରରେ ସେମାନେ ସେ ସବୁରୁ ରହିତ ହୋଇ ଏକପ୍ରକାର ହତବୁଦ୍ଧି ହୋଇଥିଲେ ଓ ସେମାନଙ୍କର ଉନ୍ନତି ଆଶାରେ ଜଳାଞ୍ଜଳି ଦେଇଥିଲେ ।

ମରହଟ୍ଟାଶାସନ ସମାଜବନ୍ଧନରେ ଏପରି ଶିଥିଳତା ଘଟାଇଥିଲା ଓ ଲୋକଙ୍କ ଚରିତ୍ରକୁ ଏପରି ଦୂଷିତ କରିଥିଲା ଯେ, ଅଳ୍ପକାଳ ମଧ୍ୟରେ ଓଡ଼ିଶା କରଣ ଓ ମହାନାୟକ ପ୍ରଭୃତିଙ୍କ ଘରେ ଗେଠା ଓ ଉପକବେଣୀ କାୟସ୍ଥଙ୍କ ଘରେ ଗୋଲାମ ହୋଇ ଦୁଇଶ୍ରେଣୀ ଦାସ ଓଡ଼ିଶାରେ ଉଦ୍ଭୂତ ହେଲେ । ବଙ୍ଗ ପ୍ରଭୃତି ଦେଶରେ ଏପରି ଦାସଶ୍ରେଣୀ ଥିବାର ଦେଖାଯାଏ ନାହିଁ ।

ମରହଟ୍ଟାଙ୍କ ଶାସନ ସମୟରେ ଦୁଇଥର ଘୋର ଦୁର୍ଭିକ୍ଷ ଓଡ଼ିଶାରେ ଘଟିଥିଲା । ଏକେ ମରହଟ୍ଟା ଅତ୍ୟାଚାର, ସେଥିରେ ପୁଣି ଦୁର୍ଭିକ୍ଷ । ସହସ୍ର ସହସ୍ର ଲୋକ ଅନାହାରରେ କ୍ଲିଷ୍ଟ ହୋଇ କାଳକବଳରେ ପତିତ ହୋଇଥିଲେ । ଲୋକଙ୍କର ଦୁର୍ଦ୍ଦଶାର ପରାକାଷ୍ଠା ହୋଇଥିଲା ।

Digitized by srujanika@gmail.com

# ଅଷ୍ଟମ ଅଧ୍ୟାୟ ।

## ଇଂରାଜ ଶାସନ ।

ଇଂରାଜଙ୍କଦ୍ୱାରା ଓଡ଼ିଶା ଅଧିକାର—ଭାରତବର୍ଷକୁ ଇଂରାଜମାନେ ପ୍ରଥମେ ବାଣିଜ୍ୟ କରିବାପାଇଁ ଆଗମନ କରି ସେମାନଙ୍କର ବାହୁବଳ ଓ କୌଶଳଦ୍ୱାରା ଅବଶେଷରେ ସେହି ଭାରତବର୍ଷକୁ ଅଧିକୃତ ରାଜ୍ୟରେ ପରିବର୍ତ୍ତିତ କଲେ ।

ଓଡ଼ିଶାକୁ ପ୍ରଥମେ ସେମାନେ ବାଣିଜ୍ୟାର୍ଥ ଆସି ଅବଶେଷରେ ଦେବଗ୍ରାମ ସନ୍ଧିରେ ନାଗପୁର ରାଜାଙ୍କଠାରୁ କିରୂପେ ଓଡ଼ିଶା ପ୍ରାପ୍ତ ହେଲେ ତାହା ପୂର୍ବ ଦୁଇ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ।

"କଟକ ପ୍ରଦେଶ, ବାଲେଶ୍ୱର ପ୍ରଦେଶ ଓ ତନ୍ମଧ୍ୟ ବନ୍ଦରମାନଙ୍କର ଚିରାଧିପତ୍ୟ" ଇଂରାଜମାନେ ଦେବଗ୍ରାମ ସନ୍ଧିରେ ପ୍ରାପ୍ତ ହୋଇ ଓଡ଼ିଶା ଜୟ କରିବାପାଇଁ ଅତ୍ୟନ୍ତ ଉଦ୍‌ବିଗ୍ନ ହେଲେ । ତେତେବେଳେ ବଙ୍ଗଳାରେ ମାର୍କ୍ୱିସ୍ ଅବ୍ ଓଏଲେସ୍‌ଲି (୧୭୯୮-୧୮୦୫) ଗବର୍ଣ୍ଣର ଜେନେରଲ୍ ଥିଲେ । ଓଡ଼ିଶା ଅଧିକାର କରିବା ସକାଶେ ଗଞ୍ଜାମଠାରୁ କର୍ଣ୍ଣେଲ ହାର୍କୋର୍ଟଙ୍କ ନାୟକତ୍ୱରେ ସୈନ୍ୟ ପ୍ରେରିତ ହେଲା । ମେଲଭିଲ ସାହେବ ସମସ୍ତ କାର୍ଯ୍ୟର ବନ୍ଦୋବସ୍ତ କରିବା ସକାଶେ କର୍ଣ୍ଣେଲ ହାର୍କୋର୍ଟଙ୍କ ସଙ୍ଗେ କମିଶନର ନିଯୁକ୍ତ ହୋଇ ଆସିଲେ । ୧୮୦୩ ଖ୍ରୀଷ୍ଟାବ୍ଦ ସେପ୍‌ଟେମ୍ବର ମାସ ୮ ତାରିଖ ଦିନ ଇଂରାଜ ସୈନ୍ୟ ଗଞ୍ଜାମ ତ୍ୟାଗ କଲେ । ସୈନ୍ୟମାନେ ସମୁଦ୍ର ଓ ଚିଲିକା ହ୍ରଦ ମଧ୍ୟ ଦେଇ ଓଡ଼ିଶା ଆଡ଼କୁ ଗତି ବିସ୍ତାର କଲେ । ୧୫ ତାରିଖ ସେପ୍‌ଟେମ୍ବରରେ ସେମାନେ ମାଣିକପଟ୍ଟନରେ ପହଞ୍ଚିଲେ ଓ ମାଣିକପଟ୍ଟନ ବିନା ଯୁଦ୍ଧରେ ଇଂରାଜଙ୍କର ହସ୍ତଗତ ହେଲା । ଚିଲ୍କା ହ୍ରଦର ମୁଖକୁ ସୈନ୍ୟମାନେ ଦୁଇଦିନରେ ପାର ହେଲେ । ସେଠାରେ ଫତେ ମହମ୍ମଦ ନାମକ ଜଣେ କର୍ମଚାରୀଙ୍କଠାରୁ ଇଂରାଜମାନେ ବିସ୍ତର ସାହାଯ୍ୟ ପ୍ରାପ୍ତ ହୋଇଥିଲେ; ସୁତରାଂ ତାଙ୍କୁ ମାଲୁଦ ମାହାଲ ନିଷ୍କରରେ ଭୋଗ କରିବାପାଇଁ କୃତଜ୍ଞତାର ଚିହ୍ନସ୍ୱରୂପ ଇଂରାଜମାନେ ପ୍ରଦାନ କଲେ । ସେହି ମାସର ୧୮ ତାରିଖ ଦିନ ଇଂରାଜ ସିପାହୀମାନେ ପୁରୀଠାରେ ଉପସ୍ଥିତ ହେଲେ । ଓଡ଼ିଶାର ବ୍ରାହ୍ମଣ ଓ ଦେବାଳୟଚୟ ପ୍ରତି ଅତ୍ୟାଚାର ନ କରି ଉଚିତ ସମ୍ମାନ ପ୍ରଦର୍ଶନ କରିବା ନିମନ୍ତେ କର୍ଣ୍ଣେଲ ହାର୍କୋର୍ଟ ପ୍ରଭୃତି ଲର୍ଡ ଓଏଲେସଲିଙ୍କଦ୍ୱାରା ଆଦିଷ୍ଟ ହୋଇଥିଲେ । ସୁତରାଂ ଇଂରାଜ ସୈନ୍ୟ ପୁରୀଠାରେ ପହଞ୍ଚି ଦେବାଳୟ

Digitized by srujanika@gmail.com

ସେବକମାନଙ୍କୁ ଅହ୍ୱାନ କରି ସାଧୁଭାବରେ ସେମାନଙ୍କୁ ସମସ୍ତ ବୁଝାଇ ଦେଲେ । ସେବକମାନେ ସବୁ ଶ୍ରବଣ କରି ଇଚ୍ଛାପୂର୍ବକ ଦେଉଳକୁ ଇଂରାଜଙ୍କ ହସ୍ତରେ ଅର୍ପଣ କଲେ । ପୁରୀଠାରେ ମନ୍ଦିର ଓ ମନ୍ଦିରମଧ୍ୟସ୍ଥିତ ସମ୍ପତ୍ତିଚୟର ରକ୍ଷଣାବେକ୍ଷଣାର୍ଥ କେତେକ ହିନ୍ଦୁ ସିପାହୀଙ୍କି ରଖି ଅବଶିଷ୍ଟ ସୈନ୍ୟ ସହିତ କର୍ଣ୍ଣେଲ୍ ହାର୍କୋର୍ଟ ଓ ମେଲଭିଲ କଟକ ଦିଗକୁ ମୁଖ ଫେରାଇଲେ । ପୁରୀଠାରୁ କଟକପର୍ଯ୍ୟନ୍ତ ବର୍ତ୍ମ ସେ ସମୟରେ ନିତାନ୍ତ ଦୁର୍ଗମ, ପଙ୍କିଳ ଓ ଜଳମୟ ଥିଲା; ସୁତରାଂ ୨୦ ତାରିଖ ସେପ୍ଟେମ୍ବରରେ ସୈନ୍ୟମାନେ ପୁରୀରୁ ବାହାରି ୧୦ ତାରିଖ ଅକ୍ଟୋବର ଦିନ କଟକରେ ପହଞ୍ଚିଲେ । ମରହଟ୍ଟା ସୈନ୍ୟସଂଖ୍ୟା ଇଂରାଜ ସୈନ୍ୟଙ୍କ ଅପେକ୍ଷା ଅଧିକ ଥିଲା; ତଥାପି ମରହଟ୍ଟାଏ ପରାଭୂତ ହୋଇ ଖୋର୍ଦ୍ଧା ଜଙ୍ଗଲ ମଧ୍ୟକୁ ପଳାୟନ କଲେ । ଇଂରାଜମାନେ କ୍ରମେ କ୍ରମେ କାଠଯୋଡ଼ୀ ନଦୀର ଦକ୍ଷିଣ ପାରରେ ଆସି ଉପସ୍ଥିତ ହେଲେ । ନଈକୂଳରେ ପହଞ୍ଚି ଦେଖିଲେ, ନୌକା କି ନାଉରୀ କେହି ନାହାନ୍ତି । ଅନନ୍ତର ଫତେ ମହମ୍ମଦଙ୍କ ସଙ୍ଗେ ଜଣେ ଯେ ନାଉରୀ ଥିଲା, ସେ ଇଂରାଜ ସେନାଙ୍କୁ ପାରି କରିଦେଲା । ୧୦ ତାରିଖ ଅକ୍ଟୋବର ଦିନ ସେମାନେ କଟକରେ ପ୍ରବେଶ ହେଲେ; ନାୟକମାନେ ଭୟରେ ଝାଙ୍ଗିପର୍ଯ୍ୟନ୍ତ ପଳାଇଲେ । କଟକ ନଗର ବିନା ଯୁଦ୍ଧରେ ଇଂରାଜଙ୍କର ହସ୍ତଗତ ହେଲା । ୧୩ ତାରିଖ ଅକ୍ଟୋବରରେ ବାରବାଟୀ ଦୁର୍ଗକୁ ଇଂରାଜମାନେ ଅବରୋଧ କଲେ । ଦୁର୍ଗାଧିବାସିମାନେ ଅଳ୍ପକ୍ଷଣ ସକାଶେ ଦୁର୍ଗ ରକ୍ଷା କରିଥିଲେ । ଅବଶେଷରେ ଦୁର୍ଗ ମଧ୍ୟଗତ ତୋପମାନ ନିସ୍ତବ୍ଧ ହେଲା । ସେତେବେଳେ ଦୁର୍ଗର ଚତୁର୍ଦ୍ଦିଗ ସୁଦୃଢ଼ ପ୍ରସ୍ତରଗଠିତ ପ୍ରାଚୀରଦ୍ୱାରା ଆବୃତ ଥିଲା । ଜଳପରିପୂର୍ଣ୍ଣ ପରିଃପ୍ରଣାଳୀ ମେଖଳା ପରି ଦୁର୍ଗର ଚତୁର୍ଦ୍ଦିଗକୁ ବେଷ୍ଟନ କରିଥିଲା । କେବଳ ଗୋଟିଏ କ୍ଷୁଦ୍ର ସେତୁ ଦୁର୍ଗଦ୍ୱାରରେ ଶୋଭମାନ ଥିଲା । ଅନନ୍ତର ଇଂରାଜ ସୈନ୍ୟ କିଲ୍ଲା ମଧ୍ୟରେ ପ୍ରବେଶ କଲେ ଓ ଦୁର୍ଗ ଅଧିକୃତ ହେଲା । ବାଲେଶ୍ୱର ନଗର ମଧ୍ୟ ୨୧ ତାରିଖ ସେପ୍ଟେମ୍ବର ଦିନଠାରୁ ମରହଟ୍ଟାଙ୍କ ହସ୍ତରୁ ଇଂରାଜଙ୍କର ହସ୍ତଗତ ହୋଇଥିଲା । ମେଦିନୀପୁର ଅଞ୍ଚଳରୁ ଇଂରାଜଙ୍କ ସୈନ୍ୟଚୟ ଆସି ବାଲେଶ୍ୱର ଅଧିକାର କରିଥିଲେ । ଏହିରୂପେ ଅଳ୍ପାୟାସରେ ସମସ୍ତ ଓଡ଼ିଶା ମାସକ ମଧ୍ୟରେ ଇଂରାଜଙ୍କର ଅଧିକାରଭୁକ୍ତ ହେଲା ।

ଏ ଇତ୍ୟବସରରେ କୁଜଙ୍ଗର ରାଜା ଖୋର୍ଦ୍ଧା ଓ କନିକା ରାଜାଙ୍କ ସଙ୍ଗେ କ୍ଷୁଦ୍ର ପରାକ୍ରାନ୍ତ ଇଂରାଜଙ୍କ ବିରୁଦ୍ଧରେ ଷଡ଼୍‌ଯନ୍ତ୍ର କରୁଥିଲେ । କର୍ଣ୍ଣେଲ ହାର୍କୋର୍ଟ ସେ ବିଷୟ ଅବଗତ ହୋଇ ସସୈନ୍ୟରେ ପଟାମୁଣ୍ଡାଇ ବାଟେ କୁଜଙ୍ଗ ପ୍ରତି ଚଢ଼ାଉ କଲେ । କୁଜଙ୍ଗରାଜା ପଳାଇଗଲେ । ତାଙ୍କର ଜ୍ୟେଷ୍ଠ ଭ୍ରାତା

Digitized by srujanika@gmail.com

( ଯେ କି ବାରବାଟୀରେ ଥିଲେ ) କର୍ଣ୍ଣେଲ ହାର୍କୋର୍ଟଙ୍କଦ୍ୱାରା ମୁକ୍ତ ହୋଇ କୁଜଙ୍ଗ ସିଂହାସନରେ ଅଧିଷ୍ଠିତ ହେଲେ । ମଧ୍ୟ କୁଜଙ୍ଗରେ ଥିବା ସମସ୍ତ ତୋପମାନ ହାର୍କୋର୍ଟ ସାହେବଙ୍କଦ୍ୱାରା କଟକକୁ ଆନୀତ ହେଲା । କନିକା ଓ ହରିଶପୁର ରାଜାଙ୍କୁ ମଧ୍ୟ ସେହିପରି ଦମନ କରି କର୍ଣ୍ଣେଲ ହାର୍କୋର୍ଟ ସେମାନଙ୍କ ଅଧିକାରରେ ଥିବା ସମସ୍ତ ତୋପ କଟକକୁ ନେଇ ଆସିଲେ ।

ମରହଟ୍ଟାମାନେ ବାରମୂଳ ଘାଟଠାରେ ଶେଷ ଚେଷ୍ଟା କରିଥିଲେ । କିନ୍ତୁ ମେଜର ଫରବେସ୍ ସାହେବ ସେମାନଙ୍କୁ ପରାସ୍ତ କଲେ ( ୧୮୦୩, ତା ୨୦ ଲିଖ ନଭେମ୍ବର) । ମେଜର ଫରବେସଙ୍କ ଜୟ ଲାଭରୁ ବୌଦ ଓ ସୋନପୁରର ରାଜାମାନେ ତାଙ୍କ ନିକଟକୁ ଯାଇ ବଶତା ସ୍ୱୀକାର କଲେ । ଇତିମଧ୍ୟରେ ନାଗପୁର ରାଜା ଓ ସିନ୍ଧିୟାଙ୍କ ସଙ୍ଗେ ସନ୍ଧି ସ୍ଥାପିତ ହେଲା; ସୁତରାଂ ଦେଶରେ ଗୋଳମାଳ ଥଣ୍ଡା ପଡ଼ିଲା । ଅନନ୍ତର ଡିସେମ୍ବର ମାସ ସରିକି କର୍ଣ୍ଣେଲ ହାର୍କୋର୍ଟ ଓ ମେଲଭିଲ ( ଯେଉଁମାନେ କି ବୋର୍ଡ ଅବ୍ କମିଶନର ନାମରେ ଆଖ୍ୟାତ ହୋଇଥିଲେ ) ଓଡ଼ିଶାର ରାଜସ୍ୱ ବନ୍ଦୋବସ୍ତ ପ୍ରତି ମନୋନିବେଶ କରିବାକୁ ସମୟ ପ୍ରାପ୍ତ ହେଲେ ।

ଖୋର୍ଦ୍ଧା ରାଜବିଦ୍ରୋହ—୧୮୦୪ ଖ୍ରୀଷ୍ଟାବ୍ଦର ଶେଷଭାଗକୁ ଓଡ଼ିଶାରେ ଇଂରାଜଙ୍କୁ ଅତି ଏକ କ୍ଷୁଦ୍ର ଯୁଦ୍ଧରେ ପ୍ରବୃତ୍ତ ହେବାକୁ ହୋଇଥିଲା । ଖୋର୍ଦ୍ଧା ରାଜାଙ୍କର କେତେକେତେ ପାଇକ ଖୋର୍ଦ୍ଧା ସୀମା ଅତିକ୍ରମ କରି ମୋଗଲବନ୍ଦିସ୍ଥ କେତେକ ପ୍ରଜାଙ୍କ କୁଟୀର ମଧ୍ୟରୁ ଗାଈ ପ୍ରଭୃତି କେତେକ ବସ୍ତୁ ଅପହରଣ କରି ଆଣିଥିଲେ । କେହି କେହି ଅନୁମାନ କରନ୍ତି, ଏ ଘଟନା ଖୋର୍ଦ୍ଧା ରାଜାଙ୍କ ସମ୍ମତିରେ ଘଟିଥିଲା ଓ ସେଥିରେ ଭାବୀ ବିଦ୍ରୋହର ଚିହ୍ନମାନ ଲକ୍ଷିତ ହୋଇଥିଲା । ଉକ୍ତ ଖୋର୍ଦ୍ଧା ପ୍ରଜାଏ ମୋଗଲବନ୍ଦୀର ଏକ ଗ୍ରାମରୁ ( ବାଟଗାଁ ) ଦ୍ରବ୍ୟାଦି ଲୁଣ୍ଠନ କରି ଆଣିବା ସକାଶେ ସ୍ୱୟଂ ଖୋର୍ଦ୍ଧା ରାଜାଙ୍କଦ୍ୱାରା ପ୍ରେରିତ ହୋଇଥିବାର କେହି ଇତିହାସବେତ୍ତା ଲେଖିଅଛନ୍ତି । କିନ୍ତୁ ଆମ୍ଭେମାନେ ଉଲ୍ଲିଖିତ ପ୍ରକାରରେ ଅନୁମାନ କରିବାକୁ ଅସମର୍ଥ; ଯେହେତୁ ଇଂରାଜମାନେ ଓଡ଼ିଶାକୁ ଆଗମନ କଲା ସମୟଠାରୁ ଖୋର୍ଦ୍ଧା ରାଜା ସ୍ୱାଧୀନଭାବରେ ରାଜତ୍ୱ କରୁଥିଲେ । ଇଂରାଜମାନେ ଯେତେବେଳେ ଓଡ଼ିଶାକୁ ଆସିଲେ, ଖୋର୍ଦ୍ଧା ରାଜା ବିପକ୍ଷତାଚରଣ ନ କରି ବରଂ ପକ୍ଷାବଲମ୍ବନ ଓ ସେମାନଙ୍କର ଯଥେଷ୍ଟ ସାହାଯ୍ୟ କରିଥିଲେ । ଏ ଅବସ୍ଥାରେ ଇଂରାଜଙ୍କ ସହିତ ଯୁଦ୍ଧକୁ ଡାକି ଆଣିବା ସକାଶେ ସେମାନଙ୍କ ରାଜ୍ୟର ଏକ ଅଂଶକୁ ଲୁଣ୍ଠନ କରିବାପାଇଁ କିପାଁ ଅନୁମତି ଦିଅନ୍ତେ ? ଅନନ୍ତର ଅପର କଥିତ ଅଛି ଯେ, ଖୋର୍ଦ୍ଧା ରାଜାଙ୍କ ପକ୍ଷର ଜଣେ କର୍ମଚାରୀ ମୋଗଲବନ୍ଦୀର

Digitized by srujanika@gmail.com

ଏକ ଗ୍ରାମକୁ ଯାଇ ଖଜଣା ଅଦାୟ କରିବାରେ ପ୍ରବୃତ୍ତ ହୋଇଥିଲେ ଓ ପୁଣି ଲିଖିତ ହୋଇଅଛି ଯେ, ସ୍ୱୟଂ ଖୋର୍ଦ୍ଧା ରାଜା ପୁରୀ ଦେଉଳସମ୍ବନ୍ଧୀୟ ଗୋଳମାଳରେ ଲିପ୍ତ ଥିଲେ । ଏ ସବୁରେ ରାଜାଙ୍କ ଲିପ୍ତ ଥିବା କଥା କେତେଦୂର ସତ୍ୟାଶ୍ରିତ, ଜଗଦୀଶ୍ୱର ଜାଣନ୍ତି । ସମ୍ଭବତଃ ରାଜାଙ୍କର କେହି କେହି ଦୁଷ୍ଟ କର୍ମଚାରୀମାନେ ରାଜାଙ୍କ ଅଜ୍ଞାତରେ ଏପରି ଅନ୍ୟାୟ ଓ କୁତ୍ସିତଯୁକ୍ତ କାର୍ଯ୍ୟ-ସବୁରେ ହସ୍ତକ୍ଷେପଣ କରିଥିବେ । ଯାହାହେଉ ଉଲ୍ଲିଖିତ ହେତୁଚୟ ସମବେତ ହୋଇ ଗଞ୍ଜାମ କଟକରୁ ଖୋର୍ଦ୍ଧା ବିରୁଦ୍ଧରେ ସୈନ୍ୟ ପ୍ରେରଣ କରିବା ପକାଶେ ଇଂରାଜଙ୍କୁ ଉତ୍ତେଜିତ କଲା । ଇଂରାଜଙ୍କର ଯେଉଁ ଶିକ୍ଷିତ ସୈନ୍ୟଦଳ ପୃଥିବୀକି ଥରହର କମ୍ପାଇଅଛି, ଖୋର୍ଦ୍ଧା ପ୍ରାୟ ଏକ କ୍ଷୁଦ୍ର ସ୍ଥାନର ରାଜା କି ସେଥି ସମ୍ମୁଖରେ ଦଣ୍ଡାୟମାନ ହୋଇ ପାରନ୍ତି ? ଇଂରାଜ ସୈନ୍ୟ ଖୋର୍ଦ୍ଧାଭିମୁଖୀ ହେବାର ସମ୍ବାଦ ପାଇ, ପ୍ରାଣ ବଞ୍ଚାଇବା ଅଭିପ୍ରାୟରେ ଖୋର୍ଦ୍ଧା ତ୍ୟାଗ କରି ରାଜା ଗୁପ୍ତ ସ୍ଥାନରେ ଲୁକ୍କାୟିତ ହେଲେ ଓ ଅବଶେଷରେ ସ୍ଥାନାନ୍ତରକୁ ପଳାଇବାର ଉଦ୍ୟୋଗ କରୁଥିବା ସମୟରେ ଇଂରାଜଙ୍କଦ୍ୱାରା ଧୃତ ହୋଇ କାରାରୁଦ୍ଧ ହେଲେ । ଖୋର୍ଦ୍ଧା ତଦନନ୍ତର ଇଂରାଜରାଜ୍ୟଭୁକ୍ତ ହେଲା । ଖୋର୍ଦ୍ଧା ରାଜା ମୁକୁନ୍ଦ ଦେବ (୧୭୯୧-୧୮୧୦) କିଛି କାଳ କଟକ ଓ କିଛି କାଳ ମେଦିନୀପୁରଠାରେ କାରାରୁଦ୍ଧ ହୋଇ ରହିଲେ ।

ଦେଶଶାସନ—ମରହଟ୍ଟାମାନେ ଆମିଲ ନିଯୁକ୍ତ କରି ଯେପରି ରାଜସ୍ୱ ଆଦାୟ କରାଉଥିଲେ, ଓଡ଼ିଶାରେ ଇଂରାଜ ବୋର୍ଡ ଅବ୍ କମିଶନରସ୍ ରାଜସ୍ୱର ଉତ୍ତମ ବନ୍ଦୋବସ୍ତ ହେବାପର୍ଯ୍ୟନ୍ତ ସେହିପରି ଅମିଲଙ୍କଦ୍ୱାରା ରାଜସ୍ୱ ଆଦାୟ ହେବାର ଆଜ୍ଞା ପ୍ରଚାର କଲେ । ପ୍ରତି ମାସ ରାଜସ୍ୱ ଆଦାୟର ହିସାବ ଆମିଲମାନେ କଲେକ୍ଟରଙ୍କଠାକୁ ଓ କଲେକ୍ଟର କମିଶନରଙ୍କଠାକୁ ପଠାଇବାର ଆଦେଶ ଲଭିଲେ ।

ଓଡ଼ିଶା ଅଧିକାରଭୁକ୍ତ ହେଲା ଉତ୍ତାରୁ ଯାଜିକର ଓ ଜଗନ୍ନାଥ ଦେଉଳର ସବୁ ବିଷୟ ବୁଝିବାପାଇଁ ପୁରୀର ଜଣେ କଲେକ୍ଟର ନିଯୁକ୍ତ ହୋଇ ସେଠାକୁ ପ୍ରେରିତ ହେଲେ । ଗ୍ରିମ୍ ସାହେବ ଓଡ଼ିଶାର ପ୍ରଥମ ରାଜସ୍ୱ କଲେକ୍ଟର ନିଯୁକ୍ତ ହେଲେ । ତଦନନ୍ତର ୧୮୦୪ ସାଲର ୪ ଆଇନ ଅନୁସାରେ ସେହି ଖ୍ରୀଷ୍ଟାବ୍ଦର ଜୁନ ମାସରେ ଓଡ଼ିଶା ଦୁଇ ଜିଲ୍ଲାରେ ବିଭକ୍ତ ହୋଇ ରବର୍ଟ କର ସାହେବ ମହାନଦୀର ଉତ୍ତରଭାଗର ଓ ଚାର୍ଲସ ଗ୍ରିମ୍ ସାହେବ ଓଡ଼ିଶା ଦକ୍ଷିଣଭାଗର ଜଜ୍, କଲେକ୍ଟର ଓ ମେଜେଷ୍ଟ୍ରରସ୍ୱରୂପ ନିଯୁକ୍ତ ହେଲେ ଏବଂ ବଙ୍ଗୀୟ ଫଉଜଦାରୀ ଓ ପୁଲିସ୍ ସଂକ୍ରାନ୍ତ ସମସ୍ତ ଆଇନ ଓଡ଼ିଶାରେ ପ୍ରଚଳିତ ହେଲା । ପୁଣି ତହିଁ

Digitized by srujanika@gmail.com

ଅର ବର୍ଷ ୧୮୦୫ ସାଲର ୧୩ ଆଇନ ଅନୁସାରେ ଦୁଇଜଣ ପରବର୍ତ୍ତେ ଉଡ଼ିଶାରେ ଜଣେ କଲେକ୍ଟର ନିଯୁକ୍ତ ହେଲେ । ପୁରୀ ତାଙ୍କର ପ୍ରଧାନ ସ୍ଥଳୀ ହେଲା । ବୋର୍ଡ ଅବ୍ କମିଶନରସ୍ ଉଡ଼ିଶାରୁ ଉଠିଯାଇ ଉଡ଼ିଶା କଲିକତା ବୋର୍ଡ ରେଭିନ୍ୟୁର ଅନ୍ତର୍ଗତ ହେଲା । ୧୮୦୫ ସାଲର ୧୪ ଆଇନଦ୍ୱାରା ବଙ୍ଗୀୟ ସମସ୍ତ ଦେବାନୀ ଆଇନ ଉଡ଼ିଶାରେ ପ୍ରବର୍ତ୍ତିତ ହେଲା । ଏହି ନୂତନ ବନ୍ଦୋବସ୍ତ ଅନୁସାରେ କର ସାହେବ ଉଡ଼ିଶାର ଜଜ୍ ଓ ମେଜେଷ୍ଟ୍ରେଟ ହୋଇ ରହିଲେ । ଓଏବ ସାହେବ କଲେକ୍ଟର ନିଯୁକ୍ତ ହେଲେ । କର୍ଣ୍ଣ୍ ସାହେବ ଉଡ଼ିଶାରେ ପଲିଟ ଏଜେଣ୍ଟ କାର୍ଯ୍ୟର ଭାର ପାଇଲେ । ବାଲେଶ୍ୱର, ଯାଜପୁର ଓ ଖୋର୍ଦ୍ଧାଠାରେ ରାଜସ୍ୱ ଆଦାୟ ସକାଶେ ତିନିଜଣ ତହସିଲଦାର ନିଯୁକ୍ତ ହେଲେ । ଅଭ ଜଣେ ତହସିଲଦାରଙ୍କ ହସ୍ତରେ ସମସ୍ତ ଖାସ୍‌ମାହାଲର ଭାର ରହିଲା । କର ସାହେବ ତାଙ୍କ ନିଜ କାର୍ଯ୍ୟ ଛଡ଼ା ଗଡ଼ଜାତ ତତ୍ତ୍ୱାବଧାରଣ କାର୍ଯ୍ୟରେ ମଧ୍ୟ ନିଯୁକ୍ତ ହେଲେ । ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଥାନାମାନ * ସଂସ୍ଥାପିତ ହେଲା । ପ୍ରତି ଥାନାରେ ଦାରୋଗା, ମୋହରର, ଜମାଦାର ଓ ଦଶ ଜଣ ଲେଖାଏଁ ବରକନ୍ଦାଜ, କ୍ରମାନ୍ୱୟେ ପ୍ରତିଜଣ ଟ ୨୫୲ଙ୍କା, ଟ ୧୦୲ଙ୍କା, ଟ ୮୲ଙ୍କା ଓ ଗୃ୲ଟଙ୍କା ଦରମାହାରେ ନିଯୁକ୍ତ ହେଲେ । ଚଉକିଦାର ପ୍ରଭୃତି ଦେଶରେ ଯେପରି ଥିଲେ, ସେହିପରି ରହିଲେ । ସମସ୍ତ ଜମିଦାରଙ୍କ ହସ୍ତରୁ ଫଉଜଦାରୀ ଓ ପୁଲିସ କ୍ଷମତା ରହିତ ହେଲା । କେବଳ କୌଣସି କୌଣସି ଉପଯୁକ୍ତ ଜମିଦାରଙ୍କ ହସ୍ତରେ ଦାରୋଗାଇ କାର୍ଯ୍ୟର ଭାର ରହିଲା । ବାଲେଶ୍ୱର, କଟକ ଓ ପୁରୀ ନିମନ୍ତେ ଟାଉନ ପୁଲିସର ବନ୍ଦୋବସ୍ତ ହେଲା । ଏହିପରି ନିୟମରେ ଓ ଶାନ୍ତିରେ କିଛିକାଳ ରାଜକାର୍ଯ୍ୟ ଚଳିଲା । ଉଡ଼ିଶାବାସିଙ୍କ ଆବେଦନାନୁସାରେ ୧୮୧୬ ମସିହାରେ କଟକ ପୁରୀ ପରିବର୍ତ୍ତେ କଲେକ୍ଟରଙ୍କର ପ୍ରଧାନ ସ୍ଥଳୀ ହେଲା । ୧୮୧୭ ମସିହାରେ ସୁବର୍ଣ୍ଣରେଖା ଉଡ଼ିଶାର ଉତ୍ତର ସୀମାରୂପେ ନିର୍ଦ୍ଧାରିତ ହେଲା ।

---

* ୧ ବସ୍ତା, ୨ ବାଲେଶ୍ୱର, ୩ ସୋରୋ, ୪ ଭଦ୍ରଖ, ୫ ଯାଜପୁର, ୬ ଅରଖପୁର, ୭ ଅସୁରେଶ୍ୱର, ୮ ମଟୋ, ୯ କଟକ, ୧୦ ପିପିଲି, ୧୧ ପୁରୀ, ୧୨ ଗୋପ, ୧୩ ତିରନ, ୧୪ ହରିହରପୁର, ୧୫ ମହଙ୍ଗରାଜପୁର, ୧୬ ଖୋର୍ଦ୍ଧା । ୧୮୧୬ ସାଲରେ ଅସୁରେଶ୍ୱର ଥାନା କେନ୍ଦ୍ରାପଡ଼ାଠାରେ ବସିଲା । ବାଲେଶ୍ୱରର ଚୂଡ଼ାମଣି ଓ ଖୋର୍ଦ୍ଧାର ବାଣପୁର ଥାନାଦ୍ୱୟ ନୂଆ ସଂସ୍ଥାପିତ ହେଲା ।

Digitized by srujanika@gmail.com

ଓଡ଼ିଶା ବନ୍ଦୋବସ୍ତ—ବୋର୍ଡ ଅବ୍ କମିଶନରସ୍ ୧୮୦୪ ଖ୍ରୀଷ୍ଟାବ୍ଦର **୧୫ ତାରିଖ ସେପ୍ଟେମ୍ବରରେ ଏକ ଘୋଷଣାପତ୍ର ପ୍ରଚାର** କରି **ମୋଗଲବନ୍ଦୀ ବିଭାଗର** ରାଜସ୍ୱ ବନ୍ଦୋବସ୍ତର **ସୂତ୍ରପାତ** କଲେ । ଯେଉଁମାନେ ଜମିଦାରରୂପେ **ସ୍ୱୀକୃତ ହୋଇ** ଭୂମିରେ ସ୍ୱତ୍ୱାଧିକାରୀ ହେଲେ, ପୂର୍ବକାଳରେ ସେମାନଙ୍କ ମଧ୍ୟରୁ ଅଧିକାଂଶ ରାଜକର୍ମଚାରୀ ଥିଲେ ଓ ସେମାନଙ୍କର ଭୂମିରେ ପୂର୍ବେ କୌଣସି ସ୍ୱତ୍ୱାଧିକାର ନ ଥିଲା । ଭୂମି ରାଜସ୍ୱର ପ୍ରଥମ ବନ୍ଦୋବସ୍ତ ଭୂତପୂର୍ବ ମରହଟ୍ଟାଙ୍କ ସଦର କାନଗୋଇ ନରେନ୍ଦ୍ର ରାୟ ମହାଶୟଙ୍କ କାଗଜପତ୍ର ଓ ଗୋପାଳ ରାଓଙ୍କ "ହେବଧି" ଅନୁସାରେ ଇଂରାଜମାନେ ସ୍ଥିର କଲେ । ଉଲ୍ଲିଖିତ ଘୋଷଣାପତ୍ର ୧୮୦୫ ସାଲର ୧୨ ଆଇନର ଅନ୍ତର୍ଗତ ହୋଇ ଇଂରାଜ ଶାସନକର୍ତ୍ତାଙ୍କର ଅନୁମୋଦନ ଲଭିଥିଲା । ଏହି ଆଇନ ଅନୁସାରେ ବନ୍ଦୋବସ୍ତ ପ୍ରଥମ ବର୍ଷକ ସକାଶେ ଓ ତତ୍ପରେ ତିନିବର୍ଷପାଇଁ ସ୍ଥିର ହେଲା । ଅନନ୍ତର ୧୮୦୮ ସାଲର ୬ ଆଇନ, ୧୮୧୧ ସାଲର ୧୩ ଆଇନ ଓ ଅନ୍ୟାନ୍ୟ ଆଇନଦ୍ୱାରା ବନ୍ଦୋବସ୍ତ କ୍ରମାନ୍ୱୟରେ ଏକବର୍ଷ, ତିନିବର୍ଷ, ଏକବର୍ଷ, ଦୁଇବର୍ଷ, ଏକବର୍ଷ, ତିନିବର୍ଷପାଇଁ ୧୮୧୮ ମସିହା ପର୍ଯ୍ୟନ୍ତ ନିର୍ଦ୍ଧାରିତ ହେଲା । ଖୋର୍ଦ୍ଧା ଓ ଅନ୍ୟାନ୍ୟ ଖାସମହାଲ-ମାନଙ୍କରେ ଦେଶୀୟ ହସ୍ତବୁଦ ଖାତରେ ରାଜସ୍ୱ ଅଦାୟ କାର୍ଯ୍ୟ ଚଳିବାକୁ ଲାଗିଲା । ମୋଗଲବନ୍ଦୀ ବିଭାଗରେ ୧୧ ବର୍ଷ ଉତ୍ତାରୁ ଚିରସ୍ଥାୟୀ ବନ୍ଦୋବସ୍ତ ଇଂରାଜମାନେ ଚଳାଇବାର ଆଶା ଦେଇଥିଲେ । କିନ୍ତୁ ୧୮୧୩ସାଲର ୧ଆଇନ ଦ୍ୱାରା ସେ ଆଶାରୁ ଓଡ଼ିଶାବାସୀଙ୍କି ଏକାବେଳକେ ବଞ୍ଚିତ କଲେ । ପ୍ରଥମ ବର୍ଷ ୧୩୧୪୮୨୫୯ ଟଙ୍କା ଓଡ଼ିଶାର ଭୂମି ରାଜସ୍ୱ ବୋଲି ନିର୍ଦ୍ଧାରିତ ହୋଇଥିଲା । ୧୮୧୮ ସାଲ ପର୍ଯ୍ୟନ୍ତ ଉକ୍ତ ଜମା ବୃଦ୍ଧି କ ଲଭି ୧୬୩୭୯୨୪୯ ଟଙ୍କାରେ ସ୍ଥିର ହେଲା ।

ଇଂରାଜ ଗବର୍ଣ୍ଣମେଣ୍ଟ ମୋଗଲବନ୍ଦୀରେ ଅଧୁନିକ ଜମିଦାରଶ୍ରେଣୀଙ୍କ ସ୍ଥିର କରି ଓ ଦର୍ପଣ, ସୁକିନ୍ଦା, ମଧୁପୁର ପ୍ରଭୃତି କେତେକ ପୁରାତନ ଜମିଦାରୀରେ ସ୍ଥିରତର ବନ୍ଦୋବସ୍ତ ଚଳାଇ, ମଧ୍ୟ ମୋଗଲବନ୍ଦୀର ଅନ୍ତର୍ଗତ କନିକା, ଅଳି, କୁଜଙ୍ଗ, ହରିଶପୁର ପ୍ରଭୃତି କିଲ୍ଲାମାନଙ୍କର ରାଜାଙ୍କୁ ସମସ୍ତ ଦେବାନୀ ଓ ଫଉଜଦାରୀ ଆଇନର ଅଧୀନ ଓ ସେମାନଙ୍କୁ କେବଳ ପୂର୍ବବତ୍ ପେସକସ୍ ଦେବାକୁ ବାଧ କରି*, ପାର୍ବତ୍ୟ ରାଜବାଡ଼ା ରାଜାଙ୍କ ସଙ୍ଗେ ଭିନ୍ନ ପ୍ରକାର ବନ୍ଦୋବସ୍ତ କଲେ;

---

* ସୁକିନ୍ଦା, ମଧୁପୁର ଓ ଦର୍ପଣର ଅଧିକାରୀମାନେ ଜମିଦାରରୂପେ ଉଲ୍ଲିଖିତ ହୋଇଅଛନ୍ତି । ସେମାନେ ଇଂରାଜଙ୍କୁ ଯେଉଁ କବୁଲନାମା ଦେଇଅଛନ୍ତି,

Digitized by srujanika@gmail.com

କେନ୍ଦୁଝର, ନୀଳଗିରି, ଢେଙ୍କାନାଳ, ବାଙ୍କୀ, ନରସିଂହପୁର, ଅନୁଗୁଳ, ତାଳଚେର, ଆଠଗଡ଼, ଖଣ୍ଡପଡ଼ା, ନୟାଗଡ଼, ରଣପୁର, ହିନ୍ଦୋଳ, ତିଗିରିଆ ଓ ବଡ଼ାମ୍ବା ରାଜାଙ୍କୁ କିଛି କିଛି ଲଘୁ କର ଦେବାକୁ ସ୍ୱୀକୃତ କରାଇ ପୂର୍ବକ ଆପେ ଆପେ ଶାନ୍ତିରକ୍ଷା ଓ ବିଚାର କାର୍ଯ୍ୟ ନିର୍ବାହ କରିବାର କ୍ଷମତା ଦେଇ ଏକରାରନାମା ଲେଖାଇ ନେଲେ । ମୟୂରଭଞ୍ଜ ରାଜା ପ୍ରଥମେ ଏକରାରନାମା ଦେଇ ନ ଥିଲେ; କିନ୍ତୁ କିଛିକାଳ ଉତ୍ତାରୁ ୧୮୨୯ ଖ୍ରୀଷ୍ଟାବ୍ଦରେ ତାଙ୍କ ସଙ୍ଗେ ଇଂରାଜଙ୍କର ଉଲ୍ଲିଖିତ ନିୟମରେ ଏକରାରନାମା ହେଲା । ପୂର୍ବେ ୧୮୦୪ ମସିହାର ଚୁକ୍ତି ଅନୁସାରେ ବଉଦ ଓ ଆଠମଲ୍ଲିକ ଏକ ରାଜାଙ୍କଦ୍ୱାରା ଶାସିତ ହେଉଥିଲା । ଅନନ୍ତର ୧୮୧୯ ମସିହାରେ ବୌଦ ରାଜ-ପରିବାରଙ୍କ ମଧ୍ୟରେ ଉକ୍ତ ରାଜ୍ୟଦ୍ୱୟ ବଣ୍ଟିତ ହୋଇ ବୌଦ୍ଧ ଓ ଆଠମଲ୍ଲିକ ଦୁଇ ଭିନ୍ନ ରାଜାଙ୍କ ଅଧୀନରେ ସ୍ଥାପିତ ହେଲା । ସେହି ଖ୍ରୀଷ୍ଟାବ୍ଦରେ ବୌଦ ଓ ଆଠମଲ୍ଲିକର ନୂତନ ରାଜାଦ୍ୱୟ କିଛି କିଛି ପେସ୍କସ୍ ଦେବାକୁ ଅଙ୍ଗୀକାର କରି ପୃଥକ୍ ପୃଥକ୍ ଏକରାରନାମା ଲେଖି-ଦେଲେ; କିନ୍ତୁ ସେମାନଙ୍କ ସଙ୍ଗେ ପେସ୍କସ୍‌ର ଚିରସ୍ଥାୟୀ ବନ୍ଦୋବସ୍ତ

---

ତାହା "କବୁଲିୟତ" ବୋଲି ଉଲ୍ଲିଖିତ ହୋଇଅଛି । କଳକଳା ଦର୍ପଣର ଅଙ୍ଗୀଭୂତ ଥିଲା; ୧୮୦୫ ସାଲରୁ ପୃଥକ୍ ହୋଇ ସ୍ୱତନ୍ତ୍ରଭାବରେ ସ୍ୱକୀୟ ଜମା ବୁଝାଉଅଛି । ଆଳି, କନିକା, କୁଜଙ୍ଗ, ହରିଶପୁର, ପଟିଆ ଓ ବିଶନପୁରର କିଲ୍ଲାଦାରଙ୍କଠାରୁ ଗଡ଼ଜାତ ରାଜାଙ୍କ ପରି ଏକରାରନାମା ନିଆଯାଇଅଛି ଓ ସେଥିରେ ଆଳି, କନିକା, ପଟିଆ ଏବଂ କୁଜଙ୍ଗାଧିପତିମାନେ ରାଜାରୂପେ ଉଲ୍ଲିଖିତ ହୋଇଅଛନ୍ତି । ସନ ୧୮୦୫ ମସିହାର ୧୨ ଆଇନରେ ଡମପଡ଼ା ଓ ଛେଦ୍ରା କିଲ୍ଲାର ନାମ ନାହିଁ । ଇଂରାଜମାନେ ଆସିବା ସମୟରେ ଡମପଡ଼ା ରାଜା ଅପ୍ରାପ୍ତବୟସ୍କ ଥିଲେ । ସୁତରାଂ ହୁଏ ତ ଧାରାମତେ ପେସ୍କସ୍ ବନ୍ଦୋବସ୍ତ ହୋଇ ୧୨ ଆଇନରେ ନାମ ଉଠି ନ ଥିବ । ଡମପଡ଼ାର ଯେଉଁ ପେସ୍କସ୍ ଧାର୍ଯ୍ୟ ଥିଲା, କମିଶନର ରଗୃର୍ଜସନ୍ ସାହେବ ମଧ୍ୟରେ ତାହା ବୃଦ୍ଧି କରିଥିଲେ । ସନ ୧୮୨୯ ମସିହା ୨ ତାରିଖ ଅପ୍ରେଲ ମାସରେ ବୋର୍ଡଙ୍କ ଜଣାଇବା ଅନୁସାରେ ଗବର୍ଣ୍ଣର ଜେନେରଲ ପୂର୍ବ ଜମା ଚିରଧାର୍ଯ୍ୟ କଲେ ଏବଂ ଅନ୍ୟାନ୍ୟ ରାଜାଙ୍କଠାରୁ ଯେପରି ଏକରାରନାମା ନିଆ ହୋଇଥିଲା, ସେହିପରି ଏକରାରନାମା ନେଲେ ଓ ସେଥିରେ ସେ ରାଜାରୂପେ ଉଲ୍ଲିଖିତ ହେଲେ । ପଟିଆ ପୂର୍ବ ପରି ନିଷ୍କର ରହିଲା । ଛେଦ୍ରା ସଙ୍ଗେ ଚିରସ୍ଥାୟୀ ଜମା ବନ୍ଦୋବସ୍ତ ହୋଇଥିଲା । ମରିଚପୁରର ନାମ ୧୨ ଆଇନରେ ଅଛି; କିନ୍ତୁ ପାରିକୁଦର ନାମ ନାହିଁ । ବର୍ତ୍ତମାନ ଦର୍ପଣ, କୁଜଙ୍ଗ, ହରିଶପୁର, ମରିଚପୁର, ବିଶନପୁର ଓ ଛେଦ୍ରା କିଲ୍ଲାମାନ ହସ୍ତାନ୍ତରିତ ହୋଇଅଛି ।

Digitized by srujanika@gmail.com

ହୋଇଥିବାର ପ୍ରତୀୟମାନ ହୁଅଇ ନାହିଁ । ୧୮୭୨ ମସିହାରେ ବୌଦରାଜାଙ୍କ ସଙ୍ଗେ କୋଡଏ ବର୍ଷ ସକାଶେ ଇଂରାଜଙ୍କର ପେସ୍‌କସ୍ ବନ୍ଦୋବସ୍ତ ହୋଇଅଛି । ପ୍ରଥମେ ବୌଦ ଓ ଆଠମଲ୍ଲିକ ରାଜାଙ୍କ ସଙ୍ଗେ କ୍ରମାନ୍ୱୟେ ୫ ଓ ୩ ବର୍ଷ ସକାଶେ ବନ୍ଦୋବସ୍ତ ସ୍ଥିର ହୋଇଥିଲା । ଦଶପଲ୍ଲା ରାଜା ବାରମୂଲ ଘାଟି କର୍ମପଦରେ ରକ୍ଷା କରିବା ସକାଶେ ଓ ଇଂରାଜଙ୍କ ଶତ୍ରୁଙ୍କୁ ସେ ବାଟେ ଆସି ନ ଦେବାପାଇଁ ଦଶପଲ୍ଲା ଗଡ଼ ବିନା ପେସ୍‌କସ୍‌ରେ ଭୋଗ କରିବାର ଅଧିକାର ପ୍ରାପ୍ତ ହୋଇଥିଲେ । ଅନୁଗୁଳର ଅଙ୍ଗୀଭୂତ ଯୋଡ଼ମୁହିଁକୁ ଜମ୍ମ କରି ସ୍ୱରାଜ୍ୟଭୁକ୍ତ କରିଥିବାଯୋଗୁଁ ସେହି ନବରାଜ୍ୟାଂଶ ସକାଶେ ଦଶପଲ୍ଲା ରାଜା ଯତ୍‌କିଞ୍ଚିତ୍ ପେସ୍‌କସ୍ ଦେବାପାଇଁ ଏକରାରନାମା ଲେଖି ଦେଇଥିଲେ ।

ଦେଶମଧ୍ୟରେ ଯେଉଁମାନେ ବ୍ରହ୍ମତ୍ର, ଦେବତ୍ର, ପୀରତ୍ର କି ସେବକାତ୍ର ନିଷ୍କରଭୂମି ଭୋଗ କରୁଥିଲେ, ସେମାନଙ୍କ ମଧ୍ୟରୁ ସନନ୍ଦ ଦେଖାଇ ପାରିଥିବା ଲୋକେ ଜାତି କି ଧର୍ମ ନିର୍ବିଶେଷରେ ଆପଣା ଆପଣା ଭୂମି ଓ ବୃତ୍ତିରେ ଇଂରାଜ ଶାସନକର୍ତ୍ତାଙ୍କଦ୍ୱାରା ଅଧିକାରୀସ୍ୱରୂପ ସ୍ଥାପିତ ହେଲେ; କିନ୍ତୁ କି ଓଡ଼ିଆ କି ବଙ୍ଗାଳି କି ଖୋର୍ଦ୍ଧା କି ମୁସଲମାନ ଯେଉଁମାନେ ନିଷ୍କରଭୂମି ଭୋଗ କରି ସେ ସବୁର ସନନ୍ଦ ଦେଖାଇବାକୁ ଅସମର୍ଥ ହେଲେ, ସେମାନଙ୍କର ନିଷ୍କରଭୂମି କରଯୁକ୍ତ ହେଲା ।

ଜଗବନ୍ଧୁ ବିଦ୍ୟାଧରଙ୍କର ଖୋର୍ଦ୍ଧା ବିଦ୍ରୋହ—ଓଡ଼ିଶା ଇଂରାଜଙ୍କ ଶାସନରେ କିଛିକାଳ ଶାନ୍ତିଭୋଗ କଲା ଉତ୍ତାରୁ ଓଡ଼ିଶାର ଅନ୍ତର୍ଗତ ଖୋର୍ଦ୍ଧାଠାରେ ପୁଣି ଏକ ବିଦ୍ରୋହ ଉପସ୍ଥିତ ହେଲା । ଖୋର୍ଦ୍ଧା ଓ ଘୁମୁସରର, ମଧ୍ୟ ଅନ୍ୟ କୌଣସି ସ୍ଥାନର ପାଇକଙ୍କଦ୍ୱାରା ଜଗବନ୍ଧୁ ବିଦ୍ୟାଧର ନାମକ ଏକ ବ୍ୟକ୍ତିର ନେତୃତ୍ୱରେ ଉଲ୍ଲିଖିତ ବିଦ୍ରୋହାଗ୍ନି ପ୍ରଜ୍ୱଳିତ ହେଲା ।

ବିଦ୍ରୋହ ଘଟିବାର ହେତୁ ଏହି ଯେ ଜଗବନ୍ଧୁ ବିଦ୍ୟାଧର ପୁରୁଷାନୁକ୍ରମେ ଖୋର୍ଦ୍ଧା ରାଜାଙ୍କର ବକ୍‌ସୀ ଥିଲେ । ଖୋର୍ଦ୍ଧାରାଜା ଯେତେବେଳେ ତାଙ୍କଦ୍ୱାରା ଅଙ୍ଗୀକୃତ କେତେକ ଟଙ୍କା ମରହଟ୍ଟାଙ୍କୁ ଦେଇ ନ ପାରି ସେଥି ପରିବର୍ତ୍ତରେ ଲେମ୍ବାଇ, ରହାଙ୍ଗ, ସିରାଇ ଓ ଚବେଶକୁଦ ନାମକ ଯେଉଁ ପରଗଣାମାନ ମରହଟ୍ଟାଙ୍କୁ ପ୍ରଦାନ କରିଥିଲେ, ରୋଡ଼ଙ୍ଗନାମକ ଏକ କିଲା ସେହି ଗୁରି ପ୍ରଗଣାର ଅନ୍ତର୍ଗତ ଥିଲା ଏବଂ ବିଦ୍ୟାଧରବଂଶୀୟ ପୁରୁଷମାନେ ଖୋର୍ଦ୍ଧାରାଜାଙ୍କଠାରୁ ଉକ୍ତ କିଲ୍ଲା ଜାଗିର ନେଇଥିଲେ । ଯେତେବେଳେ ଇଂରାଜମାନେ ପ୍ରଥମ ଓଡ଼ିଶାରେ ଉପସ୍ଥିତ ହେଲେ । ଜଗବନ୍ଧୁ ସେହି ସମୟରୁ ସେମାନଙ୍କର ବଶତା ସ୍ୱୀକାର କରିଥିଲେ । ମଧ୍ୟ ୧୮୦୪ ଖ୍ରୀଷ୍ଟାବ୍ଦରେ ଇଂରାଜମାନେ ରୋଡ଼ଙ୍ଗ କିଲ୍ଲାର ବନ୍ଦୋବସ୍ତ ପ୍ରଥମ ବର୍ଷକ

Digitized by srujanika@gmail.com

ସକାଶେ ଜଗବନ୍ଧୁ ବିଦ୍ୟାଧରଙ୍କ ସଙ୍ଗେ ସ୍ଥିର କରିଥିଲେ । ପୁଣି ୧୮୦୫-୬ ମସିହାରେ ଯେଉଁ ହିସାବ୍ ବନ୍ଦୋବସ୍ତ ହୋଇଥିଲା, ସେଥିରେ ସୁଦ୍ଧା ଜଗବନ୍ଧୁ ଇଂରାଜଙ୍କ ସଙ୍ଗେ ରୋଡ଼ଙ୍ଗ କିଲ୍ଲା ସକାଶେ ବନ୍ଦୋବସ୍ତରେ ପ୍ରବୃତ୍ତ ହୋଇଥିଲେ । କୃଷ୍ଣଚନ୍ଦ୍ର ସିଂହ ନାମକ ଜଣେ ବଙ୍ଗାଳୀ ପ୍ରଥମ କଲେକ୍ଟରଙ୍କର ଦେବାନ ଥିଲେ । ଓଏବ ସାହେବ କଲେକ୍ଟର ହେବାରୁ ସେ ଉକ୍ତ କର୍ମ ତ୍ୟାଗ କରି କଟକରେ ଅସି ବାସ କଲେ । ଗୌରହରି ସିଂହ ନାମକ ତାଙ୍କର ଏକ ଭ୍ରାତା ଖୋର୍ଦ୍ଧାରାଜାଙ୍କଠାରୁ ମରହଟ୍ଟାଏ ନେଇଥିବା କେତେକ ଖାସମହାଲର ତହସିଲଦାର ଥିଲେ । ଉକ୍ତ ଖାସମହାଲମାନଙ୍କରେ ଅଧିକାରୀ ନିଯୁକ୍ତ କରିବାପାଇଁ ଇଂରାଜମାନେ ମନସ୍ଥ କଲେ । ଭୂତପୂର୍ବ ଦେବାନ କୃଷ୍ଣଚନ୍ଦ୍ର ସିଂହ ସେ ସବୁ ପ୍ରଗଣା ମଧ୍ୟରୁ ରାହାଙ୍ଗ ପ୍ରଗଣାକୁ ଲକ୍ଷ୍ମୀନାରାୟଣ ନାମକ ଜଣକ ନାମରେ ୧୮୦୯ ଖ୍ରୀଷ୍ଟାବ୍ଦରେ ବନ୍ଦୋବସ୍ତ କରାଇ ନେଲେ । ସେଥି ମଧ୍ୟରେ ଏକ ଅପୂର୍ବ ମାମଲତକାରୀ କୌଶଳ ଗୁପ୍ତ ହୋଇଥିଲା । ଜଗବନ୍ଧୁଙ୍କୁ ବେଦଖଲ କରି ରୋଡ଼ଙ୍ଗ ଓ ରାହାଙ୍ଗ ପ୍ରଗଣାଦ୍ୱୟର ଜମିଦାରୀ ଲାଭାର୍ଥ କୃଷ୍ଣଚନ୍ଦ୍ର ବହୁକାଳରୁ ପାଞ୍ଚୁଥିଲେ । ତାଙ୍କ ପରାମର୍ଶରେ ଜଗବନ୍ଧୁ ରୋଡ଼ଙ୍ଗ କିଲ୍ଲାର ରାଜସ୍ୱ କଲେକ୍ଟରଙ୍କଠାରେ ନ ପଠାଇ ତହସିଲଦାର ଗୌରହରିଙ୍କଠାରେ ପଠାଉଥିଲେ । ଗୌରହରି ରୋଡ଼ଙ୍ଗର ରାଜସ୍ୱକୁ ଭିନ୍ନ ହିସାବରେ ନ ଲେଖାଇ ରାହାଙ୍ଗ ଓଗେର ପ୍ରଗଣାର ରାଜସ୍ୱ ତଳେ ଲେଖାଉଥିଲେ । ସୁତରାଂ ରାହାଙ୍ଗ ଜମିଦାରୀର ସ୍ୱତ୍ୱ ସଙ୍ଗେ ସଙ୍ଗେ ରୋଡ଼ଙ୍ଗର ସ୍ୱତ୍ୱ ସୂଚିତ ହୋଇଥିଲା; ଲକ୍ଷ୍ମୀନାରାୟଣ ୧୮୦୯ ମସିହାରେ ରାହାଙ୍ଗ ଓଗେର ପ୍ରଗଣାର ସ୍ୱତ୍ୱ ଲାଭ କରିଥିଲେ; କିନ୍ତୁ ତହିଁ ଆର ବର୍ଷ ସେ ସ୍ୱତ୍ୱ ବିକ୍ରୀତ ହେବାର ବିଜ୍ଞାପନ ପ୍ରଚାରିତ ହେଲା; ସ୍ୱୟଂ କୃଷ୍ଣଚନ୍ଦ୍ର ଆପଣା ନାମରେ ତାହା କ୍ରୟ କଲେ । ତଦନନ୍ତର ସେ ଜଗବନ୍ଧୁଙ୍କଠାରୁ ରୋଡ଼ଙ୍ଗର ଦଖଲ ଲାଭ କରିବାକୁ ଚେଷ୍ଟା ପାଇଲେ; ଜଗବନ୍ଧୁ ତାହା ଦଥାଇ ଦେଲେ ନାହିଁ । ଅବଶେଷରେ କଳହ ଉପସ୍ଥିତ ହେଲା । କୃଷ୍ଣଚନ୍ଦ୍ର ଓ ଜଗବନ୍ଧୁ ବନ୍ଦୋବସ୍ତ କମିଶନର ବୃକର ସାହେବଙ୍କୁ ସମସ୍ତ ବିଷୟ ଜଣାଇଲେ । ଇତି ମଧ୍ୟରେ ଜଗବନ୍ଧୁ ଓ ତାଙ୍କ ଖୁଲ୍ଲତାତପୁତ୍ର ଭାଇଙ୍କ ସଙ୍ଗେ ରୋଡ଼ଙ୍ଗ କିଲ୍ଲା ଜମିଦାରୀ ଦଶପଣ ଛପଣରେ ବଣ୍ଟିତ ହେବାର ଏକ ନିଷ୍ପତ୍ତି ହୋଇଥିଲା । କୃଷ୍ଣଚନ୍ଦ୍ର ମଧ୍ୟ ରୋଡ଼ଙ୍ଗ ରାହାଙ୍ଗର ଏକ ଅଂଶ ବୋଲି ସେଥିର ବନ୍ଦୋବସ୍ତରେ ସ୍ୱାକ୍ଷର ନେବାକୁ ଉଦ୍ୟତ ହେଲେ । ଜଗବନ୍ଧୁ ସେଥିରେ ଆପତ୍ତି ଉତ୍ଥାପନ କରି ଆବେଦନ କଲାରୁ, ରାହାଙ୍ଗ ଓ ରୋଡ଼ଙ୍ଗ ଦୁଇ ଭିନ୍ନ ଭିନ୍ନ ମହାଲ ଥିବା ସତ୍ତ୍ୱେ ସେମାନ ବିଭିନ୍ନ ରହିବାର ଆଦେଶ ହେଲା । କିନ୍ତୁ ଜଗବନ୍ଧୁ ରୋଡ଼ଙ୍ଗ କିଲ୍ଲାର ମୂଳ

Digitized by srujanika@gmail.com

ଅଧିକାରୀ ଥିବା ବିଷୟରେ ସନ୍ଦେହ ଜନ୍ମିବାରୁ, ସେ ରେହଙ୍ଗର ମୂଳ ଅଧିକାରୀ ଥିବାର ଦେବାନୀ ଅଦାଲତରେ ଚୂଡ଼ାନ୍ତ ନିଷ୍ପତ୍ତି ଦାଖଲ କଲେ, ତାଙ୍କ ସଙ୍ଗେ ରେହଙ୍ଗ ସମ୍ବନ୍ଧେ ଇଂରାଜଙ୍କର ବନ୍ଦୋବସ୍ତ ସ୍ଥିର ହେବ ବୋଲି ଜଗବନ୍ଧୁଙ୍କୁ ବୁଝାଇ ଦିଆଗଲା । ରେହଙ୍ଗର ଅଧିକାରରୁ ଏକପ୍ରକାର ଚ୍ୟୁତ ହୋଇ ଜଗବନ୍ଧୁ ନିତାନ୍ତ ଦୈନ୍ୟଦଶାରୁ ଲଭିଥିଲେ । ସୁତରାଂ ତାଙ୍କ ଦୈନ୍ୟଦଶା ଯୋଗୁଁ ଓ ଜଣେ ବଙ୍ଗାଳି ମାମଲତକାର ସଙ୍ଗେ ମାମଲା କରି ତାହା ଜିଣି ନ ପାରିବା ଶଙ୍କାରୁ ସେ ଅଦାଲତରେ ମକଦମା ଉପସ୍ଥିତ କଲେ ନାହିଁ । କୌଣସିମତେ ଖୋର୍ଦ୍ଧା ରାଜାଙ୍କୁ ପୁଣି ଖୋର୍ଦ୍ଧା ସିଂହାସନରେ ବସାଇ ପାରିଲେ ତାଙ୍କ ପୈତୃକ ରାଜ୍ୟ ସେ ଲଭି ପାରିବେ, ଏହି ଆଶାରେ ପାଇକଙ୍କ ବିଦ୍ରୋହର ନେତୃତ୍ୱ ଗ୍ରହଣ କଲେ ।

ପାଇକମାନେ ସେ ସମୟକୁ କ୍ଷୀଣବଳ ହୋଇଥିଲେ ସୁଦ୍ଧା ସମରପ୍ରିୟତା ସେମାନଙ୍କ ଚିତ୍ତରୁ ଏକାବେଳକେ ପଳାୟନ କରି ନ ଥିଲା । ଅଦ୍ୟାପି ସୁଦ୍ଧା ପାଇକମାନେ ଗଡ଼ଜାତମାନଙ୍କରେ ବହୁ ପରିମାଣରେ ଶିକାରପ୍ରିୟ ଓ ସାହସୀ ଥିବାର ପ୍ରତୀୟମାନ ହୁଏ । ୧୮୧୭ ଖ୍ରୀଷ୍ଟାବ୍ଦର ମାର୍ଚ୍ଚ ମାସରେ ଚାରିଶ କନ୍ଧ ଘୁମୁସରରୁ ଆସି ଖୋର୍ଦ୍ଧାରେ ଉପସ୍ଥିତ ହେଲେ । ସେହି ମାସରୁ ଖୋର୍ଦ୍ଧାରେ ପାଇକବିଦ୍ରୋହର ସୂତ୍ରପାତ ହେଲା । ପାଇକମାନେ ଖୋର୍ଦ୍ଧାର ଭିନ୍ନ ଭିନ୍ନ ସ୍ଥାନ ଆକ୍ରମଣ କରି ଖୋର୍ଦ୍ଧାର ଇଂରାଜଙ୍କ ରାଜକୋଷ ଲୁଣ୍ଠନ କଲେ । ବାଣପୁରର ସରକାରୀ ଦରମାନ ଓ ଥାନା ଆକ୍ରମଣ କରି ଶତାବଧି ଲୋକଙ୍କୁ ମାରି ୧୫ହଜାର ଟଙ୍କା ନେଇଗଲେ । ସଲ୍ଟ ଏଜେଣ୍ଟ ବଟର ସାହେବଙ୍କ ନୌକା ହ୍ରଦରେ ଧୃତ ହୋଇ ଲୁଣ୍ଠିତ ହେଲା, ମାତ୍ର ବଟର ସାହେବଙ୍କ ପ୍ରାଣ ବଞ୍ଚିଥିଲା । ଆଉ ଏକ ଦଳ ପାଇକ ଟେମ୍ପାଇ ଆକ୍ରମଣ କରି ସେଠାରେ ଚରଣ ପଟ୍ଟନାୟକ ନାମକ ଜଣେ ସରକାରୀ କର୍ମଚାରୀଙ୍କି ବଧ କଲେ । ତଦନନ୍ତର ଇଂରାଜମାନେ ବିଦ୍ରୋହର ସମସ୍ତ ବୃତ୍ତାନ୍ତ ଅବଗତ ହୋଇ ଦୁଇଦଳ ସୈନ୍ୟ ପ୍ରିଡୋ ଓ ଫେରିସ ସାହେବଦ୍ୱୟଙ୍କ ନାୟକତ୍ୱରେ ଖୋର୍ଦ୍ଧା ଓ ପିପିଲିଠାକୁ ପଠାଇଲେ । ସେ ସମୟର ମାଜିଷ୍ଟ୍ରେଟ ଇମ୍ପି ସାହେବ ମଧ୍ୟ ୬୦ ଜଣ ସିପାହୀ ନେଇ ଖୋର୍ଦ୍ଧାଆଡ଼କୁ ଯାତ୍ରା କଲେ । ଖୋର୍ଦ୍ଧାର ଚତୁର୍ଦ୍ଦିଗରୁ ସେ ସମୟରେ କେବଳ ଚାରି ନିକ୍ଷିପ୍ତ ହେଉଥିଲା । ପ୍ରାୟ ତିନିସହସ୍ର ସଶସ୍ତ୍ର ପାଇକ ଏକତ୍ର ହୋଇଥିଲେ । କାହାର ସାଧ୍ୟ ଥିଲା ଯେ ସହଜରେ ଖୋର୍ଦ୍ଧା ମଧ୍ୟକୁ ସେ ସମୟରେ ଯାଇ ପୁଣି ପ୍ରାଣ ନେଇ ଫେରି ଆସେ । ଗଙ୍ଗପଡ଼ାଠାରେ ଫେରିସ ସାହେବ ନିହତ ହେଲେ । ଇମ୍ପି ସାହେବ ବ୍ୟତିବ୍ୟସ୍ତ ହୋଇ ପୁରୀଠାକୁ ଫେରିଗଲେ । ସେଠାରୁ ମନ୍ତ୍ରୀମାନଙ୍କୁ

କଟକ ଘେନ ଆସିବାର ପ୍ରସ୍ତାବ କଲେ । କ୍ୟାପ୍‌ଟେନ ଓ୍ୱଲିଂଟନ ନାମକ ଆଉ ଜଣେ ଇଂରାଜ ସୈନିକକର୍ମଚାରୀ ପୁରୀଠାକୁ ପ୍ରେରିତ ହେଲେ । ତାଙ୍କ ପ୍ରସ୍ତାବାନୁସାରେ ଲଫିଭର ସାହେବ ୫୫୦ ଜଣ ସେନା ଓ ଗୋଟିକେତେ ତୋପ ଘେନି ଖୋର୍ଦ୍ଧାକୁ ପ୍ରେରିତ ହେଲେ । ବିଦ୍ରୋହୀମାନେ ଇତିମଧ୍ୟରେ ପୁରୀ ଆକ୍ରମଣ କରି ସେ ନଗର ହସ୍ତଗତ କଲେ । ପୁରୀର ସମସ୍ତ ସାହେବମାନେ ଏପ୍ରେଲ ମାସ ୧୮ ତାରିଖ ଦିନ ଭୟରେ ପଳାଇ ଆସି କଟକରେ ପହଞ୍ଚିଲେ । ଲଫିଭର ସାହେବ ଖୋର୍ଦ୍ଧାରେ ପହଞ୍ଚି ପାଇକଗ୍ରାମମାନଙ୍କରେ ଅଗ୍ନି ଲଗାଇଦେଲେ ଓ ତାଙ୍କ ସଙ୍ଗେ ଥିବା ସୈନ୍ୟଙ୍କୁ ଏପରି ସଜାଇଲେ ଯେ, ତାହା ଶତ୍ରୁପକ୍ଷଙ୍କ ମନରେ ଶଙ୍କା ଜନ୍ମାଇଥିଲା । ଅବଶେଷରେ ସେ ପୁରୀକି ଯାଇ ପୁରୀରାଜାଙ୍କୁ ଧୃତ କଲେ । ସାରଙ୍ଗଗଡ଼ ପାଇକମାନଙ୍କର ଯୁଦ୍ଧର ଅସ୍ତ୍ରାଦି ଓ ଖାଦ୍ୟସାମଗ୍ରୀ ସଞ୍ଚୟ କରି ରଖିବାର ପ୍ରଧାନ ସ୍ଥଳ ହୋଇଥିଲା; ଅଦ୍ୟାପି ସାରଙ୍ଗଗଡ଼ର ଭୂମି ଖୋଳିଲେ ଗତ ହୋଇ ଯାଇଥିବା ଅପର୍ଯ୍ୟାପ୍ତ ପୁରୁଣା ଚାଉଳ ଶତ୍ରୁର ଔଦ୍ଧତ୍ୟ ଓ ଅନୁସନ୍ଧାନ ବର୍ଦ୍ଧନ କରଇ । ହ୍ୟାମିଲ୍‌ଟନ ସାହେବ ସାରଙ୍ଗଗଡ଼ ଆକ୍ରମଣ କରି ସେ ଦୁର୍ଗକୁ ଅଧିକାର କରିଥିଲେ । ସେଠାରୁ ସେ ପୁରୀ ଗମନ କଲେ ଓ ଲଫିଭର ସାହେବ ପୁରୀରୁ ପୁରୀରାଜାଙ୍କୁ ସତର୍କତାର ସହିତ କଟକ ଆନୟନ କଲେ । କଟକରେ ବାରବାଟୀ କିଲ୍ଲା ମଧ୍ୟରେ ରାଜା ବନ୍ଦୀ ହୋଇ ରହିଲେ ।

ଖୋର୍ଦ୍ଧାଠାରେ ସର ମେଟ୍ରିଣ୍ଡଲ ସାହେବ ମିଲିଟାରୀ କମିଶନର ନିଯୁକ୍ତ ହୋଇ ଇଞ୍ଜର ସାହେବଙ୍କୁ ସଙ୍ଗେ ଘେନି ଯୁଦ୍ଧ କରିବାର୍ଥ ୧୮୧୭ ମସିହାର ମେ ମାସରେ ଉପସ୍ଥିତ ହେଲେ । ଦେଶର ଅନ୍ୟାନ୍ୟ ଭାଗରେ ମଧ୍ୟ ପାଇକଙ୍କର ଉତ୍ପାତ ଘଟିଥିଲା । ପାଇକମାନେ ଅସୁରେଶ୍ୱର, ଢରଣ, ହରିହରପୁର, ଓ ଗୋପ ଥାନାମାନ ପୋଡିଦେଇ ଦେଶର ଅନ୍ୟାନ୍ୟ ବହୁ ଅନିଷ୍ଟ ଉତ୍ପାଦନ କଲେ । କୁଜଙ୍ଗ ଓ କନିକା ରାଜାମାନେ ଗୁପ୍ତଭାବରେ ସେମାନଙ୍କୁ ଉତ୍ତେଜିତ କରୁଥିଲେ । ସେହି ୧୮୧୭ ଖ୍ରୀଷ୍ଟାବ୍ଦର ସେପ୍ଟେମ୍ବର ମାସରେ କ୍ୟାପ୍ଟେନ କେନେଟ୍ ସାହେବ କେତେକ ସୈନ୍ୟ ଘେନି କୁଜଙ୍ଗ ବିରୁଦ୍ଧରେ ଯାତ୍ରା କଲେ । ପାରଦ୍ୱୀପ ଅନାୟାସରେ ତାଙ୍କର ହସ୍ତଗତ ହେଲା । ପାରଦ୍ୱୀପରୁ ନୂଆଗଡ଼ ଗ୍ରାମକୁ କେନେଟ୍ ସାହେବ ଯାତ୍ରା କଲେ । ସେଠାରେ ଦୁଇହଜାର ପାଇକଙ୍କ ସଙ୍ଗେ ଯୁଦ୍ଧ ହେଲା, ପାଇକମାନେ ପରାସ୍ତ ହେଲେ । ଦୁଇ ହସ୍ତୀ ଓ ଆଠ ଅଶ୍ୱ କେନେଟ୍ ସାହେବ ଯୁଦ୍ଧରେ ଲାଭ କଲେ । ନାରାୟଣ ପରମଗୁରୁ ଓ ବାମଦେବ ପାଟଯୋଷୀ ପାଇକଙ୍କର ଦୁଇ ନେତା ଏ ମଧ୍ୟ ଧୃତ ହେଲେ । କୁଜଙ୍ଗରାଜା ଆତ୍ମସମର୍ପଣ କଲେ । ବାରବାଟୀ କିଲ୍ଲାରେ କୁଜଙ୍ଗରାଜା ବର୍ଷେ କାଳ କାରାରୁଦ୍ଧ ହୋଇ ରହିଲେ ।

Digitized by srujanika@gmail.com

ପରମସ୍ଥରୁ ଓ ପାଟଯୋଷୀ ଦ୍ୱୀପାନ୍ତରିତ ହେଲେ । ୧୮୧୭ ମସିହାର ଜୁନ ମାସରେ କରୁଣାକର ସର୍ଦ୍ଦାର ନାମକ ଜଣେ ଗୋପ ଥାନାରୁ କର୍ମଚାରୀ ଓ ବରକନ୍ଦାଜଙ୍କୁ ତଡ଼ିଦେଇ ଥାନାଘରେ ନିଆଁ ଲଗାଇ ଦେଲା । ବରକନ୍ଦାଜମାନେ ମୁଣ୍ଡରେ ହାତ ଦେଇ ଦୁଃଖିତମନା ହୋଇ ପିପିଲିଠାରେ ଇଂରାଜ ସୈନିକପୁରୁଷଙ୍କୁ ସମସ୍ତ ବୃତ୍ତାନ୍ତ ଜଣାଇଲେ । ତଦନନ୍ତର ସେଠାରୁ ଜଣେ କର୍ମଚାରୀ ୮୦ ଜଣ ସିପାହୀ ଘେନି ଗୋପଠାରେ ଉପସ୍ଥିତ ହେଲେ । କିନ୍ତୁ ସେଠାରେ ଶତ୍ରୁଙ୍କର କୌଣସି ନିଦର୍ଶନ ପାଇଲେ ନାହିଁ ।

ଅବଶେଷରେ ସେହି ଅକ୍ଟୋବର ମାସ ସୁଦ୍ଧା ମୋଗଲବନ୍ଦୀ ଅଞ୍ଚଳରେ ଏକ-ପ୍ରକାର ଶାନ୍ତି ବିସ୍ତାରିତ ହେଲା । ଖୋର୍ଦ୍ଧାରେ ପାଇକଙ୍କର ଆଉ ବିଦ୍ରୋହ ନ ଘଟିଲେ ସୁଦ୍ଧା ସେମାନଙ୍କର ଅତ୍ୟାଚାର କିଛିକାଳ ପର୍ଯ୍ୟନ୍ତ ସ୍ଥଗିତ ହୋଇ ନ ଥିଲା । ଅନନ୍ତର ୧୮୨୬ ମସିହା ପର୍ଯ୍ୟନ୍ତ ଦେଶର ଭିନ୍ନ ଭିନ୍ନ ସ୍ଥାନରେ ଯୁଦ୍ଧସୈନିକ ପୁରୁଷମାନେ ସ୍ଥାପିତ ହୋଇଥିଲେ । ତହିଁଉତ୍ତାରୁ କଟକରେ ସମବେତ ହୋଇ ରହି ଆଜିପର୍ଯ୍ୟନ୍ତ ସ୍ଥିତ ହୋଇଅଛନ୍ତି ।

ଅନାଦାୟ ଓଡ଼ିଶା ରାଜସ୍ୱ — ୧୮୧୭-୧୮ ମସିହା ପର୍ଯ୍ୟନ୍ତ ୨୧୨୨୨୭୪୮ ଟଙ୍କା ସୁଦ୍ଧା ଭୂମି ରାଜସ୍ୱ ଓଡ଼ିଶାରେ ଅନାଦାୟ ପଡ଼ିଥିଲା । ଖୋର୍ଦ୍ଧା ବିଦ୍ରୋହରେ ଇଂରାଜଙ୍କର ରାଜ୍ୟ ଲୁପ୍ତ ହେବ ବୋଲି ଭୂମ୍ୟଧିକାରୀମାନେ ବାକୀ ଖଜଣା ପଠାଇବାର ଓ ଚଳିତବର୍ଷର ଖଜଣା ନିୟମିତରୂପେ ଦେବାର ସ୍ଥଗିତ କରିଥିଲେ । ୧୮୧୭-୧୮ ମସିହାର ପୁରା ଖଜଣା ଏକାବେଳକେ ପଠାଇଲେ । ୧୮୧୬-୧୭ ମସିହାର ତିନପଣ ଓ ବକେୟା ସମସ୍ତ ରାଜସ୍ୱ ଛାଡ଼ ଦିଆଯିବ ବୋଲି ବିଜ୍ଞାପନ ପ୍ରଚାରିତ ହେବାରୁ ଅନେକ ଟଙ୍କା ଅଦାୟ ହେଲା । ଗବର୍ଣ୍ଣର ଜେନରଲଙ୍କ ସମ୍ମତିକ୍ରମେ ସାର୍ଦ୍ଧ ଅଷ୍ଟଲକ୍ଷ ଟଙ୍କା ଅଦାୟର ଅଯୋଗ୍ୟ ବୋଲି ଖାରଜ ଦିଆ ହୋଇଥିଲା ।

ଗବର୍ଣ୍ଣର ଜେନେରଲ—ମାର୍କୁଇସ୍ ଅଫ୍ ଓଏଲେସଲିଙ୍କ ଶାସନ ସମୟରେ ଓଡ଼ିଶା ଇଂରାଜରାଜ୍ୟଭୁକ୍ତ ହୋଇଥିଲା । ୧୮୦୫ ମସିହାରେ ସେ ବିଲାତକୁ ପ୍ରତ୍ୟାବର୍ତ୍ତିତ ହେଲେ । ଲର୍ଡ କର୍ଣ୍ଣଓଆଲିସ୍ ଦ୍ୱିତୀୟଥର ଗବର୍ଣ୍ଣର ନିଯୁକ୍ତ ହୋଇ ଭାରତରେ ପ୍ରାଣତ୍ୟାଗ କଲେ । ତାଙ୍କର ଉତ୍ତରାଧିକାରୀ ବାର୍ଲୋ ସାହେବ (୧୮୦୫-୧୮୦୭) ଦୁଇବର୍ଷ ରାଜ୍ୟଶାସନ କଲେ । ତଦନନ୍ତର ମିଣ୍ଟୋ ସାହେବ ଗବର୍ଣ୍ଣର ହେଲେ । ତାଙ୍କ ଶାସନ ସମୟରେ ଖ୍ରୀଷ୍ଟିୟାନ ଧର୍ମପ୍ରଚାରକମାନେ ଧର୍ମ ପ୍ରଚାରର ଆଜ୍ଞା ବିଲାତରେ ଲାଭ କଲେ ଓ ସାଧାରଣ ବିଦ୍ୟାଶିକ୍ଷା ନିମନ୍ତେ ଲକ୍ଷେ ଟଙ୍କା ସରକାରୀ ରାଜସ୍ୱରୁ ନିଯୋଜିତ ହେଲା । ତଦନନ୍ତର ଲର୍ଡ ମଏର (୧୮୧୩

Digitized by srujanika@gmail.com

-୧୮୨୩ ) ଗବର୍ଣ୍ଣର ପଦ ଧାରଣ କଲେ । ତାଙ୍କ ଉତ୍ତାରୁ ଲର୍ଡ଼ ଆମହର୍ଷ୍ଟ ଗବର୍ଣ୍ଣର ନିଯୁକ୍ତ ହୋଇ ଭାରତକୁ ଆସିଲେ ( ୧୮୨୩-୧୮୨୮ ) ।

ଓଡ଼ିଶାରେ କମିଶନର ପଦର ସୃଷ୍ଟି ଓ ଶାସନର କେତେକ ପରିବର୍ତ୍ତନ— ଖୋର୍ଦ୍ଧା ବିଦ୍ରୋହ ଉତ୍ତାରୁ ୧୮୧୮ ଖ୍ରୀଷ୍ଟାବ୍ଦରେ ଓଡ଼ିଶାରେ ପ୍ରଥମ ହୋଇ କମିଶନର ପଦର ସୃଷ୍ଟି ହେଲା । ସେହି ବର୍ଷ ୨୩ ତାରିଖ ମାର୍ଚ୍ଚରେ ରିକେଟ କର ସାହେବ ଓଡ଼ିଶାର ପ୍ରଥମ କମିଶନର ନିଯୁକ୍ତ ହେଲେ । ତାଙ୍କ ଉତ୍ତାରୁ ବ୍ଲଣ୍ଟ ସାହେବ ୧୯ ତାରିଖ ନଭେମ୍ବର ୧୮୧୯ ମସିହାରୁ ୧୮୨୮ ମସିହା ପର୍ଯ୍ୟନ୍ତ ଓଡ଼ିଶାର କମିଶନରସ୍ୱରୂପ କାର୍ଯ୍ୟ କଲେ ।

୧୮୧୪-୧୮୧୭ ମସିହା ମଧ୍ୟରେ ଜଣେ ଜଏଣ୍ଟ ମେଜିଷ୍ଟ୍ରେଟ ବାଲେଶ୍ୱରରେ କାର୍ଯ୍ୟ କରୁଥିଲେ । ପୁଣି ୧୮୨୦ ମସିହା ପର୍ଯ୍ୟନ୍ତ ମାଜିଷ୍ଟ୍ରେଟଙ୍କ ଅଧୀନ ବାଲେଶ୍ୱରରେ ଜଣେ ଆସିଷ୍ଟାଣ୍ଟ ମେଜିଷ୍ଟ୍ରେଟ ମଧ୍ୟ ଥିଲେ । ୧୮୧୩ରୁ ୧୮୧୯ ମସିହା ପର୍ଯ୍ୟନ୍ତ ଉଇଲକିନ୍‌ସନ୍ ସାହେବ ପୁରୀର ଆସିଷ୍ଟାଣ୍ଟ ଓ ତଦନନ୍ତର ଖୋର୍ଦ୍ଧା ଜଏଣ୍ଟ ମେଜିଷ୍ଟ୍ରେଟ ଓ ଅବଶେଷରେ ୧୮୨୨ ମସିହାରେ ଉଇଲକିନ୍‌ସନ୍ ସାହେବ କଟକ ଓ ଖୋର୍ଦ୍ଧାର କଲେକ୍ଟର ନିଯୁକ୍ତ ହୋଇ ବାଲେଶ୍ୱର ଓ ଭଦ୍ରଖର କଲେକ୍ଟରର ଭାର ରିକେଟ ସାହେବଙ୍କ ହସ୍ତରେ ଅର୍ପିତ ହେଲା । ଏହି ବନ୍ଦୋବସ୍ତ ୧୮୨୮ ମସିହା ପର୍ଯ୍ୟନ୍ତ ଚାଲିଲା । ବୈତରଣୀ ନଦୀ ଓଡ଼ିଶାର ଉତ୍ତର ଓ ଦକ୍ଷିଣର ମଧ୍ୟବର୍ତ୍ତୀ ସୀମା ନିର୍ଦ୍ଦେଶ କରୁଥିଲା । ୧୮୨୮ ମସିହା ପର୍ଯ୍ୟନ୍ତ ଜଜମାନେ ମେଜିଷ୍ଟ୍ରେଟ ଉପାଧି ସୁଦ୍ଧା ଧାରଣ କରୁଥିଲେ ।

ଓଡ଼ିଶା ଜରିପ ଓ ବନ୍ଦୋବସ୍ତ—୧୮୧୮ ମସିହାରେ ଓଡ଼ିଶାର ପ୍ରଥମ ଇଂରାଜ ଜରିପର ସୂତ୍ରପାତ ହେଲା । ସେଥର ବକ୍‌ନ ସାହେବଙ୍କ ହସ୍ତରେ ଜରିପର ଭାର ଥାଇ କଟକ ଜିଲା ମପା ହୋଇଥିଲା । ୧୮୨୦ ମସିହାରେ ପୁରୀ ଜିଲା ମପା ହେବାର ଆରମ୍ଭ ହେଲା ।

୧୮୧୮ ମସିହାରେ ୧୩ ଆଇନ ଅନୁସାରେ ପୁଣି ଓଡ଼ିଶା ତିନି ବର୍ଷ ସକାଶେ ବନ୍ଦୋବସ୍ତ ହୋଇଥିଲା । ପୁଣି ୧୮୦୭ ମସିହାର ୭ ଆଇନ ଅନୁସାରେ ପାଞ୍ଚ ବର୍ଷ ସକାଶେ ( ଅର୍ଥାତ୍ ୧୮୨୮ ମସିହା ପର୍ଯ୍ୟନ୍ତ ) ଓଡ଼ିଶା ବନ୍ଦୋବସ୍ତ ହୋଇଥିଲା । ଏହି ଦୁଇ ବନ୍ଦୋବସ୍ତରେ ଭୂମି ରାଜସ୍ୱ ପୂର୍ବାପେକ୍ଷା ବହୁ ଗୁଣ ହୋଇଥିବାର ପ୍ରତୀୟମାନ ହୁଅଇ ।

ଓଡ଼ିଆ ଭୂମ୍ୟଧିକାରୀଙ୍କର ସଂଖ୍ୟା ହ୍ରାସ—ଅନେକ କଲିକତାର ରାଜାଏ ଓ

Digitized by srujanika@gmail.com

ଜମିଦାରମାନେ ଇଂରାଜ ଶାସନପ୍ରଣାଳୀ ଅନୁସାରେ ନିୟମିତରୂପେ ରାଜସ୍ୱ ଆଦାୟ ନ କରିଥିବାରୁ ସେମାନଙ୍କର ବୃତ୍ତିମାନ ନିଲାମରେ ଡାକ ହୋଇଥିଲା । ପୂର୍ବେ କଲିକତା ବୋର୍ଡ଼ ରେଭିନ୍ୟୁର ଅଧୀନ ଥାଇ ଓଡ଼ିଶାର ସବୁ ନିଲାମ ଡାକମାନ କଲିକତାଠାରେ ହେଉଥିଲା; ସୁତରାଂ ଓଡ଼ିଶାରେ ବଙ୍ଗୀୟ ଜମିଦାର ସଂଖ୍ୟା ଅଧିକ ହୋଇ ଓଡ଼ିଆ ଜମିଦାର ସଂଖ୍ୟା ଦିନକୁ ଦିନ ହ୍ରାସ ହେଉଥିଲା । ମଧ୍ୟ ନୂତନ ବିଦେଶୀୟ ଭୂମ୍ୟଧିକାରୀମାନେ ମଧ୍ୟେ ମଧ୍ୟେ ଅଳ୍ପ ବହୁତରେ ଓଡ଼ିଆ ଜମିଦାରଙ୍କ ଉପରେ ଅତ୍ୟାଚାର ସୃଷ୍ଟି କରୁଥିଲେ । ଦୂରରେ ନିଲାମ ହେଉଥିବା ଯୋଗୁଁ ଉଚିତ ମୂଲ୍ୟରେ ମଧ୍ୟ ଜମିଦାରୀମାନ ନିଲାମ ହେଉ ନ ଥିଲା । ଏପରି ଲିଖିତ ଅଛି, ଏକଲକ୍ଷ ଏକୋଇଶିହଜାର ଛଅଶ ପଞ୍ଚାନବେ ଟଙ୍କାର (୧୨୧୬୯୫) ସଦରଜମାର ଏକଶ୍ରୀଲଶ ତାଲୁକ ଜମିଦାରୀ ମୋଟ ୪୬୨୦୫ ଟଙ୍କାରେ ନିଲାମ ହୋଇଥିଲା । ଏହିଥିରୁ ଓଡ଼ିଆଙ୍କର କ୍ରମଶଃ ଧନହୀନତା କେତେଦୂର ବୃଦ୍ଧି ହୋଇଥିଲା ସହଜରେ ଅନୁମିତ ହୋଇ ପାରେ । କର ସାହେବ ଓ ଅନ୍ୟାନ୍ୟ ସାହେବମାନେ ପ୍ରଚଳିତ ରୀତିର ଅନିଷ୍ଟକାରିତା ଦେଖାଇ ବୋର୍ଡ଼କୁ ପତ୍ର ଲେଖିଥିଲେ ଓ ଅବଶେଷରେ କିଛିକାଳ ଉତ୍ତାରୁ କଲିକତାରେ ନିଲାମ ହେବା ପ୍ରଥା ପରିବର୍ତ୍ତିତ ହୋଇଥିଲା ।

ଦଶପଲ୍ଲା, କେନ୍ଦୁଝର, ନୟାଗଡ଼, ନରସିଂହପୁର, ତିଗିରିଆ ଓ ହିନ୍ଦୋଳ ଏହି ଗଡ଼ଜାତମାନଙ୍କରୁ ନିୟମିତରୂପେ ରାଜସ୍ୱ ଆଦାୟ ହୋଇ ନ ଥିବାରୁ, ଏମାନ ନିଲାମ ହୋଇ ରାଜାମାନଙ୍କୁ ଭୟ ଦର୍ଶାଇବା ସକାଶେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା କ୍ରୀତ ହୋଇଥିଲା । ତଦନନ୍ତର ରାଜାଙ୍କ ଦେୱାନମାନେ କଟକକୁ ଆସି କମିଶନରଙ୍କୁ ସ୍ୱତନ୍ତ୍ର ବନ୍ଦୋବସ୍ତ କରି ପେସ୍କସ୍ ପଠାଇ ସବୁ ବିଷୟ ମୀମାଂସା କରିଥିଲେ । ତଦନନ୍ତର ନିଲାମମାନ ରହିତ ହୋଇଥିଲା ( ୧୮୧୮ ) ।

ଓଡ଼ିଶାକୁ ଖ୍ରୀଷ୍ଟୀୟାନ ମିଶନରଙ୍କ ଆଗମନ—୧୮୨୨ ଖ୍ରୀଷ୍ଟାବ୍ଦର ଫେବ୍ରୁଆରୀ ମାସ ୧୨ ତାରିଖରେ ଖ୍ରୀଷ୍ଟୀୟାନ ମିଶନରୀମାନେ ବଙ୍ଗଳାରୁ ଆସି ପ୍ରଥମ ଓଡ଼ିଶା କୂଳରେ ଜାହାଜ ଲଙ୍ଗର କଲେ । ରେଭରେଣ୍ଡ କ୍ୟାମ୍ପବେଲ୍ ସାହେବ ପ୍ରଥମ ଧର୍ମପ୍ରଚାରାର୍ଥ ଓଡ଼ିଶାକୁ ଆସିଥିଲେ । ତଦନନ୍ତର ୨ ବର୍ଷ ଭିତରୁ ସୁପ୍ରସିଦ୍ଧ ପାଦ୍ରୀ ଲେସି ଓଡ଼ିଶାକୁ ଆଗମନ କଲେ । ପାଦ୍ରୀମାନଙ୍କଦ୍ୱାରା ଓଡ଼ିଶାର କେତେକ ଉପକାର ହୋଇଅଛି । ସେମାନେ ପ୍ରଥମ ଓଡ଼ିଶାକୁ ମୁଦ୍ରାଯନ୍ତ୍ର ଆଣି ଉତ୍କଳ ଅକ୍ଷର ଖୋଲାଇ ଦେଶରେ ଛପା ପୁସ୍ତକର ପ୍ରଚାର କରାଇଅଛନ୍ତି ।

Digitized by srujanika@gmail.com

ଦେଶରୁ କେତେକ କୁସଂସ୍କାର ଦୂରୀକରଣାର୍ଥ ସେମାନଙ୍କର ଚେଷ୍ଟା ମଧ୍ୟ ପ୍ରଶଂସାର ଯୋଗ୍ୟ ଅଟେ ।

ଗବର୍ଣ୍ଣର ଜେନେରଲ ଓ ଲେଫ୍ଟନେଣ୍ଟ ଗବର୍ଣ୍ଣର—୧୮୨୮ ମସିହାରୁ ୧୮୩୫ ମସିହା ପର୍ଯ୍ୟନ୍ତ ଲର୍ଡ ବେଣ୍ଟିକ ଗବର୍ଣ୍ଣର ଜେନରଲ ପଦ ଧାରଣ କରିଥିଲେ । ତାଙ୍କ ଶାସନ ସମୟରେ ସହମରଣ ପ୍ରଥା ରହିତ ହୋଇଥିଲା । କଲିକତାରେ ପ୍ରଥମ ବ୍ରାହ୍ମସମାଜ ସଂସ୍ଥାପିତ ହେଲା (୧୮୨୯) । ଇଂରାଜୀ ଶିକ୍ଷା ପ୍ରଚାର ପ୍ରତି ବିଶେଷ ଦୃଷ୍ଟି ନିକ୍ଷିପ୍ତ ହେଲା । ମଧ୍ୟ ଡେପୁଟୀକଲେକ୍ଟରୀ ଓ ପ୍ରଧାନ ସଦରଅମିନୀ ପଦମାନ ସୃଷ୍ଟି ହୋଇ ସେ କାର୍ଯ୍ୟମାନ ଦେଶୀୟ ଲୋକେ ପାଇବାର ସ୍ଥିର ହେଲା । ତଦନନ୍ତର ବର୍ଷେ କାଳ ମେଟ୍‌କାଫ୍ ସାହେବ ଗବର୍ଣ୍ଣର ଜେନରଲ ହୋଇ ମୁଦ୍ରାଯନ୍ତ୍ରର ସ୍ୱାଧୀନତା ସଂସ୍ଥାପନ କଲେ । ତାହାଙ୍କ ଉତ୍ତାରୁ ଲର୍ଡ ଅକ୍‌ଲେଣ୍ଡ, ଲର୍ଡ ଏଲେନ୍‌ବରା, ଲର୍ଡ ହାର୍ଡିଞ୍ଜ (୧୮୩୬-୧୮୪୮) ଭିନ୍ନ ଭିନ୍ନ ସମୟରେ ଗବର୍ଣ୍ଣର ଜେନରଲର ପଦ ଧାରଣ କରିଥିଲେ । ସେମାନଙ୍କ ଉତ୍ତାରୁ ୧୮୪୮ ମସିହାରେ ଲର୍ଡ ଡେଲହାଉସୀ ଗବର୍ଣ୍ଣର ହେଲେ । ତାଙ୍କ ସମୟରେ କଲିକତା ବିଶ୍ୱବିଦ୍ୟାଳୟ ସ୍ଥାପନ, ସ୍କୁଲମାନଙ୍କରେ ଅର୍ଥସାହାଯ୍ୟ ପ୍ରଣାଳୀ ପ୍ରବର୍ତ୍ତନ ଓ ସ୍ତ୍ରୀଶିକ୍ଷାର ଚେଷ୍ଟା ହୋଇଥିଲା; ମଧ୍ୟ ଡାକ ବିଭାଗ ସ୍ଥାପନ ଓ ବିଧବା ବିବାହ ବ୍ୟବସ୍ଥା ବିଧିବଦ୍ଧ ହୋଇଥିଲା । ତାଙ୍କ ଉତ୍ତାରୁ ଲର୍ଡ କେନିଂ ଗବର୍ଣ୍ଣର ହେଲେ (୧୮୫୬) । ତାଙ୍କ ଶାସନ ସମୟରେ ସିପାହୀ ବିଦ୍ରୋହ ଘଟିଥିଲା ଓ ମହାରାଣୀ ସ୍ୱୟଂ କମ୍ପାନୀଙ୍କ ହସ୍ତରୁ ଶାସନଭାର ଗ୍ରହଣ କରିଥିଲେ । ତାଙ୍କଦ୍ୱାରା ଭାରତବର୍ଷୀୟ ଦଣ୍ଡବିଧି, ଦେବାନୀ ଓ ଫଉଜଦାରୀ ଓ ଭୂମିସଂକ୍ରାନ୍ତ ୧୦ ଆଇନ ପ୍ରଚଳିତ ହୋଇଥିଲା । ତଦନନ୍ତର ଲର୍ଡ ଏଲଗିନ୍ ଓ ସର୍ ଉଇଲିୟମ ଡେନିସନ, ସର୍ ଜନ୍ ଲରେନ୍ସ ଓ ଲର୍ଡ ମେଓ ଭାରତରେ ଗବର୍ଣ୍ଣର ଜେନେରଲ ଓ ରାଜପ୍ରତିନିଧି ପଦ ଧାରଣ କରି ଶାସନ ଚଳାଇଥିଲେ । ଲର୍ଡ ମେଓ ଅଣ୍ଡାମାନ ଦ୍ୱୀପ ହୋଇ ଓଡ଼ିଶାକୁ ଆସିବାପାଇଁ ଯାତ୍ରା କରୁଥିବା ସମୟରେ ଜଣେ ନିର୍ବାସିତ ମୁସଲମାନର ଛୁରିକାଘାତରେ ୧୮୭୨ ମସିହା ୮ ତାରିଖ ଫେବ୍ରୁଆରୀ ଦିନ ମାନବଲୀଳା ସମ୍ବରଣ କଲେ । ଲର୍ଡ ମେଓଙ୍କ ମୃତ୍ୟୁ ଉତ୍ତାରୁ, ଲର୍ଡ ନର୍ଥବ୍ରୁକ୍ ୧୮୭୬ ମସିହା ପର୍ଯ୍ୟନ୍ତ ଗବର୍ଣ୍ଣର ଜେନରଲ ଥାଇ ଏହି ବର୍ଷ ବିଲାତ ଯାଇଅଛନ୍ତି । ମହାରାଣୀଙ୍କ ଜ୍ୟେଷ୍ଠପୁତ୍ରଙ୍କର ଭାରତାଗମନ ନର୍ଥବ୍ରୁକଙ୍କ ଶାସନ ସମୟର ସର୍ବପ୍ରଧାନ ଘଟନା । ବର୍ତ୍ତମାନ ଲର୍ଡ ଲିଟନ ତାଙ୍କ କାର୍ଯ୍ୟରେ ନିଯୁକ୍ତ ହୋଇଅଛନ୍ତି ।

Digitized by srujanika@gmail.com

୧୮୫୪ ଖ୍ରୀଷ୍ଟାବ୍ଦରେ ହାଲିଡେ ସାହେବ ବଙ୍ଗ, ବେହାର ଓ ଓଡ଼ିଶାର ପ୍ରଥମ ଲେଫ୍‌ଟନେଣ୍ଟ୍ ଗବର୍ଣ୍ଣର ନିଯୁକ୍ତ ହେଲେ । ତାଙ୍କ ଉତ୍ତାରୁ ସର୍ ଜନ୍ ପିଟର ଗ୍ରାଣ୍ଟ (୧୮୫୯-୬୨), ସର୍ ସିସିଲ ବିଡ଼ନ (୧୮୬୨-୬୭), ସର ଉଇଲିୟମ ଗ୍ରେ (୧୮୬୭-୭୧), ସର୍ ଜର୍ଜ କେମ୍ବଲ (୧୮୭୧-୭୪) ଓ ସର୍ ରିଚର୍ଡ ଟେମ୍ପଲ (୧୮୭୪-୭୭), କ୍ରମାନ୍ୱୟେ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ନିଯୁକ୍ତ ହୋଇଅଛନ୍ତି । ସିସିଲ ବିଡ଼ନଙ୍କ ସମୟରେ ଓଡ଼ିଶାରେ ଏକ ଘୋର ଦୁର୍ଭିକ୍ଷ ପଡ଼ିଥିଲା ଓ ସେ ସେଥିର ଆରମ୍ଭରେ ଥରେ ଓଡ଼ିଶାକୁ ଆସିଥିଲେ । ସର୍ ଜର୍ଜ କାମ୍ବେଲ ରାଜକୋଷ ମୁଦ୍ରା ବ୍ୟୟିତ ହୋଇ ବଙ୍ଗଦେଶରେ ଉଚ୍ଚଶିକ୍ଷା ପ୍ରଦତ୍ତ ହେବା ଏ ବିଷୟର ବିରୋଧୀ ଥିଲେ । ତାଙ୍କ ଶାସିତ ରାଜ୍ୟମାନଙ୍କରେ ପାଠଶାଳା ସ୍ଥାପନର ସୂତ୍ରପାତ କରି ସାଧାରଣ ପ୍ରଜାବର୍ଗଙ୍କର ସେ ବିଶେଷ ଉପକାର ସାଧିଅଛନ୍ତି । ୧୮୭୪ ମସିହାର ନବେମ୍ବର ମାସରେ ଟେମ୍ପଲ ସାହେବ ଓଡ଼ିଶା ପରିଦର୍ଶନାର୍ଥେ ଆଗମନ କରିଥିଲେ । ଓଡ଼ିଶାରେ କଲେଜ, ମେଡିକେଲ ସ୍କୁଲ ପ୍ରଭୃତି ବସାଇବା ବିଷୟରେ ସେ ଯତ୍ନ କରିଅଛନ୍ତି; ମାତ୍ର ଦୁଃଖର ବିଷୟ ଯେ, ଏ ସମସ୍ତ ଅନ୍ୟାନ୍ୟ ସ୍ଥଳ ପରି ଉଚ୍ଚ ଆଦର୍ଶରେ ପ୍ରତିଷ୍ଠିତ ହୋଇ ନାହିଁ । ବର୍ତ୍ତମାନ ମାନନୀୟ ଇଡ଼ନ ସାହେବ ଲେଫ୍‌ଟନେଣ୍ଟ ଗବର୍ଣ୍ଣର ଅଟନ୍ତି ।

ପୁରୀ ରାଜା – ଜଗବନ୍ଧୁ ବିଦ୍ୟାଧରଙ୍କ ବିଦ୍ରୋହ ସମୟରେ ପୁରୀ ରାଜାଙ୍କୁ ଧୃତ କରି ଆଣି ବାରବାଟୀରେ କାରାରୁଦ୍ଧ କରିଥିଲେ । କିନ୍ତୁ ସେ ନିର୍ଦ୍ଦୋଷ ସପ୍ରମାଣ ହେବାରୁ ତାଙ୍କୁ ଜଗନ୍ନାଥ ମନ୍ଦିରର ତତ୍ତ୍ୱାବଧାରକ ନିଯୁକ୍ତ କରି ଓ ମାସିକ ଟ ୨୩୩୩୯ ଙ୍କା ହିସାବରେ ବୃତ୍ତି ଦେଇ ପୁରୀଠାରେ ପୁରୁଷାନୁକ୍ରମେ ରହିବା ସକାଶେ ଇଂରାଜ ଗବର୍ଣ୍ଣମେଣ୍ଟ ଆଦେଶ ଦେଲେ ।

ଓଡ଼ିଶା ଶାସନର ନୂତନ ପ୍ରକାର ବନ୍ଦୋବସ୍ତ—୧୮୨୮ ମସିହାର ୧୩ ତାରିଖ ଅକ୍ଟୋବରଠାରୁ ଓଡ଼ିଶା ତିନି ଜିଲ୍ଲାରେ ( ଯଥା—କଟକ, ପୁରୀ, ବାଲେଶ୍ୱର ) ବିଭକ୍ତ ହୋଇ ହଣ୍ଟର, ଉଇଲକିନ୍‌ସନ୍ ଓ ରିକେଟ୍ସ ଯଥାକ୍ରମେ ତିନି ଜିଲ୍ଲାରୁ କଲେକ୍ଟର ମେଜିଷ୍ଟର ନିଯୁକ୍ତ ହେଲେ । ଲବଣ କଷ୍ଟମ ଇତ୍ୟାଦିର ଭାର ମଧ୍ୟ ସେମାନଙ୍କ ହସ୍ତରେ ଅର୍ପିତ ରହିଲା । ଜଜମାନେ ମେଜିଷ୍ଟ୍ରେଟ୍ର କ୍ଷମତା ଚଳାଇବାରୁ ଯାନ୍ତ ହେଲେ ।

୧୮୨୮ ମସିହାରେ ଓଡ଼ିଶା ଏକ ଭିନ୍ନ କମିଶନର ବିଭାଗ ସ୍ଥିର ହୋଇ କମିଶନରମାନେ ଷ୍ଟଦନ୍ତ୍ରୁମ କାର୍ଯ୍ୟ ଚଳାଇବାର କ୍ଷମତା ପ୍ରାପ୍ତ ହେଲେ ।

Digitized by srujanika@gmail.com

କମିଶନରମାନଙ୍କୁ ଗଡ଼ଜାତସମୂହର ସୁପରିଣ୍ଟେଣ୍ଡେଣ୍ଟ ଅର୍ଥାତ୍ ତତ୍ତ୍ୱାବଧାରକର କାର୍ଯ୍ୟ ସୁଦ୍ଧା ଚଳାଇବାକୁ ହେଉଥିଲା । ୧୮୨୮ ମସିହାରୁ ୧୮୬୮ ମସିହା ପର୍ଯ୍ୟନ୍ତ ଓଡ଼ିଶାରେ ତେର ଜଣ କମିଶନର * ନିଯୁକ୍ତ ହୋଇ କାର୍ଯ୍ୟ କରିଅଛନ୍ତି ।

ସେମାନଙ୍କ ମଧ୍ୟରୁ ମିଲ୍ସ ସାହେବ ଜମିଦାରମାନଙ୍କ ସଙ୍ଗେ ୧୮୩୬।୩୭ ମସିହାର ବନ୍ଦୋବସ୍ତକୁ ୩୦ ବର୍ଷ ସକାଶେ ସ୍ଥିର କରିବା ପ୍ରସ୍ତାବ ଲାଭ କରିଥିଲେ । କଟକର ଇଂରାଜୀ ସ୍କୁଲ ପ୍ରଥମ ତାହାଙ୍କଦ୍ୱାରା ସ୍ଥାପିତ ହୋଇଥିଲା । ବାଙ୍କୀର ରାଜା ଅତ୍ୟନ୍ତ ଅତ୍ୟାଚାରି କରି ଜଣେ ବ୍ରାହ୍ମଣର ପରିବାରକୁ ସମୂଳେ ନଷ୍ଟ କରିଥିବାରୁ ସେ କାରାରୁଦ୍ଧ ହୋଇ ମିଲ୍ସଙ୍କ ସମୟରେ ବାଙ୍କୀ ଖାସ ହୋଇ-ଥିଲା (୧୮୪୦) । ବର୍ତ୍ତମାନ ବାଙ୍କି ଜଣେ ତହସିଲଦାରଙ୍କର ତତ୍ତ୍ୱାବଧାରଣରେ ଇଂରାଜ ଶାସନ ଭୋଗ କରୁଅଛି । ଗୋଲ୍ଡସ୍‌ବରି ସାହେବଙ୍କ ସମୟରେ ଅନୁଗୁଳ ରାଜା ଗବର୍ଣ୍ଣମେଣ୍ଟଙ୍କ ବିରୁଦ୍ଧରେ ବିଦ୍ରୋହାଚରଣ କରିବାରୁ ୧୮୪୭ ମସିହାରେ ଗବର୍ଣ୍ଣମେଣ୍ଟଙ୍କଦ୍ୱାରା ଖାସ ହୋଇ ଆଜି ପର୍ଯ୍ୟନ୍ତ ବାଙ୍କି ପରି ଜଣେ ତହସିଲଦାରଙ୍କର ଶାସନ ଓ ତତ୍ତ୍ୱାବଧାରଣରେ ରହିଅଛି । ବୌଦର ଅନ୍ତର୍ଗତ କନ୍ଧମାଳର କନ୍ଧମାନେ ହଳଦୀ ଚାଷରେ ମେରିଆ ନାମକ ନରବଳୀ ପ୍ରଦାନ କରୁଥିଲେ । ମିଲ୍ସ ସାହେବଙ୍କ ସମୟରେ ଉକ୍ତ ନୃଶଂସ ପ୍ରଥା ରହିତ କରିବାର ଚେଷ୍ଟାର ସୂତ୍ରପାତ ହୋଇ ଅବଶେଷରେ ଇଂରାଜ ପକ୍ଷରୁ ଜଣେ ଏଜେଣ୍ଟ ବୌଦଠାରେ ରହିବାର ଗବର୍ଣ୍ଣମେଣ୍ଟ ପ୍ରସ୍ତାବ କଲାରୁ ବୌଦରାଜା କନ୍ଧମାଳକୁ ଇଚ୍ଛାପୂର୍ବକ ସ୍ୱତନ୍ତ୍ର ଶାସନାର୍ଥ ଇଂରାଜଙ୍କ ହସ୍ତରେ ଅର୍ପଣ କଲେ । ଗୋଲ୍ଡସ୍‌ବରି ସାହେବଙ୍କ ସମୟରେ କନ୍ଧମାଳ ଶାସନର ବିଷୟ ଏକପ୍ରକାର ସ୍ଥିର ହେଲା । ରିକେଟ୍ସ ସାହେବ ପ୍ରଥମେ ବାଲେଶ୍ୱରର କଲେକ୍ଟର ଥିଲେ । ସେଠାରେ ପ୍ରଜାମାନଙ୍କ ସୁଖରେ ସୁଖୀ ଓ ଦୁଃଖରେ ଦୁଃଖୀ ହୋଇ ଲୋକଙ୍କର ବିଶେଷ ଅନୁରାଗଭାଜନ ହୋଇଥିଲେ । ୧୮୩୭ ଖ୍ରୀଷ୍ଟାବ୍ଦରେ ବାଲେଶ୍ୱରରେ ଯେଉଁ

| | | | |
|---|---|---|---|
| * ଟି, ପେକେନହାମ୍ | [illegible] ଜାନୁଏରି ୧୮୨୮ | ଇ, ଏ, ସାମୁଏଲ୍ | ୨[illegible] ମେ ୧୮[illegible]୪ |
| ବି, ବ୍ଲୁଏର୍ | ଅପ୍ରେଲ ୧୮୨୯ | ଜି, ଏଫ୍ କୋକବର୍ନ | [illegible] ଅଗଷ୍ଟ ୧୮[illegible]୭ |
| ଆର, ହଣ୍ଟର | ୨୬ ନଭେମ୍ବର ୧୮[illegible] | ଇ, ଟି, ଟ୍ରେଭର | [illegible]୧ ଅଗଷ୍ଟ ୧୮୬୦ |
| ଜେ, ମାସ୍କାର୍ | ୧ ଫେବୃଏରି ୧୮[illegible]୪ | ଆର୍, ଏନ୍, ସୋର | ୨୧ ଜୁନ ୧୮୬୧ |
| ଏଚ୍, ରିକେଟ୍ସ | ୨[illegible] ଜୁଲାଇ ୧୮[illegible] | ଟି, ଇ, ରେଭେନ୍‌ସା | ୨୪ ଜୁନ ୧୮୬[illegible] |
| ଏ, ଜେ, ଏମ, ମିଲ୍ସ | ୧ ଡିସେମ୍ବର ୧୮[illegible]୮ | ଡବ୍ଲିଉ, ମନ୍‌ରୋ(ଏକ୍ଟିଂ) | ୧[illegible] ଅପ୍ରେଲ ୧୮୬୯ |
| ଏଫ୍, ଗୋଲ୍ଡସ୍‌ବରି | [illegible]୦ ଜାନୁଏରି ୧୮୪୭ | ଟି, ଇ, ରେଭେନ୍‌ସା | ୭ ମେ ୧୮୭[illegible] |

Digitized by srujanika@gmail.com

ଦୁର୍ଭିକ୍ଷ ପଡ଼ିଥିଲା ସେଥିରେ ରେଭେନ୍‌ସ ସାହେବ ଯେପରି ପରିଶ୍ରମ ସ୍ୱୀକାର କରି ଓ କଲିକତା ପ୍ରଭୃତି ଭିନ୍ନ ଭିନ୍ନ ସ୍ଥାନରୁ ଚାଉଳ ସଂଗ୍ରହ କରି ଆଣାଇ ବହୁ-ସଂଖ୍ୟକ ଦୁର୍ଭିକ୍ଷପୀଡ଼ିତ ପ୍ରଜାଙ୍କୁ ଅନ୍ନଦାନ ଦେଇ ପ୍ରାଣ ବଞ୍ଚାଇଥିଲେ, ତାହା ସ୍ମରଣ କରି ଅଦ୍ୟାପି ସୁଦ୍ଧା ବାଲେଶ୍ୱରବାସୀଏ ତାଙ୍କ ପ୍ରତି ଅପୂର୍ବ କୃତଜ୍ଞତାର ଭାବ ପ୍ରକାଶ କରନ୍ତି । କମିଶନର ହୋଇ ଓଡ଼ିଆଙ୍କୁ ଉଚ୍ଚ କାର୍ଯ୍ୟରେ ନିଯୋଗ କରିବା ବିଷୟରେ ସେ ବିଶେଷ ଯତ୍ନବାନ୍ ହୋଇଥିଲେ । ଧୂମ୍ରପର ତାଙ୍କ ଶାସନ ସମୟରେ ବିଦ୍ରୋହାଚରଣ କରିବାରୁ ଖାସ ହୋଇଥିଲା । ଅଦ୍ୟାପି ସେ ତାଙ୍କ ପୁରାତନ ଓଡ଼ିଆ ବନ୍ଧୁଙ୍କୁ ପାସୋରି ନାହାନ୍ତି । ବର୍ଷ ଗୁଡ଼ିଏ ତଳେ ଓଡ଼ିଶାର ବର୍ତ୍ତମାନ ଅବସ୍ଥା ଜାଣିବା ସକାଶେ ଉତ୍ସୁକ ହୋଇ ସେ ବିଲାତରୁ ଏକ ଦୀର୍ଘ ପତ୍ର ଇଣ୍ଡିଆ ଗବର୍ଣ୍ଣମେଣ୍ଟଙ୍କୁ ଲେଖିଥିଲେ । ସେଥିର ସଦୁତ୍ତର ମଧ୍ୟ ପ୍ରେରିତ ହୋଇଅଛି । ଗତ ନଅଙ୍କ ଦୁର୍ଭିକ୍ଷ ସମୟରେ ସାହାଯ୍ୟାର୍ଥ କିଛି ଟଙ୍କା ସୁଦ୍ଧା ସେ ପଠାଇଥିଲେ । କୋବରନ୍ ସାହେବଙ୍କ ଶାସନ ସମୟରେ ଭାରତବର୍ଷ କୋମ୍ପାନୀଙ୍କଠାରୁ ମହାରାଣୀ ଗ୍ରହଣ କରିଥିଲେ (୧୮୫୮) । ସେହି ଉପଲକ୍ଷରେ ଭାରତର ଅନ୍ୟାନ୍ୟ ସ୍ଥାନ ପରି ଓଡ଼ିଶାର ପ୍ରଧାନ ପ୍ରଧାନ ନଗରମାନଙ୍କରେ ମଧ୍ୟ ରୋଷନାଇ ପ୍ରଭୃତିର ଧୂମଧାମ ଓ ଘୋଷଣାପତ୍ର ପଠିତ ହୋଇଥିଲା । ଲେଫ୍‌ଟେନେଣ୍ଟ ଗବର୍ଣ୍ଣର ହାଲିଡେ ସାହେବ ୧୮୫୯ ଖ୍ରୀଷ୍ଟାବ୍ଦରେ କୋବରନ୍ ସାହେବ କମିଶନର ଥିବା ସମୟରେ ଓଡ଼ିଶା ପରିଦର୍ଶନାର୍ଥ ଆଗମନ କରିଥିଲେ । ଟେଭର ସାହେବଙ୍କ ଶାସନ ସମୟରେ ଇଷ୍ଟ ଇଣ୍ଡିଆ ଇରିଗେଶନ ଓ କେନେଲ କୋମ୍ପାନୀ ଓଡ଼ିଶାରେ ନାଲ ଓ ଜଳସେଚନର ଉପାୟ ଓ ସୁବିଧାମାନ ବିଧାନ କରିବା ସକାଶେ ଓଡ଼ିଶାକୁ ଆଗମନ କରି କାର୍ଯ୍ୟାରମ୍ଭ କରିଥିଲେ । ଯୋବରା, ନରାଜ ଓ ବିରୁପା ବନ୍ଧ ସେହିମାନେ ବନ୍ଧାଇଥିଲେ । କିନ୍ତୁ ସେମାନଙ୍କର ସେଥିରେ ଅନେକ ଟଙ୍କା ବ୍ୟୟ ହେବାରୁ ଓ ବ୍ୟୟ ଅନୁସାରେ ଶୀଘ୍ର ଲାଭର ପ୍ରତ୍ୟାଶା ନ ଦେଖିବାରୁ, ୧୮୬୮ ମସିହାରେ ୯୪୧୩୬୮୦ ଟଙ୍କାରୁ ସେମାନଙ୍କର ସମସ୍ତ କାର୍ଯ୍ୟ କର୍ମ ଓ ଅସ୍ତ୍ର ଶସ୍ତ୍ର ଗବର୍ଣ୍ଣମେଣ୍ଟଙ୍କୁ ବିକ୍ରୟ କଲେ । ଘୋଷ୍ ସାହେବ କଟକରେ କଲେକ୍ଟର ଓ ଜଜ ହୋଇ ଅବଶେଷରେ କମିଶନର ହୋଇଥିଲେ । ପ୍ରଜାଙ୍କର ସୁଖବର୍ଦ୍ଧନ ତାଙ୍କର ଆନ୍ତରିକ ଇଚ୍ଛା ଥିଲା । ଉତ୍କଳବାସୀ କାହାରି କାହାରିକି ସେ ଉଚ୍ଚ କାର୍ଯ୍ୟମାନ ମଧ୍ୟ ପ୍ରଦାନ କରିଥିଲେ । ରାଜ୍ୟର ବିଦ୍ୟାଶିକ୍ଷା, ବାଣିଜ୍ୟ, ସାଧାରଣ କାର୍ଯ୍ୟ ସବୁ ବିଷୟରେ ମନୋଯୋଗୀ ହୋଇଥିଲେ । ତାଙ୍କ ଉତ୍ତାରୁ ରେଭନ୍‌ସା ସାହେବ କମିଶନର ହେଲେ । ତାଙ୍କ ଶାସନକାଳ ଗତ ଦଶବର୍ଷ ମଧ୍ୟରେ ଓଡ଼ିଶାର କିଛି ଉନ୍ନତି ହୋଇଅଛି । କଟକ ସ୍କୁଲ ୧୮୬୮

Digitized by srujanika@gmail.com

ମସିହାଠାରେ ହାଇ ସ୍କୁଲରୁ କ୍ରମେ ପରିବର୍ତ୍ତିତ ହୋଇ ବର୍ତ୍ତମାନ କଲେଜରେ* ପରିଣତ ହୋଇଅଛି । ଉତ୍କଳବାସିମାନେ ବିଦ୍ୟାଶିକ୍ଷା ଓ ସଭ୍ୟତାକୁ ଗାଢ଼ ବିସ୍ତାର କରୁଅଛନ୍ତି । ଓଡ଼ିଶାରେ ବାଣିଜ୍ୟର ବିଶେଷ ଶ୍ରୀବୃଦ୍ଧି ହେଉଅଛି । ଲୋକେ ବ୍ୟବସାୟରେ କ୍ରମେ କ୍ରମେ ମନୋନିବେଶ କରୁଅଛନ୍ତି । ଗତ ସାତ ବର୍ଷ ମଧ୍ୟରେ ଯେତେ ଗୃହଜାତ ବିଦେଶକୁ ରପ୍ତାନୀ ହୋଇଅଛି, ପୂର୍ବେ କଦାପି ଏତେ ହୋଇ ନ ଥିଲା । ଓଡ଼ିଶାର ବନ୍ଦରମାନ ଓ ଯୋବ୍ରା, ନରାଜ, ବିରୂପା ବନ୍ଧତ୍ରୟ ଏବଂ କେନ୍ଦ୍ରାପଡ଼ା, ହାଇ ଲେଭଲ କେନାଲ ବାଣିଜ୍ୟବୃଦ୍ଧି ପକ୍ଷରେ ମଧ୍ୟ ବିଶେଷ ଉପଯୋଗୀ ହୋଇଅଛି । ଦେଶୀୟ ସାମାଜିକ ରୀତିନୀତିରେ ଲୋକେ ଉନ୍ନତ ହେଉଅଛନ୍ତି । ରେଭେନ୍‌ସା ସାହେବଙ୍କ ଶାସନ ସମୟରେ କେନ୍ଦୁଝରର ବିଦ୍ରୋହ ଛଡ଼ା ଅନ୍ୟ କୌଣସି ଗୋଲମାଲ ଦେଶରେ ଉଦିତ ହୋଇ ନାହିଁ । କନ୍ଧମାଳ ଯେଉଁଠାରେ କି ଏକ ସମୟରେ ନରବଳି ପ୍ରଦତ୍ତ ହେଉଥିଲା, ରେଭେନ୍‌ସା ସାହେବଙ୍କ ଯତ୍ନରେ ସେହି କନ୍ଧମାଳ କେତେକ ପରିମାଣରେ ଉନ୍ନତ ହୋଇଅଛି । ସେଠା ଅସଭ୍ୟ ଲୋକେ ବର୍ତ୍ତମାନ କିଛି କିଛି କରି ଓଡ଼ିଆ ଶିକ୍ଷା କରୁଅଛନ୍ତି । ୧୮୬୬ ମସିହାରେ ମହାମାରୀ ଦୁର୍ଭିକ୍ଷ ସମ୍ବନ୍ଧରେ ରେଭେନ୍‌ସା ସାହେବ ପ୍ରଥମ ଅବହେଳା ପ୍ରଦର୍ଶନ କରିଥିଲେ । ତାଙ୍କର ବିଶ୍ୱାସ ଜନ୍ମି ନ ଥିଲା ଯେ ଓଡିଶା ଦୁର୍ଭିକ୍ଷ ପ୍ରକାଣ୍ଡ ବେଶ ଧାରଣ କରିବ । ମଧ୍ୟ ସେତେବେଳକୁ ସେ ନୂଆ ହୋଇ ଏ ଦେଶକୁ ଆସିଥିଲେ । ଦେଶର ଅବସ୍ଥା ବିଶେଷ ଅବଗତ ହୋଇ ନ ଥିଲେ । ତାଙ୍କର ଆଂଶିକ ଭ୍ରମରେ ଦୁର୍ଭିକ୍ଷ ପ୍ରଥମେ ଅନେକ ଲୋକଙ୍କୁ ସ୍ୱକବଳଭୁକ୍ତ କରିଥିଲା, କିନ୍ତୁ ପଛକୁ ରେଭେନ୍‌ସା ସାହେବ ଦୁର୍ଭିକ୍ଷର ପ୍ରକୃତ ଅବସ୍ଥା ଜାଣି ବିଶେଷ ଉପାୟମାନ ଅବଧାରଣ କରି ଦୁର୍ଭିକ୍ଷ ମୁଖରୁ ଅନେକ ଲୋକଙ୍କୁ ରକ୍ଷା କରିବାକୁ ସମର୍ଥ ହୋଇଥିଲେ । କିନ୍ତୁ ତାଙ୍କର ଦୁର୍ଭିକ୍ଷ ସମୟର କଳଙ୍କ ତାଙ୍କର କେତେକ ପରବର୍ତ୍ତୀ ସତ୍କାର୍ଯ୍ୟମାନଙ୍କଦ୍ୱାରା କ୍ଷାଳିତ ହୋଇଅଛି ।

ଦେଶର ଅବସ୍ଥା—ଇଂରାଜଙ୍କ ଶାସନରେ ଓଡ଼ିଶା ଉନ୍ନତିର ଅଭିମୁଖୀ ହୋଇଅଛି । ମରହଟ୍ଟା ଶାସନରେ ଲୋକେ ଦରିଦ୍ର, ମୂର୍ଖ ଓ ଦୁର୍ବଳ ହୋଇ ଉଠିଥିଲେ । ଇଂରାଜଙ୍କ ସଦ୍‌ବିବେଚକ ଓ ନ୍ୟାୟଯୁକ୍ତ ଶାସନରେ ଲୋକଙ୍କର ଅଜ୍ଞତା ଦିନକୁ ଦିନ ଅପସାରିତ ହେଉଅଛି, କୁସଂସ୍କାର କ୍ରମେ କ୍ରମେ ଯାଉଅଛି;

* ମାତ୍ର ଯେଉଁପ୍ରକାର କଲେଜ ଏଠାରେ ହୋଇଅଛି, ସେପରି କଲେଜ ବାଞ୍ଛନୀୟ ନୁହଇ । ଏପରି ହେବା ଅପେକ୍ଷା ବରଞ୍ଚ ନୋହିଥିବାର ଶୁଭଙ୍କର ଥିଲା ।

Digitized by srujanika@gmail.com

ଜ୍ଞାନଚର୍ଚ୍ଚା ଓ ସଭ୍ୟତା ବଢ଼ିଅଛି । ବନ୍ଦରମାନଙ୍କର ଉନ୍ନତି ହୋଇ ଓ ବର୍ଷ୍ମ, ଖାଲ ପ୍ରଭୃତି ପ୍ରସ୍ତୁତ ହୋଇ ଦେଶରେ ବାଣିଜ୍ୟବୃଦ୍ଧି ଓ ବାଷ୍ପୀୟ ପୋତ ଯାତାୟାତଦ୍ୱାରା ଲୋକଙ୍କର ଗମନାଗମନର ମଧ୍ୟ ସୁବିଧା ହୋଇଅଛି । ଡାକ ଓ ଟେଲିଗ୍ରାଫ ବନ୍ଦୋବସ୍ତ ହୋଇ ଦେଶ ମଧ୍ୟରେ ସମ୍ବାଦପ୍ରେରଣର ସୁବିଧା ହୋଇଅଛି । ଇଙ୍ଗ୍ରେଜଙ୍କ ଯତ୍ନରେ ଭାରତବର୍ଷକୁ ମୁଦ୍ରାଯନ୍ତ୍ର ଆନୀତ ହୋଇ ସେଥିଦ୍ୱାରା ଏ ପ୍ରଦେଶରେ ସୁଦ୍ଧା ବିଶେଷ ଉପକାର ଲବ୍ଧ ହେଉଅଛି । ଓଡ଼ିଶାରେ କୃଷିର ଉନ୍ନତି ବିଶେଷ ହୋଇ ନାହିଁ । ଇଙ୍ଗ୍ରେଜମାନେ ପ୍ରଥମେ ଓଡ଼ିଶାକୁ ଆସି ନୀଳ, କପା ପ୍ରଭୃତି ଲାଭକର ପଦାର୍ଥମାନଙ୍କର କୃଷି ଆରମ୍ଭ କରିଥିଲେ, କିନ୍ତୁ ସେ ସବୁ ଓଡ଼ିଶାରେ ଲାଭଜନକ ହେଲା ନାହିଁ । ମୂଳରେ ଦେଶର ଚତୁର୍ଦ୍ଦିଗରେ ଶାନ୍ତି ଓ ସ୍ୱଚ୍ଛନ୍ଦତା ବିରାଜିତ ରହିଅଛି । ଓଡ଼ିଶାରେ ଅପରାଧସଂଖ୍ୟା ସହଜରେ ଜଣା ମଧ୍ୟ ସ୍ୱେଚ୍ଛା ଡକାଇତି ଯାହା ଥିଲା ଇଙ୍ଗ୍ରେଜଙ୍କ ଶାସନରେ ସେ ସମସ୍ତ ଗୁରୁତର ଅପରାଧମାନ ନ୍ୟୂନତାପ୍ରାପ୍ତ ହୋଇଅଛି ।

ବିଦ୍ୟାଶିକ୍ଷା ଓ ଜ୍ଞାନଚର୍ଚ୍ଚା—ଉତ୍କଳୀୟମାନେ ଅଧିକ ମରହଟ୍ଟାଙ୍କ ରାଜ-କାର୍ଯ୍ୟରେ ନିଯୁକ୍ତ ନ ଥିଲେ । କାଗଜରେ ସେମାନଙ୍କର ଲେଖିବାର ରଜୁତା ନ ଥିଲା । ଇଂରେଜଙ୍କ ଶାସନକାଳରେ ସେମାନେ ସେ ବିଷୟରେ ଉନ୍ନତି ଲାଭ କରି ଅଛନ୍ତି ଓ କ୍ରମେ କ୍ରମେ ଉଚ୍ଚ କାର୍ଯ୍ୟମାନଙ୍କରେ ଅଧିଷ୍ଠିତ ହେଉଅଛନ୍ତି । ଉଚ୍ଚ ଇଙ୍ଗ୍ରେଜୀ ଶିକ୍ଷାର ବହୁଳ ପ୍ରଚାର ଓଡ଼ିଶାରେ ହୋଇ ନାହିଁ ସତ୍ୟ, କିନ୍ତୁ ସେଥିକି କହିବାର ଅଛି ଯେ ଇଙ୍ଗରେଜୀ ଉଚ୍ଚ ଶିକ୍ଷା ଓଡ଼ିଶାବାସିଙ୍କି ଦେବା ସକାଶେ ଇଙ୍ଗରେଜଙ୍କର କୌଣସି ବିଶେଷ ଚେଷ୍ଟା ହୋଇ ନାହିଁ । ଶିକ୍ଷାବିଷୟରେ ଓଡ଼ିଶାର ଯାହା କିଛି ବିଶେଷ ଉନ୍ନତି, ତାହା ଗତ ଦଶନ୍ଧିରେ ହେବାର ଆରମ୍ଭ ହୋଇଅଛି; ମାତ୍ର ବିଦ୍ୟା ଶିକ୍ଷା ସଙ୍ଗେ ସଙ୍ଗେ ସମାଜ ମଧ୍ୟ କେତେକ ପରିମାଣରେ ସଂସ୍କୃତ ହେବାକୁ ଆରମ୍ଭ ହୋଇଥିବାର ଦେଖାଯାଏ । ବର୍ତ୍ତମାନ ଦେଶମଧ୍ୟରେ ବିଦ୍ୟା ଆଲୋଚନାଦି କରିବା ସକାଶେ ଗୋଟିକେତେ ସଭା ସ୍ଥାପିତ ହୋଇଅଛି । ଧର୍ମାଲୋଚନା ସକାଶେ ଯୁବକଙ୍କ ମଧ୍ୟରେ ବ୍ରାହ୍ମସମାଜ ମଧ୍ୟ ସ୍ଥାପିତ ହୋଇଅଛି ।

ଉତ୍କଳ ଭାଷା ଓ ସାମୟିକ ପତ୍ର—ଇଙ୍ଗରେଜମାନେ ଓଡ଼ିଶା ଅଧିକାର କଲା ଦିନରୁ ଓଡ଼ିଆକୁ ଅଦାଲତି ଭାଷାରୂପେ ପ୍ରଚଳିତ କଲେ ସୁଦ୍ଧା ଓଡ଼ିଆ ଭାଷାର ଉନ୍ନତି ସାଧନ କରିବା ସକାଶେ ବିଶେଷ ଚେଷ୍ଟାନ୍ୱିତ ହୋଇ ନ ଥିଲେ । ଇଙ୍ଗରେଜଙ୍କର ପ୍ରଥମେ ପ୍ରଥମେ ସମସ୍ତ ଉଚ୍ଚ କର୍ମଚାରୀ ପ୍ରାୟ ବଙ୍ଗଦେଶରୁ ଆନୀତ

Digitized by srujanika@gmail.com

ହୋଇଥିଲେ । ପୂର୍ବ ସାହେବଙ୍କଠାରେ ସେମାନଙ୍କର ବିଶେଷ କଥା ଚଳୁଥିଲା । ଦେଶରେ ପ୍ରଥମ ପ୍ରଥମ ହୋଇ ଯେଉଁ ଦେଶୀୟଭାଷାର ସ୍କୁଲମାନ ସ୍ଥାପିତ ହେଲା ସେ ସବୁରେ ଓଡ଼ିଆ ଅପେକ୍ଷା ବଙ୍ଗଳାଭାଷାର ବିଶେଷ ଅନୁଶୀଳନ ଚଳିଲା । ଖ୍ରୀଷ୍ଟିୟାନ ପାଦ୍ରୀଙ୍କ ଯତ୍ନରେ ମୁଦ୍ରାଯନ୍ତ୍ର ସ୍ଥାପିତ ହୋଇ ଓଡ଼ିଆଭାଷାରେ ଓଡ଼ିଆପୁସ୍ତକମାନ ପ୍ରଚରିତ ଓ ବଣ୍ଟିତ ହେଲା; ତହିଁ ଟିକିଏ ଟିକିଏ ସ୍କୁଲମାନଙ୍କରେ ଓଡ଼ିଆ ଚଳିଲା । ଅନନ୍ତର ନଅଙ୍କ ସମୟରେ କେତେକ ଉତ୍କଳବାସୀଙ୍କ ଯତ୍ନରେ କଟକ ପ୍ରିଣ୍ଟିଂକମ୍ପାନୀ ସ୍ଥାପିତ ହେଲା । ସେଥିରେ ପୁରାତନ ଓ ନୂତନ ଗ୍ରନ୍ଥମାନ ମୁଦ୍ରିତ ହୋଇ ରାଜପୁରୁଷଙ୍କଠାରେ ଓଡ଼ିଆଭାଷାର ଟେକ ବଢ଼ାଇଲା । ରାଜକାର୍ଯ୍ୟୋପଲକ୍ଷରେ ଅନେକ ବଙ୍ଗବାସୀ ଓଡ଼ିଶାକୁ ଆସିଥିଲେ, ଆସିଅଛନ୍ତି ଓ ବର୍ତ୍ତମାନ ମଧ୍ୟ ଆସୁଅଛନ୍ତି । ଅନ୍ୟୂନ ୮ ବର୍ଷ ତଳେ ଉତ୍କଳଭାଷା ଓ ବଙ୍ଗଭାଷା ଘୋର ତୁମୁଳ ବାଗ୍‌ଯୁଦ୍ଧ ଲାଗିଥିଲା; ବଙ୍ଗୀୟମାନେ ବଙ୍ଗଭାଷାର ଓ ଉତ୍କଳବାସୀ ଓଡ଼ିଆ; ବଙ୍ଗାଳୀ ଓ ଖୋଟ୍ଟା ଏ ଉତ୍କଳଭାଷାର ପକ୍ଷ ଅବଲମ୍ବନ କଲେ । ଅବଶେଷରେ ରାଜପୁରୁଷମାନେ ଓଡ଼ିଆଭାଷାର ପୁରାତନତ୍ୱ ଓ ଜାତିତ୍ୱ ହୃଦୟଙ୍ଗମ କଲାରୁ ନିଃସହାୟୀ ଓଡ଼ିଆଭାଷାର ମାନ ରକ୍ଷିତ ହେଲା ଓ ତଦାନୀନ୍ତନ ଲେ୦ଲାଟ କେମ୍ବଲ ସାହେବଙ୍କଦ୍ୱାରା ଓଡ଼ିଶାରୁ ବଙ୍ଗଭାଷାର ବ୍ୟବହାର ରହିତ ହୋଇ ଓଡ଼ିଆଭାଷା ସ୍କୁଲ ପ୍ରଭୃତି ସର୍ବତ୍ର ପ୍ରଚଳିତ ହେଲା । ସେହିଦିନଠାରୁ ଉତ୍କଳଭାଷାରେ ଗ୍ରନ୍ଥସଂଖ୍ୟା ବୃଦ୍ଧି ହେଉଅଛି ।

୧୮୫୮-୫୯ ଖ୍ରୀଷ୍ଟାବ୍ଦରେ ଜ୍ଞାନାରୁଣ ଓ ପ୍ରବୋଧଚନ୍ଦ୍ରିକା ନାମକ ଦୁଇଖଣ୍ଡି ସାମୟିକ ପତ୍ର ଭିନ୍ନ ଭିନ୍ନ ସମୟରେ ପ୍ରଥମ ମିଶନ ଯନ୍ତ୍ରାଳୟରେ ମୁଦ୍ରିତ ହୋଇ ପ୍ରକାଶିତ ହୋଇଥିଲା । ତଦନନ୍ତର କଟକ ପ୍ରିଣ୍ଟିଂକମ୍ପାନୀ ସ୍ଥାପିତ ହୋଇ ୧୮୬୬ ମସିହାରେ ଉତ୍କଳଦୀପିକା ସମ୍ବାଦପତ୍ର ପଥରକଲରେ ଛପା ହୋଇ ପ୍ରଚରିତ ହେଲା । ତହିଁଉତ୍ତାରୁ ଇଂରାଜୀ ଓଡ଼ିଆରେ ଆଉ କେତେକ ସାମୟିକ ପତ୍ର ପ୍ରକାଶିତ ହେଲା, ସେଥିମଧ୍ୟରୁ ବର୍ତ୍ତମାନ କେତେକ ଅବା ଲୁପ୍ତ ହୋଇଅଛି ଓ କେତେକ ଅବା ଅଛି । ବର୍ତ୍ତମାନ୍ ବାଲେଶ୍ୱର ପୁରୀ ଓ ଗଞ୍ଜାମରେ ଉତ୍କଳ ମୁଦ୍ରାଯନ୍ତ୍ର ପ୍ରତିଷ୍ଠିତ ହୋଇ ବାଲେଶ୍ୱର ଓ ଗଞ୍ଜାମରୁ ସମ୍ବାଦପତ୍ରମାନ ବାହାରୁଅଛି ।

ବାଣିଜ୍ୟ—ଇଂରାଜମାନେ ଓଡ଼ିଶା ଅଧିକାର କରିବା ସମୟରେ ମରହଟ୍ଟାଙ୍କ ଅତ୍ୟାଚାର ଯୋଗୁଁ ଅନ୍ୟାନ୍ୟ ବିଷୟର ବାଣିଜ୍ୟମାନ ରହିତ ହୋଇ ଚାଉଳ ଓ ଲୁଣର ରପ୍ତାନୀ ଓଡ଼ିଶାରୁ ବିଶେଷ ପରିମାଣରେ ହେଉଥିଲା । ବାଲେଶ୍ୱରର ଧାମରା, ଚୂଡ଼ାମଣି, ସେ ସମୟରେ ବନ୍ଦର ଥିଲା । ମାଲଦ୍ୱୀପରୁ

Digitized by srujanika@gmail.com

ଜାହାଜମାନ କଉଡ଼ି, ନଡ଼ିଆ, ନଡ଼ିଆକେଳ, ପୋହୋଲା, ଶଙ୍ଖୁଆ ଓଡ଼ିଶା ଉପକୂଳକୁ ଆଣି, ଓଡ଼ିଶାରୁ ଚାଉଳ ଓ ହାଣ୍ଡିମାନ ବୋହି ନେଇ ଯାଉଥିଲେ । ବାଲେଶ୍ୱର-ବାସିମାନେ ଏକପ୍ରକାର ସୁଲୁପ ନିର୍ମାଣ କରି ସେସବୁକୁ ସମୁଦ୍ରରେ ଚଳାଉଥିଲେ; ସେଥିଦ୍ୱାରା କଲିକତାଠାରୁ ମାନ୍ଦ୍ରାଜ ପର୍ଯ୍ୟନ୍ତ ବାଣିଜ୍ୟ ଚଳୁଥିଲା । କଣିକା-ରାଜା କଲିକତା ସଙ୍ଗେ ଚାଉଳ ଗାଈ ଇତ୍ୟାଦିର କାରବାର ଚଳାଉଥିଲେ । ମଧ୍ୟରେ ବ୍ୟବସାୟ କିଛି ଊଣା ପଡ଼ିଥିଲା । ବର୍ତ୍ତମାନ ଓଡ଼ିଶା ଉପକୂଳମାନଙ୍କରେ ବନ୍ଦରମାନ ଦେଇ ଚାଉଳ, ରାଶି, ଜଡ଼ା, ସୋରିଷ, କାଠ, ଚୂଣ, ଲୁଣ, ଚର୍ମ, ଶିଙ୍ଗ ପ୍ରଭୃତିର ବାଣିଜ୍ୟ ବଢ଼ୁଅଛି ।

ସାଧାରଣ କାର୍ଯ୍ୟ—ସାଧାରଣ କାର୍ଯ୍ୟରେ ଇଂରାଜମାନେ ବ୍ୟୟ କରିବାକୁ କୁଣ୍ଠିତ ନୁହନ୍ତି । ସୁପ୍ରଶସ୍ତ ଜଗନ୍ନାଥବର୍ତ୍ମ ଜଣେ ବଙ୍ଗଦେଶୀୟ ଧନୀ ବ୍ୟକ୍ତିର ସାହାଯ୍ୟରେ ଏବଂ ଇଂରାଜୀ ପୂର୍ତ୍ତବିଭାଗର ସହାୟତାରେ ନିର୍ମିତ ହୋଇଅଛି । ଏ ଛଡ଼ା ମାନ୍ଦ୍ରାଜ, ସମ୍ବଲପୁର, ତାଳଦଣ୍ଡା, କେନ୍ଦ୍ରାପଡ଼ା ଓ ଅନ୍ୟାନ୍ୟ ଅନେକ ବର୍ତ୍ମମାନ ଦେଶମଧ୍ୟରେ ଇଂରାଜମାନେ ପ୍ରସ୍ତୁତ କରିଅଛନ୍ତି । ଓଡ଼ିଶାର ନଦୀମାନ ଉଚ୍ଛୁଳି ଅନେକ ଶସ୍ୟ ନଷ୍ଟ କରି ରାଜସ୍ୱ ଛାଡ଼ ଦେବାକୁ ଗବର୍ଣ୍ଣମେଣ୍ଟଙ୍କୁ ବାଧ୍ୟ କରୁଥିବାରୁ ଗବର୍ଣ୍ଣମେଣ୍ଟ ବହୁବ୍ୟୟ ସ୍ୱୀକାର କରି ଓଡ଼ିଶା ନଦୀସମୂହର କୂଳେ କୂଳେ ବନ୍ଧମାନ ତୋଳିଅଛନ୍ତି । ବର୍ତ୍ତମାନ ନାଳ ଖୋଳାଇ ଇଂରାଜଙ୍କର କପରି ସୁପ୍ରଶସ୍ତ ସାଧାରଣକାର୍ଯ୍ୟ ତାହା ସମସ୍ତଙ୍କୁ ଗୋଚର ଅଛି । ଏ ଛଡ଼ା ଉତ୍ତମ ଉତ୍ତମ କଚେରିଘରମାନ, ପୋଲ ଓ ପାଣିଯିବା ନାଳମାନ ଇଂରାଜମାନେ ପ୍ରସ୍ତୁତ କରିଅଛନ୍ତି । ଇଂରାଜ ଗବର୍ଣ୍ଣମେଣ୍ଟଙ୍କର ଏ ସମସ୍ତ ସାଧାରଣକାର୍ଯ୍ୟକୁ ଆମ୍ଭେମାନେ ଯେମନ୍ତ ପ୍ରଶଂସା କରୁଁ ସେହିପରି ସେସବୁ କାର୍ଯ୍ୟମାନ ଚଳାଇବା ସକାଶେ ଦୁଃଖୀ ଭାରତବାସିଙ୍କ ଅର୍ଥର ଯଥେଚ୍ଛା ଅପବ୍ୟୟ କରିବା ବିଷୟକୁ ମଧ୍ୟ ଅତ୍ୟନ୍ତ ଦୂଷଣୀୟ ଓ ଗର୍ହିତ ବୋଲି ବିବେଚନା କରୁଁ । ପୁନଶ୍ଚ ଏହି ସାଧାରଣକାର୍ଯ୍ୟ ମଧ୍ୟରୁ କେତେକ କାର୍ଯ୍ୟ ସକାଶେ ଏ ଦେଶମାନଙ୍କରୁ ବର୍ତ୍ତମାନ ଯେଉଁ କର ଗୃହୀତ ହେବାର ବିଧି * ହୋଇଅଛି, ସେଥିଦ୍ୱାରା ଦୁଃଖିଲୋକଙ୍କ ଚକ୍ଷୁରୁ ପ୍ରତ୍ୟହ ଯେଉଁ ଅଶ୍ରୁବାରି ବହିର୍ଗତ ହେଉଅଛି, ଦରିଦ୍ରଙ୍କ ହୃଦୟରୁ ଯେଉଁ ହାହାଧ୍ୱନି ଉଠୁଅଛି, ସେସମସ୍ତ ଚିନ୍ତା କଲେ ଉକ୍ତ ସାଧାରଣ କାର୍ଯ୍ୟସମୂହର ମାହାତ୍ମ୍ୟ ଏକାବେଳକେ ଲୋପମାନ ହୁଅଇ । ଏଦେଶର ଦରିଦ୍ର ଅବସ୍ଥାକୁ ବିବେଚନା କରି ସାଧାରଣ ଭାରତୀୟକୋଷରୁ ଯେପରି ପୂର୍ବେ ହେଉଥିଲା

---

* ପଥକର ଆଇନ, ପ୍ରଦେଶୀୟକର ଆଇନ, ଇତ୍ୟାଦି ଇତ୍ୟାଦି ।

Digitized by srujanika@gmail.com

ସେହିପରି ଉକ୍ତ ସାଧାରଣ କାର୍ଯ୍ୟଗୁଡ଼ିକ ନିର୍ମିତ ହେଉଥିଲେ ଲୋକମାନେ ଆନନ୍ଦରେ ସେ ସମସ୍ତର ମର୍ଯ୍ୟାଦା ବୁଝିପାରନ୍ତେ ।

ଦୁର୍ଭିକ୍ଷ—ଊନବିଂଶ ଶତାବ୍ଦୀର ଆରମ୍ଭରୁ ଓଡ଼ିଶାରେ ଅନେକଥର ଦୁର୍ଭିକ୍ଷ ପଡ଼ିଅଛି । ୧୮୦୬-୭-୯-୩୬ ଖ୍ରୀଷ୍ଟାବ୍ଦମାନଙ୍କରେ ଓଡ଼ିଶାରେ ଦୁର୍ଭିକ୍ଷ ପଡ଼ିଥିଲା । ସର୍ବାପେକ୍ଷା ୧୮୬୬-୬୭ ସାଲର ଦୁର୍ଭିକ୍ଷ ଅତୀବ ଭୟଙ୍କର । ଏଥିରେ ପ୍ରାୟ ୮ ଲକ୍ଷ ଲୋକଙ୍କର ପ୍ରାଣନାଶ ସଂଘଟିତ ହୋଇଥିଲା । ସେସମୟରେ ଯେଉଁ ଭୀଷଣ ରୋମହର୍ଷଣକାରୀ ବ୍ୟାପାରମାନ ଏହି ଉତ୍କଳଦେଶରେ ଅଭିନୀତ ହୋଇଥିଲା, ତାହା ସ୍ମରଣ କଲେ ହୃଦୟ ସ୍ତବ୍ଧ ଏବଂ ବକ୍ଷସ୍ଥଳ ବିହ୍ୱଳ ହୋଇଯାଏ । କରାଳମୃତ୍ୟୁସମନ୍ୱିତ ଦୁର୍ଭିକ୍ଷଛବି ଚିତ୍ର କରିବା ମାନବଲେଖନୀର ଅସାଧ୍ୟ । ସେସମୟରେ ସହସ୍ର ସହସ୍ର କଙ୍କାଳପରିଣତ ନରନାରୀମାନଙ୍କର ଆର୍ତ୍ତ ହାହାକାରରେ ନଗରମାନ ପରିପୂର୍ଣ୍ଣ ହୋଇଥିଲା । ନଗର ଗ୍ରାମମାନଙ୍କ ସମୀପସ୍ଥ ଶ୍ମଶାନମାନ ଅସଂଖ୍ୟ ନରଦେହରେ ପରିପୂରିତ ହୋଇଥିଲା ଏବଂ ଶକୁନ ଶୃଗାଳମାନେ ନରମାଂସ ଭକ୍ଷଣ କରି ଅସ୍ୱାଭାବିକରୂପେ ପରିତୃପ୍ତ ହୋଇଥିଲେ । କ୍ଷୁଧାର ପ୍ରଚଣ୍ଡ ଶାସନରେ ନରନାରୀମାନେ ସ୍ୱାଭାବିକ ହୃଦୟବୃତ୍ତିମାନଙ୍କୁ ବିସର୍ଜନ କରିଥିଲେ । ଜନକ ଜନନୀ ଅସହାୟ ଶିଶୁସନ୍ତାନମାନଙ୍କୁ ହିଂସ୍ର ଅରଣ୍ୟଶ୍ୱାପଦମାନଙ୍କ ନିକଟରେ ନିକ୍ଷେପ କରିଥିଲେ । କେହି କେହି ଲୋକେ କ୍ଷୁଧାଜର୍ଜ୍ଜରିତ ହୋଇ ରାକ୍ଷସବତ୍ ନିଜ ନିଜ ସନ୍ତାନମାଂସ ସୁଦ୍ଧା ଭକ୍ଷଣ କରିଥିଲେ । ସେସମୟରେ ନରହତ୍ୟା, ଆତ୍ମହତ୍ୟା, ଉନ୍ମାଦ ପ୍ରଭୃତି ସାମାଜିକ ଅନିଷ୍ଟଚୟ ଅତ୍ୟନ୍ତ ପ୍ରବଳ ହୋଇଥିଲା । ଏକ ଏକ ଦିନ ଟଙ୍କାରୁ ଏକସେର ଚାଉଳ ମିଳିବାର ଦୁର୍ଘଟ ହୋଇଥିଲା । ସୁବର୍ଣ୍ଣ, ରୌପ୍ୟ ପ୍ରଭୃତି ଅତ୍ୟଳ୍ପ ମୂଲ୍ୟରେ ବିକ୍ରୀତ ହେଉଥିଲା । ଲୋକେ ଗେଣ୍ଡା, କାନଶିରି, ସାରୁନାଡ଼, ବୃକ୍ଷପତ୍ର ପ୍ରଭୃତି ଖାଇ ପ୍ରାଣ ବଞ୍ଚାଇଥିଲେ ।

ଉପସଂହାର - ଉନ୍ନତି ସଂସାରର ନିୟମ । ଯେଉଁ ସ୍ଥାନ ଏକ ସମୟରେ ନିର୍ଜନ ଅରଣ୍ୟମୟ ବା ମରୁ ପ୍ରାୟ ଦୃଷ୍ଟ ହେଉଥିଲା, ସମୟାନ୍ତରରେ ସେହି ସ୍ଥାନ ବସତିପୂର୍ଣ୍ଣ, ନାନାପ୍ରକାର ଅଟ୍ଟାଳିକାଶୋଭିତ ଓ ଉର୍ବରଶସ୍ୟକ୍ଷେତ୍ରସମନ୍ୱିତ ଦୃଷ୍ଟ ହୁଏ । ମାନବସମାଜ ମଧ୍ୟ ଏହି ନିୟମର ଅଧୀନସ୍ଥ ଅଟେ । ପୃଥିବୀର ଇତିହାସରୁ ସ୍ପଷ୍ଟ ଜଣାଯାଏ ଯେ ଯେଉଁ ମନୁଷ୍ୟ ଗୂଢ଼ ଈଶ୍ୱରତତ୍ତ୍ୱ ନିରୂପଣ କରିବାକୁ ସମର୍ଥ, ଘଟିକା ଓ ବାଷ୍ପୀୟ ଯନ୍ତ୍ରମାନ ନିର୍ମାଣ କରିବାକୁ ସକ୍ଷମ, ସେହି ମନୁଷ୍ୟ ଏକ ସମୟରେ ଉଲଙ୍ଗ ଥିଲା ।

ଭାରତର ସାମାନ୍ୟାଂଶ ଏହି ଓଡ଼ିଶାଦେଶ ପ୍ରତି ନିରୀକ୍ଷଣ କଲେ, ଏଥିର ଇତିବୃତ୍ତ ଆଲୋଚନା କଲେ ଏହା ମଧ୍ୟ ସଂସାର ଓ ମାନବସମାଜର କ୍ରମୋନ୍ନତି-

Digitized by srujanika@gmail.com

ଶୀଳତାର ସାକ୍ଷ୍ୟ ପ୍ରଦାନ କରିବ । ସାର୍ଦ୍ଧ ଦୁଇସହସ୍ର କି ତିନିସହସ୍ର ବର୍ଷ ପୂର୍ବେ ଏହି ପ୍ରଦେଶଖଣ୍ଡ ବନମୟ ଥିଲା । ଏହି ବନମଧ୍ୟରେ ଯେ କେଣକେତେ ଲୋକ ଥିଲେ, ସେମାନେ ସମ୍ପୂର୍ଣ୍ଣ ଉଲଙ୍ଗ ଥିଲେ । ବନର ଫଳ ମୂଳ ଓ ସ୍ରୋତସ୍ୱତୀର ବାରି ସେମାନଙ୍କର ଆହାର୍ଯ୍ୟ ଓ ପାନୀୟ ଥିଲା । କୃଷି କି ପରିଧେୟ ବସ୍ତ୍ରାଦିର ନାମ ଗନ୍ଧ ନ ଥିଲା । ବାସୋପଯୋଗୀ ଗୃହ ମଧ୍ୟ ସ୍ୱପ୍ନ ପ୍ରାୟ ଥିଲା । ମନୁଷ୍ୟପାଇଁ ମନୁଷ୍ୟ ଉଚିତ ସୁଖ ଦୁଃଖ ବୋଧ କରୁ ନ ଥିଲା । ମନୁଷ୍ୟକୁ ମନୁଷ୍ୟ ଅକାତର-ଭାବରେ ବଧ କରୁଥିଲା । ମାତ୍ର ବର୍ତ୍ତମାନ ଦେଖ, ଏହି ଦୁଇ ତିନି ସହସ୍ର ବର୍ଷ ମଧ୍ୟରେ ଓଡ଼ିଶାର ପ୍ରକୃତି କିରୂପେ ପରିବର୍ତ୍ତିତ ହୋଇଅଛି । ଏଥିରେ ଉଲଙ୍ଗ ବନ୍ୟମନୁଷ୍ୟମାନେ ବସ୍ତ୍ର ପିନ୍ଧି ଓ କୃଷିକାର୍ଯ୍ୟ କରିବାକୁ ଶିଖି ଅଛନ୍ତି । ସେମାନଙ୍କର ମନ, ଆତ୍ମା ଓ ହୃଦୟର ବିକାଶ ମଧ୍ୟ କେତେକ ପରିମାଣରେ ହୋଇଅଛି । ବର୍ତ୍ତମାନ ଏହି ଜଙ୍ଗଲଦେଶରେ କେତେ କେତେ ସୁନ୍ଦର ସୁନ୍ଦର ମନ୍ଦିର ଓ ଅଟ୍ଟାଳିକାମାନ ଗଠିତ ହୋଇଅଛି । ଭିନ୍ନ ଭିନ୍ନ ଦେଶରୁ ଉନ୍ନତ ଲୋକମାନେ ଆସି ଏଠାରେ ବାସ କରିଅଛନ୍ତି । ସେମାନଙ୍କ ମଧ୍ୟରେ ସମାଜବନ୍ଧନ ଓ ଶାସନଶୃଙ୍ଖଳା ସ୍ଥାପିତ ହୋଇଅଛି । ବୌଦ୍ଧରାଜାଙ୍କ ଶାସନକାଳରୁ ଗଙ୍ଗାବଂଶୀୟ ରାଜାଙ୍କ ଶାସନ ଶେଷ ପର୍ଯ୍ୟନ୍ତ ଓଡ଼ିଶାରେ ସାମାଜିକ ସୁଖ-ସ୍ୱଚ୍ଛନ୍ଦତାର ବୃଦ୍ଧି, ଜ୍ଞାନଚର୍ଚ୍ଚା ଓ ଧର୍ମାଲୋଚନା କେତେଦୂର ପର୍ଯ୍ୟନ୍ତ ହୋଇଥିଲା ତାହା ଇତିପୂର୍ବେ ବର୍ଣ୍ଣିତ ହୋଇଅଛି । ଯେଉଁ ଜାତୀୟ ସାହିତ୍ୟ ଯେତେ ଉନ୍ନତ ଓ ବଳ ବୀର୍ଯ୍ୟ ଯେତେ ପ୍ରଖର, ସେ ଜାତି ସେତିକି ସଭ୍ୟ ଓ ଜଗତରେ ସେତିକି ଆଦରଣୀୟ । ଗଙ୍ଗାବଂଶୀୟଙ୍କ ଶାସନ କାଳରେ ଉତ୍କଳରେ ଯେଉଁମାନେ ଅଧିଷ୍ଠିତ ଓ ସମାଜବଦ୍ଧ ହୋଇ ଏକଜାତିତ୍ୱରେ ପରିଣତ ହୋଇଥିଲେ, ସେମାନଙ୍କର ବଳ ବୀର୍ଯ୍ୟ କିଛି ନ୍ୟୂନ ନ ଥିଲା । ଦୂର ଦକ୍ଷିଣସ୍ଥିତ କାଞ୍ଚୀ ପର୍ଯ୍ୟନ୍ତ ସେମାନଙ୍କର ଜୟପତାକା ଉଡ୍ଡୀନ ହୋଇଥିଲା । ଯେଉଁ ଦୁର୍ଦ୍ଦମ ପଠାଣଜାତୀୟ କେବଳ ସପ୍ତଦଶ ଅଶ୍ୱାରୋହୀଙ୍କି ଦେଖି ବଙ୍ଗୀୟରାଜା ବାଡ଼ୀଦ୍ୱାର ବାଟେ ପଳାଇଥିଲେ ସେହି ପଠାଣଙ୍କୁ ଏମାନେ ବାରମ୍ବାର ପରାଭବ କରିଥିଲେ । ଜାତୀୟ ସାହିତ୍ୟର ମଧ୍ୟ ଅଙ୍କୁର ସ୍ୱତଃ ଉଦ୍‌ଭୂତ ହୋଇଥିଲା । ପୋତବଣିକ ଭିନ୍ନ ଭିନ୍ନ ଦେଶକୁ ଗମନାଗମନ କରୁଥିଲେ । ତେଣୁ ଅଧିକରେ ଦୈଶିକ ଓ ବୈଦେଶିକ ବାଣିଜ୍ୟ ମଧ୍ୟ ଚଳୁଥିଲା । ଦେଶ ଶାସନରେ ରାଜାମାନଙ୍କର ଏକାଧିପତ୍ୟ ଥିଲେ ସୁଦ୍ଧା ପଞ୍ଚବର୍ଗର ( ପଞ୍ଚାୟତ ) ରୀତି ପ୍ରଚଳିତ ଥିବାରୁ ଲୋକେ କେତେକ ଅଂଶରେ ସ୍ୱକୀୟ ଶାସନାଧିକାର ପ୍ରାପ୍ତ ହୋଇଥିଲେ । ରାଜାଏ ଯେଉଁ ରାଜସ୍ୱ ନେଉଥିଲେ, ପ୍ରଜାଏ ମଧ୍ୟ ନାନା ଉପାୟରେ ସେଥିର

Digitized by srujanika@gmail.com

ଅନେକ ଅଂଶ ପାଉଥିଲେ । କିନ୍ତୁ ସବୁବସ୍ତୁ ପରି ଜଳଧର ମଧ୍ୟ ଉତ୍ଥାନ ଓ ପତନ ଅଛି । ଗୃହଦ୍ୱନ୍ଦ୍ୱ ସର୍ବନାଶକ ଅଟଇ । ଏହି ଗୃହଦ୍ୱନ୍ଦ୍ୱ ଯୋଗୁଁ ଉତ୍ତର ଭାରତବର୍ଷ ପଠାଣଙ୍କର କରଗତ ହେଲା । ଏହି ଗୃହଦ୍ୱନ୍ଦ୍ୱ ଅଚିରାତ୍ରରେ ଓଡ଼ିଶାରେ ଉପସ୍ଥିତ ହେଲା । ଏହି ଗୃହଦ୍ୱନ୍ଦ୍ୱଜନିତ ଦୌର୍ବଲ୍ୟରୁ ଅବଶେଷରେ ଓଡ଼ିଶାରେ ମୁସଲମାନ୍‌ମାନେ ଅଧିକାର ବିସ୍ତାର କଲେ । ଏକେ ପଠାଣେ ଉଲ୍କାଜାତି ସେଥିରେ ପୁଣି ସ୍ୱେଚ୍ଛାଚାରୀ । ଓଡ଼ିଶା ଯେଉଁ ଜଳଧସ୍ରୋତରେ ଦେଶୀୟ ଶାସନକାଳରେ ପତିତ ହୋଇଥିଲା ତାହା ସ୍ଥଗିତ ହେଲା । ଅତ୍ୟାଚାରଦ୍ୱାରା ଲୋକେ କେତେକ ପ୍ରପୀଡ଼ିତ ହେଲେ । ଓଡ଼ିଶା ଲକ୍ଷଣରେ ପରାଧୀନ ହେଲା । ପଠାଣଙ୍କ ଅତ୍ୟାଚାର ଅପେକ୍ଷା ଅଧିକତର ଅତ୍ୟାଚାର ଓ ଯନ୍ତ୍ରଣା ଓଡ଼ିଶାଭାଗ୍ୟ ପକାଶେ ସଞ୍ଚିତ ଥିଲା । ମରହଟ୍ଟାଏ ଓଡ଼ିଶା ଶାସନଭାର ଲାଭ କଲେ । ସେମାନଙ୍କଦ୍ୱାରା ଯେପରି ଏ ଦେଶବାସିଏ ପ୍ରପୀଡ଼ିତ ହୋଇଥିଲେ ତାହା ଇତିପୂର୍ବେ ବର୍ଣ୍ଣିତ ହୋଇଅଛି । ଆଜଯାଏ ଲୋକେ ଅନ୍ୟାୟ ଅତ୍ୟାଚାର ଦେଖିଲେ "ମରହଟ୍ଟାରାଜତ୍ୱ ହେଲା କି" ବୋଲି ଚମକି ଉଠନ୍ତି । ଓଡ଼ିଶାର ସବୁ ଜଳଧରେ ଏକପ୍ରକାର ପୂର୍ଣ୍ଣଚ୍ଛେଦ ପଡ଼ିଗଲା । ଲୋକେ ସବୁବେଳେ ସଶଙ୍କିତ, ନିଶ୍ଚିନ୍ତ ହୋଇ ପାରିଲେ ନାହିଁ । ସେଥିରେ ପୁଣି ମୁସଲମାନ୍‌ମାନଙ୍କ ସମୟରୁ ବିଳାସ ଦେଶରେ ବର୍ଦ୍ଧିତ ହୋଇଥିଲା । ଶାସନ-ଶିକୁଳି ଶିଥିଳ ହେବାର ଆରବ୍ଧ ହୋଇଥିଲା । ମରହଟ୍ଟାଙ୍କ ସମୟରେ ତାହା ବିଶେଷରୂପେ ଶିଥିଳ ହୋଇ ଉଠିଲା । ଧନ, ମାନ, ମର୍ଯ୍ୟାଦା ଲୋକଙ୍କର ସ୍ଥିର ହୋଇ ରହି ପାରିଲା ନାହିଁ । ବିଳର ପାଗଲଧାନରୁ ଲୋକେ ଆପଣାର ବୋଲି ବିଶ୍ୱାସ କରି ପାରିଲେ ନାହିଁ । ବ୍ୟଭିଚାର, ଲୁଣ୍ଠନ ପ୍ରଭୃତି ଅତ୍ୟାଚାରମାନ ଦେଶବ୍ୟାପ୍ତ ହେଲା । କିନ୍ତୁ ବିଧାତାର ଲୁଚାମଣା ଅଛି, ଅତ୍ୟାଚାର ଅଶାସନ ଅଧ୍ୟାୟମାନଙ୍କର ମଧ୍ୟ ପରିଚ୍ଛେଦ ଅଛି । ୧୮୦୩ ମସିହାରେ ଅବଶେଷରୁ ଇଂରାଜମାନେ ଏ ଦେଶକୁ ଆଇଲେ । ନ୍ୟାୟ ଓ ବିଚାର ପୁଣି ମୂର୍ତ୍ତିମାନ୍ ହେଲେ । ବର୍ତ୍ତମାନ୍ ଇଂରାଜଙ୍କ ଶାସନ ସମୟରେ ଦେଶରେ ଶାନ୍ତି ବିରାଜୁଅଛି । ଲୋକେ ଯେ ଯାହା ସ୍ୱତ୍ୱରେ ଅଧିକାରୀ ଅଛନ୍ତି । ନାନାମତେ ସୁଖ ସ୍ୱଚ୍ଛନ୍ଦତାରେ ଲୋକେ ରହିଅଛନ୍ତି । ଗମନାଗମନ, ବାର୍ତ୍ତାପ୍ରେରଣ ଓ ବିଦ୍ୟାଧ୍ୟୟନ ପ୍ରଭୃତି ସମ୍ୟକ୍ ସୁବିଧା ବିଧାନ କରିଅଛନ୍ତି । ସୁବର୍ତ୍ମ, ନାଳ ଓ ତାଡ଼ିତବର୍ତ୍ତ୍ମବହ ତାରସବୁର ନିର୍ମାଣ ବର୍ଦ୍ଧିତ ହେଉଅଛି । ଡାକଘର ସଂଖ୍ୟା ଦିନକୁଦିନ ବଢ଼ୁଅଛି । କେବଳ ଗୋଟିକେ ଦୁଃଖିତ ଅଲାଭ ଏହି ଯେ ଇଂରାଜ ଗବର୍ଣ୍ଣମେଣ୍ଟ ଆମ୍ଭମାନଙ୍କୁ ଅବିଶ୍ୱାସ କରୁଅଛନ୍ତି । ନାନାପ୍ରକାର କରଭାରଦ୍ୱାରା ପ୍ରଜାମାନଙ୍କୁ କର୍ଷିତ କରୁଅଛନ୍ତି ଏବଂ ଆମ୍ଭମାନଙ୍କୁ

Digitized by srujanika@gmail.com

ସେମାନଙ୍କ ଶାସନପ୍ରଣାଳୀରେ ଭୁଗି ନାହାନ୍ତି । ମୁସଲମାନ ଓ ମରହଟ୍ଟାମାନେ ଅନ୍ୟ ପ୍ରକାରେ ଅତ୍ୟାଚାର କରୁଥିଲେ ସୁଦ୍ଧା ଦେଶୀୟଲୋକଙ୍କୁ ଶାସନରେ ଭାଗ ଦେଉଥିଲେ । ଦେଶୀୟଲୋକଙ୍କୁ ବୃହତ୍ ବୃହତ୍ ଅଞ୍ଚଳରେ ଶାସନକର୍ତ୍ତା, ମଧ୍ୟ ସୈନ୍ୟମାନଙ୍କର ଅଧିନାୟକତ୍ୱରେ ବରଣ କରୁଥିଲେ । ତଥାପି ସମଗ୍ରଭାବରେ ଆଲୋଚନା କଲେ ଇଂରେଜ ରାଜନୀତି ଆମ୍ଭମାନଙ୍କ ପକ୍ଷରେ ହିତାବହ ଅଟଇ, ଏ କଥା ଆମ୍ଭେମାନେ କଦାପି ଅସ୍ୱୀକାର କରି ନ ପାରୁଁ । ବର୍ତ୍ତମାନ୍ ଇଂରେଜଙ୍କ ଶାସନରେ ଓଡ଼ିଶାବାସିଏ ଉନ୍ନତି ଓ ସଭ୍ୟତାଦିଗକୁ ଗତିବିସ୍ତାର କରୁଅଛନ୍ତି । ଜାତୀୟ ସାହିତ୍ୟର ଗଠନ ପୁନର୍ବାର ଆରମ୍ଭ ହୋଇଅଛି । ବିଦ୍ୟାଲୋଚନା ଓ ଜ୍ଞାନଚର୍ଚ୍ଚା ଦିନକୁ ଦିନ ବୃଦ୍ଧିକି ପ୍ରାପ୍ତ ହୋଇଅଛି । ଅରଣ୍ୟନିବାସୀ କନ୍ଧ, କୋଲ, ସାନ୍ତାଲମାନଙ୍କର ମଧ୍ୟ ବିଦ୍ୟା ଓ ଜ୍ଞାନଚର୍ଚ୍ଚାର ସୂତ୍ରପାତ ହୋଇଅଛି । ପାତ୍ରୁଆମାନେ ସୁଦ୍ଧା ଅଳ୍ପଦିନ ହେଲା ଲୁଗା ପିନ୍ଧିଲେଣି । କି ଶିକ୍ଷିତ କି ଅଶିକ୍ଷିତ ଦୁଇ ସମ୍ପ୍ରଦାୟ ମଧ୍ୟରେ ବର୍ତ୍ତମାନ୍ ବିଶୁଦ୍ଧତର ଧର୍ମର ଆଲୋଚନା ଆରମ୍ଭ ହୋଇଅଛି । ଗୋଟିଏ ଗୋଟିଏ ଦୁର୍ଘଟଣାରୁ ବିଶେଷ ବିଶେଷ ମଙ୍ଗଳମୟ ଫଳ ଜାତ ହୁଅଇ । ୬୬ ମସିହାର ଦୁର୍ଭିକ୍ଷ ଉତ୍ତାରୁ ଲୋକେ ଆପଣା ଆପଣା ଇଷ୍ଟ ଅନିଷ୍ଟ ପ୍ରତି ମଧ୍ୟ ଜାଗ୍ରତ ହୋଇଅଛନ୍ତି । ମୁଦ୍ରାଯନ୍ତ୍ରମାନ ସ୍ଥାପିତ ହୋଇଅଛି । ସମ୍ବାଦପତ୍ରମାନ ପ୍ରକାଶିତ ହୋଇ ଓ ସଭାମାନ ସ୍ଥାପିତ ହୋଇ କି ରାଜନୀତି କି ସମାଜିକ କି ଧର୍ମନୀତି ସବୁ ବିଷୟମାନଙ୍କର ଆଲୋଚନା ହେଉଅଛି । ସେ ସବୁଦ୍ୱାରା ରୁଚି ମଧ୍ୟ ଦିନକୁ ଦିନ ପରିମାର୍ଜ୍ଜିତ ହେଉଅଛି । ଲୋକେ ଅର୍ଥସଞ୍ଚୟ ଓ ଧନବୃଦ୍ଧି ପ୍ରତି ସୁତରାଂ କୃଷି ଓ ବାଣିଜ୍ୟ ପ୍ରତି, ଅଧିକ ଦୃଷ୍ଟି ନିକ୍ଷେପ କରୁଅଛନ୍ତି । ଏ ସମସ୍ତ ଶୁଭଲକ୍ଷଣ । ସଂକ୍ଷେପତଃ ପୂର୍ବଆଡ଼କୁ ଅନାଇଲେ ବର୍ତ୍ତମାନ୍ କେବଳ ଅସାର ଚିହ୍ନ ଦେଖାଯାଏ । ଆମ୍ଭମାନଙ୍କର ଯେ ଉନ୍ନତି ହେବ, ଏବଂ ଏହି ପ୍ରକାରେ ବଙ୍ଗ, ପଞ୍ଜାବ, ବମ୍ବେ, ମାନ୍ଦ୍ରାଜ ପ୍ରଭୃତିର ଯେ ଉନ୍ନତି ହେବ ଓ ସମସ୍ତ ଭାରତବାସିଏ ଏକଜାତିତ୍ୱ ଲାଭ କରିବେ ଏହା ସ୍ୱପ୍ନର କଥା ନୁହେ । ଈଶ୍ୱରଙ୍କ କୃପା ହେଲେ ଆମ୍ଭମାନଙ୍କର ଉନ୍ନତ ଆର୍ଯ୍ୟଭ୍ରାତା ଇଂରେଜଙ୍କ ସାହାଯ୍ୟରେ ଆମ୍ଭମାନଙ୍କ ଦେଶର ମୁଖଶ୍ରୀ ସମୁଜ୍ଜ୍ୱଳ ହେବ । ଉନ୍ନତିର ପରାକାଷ୍ଠାରେ ଭାରତବାସିଏ ଉପସ୍ଥିତ ହେବେ ଏବଂ କରୁଣାମୟ୍ ପରମେଶ୍ୱରଙ୍କ ମଙ୍ଗଳମୟୀ ଇଚ୍ଛା ପୂର୍ଣ୍ଣ ହେବ ।

ସମ୍ପୂର୍ଣ୍ଣ ।

Printed by V. Kar. The Utkal Sahitya Press, Cuttack.

Digitized by srujanika@gmail.com

# ପରିଶିଷ୍ଟ ।

ଖଣ୍ଡଗିରିର ଅନ୍ତର୍ଗତ ଉଦୟଗିରିସ୍ଥ ହାତୀଗୁମ୍ଫା ଗହ୍ୱରରେ
ଖୋଦିତ ହୋଇଥିବା ଲିପିର ଅନୁବାଦ † ।

୧ମ ଧାଡ଼ୀ—ଯେଉଁମାନେ ଇନ୍ଦ୍ରିୟସବୁ ଦମନ କରିଅଛନ୍ତି (ଅର୍ଥାତ୍ ଅର୍ହତ) ସେମାନଙ୍କୁ ନମସ୍କାର । ଯେଉଁମାନେ ନିର୍ବାଣ ଲଭିଅଛନ୍ତି ସେମାନଙ୍କୁ ନମସ୍କାର । ଯାହାଙ୍କ ରଥରେ ପ୍ରକାଣ୍ଡ ହସ୍ତୀ ଲାଗିଅଛି, ଯେ ଚୈତ୍ୟ ନିର୍ମାଣରେ ପ୍ରଚୁର ଅର୍ଥବ୍ୟୟ କରିଅଛନ୍ତି, ଯେ ଶାକ୍ୟ ଗୁଣରେ ବନ୍ଦିତ, ଯେ ପୃଥିବୀର ଶେଷସୀମା ପର୍ଯ୍ୟନ୍ତ ସମସ୍ତ ରାଜ୍ୟ ଲୁଣ୍ଠନ କରି ବିଖ୍ୟାତ, ଯେ କଳିଙ୍ଗର ଅଧିପତି ସେହି ବୀର ରାଜାଙ୍କଦ୍ୱାରା ଏହି ପାହାଡ଼ ଖୋଦିତ ହୋଇଅଛି ।

୨ୟ ଧାଡ଼ୀ ।—ବାଲ୍ୟକ୍ରୀଡ଼ାରେ ପଞ୍ଚଦଶବର୍ଷ ଏବଂ ସାହିତ୍ୟ, ଅଙ୍କ, ସମାଜନୀତି ଓ ରାଜନୀତି ଶିକ୍ଷାରେ ନଅବର୍ଷ ଅତିବାହିତ କରି ରାଜପଦାକାଙ୍କ୍ଷୀ ହୋଇ, ବୀର ଅତୁଳ ପରାକ୍ରମ ଓ ଅସଂଖ୍ୟ ସୈନ୍ୟ ସହିତ

୩ୟ ଧାଡ଼ୀ ।—କଳିଙ୍ଗ ରାଜ୍ୟର ପ୍ରଧାନନଗରରେ ତୃତୀୟ ଯୁଦ୍ଧରେ ଜୟୀ ହୋଇ ରାଜପଦରେ ଅଭିଷିକ୍ତ ହେଲେ । ସେ ରାଜକାର୍ଯ୍ୟରେ ଅନୁରକ୍ତ ହୋଇ ଦ୍ୱାର, ଭିତ୍ତି ଓ ଗୃହ ଯାହା କି ବୃଷ୍ଟି ଓ ବାୟୁରେ ନଷ୍ଟ ହୋଇ ଥିଲା ତାକୁ ସଂସ୍କାର କରାଇଲେ । କଳିଙ୍ଗ ନଗରରେ ଚନ୍ଦ୍ରକିରଣ ପ୍ରାୟ ସନ୍ତାପହାରିଣୀ ଏକ ପୁଷ୍କରିଣୀ, ଘାଟ ଓ ସର୍ବପ୍ରକାର ସୈନ୍ୟ ଗମନାଗମନ ନିମନ୍ତେ ରାସ୍ତା

---

† ଏ ଲିପି ବାବୁ ରାଜେନ୍ଦ୍ରଲାଲ ମିତ୍ର ଇଂରାଜୀରେ ଯେପରି ଅନୁବାଦ କରିଥିଲେ ଓଡ଼ିଆରେ ସେଥିର ଅବିକଳ ଅନୁବାଦ ଦିଆଗଲା । * * * ଏହି ଚିହ୍ନିତ ସ୍ଥାନମାନଙ୍କର ଖୋଦିତ ଲିପି ପଠିତ ହୋଇ ନ ପାରିବାରୁ ଇଂରାଜୀରେ ସେ ସବୁର ଅନୁବାଦ ନାହିଁ, ସୁତରାଂ ଓଡ଼ିଆରେ ଦିଆ ଯାଇ ନ ପାରିଲା । ଏ ଅକ୍ଷର ୧୭ ଧାଡ଼ିରେ ସମ୍ପୂର୍ଣ୍ଣ ହୋଇଥିବାରୁ ଅନୁବାଦ ଧାଡ଼ି ଧାଡ଼ି ହୋଇ ହୋଇଅଛି ।

Digitized by srujanika@gmail.com

୪ର୍ଥ ଧାଡ଼ୀ ।—ପ୍ରସ୍ତୁତ କରାଇଲେ । ରାଜା ଶତସହସ୍ର ପ୍ରଜାଙ୍କ ମନୋରଞ୍ଜନ କଲେ ଏବଂ ପ୍ରଜାମାନେ ନତମସ୍ତକ ହୋଇ ନମସ୍କାର କଲେ । ରାଜତ୍ୱର ୨ୟ ବର୍ଷରେ ଅପ୍ରରକ୍ଷା ହେତୁ ଅଶ୍ୱ, ହସ୍ତୀ, ସୈନ୍ୟ, ଯୁଦ୍ଧରଥ ଓ ପଦାତିକ ସୈନ୍ୟମାନଙ୍କୁ ପଶ୍ଚିମଦେଶରେ ରଖାଇଲେ । କଂସବନରୁ ଆସିଥିବା ଦର୍ଶକମାନଙ୍କ ନିମନ୍ତେ ଏବଂ ତାନସିନ ନଗରବାସିଙ୍କ ନିମନ୍ତେ ୩ୟ ବର୍ଷରେ

୫ମ ଧାଡ଼ୀ ।—ସଙ୍ଗୀତବିଦ୍ୟାବିଶାରଦ ବ୍ୟକ୍ତିଙ୍କଦ୍ୱାରା ଡମ୍ଫ, ନୃତ୍ୟ ଓ ଅନ୍ୟାନ୍ୟ ଯନ୍ତ୍ରରେ ବାଦ୍ୟ ଓ ନର୍ତ୍ତକମାନଙ୍କଦ୍ୱାରା ନାଟକାଭିନୟ କରାଇଲେ । ପୂର୍ବ କଳିଙ୍ଗ ନଗରର ରାଜାଙ୍କ କର୍ତ୍ତୃକ ପ୍ରତିଷ୍ଠିତ ଅର୍ହତମାନଙ୍କୁ ( ଡକାଇ ) ୪ର୍ଥ ବର୍ଷରେ ଏକ ସଭା କରାଇଲେ । ଧର୍ମାନୁରାଗଦ୍ୱାରା ଧର୍ମ କର୍ମ ପ୍ରତି ଅକୃଷ୍ଟ ହୋଇ, ତ୍ୟକ୍ତ ଛତ୍ରମାନ * * * ଏକଶତ

୬ଷ୍ଠ ଧାଡ଼ୀ ।—ମଣିମୁକ୍ତାପୂର୍ଣ୍ଣ ପାତ୍ର, ଯେଉଁ ସବୁ କ ଶହ ପ୍ରାଚୀନ୍ ରାଜାମାନେ ତାଙ୍କୁ ଦେଇଥିଲେ ସେ ସମସ୍ତ ସେ ( ଝାଁର ' ( ଦେବତାଙ୍କ ପ୍ରତି ? ) ଅର୍ପଣ କଲେ । ତାଙ୍କ ରାଜତ୍ୱର ପଞ୍ଚମ ବର୍ଷରେ ତାଙ୍କଦ୍ୱାରା ନନ୍ଦରାଜା ସ୍ୱଗୃହରୁ ତାଡ଼ିତ ହୋଇ ଏକ ଦ୍ରୁତଗତି ଅଶ୍ୱ ଉପରେ ପୁଣାଦ ନଗରକୁ ପଳାଇ ଥିଲେ * * *

୭ମ ଧାଡ଼ୀ ।—ସେ ବଦାନ୍ୟତାର ସହିତ ବହୁ ସହସ୍ର ଦାନ କଲେ * * * ,

ଏକଶତ * * ନଗରେ ରାଜ୍ୟ * * * ଉତ୍ତମ ରାଜ୍ୟ ଶାସନ କଲେ ଅଷ୍ଟମ ବର୍ଷରେ * * * ତାଙ୍କ ମନ * * * ପାହାଡ଼ * * * *

୮ମ ଧାଡ଼ୀ ।— ଯେଉଁ ରାଜା ହତ୍ୟା କରିଥିଲେ ତାଙ୍କୁ ଗହ୍ୱରରେ କାରାରୁଦ୍ଧ କଲେ ଏବଂ ଅନୁଗ୍ରହ ବହୁ ହତ୍ୟାକାରକ ଶ୍ରମଦଣ୍ଡ ଦେଲେ । ପର୍ବତୋପର ଉପବିଷ୍ଟ ହୋଇ * * * * ମିଷ୍ଟ ବକ୍ତୃତାମାନ ପ୍ରଦାନ କଲେ ଏବଂ ନମସ୍କାର ପ୍ରାପ୍ତ ହେଲେ ? )

୯ମ ଧାଡ଼ୀ ।—ମର୍କଟ, ଷଣ୍ଢ, ଅଶ୍ୱ, ହସ୍ତୀ, ମହିଷ ଏବଂ ଗୃହର ଅନ୍ୟାନ୍ୟ ଆବଶ୍ୟକୀୟ ସରଞ୍ଜାମମାନ * * * ମନଲୋକଙ୍କୁ ଅନାଦର କରିବାର ଅଭ୍ୟାସ ପ୍ରବର୍ତ୍ତାଇବାପାଇଁ ସେ ବ୍ରାହ୍ମଣଜାତୀୟ ସହଚର ନିଯୁକ୍ତ କଲେ * * *

Digitized by srujanika@gmail.com

୧୦ମ ଧାଡ଼ୀ ।—ସୁପ୍ରତିଷ୍ଠାପକ ରାଜା ( ଐର ) ପନ୍ଦର ଅର କ୍ଷ୍ୟର ରାଜବାଟୀ ପ୍ରସ୍ତୁତ କରାଇଲେ * * *

୧୧ଶ ଧାଡ଼ୀ ।—ପ୍ରାଚୀନ କାଲର ରାଜାମାନଙ୍କର ରାଜଧାନୀ ଯେଉଁ ନଗର କ ହିଂସା ଓ କପଟତାଚରଣରେ ପୂର୍ଣ୍ଣ ହୋଇଥିଲା ସେହି ସ୍ଥାନକୁ ଗୌରବାନ୍ୱିତ ନ ଦେଖି ଏବଂ ତ୍ରୟୋଦଶ ବର୍ଷ ରାଜତ୍ୱରେ ଶଲ୍ୟା କର * * * ସ୍ୱର୍ଗୀୟ ଅକୃତିଚୟର ପତନ * * , ଦ୍ୱାଦଶ ।

୧୨ଶ ଧାଡ଼ୀ । ବହୁଲୋକବିଶିଷ୍ଟ ଉପାସକ ମଣ୍ଡଳଚୟର ବିଶେଷ ଉପକାରାର୍ଥ ସେ ସ୍ଥାପନ କଲେ * * * ମଗଧ ରାଜାମାନେ * * * ଉତ୍ତମରୂପେ ଶାସିତ * * * ନନ୍ଦରାଜାଙ୍କ ସମୟରୁ * * *

୧୩ଶ ଧାଡ଼ୀ ।— କାଶୀରେ ସେ ଅନେକ ସ୍ୱର୍ଣ୍ଣ ବିତରଣ କଲେ * * * ଅସଂଖ୍ୟ ଓ ବହୁ ମୂଲ୍ୟ ମୋତି ମାଣିକ୍ୟମାନ ( ଜେଓ଼ର ) ସେ ଦାନ କଲେ * * *

୧୪ଶ ଧାଡ଼ୀ । – ତ୍ରୟୋଦଶ ବର୍ଷ ରାଜତ୍ୱ କାଳରେ * * * ଲୋକ କହିବା ଅନୁସାରେ ପର୍ବତ ବିଜୟୀ✝ରାଜାଙ୍କର [ଏକ ପାହାଡ଼ୀ ରାଜା] କନ୍ୟାକୁ ବିବାହ କଲେ * * * ଅର୍ହତଙ୍କ ଧର୍ମଦ୍ୱାରା ଆକୃଷ୍ଟ ହୋଇ

୧୫ଶ ଧାଡ଼ୀ । ତାଙ୍କଦ୍ୱାରା ଶତଦଳରେ * * * ପୂର୍ଣ୍ଣ ଜୀବ ଓ ଲୋକମଣ୍ଡଳଙ୍କ ସମ୍ମୁଖରେ * * *

୧୬ଶ ଧାଡ଼ୀ । – କ୍ଷିତିତଳବର୍ତ୍ତୀ ପ୍ରକୋଷ୍ଠ, ଚୈତ୍ୟ, ମନ୍ଦିର ଓ ସ୍ତମ୍ଭ-ବିଶିଷ୍ଟ ଗହ୍ୱରମାନ ନିର୍ମାଣ କରାଇଲେ * * * ଉପାସକମଣ୍ଡଳଙ୍କ ସକାଶେ * * * ଅସ୍ତମର ରାଜା * * * ସୁରସେନର ରାଜାମାନେ * * * ଗହ୍ୱରମାନ

୧୭ଶ ଧାଡ଼ୀ । – ଯାହାଙ୍କପାଇଁ ସୁଖୀ ଜଳମତାଳମ୍ବିମାନେ ଅବିରତ ପ୍ରାର୍ଥନା କରୁଅଛନ୍ତି, ଯାହାଙ୍କର ଏକଲକ୍ଷ ସୈନ୍ୟ ସାମନ୍ତ ଅଛନ୍ତି * * * ରବିକରରଞ୍ଜିତ ଅନେକ ପାହାଡ଼ର [ପାହାଡ଼ୀ ମୂଲକର] ନିର୍ଭୀକ ରଜା ସମୁଦ୍ରତୀରଜୟୀ * * *.

———*———

✝ ପର୍ବତବିଜୟୀ ନାମ ନୁହେ । ଏହା ଅବିକଳ ଅନୁବାଦ ଓ ବିଶେଷଣ ପଦ ଅଟେ ।

Digitized by srujanika@gmail.com

## ଧଉଲୀ ପର୍ବତସ୍ଥ ଅଶୋକଙ୍କର ଏକାଦଶ ଆଦେଶର ସାର ମର୍ମ ।

( ୧ ) ଆହାର କିମ୍ବା ମେଧ ( ବଳି ) ନିମନ୍ତେ ପଶୁବଧ ନିଷେଧ;

( ୨ ) ରାଜ୍ୟ ମଧ୍ୟରେ ମନୁଷ୍ୟ ଓ ପଶୁମାନଙ୍କ ନିମନ୍ତେ ଔଷଧ ଓ ଚିକିତ୍ସାର ବ୍ୟବସ୍ଥା ଏବଂ ପଥପାର୍ଶ୍ୱରେ ବୃକ୍ଷ ରୋପଣ ଓ କୂପ ଖନନ;

( ୩ ) ପ୍ରତି ପାଞ୍ଚବର୍ଷରେ ବୌଦ୍ଧ ଧର୍ମର ପ୍ରଧାନ ଆଦେଶମାନ * ପ୍ରଚାର କରିବା;

( ୪ ) ପୂର୍ବ ( ଅସଭ୍ୟ ) ଅବସ୍ଥା ସଙ୍ଗେ ବର୍ତ୍ତମାନର ରାଜନିୟମରେ ଦେଶର ଉନ୍ନତିର ତୁଳନା;

( ୫ ) ଦେଶୀୟ ଓ ବିଦେଶୀୟମାନଙ୍କୁ ଧର୍ମୋପଦେଶଦ୍ୱାରା ଶିଷ୍ୟ କରିବା କାରଣ ଉପଦେଷ୍ଟା ( ମିଶନାରୀ ) ନିଯୁକ୍ତି;

( ୬ ) ପ୍ରଜାବର୍ଗର ଆଚାର ବ୍ୟବହାର ଓ ଗୃହଗତବିଷୟକ ତତ୍ତ୍ୱାବଧାରଣ ନିମନ୍ତେ ଚର ନିଯୁକ୍ତି;

( ୭ ) ସମସ୍ତଙ୍କ ଭିନ୍ନ ଭିନ୍ନ ଧର୍ମବିଶ୍ୱାସର ଐକ୍ୟ ଓ ଅବସ୍ଥାର ସମାନଭାବ ସାଧନ ବିଷୟରେ ଏକାନ୍ତ ଇଚ୍ଛା;

( ୮ ) ଇନ୍ଦ୍ରିୟସୁଖ ସାଧନାର୍ଥ ପୂର୍ବରାଜାନୁମୋଦିତ "ବିହାର ଯାତ୍ରା" ପରିବର୍ତ୍ତରେ "ଧର୍ମଯାତ୍ରାର"‡ ଅନୁଷ୍ଠାନ;

( ୯ ) ଧର୍ମଚର୍ଚ୍ଚା ଯଥାର୍ଥ ସୁଖ ଓ ତଦ୍ଦ୍ୱାରା ସ୍ୱର୍ଗୀୟ ଶାନ୍ତି ଅନୁଭବ ଇତ୍ୟାତ୍ମକ ସତ୍ୟର ପ୍ରଚାର;

( ୧୦ ) ଐହିକ ଅନିତ୍ୟ ଯଶୋପାର୍ଜନରେ ଅନାସ୍ଥା ଓ ପାରତ୍ରିକ ନିତ୍ୟ ସୁଖଲିପ୍ସାର ବ୍ୟଗ୍ରତା,

( ୧୧ ) ଧର୍ମୋପଦେଶଦାନହିଁ ପ୍ରଧାନ ଦୟାର କାର୍ଯ୍ୟ ଓ ସର୍ବଗୁଣ ଶ୍ରେଷ୍ଠ ।

---

* ଆଦେଶ ।—ପିତୃଭକ୍ତି, ବନ୍ଧୁ, ପ୍ରତିବାସୀ ଓ ପୁରୋହିତବର୍ଗଙ୍କ ପ୍ରତି ସ୍ନେହ, ପଶୁମାନଙ୍କ ପ୍ରତି ଦୟା, ମିତାଚାରଦ୍ୱାରା ଶରୀରରକ୍ଷା, କୁବାକ୍ୟରେ ଅନାସକ୍ତି ଇତ୍ୟାଦି ।

‡ ଧର୍ମଯାତ୍ରାର ଅଙ୍ଗ—ପବିତ୍ର ଆତ୍ମାର ସହବାସ, ଧନବିତରଣ, ବୃଦ୍ଧବ୍ୟକ୍ତିର ସମାଦର ଇତ୍ୟାଦି ।

Digitized by srujanika@gmail.com

## ଉତ୍କଳଦେଶୀୟ ସ୍ୱାଧୀନରାଜାଙ୍କ ନିର୍ଘଣ୍ଟ ।

### କେଶରୀବଂଶୀୟ ରାଜଗଣ ।

୪୭୪—୫୨୬ ଯଯାତିକେଶରୀ ।
୫୨୬ - ୫୮୩ ସୂର୍ଯ୍ୟକେଶରୀ ।
୫୮୩ ୬୨୩, ଅନନ୍ତକେଶରୀ ।
୬୨୩—୬୭୭ ଲଲାଟେନ୍ଦ୍ର ( ଅଲାବୁ ) କେଶରୀ ।
୬୭୭—୬୯୩ କନକକେଶରୀ ।
୬୯୩ ୭୦୧ ବୀରକେଶରୀ ।
୭୦୧—୭୦୬ ପଦ୍ମକେଶରୀ ।
୭୦୬—୭୧୫ ବୃଦ୍ଧକେଶରୀ ।
୭୧୫ - ୭୨୬ ବଟକେଶରୀ ।
୭୨୬ ୭୩୮ ଗଜକେଶରୀ ।
୭୩୮ ୭୪୦ ବସନ୍ତକେଶରୀ ।
୭୪୦ ୭୫୪ ଗନ୍ଧର୍ବକେଶରୀ ।
୭୫୪—୭୬୩ ଜନ୍ମେଜୟକେଶରୀ ।
୭୬୩—୭୭୮ ଭରତକେଶରୀ ।
୭୭ —୭୯୨ କଳିକେଶରୀ ।
୭୯୨—୮୧୧ କମଳକେଶରୀ ।
୮୧୧—୮୨୯ କୁଣ୍ଡଳକେଶରୀ ।
୮୨୯ - ୮୪୬ ଚନ୍ଦ୍ରକେଶରୀ ।
୮୪୬—୮୬୫ ବୀରଚନ୍ଦ୍ରକେଶରୀ ।
୮୬୫ ୮୭୫ ଅମୃତକେଶରୀ ।
୮୭୫—୮୯୦ ବିଜୟକେଶରୀ ।
୮୯୦ - ୯୦୪ ଚନ୍ଦ୍ରମାଳକେଶରୀ ।
୯୦୪— ୯୨୦ ମଧୁସୂଦନକେଶରୀ ।
୯୨୦ ୯୩୦ ଧର୍ମକେଶରୀ ।
୯୩୦—୯୪୧ ଜନକେଶରୀ ।
୯୪୧—୯୫୩ ନୃପକେଶରୀ ।
୯୫୩ – ୯୬୧ ମକର(ମର୍କଟ) କେଶରୀ
୯୬୧—୯୭୧ ତ୍ରିପୁରକେଶରୀ ।
୯୭୧ ୯୮୯ ମାଧବକେଶରୀ ।
୯୮୯—୯୯୯ ଗୋବିନ୍ଦକେଶରୀ ।
୯୯୯—୧୦୧୩ ନୃତ୍ୟକେଶରୀ ।
୧୦୧୩ ୧୦୨୦ ନରସିଂହକେଶରୀ
୧୦୨୪—୧୦୩୪ କୂର୍ମକେଶରୀ ।
୧୦୩୪— ୧୦୫୦ ମତ୍ସ୍ୟକେଶରୀ ।
୧୦୫୦ — ୧୦୬୫ ବରାହକେଶରୀ ।
୧୦୬୫—୧୦୭୮ ବାମନକେଶରୀ ।
୧୦୭୮ – ୧୦୮୦ ପରଶୁକେଶରୀ ।
୧୦୮୦—୧୦୯୨ ଚନ୍ଦ୍ରକେଶରୀ ।
୧୦୯୨ - ୧୦୯୯ ସୁଜନକେଶରୀ ।
୧୦୯୯ ୧୧୦୪ ଶାଳିନୀକେଶରୀ ।
୧୧୦୪— ୧୧୦୭ ପୁରଞ୍ଜନକେଶରୀ ।
୧୧୦୭—୧୧୧୯ ବିଷ୍ଣୁକେଶରୀ ।
୧୧୧୯—୧୧୨୩ ଇନ୍ଦ୍ରକେଶରୀ ।
୧୧୨୩—୧୧୩୨ ସୁବର୍ଣ୍ଣକେଶରୀ ।

### ଗଙ୍ଗାବଂଶୀୟ ରାଜାଗଣ ।

୧୧୩୨—୧୧୫୨ ଚୋରଗଙ୍ଗ ।
୧୧୫୨— ୧୧୬୬ ଗଙ୍ଗେଶ୍ବରଦେବ ।
୧୧୬୬—୧୧୭୧ ଏକଜାତକାମଦେବ
୧୧୭୧—୧୧୭୫ ମଦନମହାଦେବ ।
୧୧୭୫ ୧୨୦୨ ଅନଙ୍ଗଭୀମଦେବ ।
୧୨୦୧—୧୨୩୭ ରାଜରାଜେଶ୍ୱରଦେବ
୧୨୩୭—୧୨୮୨ ଲାଙ୍ଗୁଲିଆନରସିଂହ

Digitized by srujanika@gmail.com

୧୨୮୨ ୧୩୦୭ କେଶରୀ (କବିର) ନରସିଂହ ।

୧୩୦୭—୧୩୨୭ ପ୍ରତାପନରସିଂହ ।

୧୩·୭—୧୩୨୯ ଗଢକାନ୍ତନରସିଂହ ।

୧୩୨୯—୧୩୩୦ କପିଳନରସିଂହ ।

୧୩୩୦—୧୩୩୭ ଶଙ୍ଖଭାସୁର ।

୧୩୩୭—୧୩୬୧ ଶଙ୍ଖବାସୁଦେବ ।

୧୩୬୧—୧୩୮୨ ବଳୀବାସୁଦେବ ।

୧୩୮୨—୧୪୦୧ ବୀରବାସୁଦେବ ।

୧୪୦୧—୧୪୧୮ କଳବାସୁଦେବ ।

୧୪୧୪—୧୪୨୯ ନେଙ୍ଗଡ଼ଭାନୁବସୁଦେବ

୧୪୨୯—୧୪୫୨ ନେତ୍ରବାସୁଦେବ ।

୧୪୫୨—୧୪୭୯ କପିଳେନ୍ଦ୍ରଦେବ ।

୧୪୭୯ ୧୫୦୪ ପୁରୁଷୋତ୍ତମଦେବ ।

୧୫୦୪—୧୫୩୨ ପ୍ରତାପରୁଦ୍ରଦେବ ।

୧୫୩୨—୧୫୩୩ କାଳୁଆଦେବ ।

୧୫୩୩—୧୫୩୪ କଠୋରଦେବ ।

## ଓଡ଼ିଶାର ଅନ୍ୟାନ୍ୟ ଶେଷ ସ୍ୱାଧୀନ ରାଜାମାନେ ।

୧୫୩୪—୧୫୪୧ ଗୋବିନ୍ଦବିଦ୍ୟାଧର

୧୫୪୧ ୧୫୪୯ ଚକ୍ରପ୍ରତାପ ।

୧୫୪୯—୧୫୫୦ ନରସିଂହଜେନା ।

୧୫୫୦ ୧୫୫୧ ରଘୁରାମଛୋଟରା ।

୧୫୫୧—୧୫୫୯ ମୁକୁନ୍ଦଦେବ ।

Digitized by srujanika@gmail.com

**Printed by V. Kar,**
THE UTKAL SAHITYA PRESS
**CUTTACK**
**1925.**

Digitized by srujanika@gmail.com